# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ମାର୍ଚ୍ଚ ୧୪/୨୦୨୦ (୨୦ ପୃଷ୍ଠା+ପିଲାଙ୍କ ଧରିତ୍ରୀ) | Bhubaneswar, Saturday, March 14/2020 | ★★★★★★

୪୬ଶ ଭାଗ ୧୦୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




**ବିଶ୍ୱକୁ 'ନମସ୍କାର'ର ବାର୍ତ୍ତା ଦେଲେ ପ୍ରିୟଙ୍କା**

କରୋନା ଲାଗି ପ୍ରିୟଙ୍କା ଚୋପ୍ରା ପ୍ରଶଂସକଙ୍କୁ ଭାରତୀୟ ଶୈଳୀ ଆପଣାଇ ନମସ୍କାର କରିବାକୁ ଉପଦେଶ ଦେଉଛନ୍ତି। ଏହି ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି।

୧୨

୧୮

**ଭାସବଦା ପ୍ଲେୟର ଅଫ୍ ଦି ମ୍ୟାଚ୍**

ବେଙ୍ଗଲ ବିପକ୍ଷ ରଣଜୀ ଟ୍ରଫି ଫାଇନାଲରେ ସୌରାଷ୍ଟ୍ର ବ୍ୟାଟ୍ସମ୍ୟାନ ଅର୍ପିତ ଭାସବଦା ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।



**ଆଜିର ସମ୍ପାଦକୀୟ** ଡିଆଇପିଙ୍କ ଜବରଦଖଲ

**ଆଜିର ମନ୍ତବ୍ୟ** "ଗୃହବନ୍ଦୀ ଥିବା ସମସ୍ତ ନେତା ମୁକ୍ତ ହେବା ପରେ ଭବିଷ୍ୟତ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରାଯିବ।
–ଫାରୁକ୍ ଅବ୍ଦୁଲ୍ଲା, ନ୍ୟାଶନାଲ କନ୍‌ଫରେନ୍ସ ଅଧ୍ୟକ୍ଷ

**କିଛି ତଥ୍ୟ** ଗତ ୭ ମାସରେ ପ୍ରଥମ ଥର ଲାଗି ଫେବୃଆରୀରେ ରପ୍ତାନି ୨.୯୧% ବୃଦ୍ଧି ଘଟି ୨୭.୬୫ ବିଲିୟନ ଡଲାର ରହିଛି। – **ବାଣିଜ୍ୟ ମନ୍ତ୍ରଣାଳୟ**

# 'କରୋନା' ରାଜ୍ୟ ବିପତ୍ତି



ଭୁବନେଶ୍ୱରସ୍ଥିତ ୟୁନିଟ୍-୩ କ୍ୟାପିଟାଲ ହାଇସ୍କୁଲ ଛାତ୍ରୀଛାତ୍ରମାନେ ମାସ୍କପିନ୍ଧି ସ୍କୁଲ ଛୁଟି ପରେ ଫେରୁଛନ୍ତି।

**ମୁଖ୍ୟମନ୍ତ୍ରୀଙ୍କ ଘୋଷଣା**

- ସ୍କୁଲ, କଲେଜ, ସିନେମା ହଲ୍, ସୁଇମିଂ ପୁଲ୍, ଜିମ୍ ୩୧ ଯାଏ ବନ୍ଦ
- ସେମିନାର, କର୍ମଶାଳା ବାତିଲ
- ଧାର୍ମିକ ସମ୍ମିଳନୀ, ଏକାଠି ମେଳି ନ ହେବାକୁ ପରାମର୍ଶ
- ମୁକାବିଲା ପାଇଁ ୨୦୦ କୋଟିର ବ୍ୟୟ ବରାଦ

**ଭୁବନେଶ୍ୱର, ୧୩।୩(ବ୍ୟୁରୋ)**

କରୋନା ଭୂତାଣୁ ସମଗ୍ର ବିଶ୍ୱକୁ ଗ୍ରାସ କରିବାରେ ଲାଗିଛି। ଭାରତରେ ଏହାର କାୟା ବିସ୍ତାର ହେଲାଣି । ଏହି ମାରତ୍ମକ ଭୂତାଣୁ ପାଇଁ ଏ ପର୍ଯ୍ୟନ୍ତ କୋଣସି ଔଷଧ ବାହାରି ପାରିନାହିଁ। କେବଳ ସତର୍କତା ହିଁ ରୋଗ ବ୍ୟାପିବାକୁ ରୋକି ପାରିବ। ରାଜ୍ୟ ସରକାର ଏହି ମହାମାରୀକୁ ରାଜ୍ୟ ବିପତ୍ତି ଭାବେ ଘୋଷଣା କରିଛନ୍ତି। ଏଥିସହିତ ଜରୁରୀ ଜନସ୍ୱାସ୍ଥ୍ୟ ସେବା ପାଇଁ ୨୦୦ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି। ଶୁକ୍ରବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଧାନସଭାରେ ଏହି ଘୋଷଣା କରିଛନ୍ତି। ଶୁକ୍ରବାର ରାଜ୍ୟ ଲୋକସେବା ଭବନଠାରେ ଏକ ଜରୁରୀ ରାଜ୍ୟ କ୍ୟାବିନେଟ ଡକାଯାଇ କରୋନାକୁ ରାଜ୍ୟ ବିପତ୍ତି ଭାବେ ଅନୁମୋଦନ କରାଯାଇଛି ।

ଏହି ରୋଗର ଭୟାବହତାକୁ ଦେଖି ରାଜ୍ୟର ସମସ୍ତ ସ୍କୁଲ ଓ କଲେଜ ମାର୍ଚ୍ଚ ୩୧ ତାରିଖ ଯାଏ ବନ୍ଦ ରଖିବାକୁ ଘୋଷଣା କରାଯାଇଛି। ମାତ୍ର ପରୀକ୍ଷା ଚାଲୁ ରହିବ । କୌଣସି ପ୍ରକାର ସଭାସମିତି, କର୍ମଶାଳା, ସେମିନାରକୁ ମଧ୍ୟ ବାତିଲ କରାଯାଇଛି। ସିନେମା ହଲ, ସୁଇମିଂ ପୁଲ, ଜିମ୍ ଆଦିକୁ ବନ୍ଦ ଘୋଷଣା କରାଯାଇଛି। ଏହାଛଡା ଧାର୍ମିକ କାର୍ଯ୍ୟକ୍ରମ, ବିବାହ ରିସପସନ, ପାର୍ଟି ଆଦି କରିବାକୁ ହେଲେ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ଠାରୁ ଅନୁମତି ନେବାକୁ ପଡିବ। ଜରୁରୀ ନ ହେଲେ ଏକାଠି ହେବାରୁ ନିଜକୁ ଦୂରେଇ ରଖିବାକୁ ମୁଖ୍ୟମନ୍ତ୍ରୀ ଜନସାଧାରଣଙ୍କୁ ପରାମର୍ଶ ଦେଇଛନ୍ତି। ବାରମ୍ବାର ହାତକୁ ହ୍ୟାଣ୍ଡ ୱାସରେ ସଫା କରିବା ଏବଂ ସର୍ବଦା ସ୍ୱାସ୍ଥ୍ୟକର ପରିବେଶ ମଧ୍ୟରେ ରହିବାକୁ ପରାମର୍ଶ ଦିଆଯାଇଛି। କାଶିବା ଓ ଛିଙ୍କିବା ବେଳେ ଟିସୁ ପେପର ବ୍ୟବହାର କରିବା ଏବଂ କୌଣସି ସ୍ଥାନରେ ପାନ ଛେପ ନ ପକାଇବାକୁ ମୁଖ୍ୟମନ୍ତ୍ରୀ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି। ଏହି ବିପତ୍ତି ସମୟରେ ବିଧାନସଭାର ସଦସ୍ୟମାନଙ୍କର ମଧ୍ୟ ମୁଖ୍ୟମନ୍ତ୍ରୀ ସହଯୋଗ ଲୋଡିଛନ୍ତି। ଏଥିସହିତ ନିଜର ଯତ୍ନ ନେବା ସହ ନିର୍ବାଚନ ମଣ୍ଡଳୀରେ ଲୋକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାକୁ ପରାମର୍ଶ ଦେଇଛନ୍ତି। ଅପପ୍ରଚାରକାରୀ, ଭୁଲ ଖବର ଦେଉଥିବା ଏବଂ ଦାୟିତ୍ୱ ହୀନ ବ୍ୟକ୍ତିଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ନିଆଯିବ ☞ପୃଷ୍ଠା-୪




ଗୃହବନ୍ଦୀରୁ ମୁକୁଳିଲେ ଫାରୁକ୍ | ପୃଷ୍ଠା ୨


Vencobb FRESH CHICKEN — Taste the difference!

13.03.2020

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 32 | 70 | 80 |
| CTC | 32 | 70 | 80 |
| DKL | 32 | 70 | 80 |
| BDK | 32 | 70 | 80 |
| BLS | 32 | 70 | 80 |
| ANG | 32 | 70 | 80 |
| BMP | 32 | 70 | 80 |

*Conditions Apply

Issued in the Interest of Consumers


## ଭାରତରେ ଦ୍ୱିତୀୟ ମୁଣ୍ଡ ନେଲା କରୋନା

**ଦିଲ୍ଲୀରେ ସଂକ୍ରମିତ ମହିଳାଙ୍କ ମୃତ୍ୟୁ**

**ନୂଆଦିଲ୍ଲୀ, ୧୩।୩**

କରୋନା ଭୂତାଣୁ ଭାରତରେ ଆଉ ଏକ ମୁଣ୍ଡ ନେଇଛି। ମଙ୍ଗଳବାର କର୍ଣ୍ଣାଟକର କାଲବୁର୍ଗୀରେ ଜଣେ ୭୬ ବର୍ଷୀୟ ବୃଦ୍ଧଙ୍କର କରୋନାରେ ମୃତ୍ୟୁ ଘଟିଥିବାବେଳେ ଶୁକ୍ରବାର ଦିଲ୍ଲୀରେ ୬୮ ବର୍ଷୀୟା ମହିଳା ଏହି ଭୂତାଣୁ ସଂକ୍ରମଣରେ ପ୍ରାଣ ହରାଇଛନ୍ତି। କୋଭିଡ୍-୧୯ ପଜିଟିଭ୍ ଥିବା ଏହି ମହିଳା ଜଣକ ରାମ ମନୋହର ଲୋହିଆ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ☞ପୃଷ୍ଠା-୪






**ସିନ୍ଧିଆ ଅନୁଗତ ୬ ମନ୍ତ୍ରୀ ବହିଷ୍କୃତ**

ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ କମଲନାଥଙ୍କ ସୁପାରିସ କ୍ରମେ ରାଜ୍ୟପାଳ ଲାଲଜୀ ଟଣ୍ଡନ ଶୁକ୍ରବାର ଜ୍ୟୋତିରାଦିତ୍ୟ ସିନ୍ଧିଆଙ୍କ ଅନୁଗତ ୬ ମନ୍ତ୍ରୀଙ୍କୁ ବହିଷ୍କାର କରିଛନ୍ତି। ସିନ୍ଧିଆ କଂଗ୍ରେସ ଛାଡ଼ିବା ପରେ ତାଙ୍କ ସମର୍ଥକ ୬ ମନ୍ତ୍ରୀଙ୍କ ସମେତ ୨୨ ବିଧାୟକ ବିଧାନସଭାରୁ ଇସ୍ତଫା ଦେଇଥିଲେ। ବହିଷ୍କୃତ ମନ୍ତ୍ରୀମାନେ ହେଲେ ଇମାରତି ଦେବୀ, ତୁଲ୍‌ସୀ ସିଲାୱତ୍, ଗୋବିନ୍ଦ ସିଂ ରାଜପୁତ୍, ମହେନ୍ଦ୍ର ସିଂ ସିସୋଡିୟା, ପ୍ରଦ୍ୟୁମ୍ନ ସିଂ ତୋମାର ଏବଂ ପ୍ରଭୁରାମ ଚୌଧୁରୀ।

# କରୋନା ଆଁରେ ବିଶ୍ୱ


କରୋନା ରୋଗୀଙ୍କ ଆଶୁ ଆରୋଗ୍ୟ କାମନା କରି ଅହମଦାବାଦ୍‌ରେ ଲୋକେ ଯଜ୍ଞ କରୁଛନ୍ତି।

**ପ୍ୟାରିସ୍/ ତେହେରାନ୍, ୧୩।୩**

ବିଶ୍ୱବ୍ୟାପୀ କରୋନା ଭାଇରସ୍‌ଜନିତ ମୃତ୍ୟୁସଂଖ୍ୟା ଶୁକ୍ରବାର ୫, ୦୪୩ରେ ପହଞ୍ଚିଛି। କେବଳ ଉତ୍ପତ୍ତି ସ୍ଥଳ ଚାଇନାରେ ୩,୧୭୬ ମୁଣ୍ଡ ଏଥିଲାଗି ଗଡ଼ିଲାଣି। ଏହା ବ୍ୟତୀତ ଇଟାଲୀରେ ୧,୦୧୬, ଇରାନ୍‌ରେ ୫୧୪ ବ୍ୟକ୍ତି ଏହି ରୋଗରେ ସଂକ୍ରମିତ ହୋଇ ପ୍ରାଣ ହରାଇଲେଣି। ଗତ ଡିସେମ୍ବରରୁ ଏପର୍ଯ୍ୟନ୍ତ ମୋଟ ୧୨୧ ଦେଶର ୧,୩୪, ୩୦୦ ଲୋକ କରୋନା ସଂକ୍ରମିତ ହୋଇଥିବା ରିପୋର୍ଟ ପ୍ରକାଶ ପାଇଛି। କ୍ରମଶଃ ଏହା ଅନ୍ୟ ଦେଶଗୁଡ଼ିକୁ ବ୍ୟାପିବାରେ ଲାଗିଛି। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ(ଡବ୍ଲ୍ୟୁଏଚ୍‌ଓ) ପକ୍ଷରୁ କରୋନା ଭାଇରସ୍‌ଜନିତ ମୃତ୍ୟୁକୁ ମହାମାରୀ ଭାବେ ଘୋଷଣା କରାଯିବା ପରେ ବିଭିନ୍ନ ଦେଶ ପକ୍ଷରୁ ଏହାକୁ ରୋକିବା ଲାଗି କଡ଼ା ପଦକ୍ଷେପ ଗ୍ରହଣ କରାଯାଇଛି।

ଇରାନ୍‌ରେ ଗତ ୨୪ ଘଣ୍ଟା ମଧ୍ୟରେ ୮୫ ଜୀବନ ଯାଇଛି। ଏହା ଗୋଟିଏ ଦିନରେ ଦେଶର ସର୍ବାଧିକ ମୃତ୍ୟୁ ବୋଲି ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ମୁଖପାତ୍ର କିଆନୋଉସ୍ ଜାହାନ୍‌ପୋର ଦର୍ଶାଇଛନ୍ତି। କରୋନା ଭାଇରସ୍‌ରେ ଏଠାରେ ୫୧୪ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୧୧,୩୬୪ ବ୍ୟକ୍ତି ଆକ୍ରାନ୍ତ ଥିବା ଜଣାପଡ଼ିଛି। ଚାଇନା ପରେ ଇରାନ୍‌ରେ ଏହି ଭାଇରସ୍ ସବୁଠାରୁ ମାରାତ୍ମକ ଭାବେ ଉଭା ହୋଇଛି। ଅନେକ ନେତା ଓ ଅଧିକାରୀ ମଧ୍ୟ ଏହାଦ୍ୱାରା ଆକ୍ରାନ୍ତ ହେଉଥିବା ଜଣାପଡ଼ିଛି। ଇରାନ୍ ସୁପ୍ରିମ ଲିଡର ଆୟାତୋଲ୍ଲା ଅଲି ଖାମେନିଙ୍କ ବୈଦେଶିକ ଉପଦେଷ୍ଟା ଅଲି ଆକବର ବେଲାୟତିଙ୍କୁ କରୋନା ସଂକ୍ରମିତ କରିଥିବା ସନ୍ଦେହ କରାଯାଉଛି। ତାଙ୍କୁ ଏବେ କ୍ୱାରାଣ୍ଟାଇନରେ ରଖାଯାଇ ଚିକିତ୍ସା କରାଯାଉଥିବା ପ୍ରକାଶ।


କାରୋନା ସଂକ୍ରମଣ ରୋକିବା ପାଇଁ ନୂଆଦିଲ୍ଲୀ ରାଜୀବ ଚୌକ ମେଟ୍ରୋ ଷ୍ଟେଶନ ପ୍ରବେଶ ପଥକୁ କର୍ମଚାରୀମାନେ ସଫା କରୁଛନ୍ତି।

- ୫ ହଜାରରୁ ଊର୍ଦ୍ଧ୍ୱ ମୁଣ୍ଡ ନେଲାଣି ଭୂତାଣୁ
- ଇଟାଲୀରେ ୧,୦୧୬ ଇରାନରେ ୫୧୪ ମୃତ

## ସାର୍କ ଦେଶକୁ ପ୍ରଧାନମନ୍ତ୍ରୀଙ୍କ ଅପିଲ

**କରୋନା ଲାଗି ମିଳିତ ରଣନୀତି ଉପରେ ଗୁରୁତ୍ୱ**

**ନୂଆଦିଲ୍ଲୀ, ୧୩।୩**



ଚାଇନା ପରେ ଇଟାଲି, ଇରାନ, ଦକ୍ଷିଣ କୋରିଆ ଆଦି ଦେଶଗୁଡ଼ିକରେ କରୋନା ଉଗ୍ରରୂପ ଧାରଣ କରିଥିବା ବେଳେ ଦକ୍ଷିଣ ଏସିଆର ଅନ୍ୟ ଦେଶଗୁଡ଼ିକ ମଧ୍ୟ ପ୍ରଭାବିତ ହୋଇଛନ୍ତି। ଏହା ଅର୍ଥନୀତି ଉପରେ ମଧ୍ୟ ଗଭୀର ପ୍ରଭାବ ପକାଉଛି। ଏହାକୁ ନିୟନ୍ତ୍ରଣ କରିବା ଲାଗି ମିଳିତ ରଣନୀତିର ଆବଶ୍ୟକତା ରହିଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିବା ସହ ଏଥିଲାଗି ସମସ୍ତ ସାର୍କ (ଦକ୍ଷିଣ ଏସୀୟ ରାଷ୍ଟ୍ର) ଦେଶଗୁଡ଼ିକୁ ଅନୁରୋଧ କରିଛନ୍ତି। ଦକ୍ଷିଣ ଏସିଆ ସବୁଠାରୁ ଜନବହୁଳ ଅଞ୍ଚଳ ହୋଇଥିବାରୁ କରୋନା ମାରାତ୍ମକ ରୂପ ଧାରଣ କରିବାର ଆଶଙ୍କା ରହିଛି। ଅଞ୍ଚଳବାସୀଙ୍କୁ ସୁସ୍ଥ ଓ ନିରୋଗ ରଖିବା ଲାଗି ମିଳିମିଶି ରଣନୀତି ପ୍ରସ୍ତୁତ କରିବା ଉଚିତ ବୋଲି ମୋଦି ଅନୁରୋଧ କରିଛନ୍ତି। ସାର୍କ ଦେଶଗୁଡ଼ିକ ମିଳିତ ଭାବେ ଏହା ଉପରେ ପଦକ୍ଷେପ ଗ୍ରହଣ କଲେ କରୋନା ଡେଣାମେଲାଇବା ସମ୍ଭବ ହେବନାହିଁ ବୋଲି ମୋଦି ପ୍ରକାଶ କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଏହି ପ୍ରସ୍ତାବକୁ ନେପାଳ, ଭୂଟାନ, ଶ୍ରୀଲଙ୍କା,ମାଳଦୀପ ଆଦି ରାଷ୍ଟ୍ରର ନେତାମାନେ ଦୃଢ଼ ସମର୍ଥନ ପ୍ରଦାନ କରିଛନ୍ତି।

# ଅଧିକାଂଶ ରାଜ୍ୟରେ ସ୍କୁଲ, କଲେଜ ବନ୍ଦ

- ଭାରତରେ ସଂକ୍ରମିତଙ୍କ ସଂଖ୍ୟା ୮୧
- ଘରୁ କାର୍ଯ୍ୟ କରିବାକୁ କର୍ମଚାରୀଙ୍କୁ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ

**ନୂଆଦିଲ୍ଲୀ,୧୩।୩(ପି.ଟି.):** ଭାରତରେ ପ୍ରଥମ କରୋନା ମୃତ୍ୟୁ ଗୁରୁବାର ସ୍ପଷ୍ଟ ହୋଇଥିବାବେଳେ ସଂକ୍ରମିତଙ୍କ ସଂଖ୍ୟା ୮୧ରେ ପହଞ୍ଚିଛି। ସଂକ୍ରମଣ ରୋକିବା ଲାଗି ବିଭିନ୍ନ ରାଜ୍ୟ ପଦକ୍ଷେପମାନ ଗ୍ରହଣ କରୁଛନ୍ତି। ଅଧିକାଂଶ ରାଜ୍ୟ ସ୍କୁଲ, କଲେଜ, ସିନେମା ହଲ୍, ସାଧାରଣ ଉତ୍ସବ ଆଦି ବନ୍ଦ କରିଦେଇଛନ୍ତି। ଆଇପିଏଲ୍ ମ୍ୟାଚକୁ ମଧ୍ୟ ସ୍ଥଗିତ ରଖାଯାଇଛି। ମାନେସାରରେ ଥିବା ସେନାର କ୍ୱାରାଣ୍ଟାଇନ କେନ୍ଦ୍ରରେ ଇଟାଲୀ ଫେରନ୍ତା ଜଣେ ବ୍ୟକ୍ତିଙ୍କ ଠାରେ କରୋନା ପଜିଟିଭ୍ ଚିହ୍ନଟ ହୋଇଥିବାରୁ ସଂକ୍ରମିତଙ୍କ ସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି। ମହାରାଷ୍ଟ୍ରରେ ସଂକ୍ରମିତଙ୍କ ସଂଖ୍ୟା ୧୭ରେ ପହଞ୍ଚିଛି। କମ୍ପାନୀଗୁଡ଼ିକ ସେମାନଙ୍କ କର୍ମଚାରୀମାନଙ୍କୁ ଘରେ ରହି କାର୍ଯ୍ୟ କରିବା ନିମନ୍ତେ ଅନୁମତି ଦେବାକୁ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେ ଆହ୍ୱାନ ଦେଇଛନ୍ତି। ଅତି ଜରୁରୀ ନ ଥିଲେ ଭ୍ରମଣରେ ନ ଯିବା ଓ ସର୍ବସାଧାରଣ ସ୍ଥାନଠାରୁ ଦୂରେଇ ରହିବା ଲାଗି ପରାମର୍ଶ ଦିଆଯାଇଛି।

କରୋନା ଭୟରେ ପାର୍ଲାମେଣ୍ଟର ବଜେଟ ଅଧିବେଶନ ସଂକ୍ଷିପ୍ତ ହୋଇପାରେ ବୋଲି ଚର୍ଚ୍ଚା ହେଉଥିବାବେଳେ ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହଲ୍ଲାଦ ଜୋଷୀ ଏହାକୁ ଅସ୍ୱୀକାର କରିଛନ୍ତି। ଦିଲ୍ଲୀ, ଓଡିଶା, କର୍ନାଟକ, ମହାରାଷ୍ଟ୍ର, ବିହାର ସରକାର ୩୧ ପର୍ଯ୍ୟନ୍ତ ସ୍କୁଲ, କଲେଜ ଓ ସିନେମା ହଲ୍ ବନ୍ଦ କରିଦେଇଥିବାବେଳେ ବିସିସିଆଇ ଚଳିତ ବର୍ଷର ଆଇପିଏଲ୍ ମ୍ୟାଚକୁ ଏପ୍ରିଲ ୧୫ ପର୍ଯ୍ୟନ୍ତ ସ୍ଥଗିତ ରଖିଛି। କର୍ନାଟକରେ ସମସ୍ତ ପ୍ରକାର ପ୍ରଦର୍ଶନୀ, ଗ୍ରୀଷ୍ମକାଳୀନ କ୍ୟାମ୍ପ, ସମ୍ମିଳନୀ, ବିବାହ ଓ ଜନ୍ମ ଉତ୍ସବ ବନ୍ଦ ରଖିବାକୁ କୁହାଯାଇଛି। କର୍ନାଟକର କଲାବୁର୍ଗୀରେ ପ୍ରଥମ କରୋନା ମୃତ୍ୟୁ ପରେ ଉକ୍ତ ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସିଥିବା ୪୬ ଜଣଙ୍କୁ ଅଲଗା ରଖାଯାଇ ଚିକିତ୍ସା କରାଯାଉଛି। ଦିଲ୍ଲୀର ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟ, ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଏବଂ ଜାମିଆ ମିଲିଆ ଇସ୍‌ଲାମିଆକୁ ବନ୍ଦ ରଖାଯାଇଛି। ଉତ୍ତରପ୍ରଦେଶ ସରକାର ମଧ୍ୟ ସ୍କୁଲ୍ କଲେଜ ବନ୍ଦ ରଖିଛନ୍ତି। ସଂକ୍ରମଣ ଭୟରେ ଲୋକେ ସେମାନଙ୍କ ଭ୍ରମଣ ଯୋଜନାରେ ପରିବର୍ତ୍ତନ କରିଛନ୍ତି। ବିମାନ ଯାତ୍ରା କରିବାକୁ ଥିବା ଲୋକେ ସେମାନଙ୍କ ଟିକେଟ ବଦଳାଉଥିବା ଦେଖାଯାଇଛି। ବିହାରରେ ସ୍କୁଲ, କଲେଜ ସମେତ ପାର୍କ ଓ ଚିଡିଆଖାନାକୁ ମଧ୍ୟ ବନ୍ଦ କରିଦିଆଯାଇଛି। ହୋଟେଲ ଓ ଶିଳ୍ପସଂସ୍ଥାଗୁଡ଼ିକ ପ୍ରତିକାର ବ୍ୟବସ୍ଥା ଗ୍ରହଣ କରିବାକୁ ଗୋଆ ସରକାର ସର୍କୁଲାର ଜାରି କରିଛନ୍ତି। ଏହା ସତ୍ତ୍ୱେ ଭଲ ଖବର ହେଉଛି ଚାଇନାର ଉହାନରୁ ଗତମାସରେ ଫେରି ଦିଲ୍ଲୀର ଆଇଟିବିପି କ୍ୱାରାଣ୍ଟାଇନ କେନ୍ଦ୍ରରେ ରହିଥିବା ସମସ୍ତ ୧୧୨ ଜଣଙ୍କଠାରେ କରୋନା ସଂକ୍ରମଣ ହୋଇ ନ ଥିବା ଜଣାପଡିଛି।

## ଇରାନରୁ ଫେରିଲେ ୪୪ ଭାରତୀୟ

**ମୁମ୍ବାଇ/ନୂଆଦିଲ୍ଲୀ,୧୩।୩(ପି.ଟି.)**

କରୋନା ସଂକ୍ରମିତ ଇରାନରୁ ଦ୍ୱିତୀୟ ପର୍ଯ୍ୟାୟରେ ୪୪ ଭାରତୀୟ ପର୍ଯ୍ୟଟକ ଫେରିଥିବା ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର କହିଛନ୍ତି। ଇରାନ ଏୟାରର ଏକ ବିମାନରେ ଆସିଥିବା ଏହି ତୀର୍ଥଯାତ୍ରୀମାନେ ଶୁକ୍ରବାର ମଧ୍ୟାହ୍ନରେ ମୁମ୍ବାଇ ବିମାନବନ୍ଦରରେ ପହଞ୍ଚିଛନ୍ତି। ସେମାନଙ୍କୁ ଜୟସାଲମେରସ୍ଥିତ ସେନା କ୍ୱାରାଣ୍ଟାଇନ କେନ୍ଦ୍ରକୁ ନିଆଯିବ ବୋଲି ଜଣେ ଅଧିକାରୀ କହିଛନ୍ତି। ପ୍ରଥମ ପର୍ଯ୍ୟାୟରେ ଇରାନରୁ ୫୮ ଭାରତୀୟଙ୍କୁ ଫେରାଇ ଅଣାଯାଇଥିଲା।

## ୭ କରୋନା ସନ୍ଦିଗ୍ଧ ନିଖୋଜ

**ଲୁଧିଆନା,୧୩।୩(ପି.ଟି.):** କରୋନା ସଂକ୍ରମିତ ଦେଶରୁ ଫେରିଥିବା ପଞ୍ଜାବ ଲୁଧିଆନା ଜିଲାର ୭ ଜଣଙ୍କ ପତ୍ତା ମିଳୁନାହିଁ। ଯଦି ସେମାନେ କରୋନା ସଂକ୍ରମିତ ହୋଇଥିବେ ତେବେ ଏହି ଭୂତାଣୁ ଅନ୍ୟମାନଙ୍କୁ ବ୍ୟାପିବା ଆଶଙ୍କା ରହିଛି। ସେମାନେ ଦେଇଥିବା ଠିକଣା ଭୁଲ୍ ବୋଲି ଜଣାପଡିଛି। ସେମାନଙ୍କୁ ଖୋଜି ବାହାର କରିବା ପାଇଁ ଜିଲା ପ୍ରଶାସନ ଓ ପୋଲିସର ସହାୟତା ଲୋଡାଯାଇଛି। ପଞ୍ଜାବର ଅମୃତସର ଓ ମୋହାଲି ଅନ୍ତର୍ଜାତୀୟ ବିମାନବନ୍ଦରରେ ୮୫,୦୦୦ରୁ ଊର୍ଦ୍ଧ୍ୱ ଯାତ୍ରୀଙ୍କୁ ଯାଞ୍ଚ କରାଗଲାଣି।

# ସୁପ୍ରିମକୋର୍ଟରେ କେବଳ ଜରୁରୀ ମାମଲାର ଶୁଣାଣି

**କୋଭିଡ୍-୧୯ ପ୍ରଭାବ: ୧୬ରୁ ଲାଗୁ ହେବ**

**ନୂଆଦିଲ୍ଲୀ,୧୩।୩(ପି.ଟି.)**

ଘାତକ ମହାମାରୀ କରୋନା ବିଶ୍ୱବ୍ୟାପୀ ଆତଙ୍କ ଖେଳାଇଥିବାବେଳେ ଏହି ସଂକ୍ରମଣକୁ ଏଡାଇବା ଲାଗି ଶୁକ୍ରବାର ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। ମାର୍ଚ୍ଚ ୧୬ରୁ ସୁପ୍ରିମକୋର୍ଟରେ କେବଳ ଜୁରୁରୀ ମାମଲାଗୁଡ଼ିକର ଶୁଣାଣି ହେବ। ବିଚାର ବେଳେ କୋର୍ଟରୁମ୍‌ରେ କେବଳ ମାମଲା ପରିଚାଳନାକାରୀ ସମ୍ପୃକ୍ତ ଓକିଲ ଉପସ୍ଥିତ ରହିବେ। ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଏସ୍.ଏ. ବୋବ୍‌ଡେଙ୍କ ବାସଭବନରେ ଗୁରୁବାର ଓ ଶୁକ୍ରବାର ଧରି କରୋନା ଭାଇରସ୍‌କୁ ନେଇ ଚାଲିଥିବା ବୈଠକରେ ଏହା ସ୍ଥିର କରାଯାଇଛି। ବୈଠକରେ ଜଷ୍ଟିସ୍ ଅରୁଣ ମିଶ୍ର, ୟୁ.ୟୁ ଲଳିତ, ଆଟର୍ନି ଜେନେରାଲ କେ.କେ. ବେଣୁଗୋପାଳ, ସଲିସିଟର ଜେନେରାଲ ତୁଷାର ମେହେଟ୍ଟା, ସୁପ୍ରିମକୋର୍ଟ ବାର୍ ଆସୋସିଏଶନ (ଏସ୍‌ସିବିଏ) ସମ୍ପାଦକ ଆରୋରାଙ୍କ ସମେତ ସ୍ୱାସ୍ଥ୍ୟ ତଥା ଆଇନ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। କୋଭିଡ୍-୧୯କୁ ନେଇ କେନ୍ଦ୍ର ସରକାରଙ୍କ ପକ୍ଷରୁ ଗତ ୫ ତାରିଖରେ ଜାରି ଆଡ୍‌ଭାଇଜରି ଜାରି କରାଯାଇଥିବାବେଳେ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ) ଏହାକୁ ବିଶ୍ୱ ମହାମାରୀ ଘୋଷଣା କରିଛି। ସୁପ୍ରିମକୋର୍ଟଙ୍କ ଏହି ନିଷ୍ପତ୍ତିକୁ ସେକ୍ରେଟାରି ଜେନେରାଲ ସଞ୍ଜୀବ ଏସ୍. କାଲଗାଓଁକର ଜାରି କରିଛନ୍ତି। ଭାରତରେ ଶୁକ୍ରବାର କରୋନା ସଂକ୍ରମିତଙ୍କ ସଂଖ୍ୟା ୮୧ରେ ପହଞ୍ଚିଛି। ଏଥିଲାଗି ସର୍ବୋଚ୍ଚ ଅଦାଲତ ସାଧାରଣ ସ୍ୱାସ୍ଥ୍ୟ ନିରାପତ୍ତା ବଜାୟ ରଖିବା ସକାଶେ ଅନ୍ୟମାନଙ୍କ ସହଯୋଗ ଲୋଡ଼ିଛନ୍ତି।

### [ଇତିହାସର ଆଇନାରେ]
### ମାର୍ଚ୍ଚ ୧୪ର ପ୍ରମୁଖ ଘଟଣା

୧୯୬୫ ମାର୍ଚ୍ଚ ୧୪ରେ ବଲିଉଡ୍ ଅଭିନେତା, ନିର୍ଦ୍ଦେଶକ ଆମିର ଖାନ୍ ଜନ୍ମଗ୍ରହଣ କରିଥିଲେ। ୯ ଫିଲ୍ମ ଫେୟାର ଆୱାର୍ଡ, ୪ ଜାତୀୟ ପୁରସ୍କାର ସହ ପଦ୍ମଶ୍ରୀ, ପଦ୍ମ ବିଭୂଷଣ ସମ୍ମାନରେ ସମ୍ମାନିତ ହୋଇଥିବା ଆମିର ୩୦ ବର୍ଷ ଧରି ବିଭିନ୍ନ ସିନେମା କରିଆସିଛନ୍ତି।

୨୦୧୯ ମାର୍ଚ୍ଚ ୧୪ରେ ମହାବାତ୍ୟା ଇଦାଇ ଉତ୍ତର ଓ କେନ୍ଦ୍ରୀୟ ଆଫ୍ରିକାରେ ତାଣ୍ଡବ ରଚିଥିଲା। ପ୍ରାୟ ୧୩ଶହ ଲୋକ ଏହା ଦ୍ୱାରା ମୃତ୍ୟୁବରଣ କରିଥିଲେ।

## ପୁଣି ମୁହାଁମୁହିଁ ଇରାନ-ଆମେରିକା

- ଇରାକ ସେନା ଶିବିରରେ ଆମେରିକାର ଏୟାର ଷ୍ଟ୍ରାଇକ୍
- ଟ୍ରମ୍ପଙ୍କୁ ତେହେରାନର ଚେତାବନୀ

**ବାଗ୍‌ଦାଦ/ତେହେରାନ,୧୩।୩(ଏଏଫ୍‌ପି):** ପୁଣିଥରେ ମୁହାଁମୁହିଁ ହୋଇଛନ୍ତି ଦୁଇ ପାରମ୍ପରିକ ଶତ୍ରୁରାଷ୍ଟ୍ର ଆମେରିକା ଓ ଇରାନ। ଇରାକରେ ଥିବା ଇରାନ ସପକ୍ଷବାଦୀ ଏକ ସେନା ଶିବିରରେ ଗୁରୁବାର ବିଳମ୍ବିତ ରାତିରେ ଆମେରିକା ପକ୍ଷରୁ ଆକ୍ରମଣ କରାଯାଇଛି। ଏହି ଏୟାର ଷ୍ଟ୍ରାଇକ୍‌ରେ ଜଣେ ସାଧାରଣ ନାଗରିକ ଓ ୫ ସୈନ୍ୟ ନିହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ଇରାକ ସେନାର ୩ ସୈନ୍ୟ ଓ ୨ ପୋଲିସ କର୍ମୀ ଅଛନ୍ତି। ଏହାସହ ଇରାକର ୧୧ ଫାଇଟର ମଧ୍ୟ ଆହତ ହୋଇଛନ୍ତି। କ୍ୟାମ୍ପ୍ ତାଜି ସେନା ଶିବିରରେ ବୁଧବାର ଇରାନ ପକ୍ଷରୁ ରକେଟ ମାଡ଼ କରାଯାଇଥିଲା। ଏଥିରେ ଆମେରିକାର ୨ ଓ ବ୍ରିଟେନର ଜଣେ ସୈନ୍ୟ ନିହତ ହୋଇଥିଲେ। ଆମେରିକା ଏହାର ପ୍ରତିଶୋଧ ନେବାକୁ ଯାଇ ଇରାକର ବାବିଲ ପ୍ରଦେଶସ୍ଥିତ କର୍ବାଲା ସହରରେ ନିର୍ମାଣାଧୀନ ଏକ ବିମାନବନ୍ଦରକୁ ଟାର୍ଗେଟ କରିଛି। ରାତି ଗୋଟାଏରେ ଆକାଶମାର୍ଗରୁ ୫ଟି ମିଶାଇଲ ମାଡ଼ କରାଯିବା ପରେ ୧୮ଟି କାର୍ ଧ୍ୱଂସ ହୋଇଯାଇଛି।

# ଗୃହବନ୍ଦୀରୁ ମୁକୁଳିଲେ ଫାରୁକ୍ ଅବ୍‌ଦୁଲ୍ଲା

**ନୂଆଦିଲ୍ଲୀ,୧୩।୩(ପି.ଟି./ଆଇଏଏନ୍‌ଏସ୍)**

ସାତମାସ ପରେ ଗୃହବନ୍ଦୀରୁ ମୁକୁଳିଛନ୍ତି ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ନ୍ୟାଶନାଲ କନ୍‌ଫରେନ୍ସ (ଏନ୍‌ସି) ଅଧ୍ୟକ୍ଷ ଫାରୁକ୍ ଅବ୍‌ଦୁଲ୍ଲା। ତାଙ୍କର ଆଖି ଅସ୍ତ୍ରୋପଚାର ହୋଇଥିବାରୁ ଆସନ୍ତା ଦୁଇସପ୍ତାହରେ ସେ ପାର୍ଲାମେଣ୍ଟରେ ଉପସ୍ଥିତ ରହିବେ ବୋଲି ଏହି ଅବସରରେ ସେ ପ୍ରତିଶ୍ରୁତି ଦେଇଛନ୍ତି। ଗୃହବନ୍ଦୀରୁ ମୁକ୍ତହେବା ପରେ ଶ୍ରୀନଗର ଏମ୍‌ପି ଫାରୁକ୍ କହିଛନ୍ତି, ମୁଁ ମୁକ୍ତ ହୋଇଛି ବୋଲି ବିଶ୍ୱାସ କରିପାରୁନାହିଁ। ଅନ୍ୟ ସମସ୍ତେ ମଧ୍ୟ ମୁକୁଳିବେ ବୋଲି ଆଶା। ଅନୁମତି ମିଳିଲେ ପାର୍ଲାମେଣ୍ଟକୁ ଯିବି। ଏବେ ଯେହେତୁ ଏଠାରେ ରହିଛି କଶ୍ମୀରୀ ଲୋକଙ୍କ ସମସ୍ୟା କଥା ଉଠାଇବି। ଯେଉଁମାନେ ମୋତେ ସମର୍ଥନ କରି ମୋ ମୁକ୍ତି ପାଇଁ ଦାବି କରିଥିଲେ ସେମାନଙ୍କୁ ଧନ୍ୟବାଦ। ଅନ୍ୟ ନେତାମାନେ ମୁକ୍ତ ହେବା ପରେ ଭବିଷ୍ୟତ କାର୍ଯ୍ୟପନ୍ଥା ସ୍ଥିର କରାଯିବ। ପ୍ରକାଶ ଯେ, ଗତବର୍ଷ ଅଗଷ୍ଟ ୫ରେ କେନ୍ଦ୍ର ସରକାର ଅନୁଚ୍ଛେଦ ୩୭୦ ଉଚ୍ଛେଦ କରିବା ସମୟରେ ଫାରୁକ୍, ତାଙ୍କ ପୁଅ ଓମାର ଅବ୍‌ଦୁଲ୍ଲା ଓ ପିଡିପି ମୁଖ୍ୟ ମେହବୁବା ମୁଫ୍‌ତିଙ୍କ ସମେତ ଅନେକ ନେତାଙ୍କୁ ଗୃହବନ୍ଦୀ କରାଯାଇଥିଲା। ଫାରୁକ୍‌ଙ୍କ ଶ୍ରୀନଗରସ୍ଥିତ ଗୁପ୍‌କାର ରୋଡ୍ ବାସଭବନକୁ ଏକ ସବ୍‌ଜେଲରେ ପରିଣତ କରାଯାଇ ସେଠାରେ ରଖାଯାଇଥିଲା। ସେପ୍ଟେମ୍ବର ୧୫ରେ ଫାରୁକ୍‌ଙ୍କ ବିରୋଧରେ ଲଗାଯାଇଥିବା ସାଧାରଣ ନିରାପତ୍ତା ଆଇନ (ପିଏସ୍‌ଏ)କୁ ଶୁକ୍ରବାର ଅପରାହ୍ନରେ ହଟାଇଦିଆଯାଇଛି। ସେଠାରେ ଗଣମାଧ୍ୟମକୁ ସମ୍ବୋଧନ ବେଳେ ତାଙ୍କ ସହ ସ୍ତ୍ରୀ ମୋଲି ଅବ୍‌ଦୁଲ୍ଲା ଓ ଝିଅ ସାରା ଅବ୍‌ଦୁଲ୍ଲା ପାଇଲଟ ଉପସ୍ଥିତ ଥିଲେ। ଫାରୁକ୍‌ଙ୍କ ମୁକ୍ତି ପରେ ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ପି. ଚିଦାମ୍ବରମ୍ ମୋଦି ସରକାର ଉପରେ ବର୍ଷିଛନ୍ତି। ସେ କହିଛନ୍ତି, କେନ୍ଦ୍ରଶାସିତ ଅଞ୍ଚଳ ଜମ୍ମୁ-କଶ୍ମୀରରେ ଏକଛତ୍ରବାଦ ଚାଲିଛି। ଡକ୍ଟର ଅବ୍‌ଦୁଲ୍ଲାଙ୍କୁ ବିନା କୌଣସି ଅଭିଯୋଗରେ ୭ ମାସ ଧରି ବନ୍ଦୀ କରାଯିବାର ଯଥାର୍ଥତା କ'ଣ ? ଯଦି ଯଥାର୍ଥତା ଅଛି ତେବେ ଆଜି ତାଙ୍କୁ କାହିଁକି ମୁକ୍ତ କରାଗଲା ବୋଲି ଚିଦାମ୍ବରମ୍ ପ୍ରଶ୍ନ ଉଠାଇବା ସହ ଫାରୁକ୍‌ଙ୍କୁ ସ୍ୱାଗତ କରିଛନ୍ତି।


ପତ୍ନୀ ମୋଲି ଏବଂ ଝିଅ ସାଫିଆ (ଡାହାଣ)ଙ୍କ ସହ ନ୍ୟାସ୍‌ନାଲ କନଫରେନ୍ସ ଅଧ୍ୟକ୍ଷ ଫାରୁକ ଅବଦୁଲ୍ଲା।







# କେନ୍ଦ୍ରୀୟ କର୍ମଚାରୀଙ୍କ ମହଙ୍ଗା ଭତ୍ତା ୪% ବଢ଼ିଲା

**ନୂଆଦିଲ୍ଲୀ, ୧୩।୩ (ପି.ଟି.):** କେନ୍ଦ୍ର ସରକାରଙ୍କ କର୍ମଚାରୀ ଓ ପେନ୍‌ସନଧାରୀଙ୍କ ମହଙ୍ଗା ଭତ୍ତା ୪ ପ୍ରତିଶତ ବୃଦ୍ଧି କରାଯାଇଛି । ଗତ ଜାନୁୟାରୀ ୧ରୁ ଏହି ବର୍ଦ୍ଧିତ ମହଙ୍ଗାଭତ୍ତା ପିଛିଲା ଭାବେ ଲାଗୁ ହେବ। ଶୁକ୍ରବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ କ୍ୟାବିନେଟ ବୈଠକ ବସି ଏହି ନିଷ୍ପତ୍ତି ନିଆଯାଇଛି। ବର୍ତ୍ତମାନ ମହଙ୍ଗାଭତ୍ତା ମୂଳ ବେତନର ୧୭ ପ୍ରତିଶତ ଥିବାବେଳେ ଏହା ୨୧ ପ୍ରତିଶତକୁ ବୃଦ୍ଧିପାଇଛି। ଏହାଦ୍ୱାରା ୪୮ ଲକ୍ଷ କେନ୍ଦ୍ରୀୟ କର୍ମଚାରୀ ଓ ୬୫ ଲକ୍ଷ ପେନ୍‌ସନଧାରୀ ଉପକୃତ ହେବେ। ଏଥିପାଇଁ ସରକାରଙ୍କ ଉପରେ ୧୪,୫୯୫ କୋଟି ଟଙ୍କାର ଅତିରିକ୍ତ ବୋଝ ପଡିବ ବୋଲି ସୂଚନା ଓ ପ୍ରସାରଣ ମନ୍ତ୍ରୀ ପ୍ରକାଶ ଜାଭଡେକର ଗଣମାଧ୍ୟମକୁ କହିଛନ୍ତି।






# କଦଳୀ ଚାଷ କରି ପଢ଼ାଖର୍ଚ୍ଚ ଉଠାଉଛନ୍ତି ଆଇଟିଆଇ ଛାତ୍ର

**ଗୋବିନ୍ଦପାଲି, ୧୩।୩ (ଡି.ଏନ.ଏ.):** ମାଲକାନଗିରି ଜିଲା ଖଇରପୁଟ ବ୍ଲକ ବଟାଣିଗୁଡାର ପାଲସୁ ପାଙ୍ଗିଙ୍କୁ ପରିଶ୍ରମ ଦେଇଛି ସଫଳତା। ଜଣେ ସଫଳ କଦଳୀ ଚାଷୀ ରୂପେ ସେ ନିଜର ପରିଚୟ ସୃଷ୍ଟି କରିପାରିଛନ୍ତି। ପାଠ ପଢିବା ସହ କଠିନ ପରିଶ୍ରମ କରି ନିଜ ଚାଷଜମିରେ କରିଛନ୍ତି ଏହି ଚାଷ। ଯାହା ଅନ୍ୟମାନଙ୍କ ପାଇଁ ଏବେ ପାଲଟିଛି ଉଦାହରଣ। ମାଆବାପା ଭଉଣୀଭାଇଙ୍କୁ ନେଇ ତାଙ୍କ ପରିବାର। ତାଙ୍କ ଗ୍ରାମରେ ବସବାସ କରନ୍ତି ମାତ୍ର ୧୨ଟି ପରିବାର। ଗ୍ରାମରେ ଅଙ୍ଗନୱାଡି କେନ୍ଦ୍ର କି



ବିଦ୍ୟାଳୟ କିଛି ନାହିଁ। ତେବେ ନିଜ ଅଧ୍ୟବସାୟ ଓ ଆଗ୍ରହ ଯୋଗୁ ବିଦ୍ୟାଳୟ ଅଧ୍ୟୟନ ସାରି ଏବେ ମାଥିଲି ଆଇଟିଆଇରେ ପାଠ ପଢୁଛନ୍ତି। ପଢାସହ ନିଜ ଘର ପଛ କିଆରିରେ କଦଳୀ ଚାଷ କରିଛନ୍ତି ପାଲସୁ। ସାଇକେଲରେ କଦଳୀ ବଜାରକୁ ନେଇ ବିକ୍ରି କରନ୍ତି। ଏଥିରୁ ସେ ନିଜର ପଢା ଖର୍ଚ୍ଚ ଉଠାଇବା ସହ ପରିବାର ଚଳାଇବାରେ ସହାୟତା କରିଥାନ୍ତି। ଆଜି ନିଜେ କଷ୍ଟ କରି ମୁଣ୍ଡର ଝାଳ ତୁଣ୍ଡରେ ମାରି ସେ ନିଜ ଗୋଡରେ ଛିଡା ହୋଇ ସମାଜରେ ଜଣେ ସଫଳ ଚାଷୀ ରୂପେ ପରିଗଣିତ ହୋଇପାରିଛନ୍ତି।

# ୨୯ ତାରିଖ ମଧ୍ୟରେ ବାତିଲ ହେବ ଏକାଧିକ ଟ୍ରେନ୍

**ଭୁବନେଶ୍ୱର, ୧୩।୩ (ବ୍ୟୁରୋ):** ପୂର୍ବତଟ ରେଳପଥ ପରିସୀମା ମଧ୍ୟରେ ବିଭିନ୍ନ ସ୍ଥାନରେ ନିରାପତ୍ତା ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟ ଲାଗି ଛଅ ପାସେଞ୍ଜର ଟ୍ରେନ ଓ ଦୁଇ ଏକ୍ସପ୍ରେସ ଟ୍ରେନ୍ ମାର୍ଚ୍ଚ ୨୯ ତାରିଖ ମଧ୍ୟରେ ସପ୍ତାହକୁ ଦିନେ ଲେଖା ୩ଦିନ ପାଇଁ ବାତିଲ ରହିବ। ମାର୍ଚ୍ଚ ୧୩, ୨୦ ଓ ୨୭ ତାରିଖରେ ବିଶାଖାପାଟଣା-ଦୁର୍ଗ ପାସେଞ୍ଜର ଟ୍ରେନ୍ ବିଶାଖାପାଟଣାଠାରୁ ବାତିଲ ହେବ। ସେହିପରି ମାର୍ଚ୍ଚ ୧୪, ୨୧ ଓ ୨୮ ତାରିଖରେ ରାଉରକେଲା-ପୁରୀ-ରାଉରକେଲା ପାସେଞ୍ଜର ଟ୍ରେନ୍ ଉଭୟ ପାର୍ଶ୍ୱରୁ, ଦୁର୍ଗ-ବିଶାଖାପାଟଣା ପାସେଞ୍ଜର ଟ୍ରେନ୍ ଦୁର୍ଗଠାରୁ ଏବଂ ଭୁବନେଶ୍ୱର-ନୟାଗଡ଼ ଟାଉନ ଏକ୍ସପ୍ରେସ ଭୁବନେଶ୍ୱରଠାରୁ ବାତିଲ ହେବ। ମାର୍ଚ୍ଚ ୧୫, ୨୨ ଓ ୨୯ ତାରିଖରେ ବ୍ରହ୍ମପୁର-ବିଶାଖାପାଟଣା-ବ୍ରହ୍ମପୁର ପାସେଞ୍ଜର ଟ୍ରେନ୍ ଉଭୟ ପାର୍ଶ୍ୱରୁ, ପୁରୀ-ଗୁଣୁପୁର-ପୁରୀ ପାସେଞ୍ଜର ଉଭୟ ପାର୍ଶ୍ୱରୁ, ପଲାସା-ଗୁଣୁପୁର-ପଲାସା ପାସେଞ୍ଜର ଟ୍ରେନ୍ ଉଭୟ ପାର୍ଶ୍ୱରୁ, ଭୁବନେଶ୍ୱର-ବ୍ରହ୍ମପୁର-ଭୁବନେଶ୍ୱର ମେମୁ ଉଭୟ ପାର୍ଶ୍ୱରୁ, ଭୁବନେଶ୍ୱର-ବିଶାଖାପାଟଣା-ଭୁବନେଶ୍ୱର ଇଣ୍ଟର ସିଟି ଏକ୍ସପ୍ରେସ ଉଭୟ ପାର୍ଶ୍ୱରୁ ଏବଂ ନୟାଗଡ଼ ଟାଉନ-ଭୁବନେଶ୍ୱର ଏକ୍ସପ୍ରେସ ନୟାଗଡ଼ ଟାଉନଠାରୁ ବାତିଲ ରହିବ ବୋଲି ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ଦିଆଯାଇଛି।






# ୩୨୮ ଗାଁ ହେବ 'ସୁନାମୀ ପ୍ରସ୍ତୁତ'

**ଭୁବନେଶ୍ୱର, ୧୩।୩(ବ୍ୟୁରୋ)**

- ବିଜୁଳି, ଘଡ଼ଘଡ଼ି ସତର୍କ ସୂଚନାକୁ ନିର୍ଦ୍ଦିଷ୍ଟ ଅଞ୍ଚଳଭିତ୍ତିକ କରାଯିବ
- ଜୁନ୍ ସୁଦ୍ଧା ସରିବ ୫୭୯ ବହୁମୁଖୀ ଆଶ୍ରୟସ୍ଥଳୀ କାର୍ଯ୍ୟ

ବାତ୍ୟା ଓ ବନ୍ୟା ପରିଚାଳନା କ୍ଷେତ୍ରରେ ବିଶ୍ୱସ୍ତରୀୟ ମାନକ ହାସଲ କରିବା ପରେ ବର୍ତ୍ତମାନ ଓଡିଶା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ(ଓଏସ୍‌ଡିଏମ୍‌ଏ) ସୁନାମୀ ପରିଚାଳନା ପାଇଁ ପ୍ରସ୍ତୁତି ଆରମ୍ଭ କରିଛି। ରାଜ୍ୟରେ ଚିହ୍ନିତ ୩୨୮ ସୁନାମୀ ପ୍ରବଣ ଗ୍ରାମକୁ 'ସୁନାମୀ ପ୍ରସ୍ତୁତ' ଗ୍ରାମରେ ପରିଣତ କରିବାକୁ ଚେଷ୍ଟା ଆରମ୍ଭ ହୋଇଛି। ଲୋକସେବା ଭବନଠାରେ ଶୁକ୍ରବାର ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଓଏସ୍‌ଡିଏମ୍‌ଏ ପରିଚାଳନା ପରିଷଦ ବୈଠକରେ ଏ ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରାଯାଇଛି।

ବୈଠକରେ ହୋଇଥିବା ଆଲୋଚନା ଅନୁଯାୟୀ, ସୁନାମୀ ପ୍ରବଣ ଗ୍ରାମଗୁଡିକରେ ସଚେତନତା, ସୂଚନା, ଶିକ୍ଷା ଓ ନିୟମିତ ଯୋଗାଯୋଗ କାର୍ଯ୍ୟକ୍ରମ ସଘନ କରାଯିବ। ଏ ବିଷୟରେ ତଥ୍ୟ ଉପସ୍ଥାପନ କରି ଅତିରିକ୍ତ ମୁଖ୍ୟ ଶାସକ ସଚିବ ପ୍ରଦୀପ କୁମାର ଜେନା କହିଛନ୍ତି ଯେ, ଗଞ୍ଜାମ ଜିଲାର ବଙ୍କ୍ସିପାଲି ଏବଂ ଜଗତ୍‌ସିଂହପୁରର ଗଡହରିଶପୁର 'ସୁନାମୀ ପ୍ରସ୍ତୁତ' ଗ୍ରାମ ଭାବେ ୟୁନିସେଫର ନିର୍ଦ୍ଧାରିତ ୧୧ଟି ମାନକ ପୂରଣ କରିଛନ୍ତି। ଖୁବ୍‌ଶୀଘ୍ର ଏହି ଦୁଇ ଗ୍ରାମକୁ ୟୁନିସେଫର ସ୍ୱୀକୃତି ମିଳିବ। ଏହାପରେ ଭାରତ ମହାସାଗର ସହିତ ସଂଯୁକ୍ତ ପ୍ରାୟ ୬୫ଟି ଦେଶ ମଧ୍ୟ ଉକ୍ତ ମାନ୍ୟତା ପାଇବା କ୍ଷେତ୍ରରେ ପ୍ରଥମ ଦେଶ ହେବ ବୋଲି ଜେନା କହିଛନ୍ତି।

ସମସ୍ତ ତଥ୍ୟର ସମୀକ୍ଷା କରିବା ପରେ ମୁଖ୍ୟ ଶାସନ ସଚିବ ସମସ୍ତ ବହୁମୁଖୀ ଆଶ୍ରୟସ୍ଥଳୀ ଗୁଡିକର ମରାମତି ଏବଂ ରକ୍ଷଣାବେକ୍ଷଣ ସୁନିଶ୍ଚିତ କରାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ୨୫ ଜିଲାରେ ଥିବା ସମସ୍ତ ଆଶ୍ରୟସ୍ଥଳୀର ସରଜମିନ ତଦନ୍ତ କରାଯାଇଥିବା ଜେନା ବୈଠକରେ ସୂଚନା ଦେଇଛନ୍ତି। ରାଜ୍ୟର ମୋଟ ୫୭୯ଟି ବହୁମୁଖୀ ଆଶ୍ରୟସ୍ଥଳୀ କାର୍ଯ୍ୟକ୍ଷମ ଥିବାବେଳେ ଆସନ୍ତା ଜୁନ୍ ସୁଦ୍ଧା ଏହା ଶେଷହେବ ବୋଲି ଜଣାପଡିଛି। ସବୁଥିରେ ବଜ୍ରପାତ ନିରୋଧ ବ୍ୟବସ୍ଥା ଲଗାଯିବ। ଆର୍ଥ ନେଟ୍‌ୱର୍କ ସଂସ୍ଥା ସହ ସହଭାଗିତାରେ ରାଜ୍ୟର ୬ଟି ସ୍ଥାନରେ ବଜ୍ରପାତ ଓ ଘଡଘଡି ପୂର୍ବାନୁମାନ ଯନ୍ତ୍ର ସ୍ଥାପିତ ହୋଇଛି । ଫଳରେ ୩୦ମିନିଟ ପୂର୍ବରୁ ବଜ୍ରପାତ ସମ୍ଭାବନା ଥିବା ଲୋକଙ୍କୁ ଜଣାଇ ଦିଆଯାଇପାରୁଛି। ଏହି ବ୍ୟବସ୍ଥାକୁ ଅଧିକ ସୁଦୃଢ ଓ ପ୍ରସାରିତ କରିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଥିବା ଜଣାପଡିଛି।

# କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଆର୍ଥିକ କ୍ଷମତା ବୃଦ୍ଧି

**ଭୁବନେଶ୍ୱର, ୧୩।୩(ବ୍ୟୁରୋ)**

ଓଡ଼ିଶା ସରକାରଙ୍କ ନଗର ଉନ୍ନୟନ ବିଭାଗ ଅଧୀନରେ କାର୍ଯ୍ୟରତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଆର୍ଥିକ କ୍ଷମତା ବୃଦ୍ଧି କରାଯାଇଛି। ଏ ସମ୍ପର୍କିତ ଆସିଥିବା ଏକ କ୍ୟାବିନେଟ୍ ପ୍ରସ୍ତାବକୁ ଶୁକ୍ରବାର ଅନୁମୋଦନ ମିଳିଥିବା ଜଣାପଡିଛି। ହେଲେ ବିଧାନସଭାର ବଜେଟ୍ ଅଧିବେଶନ ଜାରି ରହିଥିବାରୁ ଏନେଇ କୌଣସି ଆନୁଷ୍ଠାନିକ ସୂଚନା ଦିଆ ଯାଇନାହିଁ। କେବଳ କରୋନା ସମ୍ପର୍କିତ ନିଷ୍ପତ୍ତିକୁ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଧାନସଭାରେ ବିବୃତ୍ତି ରଖିଥିଲେ।




## ନାବାଳିକାଙ୍କୁ ଗଣବଳାତ୍କାର

**ଜୟପୁର, ୧୩।୩(ନି.ପ୍ର.):** କୋରାପୁଟ ଜିଲା ଜୟପୁର ସଦର ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ଗଣବଳାତ୍କାର ଅଭିଯୋଗ ହୋଇଛି। ପୋଲିସ ମାମଲା ରୁଜୁ କରି ଘଟଣାରେ ସମ୍ପୃକ୍ତ ଥିବା ୩ ଜଣଙ୍କ ମଧ୍ୟରୁ ଜଣେ ନାବାଳକଙ୍କୁ ଜୁଭେନାଇଲ ଜଷ୍ଟିସ ବୋର୍ଡରେ ହାଜର କରିଛି। ଅନ୍ୟ ୨ ଜଣଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଜୟପୁର କୁମ୍ଭାରସାହିର ଆକାଶ ନାୟକ (୨୦), କୁସୁମପୁଟର ତୁଷାର ହରିଜନ (୧୮)।

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................

ବୟସ:....................................

ଜନ୍ମ ତାରିଖ: ..............................


ମନୀଷା
ପରିବାରବର୍ଗ


ପ୍ରନୀଲ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ୧୭ ପର୍ଯ୍ୟନ୍ତ ବର୍ଷା ସମ୍ଭାବନା

### ଝଡ଼, ବଜ୍ରପାତ ନେଇ ଆଜି ୯ ଜିଲାକୁ ୟେଲୋ ୱାର୍ନିଂ

**ଭୁବନେଶ୍ୱର, ୧୩।୩(ବ୍ୟୁରୋ)**

ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗିରହିଛି। ଶୁକ୍ରବାର ଫୁଲବାଣୀରେ ସର୍ବାଧିକ ୧୧.୬ ମି.ମି. ବର୍ଷା ହୋଇଥିବା ପାଣିପାଗ ବିଭାଗ ପକ୍ଷରୁ ଜଣାପଡ଼ିଛି। ଆସନ୍ତା ୧୭ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ବର୍ଷା ଲାଗି ରହିବ। ଶନିବାର ବରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ସୁନ୍ଦରଗଡ଼, ଦେବଗଡ଼, କେନ୍ଦୁଝର ଓ ମୟୂରଭଞ୍ଜର କିଛି ସ୍ଥାନରେ ଏବଂ ନୂଆପଡ଼ା, ସୋନପୁର, ଅନୁଗୋଳ, ବୌଦ୍ଧ, କନ୍ଧମାଳ, ବାଲେଶ୍ୱର, ଭଦ୍ରକ ଓ ଯାଜପୁରର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି। ଶନିବାର ୯ଟି ଜିଲାକୁ ଝଡ଼ ତୋଫାନ ଓ ବଜ୍ରପାତ ହେବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ସତର୍କ ସୂଚନା ଜାରି କରିଛି। ତେଣୁ ଏହି ୯ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ସେହି ଜିଲାଗୁଡ଼ିକ ହେଲା ବରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ସୁନ୍ଦରଗଡ଼, ଦେବଗଡ଼, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର ଓ ଭଦ୍ରକ। ଏସବୁ ଜିଲାରେ ୩୦ରୁ ୪୦ କି.ମି. ବେଗରେ ପବନ ବହିବାର ଆଶଙ୍କା ରହିଛି। ସେହିପରି ରବିବାର ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ଦେବଗଡ଼, ବୌଦ୍ଧ, କନ୍ଧମାଳ, କଳାହାଣ୍ଡି, ନୂଆପଡ଼ା, ବଲାଙ୍ଗୀର, ଢେଙ୍କାନାଳ ଓ ସମ୍ବଲପୁରରେ ବର୍ଷା ହେବାର ସମ୍ଭାବନା ରହିଛି। ସୋମବାର କଳାହାଣ୍ଡି, ନବରଙ୍ଗପୁର, ନୂଆପଡ଼ା, କନ୍ଧମାଳ, ବୌଦ୍ଧ, ମୟୂରଭଞ୍ଜ, କେନ୍ଦୁଝର, ଯାଜପୁର, ଭଦ୍ରକ, ବାଲେଶ୍ୱର ଓ ନୟାଗଡ଼ରେ ବର୍ଷା ହେବାର ସମ୍ଭାବନା ରହିଛି। ମଙ୍ଗଳବାର କୋରାପୁଟ, ରାୟଗଡ଼ା, କନ୍ଧମାଳ, ଗଜପତି, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ ଓ କେନ୍ଦ୍ରାପଡ଼ା ଜିଲାରେ ବର୍ଷା ହେବ ବୋଲି ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି।

ଅନ୍ୟପଟେ ଦିନରେ ଖରା ଲୋକଙ୍କୁ ହନ୍ତସନ୍ତ କରୁଛି। ଶୁକ୍ରବାର ୧୦ ସ୍ଥାନରେ ତାପମାତ୍ରା ୩୫ ଡିଗ୍ରୀ ସେଲସିୟସ୍ ଟପିଥିଲା। ଭବାନୀପାଟଣା ଓ ପାରଳାଖେମୁଣ୍ଡିରେ ସର୍ବାଧିକ ତାପମାତ୍ରା ୩୭ ଡିଗ୍ରୀ ସେଲସିୟସ ରହିଥିବାବେଳେ ଟିଟିଲାଗଡ଼ରେ ୩୬.୨, ବଲାଙ୍ଗୀର ଓ ନୟାଗଡ଼ରେ ୩୬, ମାଲକାନଗିରିରେ ୩୫.୮, ବୌଦ୍ଧରେ ୩୫.୫, ଭୁବନେଶ୍ୱରରେ ୩୫.୪, ରାୟଗଡ଼ା ଏବଂ ସୋନପୁରରେ ୩୫ ଡିଗ୍ରୀ ସେଲସିୟସ ତାପମାତ୍ରା ଥିବା ରେକର୍ଡ କରାଯାଇଛି।

# ଧାନକିଣା ଦୁର୍ନୀତି: ଭାଜପା କୃଷକ ମୋର୍ଚ୍ଚାର ଆନ୍ଦୋଳନ ଚେତାବନୀ

**ଭୁବନେଶ୍ୱର, ୧୩।୩(ବ୍ୟୁରୋ)**

ସାରା ରାଜ୍ୟରେ ଧାନକିଣା ଏବଂ ଟୋକନ ବ୍ୟବସ୍ଥାରେ ଅନିୟମିତତା ଦେଖା ଦେଇଥିବା ବେଳେ ନୟାଗଡ଼ ଜିଲାର ବିଭିନ୍ନ ଧାନ ମଣ୍ଡିରେ ମଧ୍ୟ ତାଲା ଝୁଲିଛି। ସେହିପରି ଜିଲାର ବିଭିନ୍ନ ସ୍ଥାନରେ ଥିବା ମଣ୍ଡିଗୁଡିକରେ ବ୍ୟାପକ ଜାଲିଆତି ଏବଂ ଦୁର୍ନୀତି ହେବାର ପ୍ରମାଣ ମିଳିଛି। ଓଡ଼ଗାଁ ବ୍ଲକ ପାଣ୍ଡେରିପଡା ଧାନମଣ୍ଡିରେ ବ୍ୟାପକ କେଳେଙ୍କାରୀ ହେବାପରେ ଭାଜପା କୃଷକ ମୋର୍ଚ୍ଚା ରାଜ୍ୟ ସାଧାରଣ ସମ୍ପାଦକ ସୁରଥ ବିଶ୍ୱାଳଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଘଟଣା ସ୍ଥଳକୁ ଯାଇ ଶୁକ୍ରବାର ଚାଷୀଙ୍କ ସମସ୍ୟା ପଚାରି ବୁଝିଛନ୍ତି।

ବିଶ୍ୱାଳ କହିଛନ୍ତି ଯେ, ପାଣ୍ଡେରିପଡା ସେବା ସମବାୟ ସମିତିରୁ ନିର୍ବାଚିତ ହୋଇ ଲୋକନାଥ ସାହୁ କେନ୍ଦ୍ର ସମବାୟ ବ୍ୟାଙ୍କର ସଭାପତି ହୋଇଛନ୍ତି। ଏହାସତ୍ତ୍ୱେ ତାଙ୍କ ନିଜ ସମବାୟ ସମିତିରେ ଧାନ କିଣା ହୋଇପାରୁନାହିଁ ଏବଂ ମଣ୍ଡିରେ ତାଲା ପଡିଛି। ଧାନକିଣାରେ ଦେଖାଦେଇଥିବା ଦୁର୍ନୀତି ଓ ଅନିୟମିତତାଗୁଡ଼ିକ ପ୍ରତିବାଦରେ ଆଗାମୀ ଦିନରେ ନୟାଗଡ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦିଆଯିବ ବୋଲି ବିଶ୍ୱାଳ ଚେତାବନୀ ଦେଇଛନ୍ତି।

# କୋରୁଆ ହାଇସ୍କୁଲ ନିକଟରୁ ହରିଣ ଉଦ୍ଧାର

**ପାଟକୁରା, ୧୩।୩ (ଡି.ଏନ୍.ଏ.)**

କେନ୍ଦ୍ରାପଡା ଜିଲା ଗରଦପୁର ବ୍ଲକ ସାନଅଢଙ୍ଗା ଗ୍ରାମ ପଞ୍ଚାୟତର କୋରୁଆ ହାଇସ୍କୁଲ ନିକଟରୁ ଶୁକ୍ରବାର ଅପରାହ୍ନରେ ଗୋଟିଏ ହରିଣ ଉଦ୍ଧାର କରାଯାଇଛି। ଜଙ୍ଗଲ ନ ଥିବା ଅଞ୍ଚଳରେ ହଠାତ୍ ହରିଣକୁ ଦେଖି ସ୍ଥାନୀୟ ଲୋକଙ୍କ ମଧ୍ୟରେ ଉତ୍ସାହ ବଢି ଯାଇଥିଲା। ସେମାନେ ପିଛା କରିବାରୁ ହରିଣ ଏପଟ ସେପଟ କୁଦା ମାରିଥିଲା। ଶେଷରେ ଲୋକେ ହରିଣକୁ ଧରିଥିଲେ। ଖବର ପାଇ ଗରଦପୁର ପ୍ରାଣୀଧନ ବିଭାଗର ଚିକିତ୍ସକ ଡ. ସଞ୍ଜୟ କୁମାର ବେହେରା ଘଟଣାସ୍ଥଳରେ ପହଞ୍ଚି ହରିଣର ଚିକିତ୍ସା କରିଥିଲେ। ପରେ କେନ୍ଦ୍ରାପଡା ବନବିଭାଗର କର୍ମଚାରୀମାନେ ଆସି ହରିଣକୁ ନିଜ ହେପାଜତକୁ ନେଇ ଯାଇଥିଲେ। ପରିବେଶରେ ଅସନ୍ତୁଳନ ଓ ଅବାଧ ଗଛକଟା ଯୋଗୁ ହରିଣମାନେ ଜଙ୍ଗଲ ଛାଡି ଗାଁ ଆଡ଼କୁ ମୁହାଁଉଛନ୍ତି। ଏଥିପ୍ରତି ବନବିଭାଗ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।


ଉଦ୍ଧାର ହୋଇଥିବା ହରିଣ।

## ପ୍ରଥମ ପୃଷ୍ଠାରୁ...

### 'କରୋନା' ରାଜ୍ୟ...

ବୋଲି ମୁଖ୍ୟମନ୍ତ୍ରୀ ଚେତାବନୀ ଦେଇଛନ୍ତି। କରୋନାର ଭୟାବହତାକୁ ନେଇ ମୁଖ୍ୟମନ୍ତ୍ରୀ ଉଦ୍‌ବେଗ ପ୍ରକାଶ କରିବା ସହ ଏହାର ମୁକାବିଲା ପାଇଁ ସମସ୍ତେ ସତର୍କ ରହିବାକୁ ପରାମର୍ଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ବିଶ୍ୱ ଇତିହାସରେ ବହୁ କମ ସମୟରେ ମାନବ ସମାଜ ଏଭଳି ଅପ୍ରତ୍ୟାସିତ ପ୍ରତିକୂଳ ପରିସ୍ଥିତିର ସମ୍ମୁଖୀନ ହୋଇଛି। ବିଜ୍ଞାନର ବିକାଶ ସମୟରେ ଏହି ରୋଗ ଅତ୍ୟନ୍ତ ବିରଳ ଭାବେ ଦେଖା ଦେଇଛି। ଗତ ୪୫ ଦିନ ଧରି ସମଗ୍ର ମାନବ ସମାଜ ଚଳିତ ଶତାବ୍ଦୀର ସବୁଠାରୁ ବଡ ଚ୍ୟାଲେଞ୍ଜକୁ ସମ୍ମୁଖୀନ ହେଉଛି। ଏହି ରୋଗ ବିକଶିତ, ଅଣ ବିକଶିତ, ଗଣତନ୍ତ୍ର କିମ୍ବା ଅଗଣତାନ୍ତ୍ରିକ ରାଷ୍ଟ୍ର ଦେଖେ ନାହିଁ। ଧନୀ କିମ୍ବା ଗରିବ ମଧ୍ୟରେ ପ୍ରଭେଦ କରେ ନାହିଁ। ସମସ୍ତେ ଏହି ରୋଗର ଶିକାର ହେଉଛନ୍ତି। ୟୁ.କେ. ସ୍ୱାସ୍ଥ୍ୟମନ୍ତ୍ରୀ, କାନାଡାର ପ୍ରଥମ ପରିବାର, ୟୁ.ଏସ, ସିନେଟର, ଇରାନ କ୍ୟାବିନେଟର ଅଧା ସଦସ୍ୟ, ବହୁ ସିନେ ତାରକା, କ୍ରୀଡାବିତ୍‌ଙ୍କୁ ମଧ୍ୟ ଏହି ଭୂତାଣୁ ଆକ୍ରାନ୍ତ କଲାଣି। ଏହି ଅସାଧାରଣ ପରିସ୍ଥିତିକୁ ଅସାଧାରଣ ଭାବେ ମୁକାବିଲା କରିବାର ସମୟ ଆସିଛି। କେବଳ ସରକାର, ବ୍ୟକ୍ତି ବିଶେଷ ଦ୍ୱାରା ଏହାର ମୁକାବିଲା କରାଯାଇ ପାରିବ ନାହିଁ। କୌଣସି ଔଷଧ ନ ଥିବାରୁ ଏହି ମହାମାରୀ ବ୍ୟାପିବାକୁ ନ ଦେବା ଲାଗି ଆମେ ରାଜ୍ୟବାସୀ ମିଳିତ ଭାବେ ଜରୁରୀକାଳୀନ ପରିସ୍ଥିତି ଭାବେ କାର୍ଯ୍ୟ କରିବାକୁ ପଡିବ।

ସ୍ୱାସ୍ଥ୍ୟ ବିଭାଗ, ଜିଲାପାଳ ଏବଂ ମହାନଗର ନିଗମ କମିଶନରମାନେ ଏଥିପାଇଁ ଆବଶ୍ୟକ ଜରୁରୀ ଔଷଧ କ୍ରୟ କରିବା ସହ ଅନ୍ୟାନ୍ୟ ଜରୁରୀ ପଦକ୍ଷେପ ନେବାକୁ ଅନୁମତି ଦିଆଯାଇଛି। ରୋଗର ପ୍ରତିକାର ସ୍ୱରୂପ ବିଭିନ୍ନ ସଭାସମିତି, ମେଳା ମହୋତ୍ସବ ଆଦିକୁ ରୋକିବା ପାଇଁ କେତେକ ଅଧିକାରୀଙ୍କୁ ଏପିଡେମିକ ଡିଜଜ ଆକ୍ଟ ୧୮୫୭ ଏବଂ ଭାରତୀୟ ପିଙ୍ଗଳ କୋର୍ଡ ୧୯୭୩ ଅନୁଯାୟୀ ଦାୟିତ୍ୱ ଦିଆଯାଇଛି। ଏହାଛଡା ମନ୍ତ୍ରୀମାନଙ୍କୁ ନେଇ ଏକ ଦଳ ଗଠନ କରାଯିବା ସହ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରାଯାଇଛି। କୋଭିଡ-୧୯ ଓଡିଶା ରେଗୁଲେଶନ-୨୦୨୦କୁ ମଧ୍ୟ ରାଜ୍ୟକ୍ୟାବିନେଟରେ ଅନୁମୋଦନ କରାଯାଇଛି। ଏହି ରୋଗର ପ୍ରତିକାର ପାଇଁ କଣ କରିବାକୁ ପଡିବ ଓ କଣ ନ କରିବାକୁ ପଡିବ ସେ କଥା ଚାଇନା, ସିଙ୍ଗାପୁର ଏବଂ ଇଟାଲିରୁ ଆମକୁ ଅନୁଭୂତି ମିଳିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସମଗ୍ର ବିଶ୍ୱ ଏହି ମହାମାରୀ ସହିତ ଲଢୁଛନ୍ତି। ଏହି ମହାବିପତ୍ତି ବେଳେ ରାଜ୍ୟର ସାଢେ ଚାରିକୋଟି ଲୋକଙ୍କୁ ମିଳିତ ଭାବେ କାମ କରିବାକୁ ପଡିବ। ଏହି ରୋଗର ପ୍ରଭାବକୁ କମ କରିବାକୁ ଆମ ସମସ୍ତଙ୍କୁ ଦୂରେଇ ରହିବାକୁ ହେବ। ଆମ ପରିବାର ଏବଂ ଆମ ଗୋଷ୍ଠୀ ପାଇଁ କାମ କରିବା ପ୍ରତ୍ୟେକଙ୍କର ଦାୟିତ୍ୱ ହେବା ଉଚିତ। ସମସ୍ତଙ୍କ ସହଯୋଗରେ ଏହି ମହାମାରୀକୁ ମୁକାବିଲା କରିବାରେ ଓଡିଶା ସଫଳ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

### ଭାରତରେ ଦ୍ୱିତୀୟ ମୃତ୍ୟୁ ...

ଏଥିସହ ତାଙ୍କର ମଧୁମେହ ଓ ଉଚ୍ଚ ରକ୍ତଚାପ ଥିଲା ବୋଲି ହସ୍ପିଟାଲ କର୍ତ୍ତୃପକ୍ଷ କହିଛନ୍ତି। ତାଙ୍କର କରୋନାରେ ମୃତ୍ୟୁ ହୋଇଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଓ ଦିଲ୍ଲୀ ସରକାରଙ୍କ ପକ୍ଷରୁ ସ୍ପଷ୍ଟ କରାଯାଇଛି। ମହିଳାଙ୍କ ପୁଅ ଗତ ମାସରେ ସ୍ୱିଜରଲାଣ୍ଡ ଓ ଇଟାଲୀ ଗସ୍ତରେ ଯାଇଥିଲେ। ସେ ଫେବୃୟାରୀ ୨୩ରେ ଭାରତ ଫେରିଥିଲେ। ତାଙ୍କଠାରୁ ମହିଳାଙ୍କୁ ଭୂତାଣୁ ସଂକ୍ରମଣ ହୋଇଥିବା କୁହାଯାଉଛି। ଉଭୟ ମାଆ ପୁଅଙ୍କୁ ଜ୍ୱର ଓ କାଶ ହେବାରୁ ସେମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ମାର୍ଚ୍ଚ ୮ରେ ମହିଳାଙ୍କ ସ୍ୱାବ୍ ନମୁନା ପରୀକ୍ଷା ପାଇଁ ପଠାଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଆର୍‌ଏମ୍‌ଏଲ ହସ୍ପିଟାଲ୍‌ର ଇଣ୍ଟେନ୍‌ସିଭ କେୟାର ୟୁନିଟ୍‌କୁ ସ୍ଥାନାନ୍ତର କରାଯାଇଥିଲା। ୯ ତାରିଖରୁ ତାଙ୍କୁ ଭେଣ୍ଟିଲେଟର ସପୋର୍ଟରେ ରଖାଯାଇଥିଲା। ସୂଚନାଯୋଗ୍ୟ କର୍ଣ୍ଣାଟକର ବୃଦ୍ଧ ଜଣକ କରୋନା ସଂକ୍ରମିତ ଥିବା ସ୍ୱାବ୍ ନମୁନା ପରୀକ୍ଷା ପରେ ଗୁରୁବାର ସ୍ପଷ୍ଟ ହୋଇଥିଲା। ସେ କିଛିଦିନ ପୂର୍ବରୁ ସୌଦି ଆରବରୁ ଫେରିଥିଲେ। ତାଙ୍କ ସଂସ୍ପର୍ଶରେ ଆସିଥିବା ୩୪ ଜଣଙ୍କୁ ଏବେ କ୍ୱାରାଣ୍ଟାଇନରେ ରଖାଯାଇଛି। ଭାରତରେ କରୋନା ସଂକ୍ରମିତଙ୍କ ସଂଖ୍ୟା ୮୨ରେ ପହଞ୍ଚିଥିବାବେଳେ ଦିଲ୍ଲୀରେ ରୋଗୀ ସଂଖ୍ୟା ୭କୁ ବୃଦ୍ଧି ପାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**

ଆଜି ବିଶାଖା ନକ୍ଷତ୍ରସ୍ଥ ଚନ୍ଦ୍ର ସ୍ୱାସ୍ଥ୍ୟସମସ୍ୟା ଓ ପଡ଼ୋଶୀ ସହ ବିବାଦର କାରଣ ହେବ। କର୍ମକ୍ଷେତ୍ରରେ ବହୁ ଦିନରୁ ଅଟକି ରହିଯାଇଥିବା ସବୁ କାମ ସୁବିଧାରେ ହୋଇଯିବ। ପରିସ୍ଥିତି ପ୍ରତି ଦୃଷ୍ଟି ରଖି କାମ ନ କଲେ ପରୋକ୍ଷ ଶତ୍ରୁତା ସାମୟିକ ବାଧା ସୃଷ୍ଟି କରିପାରେ। ଶିଳ୍ପ, ବାଣିଜ୍ୟ ଓ ପରିବହନରେ ଶିଥିଳତା ଦେଖାଦେବା ସୂଚନା ରହିଛି।

**ବୃଷ**

ମଙ୍ଗଳଙ୍କ ଦ୍ୱାରା ବିପରୀତ ରାଜଯୋଗ ଜମିଜମା ବିବାଦର ଅବସାନ ଘଟାଇବାରେ ସାହାଯ୍ୟ କରିବ। କର୍ମକ୍ଷେତ୍ରରେ ବାରମ୍ବାର ଚେଷ୍ଟାକରି ମଧ୍ୟ ଅସଫଳତା ହେତୁ ସହକର୍ମୀଙ୍କୁ ସନ୍ଦେହ କରିପାରନ୍ତି। ପରିବାରରେ ସମ୍ପତ୍ତିକୁ କେନ୍ଦ୍ରକରି ମତପାର୍ଥକ୍ୟ ଓ କଳହ ଦେଖା ଦେଇପାରେ। ନିର୍ମାଣାଧୀନ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିବ।

**ମିଥୁନ**

ଲାଭ ସ୍ଥାନରେ ଶୁକ୍ର ବିଳାସ ଉପକରଣ ପ୍ରଦାନ କରିବ। କିନ୍ତୁ ଆରଦ୍ରା ନକ୍ଷତ୍ରର ସାଧାରଣ ଘଟଣାରେ ଝଗଡ଼ା ଲାଗି ମାନସିକ ସ୍ଥିତି ବିଗିଡ଼ିଯାଇପାରେ। ବାରମ୍ବାର କ୍ଷତିଗ୍ରସ୍ତ ହୋଇ ବ୍ୟବସାୟରେ କିଛି ନୂତନ ପଦକ୍ଷେପ ନେବା ସକାଶେ ଚିନ୍ତା କରିବେ। ଶିଳ୍ପ, ବାଣିଜ୍ୟ,ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ।

**କର୍କଟ**

ବୃହସ୍ପତି ଦୃଷ୍ଟ ଶୁକ୍ର କର୍ମାରମ୍ଭରେ ଆନନ୍ଦ ଓ ଶେଷ ପର୍ଯ୍ୟାୟରେ କଳହର କାରଣ ହୋଇପାରନ୍ତି। ଅଶ୍ଳେଷା ନକ୍ଷତ୍ର ଦୂରଯାତ୍ରା ଓ ବନ୍ଧୁମିଳନରୁ ସାମୟିକ ଆନନ୍ଦ ଅନୁଭବ କରିବେ। ଦୀର୍ଘଦିନର ଆଶା ଫଳବତୀ ହେବ କିନ୍ତୁ ଏଥି ସକାଶେ ଆପଣଙ୍କୁ କିଛି ଖର୍ଚ୍ଚାନ୍ତ ହେବାକୁ ପଡ଼ିପାରେ। ପାରିବାରିକ ସ୍ଥିତିରେ ଆଂଶିକ ଉନ୍ନତି ଦେଖାଦେବ।

**ସିଂହ**

ଭାଗ୍ୟଭାବରେ ଶୁକ୍ର ଓ ଚନ୍ଦ୍ରଙ୍କ ଦୃଷ୍ଟି ବିନିମୟ ବନ୍ଧୁ ଓ ଆତ୍ମୀୟମାନଙ୍କ ସାହାଯ୍ୟ, ସହଯୋଗ ପାଇଁ ବାଟ ଫିଟାଇବ। ଫଳତଃ ଦୀର୍ଘଦିନର ସୁଚିନ୍ତିତ ଯୋଜନାକୁ ବାସ୍ତବରୂପ ଦେବା ଦିଗରେ ଚେଷ୍ଟାକରି ସଫଳ ହେବେ। ପାରିବାରିକ କ୍ଷେତ୍ରରେ ବିଭିନ୍ନ ସମସ୍ୟା ଲାଗି ରହିଥିଲେ ମଧ୍ୟ କାମ ଅଟକିବ ନାହିଁ। କିନ୍ତୁ ବନ୍ଧୁଗହଣରେ ବିରୋଧୀ ହୋଇପାରନ୍ତି।

**କନ୍ୟା**

ଦ୍ୱିତୀୟରେ ଚନ୍ଦ୍ର ଥିବାରୁ ଆକର୍ଷଣୀୟ, ମନଲୋଭା କଥା କହି ବନ୍ଧୁଙ୍କ ମନ ଜିଣିପାରନ୍ତି। ଆର୍ଥିକ ସ୍ଥିତି, ପାରିବାରିକ ପରିସ୍ଥିତି, ହିତୈଷୀଙ୍କ ସହଯୋଗରୁ ସମସ୍ୟାମୁକ୍ତ ରହିବ। କଳା, ସଙ୍ଗୀତ, କ୍ରୀଡ଼ା, ଚଳଚ୍ଚିତ୍ର ଓ ସାହିତ୍ୟ,ସାମ୍ବାଦିକତାରେ ପ୍ରଶଂସିତ ହେବେ। କର୍ମକ୍ଷେତ୍ରରେ ସହମତିରେ କାମକଲେ ସଫଳତା ପାଇପାରନ୍ତି।

**ତୁଳା**

ରାଶି ପ୍ରତି ଶୁକ୍ରଙ୍କ ପୂର୍ଣ୍ଣଦୃଷ୍ଟିରୁ ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣାଧୀନ ରହିବା ହେତୁ ସାମୟିକ ଖୁସି ଅନୁଭବ କରିବେ। ନିଜ ପରିସରର ବ୍ୟକ୍ତିବିଶେଷଙ୍କ ସାହାଯ୍ୟ, ସହଯୋଗରେ ଚେଷ୍ଟା କରୁଥିବା ଆନୁଷ୍ଠାନିକ କାର୍ଯ୍ୟରେ ସଫଳତା ମିଳିବ। ଚିତ୍ରା ନକ୍ଷତ୍ର ପରକଥାରେ ପଡ଼ି କିମ୍ବା ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି।

**ବିଛା**

ପାପଯୁକ୍ତ ବୃହସ୍ପତି ଯୋଗୁ ବାରମ୍ବାର ନିଷ୍ପତ୍ତି ବଦଳାଇ ହରଡ଼ଘଣାରେ ପଡ଼ିପାରନ୍ତି। ସ୍ୱାସ୍ଥ୍ୟହାନି କାରଣରୁ କୌଣସି କାମକୁ ଦୃଢ଼ତାର ସହ କରିବାକୁ ପଶ୍ଚାତ୍‌ପଦ ହେବା ସୂଚନା ରହିଛି। ବିବାଦୀୟ ସ୍ଥିତିର ସମସ୍ୟା ସମାଧାନ ହେତୁକ ଆଶ୍ୱସ୍ତି ଅନୁଭବ କରିବେ। ଗତ ସମୟରେ ଅନ୍ୟମନସ୍କତା କାରଣରୁ କେତେକ ଭୁଲ୍ କରିପାରନ୍ତି।

**ଧନୁ**

ଚନ୍ଦ୍ର ଓ ଶୁକ୍ରଙ୍କ ଶୁଭସଂସ୍ଥାନରୁ ଆପଣଙ୍କୁ କୌଣସି କାମରେ ନିରାଶ ହେବାକୁ ପଡ଼ିବ ନାହିଁ। ସ୍ୱାସ୍ଥ୍ୟ ସମସ୍ୟା ଲାଗି ରହିବା କାରଣରୁ ମାନସିକ ଅବସାଦ ଯୋଗୁ କୌଣସି କାମ ଉତ୍ସାହପ୍ରଦ ନ ହୋଇପାରେ। ପରିବହନକୁ କେନ୍ଦ୍ରକରି ସୃଷ୍ଟି ହୋଇଥିବା ସମସ୍ୟାର ସମାଧାନ ହୋଇଯିବାରେ ସ୍ଥାନୀୟ ଲୋକେ ସହଯୋଗ କରିବେ।

**ମକର**

ଆଜିର ଗ୍ରହ ସ୍ଥିତି ଆପଣଙ୍କ ସମସ୍ତ ଆଶା ଓ ଅଭିଳାଷ ପୂରଣ କରିବାରେ ସହାୟକ ହେବ। ଧନିଷ୍ଠା ନକ୍ଷତ୍ର ସକାଶେ ଆକସ୍ମିକ ଭାବରେ ବିଭିନ୍ନ ପ୍ରକାର ମିଥ୍ୟା ଅଭିଯୋଗ ଆସିପାରେ। ପରିବାରରେ ଭୁଲ୍ ବୁଝାମଣାରୁ ଅଶାନ୍ତିକର ପରିବେଶ ଅଳ୍ପ ସମୟ ପରେ ଦୂରୀଭୂତ ହୋଇଯିବ। ପରୋପକାର ମନୋଭାବରୁ ସାମାଜିକ ସ୍ତରରେ ପ୍ରଶଂସିତ ହେବେ।

**କୁମ୍ଭ**

ପ୍ରଭାବଶାଳୀ ବ୍ୟକ୍ତିଙ୍କ ସାହାଯ୍ୟ ଓ ସହାୟତାରୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟସାଧନ କରିପାରିବେ। ଶତଭିଷା ନକ୍ଷତ୍ର କିନ୍ତୁ କର୍ମକ୍ଷେତ୍ର ପ୍ରତି ଉଦାସୀନ ହେବେ,ଯଦ୍ଦ୍ୱାରା କେତେକ କଟୂକ୍ତି ଶୁଣିବାକୁ ପଡ଼ିପାରେ। ସାମାଜିକ ସ୍ତରରେ ନୀଚ ମନୋଭାବର ବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇପାରନ୍ତି। ଭ୍ରମଣ ସୁଯୋଗ ଜୁଟିପାରେ।

**ମୀନ**

ଧନଭାବରେ ଶୁକ୍ର ଓ ଏକାଦଶରେ ଶନି ଆପଣଙ୍କୁ ଅର୍ଥ ଓ ସମ୍ମାନ ଦାନ ସହ କାର୍ଯ୍ୟସିଦ୍ଧି ପାଇଁ ଅନୁକୂଳ ବାତାବରଣ ସୃଷ୍ଟିକରିବେ। ବନ୍ଧୁମାନଙ୍କ ପରାମର୍ଶ ଅନୁସାରେ ପାରିବାରିକ ସମସ୍ୟା ସମାଧାନ ଦିଗରେ ଚେଷ୍ଟା କରିପାରନ୍ତି। ନିଜ ଲୋକମାନଙ୍କ ଈର୍ଷାପରାୟଣତା କାରଣରୁ ହଠାତ୍ ବିରୋଧୀ ପକ୍ଷ ସକ୍ରିୟ ହୋଇଉଠିବେ।

ଆଜି ମୀନ ସଂକ୍ରାନ୍ତି, ଚୈତ୍ର କୃଷ୍ଣପକ୍ଷର ସ୍କନ୍ଦଷଷ୍ଠୀ ଶନିବାର, ମାର୍ଚ୍ଚ ୧୪ ତାରିଖ, ରାଶି ନକ୍ଷତ୍ର-ବିଶାଖା/ବିଛା, ଦିବା ଘ ୧।୨୪ମି. ପରେ ଅନୁରାଧା ନକ୍ଷତ୍ର, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ ୯।୫୭ମି. ଗତେ ଘ ୧।୦୭ମି. ମଧ୍ୟେ ଅମୃତବେଳା। ସକାଳ ଘ ୭।୨୭ମି. ଗତେ ଘ ୮।୫୩ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ ୮।୫୭ମି. ଗତେ ଘ ୧୦।୨୬ମି. ମଧ୍ୟେ ରାହୁକାଳ।


## classifieds Everyday 0674-2580101, 2549302




**SALE**

Hyundai Elantra, Volkswagen Vento, Pajero Sports, Indica, Skoda Superb, Toyota Corolla Altis. Car sale/ purchase and finance- 7077731532, 7381091234. D-68498




**SALE**

A double storeyd EB-house for sale in Badagada Brit Colony. Contact: 9348133423, 8637253857. D-59946

ଘରବାରି ପ୍ଲଟ ବିକ୍ରି ପାଇଁ ଜଗନ୍ନାଥ ମନ୍ଦିର ପୁରୀ ପାଖରେ ପଜେସନ୍ ସହିତ ମାତ୍ର ୬୫୦/ sqft. ମେଗା ସ୍କିମ୍‌ରେ ଆଉଟ୍‌ରେଟ୍/ଇନ୍‌ଷ୍ଟାଲମେଣ୍ଟ ସହିତ। ଯୋଗାଯୋଗ: 9090251001, 9778422710. D-17120

ଭୁବନେଶ୍ୱର Gudiapokhari ଏବଂ KEC ଠାରେ ଅଗ୍ରିମ boundarywall, 30ft. road ଏବଂ ବାସଉପଯୋଗୀ plot ଦିଆଯାଉଅଛି sqft. 650/-, 7008045582, 9692003948. D-17117

**2 Acres land for sale at Puri near Gundicha Temple at very low cost own land for sale. Contact: 9040085851, 9090251001.** D-17121

ଶାଳଗାଁ ଷ୍ଟେସନ୍ ପାଖରେ 5,50,000ରେ ପ୍ଲଟ୍ ମିଳୁଛି। 8908492594 (ନଗଦ/କିସ୍ତି) D-17082

**Holi Offer:- Book ready to move 2BHK/ 3BHK flats with all amenities @ "The Landmark" apartment from Bhubaneswar. It is the best right side Sundarpada location project. Basic price per sqft. is 2800/- for top floor & other floor is 3,000/-. Holi discount 50,000/- for 3BHK & 30,000/- for 2BHK. 9938569014, 9861433014.** D-17003

ଭୁବନେଶ୍ୱର Sum Hospital, IIIT, Birla University ନିକଟ କାଟେଣୀରେ gharabari boundary Patta plot-499/-, 7077730754. D-69103

**ଭୁବନେଶ୍ୱର Tamandoରେ 30'ରାସ୍ତା ଥାଇ/ C.V Raman NHକୁ ଲାଗି ପ୍ଲଟ୍ କିଣନ୍ତୁ 9348767829.** D-68499

Booking 2BHK simplex Eastfacing Tankapani Road Sai temple 1200sqft. land, furnished house cost 31,50,000/- Finance available. 7735738102. D-17104

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

ବାଲିଅନ୍ତା ପାଖରେ ସଙ୍ଗେ ସଙ୍ଗେ ଘରକଲା ଭଳି ଘରବାରି ବାଉଣ୍ଡରି, ଇଲେକ୍ଟ୍ରି ସୁବିଧା ଥାଇ ପ୍ଲଟ୍ ମିଳୁଅଛି। **9437166686, 7609956035.** D-68487

Ready to move 2BHK/ 3BHK flats for sales Damana Square/ Patia/ Raghunathpur/ Patharagadia. 7008346486. D-69250

**2/3BHK ready to move premium duplex and flats at DHPL Sahoo Residency near Mancheswar Railway Station. Contact: 9937059891, 8908292617.** D-17044

BDA/Bank approved two/ three BHK flat for sale near Sanimandir patrapada Bhubaneswar 500 mtr from NH final finishing stage. One under roof parking free for booking on Holi festival. 9238326233, 9040072544. D-38569

**Flats for sale at DHPL Crystal Raghunathpur. Contact: 9937059891, 8908292617.** D-17043

SC house 23,00,000/- finishing Hanspal, Plots Atala, Bhingarpur- 8093465134, 9668194157. D-68679

**ଭୁବନେଶ୍ୱର ପାତ୍ରପଡା Amber ପଛପଟେ 30'Road ଘରବାରି ପ୍ଲଟ୍ ମିଳୁଅଛି। Direct owner. 6370292040.** D-69106

ଭୁବନେଶ୍ୱର ହଂସପାଳଠାରେ ତୁରନ୍ତ ଘରକଲାଭଳି ଘରବାରି **patta, boundary plot psqft. 1250/-, 750/-** ବିକ୍ରିହେବ। **9439270333.** D-69108

Contact for complete Interior Design and Simplex/Duplex/ Apartment House Construction from the experts. Call- 7008550473. D-17133

Gharabari plot sale Sundarpada near Hi-Tec Plaza sqft- 920/.9337766961, 9439364818. D-17132

**Gharabari plot immediately sale Saheed Nagar & Jharpada (near Puri bypass) Bhubaneswar. Contact: Deepak- 9937329999.** D-68075

Plot for sale near 2nd Infosys Road, Janla, Bhubaneswar. 3900 sqft. gharabari with boundary. Contact Owner. 9238699541. D-53650

**Booking 3 bedroom (apartment) well furnished Vastu based infront of SUM Hospital, Bhubaneswar, Contact: Deepak- 9937329999.** D-68074

**Ready to move house sale at Patia 1.20 Cr. and 2BHK flat at Sundarpada- 7504948142.** D-17131

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରୋ ରଙ୍ଗୀନ ଟ୪୨୦/-ରୋ (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




ହାଉସିଂବୋର୍ଡ କଲୋନୀ, ବଳିଆପଣ୍ଡା, ପୁରୀ (ପ୍ରାଚୀ ଛକ) ନିକଟରେ ଗ୍ରାଉଣ୍ଡ ଫ୍ଲୋର ଗୋଟିଏ ବେଡ୍‌ରୁମ୍, ବଡ ହଲ୍ ଥାଇ ଘର ଭଡ଼ା ଦିଆଯିବ। ଯୋଗାଯୋଗ: ୯୪୩୭୦୪୨୮୮୯ ଧ-୧୭୧୩୭

2BHK at Jagannath Vihar near Baramunda Housing Board Colony, Bhubaneswar. Rent- 11,000/-. Contact: 9861251257. D-67752




Relaxing body massage by trend lady, gents therapist. 8018656899. D-60880

Full body herbal massage with refreshment expert therapist. 7381239385, 06742540855. D-69243

Monalisa International Massage Club: All types full body massage with hiprofile smart lady therapist. 9708545108. D-17115

Experience full body massage with us (expert). Call: 7377048581, 06742597822. D-69244

Relaxing body massage by trend lady, gents therapist. 9861193818. D-60879

Herbal full body massage by smart / expert therapist. Contact: 8338067247. D-69245

Experience winter therapeutic Abhyanga massage feeling refreshing energetic: Appointment- 9668374480. D-69246

Body massage @ 1099 at mystic Unisex Salon and Spa. 9556978408. D-69248

Rejuvenate and Ayurvedic full body massage by smart therapist. 9114402304. D-69247

Ayurvedic refreshment massage therapy refresh mind and body. Appointment: 7894855541. D-69301

Golden SPA full body massage- Taringada, near Apolo Tyre, Paradeep. 7326978586, 7326975517. D-69251


### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ବନ୍ଦ

ଭୁବନେଶ୍ୱର,୧୩।୩(ବ୍ୟୁରୋ): କରୋନା ସଂକ୍ରମଣର ପ୍ରତିଷେଧକ ସ୍ୱରୂପ ଭୁବନେଶ୍ୱରସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଚଳିତ ମାସ ୩୧ ପର୍ଯ୍ୟନ୍ତ ବନ୍ଦ ରଖାଯାଇଛି। ଏ ନେଇ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ(ସିଏମ୍ଓ) ପକ୍ଷରୁ ଶୁକ୍ରବାର ଗଣମାଧ୍ୟମକୁ ଅବଗତ କରାଯାଇଛି। ହେଲେ ସାଧାରଣ ଜନତା ଅନ୍‌ଲାଇନ ଜରିଆରେ ନିଜ ନିଜର ଅଭିଯୋଗ ଦାଖଲ କରିପାରିବେ ବୋଲି କୁହାଯାଇଛି।

### ଏୟାର ଇଣ୍ଡିଆର ଧାର୍ଯ୍ୟ ବିଡିଂ ସୀମା ଘୁଞ୍ଚିଲା

**ନୂଆଦିଲ୍ଲୀ,୧୩।୩:** ଏୟାର ଇଣ୍ଡିଆର ୧୦୦% ଅଂଶଧନ ବିକ୍ରି ଲାଗି ସରକାର ଯୋଜନା ରଖିଥିଲେ। ଏଥିଲାଗି ବିଡ୍ ଦାଖଲ କରିବା ସୀମା ଚଳିତ ମାସ ୧୭ ରହିଥିବା ବେଳେ ଏହାକୁ ଆଗାମୀ ଏପ୍ରିଲ ୩୦ ଯାଏ ବଢ଼ାଇ ଦିଆଯାଇଛି। ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କ ଅଧକ୍ଷତାରେ ଆନ୍ତଃ ମନ୍ତ୍ରୀସ୍ତରୀୟ କମିଟି ଏକ୍ସପ୍ରେଶନ ଅଫ୍ ଇଣ୍ଟରେଷ୍ଟ(ଇଓଆଇ) ଦାଖଲ ସୀମାକୁ ବଢ଼ାଇ ଦିଆଯାଇଛି। କରୋନା ସ୍ଥିତିକୁ ନଜରରେ ରଖି ଆଗ୍ରହୀ ବିଡରଙ୍କ ଅନୁରୋଧ ରକ୍ଷା କରି ଏଭଳି ପଦକ୍ଷେପ ନିଆଯାଇଛି ବୋଲି ନିବେଶ ଏବଂ ରାଷ୍ଟ୍ରାୟତ୍ତ ସମ୍ପତ୍ତି ପରିଚାଳନା ବିଭାଗ ପକ୍ଷରୁ ସୂଚନା ରହିଛି।

### ସଚେତନତା ପାଇଁ ହେବ ଗ୍ରାମସଭା

**ଭୁବନେଶ୍ୱର, ୧୩।୩(ବ୍ୟୁରୋ):** ବିଶ୍ୱର ଅନେକ ଦେଶ କରୋନା ଭୂତାଣୁ (କୋଭିଡ୍-୧୯)ର ସଂକ୍ରମଣରେ ପ୍ରଭାବିତ ହୋଇଛି । ଏଥିରେ ଭାରତ ମଧ ସାମିଲ ହୋଇସାରିଛି। ଭାରତରେ କରୋନା ଭୂତାଣୁ ସଂକ୍ରମଣରେ ଦୁଇ ଜଣଙ୍କ ମୃତ୍ୟୁ ପରେ ଲୋକେ ଆତଙ୍କିତ। ଲୋକେ ଭୟଭୀତ ନ ହୋଇ ସତର୍କ ରହିବା ଜରୁରୀ ବୋଲି ସ୍ୱାସ୍ଥ୍ୟ ବିଭାଗ ପ୍ରମୁଖ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ କହିଛନ୍ତି। ଶୁକ୍ରବାର ସୂଚନା ଓ ଲୋକ ସମ୍ପର୍କ ବିଭାଗ ସମ୍ମିଳନୀ କକ୍ଷରେ ଖବରଦାତା ସମ୍ମିଳନୀରେ ସେ କହିଛନ୍ତି , କରୋନା ସଂକ୍ରମଣ ବର୍ତ୍ତମାନ ଗୋଟିଏ ଦେଶରୁ ଅନ୍ୟ ଦେଶକୁ ବ୍ୟାପୁଥିବାରୁ ଭାରତରୁ ବିଦେଶକୁ ଯିବା ବନ୍ଦ କରିଦିଆଯାଇଛି। ଓଡ଼ିଶା ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକା ଶାଳିନୀ ପଣ୍ଡିତ କହିଛନ୍ତି, ଗ୍ରାମାଞ୍ଚଳରେ ସଚେତନତା ସୃଷ୍ଟି ପାଇଁ ପରାମର୍ଶ ଦିଆଯାଇଛି। ପ୍ରତି ଗ୍ରାମରେ ଗ୍ରାମ ସଭା ସହ ଅଙ୍ଗନୱାଡ଼ି କର୍ମୀମାନଙ୍କୁ ସ୍ଥାନୀୟ ଲୋକଙ୍କୁ ସଚେତନ କରିବାକୁ କୁହାଯାଇଛି। ସୂଚନାଯୋଗ୍ୟ, ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୧୪୧ଜଣଙ୍କୁ କରୋନା ସନ୍ଦିଗ୍ଧ ଚିହ୍ନଟ କରଯାଇଛି। ସେମାନଙ୍କ ମଧ୍ୟରୁ ୧୬ଜଣଙ୍କୁ ବିଭିନ୍ନ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୯ଜଣଙ୍କୁ ଡିସ୍‌ଚାର୍ଜ କରାଯାଇସାରିଛି। ୧୨୫ଜଣ ହୋମ୍ କ୍ୱାରେଣ୍ଟାଇନ୍‌ରେ ଥିଲେ। ସେମାନଙ୍କ ମଧ୍ୟରୁ ୧୦୦ଜଣଙ୍କ ଚିକିତ୍ସା ସରିଛି। ବର୍ତ୍ତମାନ ସୁଦ୍ଧା ସଂଗୃହୀତ ୨୧ଟି ରକ୍ତ ନମୁନାରୁ ସମସ୍ତ ରିପୋର୍ଟ କରୋନା ନେଗେଟିଭ୍ ଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ହାତଧୋଇ ସଚେତନତାର ବାର୍ତ୍ତା




ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର, ଉପବାଚସ୍ପତି ରଜନୀକାନ୍ତ ସିଂ, ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଓ କଂଗ୍ରେସ ନେତା ନରସିଂହ ମିଶ୍ର ପ୍ରମୁଖ ହାତ ଧୋଇ ସଚେତନ କରୁଛନ୍ତି।

ଭୁବନେଶ୍ୱର,୧୩।୩(ବ୍ୟୁରୋ)

- କରୋନା ସଂକ୍ରମଣରୁ ସୁରକ୍ଷା ଚିନ୍ତା
- ସ୍ୱଚ୍ଛତା ଆପଣାଇବାକୁ ପରାମର୍ଶ
- ପ୍ରତିଷେଧକ ବ୍ୟବସ୍ଥାକୁ ଗୁରୁତ୍ୱ

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର, ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ(ସିଏମ୍ଓ)ର ଅଧିକାରୀ, ମନ୍ତ୍ରୀପରିଷଦର ସଦସ୍ୟ ଏବଂ ବିଧାୟକ ଗଣ ସମସ୍ତେ ଶୁକ୍ରବାର ଅପରାହ୍ନରେ ଓଡ଼ିଶା ବିଧାନସଭା ପରିସରରେ ଏକାଠି ହୋଇଥିଲେ। ହେଲେ ନା ହୋଇଥିଲା ବିତର୍କ ନା ରାଜନୈତିକ ବୟାନବାଜି। ପ୍ରସ୍ତୁତ ରହିଥିଲା ହାତ ଧୋଇବା ପାଇଁ ବେସିନ୍ ଆବଶ୍ୟକ ହ୍ୟାଣ୍ଡୱାଶ ଏବଂ ତଉଲିଆ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମେତ ଅନ୍ୟମାନେ ହ୍ୟାଣ୍ଡୱାଶ୍, ସାନିଟାଇଜର ବ୍ୟବହାର କରି ହାତ ଧୋଇଥିଲେ। ବାରମ୍ବାର ହାତ ଧୋଇବା ଦ୍ୱାରା କୋରନା ସଂକ୍ରମଣରୁ ରକ୍ଷା ପାଇ ହେବ। ମୁଖ୍ୟମନ୍ତ୍ରୀଙ୍କ ଏହି ବାର୍ତ୍ତାକୁ ସମସ୍ତେ ପାଳନ କରିଥିଲେ। ଏହାକୁ ନିଜ ନିଜ ନିର୍ବାଚନମଣ୍ଡଳୀ ପ୍ରୟୋଗ ସହ ସାଧାରଣ ଜନସାଧାରଣଙ୍କୁ ସଚେତନତା କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ରାଜ୍ୟରେ ପ୍ରଚଳିତ ସଂଘୀୟ ବ୍ୟବସ୍ଥାରେ ବିଧାନସଭା ଗଣତନ୍ତ୍ରର ମନ୍ଦିର ସଦୃଶ। ଏହିଠାରୁ ସ୍ୱଚ୍ଛତାର ବାର୍ତ୍ତା ରାଜ୍ୟବାସୀଙ୍କ ପ୍ରେରଣା ଦେବ ବୋଲି ସମସ୍ତେ ଆଶାବାଦୀ।

ଏହି ହାତଧୁଆ କାର୍ଯ୍ୟକ୍ରମ ପୂର୍ବରୁ ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ରଙ୍କ ଅଧ୍ୟକ୍ଷତାରେ ଏକ କରୋନା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ବୈଠକରେ ବାଚସ୍ପତି ପାତ୍ର କହିଥିଲେ ଯେ, ବର୍ତ୍ତମାନ ସାରା ପୃଥିବୀ କରୋନା ଭୂତାଣୁ (କୋଭିଡ-୧୯) ସଂକ୍ରମଣରେ କବଳିତ। ତେଣୁ ଏହାର ପ୍ରତିଷେଧକ ଆପଣାଇବା ନିହାତି ଜରୁରୀ। ପଡ଼ୋଶୀ ଚାଇନାରେ ମହାମାରୀରେ ପରିଣତ ହୋଇଥିବା ଏହି ଭୂତାଣୁ ଭାରତରେ ବ୍ୟାପିବାର ଯଥେଷ୍ଟ ସମ୍ଭାବନା ରହିଛି। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ପରାମର୍ଶକ୍ରମେ ଏହା ଯେପରି ନ ବ୍ୟାପେ, ସେଥିପ୍ରତି ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରାଯାଉଛି। ସେହି କ୍ରମରେ ଓଡ଼ିଶା ସରକାରଙ୍କ ପକ୍ଷରୁ ମଧ୍ୟ ବିଭିନ୍ନ କାର୍ଯ୍ୟକ୍ରମ ଗ୍ରହଣ କରାଯାଉଥିବା ବାଚସ୍ପତି କହିଥିଲେ। ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ କହିଥିଲେ ଯେ, ଅଦ୍ୟାବଧି ରାଜ୍ୟରେ କୌଣସି ସଂକ୍ରମଣ ଦେଖାଦେଇନାହିଁ। ରାଜ୍ୟ ସରକାର ଏହାର ପ୍ରତିରୋଧ ପାଇଁ ସମସ୍ତ ପଦକ୍ଷେପ ଗ୍ରହଣ କରିଥିବା ନବ କହିଥିଲେ। ସେହିଭଳି ସଭାରେ ଉପସ୍ଥିତ ଥିବା ମୁଖ୍ୟ ଶାସନ ସଚିବ ଅସିତ୍ ତ୍ରିପାଠୀ କହିଥିଲେ ଯେ, ସଂକ୍ରମିତଙ୍କ ସଂଖ୍ୟା ଗୁଣୋତ୍ତର ପ୍ରଗତିରେ ବୃଦ୍ଧି ଘଟୁଛି। ଏହି ସଂକ୍ରମଣର କୌଣସି ଔଷଧ ନ ଥିବାରୁ କେବଳ ସତର୍କତା ଅବଲମ୍ବନ ହିଁ ଏକମାତ୍ର ଉପାୟ ବୋଲି ତ୍ରିପାଠୀ କହିଥିଲେ। ସ୍ୱାସ୍ଥ୍ୟ ବିଭାଗ ପ୍ରମୁଖ ଶାସନ ସଚିବ ନିକୁଞ୍ଜ କିଶୋର ଧଳ କରୋନା ଭୂତାଣୁ ସମ୍ପର୍କିତ ଏକ ପାୱାରପଏଣ୍ଟ ଉପସ୍ଥାପନ କରିଥିଲେ। ନିକୁଞ୍ଜ କହିଥିଲେ ଯେ, ସାରା ପୃଥିବୀର ୧୨୦ ଦେଶ ଏ ଭୂତାଣୁ ଦ୍ୱାରା ସଂକ୍ରମିତ ହୋଇଛି। ସମସ୍ତଙ୍କ ମିଳିତ ପ୍ରଚେଷ୍ଟା ଓ ପ୍ରତିଷେଧମୂଳକ ପଦକ୍ଷେପ ଦ୍ୱାରା ଏହି ସଂକ୍ରମଣକୁ ପ୍ରତିହତ କରାଯାଇପାରିବ ବୋଲି ଧଳ କହିଥିଲେ।

# ଗୁଜବ ପ୍ରଚାର କଲେ ଅପରାଧ ବିବେଚନା ହେବ

**ଭୁବନେଶ୍ୱର, ୧୩।୩ (ବ୍ୟୁରୋ):** କରୋନା ଭୂତାଣୁ ସଂକ୍ରମଣକୁ ରୋକିବା ପାଇଁ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଗାଇଡଲାଇନ୍ ଜାରି ହୋଇଛି। ରାଜ୍ୟ ସରକାର କରୋନା ଭାଇରସ ଡିଜିଜ୍- ୨୦୧୯ ଅର୍ଥାତ୍ କୋଭିଡ଼-୧୯କୁ ରାଜ୍ୟ ବିପର୍ଯ୍ୟୟ ଘୋଷଣା କରି ମହାମାରୀ ଆଇନ୍ ୧୮୯୭ର ଧାରା ୨, ୩ ଓ ୪ ବଳରେ କେତେକ ନିୟମାବଳୀ ପ୍ରସ୍ତୁତ କରିଛନ୍ତି। ଯାହାକୁ 'ଓଡ଼ିଶା କୋଭିଡ଼-୧୯ ନିୟମାବଳୀ, ୨୦୨୦' ବୋଲି କୁହାଯାଉଛି। ଏହି ଅନୁସାରେ ସ୍ୱାସ୍ଥ୍ୟ ଓ ଜନସ୍ୱାସ୍ଥ୍ୟ ବିଭାଗର ନିର୍ଦ୍ଦେଶକ, ଡିଏମ୍‌ଇଟି, ସମସ୍ତ ଜିଲାପାଳ ଓ ମ୍ୟୁନିସିପାଲ କମିଶନରଙ୍କୁ କରୋନା ସଂକ୍ରମଣ ରୋକିବା ପାଇଁ ଅଧିକୃତ କରାଯାଇଛି। କରୋନା ସନ୍ଦିଗ୍ଧଙ୍କ ଚିହ୍ନଟ ପାଇଁ ସମସ୍ତ ସରକାରୀ ଓ ଘରୋଇ ହସ୍ପିଟାଲରେ ସ୍କ୍ରିନିଂର ସ୍ୱତନ୍ତ୍ର ସ୍ଥାନ ରହିବ। ସନ୍ଦିଗ୍ଧଙ୍କ ସ୍କ୍ରିନିଂ ସମୟରେ ସେମାନେ କୋଭିଡ-୧୯ ପ୍ରଭାବିତ ଦେଶକୁ ବୁଲିବାକୁ ଯାଇଥିଲେ ନା ନାହିଁ ହସ୍ପିଟାଲ କର୍ତ୍ତୃପକ୍ଷ ତା'ର ରେକର୍ଡ ରଖିବେ। ଏପରି କି କରୋନା ରୋଗୀ କିମ୍ବା ସନ୍ଦିଗ୍ଧ କାହା ସଂସ୍ପର୍ଶରେ ଆସିଛନ୍ତି ସେମାନଙ୍କ ବାବଦରେ ତଥ୍ୟ ରଖାଯିବ। ଗତ ୧୪ ଦିନ ଭିତରେ ପ୍ରଭାବିତ ଦେଶକୁ ଗସ୍ତ କରିଥିଲେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ୧୪ ଦିନ ପାଇଁ ସ୍ୱତନ୍ତ୍ର ନିରୀକ୍ଷଣରେ ଅଲଗା ଭାବେ ରଖାଯିବ। ସନ୍ଦିଗ୍ଧଙ୍କଠାରେ କୋଭିଡ଼-୧୯ର କୌଣସି ଲକ୍ଷଣ ଦେଖାଗଲେ ତାଙ୍କୁ ହସ୍ପିଟାଲରେ ନିରୀକ୍ଷଣରେ ରଖାଯିବ। ଘଟଣାର ସୂଚନା ତୁରନ୍ତ ସମନ୍ୱିତ ରୋଗ ନିରୀକ୍ଷଣ କେନ୍ଦ୍ର, ଜିଲାପାଳ କିମ୍ବା ମ୍ୟୁନିସିପାଲ କମିଶନରଙ୍କୁ ଦିଆଯିବ।

ସେହିପରି କରୋନା ସମ୍ବନ୍ଧରେ ଗୁଜବ ରୋକିବା ପାଇଁ ଉକ୍ତ ନିୟମାବଳୀ କଠୋର କରାଯାଇଛି। କୌଣସି ବ୍ୟକ୍ତି, ଅନୁଷ୍ଠାନ ବା ସଂସ୍ଥା ଦ୍ୱାରା କରୋନା ଭାଇରସ ସଂକ୍ରାନ୍ତରେ ତ୍ରୁଟିପୂର୍ଣ୍ଣ ସୂଚନାକୁ ଛାପା, ବୈଦ୍ୟୁତିକ କିମ୍ବା ସାମାଜିକ ଗଣମାଧ୍ୟମରେ ପ୍ରଚାର କରିପାରିବେ ନାହିଁ, ଯେପର୍ଯ୍ୟନ୍ତ ସେହି ତଥ୍ୟ ଜିଲାପାଳ କିମ୍ବା ସ୍ୱାସ୍ଥ୍ୟ ନିର୍ଦ୍ଦେଶକଙ୍କ ଦ୍ୱାରା ଅନୁମୋଦିତ ନ ହୋଇଛି। ଯଦି ଏଭଳି ଅପପ୍ରଚାର କରୁଥିବାର ପ୍ରମାଣ ମିଳେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ମାମଲା ରୁଜୁ ହେବ। କରୋନା ମୁକାବିଲାକୁ ସରକାରୀ ନିୟନ୍ତ୍ରଣରେ ରଖିବା ପାଇଁ ଆଉ କେତେକ କଟକଣା ଲଗାଯାଇଛି। ଘରୋଇ ଲାବୋରାଟୋରିଗୁଡ଼ିକ କୋଭିଡ଼-୧୯ର ପରୀକ୍ଷା କରିପାରିବେ ନାହିଁ। କେବଳ ସରକାରୀ ଆଇଡିଏସ୍‌ପି ୟୁନିଟ୍ ଜରିଆରେ ନମୁନା ପରୀକ୍ଷା ପାଇଁ ପଠାଇବେ। ଗତ ୧୪ ଦିନ ଭିତରେ କରୋନା ପ୍ରଭାବିତ ଅଞ୍ଚଳକୁ ଗସ୍ତ କରିଥିଲେ ସ୍ୱେଚ୍ଛାକୃତ ଭାବେ ଜଣାଇବାକୁ କୁହାଯାଇଛି। ରାଜ୍ୟ କଣ୍ଟ୍ରୋଲ ରୁମ୍ ନମ୍ବର ୦୬୭୪- ୨୩୯୦୪୬୬ରେ ଫୋନ କରି ଜଣାଇପାରିବେ। କୌଣସି ଲୋକଙ୍କଠାରେ କରୋନା ଲକ୍ଷଣ ଦେଖାଗଲେ ଅଧିକୃତ ଅଧିକାରୀ ତାଙ୍କୁ ସ୍ୱତନ୍ତ୍ର ଭାବେ ରଖାଇପାରିବେ। ନିର୍ଦ୍ଦିଷ୍ଟ ଅଞ୍ଚଳରେ ସନ୍ଦିଗ୍ଧ ଚିହ୍ନଟ ହେଲେ ସେଠାକୁ ପ୍ରବେଶ ଓ ପ୍ରସ୍ଥାନ ଉପରେ କଟକଣା ଲଗାଇ ପାରିବେ। ସନ୍ଦିଗ୍ଧ ରୋଗୀ ଓ ତାଙ୍କ ସଂସ୍ପର୍ଶରେ ଆସିଥିବା ବ୍ୟକ୍ତିଙ୍କୁ ଚାହିଁଲେ ସ୍ୱତନ୍ତ୍ର ଭାବେ ଏକୁଟିଆ ରଖାଇ ପାରିବେ। ଏସବୁ ନିୟମାବଳୀ ନ ମାନିଲେ ଦଣ୍ଡନୀୟ ଅପରାଧ ବୋଲି ବିଚାର କରାଯିବ। ଭାରତୀୟ ଦଣ୍ଡବିଧି ଆଇନର ଧାରା ୧୮୮ ଅନୁସାରେ ଉଲ୍ଲଂଘନକାରୀଙ୍କ ଉପରେ ଅଧିକୃତ ଅଧିକାରୀ ଜରିମାନା କରିପାରିବେ।

# ଫେସ୍‌ବୁକ ଷ୍ଟାଟସରେ କରୋନା ଗୁଜବ

ରାୟଗଡ଼ା ଅଫିସ,୧୩।୩

ସୋସିଆଲ ମିଡିଆରେ କରୋନା ଭାଇରସ ସମ୍ପର୍କିତ ମିଥ୍ୟା ଖବର ପ୍ରଚାର କରିବା ଅଭିଯୋଗରେ ଶୁକ୍ରବାର ଜଣଙ୍କୁ ଗିରଫ କରିଛି ରାୟଗଡ଼ା ପୋଲିସ। ଅଭିଯୁକ୍ତ ଜଣକ ହେଲେ କନ୍ଧମାଳ ଜିଲା ବାଲିଗୁଡ଼ା ବ୍ଲକ ନୂଆ ସାହିର ସତ୍ୟନାରାୟଣ ସାମଲ (୩୨)। ଗୁରୁବାର ଏକ ଖବରଦାତା ସମ୍ମିଳନୀରେ ରାୟଗଡ଼ା ଏସ୍‌ପି ଶ୍ରବଣ ବିବେକ ଏମ୍. ଏହି ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ, ସତ୍ୟନାରାୟଣ କିଛିଦିନ ହେବ ରାୟଗଡ଼ା ଜିଲା ମୁନିଗୁଡ଼ାରେ ରହିଆସୁଛନ୍ତି। କେରଳରୁ ଜଣେ କରୋନା ଆକ୍ରାନ୍ତ ବ୍ୟକ୍ତି ରାୟଗଡ଼ାକୁ ଆସିଛନ୍ତି ଓ ତାଙ୍କୁ ରାୟଗଡ଼ା ଜିଲା ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବା ନେଇ ନିଜ ଫେସ୍‌ବୁକ୍ ଷ୍ଟାଟସରେ ପୋଷ୍ଟ କରିଥିଲେ ସତ୍ୟନାରାୟଣ। ପୋଲିସ ପୋଷ୍ଟ ସମ୍ପର୍କରେ ତଦନ୍ତ କରି ଘଟଣାରେ କୌଣସି ସତ୍ୟତା ନ ଥିବା ଜାଣିବା ପରେ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଏନେଇ ମୁନିଗୁଡ଼ା ଥାନାରେ କେସ୍ ନଂ ୧୩/୨୦ରେ ଏକ ମାମଲା ରୁଜୁ କରାଯାଇଛି। ସୋସିଆଲ ମିଡିଆରେ କରୋନା ସମ୍ପର୍କରେ ଏଭଳି କୌଣସି ମିଥ୍ୟା ତଥ୍ୟ ପୋଷ୍ଟ କରି ଲୋକଙ୍କୁ ଭୟଭୀତ ନ କରିବା ପାଇଁ ରାୟଗଡ଼ା ଏସ୍‌ପି ପରାମର୍ଶ ଦେଇଛନ୍ତି।

**ମିଥ୍ୟା ପୋଷ୍ଟ କରି ଗିରଫ ହେଲେ ଯୁବକ**



# ବିଜେଡିର ଦଳୀୟ କାର୍ଯ୍ୟକ୍ରମ ସ୍ଥଗିତ

ଭୁବନେଶ୍ୱର,୧୩।୩(ବ୍ୟୁରୋ)

ରାଜ୍ୟ ବିଜୁ ଜନତା ଦଳ ପକ୍ଷରୁ ୧୦ ଦିନ ବ୍ୟାପୀ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ପାଳନ ନେଇ ପୂର୍ବରୁ ନିଷ୍ପତ୍ତି ହୋଇଥିଲା। ହେଲେ ଇତିମଧ୍ୟରେ ସାରା ବିଶ୍ୱକୁ କରୋନା ମହାମାରୀ କବଳିତ କରିବାରେ ଲାଗିଛି। ତେଣୁ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ପକ୍ଷରୁ ପ୍ରତିଷେଧକ ଏବଂ ସଚେତନତା କାର୍ଯ୍ୟକ୍ରମ ପାଇଁ ନିର୍ଦ୍ଦେଶନାମା ଜାରି କରାଯାଇଛି। ସାରା ବିଶ୍ୱରେ ସୃଷ୍ଟି ହୋଇଥିବା ଭୟାବହତାକୁ ନଜରରେ ରଖି ବିଜେଡି ଚଳିତ ମାସ ୩୧ ତାରିଖ ପର୍ଯ୍ୟନ୍ତ ନିଜର ସମସ୍ତ କାର୍ଯ୍ୟକ୍ରମକୁ ବାତିଲ କରିଛି। ସେହିପରି ରାଜ୍ୟ ସରକାର ମଧ୍ୟ ବିଭିନ୍ନ କାର୍ଯ୍ୟକ୍ରମକୁ ବନ୍ଦ କରିଛନ୍ତି। ଏହି ସମୟ ମଧ୍ୟରେ ଦଳ ପକ୍ଷରୁ ହେବାକୁ ଥିବା ଜୀବନ ବିନ୍ଦୁ ଏବଂ ବିଜେଡି ମହିଳା ସମାବେଶକୁ ବାତିଲ କରାଯାଇଥିବା ଜଣାପଡ଼ିଛି। ଦଳର ବରିଷ୍ଠ ବିଧାୟକ ଦେବୀ ପ୍ରସାଦ ମିଶ୍ର ଶୁକ୍ରବାର ଏହି ସୂଚନା ଦେଇଛନ୍ତି।



କରୋନା ସଂକ୍ରମଣ ଭୟ: ନ୍ୟୁୟର୍କରେ ଅପିଲ ଅଫ୍ କନ୍‌ସାଇନ୍ସ ଫାଉଣ୍ଡେଶନର ପ୍ରତିଷ୍ଠାତା ସଭାପତି ରବି ଆର୍ଥର ସେନିୟର (ବାମ) ଆର୍କ ବିଶପ୍ ଏଲ୍‌ପିଡୋଫୋରୋସଙ୍କ ସହ କହୁଣୀ ମିଳାଇ ପରସ୍ପରକୁ ଅଭିବାଦନ ଜଣାଉଛନ୍ତି।

# ଟିଟିଲାଗଡରେ କରୋନା ସନ୍ଦିଗ୍ଧଙ୍କୁ ନେଇ ଚର୍ଚ୍ଚା

**ବଲାଙ୍ଗୀର ଅଫିସ/ଟିଟିଲାଗଡ,୧୩।୩ (ଡି.ଏନ୍.ଏ.):** କାନାଡାରୁ ଟିଟିଲାଗଡ ଆସିଥିବା ଯୁବ ଇଞ୍ଜିନିୟର ଦମ୍ପତିଙ୍କୁ କରୋନା ସନ୍ଦେହରେ ଶୁକ୍ରବାର ସନ୍ଧ୍ୟାରେ ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲର ଆଇସୋଲେସନ୍ ୱାର୍ଡରେ ଭର୍ତ୍ତି କରାଯାଇଛି । ଗତ ୧୦ ତାରିଖରେ ଟିଟିଲାଗଡର ମୂଳ ନିବାସୀ ତଥା କାନାଡାରେ ଚାକିରି କରୁଥିବା ଇଞ୍ଜିନିୟର ଦମ୍ପତି ନିଜର ଜଣେ କାକାଙ୍କ ଅନ୍ତେଷ୍ଟିକ୍ରିୟାରେ ଯୋଗଦେବା ପାଇଁ ଟିଟିଲାଗଡରେ ପହଞ୍ଚିଥିଲେ । ଗତ ୪ଦିନ ହେଲା ସେ ଟିଟିଲାଗଡରେ ତାଙ୍କ ଘରେ ରହିଥିଲେ । ତେବେ କରୋନା ସଂକ୍ରମଣ ନେଇ କୌଣସି ଅଭିଯୋଗ ହୋଇ ନ ଥିଲା । ମାତ୍ର ବିଦେଶରୁ ଏହି ଦମ୍ପତି ଟିଟିଲାଗଡ ଆସିଥିବା ନେଇ ଚର୍ଚ୍ଚା ହେବାରୁ ପ୍ରଶାସନ ପକ୍ଷରୁ କାଉନସେଲିଂ କରାଯାଇ ଉଭୟଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଶୁକ୍ରବାର ଅପରାହ୍ଣରେ ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ଅଣାଯାଇଥିଲା । ଏଠାରେ ସେ ସ୍ୱତନ୍ତ୍ର ନିରୀକ୍ଷଣରେ ରହିବେ ବୋଲି ଡାକ୍ତର ଗିରିଜା ଶଙ୍କର ଉଦ୍‌ଗାତା ଗଣମାଧ୍ୟମକୁ କହିଛନ୍ତି ।

# ବିରୋଧୀଙ୍କ ଟାର୍ଗେଟ ଭୟରେ କରୋନା ବାହାନା: ପ୍ରଦୀପ୍ତ

ଭୁବନେଶ୍ୱର,୧୩।୩(ବ୍ୟୁରୋ)

କରୋନା ଭୂତାଣୁ ସଂକ୍ରମଣଜନିତ ବିପର୍ଯ୍ୟୟକୁ ରାଜ୍ୟ ବିପର୍ଯ୍ୟୟ ଭାବେ ସରକାରଙ୍କ ଘୋଷଣା ସ୍ୱାଗତଯୋଗ୍ୟ। ଏହା ନିଶ୍ଚିତ ଭାବେ କରୋନାଜନିତ ସଚେତନତା ବୃଦ୍ଧିରେ ସହାୟକ ହେବ। ହେଲେ ଶାସକ ଦଳ ମୁଖ୍ୟ ସଚେତକ ବିଧାନସଭା ଅଧିବେଶନକୁ ଆସନ୍ତା ୨୯ ତାରିଖ ପର୍ଯ୍ୟନ୍ତ ସ୍ଥଗିତ ରଖିବାକୁ ଯେଉଁ ପ୍ରସ୍ତାବ ଦେଇଛନ୍ତି ତାହା ନିନ୍ଦନୀୟ ବୋଲି ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାୟକ କହିଛନ୍ତି। ଏକ ଚିଠି ଜରିଆରେ ସେ କହିଛନ୍ତି ଯେ, ୟେସ୍ ବ୍ୟାଙ୍କ କେଲେଙ୍କାରୀ ପ୍ରସଙ୍ଗରେ ବିରୋଧୀ ଯେପରି ସରକାରଙ୍କୁ ଘେରିଲେ ସେଥିରେ ସରକାର ଅଣନିଃଶ୍ୱାସୀ ହୋଇପଡିଛନ୍ତି। ଆସନ୍ତା ୧୯ରେ ୟେସ୍ ବ୍ୟାଙ୍କରୁ ଜମା ରାଶି ଉଠାଣ ତାରିଖ ରହିଛି, ଯଦି ସେଥିରେ ସରକାର ବିଫଳ ହୁଅନ୍ତି, ତେବେ ଜଗନ୍ନାଥ ପ୍ରେମୀଙ୍କ ରୋଷର ଶିକାର ହେବାକୁ ପଡିବ। ଏଥିଲାଗି ବିଧାନସଭାରେ କାଳେ ଅଧିକ ଅକଳରେ ପଡିବେ ସରକାର ସେଥିପାଇଁ କରୋନା ବାହାନା ଆରମ୍ଭ କରିଛନ୍ତି। ଏମିତି କରି ଜନସାଧାରଣଙ୍କ ଆଶା ଓ ଭରସାକୁ ବଳି ଦିଆଯାଇଛି। ଫଳରେ କରୋନା ସରକାରଙ୍କୁ ଫାଇଦା ଦେଇଛି ନା ଆକ୍ରାନ୍ତ କରିଛି ତାକୁ ନେଇ ପ୍ରଶ୍ନ ଉଠିବା ସାଙ୍ଗକୁ ସନ୍ଦେହ ସୃଷ୍ଟି କରୁଥିବା ପ୍ରଦୀପ୍ତ କହିଛନ୍ତି।

ପ୍ରଦୀପ୍ତ ଆହୁରି କହିଛନ୍ତି ଯେ, ବର୍ତ୍ତମାନ ସୁଦ୍ଧା ୧୪ଟି ରାଜ୍ୟରେ କରୋନା ଭୂତାଣୁ ପଜିଟିଭ ରୋଗୀ ଥିବା କେନ୍ଦ୍ର ସରକାର ଚିହ୍ନଟ କରିଛନ୍ତି। ସେହି ରାଜ୍ୟଗୁଡିକ ମଧ୍ୟରେ ଓଡିଶା ନାହିଁ। ଏପରି ସ୍ଥିତିରେ ବିଧାନସଭାର ଗୁରୁତ୍ୱପୂର୍ଣ୍ଣ ଦିବସଗୁଡିକ ବନ୍ଦ କରିବା ପଛରେ ଷଡଯନ୍ତ୍ର ରହିଛି। ବର୍ତ୍ତମାନ ପାର୍ଲାମେଣ୍ଟ ଏବଂ ଅଧିକାଂଶ ରାଜ୍ୟରେ ବିଧାନସଭା ବଜେଟ ଅଧିବେଶନ ଚାଲିଛି। କେଉଁଠାରେ ମଧ୍ୟ କରୋନା ସକାଶେ ବଜେଟ ଅଧିବେଶନ ବନ୍ଦ କରାଯାଇନାହିଁ। କେରଳ, କର୍ଣାଟକ ଏବଂ ଦିଲ୍ଲୀଠାରୁ ଓଡିଶାରେ କରୋନା ସ୍ଥିତି ଅସମ୍ଭାଳ ନୁହେଁ। ଏହି କ୍ରମରେ ଲୋକସେବା ଭବନକୁ ସାଧାରଣ ଲୋକଙ୍କ ପ୍ରବେଶକୁ ବନ୍ଦ କରିବାକୁ ହେବ। ବସଷ୍ଟାଣ୍ଡ, ରେଳ ଷ୍ଟେଶନ ଏବଂ ବିମାନ ବନ୍ଦରରେ ଅଧିକ ଲୋକଙ୍କ ଯାତାୟାତ ହେଉଛି, ତାହା କ'ଣ ସରକାର ବନ୍ଦ କରିବେ କି ବୋଲି ପ୍ରଦୀପ୍ତ ପ୍ରଶ୍ନ କରିଛନ୍ତି।

# ସରକାରୀ, ଘରୋଇ କାର୍ଯ୍ୟକ୍ରମରେ ଅଙ୍କୁଶ

ଭୁବନେଶ୍ୱର,୧୩।୩(ବ୍ୟୁରୋ)

କରୋନା ଭାଇରସ ସଂକ୍ରମଣର ଭୟାବହତାକୁ ଦୃଷ୍ଟିରେ ରଖି ରାଜ୍ୟ ପର୍ଯ୍ୟଟନ ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ବିଭିନ୍ନ କାର୍ଯ୍ୟକ୍ରମ ଉପରେ ରୋକ ଲଗାଇଛି। ଅନିର୍ଦ୍ଦିଷ୍ଟ କାଳ ପାଇଁ ବିଭିନ୍ନ ସରକାରୀ କାର୍ଯ୍ୟକ୍ରମ, ଉତ୍ସବ, ମହୋତ୍ସବ ଉପରେ ଅଙ୍କୁଶ ଲଗାଯାଇଛି। ଶୁକ୍ରବାରଠାରୁ ବିଭାଗ ଦ୍ୱାରା ଆୟୋଜନ ହେବାକୁ ଥିବା ସମସ୍ତ ସରକାରୀ ସେମିନାର, କର୍ମଶାଳା ଏବଂ ସମ୍ମିଳନୀକୁ ରଦ୍ଦ କରାଯାଇଛି। ଏହିକ୍ରମରେ ଶୁକ୍ରବାର ଓଡ଼ିଶା ଲଳିତକଳା ଏକାଡେମୀ ପକ୍ଷରୁ ବୁଦ୍ଧ ଆର୍ଟ ଗ୍ୟାଲେରିଠାରେ ହେବାକୁ ଥିବା ରାଜ୍ୟସ୍ତରୀୟ ପୁରସ୍କାର ଉତ୍ସବକୁ ବାତିଲ କରାଯାଇଛି। ଗ୍ୟାଲେରି ପରିବର୍ତ୍ତେ ରାଜଭବନରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ପ୍ରତିଭାମାନଙ୍କୁ ପୁରସ୍କୃତ କରିଥିଲେ।

ଗୋଟିଏ ପଟେ ଚଳଚ୍ଚିତ୍ର ପ୍ରେକ୍ଷାଳୟ ସହ ସନ୍ତରଣାଗାରଗୁଡ଼ିକୁ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଭାବେ ବନ୍ଦ ରଖିବାକୁ ସରକାର ନିର୍ଦ୍ଦେଶନାମା ଜାରି କରିଥିବା ବେଳେ ଏପଟେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧୀନ ସମସ୍ତ ମଣ୍ଡପକୁ ମଧ୍ୟ ବନ୍ଦ ରଖାଯାଇଛି। ରବୀନ୍ଦ୍ର ମଣ୍ଡପ, ଭଞ୍ଜକଳା ମଣ୍ଡପ, ଉତ୍କଳ ମଣ୍ଡପ ଓ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ପ୍ରେକ୍ଷାଳୟରେ ପୂର୍ବରୁ ନିର୍ଦ୍ଧାରିତ ହୋଇଥିବା ସମସ୍ତ ସରକାରୀ, ବେସରକାରୀ କାର୍ଯ୍ୟକ୍ରମକୁ ତତ୍‌କ୍ଷଣାତ୍ ବନ୍ଦ କରାଯାଇଛି। ବୁକିଂ କରିଥିବା ଅନୁଷ୍ଠାନ ଏବଂ ସଂସ୍ଥା ସେମାନଙ୍କ ଅର୍ଥ ଫେରିପାଇବା ସହ ଚାହିଁଲେ କାର୍ଯ୍ୟକ୍ରମ ଘୁଞ୍ଚାଇପାରିବେ ବୋଲି ବିଭାଗୀୟ ପ୍ରମୁଖ ସଚିବ ମନୋରଞ୍ଜନ ପାଣିଗ୍ରାହୀ କହିଛନ୍ତି। ସେହିପରି ଭୁବନେଶ୍ୱରସ୍ଥିତ ରାଜ୍ୟ ସଂଗ୍ରହାଳୟ, ରାଜ୍ୟ ଅଭିଲେଖାଗାର, କଟକସ୍ଥିତ ଆନନ୍ଦ ଭବନ ସଂଗ୍ରହାଳୟ ଏବଂ ଅନ୍ୟ ସମସ୍ତ ଜିଲାସ୍ତରୀୟ ସଂଗ୍ରହାଳୟକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ବନ୍ଦ ରଖାଯାଇଛି। ହରେକୃଷ୍ଣ ମହତାବ ରାଜ୍ୟ ପାଠାଗାର ଏବଂ ସଂସ୍କୃତି ବିଭାଗର ସମସ୍ତ ଜିଲା ପାଠାଗାରକୁ ଆଂଶିକ ଭାବେ ବନ୍ଦ କରାଯାଇଥିବାବେଳେ ପାଠାଗାରଗୁଡ଼ିକରେ ଜନସାଧାରଣ, ଛାତ୍ରୀଛାତ୍ରଙ୍କୁ ପ୍ରବେଶ ନିଷେଧ କରାଯାଇଛି। ବିଶେଷ କରି ପାଠାଗାରଗୁଡ଼ିକର ପଠନ କକ୍ଷକୁ ବନ୍ଦ ରଖିବାକୁ ବିଭାଗ ନିର୍ଦ୍ଦେଶ ଦେଇଛି। ବିବାହ, ବ୍ରତ, ଭୋଜି ଭଳି ସାମାଜିକ କାର୍ଯ୍ୟକ୍ରମ ଓ ଧାର୍ମିକ ଉତ୍ସବର ଆୟୋଜନ ପାଇଁ ସମୁଚିତ ଆଦେଶ ଦେବା ପାଇଁ ସ୍ଥାନୀୟ ଜିଲାପାଳମାନଙ୍କୁ ଅବଗତ କରାଯାଇଛି।

**କରୋନା ମୁକାବିଲା ଚିନ୍ତା**

- ମଣ୍ଡପ, ପ୍ରେକ୍ଷାଳୟ ବୁକିଂ ବାତିଲ୍
- ପାଠାଗାରରେ ଏକାଠି ବସି ପଢ଼ିବା ଉପରେ ରୋକ
- ସମସ୍ତ ସଂଗ୍ରହାଳୟ, ଅଭିଲେଖାଗାର ଅନିର୍ଦ୍ଦିଷ୍ଟ କାଳ ପାଇଁ ବନ୍ଦ

### ରାଜ୍ୟ ବାହାରକୁ ଯିବେନି କଳାକାର

ରାଜ୍ୟ ବାହାରେ ଆୟୋଜିତ ହେଉଥିବା ସାଂସ୍କୃତିକ ଉତ୍ସବ, ମହୋତ୍ସବ ଆଦିକୁ କଳାକାର ଦଳ ପଠାଇବାକୁ ସମ୍ପୂର୍ଣ୍ଣ ବାରଣ କରାଯାଇଛି। ଏପ୍ରିଲ ୧ରେ ଓଡ଼ିଶା ଏବଂ ଓଡ଼ିଶା ବାହାରେ ହେବାକୁ ଥିବା ଉତ୍କଳ ଦିବସ କାର୍ଯ୍ୟକ୍ରମକୁ କଳାକାର ନ ପଠାଇବାକୁ ବିଭାଗ ମନାକରିଛି। ଏଥିସହିତ ନିକଟରେ ହେବାକୁ ଥିବା ୧୦ମ ରାଜ୍ୟସ୍ତରୀୟ ଲୋକନୃତ୍ୟ ମହୋତ୍ସବ, ଗାନ୍ଧୀ ମହୋତ୍ସବ ଏବଂ ବିଭାଗ ତରଫରୁ କଳାକାର ମହାସଂଘ ଦ୍ୱାରା କରାଯାଉଥିବା ସଚେତନତାମୂଳକ କାର୍ଯ୍ୟକ୍ରମଗୁଡ଼ିକୁ ପରବର୍ତ୍ତୀ ଆଦେଶ ଯାଏଁ ଘୁଞ୍ଚାଇ ଦିଆଯାଇଛି। ବିଭାଗ ଅଧୀନରେ କାର୍ଯ୍ୟରତ ସମସ୍ତ ଶିକ୍ଷାନୁଷ୍ଠାନ, ସ୍ୱୀକୃତପ୍ରାପ୍ତ ଘରୋଇ କଳା ଅନୁଷ୍ଠାନଗୁଡ଼ିକୁ ମଧ୍ୟ ବନ୍ଦ କରାଯାଇଛି। ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ଏବଂ ଏହା ଅଧୀନରେ ଥିବା ସମସ୍ତ ଶିକ୍ଷାନୁଷ୍ଠାନକୁ ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଅନୁରୂପଭାବେ ପର୍ଯ୍ୟଟନ ବିଭାଗ ତରଫରୁ ବିଭିନ୍ନ ପର୍ଯ୍ୟଟନସ୍ଥଳୀଗୁଡ଼ିକରେ ହେଉଥିବା ଜନଗହଳିକୁ ରୋକିବା ପାଇଁ ପଦକ୍ଷେପ ନେବାକୁ କୁହାଯାଇଛି।

### ବନ୍ଦ ରହିବ ପ୍ଲାନେଟାରିୟମ୍ ଶୋ'

ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟର ସମସ୍ତ ପ୍ଲାନେଟାରିୟମ୍‌ର ଶୋ'ଗୁଡ଼ିକୁ ଆସନ୍ତା ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ବନ୍ଦ କରାଯାଇଛି। ଭୁବନେଶ୍ୱରସ୍ଥିତ ପଠାଣି ସାମନ୍ତ ପ୍ଲାନେଟାରିୟମ୍, ସମ୍ବଲପୁର ବୁର୍ଲାସ୍ଥିତ ଡ. ଏପିଜେ ଅବ୍‌ଦୁଲ କଲାମ ପ୍ଲାନେଟାରିୟମ୍‌ର ଶୋ'ଗୁଡ଼ିକୁ ଶନିବାରଠାରୁ ବାତିଲ୍ କରାଯାଇଛି। ଏହାବ୍ୟତୀତ ଖଣ୍ଡପଡ଼ାରେ ଥିବା ପଠାଣି ସାମନ୍ତ ମ୍ୟୁଜିୟମ୍‌କୁ ମଧ୍ୟ ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ସର୍ବସାଧାରଣଙ୍କ ପାଇଁ ବନ୍ଦ କରାଯାଇଛି। ଏନେଇ ପ୍ଲାନେଟାରିୟମ୍ ପକ୍ଷରୁ ସ୍ୱତନ୍ତ୍ର ବିଜ୍ଞପ୍ତି ଯୋଗେ ଅବଗତ କରାଯାଇଛି।

ଗୋଟିଏ ମୁହୂର୍ତ୍ତ ଲାଗି ମଧ ଭୁଲିଯାଅନା ଯେ, ଏସବୁ କିଛି ସେହି ଭଗବାନ ହିଁ ନିଜ ଭିତରୁ ନିଜେ ସୃଷ୍ଟି କରିଛନ୍ତି। ସେ ଯେ କେବଳ ସର୍ବତ୍ର ଉପସ୍ଥିତ ଅଛନ୍ତି- ତା' ନୁହେଁ। ସେ କିନ୍ତୁ ନିଜେ ହିଁ ସବୁ ହୋଇଛନ୍ତି। ପାର୍ଥକ୍ୟ କେବଳ ରହିଛି- ପ୍ରକାଶ ଓ ଅଭିବ୍ୟକ୍ତିରେ। ଯଦି ତୁମେ ଏତିକି କଥା ଭୁଲି ଯାଅ- ତେବେ ତୁମେ ସବୁ କିଛି ହରାଇ ବସିବ।
-ଶ୍ରୀଅରବିନ୍ଦ

# ଭିଆଇପିଙ୍କ ଜବରଦଖଲ



ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ସୋସିଆଲ ମିଡିଆର ନିରନ୍ତର ଦୃଷ୍ଟିକୁ ଏଡ଼ାଇ ଭୁଲ୍‌ଭାଲ୍ କାମ କରି ରାଡାର୍ ତଳେ ଖସିଯିବା ଏଣିକି ବାବୁମାନଙ୍କ ପାଇଁ କଷ୍ଟକର ହୋଇପଡୁଛି। ଏହାର କଡା ଯାଞ୍ଚରୁ କେହି ରକ୍ଷା ପାଇପାରିବେ ନାହିଁ, ଯେମିତି ଉତ୍ତରପ୍ରଦେଶର ପୂର୍ବତନ ଡିଜିପି ଓ.ପି. ସିଂଙ୍କ କ୍ଷେତ୍ରରେ ନିକଟରେ ଘଟିଛି। ପୂର୍ବତନ ୧୯୮୩-ବ୍ୟାଚ୍ ଆଇପିଏସ୍ ଅଧିକାରୀ ସିଂ ଅବସର ନେବା ପରେ ମଧ ତାଙ୍କ ସରକାରୀ ବଙ୍ଗଳା ଛାଡ଼ିବାକୁ ଅନିଚ୍ଛା ପ୍ରକାଶ କରି ଆସୁଛନ୍ତି। ଅତୀତରେ ବହୁ ରାଜନେତାଙ୍କ ସମେତ ଅନେକ ବାବୁ ମଧ ଏହା କରିଛନ୍ତି। ଏଥିପାଇଁ ଦିଲ୍ଲୀ ସବୁଠୁ ଚର୍ଚ୍ଚିତ। କିନ୍ତୁ ସିଂଙ୍କ ଦୁର୍ଭାଗ୍ୟ ହେଉଛି ଯେ, ଅବସର ପରେ ମଧ ମିଳୁଥିବା ସୁବିଧାସୁଯୋଗ ଛାଡିବାକୁ ତାଙ୍କ ଅନିଚ୍ଛା ସୋସିଆଲ ମିଡିଆ କର୍ମୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲା ଏବଂ କେତେକ ସାମ୍ବାଦିକ ତାଙ୍କୁ ନିନ୍ଦିତ କରିବାକୁ ଡେରି କଲେ ନାହିଁ। ତାଙ୍କ ସମ୍ଭ୍ରାନ୍ତ ଜୀବନଶୈଳୀ ଏବଂ ବିଶେଷ କରି ଅହଂକାରୀ ସ୍ୱଭାବ ଯୋଗୁ ତାଙ୍କୁ ସମାଲୋଚନାର ଶିକାର ହେବାକୁ ପଡ଼ିଛି। ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ସହ ତାଙ୍କ ସମ୍ପର୍କ ଚର୍ଚ୍ଚାରେ ରହିଛି। ଏହା ଏକ ଜଣାଶୁଣା କଥା ଏବଂ ଏଥିପାଇଁ ସିଂ ଅବସର ପରେ ବି ଏହି ବିଶେଷ ସୁବିଧାସୁଯୋଗ ଉପଭୋଗ କରିପାରୁଛନ୍ତି ବୋଲି କୁହାଯାଉଛି। କିନ୍ତୁ ରାଜଧାନୀର ବାବୁ-ନିରୀକ୍ଷକମାନଙ୍କ କହିବା ଅନୁସାରେ, ସିଂଙ୍କ ଘଟଣାରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ କାରଣ ନେତା ହୁଅନ୍ତୁ କି ବାବୁ, ସେମାନଙ୍କ ଦ୍ୱାରା ଦିଲ୍ଲୀର ଭିଆଇପି ଅଞ୍ଚଳରେ ବେଆଇନ ଜବରଦଖଲରେ ଥିବା ସରକାରୀ ଘରକୁ ବେଦଖଲ କରିବାକୁ ଅଧିକାରୀମାନଙ୍କୁ କେତେ କଷ୍ଟ କରିବାକୁ ପଡେ ତାହା ସମସ୍ତେ ଜାଣନ୍ତି। ସିଂ କେବଳ ତାଙ୍କ ପୂର୍ବସୂରିମାନଙ୍କ ଦ୍ୱାରା ଆପଣାଯାଇଥିବା ଏକ ଭଲ ପୁରୁଣା ବାଟ ଆପଣାଇଛନ୍ତି।

## ଟିକସ ରାଜନୀତି

ନିକଟରେ ରାୟପୁରରେ ଆୟକର ଅଧିକାରୀମାନଙ୍କ ଦ୍ୱାରା ଅନେକ କ୍ଷମତାଶାଳୀ ରାଜନେତା, ବାବୁ ଓ ବ୍ୟବସାୟୀଙ୍କ ଉପରେ ଚଢାଉ ପରେ ପର୍ଯ୍ୟବେକ୍ଷକମାନେ ଆଶ୍ଚର୍ଯ୍ୟ ହୋଇଛନ୍ତି। ସେମାନଙ୍କ ମତରେ ଏହାର ରାଜନୈତିକ ଦିଗକୁ କେବେହେଲେ ଅଣଦେଖା କରାଯାଇ ପାରିବ ନାହିଁ। ଯେଉଁମାନଙ୍କ ଘରେ ଚଢାଉ କରାଯାଇଥିଲା ସେମାନଙ୍କ ମଧ୍ୟରେ ଅଛନ୍ତି ପୂର୍ବତନ ମୁଖ୍ୟ ଶାସନ ସଚିବ ବିବେକ ଧଣ୍ଡ୍ ଯେ କି ମୁଖ୍ୟମନ୍ତ୍ରୀ ଭୂପେଶ ବାଘେଲଙ୍କ ପାଖଲୋକ ଭାବେ ବିବେଚିତ ଏବଂ ଆଇଏଏସ୍ ଅଧିକାରୀ ଅନିଲ ଟୁଟେଜାଙ୍କ ସ୍ତ୍ରୀ। ଯଦିଓ ଟିକସ ଅଧିକାରୀମାନେ ଚଢାଉରୁ କ'ଣ ମିଳିଲା ତା' ଉପରେ ପାଟି ଖୋଲିନାହାନ୍ତି, ତଥାପି ପୂରା କାର୍ଯ୍ୟାନୁଷ୍ଠାନ ଚତୁରତାର ସହ କରାଯାଇଥିଲା। ଅତି ସନ୍ତର୍ପଣରେ ଏହି ଚଢ଼ାଉ କରାଯାଇଥିଲା ଏବଂ ଏଥିରେ ୨୦୦ ସିଆର୍‌ପିଏଫ୍ ଯବାନଙ୍କୁ ସାମିଲ କରାଯାଇଥିଲା, ଯେଉଁମାନଙ୍କୁ ଅନ୍ୟ ସ୍ଥାନରୁ ରାୟପୁରକୁ ଅଣାଯାଇଥିଲା। ଗୋପନୀୟତା ରକ୍ଷାକରିବା ଲାଗି ସ୍ଥାନୀୟ ପୋଲିସଙ୍କୁ ଏଥିରୁ ଦୂରେଇ ରଖାଯାଇଥିଲା। ପ୍ରାପ୍ତ ସୂତ୍ରରୁ ଜଣାପଡିଛି ଯେ, ସମ୍ଭବତଃ ଛତିଶଗଡ଼ ବା ଅବିଭକ୍ତ ମଧ୍ୟପ୍ରଦେଶରେ ଏହା ପ୍ରଥମ ଘଟଣା ଥିଲା, ଯେଉଁଥିରେ ଜଣେ ଅବସରପ୍ରାପ୍ତ ମୁଖ୍ୟ ସଚିବଙ୍କ ଉପରେ ଆୟକର ବିଭାଗର ତଲାସି କାର୍ଯ୍ୟାନୁଷ୍ଠାନ କରାଯାଇଥିଲା। ଚଢାଉରେ ସିଆର୍‌ପିଏଫ୍ କର୍ମଚାରୀଙ୍କୁ ନିୟୋଜିତ କରିବାକୁ ନେଇ ମଧ ସମାଲୋଚନା କରାଯାଇଛି।

## ଗର୍ଗଙ୍କ ପୁନଃ ଅଭ୍ୟୁଥାନ

ପୂର୍ବତନ ଅର୍ଥ ସଚିବ ଏସ୍.ସି. ଗର୍ଗଙ୍କୁ ଶକ୍ତି ମନ୍ତ୍ରଣାଳୟକୁ ବଦଳି କରାଯିବା ପରେ ଗତବର୍ଷ ସେ ସ୍ୱେଚ୍ଛାକୃତ ଅବସର ନେଇଥିଲେ। ଏବେ ସେ ସେବାନିବୃତ୍ତ କ୍ଷେତ୍ରରୁ ଫେରିଛନ୍ତି। ସଂସାଧନ ଯୋଗାଡ କରିବା ପାଇଁ ସେ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ୱାଇ.ଏସ୍. ଜଗନମୋହନ ରେଡ୍ଡୀଙ୍କ ଉପଦେଷ୍ଟା ଭାବେ କ୍ୟାବିନେଟ ମନ୍ତ୍ରୀ ପାହ୍ୟାରେ ନିଯୁକ୍ତି ପାଇଛନ୍ତି। ଗର୍ଗଙ୍କୁ ଯେତେବେଳେ ବଦଳି କରାଯାଇଥିଲା ସେତେବେଳେ ଗୁଜବ ଉଠିଥିଲା ଯେ, ଆର୍ଥିକ ଅବ୍ୟବସ୍ଥା ବଢୁଥିବା ଯୋଗୁ ସେ ଏହାର ଶିକାର ହେଲେ। ତେବେ ଏହା ନିଶ୍ଚିତ ଯେ, ଗର୍ଗଙ୍କ ଭଳି ଜଣେ ବରିଷ୍ଠ ପ୍ରଶାସକଙ୍କୁ ଏଭଳି ହଟାଇ ଦେବା କ୍ୱଚିତ୍ ଦେଖାଯାଏ। ବହୁଦିନ ଧରି ଏହି ୧୯୮୩ ବ୍ୟାଚ୍‌ର ରାଜସ୍ଥାନ କ୍ୟାଡର ଅଧିକାରୀ ମୋଦି ସରକାରଙ୍କର ସବୁଠୁ ଭଲ ଅଧିକାରୀ ଥିଲେ। ଗର୍ଗ ଭାରତୀୟ ରିଜର୍ଭ ବ୍ୟାଙ୍କର ବଳକା ଗଚ୍ଛିତ ଅର୍ଥରୁ ଏକ ବଡ଼ ଅଂଶ ଦାବି କରିବାରେ ସକ୍ରିୟ ଭୂମିକା ନେଇଥିଲେ। ଏହି ନିଯୁକ୍ତି ପରେ ଗର୍ଗ ପୁଣି କ୍ଷମତା ପରିସରକୁ ଫେରିଛନ୍ତି। ରାଜ୍ୟ ମୁଖ୍ୟ ଶାସନ ସଚିବ ନୀଲମ୍ ସାହନୀଙ୍କ କହିବା ଅନୁସାରେ ଗର୍ଗ ଏହି ପଦରେ ଦୁଇବର୍ଷ ରହିବେ ଏବଂ ଆନ୍ଧ୍ରପ୍ରଦେଶ ରାଜ୍ୟ ଅର୍ଥ ନିଗମର ମହାନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ବହନ କରିବେ।

Email: dilipcherian@gmail.com

# ଶାସନର ଜାଲ, ଜାଲର ଶାସନ



ତତ୍ତ୍ୱ ଓ ତର୍କ

ବିମଳ ପ୍ରସାଦ ପାଣ୍ଡିଆ

ଟୁଇଟରରେ ଅତିରିକ୍ତ ମୁଖ୍ୟ ସଚିବ ପ୍ରଦୀପ ଜେନାଙ୍କୁ ଗୋଟେ ସୂଚନା ଯେ ସମାଧାନର ବାଟକୁ ଏତେ ଶୀଘ୍ର ଖୋଲିଦେବ ତାହା ଟୁଇଟ ପଠାଇବା ପୂର୍ବରୁ ଚନ୍ଦନପୁର ଗ୍ରାମବାସୀ ହୁଏତ ଭାବି ବି ନ ଥିବେ। ୨୪ ଫେବୃୟାରୀରେ ଗୋଟିଏ ଖବର ପ୍ରକାଶ ପାଇଥିଲା ଯେ ଭଦ୍ରକ ଜିଲା ଶରାଗା ଚନ୍ଦନପୁର ଯାଏ ନୂଆକରି ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ତିଆରି ହୋଇଥିବା ରାସ୍ତାରୁ ଫାଳଫାଳ ପିଚୁ ଉଠିଯାଉଛି। ସେହି ଖବର ଉପରେ ବିଭାଗ ମାର୍ଚ୍ଚ ୩ ତାରିଖ ଯାଏ କ'ଣ କାର୍ଯ୍ୟାନୁଷ୍ଠାନ ନେଲେ ତାହା ଜଣା ନାହିଁ କିନ୍ତୁ ମାର୍ଚ୍ଚ ୩ ତାରିଖରୁ ସ୍ଥିତି ବଦଳି ଯାଇଥିଲା। ସେହି ଦିନ ଜଣେ ବ୍ୟକ୍ତି ୨୪ ଫେବୃୟାରୀରେ ବାହାରିଥିବା ଖବରକୁ ଟୁଇଟ କରି ପଠାଇଲେ ଅତିରିକ୍ତ ମୁଖ୍ୟ ସଚିବଙ୍କୁ। କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଅନୁରୋଧ କଲେ। ତାହାକୁ ଗୁରୁତ୍ୱର ସହ ନେଇ ଦିନେ ମଧ୍ୟରେ ତାଙ୍କୁ ରିପୋର୍ଟ ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦେଲେ ଅତିରିକ୍ତ ମୁଖ୍ୟ ସଚିବ। ଖାଲି ତଦନ୍ତ କରି ରିପୋର୍ଟ ଦେବା ପାଇଁ କହିଲେ ନି, ଆହୁରି ବି କହିଲେ ଯେ ଯଦି କାମ ଖରାପ ଥିବ ତେବେ ମରାମତି ନୁହେଁ ବରଂ ପୂରା ରାସ୍ତାକୁ ନୂଆକରି କରିବା ପାଇଁ ଠିକାଦାରଙ୍କୁ ଆଦେଶ ଦିଆଯିବ। ଏହାକୁ ଟୁଇଟରରେ ପୋଷ୍ଟ କରିବାରୁ ସମସ୍ତେ ସେହି ନିର୍ଦ୍ଦେଶ ବିଷୟରେ ଜାଣିଲେ। ଦିନେ ମଧ୍ୟରେ ନିର୍ବାହୀ ଯନ୍ତ୍ରୀ ପ୍ରଦାନ କରିଥିବା ରିପୋର୍ଟକୁ ଗ୍ରାମ୍ୟ ଉନ୍ନୟନ ବିଭାଗ ପୁଣି ଟୁଇଟରରେ ପ୍ରକାଶ କଲେ। ସେଥିରେ କୁହାଯାଇଥିଲା ଯେ 'ରାସ୍ତାର କିଛି ଅଂଶ ଖରାପ ଅଛି ଯାହାକୁ ସୁଧରାଯିବ'। ସେହି ରିପୋର୍ଟଟି ସମ୍ପୂର୍ଣ୍ଣ ସତ୍ୟ ନ ଥିବାର ଅଭିଯୋଗ ଆସିଥିଲା ଟୁଇଟରରେ। ମାର୍ଚ୍ଚ ୪ ତାରିଖରେ ଅତିରିକ୍ତ ମୁଖ୍ୟ ସଚିବ ନିର୍ଦ୍ଦେଶ ଦେଲେ ଯେ ଅତିରିକ୍ତ ଜିଲାପାଳ ଓ ଅଧୀକ୍ଷଣ ଯନ୍ତ୍ରୀ ଏହାର ଯୁଗ୍ମ ତଦନ୍ତ କରିବେ। ମାର୍ଚ୍ଚ ୫ ତାରିଖ ସକାଳ ୧୦ଟାରେ ଅତିରିକ୍ତ ମୁଖ୍ୟ ସଚିବ ଯୁଗ୍ମ ରିପୋର୍ଟକୁ ଟୁଇଟରରେ ପ୍ରକାଶ କରିସାରିଥିଲେ ଏବଂ ତା' ସହିତ ଆହୁରି କହିଲେ ଯେ ରିପୋର୍ଟକୁ ନେଇ ସେ ନିଜେ ଆଶ୍ୱସ୍ତ ନୁହନ୍ତି ଓ ମୁଖ୍ୟଯନ୍ତ୍ରୀ ଯାଇ ଏହାର ତଦନ୍ତ କରିବେ। ମାର୍ଚ୍ଚ ୬ ତାରିଖ ସନ୍ଧ୍ୟା ୬ଟା ବେଳକୁ ଗ୍ରାମ୍ୟ ଉନ୍ନୟନ ବିଭାଗ ନିଜ ଟୁଇଟର ହ୍ୟାଣ୍ଡେଲରେ ନୂଆ ଫଟୋ ଜାରି କରି କହିସାରିଥିଲେ ଯେ ରାସ୍ତାରେ ନୂଆ ପିଚୁ ଢଳା ହେବା ପାଇଁ ଖରାପ ଭାଗ ଖୋଳାଯାଇ ସାରିଲାଣି ଓ ଖୁବ୍‌ଶୀଘ୍ର ନୂଆ ପିଚୁ ଢଳାଯିବ। ଟୁଇଟରରେ ପ୍ରଥମ ଅଭିଯୋଗ ଆସିଲା ମାର୍ଚ୍ଚ ୩ ତାରିଖରେ। ଅଭିଯୋଗ ପାଇବାର ତିନି ଦିନ ଭିତରେ ତଦନ୍ତ ହୋଇ ରାସ୍ତାରେ ପୁଣିଥରେ ନୂଆ ପିଚୁ ଢଳା କାମ ଆରମ୍ଭ ବି ହୋଇ ସାରିଥିଲା। ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ଟୁଇଟର ମାଧ୍ୟମରେ ଲୋକଙ୍କ ସହ ବାର୍ତ୍ତା ଆଦାନପ୍ରଦାନ ସହିତ ଅଭିଯୋଗର ତ୍ୱରିତ ଓ ପାରଦର୍ଶୀ ପ୍ରତିବିଧାନର ଏହିପରି ଅନେକ ଉଦାହରଣ ପ୍ରତିଦିନ ବଢି ଚାଲିଛି। କାମ ତ ନିଶ୍ଚୟ ସୁଧୁରୁଛି, ଲୋକଙ୍କର ବି ପ୍ରଶାସନ ଉପରେ ଆସ୍ଥା ଓ ବିଶ୍ୱାସ ବଢୁଛି ଏବଂ ସେମାନଙ୍କୁ ଲାଗୁଛି ଯେ ସରକାର ତାଙ୍କ ଅଭିଯୋଗ ଶୁଣୁଛି। ସେମାନେ ବିଭାଗ ସହିତ ଅଧିକ ଯୋଡି ହେଉଛନ୍ତି। ଉଚିତ ବାର୍ତ୍ତା ଅବିଶ୍ୱାସକୁ ଦୂର କରିବାରେ ଏକ ବଡ ଭୂମିକା ନେଇଥାଏ। ଟୁଇଟର ତଥା ସାମାଜିକ ଗଣମାଧ୍ୟମ ସେହିପରି ବାର୍ତ୍ତାର କେମିତି ପ୍ରଭାବୀ ମାଧ୍ୟମ ହୋଇପାରେ ତାହାର ବଳିଷ୍ଠ ପ୍ରମାଣ ମିଳିଛି ଅତିରିକ୍ତ ମୁଖ୍ୟ ସଚିବ ଜେନା ଓ ଗ୍ରାମ୍ୟ ଉନ୍ନୟନ ବିଭାଗର ଟୁଇଟର ଓ ହ୍ୱାଟ୍‌ସଆପ ବ୍ୟବହାରରୁ। ''ଟୁଇଟର ଜରିଆରେ ଯେତେ ସମସ୍ୟା ଓ ସମସ୍ୟାର ସ୍ୱରୂପ ତଥା ଠିକ୍ ଓ ସ୍ୱାଧୀନ ମତାମତ ଆମ ନଜରକୁ ଆସୁଛି ତାହା ସାଧାରଣ ପ୍ରଶାସନିକ ବ୍ୟବସ୍ଥାରେ ଆସି ନ ଥାଆନ୍ତା'' କହନ୍ତି ଜେନା।

ଗ୍ରାମ୍ୟ ଉନ୍ନୟନ ବିଭାଗର ଟୁଇଟର ବ୍ୟବହାରରେ ଦୁର୍ନୀତି ଏକ ବଡ ପ୍ରସଙ୍ଗ ହୋଇ ଉଭା ହୋଇଥିବା ବେଳେ, ଟୁଇଟର ଅନ୍ୟ କ୍ଷେତ୍ରରେ ମଧ ତାହାର ବଳ ଦେଖାଇଛି। ସୁରେଶ ପ୍ରଭୁ ରେଳମନ୍ତ୍ରୀ ହେବାପରେ ଟୁଇଟରକୁ ଅଭିଯୋଗ ପ୍ରତିବିଧାନର କେନ୍ଦ୍ର ଭାବରେ ଗଢି ତୋଳିଥିଲେ। ଲୋକେ ତଥା ରେଳ ବିଭାଗ ତାହାର ଅନେକ ଲାଭ ଉଠାଇଛନ୍ତି। ବେମାର ଯାତ୍ରୀ ତ୍ୱରିତ ସେବା ପାଇଛନ୍ତି, ଚାଲାଣ ହେଉଥିବା ବାଳିକା ଉଦ୍ଧାର ହୋଇଛନ୍ତି, ଗୁଣ୍ଡାଙ୍କୁ ଧରାଯାଇଛି, ଅନେକ ଲୋକ ସେମାନେ ଛାଡିଯାଇଥିବା ସାମଗ୍ରୀ ଫେରି ପାଇଛନ୍ତି ଇତ୍ୟାଦି ଇତ୍ୟାଦି। ରନ୍ଧନ ଗ୍ୟାସ ବଣ୍ଟନକାରୀ କମ୍ପାନୀ ଯଥା ଇଣ୍ଡେନ, ଏଚ୍‌ପି ଆଦି କମ୍ପାନୀ ଟୁଇଟରକୁ ଅଭିଯୋଗର ପ୍ରତିବିଧାନ ପାଇଁ ଅତି ସୁନ୍ଦର ଭାବରେ ବ୍ୟବହାର କରୁଛନ୍ତି। ସୁଷମା ସ୍ୱରାଜ ଭାରତର ବିଦେଶ ମନ୍ତ୍ରୀ ଥିବାବେଳେ ଟୁଇଟରରେ ଅନେକ ଜଟିଳ ମାମଲାର ସୂଚନା ପାଇ ତାହାକୁ ସମାଧାନ କରିବାରେ ସଫଳ ହୋଇଥିଲେ। ତାହା କରି ଲୋକଙ୍କର ଆସ୍ଥା ଓ ପ୍ରଶଂସା ସାଉଁଟିଥିଲେ ଏବଂ ବ୍ୟବସ୍ଥାକୁ କ୍ରିୟାଶୀଳ କରିପାରିଥିଲେ।

ଓଡିଶା ସରକାର ମଧ ସାମାଜିକ ଗଣମାଧ୍ୟମର ବିରାଟ ସମ୍ଭାବନାକୁ ଚିହ୍ନଟ କରିଛନ୍ତି, ଏବେ ନୁହେଁ ୨୦୧୬ ମସିହାରୁ। ୨୦୧୬ ମାର୍ଚ୍ଚ ୨୩ ତାରିଖରେ ମୁଖ୍ୟମନ୍ତ୍ରୀ ଟୁଇଟରରେ ଜଣାଇଲେ ଯେ ଶାସନ ବ୍ୟବସ୍ଥାକୁ ଉନ୍ନତ କରିବା ପାଇଁ ସେ ସମସ୍ତ ବିଭାଗକୁ ସାମାଜିକ ଗଣମାଧ୍ୟମର ଉପଯୋଗ କରିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି, ଯହିଁରେ କୁହାଯାଇଛି ଯେ, ବିଭାଗମାନେ (୧) ଶୁଣିବେ- ଯାହା ଉଭୟ-ମୁଖୀ ହେଉଥିବ ଅର୍ଥାତ୍ ସରକାର ଓ ନାଗରିକ ଉଭୟେ ଉଭୟଙ୍କର କଥା ଶୁଣିବେ, (୨) ପ୍ରତ୍ୟୁତ୍ତର ଦେବେ- ଶୁଣିବା ପରେ ତାହାର ଉତ୍ତର ଦେଇ ଖୋଲା ଓ ସମ୍ବେଦନଶୀଳ ପ୍ରଶାସନର ସ୍ୱରୂପକୁ ପରିବ୍ୟାପ୍ତ କରିବେ, (୩) ଲୋକଙ୍କ ସହ ପ୍ରତ୍ୟକ୍ଷ ଓ କ୍ରିୟାଶୀଳ ପାରସ୍ପରିକ ଯୋଗାଯୋଗ ରଖିବେ, (୪) ଠିକ୍ ସୂଚନା ସ୍ପଷ୍ଟ ଭାବରେ ଜଣାଇବେ, (୫) ଯୋଡ଼ିଦେବେ- ପ୍ରତ୍ୟେକ ବିଭାଗ ଓ ଜିଲା ନିଜର ସାମାଜିକ ଗଣମାଧ୍ୟମ ଆକାଉଣ୍ଟ ସୃଷ୍ଟି କରିବେ ଓ ତାହା ଜରିଆରେ ଲୋକଙ୍କ ସହ ଯୋଡ଼ିହେବେ ଏବଂ (୬) ୱେବ୍‌ସାଇଟ ତଥା ସାମାଜିକ ଗଣମାଧ୍ୟମ ଆକାଉଣ୍ଟକୁ ନିରନ୍ତର ବ୍ୟବହାର କରି ତାହାକୁ ସକ୍ରିୟ, ଗତିଶୀଳ ରଖିବେ। ଏହା ମଧ୍ୟରେ ପ୍ରାୟ ସମସ୍ତ ବିଭାଗ, ଜିଲା ପ୍ରଶାସନ ତଥା ପୋଲିସ ବିଭାଗ ଆଦି ଟୁଇଟର ଓ ଫେସ୍‌ବୁକରେ ଆକାଉଣ୍ଟ ଖୋଲି ସାରିଛନ୍ତି। ଟୁଇଟର ଓ ଫେସ୍‌ବୁକ ଆକାଉଣ୍ଟ ଖୋଲିବା ଯାଏ ଠିକ୍ ଅଛି କିନ୍ତୁ ତାହାକୁ ବାର୍ତ୍ତା ଆଦାନ ପ୍ରଦାନର ମାଧ୍ୟମ କରିବାରେ ପ୍ରାୟ ଅଧିକାଂଶ ବିଭାଗ ବାଟ ହୁଡ଼ିଛନ୍ତି। ଅବଶ୍ୟ ଅନେକ ଜିଲାପାଳ ତଥା କିଛି ଅଫିସର ସାମାଜିକ ଗଣମାଧ୍ୟମକୁ ବ୍ୟବହାର କରି ଲୋକଙ୍କ ସହ ଯୋଡି ହେଉଛନ୍ତି।

ଗୋଟିଏ ବାର୍ତ୍ତାର ପ୍ରତ୍ୟୁତ୍ତର ଆସିଲେ ହିଁ ସଂଯୋଗ ସ୍ଥାପିତ ହୁଏ। ଶାସନ ବ୍ୟବସ୍ଥାକୁ ଗତିଶୀଳ ଓ ପାରଦର୍ଶୀ କରିବା ସହିତ ବିଶ୍ୱାସ ଓ ପାରସ୍ପରିକ ସହଯୋଗର ବାତାବରଣ ସୃଷ୍ଟି କରିବାରେ ସେହିଭଳି ସଂଯୋଗ ଓ ସମ୍ବାଦର ଅତି ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଓଡିଶା ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଭଳି ବିଭାଗ ତଥା ପ୍ରଦୀପ ଜେନାଙ୍କ ଭଳି ବରିଷ୍ଠ ଅଧିକାରୀ ସଂଯୋଗ ସ୍ଥାପନ କରି ଅଭିଯୋଗର ପ୍ରତିବିଧାନ ତ କରୁଛନ୍ତି, ତା'ସହିତ ଏଥିରୁ ତାଙ୍କୁ ବ୍ୟବସ୍ଥାରେ ସୁଧାର ପାଇଁ ଅନେକ ସୂଚନା ମିଳିଯାଉଛି। ''ଏବେ ଟୁଇଟରରେ ଆସୁଥିବା ସୂଚନାରୁ ଆମେ ଜାଣିବା ଆରମ୍ଭ କଲୁଣି ଯେ, କେଉଁ ଡିଭିଜନରେ କାମ ମୋଟାମୋଟି ଭଲ ହେଉଛି ଓ କେଉଁ ଡିଭିଜନରେ ଅଭିଯୋଗ ଆସୁଛି। ଲୋକେ ହେଉଛନ୍ତି ଆମର ସଦା ଖୋଲା ରହିଥିବା ତୃତୀୟ ନେତ୍ର'' ବୋଲି କହନ୍ତି ପ୍ରଦୀପ ଜେନା। ଟୁଇଟର ତୃତୀୟ ନେତ୍ରର କାମ କରୁଛି। ଆଶା କରିବା ଯେ ସାମାଜିକ ଗଣମାଧ୍ୟମର ଅଦୃଶ୍ୟ ଜାଲ ଆହୁରି ବିସ୍ତାରି ଶାସନ ବ୍ୟବସ୍ଥାକୁ ଶିଥିଳ କରୁଥିବା ଓ ଅନ୍ୟାୟ ଅନୀତିରେ ପରଦା ଢାଙ୍କୁଥିବା ଜାଲକୁ ଧ୍ୱଂସ କରିଦେବ।

# ଗାଈ ଖାଇଲେ ଫେରାଦି



ମନ-ମାନଚିତ୍ର

ଡ. ନରହରି ବେହେରା

ଦୁଲେଇ ନାନୀର ଗାଈ ମିଟିର ଗୁଣ ବିଷୟରେ ଆମ ଗାଁର ଯାହାକୁ ପଚାରିଦେଲେ ସେ ନିମିଷକେ ବିନା ପ୍ରସ୍ତୁତିରେ ଓଗାଳି ପକେଇବ। ମିଟିକୁ ନେଇ ଆମ ଗାଁରେ ଅନେକ ଚର୍ଚ୍ଚା। କଳା ଚିକ୍ ଚିକ୍ ଡଉଲ ଡାଉଲ ଚେହେରା ରଖିଥିବା ଏ ଗାଈଟା କେଉଁ ନକ୍ଷତ୍ରରେ ଜନ୍ମ ହୋଇଥିଲା କେଜାଣି 'ହେଇ' ବୋଲି କହିଦେଲେ ଆଖିପିଛୁଳାକେ ଦୁଇଶହ ମିଟର ଦୌଡ଼ି ପଳାଇବ। ପୁଣି କେହି ନ ଥିବାବେଳେ ଫେରିଆସି ନିରୀହ ପିଲାଟି ପରି ଠିଆହୋଇ ଆଖି ମିଟିମିଟି କରୁଥିବ। ଓର ଉଣ୍ଡି ବାଡ଼ ଡେଇଁ ଭିତରକୁ ପଶିଯିବ। ତିନି ଚାରି ଫୁଟ୍ ଉଚ୍ଚ ବାଡ଼କୁ ସେ ଏମିତି ତେର୍ଚ୍ଛାମାରି ଡେଇଁପଡ଼େ ଯେ ହାଇଜମ୍ପ ଟ୍ରେନିଂ ମାଷ୍ଟରର ଆଖି ବି ତରାଟି ହୋଇଯିବ। ମିଟି ତା' କ୍ୟାରିୟରରେ ଏମନ୍ତ ଅନେକ ବାଡ଼ ଡେଇଁ ତା' ଦକ୍ଷତାର ପ୍ରମାଣ ଦେଇସାରିଛି। କେବଳ ସେତିକି ନୁହେଁ ଘରଭଙ୍ଗା ମଣିଷମାନେ ଯେମନ୍ତ ଅନ୍ୟ ଘରର ଛିଦ୍ର ଉଣ୍ଡି ଭିତରକୁ ପଶି ଘର ଉଜାଡ଼ି ଦିଅନ୍ତି, ତେମନ୍ତ ମିଟି ଯଦି କାହା ବିଲ କି ବାଡ଼ି ଭିତରକୁ ପଶିଯାଏ ତା'ର ସବୁ ଫସଲକୁ ଉଜାଡ଼ି ଦିଏ। ଗାଲୁଆମାନଙ୍କୁ ଯେତେ କଟୁକଥା କହିଲେ ବି ସେମାନେ ନିଜର ସ୍ୱାର୍ଥସାଧନ ନ ହେବାଯାଏ ସବୁ ଅପମାନକୁ ହସି ହସି ସହିଯିବା ପରି ମିଟି ଥରେ ବାଡ଼ିରେ ପଶିଗଲେ ତାକୁ ଯେତେ ହୁରୁଡ଼େଇଲେ କି ପିଟାପିଟି କଲେ ବି ତାକୁ ଖାତିର ନ କରି କ୍ଷେତକୁ ହନୁମନ୍ତିଆର ଅଶୋକବାଟିକା ପରିକା ନ କରିବାଯାଏ ଚଙ୍କିବ ନାହିଁ। ବାଡ଼ିର ଏମୁଣ୍ଡରୁ ସେମୁଣ୍ଡ ଦୌଡୁଥିବ।

ମିଟି ଯେ ଦିନେ ତା' ଖେଳୁଆଡ଼ କରାମତି ଆମ ବାଡ଼ିରେ ଦେଖାଇବ- ଏକଥା ଭାବି ନ ଥିଲି। ସେଦିନ ଘରେ ପହଞ୍ଚିବା ବେଳକୁ ଦେଖିଲି ଶ୍ରୀମତୀ ଘରେ କବାଡ଼ି ଖେଳିବା ପରି ଏପଟ ସେପଟ ହୋଇ ଖାଲି ମୋ ନାଁରେ ଆପତ୍ତି ଅଭିଯୋଗ ଅଜାଡ଼ି ପକାଉଛନ୍ତି। ମିଟି ଯାର ମୂଳ କାରଣ ବୋଲି ଜାଣିଗଲି। ବହୁ କଷ୍ଟକରି ଘର ଆଗରେ ସେ ନାନା କିସମର ଫୁଲଗଛ ଲଗେଇଥିଲେ, ମାତ୍ର ମିଟି ସବୁ କିଛି ଉଜାଡ଼ି ଦେଇଛି। ବନ୍ୟାବାତ୍ୟା ଦାଉରୁ ହୁଏତ କିଛି ଗଛ ବଞ୍ଚିଯାଇପାରେ ମାତ୍ର ମିଟି ଦାଉରୁ ବଞ୍ଚିବାର ସମ୍ଭାବନା ଆଦୌ ନାହିଁ।

ଶ୍ରୀମତୀଙ୍କର ତାଡ଼ନା ସହି ନ ପାରି ଦୁଲେଇ ନାନୀ ଘରକୁ ଦୌଡ଼ିଲି। ମୋ ଅଭିଯୋଗ ଶୁଣି ଦୁଲେଇ ନାନୀ ଏକପ୍ରକାର ରଣହୁଙ୍କାର ଦେଇ ବାହାରକୁ ବାହାରି ଆସିଲା। ସିଧା ସିଧା ମୋ ମୁହଁ ଉପରେ ବର୍ଷିଗଲା- କ'ଣ କହିଲୁ, ମୋ ମିଟି ତୋ ବାଡ଼ିକୁ ଉଜାଡ଼ି ଦେଇଛି ? ଆଜି ଦିନସାରା ମୋ ମିଟି ମୋ ଘରବାଡ଼ିରୁ ବାହାରକୁ ଯାଇନାହିଁ। ଦେଖିବୁ ? ଆ'ଲୋ ମିଟି, ଇଆଡ଼େ ଅଇଲୁ। ଦୁଲେଇ ନାନୀର ଡାକ ଶୁଣି ମିଟି କୋଉଠି ଥିଲା କେଜାଣି ଶାନ୍ତ ସୁଧାର ପିଲା ଭଳି ହଲି ଦୋହଲି ଆସି ଠିଆ ହୋଇଗଲା। ଆମକୁ ଚାହିଁ ଆଖି ମିଟି ମିଟି କରି ନିରୀହତାର ପ୍ରମାଣ ଦେଇଦେଲା। ଆହା କି ଠାଣି ! ସତେ ଯେମିତି କିଛି ଜାଣିନି। ଦୁଲେଇ ନାନୀ ଟାଣଗଳାରେ ଅଟ୍ଟାକରି କହିଲା- ଦେଖିଲୁ ତ ? ମୋ ମିଟି ଏଇଠି ଅଛି। ତୋ ବାଡ଼ିକୁ ଯାଇଛି ବୋଲି ମିଛରେ ତା' ନାଁରେ ଉଲୁଗୁଣା ଦେଉଛୁ। ମୋତେ ଲାଗିଲା ସତେଯେମିତି ଦୁଲେଇ ନାନୀର ଓଲେଇ ଗାଈ ନୁହେଁ, ଗୋପୀଘରେ ପଶି ସର ଲବଣି ସ୍ୱାହା କରିଦେଇ ମା' ଯଶୋଦା ଆଗରେ ନିଜର ନିର୍ଦ୍ଦୋଷପଣିଆ ପ୍ରମାଣ କରିବାକୁ ସ୍ୱୟଂ କାହ୍ନୁ ଠିଆ ହୋଇଛି। ଆଉ କୌଣସି ପ୍ରମାଣ ଦେଇ ନ ପାରି ମୂଢ଼ ଗୋପାଳୁଣୀ ପରି ମୁଁ ନିରସ୍ତ ହୋଇଯାଉଛି।

ଦୁଲେଇ ନାନୀର ଆରମ୍ଭ ହୋଇଗଲା ପ୍ରବଚନସମ୍ବଳିତ ସାମାଜିକ ସ୍ଥିତିର ଧାରା ବିବରଣୀ। ମୋର ସକଳ ଅଭିଯୋଗକୁ ପଦଦଳିତ କରି ଦୁଲେଇ ନାନୀ କହିଲା- ଏ ଦୁନିଆରେ କିଏ ନ ଖାଉଛି ଯେ ଏକା ମୋ ମିଟି ଖାଇଗଲା ? ହୁଡୁହୁଡୁ, ତିତ୍‌ଲି, ଫନୀ ପ୍ରଭୃତିରେ ଯେତେଯାହା ଟଙ୍କା କି ଜିନିଷ ଆସିଲା ସବୁତ ନିଜ କାଇଦାରେ ମାରିନେଲ। ମୁଁ ବ୍ଲକ୍ ଯାଇପାରୁନି ବୋଲି ଖାଉଟି କାର୍ଡ କରିଦେବ ବୋଲି କହି ଖାଉ ଗଉଡ଼ ମୋଠାରୁ ପାଞ୍ଚଶହ ନେଇଗଲା ଯେ ଏଯାଏ ଦେଖାଦେଉନି। ମୋତେ ଦେଖିଲେ ମୁହଁ ଲୁଚାଇ ପଳଉଚି। ମୋ ମିଟି କ'ଣ ତା'ଠାରୁ ବେଶି ଖାଇ ଯାଉଚି ? ଟଙ୍କିକିଆ ଚାଉଳ ପାଇ ଆରାମରେ ଗେଫା ମାରୁଚ ! ମୋ ମିଟିପାଇଁ ତମେ କ'ଣ କରିଚ ଯେ ତମ ବାଡ଼ିଘର ଭିତରକୁ ନ ପଶି ଆରାମରେ ଖାଇବ ? ଆରେ ମୋ ମିଟି ତ ତମଠାରୁ ହଜାରଗୁଣ ଭଲ। ସେ ପରିଶ୍ରମ କରୁଚି। କାହା ବାଡ଼ିରେ ପଶିବ ବୋଲି ଭାବିଚିନ୍ତି କଷ୍ଟ କରି ଡିଆଁକୁଦା ମାରୁଚି। ନ ହେଲେ କୋଉଠି ଗୋଟେ ଦି'ଟା ଗଛ ଖାଇ ଦେଇଥିବ। ସେଇଠୁ କ'ଣ ହୋଇଗଲା ? ତମେଗୁଡ଼ାକ ତ କର୍ମକୋଢ଼ି। କାମ ନ କରି ସମସ୍ତଙ୍କ ସମ୍ପତ୍ତି ଝାମ୍ପମାରି ନେଇଯାଉଚ। ପଡ଼ିଆ ବିଲ ସବୁ ଘେରି ନେଉଚ। ମୋ ମିଟି ଚରିବ କୋଉଠି ? ଏ ସଂସାରଟା କ'ଣ ପୂରା ତମର, ଆଉ କାହାର ନାହିଁ ? ଆରେ ମୋ ମିଟି କ'ଣ, ସମୟ ଆସିବ ହାତୀ, ବାଘ, ଭାଲୁ ତମ ଘରେ ପଶିବେ, ସେତେବେଳେ ତମେ କାହା ପାଖରେ ଫେରାଦ ହେବ ?

ଦୁଲେଇ ନାନୀ ଭାଷଣ ଦେଇ ଚାଲିଥାଏ। ମିଟି ସେଠାରେ ଠିଆହୋଇ ଯୁଦ୍ଧବିଜୟୀ ବୀରପରି ମୋତେ ମଝିରେ ମଝିରେ ତେର୍ଚ୍ଛା ଚାହାଣିରେ ଚାହୁଁଥାଏ। ସତେଯେମିତି କହିଦେଉଥାଏ, ଆରେ ମୋ ନାଁରେ ଅଭିଯୋଗ ଆଣିଥିଲୁ ପରା, ପାନେ ପାଆ। ମୁଁ ଧୀରେ ଧୀରେ ପଶ୍ଚାଦ୍‌ପଦରେ ନିରୁତ୍ତର ହୋଇ ପଳାଇ ଆସିଲି। ମିଟି ଆଉ ମୋ ଦୃଷ୍ଟିରେ ଗୋଟିଏ ଓଲେଇ ଗାଈ ନୁହେଁ, ଗୋଟିଏ ସାମାଜିକ ଚରିତ୍ର ପାଲଟି ଯାଇଥିଲା। ଏ ସଂସାରରେ ଅନେକ ମଣିଷ ନିଜ ସ୍ୱାର୍ଥ ସାଧନପାଇଁ ଅନ୍ୟକୁ କଳକୌଶଳ କରି ଲୁଟି ଚାଲିଛନ୍ତି। ତା'କୁ ଦୁଲେଇ ନାନୀ ପରି ଅନେକ ବଡ଼ବଡ଼ିଆ ଅନ୍ଧଭାବରେ ସମର୍ଥନ କରୁଛନ୍ତି। ଆମେ ଚହଟଚିକ୍କଣ ବାବୁ ବୋଲାଉଥିବା ମଣିଷମାନେ ବି କିଛି କମ୍ ନୋହୁଁ। ଏ ସଂସାରରେ ଆମର ସବୁ ଦରକାର। ଗୋଚର, ଶ୍ମଶାନ, ନଈନାଳ, ବଣ ଜଙ୍ଗଲ ସବୁକୁ କରାୟତ୍ତ କରିବାପାଇଁ ଆମେ ଅହରହ ଚିନ୍ତା କରୁଛୁ। କିଛି ଲୋକଙ୍କର ସର୍ବଗ୍ରାସୀ ଲାଳସା ଆଜି ସମସ୍ତଙ୍କର ନିଦ ହଜେଇଦେଇଛି। ଦୁଲେଇ ନାନୀ ସଞ୍ଜୟ ପରି ଯୋଉ ଚେତାବନୀ ଦେଲା ତା'କୁ ମୋ ପରି ଧୃତରାଷ୍ଟ୍ରମାନେ ବୁଝି ନ ପାରିଲେ ମହାଭାରତ ଭଳି ପରିସ୍ଥିତି ଅବଶ୍ୟମ୍ଭାବୀ।

ବାସୁଦେବବାସ୍ୟମ୍, ଜଗନ୍ନାଥବିହାର,
ବାଇପାସ, ଭଦ୍ରକ, ମୋ-୭୯୭୮୯୦୩୫୦୯

## ଏଇ ଭାରତରେ

ମୁମ୍ବାଇର ସବିତା ରାଓ ନାମ୍ନୀ ଜଣେ ମହିଳା ପଲିଥିନ୍‌ମୁକ୍ତ ତଥା ସ୍ୱଚ୍ଛ ପରିବେଶ ଲାଗି ଅଣ୍ଟା ଭିଡ଼ିଛନ୍ତି। ୨୦୧୩ରେ 'କ୍ଲିନ୍ ପ୍ଲାନେଟ୍'ବ୍ରାଣ୍ଡ ଆରମ୍ଭ କରି ପରିବେଶ ଉପଯୋଗୀ ବହୁ ଟେକ୍ସଟାଇଲ ପ୍ରଡକ୍ଟ ପ୍ରସ୍ତୁତ କରୁଛନ୍ତି। ମୁଖ୍ୟତଃ ପରିବା ଓ ଡେଜରାତି ଜିନିଷ ଆଣିବା ଲାଗି ସେ କପଡ଼ା ବ୍ୟାଗ୍ ତିଆରି କରୁଛନ୍ତି। ଲୋକମାନଙ୍କଠାରୁ ପୁରୁଣା ଶାଢି, ବେଡ୍‌ଶିଟ ଏବଂ ପୁରୁଣା ପୋଷାକ ସଂଗ୍ରହ କରି ସେ ବ୍ୟାଗ୍ ତିଆରି ହେଉଛି। ବ୍ୟାଗ୍ ବ୍ୟତୀତ ତାଙ୍କ ଉତ୍ପାଦ ମଧ୍ୟରେ ରହିଛି କପଡାର ଗିଫ୍ଟବ୍ୟାଗ, ପର୍ସ ଓ ବିଭିନ୍ନ ପ୍ରକାର ଝୁଲା। ଏହି କାର୍ଯ୍ୟରେ ସେ ମହିଳାମାନଙ୍କୁ ବି ଜୀବିକା ଯୋଗାଇ ଦେଇଛନ୍ତି। ଯେଉଁମାନେ ପୁରୁଣା ପୋଷାକ ଦାନ କରୁଛନ୍ତି ସବିତା ସେମାନଙ୍କୁ ଏହା ବଦଳରେ ଗୋଟିଏ ବ୍ୟାଗ୍ ମଧ ଦେଉଛନ୍ତି। ଗତ ଦୁଇବର୍ଷ ମଧ୍ୟରେ ସେ ୬ରୁ ୭ ହଜାର ବ୍ୟାଗ୍ ତିଆରି କରିପାରିଛନ୍ତି ବୋଲି କହନ୍ତି ସବିତା। ଏଥିପାଇଁ ସେ ତାଙ୍କ ସଂସ୍ଥାରେ କାର୍ଯ୍ୟ କରୁଥିବା ମହିଳାମାନଙ୍କୁ ତିନୋଟି ଗ୍ରୁପ୍‌ରେ ଭାଗ କରିଛନ୍ତି। କପଡା କାଟିବାଠାରୁ ଆରମ୍ଭ କରି ସିଲାଇ ତଥା ବ୍ୟାଗ୍ ଉପରେ ବିଭିନ୍ନ ପ୍ୟାଚ୍‌ୱାର୍କ ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ ଏମାନେ କରିଥାନ୍ତି। ଇ-କମର୍ସ ଜରିଆରେ ଏହା ମଧ ଉପଲବ୍ଧ ହୋଇଥାଏ। ଏମିତିକି ଭାରତ ସମେତ ଆମେରିକା, ୟୁରୋପ ଓ ଜାପାନରେ 'କ୍ଲିନ୍ ପ୍ଲାନେଟ୍'ର ଚାହିଦା ବଢୁଛି ବୋଲି କହିଛନ୍ତି ସବିତା।

## ଚିରନ୍ତନୀ

ବଥାଇ ଉଠେ ରୁଦ୍ଧତାର
କ୍ରନ୍ଦନ ହେ କ୍ରନ୍ଦନ
ପଉଷ-ଶେଷ ସନ୍ଧ୍ୟା ଘେନ
ବନ୍ଦନ !
(ପଉଷ ସନ୍ଧ୍ୟା)
ବିବାହ-ଶଙ୍ଖ ଉଠୁ ଗୋ ମନ୍ଦେ ବାଜି
ପକ୍ୱ ଧାନର ବିପୁଳ ଗନ୍ଧେ
ସୋରିଷ ଫୁଲର ମାଦକ ଛନ୍ଦେ
ପୂରିଛି ଗଗନ ଭାସିଛି ଭୁବନ
ଥରିଛି ପବନ ଆଜି
ବିବାହ ଶଙ୍ଖ ଉଠୁ ଗୋ ମନ୍ଦେ ବାଜି।
ବହୁ ଦିବସର ବିସ୍ମୃତ ମୋର ବିବାହ ନବ ସ୍ୱପନ।
ପଉଷ ବାଆରେ ପଠାଇଛି ତା'ର ମଙ୍ଗଳ ନିମନ୍ତ୍ରଣ
ଦୂର ଦିଗନ୍ତୁ କାନ୍ଦେ ମହୁରୀ
ବାଜି ଉଠେ ଢକା ବାଜି ଉଠେ ତୂରୀ
ଶୁଭ୍ର ତୁଷାର ଶ୍ୟାମଳ ଧରାରେ କରେ ପଦ ଅରପଣ
ଆଣିଛି ସେ ମୋର ବିବାହର ନିମନ୍ତ୍ରଣ।
(ମଧୁ-ବିବାହ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୧୪ ମାର୍ଚ୍ଚ ୧୯୯୫

- ଆଗାମୀ ୭ ବର୍ଷ ନିମନ୍ତେ ଉପଗ୍ରହ ଉତ୍କ୍ଷେପଣ ସେବା ନେଇ ଆମେରିକା ଓ ଚାଇନା ମଧ୍ୟରେ ଏକ ଚୁକ୍ତି ସ୍ୱାକ୍ଷର ହୋଇଛି।
- ଗୁଜରାଟର ପ୍ରଥମ ଭାଜପା ମୁଖ୍ୟମନ୍ତ୍ରୀ ଭାବେ ଦଳର ବୟୋବୃଦ୍ଧ ନେତା କେଶୁଭାଇ ପଟେଲଙ୍କ ଶପଥ ଗ୍ରହଣ।

## su|do|ku ସୁ-ଡୋ-କୁ

Puzzles by Srikant Ghosh



ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।



ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ରାଜନୀତିରୁ ଅପରାଧୀଙ୍କୁ ହଟାଯାଉ

ମହାଶୟ,

ଜଣେ ବ୍ୟକ୍ତି ବିଧାନସଭା ନିର୍ବାଚନରେ ୩ ଥର ଜିତି ୧୫ ବର୍ଷ ବିଧାୟକ ହେବା ପରେ ବି ଯଦି ଆପରାଧିକ ମାମଲାର ସର୍ବୋଚ୍ଚ ଶିଖରରେ ପହଞ୍ଚି ପାରନ୍ତି, ତେବେ ଏମାନେ କେତେ ଭୟଙ୍କର ଏଥିରୁ ଅନୁମାନ କରାଯାଇପାରେ। କୌଣସି ପ୍ରଭାବଶାଳୀ ଦଳର ନେତା ହେଲେ କ୍ଷମତା ଏବଂ ପ୍ରଭାବ ଅମାପ ହୋଇଯାଏ। ଯେତେବେଳେ ସେ ଦଳର ଅଧଃପତନ ହେଲା, ସେ ଅନ୍ୟ ଏକ ପ୍ରଭାବଶାଳୀ ଦଳକୁ ଲମ୍ଫ ପ୍ରଦାନ କଲେ। ନିର୍ବାଚନରେ ହାରିଗଲେ ବି ପଦପଦବୀରେ ରହି ଯେତେ ଭ୍ରଷ୍ଟାଚାର, ବ୍ୟଭିଚାର କରିଚାଲିଲେ। ନିଜ ସ୍ତ୍ରୀ ପିଲା ଥିଲେ ମଧ୍ୟ ଅନ୍ୟ ସ୍ତ୍ରୀକୁ ବିବାହ ଲୋଭ ଦେଖାଇ ଉପଭୋଗ କଲେ। ସେ ମହିଳାଙ୍କର ଝିଅଟିଏ ବି ହେଲା। ଦ୍ୱିତୀୟ ବିବାହ କରି ଜଣେ ପ୍ରଭାବଶାଳୀ ବଡ଼ ଲୋକଙ୍କର ସ୍ତ୍ରୀ ହୋଇ ପ୍ରାଚୁର୍ଯ୍ୟ ମଧ୍ୟରେ ରହିବାର ନିଶା ବି ସେ ମହିଳାଙ୍କର ଥିଲା। ସେ ବାହା ହେବାକୁ ବାରମ୍ବାର ଚାପ ପକାଉଥିଲେ। ଶେଷରେ ଦିନେ ସେହି ନେତା ମା'ଝିଅଙ୍କୁ ଗାଡ଼ିରେ ବସାଇ ବିଭା ହେବାକୁ ବାହାରିଲେ। ଏକ ଜଙ୍ଗଲ ରାସ୍ତାରେ ଗାଡ଼ି ନେଇ ଜଙ୍ଗଲ ମଝିରେ ମା' ଝିଅଙ୍କୁ ରଡ୍‌ରେ ପିଟି ପିଟି ହତ୍ୟା କଲେ। ପ୍ରମାଣ ହଟେଇ ଦେବାକୁ ମା' ଝିଅଙ୍କର ମୃତଶରୀର ଉପରେ ଗାଡ଼ି ଚଢ଼ାଇଦେଲେ। ଏପରି ଅପରାଧୀ ନେତାଙ୍କୁ ଦଳରୁ ବହିଷ୍କାର କରାଯିବା ଉଚିତ। ଯେଉଁ ଦଳ ଅପରାଧୀମାନଙ୍କୁ ଟିକେଟ ଦେଇ ଦଳ ପ୍ରଭାବରେ ଜିତାଇ ଦେଉଛନ୍ତି ସେ ଦଳ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବା ଉଚିତ। ଯେଉଁ ରାଜନେତା ନିଜ ଆପରାଧିକ ତଥ୍ୟ ଲୁଚାଉଛନ୍ତି, ତାଙ୍କୁ ଦଣ୍ଡିତ କରାଯିବା ଉଚିତ। ଫଳରେ ରାଜନୀତି ଅପରାଧମୁକ୍ତ ହେବ।

ଅକ୍ଷୟ ମହାନ୍ତି, ତେନ୍ତୁଳିପଦା, ଜଗତ୍‌ସିଂହପୁର

### ସମସ୍ତେ ସମାନ ଅଧିକାର ପାଇବାକୁ ହକ୍‌ଦାର

ନାଗରିକତ୍ୱ ସଂଶୋଧନ ଆଇନ ଭଳି ଏନ୍‌ଆର୍‌ସି ଓ ଏନ୍‌ପିଆର୍ ଆଇନ ସଂସଦରେ ପାରିତ ହୋଇ ରାଷ୍ଟ୍ରପତିଙ୍କ ଅନୁମୋଦନ ଲାଭ କରିସାରିଛି। ଏହାକୁ ନେଇ ଦେଶରେ ଉଭୟ ସପକ୍ଷ ଓ ବିପକ୍ଷରେ ଲୋକେ ରାଜରାସ୍ତାକୁ ଓହ୍ଲାଇଛନ୍ତି। ସହସ୍ରାଧିକ ମାମଲା ସୁପ୍ରିମ୍‌କୋର୍ଟରେ ପଡିଛି। ଏହାର ବିଚାରକୁ ଧୈର୍ଯ୍ୟର ସହ ଅପେକ୍ଷା ନ କରି ଆନ୍ଦୋଳନକୁ ଉତ୍ତେଜିତ କରି ଧନଜୀବନ ନଷ୍ଟ କରିବା ଠିକ୍ ନୁହେଁ। ଏହା ଏକ ଗଣତନ୍ତ୍ର ରାଷ୍ଟ୍ର, ଧର୍ମନିରପେକ୍ଷତା ଏହାର ମୂଳ ପିଣ୍ଡ। ସୁତରାଂ ସମସ୍ତେ ସମାନ ସୁବିଧା ସୁଯୋଗ ଓ ଅଧିକାର ପାଇବାକୁ ହକ୍‌ଦାର- ଏଥିରୁ କେହି ବଞ୍ଚିତ କରିପାରିବେ ନାହିଁ। ଆଇନକୁ ଆଇନ ବାଟରେ ଛାଡି ଦିଆଯାଉ।

ଯଦୁନାଥ ସାହୁ, ସାବରଙ୍ଗ, ଭଦ୍ରକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ରାଣା କପୁରଙ୍କ ବିରୋଧରେ ସିବିଆଇର ସାନି ମାମଲା

ନୂଆଦିଲ୍ଲୀ,୧୩।୩: ୟେସ୍ ବ୍ୟାଙ୍କ ପ୍ରତିଷ୍ଠାତା ରାଣା କପୁର ତାଙ୍କ ସ୍ତ୍ରୀ ବିନ୍ଦୁ କପୁର ଏବଂ ଅବନ୍ଥା ରିୟଲିଟି ପ୍ରମୋଟର ଗୌତମ ଥାପରଙ୍କ ବିରୋଧରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ(ସିବିଆଇ) ପକ୍ଷରୁ ସାନି ମାମଲା ଦାଏର କରାଯାଇଥିବା ଜଣାପଡିଛି। ସିବିଆଇର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ଏହି ମାମଲା ଅମ୍ରିତା ସେରଗିଲ୍ ବଙ୍ଗଳା ଡିଲ ସହ ସମ୍ପୃକ୍ତ। ଋଣ ପ୍ରଦାନ ବେଳେ କୋହଳ ନୀତି ଆପଣାଇବାକୁ ଲାଞ୍ଚ କାରବାରର ଅଭିଯୋଗ ଆସିଛି। ଏହାକୁ ନେଇ ଏଜେନ୍ସି ପକ୍ଷରୁ ଦିଲ୍ଲୀ, ମୁମ୍ବାଇ ଭଳି ବିଭିନ୍ନ ସ୍ଥାନରେ ଚଢାଉ କରାଯାଇଛି। ଏହା ମଧ୍ୟରେ ରାଣା କପୁରଙ୍କ କାର୍ଯ୍ୟାଳୟ, ବାସଗୃହ, ସ୍ତ୍ରୀ ବିନ୍ଦୁଙ୍କ ସହ ସମ୍ପୃକ୍ତ ଥିବା ବ୍ଲିସ୍ ଆଡୋବ ଅଫିସ, ଥାପର ଏବଂ ତାଙ୍କ କମ୍ପାନୀ ସାମିଲ ରହିଛି।

# ଶ୍ରୀମନ୍ଦିର ଟଙ୍କାକୁ ନେଇ ବିଧାନସଭାରେ ହଟ୍ଟଗୋଳ

ଭୁବନେଶ୍ୱର,୧୩।୩(ବ୍ୟୁରୋ)

ୟେସ୍ ବ୍ୟାଙ୍କରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଟଙ୍କା ରଖିବାକୁ ନେଇ ଶୁକ୍ରବାର ବିଧାନସଭାରେ ପୁଣି ହଟ୍ଟଗୋଳ ହୋଇଛି। ଭାଜପା ସଦସ୍ୟମାନେ ଏହି ପ୍ରସଙ୍ଗକୁ ନେଇ ସରକାରଙ୍କୁ ଜୋର୍‌ଦାର ଆକ୍ରମଣ କରିଛନ୍ତି। ମହାପ୍ରଭୁଙ୍କ ଟଙ୍କା ସୁରକ୍ଷିତ ଭାବେ ନ ଫେରିଲେ ଆମେ ଗୃହ ଚଳାଇ ଦେବୁନାହିଁ। ସରକାର ଏ ଦିଗରେ କ'ଣ ପଦକ୍ଷେପ ନେଇଛନ୍ତି ତୁରନ୍ତ ଗୃହକୁ ଜଣାନ୍ତୁ। ମହାପ୍ରଭୁଙ୍କ ଟଙ୍କା ଫେରାଇବା ନେଇ ତୁରନ୍ତ ଗୃହ କମିଟି ଗଠନ କରାଯାଉ। ଏହି ଦାବିରେ ଭାଜପା ସଦସ୍ୟମାନେ ପ୍ରଶ୍ନକାଳକୁ ଅଚଳ କରିଦେଇଥିଲେ। ତେବେ ବିରୋଧୀଙ୍କ ଦାବି ଆଗରେ ସରକାରଙ୍କୁ ନଇଁବାକୁ ପଡ଼ିଛି। ଗୃହ କମିଟି ଗଠନ କରିବାକୁ ସରକାର ବାଧ୍ୟ ହୋଇଛନ୍ତି।

ପୂର୍ବାହ୍ନ ୧୦ଟା ୩୦ ମିନିଟ୍‌ରେ ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ସଭାକାର୍ଯ୍ୟ ଚଳାଇବା ପାଇଁ ଗୃହକୁ ପ୍ରବେଶ କରିଥିଲେ। ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଆରମ୍ଭ କରିବା ମାତ୍ରେ ଭାଜପା ସଭ୍ୟ ମୋହନ ଚରଣ ମାଝି, ମୁକେଶ ମହାଲିକ, ବିଷ୍ଣୁଚରଣ ସେଠୀ ଏବଂ ଦଳର ଅନ୍ୟ ସଦସ୍ୟ ଗୃହର ମଧ୍ୟଭାଗକୁ ଆସି ହଟ୍ଟଗୋଳ କରିଥିଲେ। ଜଗନ୍ନାଥଙ୍କ ଟଙ୍କା ୟେସ୍ ବ୍ୟାଙ୍କରୁ ତୁରନ୍ତ ଉଠାଇବା ଆମର ଦାବି କହି ସ୍ଲୋଗାନ ଦେଇଥିଲେ। ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ସହଯୋଗ କରିବା ପାଇଁ ବାଚସ୍ପତି ଭାଜପା ସଦସ୍ୟଙ୍କୁ ଅନୁରୋଧ କରିଥିଲେ। ତେବେ ଏହାର କୌଣସି ପ୍ରଭାବ ଭାଜପା ସଦସ୍ୟଙ୍କ ଉପରେ ପଡ଼ି ନ ଥିଲା। ସେମାନେ ହଟ୍ଟଗୋଳରେ ମାତିଯାଇଥିଲେ। ବାଚସ୍ପତି ହଟ୍ଟଗୋଳ ମଧ୍ୟରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମକୁ ଆଗେଇ ନେବାକୁ ଚେଷ୍ଟା କରିଥିଲେ ମଧ୍ୟ ସଫଳ ହୋଇପାରି ନ ଥିଲେ। ପ୍ରବଳ ହଟ୍ଟଗୋଳ ଯୋଗୁ ବାଚସ୍ପତି ବାଧ୍ୟହୋଇ ଗୃହକୁ ମାତ୍ର ୧ ମିନିଟ୍ ପରେ ଅର୍ଥାତ୍ ୧୦ଟା ୩୧ରୁ ପୂର୍ବାହ୍ନ ୧୧ଟା ୩୦ ମିନିଟ୍ ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ। ୧୧ଟା ୩୦ ମିନିଟ୍ ପରେ ଗୃହକୁ ଆଉ ୧୦ ମିନିଟ୍ ପାଇଁ ମୁଲତବୀ ଘୋଷଣା କରାଯାଇଥିଲା। ଗୃହକାର୍ଯ୍ୟ ଆରମ୍ଭ ହେବାମାତ୍ରେ ଭାଜପା ସଦସ୍ୟମାନେ ପୁଣି ହଟ୍ଟଗୋଳ ଆରମ୍ଭ କରିଥିଲେ। ୟେସ୍ ବ୍ୟାଙ୍କରୁ ଟଙ୍କା ଉଠିବା ନେଇ ଗୃହ କମିଟି ଗଠନ ସମ୍ପର୍କରେ ବାଚସ୍ପତି ସୂଚନା ଦେଇଥିଲେ। ସେ କହିଥିଲେ ଯେ, ଗୃହ କମିଟି ଗଠନ ନେଇ ସରକାରୀ ଦଳ ମୁଖ୍ୟ ସଚେତକ ଶୁକ୍ରବାର ବିଧାନସଭା କାର୍ଯ୍ୟ ବନ୍ଦ ହେବା ପୂର୍ବରୁ କମିଟି ସଦସ୍ୟଙ୍କ ନାମ ଘୋଷଣା କରିବେ। ଏହାପରେ ଭାଜପା ସଦସ୍ୟମାନେ ଶାନ୍ତ ହୋଇଯାଇଥିଲେ। ଗୃହକାର୍ଯ୍ୟ ସ୍ୱାଭାବିକ ହୋଇଥିଲା।



**ୟେସ୍ ବ୍ୟାଙ୍କ ପ୍ରସଙ୍ଗ ନେଇ ଅଚଳାବସ୍ଥା**

**ଗୃହ ମୁଲତବୀ**

### ଗଢ଼ାହେଲା ଗୃହ କମିଟି

**ଭୁବନେଶ୍ୱର,୧୩।୩(ବ୍ୟୁରୋ):** ୟେସ୍ ବ୍ୟାଙ୍କରେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଟଙ୍କା ଉଠାଣ ପାଇଁ ଶୁକ୍ରବାର ବିଧାନସଭା ଗୃହ କମିଟି ଗଠନ କରାଯାଇଛି। ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ରଙ୍କ ଅଧ୍ୟକ୍ଷତାରେ ୧୨ ଜଣ ସଦସ୍ୟଙ୍କୁ ନେଇ ଏହି କମିଟି ଗଠନ କରାଯାଇଛି। କମିଟିରେ ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାଏକ, ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, ସରକାରୀ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, ବିଧାୟକ ନରସିଂହ ମିଶ୍ର, ଲକ୍ଷ୍ମଣ ମୁଣ୍ଡା, ତାରା ପ୍ରସାଦ ବାହିନୀପତି, ଅତନୁ ସବ୍ୟସାଚୀ ନାୟକ, ସୁବାସ ଚନ୍ଦ୍ର ପାଣିଗ୍ରାହୀ, ମୋହନ ଚରଣ ମାଝି, ପ୍ରତାପ କେଶରୀ ଦେବ ଓ ଦେବୀ ପ୍ରସାଦ ମିଶ୍ର ସଦସ୍ୟ ଅଛନ୍ତି। ଏହି କମିଟି ଟଙ୍କା ଉଠାଣ ପାଇଁ କେନ୍ଦ୍ର ସରକାର ଏବଂ ଭାରତୀୟ ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣରଙ୍କୁ ସ୍ମାରକ ପତ୍ର ପ୍ରଦାନ କରିବେ। ଏଥିସହିତ ଅନ୍ୟାନ୍ୟ ଦିଗକୁ ଦେଖିବେ।

### ବିପିୟୁଟି ସମାବର୍ତ୍ତନ ଉତ୍ସବ ସ୍ଥଗିତ

ଭୁବନେଶ୍ୱର, ୧୩।୩(ବ୍ୟୁରୋ)

ବିଜୁ ପଟ୍ଟନାୟକ ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି (ବିପିୟୁଟି)ର ୧୦ମ ସମାବର୍ତ୍ତନ ଉତ୍ସବକୁ ସ୍ଥଗିତ ରଖାଯାଇଛି। କରୋନା ପାଇଁ ଶିକ୍ଷାନୁଷ୍ଠାନ ବନ୍ଦ କରିବା ସହିତ କୌଣସି ସମ୍ମିଳନୀ ନ କରିବା ପାଇଁ ଶୁକ୍ରବାର ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ଏହାପରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ବିପିୟୁଟି ଅଧୀନରେ ଥିବା ସମସ୍ତ କଲେଜର ପ୍ରିନ୍ସିପାଲଙ୍କୁ ଶିକ୍ଷାନୁଷ୍ଠାନ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ଆସନ୍ତା ୧୭ତାରିଖରେ ହେବାକୁ ଥିବା ବିଶ୍ୱବିଦ୍ୟାଳୟର ୧୦ମ ସମାବର୍ତ୍ତନ ଉତ୍ସବକୁ ସ୍ଥଗିତ ରଖାଯାଇଥିବା ସୂଚନା ଦିଆଯାଇଛି।

### ଚାଉଳିଆରେ ଗୁଳି ମାଡ଼, ଜଣେ ଗୁରୁତର

ଢେଙ୍କାନାଳ ଅଫିସ, ୧୩।୩

ଢେଙ୍କାନାଳ ଜିଲା ସଦର ଥାନା ଚାଉଳିଆ ଗ୍ରାମରେ ଦୋଳପର୍ବ ଚାଲିଥିବାବେଳେ ଶୁକ୍ରବାର ରାତି ପ୍ରାୟ ୧୧ଟା ୪୫ରେ ଗୁଳିମାଡ଼ ହୋଇଛି। ଏଥିରେ ରାମଚନ୍ଦ୍ର ସାହୁ (୪୫) ଗୁରୁତର ହୋଇଛନ୍ତି। ତାଙ୍କ ଡାହାଣ ପଟ ଛାତିରେ ଗୁଳି ବାଜିଛି। ସଙ୍କଟାପନ୍ନ ଅବସ୍ଥାରେ ତାଙ୍କୁ ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଳୟ ଏବଂ ପରେ କଟକ ସ୍ଥାନାନ୍ତର କରାଯାଇଛି। ଆହତ ଯୁବକ ଜଣକ ଅନ୍ୟ ଜିଲାରେ ପୋଲିସ ପ୍ରଶାସନରେ କାର୍ଯ୍ୟ କରୁଥିବା ଜଣାପଡ଼ିଛି। ଦୋଳ ଉତ୍ସବ ଲାଗି ସେ ଗ୍ରାମକୁ ଆସିଥିଲେ। ଗୁଳିମାଡ଼ର କାରଣ ଅସ୍ପଷ୍ଟ ରହିଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଛାନ୍‌ଭିନ୍ ଆରମ୍ଭ କରିଛି।

### ପୁଅ ମାଡ଼ରେ ମା' ଲହୁଲୁହାଣ

**ଥାନାରେ ପୁଅବୋହୂ ଅଟକ**

କଳିଙ୍ଗନଗର, ୧୩।୩(ଡି.ଏନ.ଏ)

ପୁଅଠାରୁ ମାଡ଼ ଖାଇ ମା'ର ମୁଣ୍ଡ ଫାଟିଯିବାରୁ ପୁଅବୋହୂଙ୍କୁ ବାନ୍ଧି ନେଇଥିଲା ପୋଲିସ। ଏହି ଖବର ପାଇବା ପରେ ଡାକ୍ତରଖାନାରୁ ଥାନାକୁ ସିଧା ଧାଇଁ ଯାଇଥିଲେ ମା'। ପୁଅବୋହୂଙ୍କୁ ନ ଛାଡ଼ିଲେ ଘରକୁ ଯିବେ ନାହିଁ ବୋଲି ଜିଦ୍ ଧରିବା ପରେ ହାର ମାନିଥିଲା ପୋଲିସ। ଶେଷରେ ବାଧ୍ୟହୋଇ ପୋଲିସ ପୁଅବୋହୂଙ୍କୁ କେବଳ ତାଗିଦ୍ କରି ଛାଡ଼ି ଦେଇଛି। ଯାଜପୁର ଜିଲା ଚମକା ଥାନା ମାନପୁର ଗ୍ରାମରେ ଏଭଳି ଘଟଣା ଘଟିଛି। ଉକ୍ତ ଗ୍ରାମର କାଞ୍ଚନ ପୁହାଣ (୮୫) ଦୀର୍ଘ ୭ବର୍ଷ ଧରି ଏକମାତ୍ର ପୁଅ ଶୁଭେନ୍ଦୁ ପୁହାଣ, ବୋହୂ ପ୍ରେମ ପୁହାଣ ଓ ନାତି ଦ୍ୱାରା ନିର୍ଯାତିତ ହୋଇ ଆସୁଥିଲେ। କୌଣସି କାରଣରୁ ଗୁରୁବାର ରାତିରେ କାଞ୍ଚନଙ୍କୁ ପୁଅ, ବୋହୂ ଓ ନାତି ଆକ୍ରମଣ କରି ମୁଣ୍ଡ ଫଟାଇ ଦେଇଥିଲେ।

# ୨୯ ଯାଏ ବିଧାନସଭା ସ୍ଥଗିତ

ଭୁବନେଶ୍ୱର,୧୩।୩(ବ୍ୟୁରୋ)

କରୋନାର ଭୟାବହତାକୁ ନେଇ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ଚଳିତ ବଜେଟ ଅଧିବେଶନକୁ ମାର୍ଚ୍ଚ ୨୯ ତାରିଖ ଯାଏ ସ୍ଥଗିତ ରଖାଯାଇଛି । ଏ ନେଇ ଏକ ପ୍ରସ୍ତାବକୁ ଗୃହର ଅନୁମୋଦନ ପରେ ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ବିଧାନସଭାକୁ ସ୍ଥଗିତ ଘୋଷଣା କରିଛନ୍ତି। ଶୁକ୍ରବାର ପୂର୍ବାହ୍ନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କରୋନା ସତର୍କତା ସମ୍ପର୍କରେ ଗୃହରେ ସୂଚନା ଦେବା ପରେ ବିଧାନସଭା ସ୍ଥଗିତ ନେଇ ଏକ ପ୍ରସ୍ତାବ ଆଗତ କରାଯାଇଥିଲା। ସରକାରୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ଗୃହକୁ ସ୍ଥଗିତ କରିବା ନେଇ ଏକ ପ୍ରସ୍ତାବ ଆଗତ କରିଥିଲେ। ସେ କହିଥିଲେ ଯେ, କରୋନା ବ୍ୟାପୁଥିବାରୁ ବିଧାନସଭାକୁ ଆସନ୍ତା ୨୯ ଯାଏ ସ୍ଥଗିତ ରଖିବାକୁ ପ୍ରସ୍ତାବ ଦେଇଥିଲେ। ବଜେଟ ଅଧିବେଶନରେ ସମସ୍ତ ବିଭାଗର ଖର୍ଚ୍ଚ ଦାବି ଆଲୋଚନା ନ କରି ଆସନ୍ତା ୩୦ ତାରିଖରେ ଗିଲୋଟିନ୍‌ରେ ପାରିତ କରିବାକୁ ପ୍ରସ୍ତାବ ଦେଇଥିଲେ। ଅଧିବେଶନ ସ୍ଥଗିତ ପ୍ରସ୍ତାବକୁ ଭାଜପା ବିରୋଧ କରିଥିବା ବେଳେ କଂଗ୍ରେସ ସମର୍ଥନ କରିଥିଲା। ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାୟକ କହିଥିଲେ ଯେ, କରୋନାକୁ ରାଜ୍ୟ ବିପର୍ଯ୍ୟୟ ଘୋଷଣା କରିବା ସ୍ୱାଗତଯୋଗ୍ୟ ପଦକ୍ଷେପ। ଏହା ସଚେତନତା ସୃଷ୍ଟି କରିବା ଦିଗରେ ସହାୟକ ହେବ। ବହୁ ଗୁରୁତ୍ୱପୂର୍ଣ୍ଣ ବିଷୟ ଆଲୋଚନା ହେବାର ଅଛି। ଶାସକ ଦଳର ମୁଖ୍ୟ ସଚେତକ ବିଧାନସଭା ୨୯ ତାରିଖ ଯାଏ ବନ୍ଦ ରଖିବାକୁ ପ୍ରସ୍ତାବ ଦେବା ନିନ୍ଦନୀୟ। କେଉଁ କାରଣରୁ ବିଧାନସଭା ବନ୍ଦ କରାଯାଉଛି, ତାହା ପଛରେ ଏକ ବଡ଼ ଷଡ଼ଯନ୍ତ୍ର ରହିଛି ବୋଲି ପ୍ରଦୀପ୍ତ ଅଭିଯୋଗ କରିଥିଲେ। ୟେସ୍ ବ୍ୟାଙ୍କ ଟଙ୍କା, ଖର୍ଚ୍ଚଦାବି ଆଲୋଚନା, ଖଣି ନିଲାମଜନିତ ମହାଦୁର୍ନୀତିର ଆଲୋଚନାକୁ ଡରି ସରକାର ଏଭଳି ପଦକ୍ଷେପ ନେଇଛନ୍ତି। ସଂଖ୍ୟାଗରିଷ୍ଠତା ଥିବାରୁ ସରକାର ମନଇଚ୍ଛା ଗୃହକୁ ବନ୍ଦ କରୁଛନ୍ତି ବୋଲି ପ୍ରଦୀପ୍ତ ଅଭିଯୋଗ କରିଥିଲେ। କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର କହିଥିଲେ ଯେ, କରୋନା ସମଗ୍ର ବିଶ୍ୱକୁ ଆକ୍ରାନ୍ତ କଲାଣି। ଏହି ବିପଦକୁ ଆଶଙ୍କା କରି ସରକାର ସଚେତନତାମୂଳକ ପଦକ୍ଷେପ ନେବା ଆବଶ୍ୟକ। ଚାଇନାରେ ଏହି ରୋଗ ବିପର୍ଯ୍ୟୟ ସୃଷ୍ଟି କରିଛି। ଦିଲ୍ଲୀରେ ଆମ୍ ଆଦ୍‌ମୀ ପାର୍ଟି ସରକାର ସମସ୍ତ ସ୍କୁଲ୍‌କୁ ମାର୍ଚ୍ଚ ୩୧ ତାରିଖ ଯାଏ ବନ୍ଦ ଘୋଷଣା କରିସାରିଲେଣି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଘୋଷଣାକୁ ଆମେ ଅଣଦେଖା କରିବା ଉଚିତ ନୁହେଁ। ଗୃହ ବନ୍ଦ ପ୍ରସ୍ତାବକୁ ଆମେ ସ୍ୱାଗତ କରୁଛୁ। ଆମେ ମିଳିମିଶି ଏହି ରୋଗର ମୁକାବିଲା କରିବାକୁ ନରସିଂହ ଆହ୍ୱାନ ଦେଇଥିଲେ। ବିଜେଡି ସଭ୍ୟ ଦେବୀ ପ୍ରସାଦ ମିଶ୍ର ବିଧାନସଭା ସ୍ଥଗିତ ପ୍ରସ୍ତାବକୁ ସମର୍ଥନ କରି କହିଲେ, ଏହା ଏକ ବିଶ୍ୱ ସମସ୍ୟା। ଲୋକମାନେ ଚାକିରି ହରାଇବା ଭଳି ସମସ୍ୟା ଉପୁଜିଲାଣି। ଏହାକୁ ନେଇ ରାଜନୀତି କରିବା ଆଦୌ ଠିକ୍ ନୁହେଁ । ଭାଜପା ସଭ୍ୟ ବିଷ୍ଣୁ ଚରଣ ସେଠୀ କହିଥିଲେ ଯେ, ବିଧାନସଭା ସ୍ଥଗିତ କରିବା ପୂର୍ବରୁ ସରକାର ବିରୋଧୀ ଦଳକୁ ବିଶ୍ୱାସକୁ ନେଇନାହାନ୍ତି। ସମସ୍ତଙ୍କୁ ଡାକି ଆଲୋଚନା କରିବା କଥା। ସରକାର କାହିଁକି ବିରୋଧୀ ଦଳକୁ ବିଶ୍ୱାସକୁ ନେଲେନାହିଁ। କଂଗ୍ରେସ ସଦସ୍ୟ ସନ୍ତୋଷ ସିଂ ସାଲୁଜା, ତାରା ପ୍ରସାଦ ବାହିନୀପତି, ବିଜେଡି ସଭ୍ୟ ଅମର ପ୍ରସାଦ ଶତପଥୀ, ଭୂପିନ୍ଦର ସିଂ, ପ୍ରଦୀପ ମହାରଥୀ, ବିକ୍ରମ କେଶରୀ ଆରୁଖ ପ୍ରମୁଖ ପ୍ରସ୍ତାବକୁ ସମର୍ଥନ କରିଥିବା ବେଳେ ଭାଜପା ସଭ୍ୟ ଜୟନାରାୟଣ ମିଶ୍ର ଏବଂ ମୋହନ ଚରଣ ମାଝି ବିରୋଧ କରିଥିଲେ। ସରକାରଙ୍କ ଦ୍ୱାରା ଆଗତ ସ୍ଥଗିତ ପ୍ରସ୍ତାବ ଧ୍ୱନି ମତରେ ପାରିତ ହୋଇଥିଲା। ଗୃହକୁ ମାର୍ଚ୍ଚ ୨୯ ତାରିଖ ଯାଏ ବାଚସ୍ପତି ମୁଲତବୀ ଘୋଷଣା କରିଥିଲେ।

**କରୋନା ଭୟ**

# ଉଚ୍ଚସ୍ତରୀୟ ତଦନ୍ତ ଦାବିରେ ଛାତ୍ର କଂଗ୍ରେସର ବିକ୍ଷୋଭ

ଭୁବନେଶ୍ୱର,୧୩।୩(ବ୍ୟୁରୋ)

ୟେସ୍ ବ୍ୟାଙ୍କରେ ଜମା ହୋଇଥିବା ଜଗନ୍ନାଥଙ୍କ ୫୪୫ କୋଟି ଟଙ୍କା ତୁରନ୍ତ ସରକାର ଫେରାଇ ଆଣିବା ଦାବିରେ ଛାତ୍ର କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଛାତ୍ର କଂଗ୍ରେସ ନେତା ୟାସିର ନୱାଜଙ୍କ ନେତୃତ୍ୱରେ ଏହାର କର୍ମକର୍ତ୍ତାମାନେ କଂଗ୍ରେସ ଭବନରୁ ବାହାରି ମାଷ୍ଟରକ୍ୟାଣ୍ଟିନ୍ ଛକ ପର୍ଯ୍ୟନ୍ତ ଯାଇ ସେଠାରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ନୱାଜ କହିଛନ୍ତି ଯେ, ଓଡିଶା ଜନସାଧାରଣଙ୍କର ନବୀନ ପଟ୍ଟନାୟକଙ୍କ ସରକାର ଉପରେ ଭରସା ନାହିଁ। କାରଣ ନବୀନ ସରକାର ସାଧାରଣ ଲୋକଙ୍କୁ ଚିଟ୍‌ଫଣ୍ଡ ଟଙ୍କା ଫେରାଇ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ତାହା କଲେନାହିଁ ବରଂ ଏଥିପାଇଁ ହୋଇଥିବା କମିଶନଙ୍କ କାର୍ଯ୍ୟକାଳକୁ ବନ୍ଦ କରି ଦେଇଛନ୍ତି। ତେଣୁ ଯେ ପର୍ଯ୍ୟନ୍ତ ଟଙ୍କା ଫେରି ନ ଆସିଛି ସେ ପର୍ଯ୍ୟନ୍ତ ଓଡିଶାବାସୀ ଆଶ୍ୱସ୍ତ ହେବେନାହିଁ। ସରକାର ଜାଣିଶୁଣି ଏକ ଘରୋଇ ବ୍ୟାଙ୍କରେ କ'ଣ ପାଇଁ ଜଗନ୍ନାଥଙ୍କ ଟଙ୍କା ରଖିଥିଲେ। ତିରୁପତି ମନ୍ଦିର ଟ୍ରଷ୍ଟ ୟେସ୍ ବ୍ୟାଙ୍କ ଦେବାଳିଆ ହୋଇଯାଉଥିବା ଜାଣି ନିଜ ଟଙ୍କା ଉଠାଇ ନେଇଥିବାବେଳେ ରାଜ୍ୟ ସରକାର କାହିଁକି ଚୁପ୍ ରହିଲେ ବୋଲି ସେ ପ୍ରଶ୍ନ ଉଠାଇଛନ୍ତି। ସେ ଆହୁରି କହିଛନ୍ତି, ଏହି ବ୍ୟାଙ୍କରେ ଟଙ୍କା ରଖିବା ପାଇଁ ପିସି କାରବାର ହୋଇଛି। ଚାର୍ଟାର୍ଡ ଆକାଉଟାଣ୍ଟ ତଥା ଶ୍ରୀମନ୍ଦିର ଅର୍ଥ ସବ୍‌କମିଟି ମୁଖ୍ୟ ବିଜୟ କୁମାର ସାହୁ ୟେସ୍ ବ୍ୟାଙ୍କରେ ରଖାଯାଇଥିବା ଟଙ୍କାର କମିଶନରେ ମଉଜ କରିଛନ୍ତି । ବିଜୟ ଜଣେ ଶିକ୍ଷା ବ୍ୟବସାୟୀ ହୋଇଥିବା ବେଳେ ଏଭଳି ଜଣେ ବ୍ୟକ୍ତିଙ୍କୁ ଅର୍ଥ ସବ୍‌କମିଟିର ମୁଖ୍ୟ ଭାବେ କାହିଁକି ନିଯୁକ୍ତି ଦିଆଯାଇଛି। ଏହାର ଉଚ୍ଚସ୍ତରୀୟ ତଦନ୍ତ ହେବା ଦରକାର ବୋଲି ସେ କହିଛନ୍ତି। ଅନ୍ୟପଟେ ଏହି ଘଟଣାର ପ୍ରତିବାଦରେ ଦଳ ପକ୍ଷରୁ ମୁଖ୍ୟମନ୍ତ୍ରୀ, ବିଜୟ ସାହୁ ଏବଂ ପୂର୍ବତନ ଶ୍ରୀମନ୍ଦିର ପ୍ରଶାସକ ପ୍ରଦୀପ୍ତ ମହାପାତ୍ରଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା।

**ଜଗନ୍ନାଥଙ୍କ ଟଙ୍କା ୟେସ୍ ବ୍ୟାଙ୍କରେ ରଖାଯିବା ପ୍ରସଙ୍ଗ**



## ଜିଲା ଚିଠି
## ସୁବର୍ଣ୍ଣପୁର



# ଦ୍ୱନ୍ଦ୍ୱରେ ଚାଷୀ

ଧାନ ଉତ୍ପାଦନରେ ବଳକା ଜିଲା ସୁବର୍ଣ୍ଣପୁର। ଆଧୁନିକ ଉପାୟରେ ଚାଷ କରି ସ୍ଥାନୀୟ କୁଶଳୀ ଚାଷୀ ଅଧିକ ଉତ୍ପାଦନ କରୁଛନ୍ତି। ବାହାର ଜିଲା ଓ ରାଜ୍ୟକୁ ଏଠାରୁ ଚାଉଳ ଯୋଗାଣ ହେଉଛି। ଧାନ ଚାଷରେ ସୁନାମ ମିଳିଛି। ଜିଲାର ଦୁଇ ମହିଳା ଚାଷୀ କୃଷିକର୍ମଣ ପୁରସ୍କାର ପାଇଛନ୍ତି। କିନ୍ତୁ ସରକାର ସ୍ଥାନୀୟ ଚାଷୀଙ୍କ ପାଇଁ ସମ୍ବେଦନଶୀଳ ନୁହନ୍ତି। ଧାନ ବିକ୍ରି କ୍ଷେତ୍ରରେ ସେମାନଙ୍କୁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଚାଷୀମାନେ ଦଲାଲଙ୍କ ଦ୍ୱାରା ଶୋଷଣର ଶିକାର ହେଉଛନ୍ତି। ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ସର୍ବନିମ୍ନ ସହାୟକ ମୂଲ୍ୟରେ ଚାଷୀ ଧାନ ବିକି ପାରୁନି। ଚଳିତ ଖରିଫ୍ ଧାନକ୍ରୟରେ ନାନା ବିଶୃଙ୍ଖଳା ସୃଷ୍ଟି ହୋଇଛି। ଭଲ ବର୍ଷା ଓ ଅନୁକୂଳ ପାଗ ଯୋଗୁ ଅମଳ ଭଲ ହୋଇଥିଲା। ତେବେ ମିଲର୍ସଙ୍କ ମନମାନି ସାଙ୍ଗକୁ ସରକାରଙ୍କ ଅନ୍‌ଲାଇନ ଟୋକନ ପ୍ରଦାନରେ ଅହେତୁକ ବିଳମ୍ବ ଚାଷୀଙ୍କୁ କ୍ଷତି ସହିବାକୁ ବାଧ୍ୟ କରିଛି। ହଜାରହଜାର ପଞ୍ଜୀକୃତ ଚାଷୀଙ୍କୁ ଟୋକନ ମିଳି ନ ଥିବା ବେଳେ ସରକାର ଧାନକ୍ରୟ ବନ୍ଦ କରି ଦେଇଛନ୍ତି । ଟୋକନ ପାଇ ନ ଥିବା ଚାଷୀଙ୍କୁ ଧାନ ବିକ୍ରି ପାଇଁ ସୁଯୋଗ ଦେବାକୁ ଜିଲାସ୍ତରୀୟ ଧାନକ୍ରୟ କମିଟିର ସ୍ୱତନ୍ତ୍ର ବୈଠକ ବସିଥିଲା। ନିର୍ବାଚିତ ଲୋକ ପ୍ରତିନିଧି ଓ ପ୍ରଶାସନିକ ଅଧିକାରୀ ବୈଠକରେ ଯୋଗ ଦେଇଥିଲେ। ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ଧାନ କିଣିବା ପାଇଁ ସର୍ବସମ୍ମତ ପ୍ରସ୍ତାବ ଗୃହୀତ ହୋଇ ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗକୁ ଚିଠି ଲେଖାଗଲା। କିନ୍ତୁ ଧାନକିଣା ଆରମ୍ଭ ହେଉନି। ଚାଷୀ ଦ୍ୱନ୍ଦ୍ୱରେ ଅଛନ୍ତି। କମ୍‌ଦରରେ ବ୍ୟବସାୟୀଙ୍କୁ ଚାଷୀ ଧାନ ବିକ୍ରି କରୁଛନ୍ତି। ଜିଲାରେ ଗତ ନଭେମ୍ବର ୧୫ ତାରିଖରୁ ଖରିଫ ଧାନକିଣା ଆରମ୍ଭ ହୋଇଥିଲା । ୪୭ ହଜାର ୯୯୦ଜଣ ଚାଷୀ ଧାନ ବିକ୍ରି କରିବା ପାଇଁ ପଞ୍ଜୀକୃତ ହୋଇଥିଲେ । ଜିଲାରୁ ୩୪ଲକ୍ଷ କୁଇଣ୍ଟାଲ ଧାନକ୍ରୟ ପାଇଁ ଟାର୍ଗେଟ୍ ମିଳିଥିଲା। ୬୫ଟି ପ୍ୟାକ୍ସ ଓ ୧୪ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦ୍ୱାରା ୪୪ହଜାର ୭୪୦ଜଣ ଚାଷୀଙ୍କଠାରୁ ୩୨ଲକ୍ଷ ୯୦ହଜାର ୧୧୫କୁଇଣ୍ଟାଲ ଧାନ କ୍ରୟ ହୋଇଛି । ଟୋକନ ପାଇ ନ ଥିବା ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଏହି ଘଟଣାରେ ଚାଷୀ ସଂଗଠନଗୁଡିକ ପକ୍ଷରୁ ସରକାରଙ୍କୁ ଦାୟୀ କରାଯାଉଛି । ସୁବର୍ଣ୍ଣପୁର ଜିଲାର ୪୧ ମିଲର୍ସ ସମସ୍ତ ଧାନ ସଂଗ୍ରହ କରିବାକୁ ଅକ୍ଷମ ଥିବାରୁ ବାହାର ଜିଲାର ମିଲର୍ସଙ୍କୁ ସାମିଲ କରିବା ପାଇଁ ପ୍ରଶାସନ ଚିଠି ଲେଖିଥିଲା। ହେଲେ ରାଜ୍ୟ ଯୋଗାଣ ନିଗମ ଦେଢ ମାସ ବିଳମ୍ବରେ ବରଗଡ ଓ ସମ୍ବଲପୁର ଜିଲାର ୧୩ ମିଲର୍ସଙ୍କୁ ଧାନ ସଂଗ୍ରହ ପ୍ରକ୍ରିୟାରେ ସାମିଲ କରିଥିଲେ। ଅନ୍‌ଲାଇନ ଟୋକନ ଇସ୍ୟୁ ଓ କ୍ୟାନସେଲ ସମ୍ପର୍କରେ ଚାଷୀ ବୁଝି ପାରିଲେନି । ଅଦିନିଆ ବର୍ଷା ମଧ୍ୟ ଦାଉ ସାଧିଲା। ତେଣୁ ଟୋକନ ଇସ୍ୟୁ କରିବା ସହ ଧାନ ସଂଗ୍ରହ ଅବଧି ବୃଦ୍ଧି କରିବାକୁ ଚାଷୀମାନେ ଦାବି କରିଛନ୍ତି ।

– ମୃତ୍ୟୁଞ୍ଜୟ ଶତପଥୀ

# କରୋନା ଲାଗି ନୋଡାଲ ଅଫିସର ନିଯୁକ୍ତ କଲା ଶିଳ୍ପ ବିଭାଗ

ଭୁବନେଶ୍ୱର,୧୩।୩(ବ୍ୟୁରୋ)

ଏମ୍‌ଏସ୍‌ଏମ୍‌ଇ ଓ ଶିଳ୍ପ ସହ ଜଡ଼ିତ ବିଭିନ୍ନ ଶିଳ୍ପ ପ୍ରତିଷ୍ଠାନର ପ୍ରତିନିଧି ଓ କର୍ମକର୍ତ୍ତାଙ୍କୁ ନେଇ ଏକ କରୋନା ସଚେତନତା କାର୍ଯ୍ୟକ୍ରମ ଖାରବେଳ ଭବନସ୍ଥିତ ଶିଳ୍ପ ବିଭାଗ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି। ଏମ୍‌ଏସ୍‌ଏମ୍‌ଇ ଓ ଶିଳ୍ପ ବିଭାଗ ପ୍ରମୁଖ ସଚିବ ହେମନ୍ତ ଶର୍ମାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ରାଜ୍ୟର ବହୁ ଅଗ୍ରଣୀ ଅଣୁ, କ୍ଷୁଦ୍ର, ମଧ୍ୟମ ଉଦ୍ୟୋଗ ତଥା ଭାରୀ ଶିଳ୍ପ ଅନୁଷ୍ଠାନଗୁଡ଼ିକର କର୍ମକର୍ତ୍ତାମାନେ ଯୋଗ ଦେଇଛନ୍ତି। ବୈଠକରେ କରୋନାର ଭୟାବହତା ସମ୍ପର୍କରେ ଆଲୋଚନା କରାଯାଇ ଏ ଦିଗରେ ସତର୍କ ଏବଂ ସଜାଗ ରହିବା ସର୍ବୋତ୍ତମ ପ୍ରତିଷେଧକ ବୋଲି ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକ ବି.କେ. ମହାପାତ୍ର କହିଛନ୍ତି। ଶିଳ୍ପାନୁଷ୍ଠାନଗୁଡ଼ିକରେ କାର୍ଯ୍ୟରତ ଶ୍ରମିକମାନଙ୍କୁ ନିଜ ସ୍ତରରେ ସଚେତନ କରିବା, ସରକାରୀ ଭାବେ ଦିଆଯାଉଥିବା ନିର୍ଦ୍ଦେଶାବଳୀର ପାଳନ କରିବା ଆଦିକୁ ଗୁରୁତ୍ୱ ଦେବାକୁ କୁହାଯାଇଛି। ସରକାର ଆସନ୍ତା ୩୧ତାରିଖ ପର୍ଯ୍ୟନ୍ତ ସ୍କୁଲ, କଲେଜ, ସିନେମା ହଲ୍, ସୁଇମିଂ ପୁଲ୍, ବ୍ୟାୟାମଶାଳା ପ୍ରଭୃତିକୁ ବନ୍ଦ କରି ଦେଇଛନ୍ତି। ଏଥିସହ ସରକାରୀ ସ୍ତରରେ ଆୟୋଜନ କରାଯାଉଥିବା ସଭା, ସମିତି ଉପରେ ମଧ୍ୟ ସାମୟିକ ଭାବେ ରୋକ ଲଗାଯାଇଛି । ଏଥିପ୍ରତି ସଚେତନତା ହିଁ ରୋଗକୁ ପ୍ରତିରୋଧ କରିପାରିବ ବୋଲି ବୈଠକରେ ସମସ୍ତଙ୍କୁ ଅବଗତ କରାଯାଇଛି। ତେବେ କରୋନା ପ୍ରତି ଅନାବଶ୍ୟକ ଭୟଭୀତ ନ ହେବା ପାଇଁ କୁହାଯାଇଛି। ଏନେଇ ହେଉଥିବା ଗୁଜବ ପ୍ରତି କର୍ଣ୍ଣପାତ ନ କରିବାକୁ ସଚିବ ପରାମର୍ଶ ଦେଇଛନ୍ତି। ଏମ୍‌ଏସ୍‌ଏମ୍‌ଇ ବିଭାଗ ତରଫରୁ ଅତିରିକ୍ତ ସଚିବ ଉଦୟ ନାରାୟଣ ଦାସ, ଶିଳ୍ପ ବିଭାଗ ଯୁଗ୍ମ ସଚିବ ଶୁଭେନ୍ଦ୍ର କୁମାର ନାୟକ ଓ ସ୍ୱାସ୍ଥ୍ୟ ବିଭାଗ ତରଫରୁ ନିର୍ଦ୍ଦେଶକ ବି.କେ. ମହାପାତ୍ରଙ୍କୁ ନୋଡାଲ ଅଧିକାରୀ ଭାବେ ଅଧିକୃତ କରାଯାଇଛି ।

# ଡେପୁଟେଶନରୁ ଫେରୁନାହାନ୍ତି ଆଇଏଏସ୍ ଅଧିକାରୀ ମନୀଶ ବର୍ମା

ଭୁବନେଶ୍ୱର,୧୩।୩(ବ୍ୟୁରୋ)

ବିହାର ମୁଖ୍ୟମନ୍ତ୍ରୀ ନୀତିଶ କୁମାରଙ୍କ ସଚିବ ଭାବେ କାର୍ଯ୍ୟ କରୁଥିବା ଓଡ଼ିଶା କ୍ୟାଡର ଆଇଏଏସ୍ ଅଫିସର ମନୀଶ ବର୍ମା ଚଳିତ ବର୍ଷ ଆନ୍ତଃ ରାଜ୍ୟ ଡେପୁଟେଶନରୁ ଫେରୁ ନାହାନ୍ତି। ତାଙ୍କର ଡେପୁଟେଶନ ଅବଧିକୁ ଆହୁରି ବର୍ଷେ ବୃଦ୍ଧି କରାଯାଇଥିବା ଜଣାପଡିଛି। ମନୀଶ ଚଳିତ ବର୍ଷ ଏପ୍ରିଲରେ ରାଜ୍ୟକୁ ଫେରି ପାରନ୍ତି ବୋଲି ଚର୍ଚ୍ଚା ହେଉଥିଲା। ସେହିଭଳି ଆଗାମୀ ଦିନରେ ପ୍ରଶାସନିକ ଅଦଳବଦଳ ପରେ ୨୦୧୪ ବ୍ୟାଚ୍ ଅଧିକାରୀମାନଙ୍କୁ ବିଭିନ୍ନ ଜିଲାର ଜିଲାପାଳଭାବେ ଦାୟିତ୍ୱ ମିଳିବାର ସମ୍ଭାବନା ରହିଛି। ଏହି ବ୍ୟାଚ୍‌ର ଜଣେ ଅଧିକାରୀ ଏଡିଏମ୍ , ୨ ଜିଲା ଡିଆରଡିଏର ପ୍ରକଳ୍ପ ନିର୍ଦ୍ଦେଶକ, ଜଣେ ଉପ ସଚିବ ଏବଂ ଜଣେ କମିଶନରଭାବେ କାର୍ଯ୍ୟ କରୁଛନ୍ତି।

# 'କରୋନା ଉପରେ ନିର୍ଭର କରେ ଅର୍ଥ ବ୍ୟବସ୍ଥା ଭାଗ୍ୟ'

ନୂଆଦିଲ୍ଲୀ,୧୩।୩

କରୋନା ଭାଇରସ ଉପରେ ଭାରତୀୟ ଅର୍ଥ ବ୍ୟବସ୍ଥାର ଭାଗ୍ୟ ନିର୍ଭର କରେ। ଏହି ଭାଇରସ ବ୍ୟାପିବା ଆରମ୍ଭ କଲେ ଭାରତ ଏହା ଦ୍ୱାରା ଗଭୀର ଭାବେ ପ୍ରଭାବିତ ହେବ ବୋଲି ବିଶିଷ୍ଟ ଅର୍ଥନୀତିଜ୍ଞ ସ୍ୱାମୀନାଥନ ଆୟର ସରକାରଙ୍କୁ ସତର୍କ କରାଇଛନ୍ତି। ସେ କହିଛନ୍ତି ଯେ, ଭାଇରସର ପ୍ରଭାବ କେବେ ଯାଏ ରହିବ ସେ ନେଇ କେହି ସ୍ପଷ୍ଟ ସୂଚନା ଦେଇ ପାରିବ ନାହିଁ। ଯଦି ଏହା ୩ ମାସ ଯାଏ ଲାଗି ରହେ ତେବେ ନିଶ୍ଚିତ ପକ୍ଷେ ମାନ୍ଦାବସ୍ଥା ସ୍ଥିତି ଆସିଯିବ। ଏଭଳି ସ୍ଥିତି ଉପୁଜିଲେ ଦ୍ରୁତ ଅଭିବୃଦ୍ଧି ଆଶା କରିବା କ୍ଷୀଣ ବୋଲି ସେ ମତ ରଖିଛନ୍ତି। ସେହିଭଳି ଭାଇରସ ପ୍ରଭାବ ୬ ମାସ ରହିଲେ ଏହା ଦେଶକୁ ଏକ ବଡ ବିପଦ ମୁହଁକୁ ଠେଲିଦେବ। ଯଦି ଏହା ୯ ମାସ ରହେ ତେବେ ଅନେକ ସଂଖ୍ୟାରେ ଲୋକ ରୋଗରେ ଆକ୍ରାନ୍ତ ହେବେ। ଅନେକ ଲୋକ ମୃତ୍ୟୁ ମୁଖରେ ପଡ଼ିବା ଯୋଗୁ ଅର୍ଥବ୍ୟବସ୍ଥା ଗଭୀର ଭାବେ ପ୍ରଭାବିତ ହେବାର ଆଶଙ୍କା ଉପୁଜିଥିବା ସେ ସୂଚନା ଦେଇଛନ୍ତି। ସେ ସ୍ପେନରେ ଭାଇରସ ଫ୍ଲୁ ସମ୍ପର୍କରେ ମନେ ପକାଇ କହିଛନ୍ତି ଯେ, ଏହା ୨୦୦ ନିୟୁତ ଲୋକଙ୍କୁ ଆକ୍ରାନ୍ତ କରିଥିଲା ବେଳେ ଏଥିରେ ୫୦ ନିୟୁତ ଲୋକଙ୍କ ପ୍ରାଣହାନି ଘଟିଥିଲା। ଏହାବାଦ ଭାଇରସର ପ୍ରଭାବ ଗୋଟିଏ ବର୍ଷ ରହିଲେ ଦେଶର ଆର୍ଥିକ କ୍ଷେତ୍ର ଗଭୀର ଭାବେ କ୍ଷତିଗ୍ରସ୍ତ ହେବ ବୋଲି ସେ ମତ ରଖିଛନ୍ତି। ଏହା ଦ୍ୱାରା ଦେବାଳିଆ ଘଟଣା ଅଧିକ ଦେଖାଯିବ। ବ୍ୟାଙ୍କଗୁଡିକ ଋଣ ପଇଠ କରିବାକୁ ବେଶି ଅବସର ପାଇବେ ନାହିଁ। ଏଭଳି ସ୍ଥିତିରେ ୨୦୦୮ ଭଳି ଆର୍ଥିକ ସମସ୍ୟା ଉପୁଜିପାରେ। ଏହା ହେଲେ ସରକାର ଏବଂ କେନ୍ଦ୍ରୀୟ ବ୍ୟାଙ୍କ ନୀତି କାମ କରିବ ନାହିଁ। ଏଣୁ ଭାଇରସର ପ୍ରଭାବ ଅତ୍ୟନ୍ତ ଚିନ୍ତାଜନକ।



ସ୍ୱାମୀନାଥନ ଆୟର

**ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ**

**ଭଣ୍ଡାର ସାମଗ୍ରୀ ଯୋଗାଣ**

ନଂ.: ଏସ୍/ଏପି/୨୦୧୯-୨୦/ଆଡିଶନ୍/ ତାରିଖ: ୦୯।୦୩।୨୦୨୦

ମାର୍ଚ୍ଚ ୨୦୨୦ ମାସର ରାୟପୁର ଡିଭିଜନରେ ଇ-ନିଲାମ ଅନୁସୂଚୀ କାର୍ଯ୍ୟକ୍ରମରେ ନିମ୍ନ ଅନୁଯାୟୀ ଯୋଗ କରାଯିବ: ରାୟପୁର/ଡିଭିଜନ: ୧୧।୦୩।୨୦୨୦, ୧୬।୦୩।୨୦୨୦, ୧୮।୦୩।୨୦୨୦, ୨୦।୦୩।୨୦୨୦, ୨୩।୦୩।୨୦୨୦, ୨୬।୦୩।୨୦୨୦, ୨୭।୦୩।୨୦୨୦, ୩୧।୦୩।୨୦୨୦। ଇ-ନିଲାମ ଅନୁସୂଚୀ ଏବଂ ଇ-କାଟାଲଗ୍ ପାଇଁ ଦୟାକରି ୱେବ୍‌ସାଇଟ୍ www.ireps.gov.in/e-Auction ପରିଦର୍ଶନ କରନ୍ତୁ। ଅନ୍ୟ ସମସ୍ତ ନିୟମ ଓ ସର୍ତ୍ତାବଳୀ ଅପରିବର୍ତ୍ତିତ ରହିବ।

ଡେପୁଟି ଚିଫ୍ ମ୍ୟାଟେରିଆଲ୍ସ ମ୍ୟାନେଜର/ବିକ୍ରୟ
CPR/10/489 ଏସ୍.ଇ.ସି.ରେଳପଥ/ବିଳାସପୁର
South East Central Railway @Secrail

**ପୂର୍ବ ମଧ୍ୟ ରେଳପଥ**

**ଇ-ଟେଣ୍ଡର ବିଜ୍ଞପ୍ତି**

ଇ-ଟେଣ୍ଡର ନଂ. ୨୦୧୯/ଡବ୍ଲ୍ୟୁପି/ଇଏନ୍‌ଜିକି/କେଜିପି/ପିଏଚ୍-II/ଡବ୍ଲ୍ୟୁଟି-୧୭ (ଖୋଲା)

ଭାରତର ରାଷ୍ଟ୍ରପତିଙ୍କ ତରଫରୁ ନିମ୍ନଲିଖିତ ବିବରଣୀ ଅନୁଯାୟୀ ଇ-ଟେଣ୍ଡର (ଖୋଲା) ଆମନ୍ତ୍ରଣ କରାଯାଉଛି । (୧) କାର୍ଯ୍ୟର ନାମ ଓ ଏହାର ଅବସ୍ଥିତି: ଖଡ଼ଗପୁର ୱାର୍କଶପ୍ (ଫେଜ୍-II), ଦକ୍ଷିଣ ପୂର୍ବ ରେଳପଥଠାରେ ଏଲ୍‌ଏଚ୍‌ବି କୋଚ୍‌ଗୁଡ଼ିକ ପାଇଁ ପିଓଏଚ୍ କ୍ଷମତାର ପରିବର୍ଦ୍ଧନ ସଂକ୍ରାନ୍ତରେ କମ୍ପୋଜିଟ୍ କାର୍ଯ୍ୟ (ସିଭିଲ, ଇଲେକ୍ଟ୍ରିକାଲ ଓ ମେକାନିକାଲ) ଯାହା ମଧ୍ୟରେ ପ୍ରି-ଇଞ୍ଜିନିୟର୍ଡ ବିଲ୍‌ଡିଂ (ପିଇବି) ଇନ୍ସପେକ୍ସନ୍ ପିଟ୍, ଇଲେକ୍ଟ୍ରିକ ସବ୍‌ଷ୍ଟେଶନ (ଇଏସ୍‌ଏସ୍) ଟ୍ରାକ୍ କାର୍ଯ୍ୟ, ବିଦ୍ୟୁତୀକରଣ ଓ ଆଲୋକୀକରଣ କାର୍ଯ୍ୟ, ସୂଚିତ ମେକାନିକାଲ୍ ଯନ୍ତ୍ରପାତି ଓ କାରଖାନାର ସଂଗ୍ରହଣ ଓ କମିଶନିଂ ତଥା ଅନ୍ୟାନ୍ୟ ତତ୍‌ସମ୍ପର୍କିତ ସିଭିଲ, ଇଲେକ୍ଟ୍ରିକାଲ ଓ ମେକାନିକାଲ୍ କାର୍ଯ୍ୟ ଅନ୍ତର୍ଭୁକ୍ତ। (୨) କାର୍ଯ୍ୟର ଆନୁମାନିକ ମୂଲ୍ୟ: ଟ.୩୩,୩୭,୧୩,୨୮୧.୪୩ (୩) ଜମା କରାଯିବାକୁ ଥିବା ଅମାନତ ରାଶି: ଟ.୧୮,୧୮,୬୦୦/- (୪) ଇ-ଟେଣ୍ଡର ସମାପ୍ତିର ତାରିଖ ଓ ସମୟ: ତା୩୦।୦୩।୨୦୨୦ରିଖ ୧୩.୦୦ ଘଟିକାରେ (୫) ୱେବ୍‌ସାଇଟ୍ ସୂଚନା ଏବଂ ନୋଟିସ୍ ବୋର୍ଡ ଅବସ୍ଥିତି ଯେଉଁଠାରେ ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ ଦେଖାଯାଇପାରିବ ଓ ଡାଉନ୍‌ଲୋଡ୍ କରାଯାଇପାରିବ: ଟେଣ୍ଡର କେବଳ ଆଇଆରଇପିଏସ୍ ୱେବ୍‌ସାଇଟ୍ www.ireps.gov.inରୁ ଡାଉନ୍‌ଲୋଡ୍ ଓ ବିଡ୍ କରାଯାଇପାରିବ। ଅନ୍ୟ କୌଣସି ସୂଚନା ପାଇଁ ଦୟାକରି ଚିଫ୍ ଇଞ୍ଜିନିୟର୍-I/ୱାର୍କଶପ୍ ପ୍ରୋଜେକ୍ଟସ୍, ଭାରତୀୟ ରେଳପଥ, ଟାୱର୍ ଭବନ, ୪ର୍ଥ ମହଲା (ଇଞ୍ଜିନିୟରିଂ ବିଭାଗ) ଛେ.ସି. ରୋଡ୍, ପାଟନା-୮୦୦୦୦୧ଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ ।

ସିଏଓ/ଡବ୍ଲ୍ୟୁପି/ପାଟନା
PR/2409/WPO/Engg./T/19-20/40



ନିଜର କାମକୁ ଠିକ୍ ଭାବେ ପରିଚାଳନା କରୁଥିବା ଲୋକ କେବଳ ଧନ ନୁହେଁ, ଯଶ ମଧ ଲାଭ କରେ।
-ଗଙ୍ଗାଧର ମେହେର



## ସଂକ୍ଷେପରେ

### ଲୁଟେରା ଗ୍ୟାଙ୍ଗର ପର୍ଦ୍ଦାଫାଶ : ୩ ଗିରଫ

**୧୦ ଭରି ସୁନା, ରୁପା ଗହଣା ଓ ଟଙ୍କା ଜବତ**

**ଭୁବନେଶ୍ୱର,୧୩।୩ (ବ୍ୟୁରୋ):** ଖଣ୍ଡଗିରି ଥାନା ପୋଲିସ ଲୁଟେରା ଗ୍ୟାଙ୍ଗର ପର୍ଦ୍ଦାଫାଶ କରି,ଏହି ଗ୍ୟାଙ୍ଗର ୩ଜଣଙ୍କୁ ଗିରଫ କରିଛି। ଗିରଫ ୩ ଅଭିଯୁକ୍ତ ହେଲେ ଖଣ୍ଡଗିରି ଥାନା ଅନ୍ତର୍ଗତ ଭରତପୁର ଅଞ୍ଚଳର ମିର୍ଜା ରଞ୍ଜନ ଓରଫ ଲାଲୁ, ଧିର ପାତ୍ର ଓରଫ ଧିର ଓ ସୁନୀଲ ଦାସ ଓରଫ କୁଜା। ଏବଂ ଏମାନଙ୍କ ସହିତ ସାମିଲ ଅଛନ୍ତି ଜଣେ ନାବାଳକ। ସେମାନଙ୍କ ନିକଟରୁ ୩୯ ହଜାର ଟଙ୍କା,ମୋବାଇଲ ଓ ୧୦ ଭରି ଓଜନର ସୁନା ରୁପା ଅଲଙ୍କାର ଜବତ କରିଛି। ଭରତପୁର ଅଞ୍ଚଳରେ ଏହି ଗ୍ୟାଙ୍ଗ, ଘରେ କେହି ନଥିବାର ସୁଯୋଗନେଇ ତାଲା ଭାଙ୍ଗି ସୁନା ଗହଣା ଓ ଟଙ୍କା ଲୁଟ କରିଥିଲେ। ସୂଚନା ମୁତାବକ ଭରତପୁର ସନ୍ତୋଷ ନଗର ଅଞ୍ଚଳରେ ପରିବାର ସହ ରୁହନ୍ତି ଯଯାତି କେଶରୀ । ଗତ ଫେବୃଆରୀ ୧୬ ତାରିଖରେ ଯଯାତି ଘର ତାଲା ପକାଇ ପରିବାର ଲେକାଙ୍କ ସହ ସମ୍ପର୍କୀୟଙ୍କ ଘରକୁ ବୁଲିବାକୁ ଯାଇଥିଲେ। ୧୯ ତାରିଖରେ ସେ ଘରକୁ ଫେରିଲେ। ଫେରିଲାପରେ ଦେଖିଲେ ଘରର ତାଲା ଭଙ୍ଗାହୋଇଛି ଏବଂ ଘରୁ ୧୨ ଭରି ଓଜନର ସୁନା ,ରୂପା ଗହଣା,୪୦ ହଜାର ଟଙ୍କା ସମେତ ମୋବାଇଲ ଚୋରି ହୋଇଛି।ସେ ଥାନାରେ ଅଭିଯୋଗ କରିବାପରେ ପୋଲିସ ୧୩୬/୨୦ନମ୍ବରରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଚୋରି ମୋବାଇଲ ଫୋନର ଆଇଏମଇଆଇ ନମ୍ବରକୁ ଟ୍ରାକ କରି ପୋଲିସ ଅଭିଯୁକ୍ତଙ୍କୁ ଗୁରୁବାର ଗିରଫ କରିଛି। ଶୁକ୍ରବାର ୩ ଜଣ ଅଭିଯୁକ୍ତଙ୍କୁ ପଚରାଉଚରା ପରେ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ଆବେଦନ ଖାରଜ ହୋବରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇଦିଆଯାଇଛି।

### ସୁସ୍ଥ ହୋଇ ଫେରିଲେ ୨ ଆହତ

**ଆପାର୍ଟମେଣ୍ଟରେ ନିଆଁ ଲାଗିବା ଘଟଣା**

**ପୁରୁଣା ଭୁବନେଶ୍ୱର, ୧୩।୩ (ଡି.ଏନ.ଏ.):** ଏୟାରପୋର୍ଟ ଥାନା ରାଜେନ୍ଦ୍ରବିହାର ଆପାର୍ଟମେଣ୍ଟରେ ଗୁରୁବାର ବିଳମ୍ବିତ ରାତିରେ ନିଆଁ ଲାଗି ଆହତ ହୋଇଥିବା ୨ ଜଣ ବ୍ୟକ୍ତି ଶୁକ୍ରବାର ସୁସ୍ଥ୍ୟ ହୋଇ ଘରକୁ ଫେରିଛନ୍ତି। ଅନ୍ୟପକ୍ଷରେ ଉକ୍ତ ଆପାର୍ଟମେଣ୍ଟରେ ରହୁଥିବା ବାସିନ୍ଦା ଭୟରେ ଗୁରୁବାର ରାତି ଆପାର୍ଟମେଣ୍ଟ ତଳେ କଟାଇଥିଲେ। ସକାଳୁ ସେମାନେ ନିଜ ଫ୍ଲାଟକୁ ଯାଇ ସଫାସୁତୁରା କରି ରହିଥିଲେ। ଏହାସହ ଅଗ୍ନିଶମ କର୍ମଚାରୀ ଉକ୍ତ ଆପାର୍ଟମେଣ୍ଟକୁ ଯାଇ ଯାଞ୍ଚ କରିବା ପରେ ସେଠାରେ ଫାୟାର ସେଫ୍ଟି ନ ଥିବା ଦେଖିବାକୁ ପାଇଛନ୍ତି। ନିଆଁ ଲିଭାଇବା ପାଇଁ ଯେଉଁ ଅଗ୍ନି ନିରାପତ୍ତା ବ୍ୟବସ୍ଥା ରଖାଯାଇଥିଲା ତାହା ଠିକ୍ ସମୟରେ କାମ ଦେଇ ନ ଥିବା ଆପାର୍ଟମେଣ୍ଟ ବାସିନ୍ଦା କହିଛନ୍ତି। ଏଠାରେ ପ୍ରଶ୍ନ ଉଠୁଛି ୭ ତାଲା ବିଶିଷ୍ଟ ଆପାର୍ଟମେଣ୍ଟ ହୋଇଥିଲେ ମଧ ସେଠାରେ କିଭଳି ଅଗ୍ନି ନିରାପତ୍ତା ବ୍ୟବସ୍ଥା ରଖାଯାଇ ନ ଥିଲା। ଯଦି ନିଆଁ ଅତ୍ୟାଧିକ ପରିମାଣର ଲାଗିଥାନ୍ତା ତେବେ ଉକ୍ତ ଆପାର୍ଟମେଣ୍ଟରେ ରହୁଥିବା ୧୫୦ରୁ ଉର୍ଦ୍ଧ୍ୱ ଲୋକଙ୍କ ଅବସ୍ଥା କ'ଣ ହୋଇଥାନ୍ତା। ତେଣୁ ଅଗ୍ନିଶମ ବିଭାଗ ରାଜଧାନୀରେ ରହିଥିବା ଏକାଧିକ ଆପାର୍ଟମେଣ୍ଟରେ ଏବେ ଅଗ୍ନି ନିରାପତ୍ତା ଯାଞ୍ଚ କରିବା ଜରୁରୀ ହୋଇପଡିଛି। ଅନ୍ୟପକ୍ଷରେ ସବୁଠୁ ବଡ଼ କଥା ହେଲା ପୋଲିସ ଏବଂ ଅଗ୍ନିଶମ ବିଭାଗ ଆସି ଉଦ୍ଧାର କରିବା ପୂର୍ବରୁ ସ୍ଥାନୀୟ କେତେଜଣ ଯୁବକ ଆପାର୍ଟମେଣ୍ଟ ଅଧିବାସୀଙ୍କୁ ଉଦ୍ଧାର କରିବା ସହ ନିଆଁକୁ ଆୟତ କରିବାକୁ ଅଣ୍ଟା ଭିଡ଼ିଥିଲେ। ଶୁକ୍ରବାର ସକାଳୁ ଆପାର୍ଟମେଣ୍ଟବାସୀ ସେମାନଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ପୁରୁଣା ଭୁବନେଶ୍ୱର ଅଞ୍ଚଳର ଗୌରୀ ଶଙ୍କର ଶତପଥୀଙ୍କ ସହ ରାକେଶ ଚନ୍ଦ୍ର ସ୍ୱାଇଁ, ସଲିମ୍ ଖାଁ, ରାମଚନ୍ଦ୍ର ମହାନ୍ତିଙ୍କ ସମେତ ଅନ୍ୟ ୪ ଯୁବକ ସହାୟତାର ହାତ ବଢାଇଥିଲେ।

# ଅପରାଧ ସମ୍ପର୍କରେ ସୂଚନା ଦେଲେ ମିଳିବ ପୁରସ୍କାର

■ ଓଡ଼ିଶାକୁ ଅପରାଧୀମୁକ୍ତ ପାଇଁ ପ୍ରୟାସ
■ ସୂଚନାଦାତାଙ୍କ ନାମ ଗୁପ୍ତ ରହିବ

**ଭୁବନେଶ୍ୱର,୧୩।୩(ବ୍ୟୁରୋ)**

ରାଜ୍ୟରେ ଥିବା ହାର୍ଡକୋର ଅପରାଧୀମାନଙ୍କୁ ସାବାଡ କରିବାକୁ ଏସ୍‌ଟିଏଫ୍ ଆରମ୍ଭ କରିଛି ଭିନ୍ନ ପ୍ରୟାସ। ଏଥର ଏସ୍‌ଟିଏଫ୍‌କୁ ଅପରାଧୀ ଏବଂ ଅପରାଧ ସମ୍ପର୍କରେ ସୂଚନା ଦେଲେ ମିଳିବ ପୁରସ୍କାର। ଏପରିକି ସୂଚନା ଦେଇଥିବା ବ୍ୟକ୍ତିଙ୍କୁ ସୂଚନା ଆଧାରରେ ଏସ୍‌ଟିଏଫ୍‌କୁ ସଫଳତା ମିଳିଲେ ପୁରସ୍କାର ବାବଦକୁ ୫ ହଜାର ଟଙ୍କା ମିଳିବ। ତାହା ଯେକୌଣସି ଅପରାଧ ସମ୍ପର୍କରେ ହୋଇଥିଲେ ବି ସବୁ ମାମଲାକୁ ଏସ୍‌ଟିଏଫ ଗୁରୁତର ସହ ନେଇ ତଦନ୍ତ କରିବ ବୋଲି ଜଣେ ଅଧିକାରୀ ନିଜ ନାମ ଗୋପନ ରଖି କହିଛନ୍ତି। ସୂଚନା ଦେଉଥିବା ବ୍ୟକ୍ତିଙ୍କ ନାମ, ଠିକଣା ଆଦି ଗୁପ୍ତ ରଖାଯିବ। ଏପରିକି ଯେଉଁ ପୁରସ୍କାର ବାବଦକୁ ଅର୍ଥ ରାଶି ଦିଆଯିବ ତାହା ମଧ ଗୁପ୍ତ ରଖାଯିବା ବୋଲି ଏସ୍‌ଟିଏଫ ପକ୍ଷରୁ କୁହାଯାଇଛି।

ବିଗତ ଦିନଗୁଡ଼ିକରେ ଦେଖିବାକୁ ମିଳିଛି ଯେ, ଅପରାଧୀମାନେ ସ୍ଥାନୀୟ ପୋଲିସକୁ ହାତ କରି ବ୍ରାଉନ ସୁଗାର କାରବାରଠାରୁ ଆରମ୍ଭ କରି ବନ୍ଧୁକ ବେପାର କରୁଛନ୍ତି। ଯାହାଫଳରେ ପୋଲିସ ହାତ ବାନ୍ଧି ବସୁଛି। ତେଣୁ ଓଡ଼ିଶାକୁ ଅପରାଧୀମୁକ୍ତ କରିବା ପାଇଁ ଏଭଳି ପଦକ୍ଷେପ ନେଇଛି। ସାଧାରଣ ଜନତାଙ୍କୁ ଏସ୍‌ଟିଏଫ୍ ସହଯୋଗର ହାତ ବଢାଇଛି। ନିଜ ପଞ୍ଚାୟତ ହେଉ ଅବା ନିଜ ଗ୍ରାମ ଯେଉଁଠି ଅପରାଧ ହେଉଛି ତାହା ସ୍ଥାନୀୟ ପୋଲିସକୁ ଜଣାଇବା ପୂର୍ବରୁ ଏସ୍‌ଟିଏଫ୍‌କୁ ଜଣାଇବା ପାଇଁ ନିବେଦନ କରାଯାଇଛି। ଏସ୍‌ଟିଏଫ୍‌ର ଏଭଳି କାର୍ଯ୍ୟକୁ ଅନେକ ବୁଦ୍ଧିଜୀବୀ ପ୍ରଶଂସା କରିଛନ୍ତି।

ଏ ନେଇ ଆଇନଜୀବୀ ଦୁର୍ଗାମାଧବ ମିଶ୍ର କହିଛନ୍ତି ଯେ, ଦିନକୁ ଦିନ ଓଡିଶା ପୋଲିସ ଉପରେ ଲୋକଙ୍କ ଭରସା ତୁଟୁଛି। ଅପରାଧୀଙ୍କ ସହ ସ୍ଥାନୀୟ ପୋଲିସ ମଧୁଚନ୍ଦ୍ରିକା କରି ଗିରଫ ବଦଳରେ ହାତ ବାନ୍ଧି ବସୁଛି। ତେଣୁ ଲୋକେ ନ୍ୟାୟ ପାଇଁ ଏଠିସେଠି ଦୌଡ଼ି ହୀନସ୍ତା ହେଉଛନ୍ତି। ତେଣୁ ଏବେ ସ୍ଥାନୀୟ ପୋଲିସ ବଦଳରେ ଏସ୍‌ଟିଏଫ୍ ଉପରେ ଲୋକଙ୍କୁ ଭରସା ପାଇଲାଣି। ତେଣୁ ଲୋକେ ଅପରାଧ ସମ୍ପର୍କରେ ଏସ୍‌ଟିଏଫ୍‌କୁ ଖବର ଦେଲେ ନିହାତି ଅପରାଧୀମାନେ ସାବାଡ଼ ହେବେ ବୋଲି ସେ କହିଛନ୍ତି।

ପୂର୍ବରୁ କେନ୍ଦ୍ରାପଡାରୁ ଟିଟୋ, ବ୍ରାଉନ ସୁଗାର ମାଫିଆ ଛୋଟ, ସୟଦ ଅଲ୍ଲୀ, ବ୍ରଜକାପ୍ତା ଚୋରା ଚାଲାଣ ମାମଲା,ବନ୍ଧୁକ କାରବାର, ଖୋର୍ଦ୍ଧାରେ ଚୋରା ପଥର କାରବାର ମାମଲା ଭଳି ଅନେକ ମାମଲାରେ ଏସ୍‌ଟିଏଫ୍ ତଦନ୍ତ କରି ଅନେକ ବଡବଡ ହସ୍ତୀମାନଙ୍କୁ ଗିରଫ କରି ଜେଲର ଚାରିକାନ୍ଥ ଦେଖାଇଛି। ତେଣୁ ଏବେ ଏସ୍‌ଟିଏଫକୁ ଜନସାଧାରଣ ଖବର ଦେଲେ ବହୁମାତ୍ରାରେ ଅପରାଧ ରୋକି ହେବ ବୋଲି ଅନେକ ଆଶା କରୁଛନ୍ତି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ମଙ୍ଗଳ ରାତି, ବୁଧ ପାହାନ୍ତି;**
**ଯେଣେ ଗଲେ ତେଣେ ଯଶ ପାଆନ୍ତି ।**

ମଙ୍ଗଳବାର ରାତ୍ରିର ଶେଷ ପ୍ରହର ତଥା ବୁଧବାରର ପାହାନ୍ତିଆ ସମୟ ସବୁଠାରୁ ଭଲ ବା ଶୁଭ ସମୟ ହୋଇଥାଏ । ଏହି ବେଳାରେ ଯେଉଁ କାମ କଲେ ବା ଯୁଆଡ଼େ ଗଲେ ଯଶ, ସମ୍ମାନ ପ୍ରାପ୍ତ ହେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ମୋହିଲି ମୁଁ ସଜ ଦହି,**
**ହାତ ବାଜୁବନ୍ଧ ଗୁନ୍ଥେଇବି ବୋଲି;**
**ପାଟରାଣୀ ସାଙ୍ଗେ ସହି ।**

ସାଧାରଣତଃ ଯାହାଠାରୁ କିଛି ଲାଭ ବା ଫାଇଦା ପାଇବାର ଆଶା ଥାଏ ତାକୁ ସର୍ବଦା ନିଜ ହାତମୁଠାରେ ଧରି ରଖିବାକୁ ଚେଷ୍ଟା କରାଯାଇଥାଏ। ମନରେ ଅଭିସନ୍ଧି ରଖି ତା' ସହ ଭଲେଇ ହୋଇ ମିଛ ସମ୍ପର୍କ ବଢ଼ାଯାଇଥାଏ। ବାଜୁବନ୍ଧ ପାଇବା ଆଶାରେ ପାଟରାଣୀ ସଙ୍ଗେ ଭାବପ୍ରୀତି ରଖାଯିବା ଭଳି ନିଜର ସ୍ୱାର୍ଥସିଦ୍ଧି ପାଇଁ ପରକୁ ଆପଣାର କରାଯିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




ଦିଲ୍ଲୀ ନିର୍ଭୟା ହତ୍ୟାକାଣ୍ଡରେ ସମ୍ପୃକ୍ତ ଦୋଷୀମାନଙ୍କୁ ତୁରନ୍ତ ଫାଶୀ ଦଣ୍ଡରେ ଦଣ୍ଡିତ କରିବା ଦାବିରେ ଶୁକ୍ରବାର ଓଡ଼ିଶା ସମାଜସେବୀ ମହାସଂଘ ପକ୍ଷରୁ ଲୋୟର ପିଏମ୍‌ଜିଠାରେ ଦିଆଯାଇଥିବା ଧାରଣା।

# ପ୍ୟାରିସ୍ ବେକେରି ମାଲିକ ଜୟନାରାୟଣ ଗିରଫ

**ଭୁବନେଶ୍ୱର,୧୩।୩ (ବ୍ୟୁରୋ)**

ବିବାଦରେ ଘେରି ରହିଥିବା ପ୍ୟାରିସ୍ ବେକେରି ପ୍ରତିଷ୍ଠାତା ଜୟନାରାୟଣ ପୂଜାପଣ୍ଡାଙ୍କୁ ନୟାପଲ୍ଲୀ ଥାନା ପୋଲିସ ଶୁକ୍ରବାର ଗିରଫ କରିଛି। ତାଙ୍କ ବିରୋଧରେ ଥିଲା ୧ କୋଟି ଟଙ୍କାର ଚେକ୍ ବାଉନ୍ସ ମାମଲା। କଟକ ଏଡିଜେଏମଙ୍କ କୋର୍ଟ ପକ୍ଷରୁ ତାଙ୍କ ବିରୋଧରେ ଜାରି କରାଯାଇଥିଲା ଜାମିନବିହୀନ ଗିରଫ ପରୱାନା । ସୂଚନା ମୁତାବକ ୨୦୧୮ ଶେଷ ବେଳକୁ ଜୟନାରାୟଣଙ୍କ ବିରୋଧରେ ଆସିଥିଲା ଗୋଟିକପରେ ଗୋଟିଏ ଅଭିଯୋଗ। ଏ ନେଇ ୨୦୧୯ ଜାନୁୟାରୀ ୨୧ରେ କିଛି ଅସନ୍ତୁଷ୍ଟ ଷ୍ଟୋର ମ୍ୟାନେଜର ଓ ଫ୍ରାଞ୍ଚାଇଜ୍ ନେବାପାଇଁ ଲକ୍ଷାଧିକ ଟଙ୍କା ନିବେଶ କରିଥିବା ନିବେଶକାରୀମାନେ ଭୁବନେଶ୍ୱର ସ୍ଥିତ ନୟାପଲ୍ଲୀ ଥାନା ଓ ଅର୍ଥନୈତିକ ଆପରାଧିକ ଶାଖା କୋର୍ଟରେ ଦ୍ୱାରସ୍ଥହୋଇ ଅଭିଯୋଗ କରିଥିଲେ। କଟକ ଏଡିଜେଏମଙ୍କ କୋର୍ଟରେ ଜୟନାରାୟଣଙ୍କ ନାମରେ (୧-ସିସି ୧୨୧/୨୦୧୯) ମାମଲା ରୁଜୁ ହେବା ସହ ଜାମିନ ବିହୀନ ଗିରଫ ପରୱାନା ଜାରି କରାଯାଇଥିଲା। ଶୁକ୍ରବାର ସକାଳ ସାଢେ ୧୦ଟା ବେଳେ ନୟାପଲ୍ଲୀ ଥାନା ଅଧିକାରୀ ଅରୁଣ ସ୍ୱାଇଁଙ୍କ ନେତୃତ୍ୱରେ ଏକ ଟିମ ପାହାଳ ସ୍ଥିତ ମେଟ୍ରୋ ସିଟି ଆପାର୍ଟମେଣ୍ଟରେ ଚଢାଉ କରି ଜୟନାରାୟଣଙ୍କୁ ଗିରଫ କରି କଟକ ଏଡିଜେଏମଙ୍କ କୋର୍ଟକୁ ଚାଲାଣ କରିଥିଲା। ତାଙ୍କ ନାମରେ ରହିଥିବା ୩ଟି ମାମଲାରୁ ଗୋଟିଏ ମାମଲାରେ ପୋଲିସ ତାଙ୍କୁ କୋର୍ଟ ନିୟମ ଅନୁସାରେ ଜାମିନ ପ୍ରଦାନ କରିଥିଲା। ଅନ୍ୟ ୨ଟି ମାମଲାରେ କୋର୍ଟ ତାଙ୍କୁ ସର୍ତ୍ତମୂଳକ ଜାମିନ ପ୍ରଦାନ କରଛନ୍ତି। ପ୍ୟାରିସ୍ ବେକେରିରେ ପୁଞ୍ଜି ନିବେଶକାରୀ ଓ କାର୍ଯ୍ୟରତ କର୍ମଚାରୀଙ୍କୁ ତାଙ୍କ ବକେୟା ରାଶି ନିର୍ଦ୍ଧାରିତ ସମୟରେ ପଇଠ ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

### ୭ମ ଶ୍ରେଣୀ ଛାତ୍ରୀଙ୍କୁ ଶିକ୍ଷକଙ୍କ ଅସଦାଚରଣ ଘଟଣା

# ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

**ଜଟଣୀ,୧୩।୩(ଡି.ଏନ.ଏ)**

ସପ୍ତମ ଶ୍ରେଣୀ ଛାତ୍ରୀଙ୍କୁ ୫୮ ବର୍ଷୀୟ ଜଣେ ଶିକ୍ଷକ ଅସଦାଚରଣ କରିଥିବା ଅଭିଯୋଗ ହୋଇଛି। ଜଟଣୀ ବ୍ଲକ ଅନ୍ତର୍ଗତ ଏକ ଗ୍ରାମରେ ଥିବା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଏହା ଘଟିଛି। ଏ ନେଇ ଛାତ୍ରୀଙ୍କ ପିତା ବିଭାଗୀୟ କର୍ତ୍ତୃପକ୍ଷଙ୍କ ସମେତ ଏୟାରଫିଲ୍ଡ ଓ ମହିଳା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅସଦାଚରଣ କରିଥିବା ଶିକ୍ଷକ ତ୍ରିନାଥ ମଲ୍ଲିକ ଫେରାର ହୋଇଯାଇଛନ୍ତି। ଏହାକୁ ନେଇ ଗ୍ରାମରେ ଚାପା ଉତ୍ତେଜନା ପ୍ରକାଶ ପାଇଛି। ଗୁରୁବାର ମଧ୍ୟାହ୍ନ ପ୍ରାୟ ୧୨ଟାରେ ଏହା ଘଟିଥିଲା। ଶ୍ରେଣୀ ଗୃହ ମଧ୍ୟରେ ଛାତ୍ରୀଙ୍କୁ ଅଭିଯୁକ୍ତ ଶିକ୍ଷକ ତ୍ରିନାଥ ଅସଦାଚରଣ କରିଥିଲେ। ଏ ନେଇ ଛାତ୍ରୀ ଜଣକ ସ୍କୁଲର ଜଣେ ଶିକ୍ଷୟିତ୍ରୀଙ୍କୁ ଜଣାଇଥିଲେ। ହେଲେ ଏହି ଘଟଣା ନେଇ ତାଙ୍କୁ କିମ୍ବା ଗ୍ରାମର କାହାକୁ ସୂଚନା ଦିଆ ନ ଯାଇ ଏହାକୁ ଚାପି ଦେବାକୁ ଉଦ୍ୟମ ହୋଇଥିବା ଛାତ୍ରୀଙ୍କ ପିତା ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ଅପରାହ୍ନ ସାଢ଼େ ୪ଟାରେ ଝିଅ ଘରକୁ ଫେରିବା ପରେ ଏହି ଘଟଣା କହିବାରୁ ଜଣାପଡ଼ିଥିଲା। ଏପରି କି ଅଭିଯୁକ୍ତ ଶିକ୍ଷକଙ୍କୁ ସ୍କୁଲରୁ ଖସିଯିବାରେ ସହାୟତା କରାଯାଇଥିବା ସେ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ଏହି ଘଟଣା ପ୍ରଘଟ ହେବା ପରେ ଗ୍ରାମବାସୀ ଗୁରୁବାର ସ୍କୁଲ ମୁଖ୍ୟଦ୍ୱାର ବନ୍ଦ କରି ଅନ୍ୟ ଶିକ୍ଷୟିତ୍ରୀଶିକ୍ଷକ ଓ ପ୍ରଧାନଶିକ୍ଷକଙ୍କୁ ରାତି ୧୨ଟା ପର୍ଯ୍ୟନ୍ତ ବାହାରକୁ ଛାଡ଼ି ନ ଥିଲେ। ଖବରପାଇ ଏୟାରଫିଲ୍ଡ ଥାନା ପୋଲିସ, ବ୍ଲକ ଶିକ୍ଷା ଅଧିକାରୀ ରମେଶ ଚନ୍ଦ୍ର ଖଟେଇ ଓ ଅନ୍ୟ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ବୁଝାସୁଝା କଲାପରେ ଗ୍ରାମବାସୀ ଗେଟ୍ ଖୋଲିଥିଲେ। ଶୁକ୍ରବାର ଜଟଣୀ ବିଡିଓ ବାସୁଦେବ ମାହାରୀ ସ୍କୁଲରେ ପହଞ୍ଚି ତଦନ୍ତ କରି ଫେରି ଆସିଛନ୍ତି। ଏ ନେଇ ସ୍କୁଲର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରକାଶ ଚନ୍ଦ୍ର ପାତାଳସିଂହ ଏୟାରଫିଲ୍ଡ ଥାନା ସମେତ ବ୍ଲକ ଶିକ୍ଷାଧିକାରୀଙ୍କୁ ଏହି ଘଟଣା ନେଇ ଲିଖିତ ଭାବେ ଜଣାଇଛନ୍ତି। ସ୍କୁଲ ପରିଚାଳନା କମିଟି ସଭାପତି ସଞ୍ଜୀବ କୁମାର ବଳିଆରସିଂହ କୁହନ୍ତି, ଅଭିଯୁକ୍ତ ଶିକ୍ଷକଙ୍କ ବିରୋଧରେ ଆଇନ ଅନୁଯାୟୀ ଦୃଢ କାର୍ଯ୍ୟାନୁଷ୍ଠାନ ହେବା ଆବଶ୍ୟକ। ଏ ନେଇ ଜିଲା ଶିକ୍ଷାଧିକାରୀ ବନ୍ଦନା ମହାପାତ୍ର କୁହନ୍ତି, ଏହାର ତଦନ୍ତ କରି ରିପୋର୍ଟ ପ୍ରଦାନ କରିବାକୁ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ରିପୋର୍ଟ ଆସିବା ପରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରାଯିବ ବୋଲି ସେ କହିଛନ୍ତି।


## ତହସିଲଦାରଙ୍କ କାର୍ଯ୍ୟାଳୟ, ନୀଳଗିରି, ବାଲେଶ୍ୱର

ନୋଟିସ୍ ସଂଖ୍ୟା: ୧୨୫୨ | **ଲଘୁ ଖଣିଜ ଲିଜ୍ ନିମନ୍ତେ ବିଜ୍ଞାପନ** | ତାରିଖ: ୧୩।୦୨।୨୦୨୦

ଏତଦ୍ୱାରା ସର୍ବସାଧାରଣଙ୍କର ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡ଼ିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ ୨୦୧୬ ଓ ଓଡ଼ିଶା ଲଘୁ ଖଣିଜ ରିହାତି (ସଂଶୋଧନ) ଆଇନ ୨୦୧୭ ଅନୁଯାୟୀ ନୀଳଗିରି ତହସିଲ ଅନ୍ତର୍ଗତ ପୁଦାଳ ଓ ଡୁମଗଣ୍ଡିରା ବାଲି (ଖାଦାନ) ଉତ୍ସ (ଲଘୁ ଖଣିଜ ଦ୍ରବ୍ୟ)ଗୁଡ଼ିକୁ ୫ ବର୍ଷ ନିମନ୍ତେ ଦୀର୍ଘମିଆଦି ସୂତ୍ରେ ନେବା ପାଇଁ ଇଚ୍ଛୁକ ଥିବା ବ୍ୟକ୍ତିମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି। ତେଣୁ ଆବେଦନକାରୀ ଫର୍ମ 'M' ପୂରଣ କରି ୩ କପି ସହ ଏହି ତହସିଲର ପତ୍ରସଂଖ୍ୟା- ୧୨୫୧, ତା୧୩।୦୩।୨୦୨୦ରିଖରେ ଦିଆଯାଇଥିବା ସର୍ତ୍ତାବଳୀ ମୁତାବକ ତା୩୦।୦୩।୨୦୨୦ରିଖ ଅପରାହ୍ନ ୫ଘଟିକା ସୁଦ୍ଧା ଆବେଦନ କରିପାରିବେ। ଏ ସଂକ୍ରାନ୍ତୀୟ ସମ୍ପୂର୍ଣ୍ଣ ସର୍ତ୍ତାବଳୀ ବାଲେଶ୍ୱର ଜିଲ୍ଲା Website **baleswar.nic.in**ରୁ ଏବଂ ତହସିଲ କାର୍ଯ୍ୟାଳୟ ନୋଟିସ୍ ବୋର୍ଡ଼ରୁ ଜାଣିପାରିବେ।

**ନୀଳଗିରି ତହସିଲ ଅନ୍ତର୍ଗତ ସୈରାତ ଉତ୍ସର ତାଲିକା**

| କ୍ର. ନଂ. | ସୈରାତ ନଂ. | ମୌଜାର ନାମ | ସୈରାତ ଉତ୍ସର ନାମ | ଖାତା ନଂ. | ପ୍ଲଟ୍ ନଂ. | କିସମ | ରକବା | ଜମି ମାଲିକ | ଧାର୍ଯ୍ୟ ସରକାରୀ ମୂଲ୍ୟ ଓ ସର୍ବନିମ୍ନ ଅତିରିକ୍ତ ଦେୟ | ବାର୍ଷିକ ସର୍ବନିମ୍ନ ବାଲି ଉଠାଇବାର ପରିମାଣ |
|---|---|---|---|---|---|---|---|---|---|---|
| 1 | 1 | ପୁଦାଳ | ପୁଦାଳ ବାଲିଖାଦାନ-1 | 556 | 1347 | ନଦୀ | A12.35 | Govt. | 35.00 + 5.00 | 25000 Cum |
| 2 | 2 | ପୁଦାଳ | ପୁଦାଳ ବାଲିଖାଦାନ-2 | 556 | 1347 | ନଦୀ | A12.35 | Govt. | 35.00 + 5.00 | 25000 cum |
| 3 | 3 | ଡୁମଗଣ୍ଡିରା | ଡୁମଗଣ୍ଡିରା ବାଲିଖାଦାନ | 157 | 385 | ନଦୀ | A2.75 | Govt. | 35.00 + 5.00 | 20000 Cum |
| | | | | 155 | 36 | ନଦୀ | A9.60 | Govt. | | |
| | | | | | | Total clubbed Area | A12.35 | | | |

ସ୍ୱା./- ତହସିଲଦାର, ନୀଳଗିରି


# ଜନା ସ୍ମଲ ଫାଇନାନ୍ସ ବ୍ୟାଙ୍କର ନୂଆ ଶାଖା




ସମ୍ମିଳନୀରେ ଯୋଗଦେଇଥିବା ବ୍ୟାଙ୍କର ଉଚ୍ଚ ପଦାଧିକାରୀ।

**ଭୁବନେଶ୍ୱର,୧୩-୩**

ଜନା ସ୍ମଲ ଫାଇନାନ୍ସ ବ୍ୟାଙ୍କ ପକ୍ଷରୁ ସ୍ଥାନୀୟ ମଞ୍ଚେଶ୍ୱରଠାରେ ନୂଆ ଶାଖା ଶୁଭାରମ୍ଭ ହୋଇଛି। ନୂଆ ଶାଖାକୁ ନାବାର୍ଡର ପୂର୍ବତନ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସୁବିର କୁମାର ମିତ୍ର ଉଦ୍‌ଘାଟନ କରିଥିଲେ। ଏହା ଦ୍ୱାରା ଓଡ଼ିଶାରେ ଏହି ବ୍ୟାଙ୍କର ଶାଖା ସଂଖ୍ୟା ୧୫ ଛୁଇଁଛି। ବ୍ୟାଙ୍କ ଏହାର ସମ୍ପ୍ରସାରଣ ଯୋଜନା ମୁତାବକ ଆସେଟ ସେଣ୍ଟରଗୁଡିକୁ ଶାଖାରେ ରୂପାନ୍ତରିତ କରୁଛି। ୨୦୨୧ ମାର୍ଚ୍ଚ ସୁଦ୍ଧା ଶାଖା ସଂଖ୍ୟା ୫୫୦ରେ ପହଞ୍ଚିବ ବୋଲି ବ୍ୟାଙ୍କ ପକ୍ଷରୁ କୁହାଯାଇଛି। ସାରା ଦେଶରେ ୩୦୨ ଶାଖା, ୨୫୦ ଆସେଟ ସେଣ୍ଟର ଏବଂ ୪୦ ଲକ୍ଷରୁ ଉର୍ଦ୍ଧ୍ୱ ଗ୍ରାହକଙ୍କୁ ଏହା ସେବା ଯୋଗାଇ ଦେଉଛି। ଗ୍ରାହକଙ୍କ ଆବଶ୍ୟକତା ଆଧାରରେ ବିଭିନ୍ନ ବ୍ୟାଙ୍କିଙ୍ଗ ସେବା ଯୋଗାଣ ଲକ୍ଷ୍ୟ ନେଇ ନୂଆ ବ୍ୟାଙ୍କ ଶାଖା ସ୍ଥାପନ କରାଯାଉଥିବା ବ୍ୟାଙ୍କର ରିଟେଲ ଫାଇନାନ୍ସ ଆସେଟ ହେଡ୍ ସୁଧୀର ମାଧବନ ସୂଚନା ଦେଇଛନ୍ତି।

# ମହିଳାଙ୍କଠାରୁ ମୋବାଇଲ ଲୁଟି ୨ ଗିରଫ

**ଭୁବନେଶ୍ୱର,୧୩।୩ (ବ୍ୟୁରୋ)**

ଅସୁରକ୍ଷିତ ହୋଇପଡ଼ିଛି ରାଜଧାନୀ। ନଜରକୁ ଆସୁଛି ଡକାୟତି, ରାହାଜାନି ଓ ଛିନତାଇ ଭଳି ଘଟଣା। ମଙ୍ଗଳବାର ଶହୀଦନଗର ଥାନା ଅନ୍ତର୍ଗତ ଆରଟିଓ ଅଫିସ ସମ୍ମୁଖରେ ଜଣେ ମହିଳାଙ୍କଠାରୁ ମୋବାଇଲ ଫୋନ୍ ଲୁଟ୍ ଘଟଣାରେ ୨ଜଣଙ୍କୁ ଗୁରୁବାର ରାତିରେ ଗିରଫ କରିଛି ପୋଲିସ୍। ସେମାନେ ହେଲେ ଜଟଣୀ ତରିମଲ୍ଲ ଅଞ୍ଚଳର ଦୀପୁ ନାୟକ ଓ ପୁରୀ ଜିଲା ନିମାପଡ଼ା ଅଞ୍ଚଳର ଅମୂଲ୍ୟ ମହାନ୍ତି। ସେମାନଙ୍କ ନିକଟରୁ ଲୁଟରେ ବ୍ୟବହୃତ ପଲସର ବାଇକ୍ ( ଓଡି ୩୩ ପି ୬୫୭୨ ) ଏବଂ ମହିଳାଙ୍କ ମୋବାଇଲକୁ ଜବତ କରିଛି ପୋଲିସ। ବାଲେଶ୍ୱର ଜିଲା ନୀଳଗିରି ଅଞ୍ଚଳର ଶୁଭଲକ୍ଷ୍ମୀ ଦାସ ଶହୀଦନଗର ଥାନା ଅଞ୍ଚଳରେ ରୁହନ୍ତି। ମଙ୍ଗଳବାର ରାଜଲକ୍ଷ୍ମୀ ଆରଟିଓ କାର୍ଯ୍ୟାଳୟ ସମ୍ମୁଖରେ ଚାଲି ଯାଉଥିବା ବେଳେ ୨ ଅଭିଯୁକ୍ତ ଏକ ପଲସର୍ ବାଇକରେ ପିଛା କରିଥିଲେ। ମଉକା ଦେଖି ତାଙ୍କଠାରୁ ମୋବାଇଲ ଫୋନ ଛଡାଇ ଫେରାର ହୋଇଯାଇଥିଲେ। ଏ ନେଇ ମହିଳା ଜଣଙ୍କ ଅଭିଯୋଗ କରିବା ପରେ ପୋଲିସ ୧୫୧/୨୦ ନଂ.ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଶୁଭଲକ୍ଷ୍ମୀଙ୍କ ଲୁଟ ଫୋନକୁ ଟ୍ରାକ କରି ପୋଲିସ ଦୀପୁ ଓ ଅମୂଲ୍ୟଙ୍କୁ ଗିରଫ କରିଥିଲା। ଶୁକ୍ରବାର ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ଆବେଦନ ଖାରଜ ହେବାରୁ ସେମାନଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।


## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE FINANCE

ରଣ ଧମାକା
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଦର୍ଶ ଫାଇନାନ୍ସ
ପୂରା ରାଜ୍ୟରେ ପ୍ରଥମ ଥର ପାଇଁ
ପିଏମ୍ ଜନଧନ ଯୋଜନା ଦ୍ୱାରା ସବୁ ବ୍ୟାଙ୍କରୁ
2% ସୁଧ - 50% ରିହାତିରେ
ଆଧାରକାର୍ଡ | ରାଶନକାର୍ଡ
ପର୍ସନାଲ | ପ୍ରପର୍ଟି
ଏଗ୍ରିକଲ୍ଚର | ବ୍ୟବସାୟ
ଗୃହ ଋଣ | ଟୁ-ହ୍ୱିଲର୍
ଗ୍ରୁପ୍ ଋଣ | ପଶୁପାଳନ
ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ
କମ୍ କାଗଜପତ୍ର କାମ
କମ୍ ଖରାପ ସିବିଲଧାରୀଙ୍କୁ ମଧ ଋଣ
8929889612
7290830466
Shahajahanabad, Bhopal (MP)

ପଇସା ଆମର ସଫଳତା ଆପଣଙ୍କର
(ଲକ୍ଷ ଲକ୍ଷ ଲୋକଙ୍କ ଭରସା)
ଏକ୍ସା ଫାଇନାନ୍ସ
ଇ-ମେଲ୍ ଆଇଡି: axafinance051@gmail.com
କାମ ଆମର, ବିଶ୍ୱାସ ଆପଣଙ୍କର
ଜନଧନ ମୁଦ୍ରା ଯୋଜନା ଦ୍ୱାରା
ସବୁ ଋଣ
ଋଣ ପାଆନ୍ତୁ, ଭବିଷ୍ୟତ ଉଜ୍ଜ୍ୱଳ କରନ୍ତୁ
• ପ୍ରପର୍ଟି ଋଣ • ବ୍ୟବସାୟ ଋଣ • ମାର୍କଶିଟ୍ ଋଣ
• ଆଧାର କାର୍ଡ ଋଣ • ପର୍ସନାଲ ଋଣ • ବିପିଏଲ୍ ଋଣ
1% ସୁଧ 50% ଛାଡ଼
ମହିଳା/ସୈନିକ/ଚାଷୀ/ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି
8766320840
7982465910

GANPATI FINANCE
GANPATI ଋଣ 2%ବାର୍ଷିକ ସୁଧରେ ମାତ୍ର ୨୪ ଘଣ୍ଟାରେ
ଘରେବସି ପାଆନ୍ତୁ
ମହିଳା ଓ ସରକାରୀ କର୍ମଚାରୀ ମାନଙ୍କ ପାଇଁ ବିଶେଷ ଛାଡ
ଯେବେ କଉଠି ନ ମିଳେ ଲୋନ୍ ଆମକୁ କରନ୍ତୁ ଫୋନ୍
Plot No-14/524, Chandini Chowk, Kolkata
8396000562
8607796713

COLOR DISPLAY CLASSIFIED
| SIZE | 15 days | 8 days | 4 days | Single day |
|---|---|---|---|---|
| 6X8 | 40,000 | 20,000 | 11,000 | 2,800 |
GST 5% will be added extra
on every Tuesday & Friday

Fusion Microfinance PVT.LTD
ଋଣ ନିଅନ୍ତୁ ମାତ୍ର ୨୪ ଘଣ୍ଟାରେ
ସମସ୍ତ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ ଆଧାର ଲୋନ, ପଶୁପାଳନ, ବିଜ୍‌ନେସ୍ ଏବଂ ଘର ଋଣ
ସହଜ କିସ୍ତିରେ ସବୁ ପ୍ରକାର ଋଣ
ଉପଲବ୍ଧ Online ସୁବିଧା
CONTACT
90783-45815
gmail-fusionmicrofinance2020@gmail.com

BUSINESS BUSINESS

ଦୟାକରି ଧ୍ୟାନ ଦିଅନ୍ତୁ
ଖାଲିଥିବା ଜମି, ଛାତ ଓ ପ୍ଲଟ୍‌ରେ
Tower Vision କମ୍ପାନୀର ଡିଜିଟାଲ ଉପକରଣ ବସାଇ
ଅଗ୍ରୀମ 70,000,00/- ପାଆନ୍ତୁ
ଓ ମାସକୁ ଭଡା 30,000/- ଟଙ୍କା ପାଆନ୍ତୁ
ଜମି | ଛାତ | ପ୍ଲଟ୍
07449881156
08295828950

JOIN RAPIDO BIKE TAXI JOB
CUTTACK AND BHUBANESWAR
Income Upto Rs.24000/-*
DOCUMENT REQUIRED
DL, RC, Android Mobile
Office Address : 40 Pawani Complex, Lane L4, Ground Floor, Jagmohan Near ITER College, Bhubaneswar
M : 9513764947
01140844649


**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

DHARITRI Career appointment Every Wednesday and Saturday



ଦୁର୍ବଳମନା ଓ ଅସ୍ଥିରଚିତ ବ୍ୟକ୍ତିମାନେ କୌଣସି କାର୍ଯ୍ୟକୁ ଠିକ୍ ଭାବରେ ଗ୍ରହଣ କରିପାରନ୍ତିନାହିଁ।
- କୌଟିଲ୍ୟ ଚାଣକ୍ୟ



## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- କରୋନା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ, ଲୋୟର ପିଏମ୍‌ଜି, ପୂର୍ବାହ୍ନ ୧୦ଟା।
- ସେଣ୍ଟର ଫର ସୋସିଓ-ଇକୋନୋମିକ ଷ୍ଟଡିଜ ପକ୍ଷରୁ ପ୍ରଥମ ଅଧ୍ୟାୟ କାର୍ଯ୍ୟକ୍ରମ, ହୋଟେଲ ସ୍ୱସ୍ତି ଗ୍ରାଣ୍ଡ, ପୂର୍ବାହ୍ନ ୧୦ଟା ୩୦।

**କଟକ**

- ସେଣ୍ଟର ଫର୍ ଆସିଷ୍ଟାଣ୍ଟସ ଆଣ୍ଡ ସୋସିଆଲ ଟ୍ରାନ୍ସଫର୍ମେଶନର ବାର୍ଷିକ କାର୍ଯ୍ୟକ୍ରମ, ଟାଉନ ହଲ, ସିଏମ୍‌ସି, ଅପରାହ୍ନ ୫ଟା।

**ବାଲିଅନ୍ତା**

- ପଞ୍ଚବଟୀ ଦୋଳମେଳନ, ସଂକୀର୍ତ୍ତନ, ଜୟଶାସନସ୍ଥିତ ମେଳଣ ପଡ଼ିଆ, ସନ୍ଧ୍ୟା ୬ଟା।
- ସତ୍ୟନାରାୟଣ ପାଲା କମିଟି ପକ୍ଷରୁ ବାଦୀପାଲା, ପ୍ରତାପରୁଦ୍ରପୁର ପାଲାମଣ୍ଡପ, ସନ୍ଧ୍ୟା ୭ଟା।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

## ନନ୍ଦନକାନନରେ ପୁଣି ୪ ହରିଣ ମୃତ

**ବାରଙ୍ଗ, ୧୩।୩(ଡି.ଏନ୍.ଏ.):** ପ୍ରାଣୀ ଉଦ୍ୟାନ ନନ୍ଦନକାନନରେ ଶୁକ୍ରବାର ପୁଣି ଦୁଇଟି ଚିତ୍ରାହରିଣ ଓ ଦୁଇଟି କୁଜିହରିଣ ମୃତ୍ୟୁ ହୋଇଛି। ଗୁରୁବାର ଚିତ୍ରାହରିଣ ଦୁଇଟି, କୃଷ୍ଣସାରମୃଗ ଗୋଟିଏ ଓ ଗୋଟିଏ କୁଜିହରିଣ ମୃତ୍ୟୁବରଣ କରିଥିଲେ। ଦିନକ ପରେ ପୁଣି ହରିଣ ଜାତୀୟ ପ୍ରାଣୀମାନଙ୍କର ମୃତ୍ୟୁ କର୍ତ୍ତୃପକ୍ଷଙ୍କୁ ଅଡୁଆରେ ପକାଇଛି। ଶୁକ୍ରବାର ସକାଳେ ଗୋଟିଏ ମାଈ ଚିତ୍ରାହରିଣ ଓ ଗୋଟିଏ ମାଈ କୁଜିହରିଣ ମୃତ୍ୟୁ କରିଥିବାର ଏନକ୍ଲୋଜର ସଫା କରିବାକୁ ଯାଇଥିବାବେଳେ ଦାୟିତ୍ୱରେ ଥିବା କର୍ମଚାରୀମାନେ ଦେଖିବାକୁ ପାଇଥିଲେ। ପୁଣି ଦ୍ୱିପ୍ରହରରେ ୬୮ ନଂ ଏନକ୍ଲୋଜରରେ ଥିବା ଆଉ ଗୋଟିଏ ଚିତ୍ରାହରିଣ ମୃତ୍ୟୁବରଣ କରିଥିଲା। ଅପରାହ୍ନ ୪ଟାରେ ୪୫ସି ଏନ୍‌କ୍ଲୋଜରରେ ଥିବା ଆଉ ଗୋଟିଏ କୁଜିହରିଣରର ମୃତ୍ୟୁ ଘଟିଥିଲା। ଅଚାନକ ଏଭଳି ଲଗାତର ହରିଣଙ୍କ ମୃତ୍ୟୁକୁ ନେଇ ନନ୍ଦନକାନନ କର୍ତ୍ତୃପକ୍ଷ ଚିନ୍ତାରେ ପଡିଯାଇଛନ୍ତି। ତେବେ ବ୍ୟବଚ୍ଛେଦ ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି ଜଣାପଡ଼ିଛି।

## ଏସ୍‌ସିବିରେ ୨ ସ୍ୱାଇନ୍ ଫ୍ଲୁ ସନ୍ଦିଗ୍ଧ

**କଟକ ଅଫିସ, ୧୩।୩:** କଟକ ଏସ୍‌ସିବି ମେଡିକାଲରେ ସ୍ୱାଇନ୍ ଫ୍ଲୁରେ ଆକ୍ରାନ୍ତ ହୋଇଥିବା ସନ୍ଦେହରେ ଦୁଇଜଣ ଭର୍ତ୍ତି ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଜଣେ ଛାତ୍ର ସହରର ଏକ କଲେଜରେ ପଢୁଛନ୍ତି। ଏହି ଛାତ୍ରଙ୍କ ସଂସ୍ପର୍ଶରେ ଆସିଥିବା ଅନ୍ୟ ଜଣଙ୍କୁ ଅବଜର୍‌ଭେସନ୍‌ରେ ରଖାଯାଇଥିବା ସୂଚନା ମିଳିଛି। ଉଭୟଙ୍କ ସ୍ୱାବ୍ ସଂଗ୍ରହ କରାଯାଇଛି। ପରୀକ୍ଷା ପରେ ହିଁ ସେମାନେ ସ୍ୱାଇନ୍ ଫ୍ଲୁରେ ଆକ୍ରାନ୍ତ କି ନାହିଁ ତାହା ସ୍ପଷ୍ଟ ହେବ। ବର୍ତ୍ତମାନ ସ୍ୱାଇନ୍ ଫ୍ଲୁ ପଜିଟିଭ୍ ଥିବା ଜଣେ ମହିଳା ଚିକିତ୍ସାଧୀନ ରହିଛନ୍ତି।

## ନିଖୋଜ ଛାତ୍ରଙ୍କ ମୃତଦେହ ଉଦ୍ଧାର

**ବାଲକାଟୀ, ୧୩।୩(ଡି.ଏନ୍.ଏ.):** ବାଲିଅନ୍ତା ବ୍ଲକ ଅନ୍ତର୍ଗତ ଝିଣ୍ଟିଶାସନସ୍ଥିତ ଭାର୍ଗବୀ ନଦୀକୁ ଗାଧୋଇବାକୁ ଯାଇ ନିଖୋଜ ଥିବା ଛାତ୍ରଙ୍କ ମୃତଦେହ ଶୁକ୍ରବାର ଉଦ୍ଧାର ହୋଇଛି। ନିଖୋଜ ହେବାର ପ୍ରାୟ ୩୬ଘଣ୍ଟା ପରେ ସ୍ଥାନୀୟ ଲୋକଙ୍କ ଦ୍ୱାରା ଉଦ୍ଧାର ପରେ ବାଲିପାଟଣା ପୋଲିସ ମୃତଦେହକୁ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲ ପଠାଇଛି। ଏ ନେଇ ପୋଲିସ ନଂ.୯/୨୦୨୦ରେ ଏକ ମାମଲା ରୁଜୁ କରିଛି। ସୂଚନାଯୋଗ୍ୟ, ଭୁବନେଶ୍ୱର ଉପକଣ୍ଠ ସିଜୁଆ ଗ୍ରାମର ରାଜବୀର ଜୟସିଂ ବୁଧବାର ଝିଣ୍ଟିଶାସନରେ ଥିବା ସମ୍ପର୍କୀୟ ଘରକୁ ବୁଲିବାକୁ ଆସିଥିଲେ। ଗୁରୁବାର ରାଜବୀର ତିନିଜଣ ସାଙ୍ଗ ସହ ନିକଟସ୍ଥ ଭାର୍ଗବୀ ନଦୀକୁ ଗାଧୋଇବାକୁ ଯାଇଥିଲେ। ସେଠାରେ ରାଜବୀରଙ୍କ ଗୋଡ଼ ଖସିଯିବାରୁ ଗଭୀର ପାଣିକୁ ଚାଲିଯାଇଥିଲେ। ତାଙ୍କୁ ବଞ୍ଚାଇବାକୁ ଯାଇ ଅନ୍ୟତିନିଜଣ ସାଙ୍ଗ ମଧ ବୁଡ଼ିଯାଉଥିବାବେଳେ ସ୍ଥାନୀୟ ଲୋକେ ଉଦ୍ଧାର କରିଥିଲେ। ଖବରପାଇ ବାଲିପାଟଣା ପୋଲିସ, ଅଗ୍ନିଶମ ବିଭାଗ ଓ ଓଡ୍ରାଫ ଟିମ ପହଞ୍ଚି ରାଜବୀରଙ୍କୁ ଖୋଜିଥିଲେ ମଧ ପାଇ ନ ଥିଲେ। ମାତ୍ର ଶୁକ୍ରବାର ଅପରାହ୍ନ ୨ଟାରେ ଜଣେ ଯୁବକଙ୍କ ମୃତଦେହ ଭାସୁଥିବାର ଦେଖି ଲୋକେ ପୋଲିସକୁ ଜଣାଇଥିଲେ। ପୋଲିସଙ୍କ ଉପସ୍ଥିତରେ ମୃତଦେହ ଉଦ୍ଧାର ପରେ ତାହା ରାଜବୀର ବୋଲି ଜଣାପଡ଼ିଥିଲା।

# ରାଜଧାନୀରେ ଡେରା ପକାଇଛନ୍ତି ଦେହଜୀବୀ

- ୩ ସ୍ଥାନରେ ଚଢାଉ, ୪ ଦଲାଲ ଗିରଫ
- ୫ ଦେହଜୀବୀଙ୍କୁ ଉଦ୍ଧାର କଲା ଏସ୍‌ଟିଏଫ୍
- ମାମଲା ଥମିବା ପରେ ପୁଣି ବେପାର ଆରମ୍ଭ



**ଭୁବନେଶ୍ୱର, ୧୩।୩(ବ୍ୟୁରୋ)**

ଦେହ ଦଲାଲମାନେ ରାଜଧାନୀକୁ ବାଂଲାଦେଶୀ ଯୁବତୀଙ୍କୁ ଆଣି ଦେହ ବ୍ୟବସାୟରେ ଲଗାଉଛନ୍ତି। ଏହି ର୍‍ୟାକେଟର ମାଷ୍ଟରମାଇଣ୍ଡ ଅଞ୍ଜଳି ଦିଦି ଓରଫ ରୁକ୍‌ସାର୍ ବେଗମ୍‌ଙ୍କୁ ପୋଲିସ ଗିରଫ କରିବା ପରେ ସବୁ ଗୁମର ଖୋଲିଥିଲା। ଏସ୍‌ଟିଏଫ୍ ୯ଜଣ ଦଲାଲଙ୍କୁ ଗିରଫ କରିବା ପରେ ଦେହ ବ୍ୟବସାୟ କରୁଥିବା ଦଲାଲଙ୍କ ମଧ୍ୟରେ ହଇଚଇ ସୃଷ୍ଟି ହୋଇଥିଲା। ସେମାନେ ଦେହଜୀବୀମାନଙ୍କୁ ରାଜଧାନୀରୁ ଚେନ୍ନାଇ, ବେଙ୍ଗାଲୁରୁ ଏବଂ ଅନ୍ୟ ବଡ ବଡ ସହରକୁ ନେଇଯାଇଥିଲେ। ହେଲେ ଏସ୍‌ଟିଏଫ୍ ବ୍ରାଉନସୁଗାର ଓ ବନ୍ଧୁକ କାରବାର ଉପରେ ଅଧିକ ଫୋକସ ଦେଉଥିବା ଦେଖି ଏହି ଦଲାଲମାନେ ଧୀରେ ଧୀରେ ପୁଣି ଅନ୍ୟ ସହରରୁ ଭୁବନେଶ୍ୱରକୁ ଦେହଜୀବୀ ଆଣି ଦେହ ବ୍ୟବସାୟରେ ଲଗାଉଛନ୍ତି। ଯାହାର ସୁରାକ ପାଇ ଏସ୍‌ଟିଏଫ୍ ଶୁକ୍ରବାର ପୁରୁଣା ଭୁବନେଶ୍ୱର, ଲକ୍ଷ୍ମୀସାଗର ଏବଂ ରାଜମହଲ ଅଞ୍ଚଳରେ ଚଢାଉ କରି ୪ଜଣ ଦଲାଲଙ୍କୁ ଗିରଫ କରିଛି। ସେମାନେ ହେଲେ ବିହାରର ବିଦ୍ୟାପତି ସାହୁ, କଟକ କାଜିବଜାରର ଦୀନଦୟାଲ ରାଓ, ପିପିଲିର ଆଲ୍ଲାଉଦ୍ଦିନ ଖାନ୍ ଏବଂ ପୁରୁଣା ଭୁବନେଶ୍ୱରର ସୁନୀଲ ମହାରଣା। ସେମାନଙ୍କଠାରୁ ୨ଟି କାର୍, ୯ ମୋବାଇଲ୍ ଫୋନ୍ ଜବତ କରାଯାଇଛି। ଗିରଫ ଦଲାଲଙ୍କ ବିରୋଧରେ ଏସ୍‌ଟିଏଫ୍ କେସ୍ ନଂ-୭/୨୦, ଆଇପିସି ଆକ୍ଟ ୪, ୫ ଏବଂ ଆଇପିସି ଦଫା ୩୭୦(୩), ୪୬୭, ୧୨୦(ବି), ୩୪ ଲଗାଇ କୋର୍ଟ ଚାଲାଣ କରିଛି। ଏହି ୪ ଦଲାଲ ଗ୍ରାହକଙ୍କୁ ୫ ଯୁବତୀଙ୍କୁ ବିହାର ଚାଲାଣ କରିବାବେଳେ ଏସ୍‌ଟିଏଫ୍ ସେମାନଙ୍କୁ ଉଦ୍ଧାର କରିଛି। ସେମାନଙ୍କ ମଧ୍ୟରୁ ୨ଜଣ ଓଡ଼ିଆ ଏବଂ ୩ଜଣ ପଶ୍ଚିମବଙ୍ଗର ବୋଲି କୁହାଯାଉଛି। ସେମାନଙ୍କ ପାଖରୁ ମିଳିଥିବା ଆଧାର କାର୍ଡ ଅନୁସାରେ ସେମାନେ ବାଂଲାଦେଶୀ କି ନାହିଁ ସେନେଇ ଏସ୍‌ଟିଏଫ୍ ଯାଞ୍ଚ କରୁଛି। ଉଦ୍ଧାର ଯୁବତୀମାନଙ୍କର ମେଡିକାଲ ଟେଷ୍ଟ କରାଯାଇ ଶର୍ଟ-ଷ୍ଟେ ହୋମ୍‌କୁ ପଠାଯାଇଛି।

### କିଭଳି ଧରା ହେଲେ

କଟକ ରୋଡ଼ରେ ଏକ ହୋଟେଲରେ ଜଣେ ବାଂଲାଦେଶୀ ଯୁବତୀଙ୍କୁ ବଳାତ୍କାର ଉଦ୍ୟମ କରାଯାଇଥିବା ନେଇ ଲକ୍ଷ୍ମୀସାଗର ଥାନାରେ ଅଭିଯୋଗ ହୋଇଥିଲା। ଏହାପରେ ଘଟଣା ପଦାକୁ ଆସିଥିଲା। ଏସ୍‌ଟିଏଫ୍ ଧରପଗଡ଼ କରିବା ପରେ ଦଲାଲମାନେ ଫେରାର ହୋଇଯାଇଥିଲେ। ତେବେ ଅଞ୍ଜଳି ଦିଦି ଏବଂ ଅନ୍ୟମାନଙ୍କୁ ଗିରଫ କରାଯିବା ପରେ ସେମାନଙ୍କୁ ମାରାଥନ ଜେରା କରାଯାଇଥିଲା। ଏହି ଜେରା ବେଳେ ର୍‍ୟାକେଟ ସମ୍ପର୍କରେ ଚିଁକିନିଖି ତଥ୍ୟ ପାଇଥିଲା ଏସ୍‌ଟିଏଫ୍। ନିକଟରେ ଗିରଫ ଦଲାଲମାନଙ୍କ ଫୋନ୍ ନମ୍ବରକୁ ଏସ୍‌ଟିଏଫ୍ ଟ୍ରାକିଂ କରିଥିଲେ ମଧ ସେମାନେ ଓଡ଼ିଶାରେ ନ ଥିଲେ। ଗୁରୁବାର ବିଳମ୍ବିତ ରାତିରେ ସେମାନେ ଯୁବତୀଙ୍କୁ ଆଣି ଗ୍ରାହକଙ୍କୁ ଦେବା ବେଳେ ଏସ୍‌ଟିଏଫ୍ ସେଠାରେ ଚଢାଉ କରି ୪ଜଣ ଦଲାଲଙ୍କୁ ଗିରଫ କରିବା ସହ ୫ ଯୁବତୀଙ୍କୁ ଉଦ୍ଧାର କରିଥିଲା।

### ଅଞ୍ଜଳି ଦିଦିଙ୍କ ସହଯୋଗୀ ଥିଲେ

ଗିରଫ ୪ ଦଲାଲ ଦେହ ବ୍ୟବସାୟର କିଙ୍ଗ୍‌ପିନ୍ କୁହାଯାଉଥିବା ଅଞ୍ଜଳି ଦିଦି, ପ୍ରୀତି ପାଢୀ ଏବଂ କେଶବ ସାହୁଙ୍କ ସହଯୋଗୀ ଥିବା ଏସ୍‌ଟିଏଫ୍ ତଦନ୍ତରୁ ଜାଣିବାକୁ ପାଇଛି। ସେମାନେ ମୁଖ୍ୟତଃ ଅଞ୍ଜଳି ଦିଦିଙ୍କ ଇସାରାରେ କାମ କରୁଥିଲେ। ଅଞ୍ଜଳି ଦିଦି ବାଂଲାଦେଶରୁ ଗରିବ ଯୁବତୀମାନଙ୍କୁ ଚାକିରି କରାଇ ଦେବାକୁ କହି ଏଠାକୁ ଆଣି ଦଲାଲଙ୍କୁ ହସ୍ତାନ୍ତର କରିଦିଅନ୍ତି। ଦଲାଲମାନେ ଯୁବତୀଙ୍କୁ ଏକ ହୋଟେଲ କିମ୍ବା ଭଡ଼ାଘରେ ରଖି ଦେହ ବ୍ୟବସାୟରେ ଲଗାଇଥାନ୍ତି। ଦେହ ବ୍ୟବସାୟ କରିବାକୁ ଯୁବତୀ ରାଜି ନ ହେଲେ ଦଲାଲମାନେ ବନ୍ଧୁକ ଦେଖାଇ ହତ୍ୟା ଧମକ ଦେଇଥାନ୍ତି। ଗ୍ରାହକଙ୍କଠାରୁ ମିଳୁଥିବା ଅର୍ଥରୁ ଯୁବତୀମାନଙ୍କୁ ୩୦ ପ୍ରତିଶତ ଦିଆଯାଉଥିବା ବେଳେ ବାକି ଅର୍ଥ ଦଲାଲ ଓ ଅଞ୍ଜଳି ଦିଦିଙ୍କ ପକେଟକୁ ଯାଉଥିଲା।

### ରିମାଣ୍ଡରେ ଆସିବେ ୪ ଅଭିଯୁକ୍ତ

ଏହି ର୍‍ୟାକେଟରେ ରାଜଧାନୀରେ ଆଉ ୨୫ରୁ ଊର୍ଦ୍ଧ୍ୱ ବାଂଲାଦେଶୀ ଯୁବତୀ ସମ୍ପୃକ୍ତ ଥିବା ଏସ୍‌ଟିଏଫ୍ ତଦନ୍ତରୁ ଜାଣିବାକୁ ପାଇଛି। ସେମାନଙ୍କୁ ଏଠାକୁ ଆଣିଲା କିଏ, ସେମାନେ ଏବେ କେଉଁଠି ଅଛନ୍ତି, ଆଉ କେଉଁମାନେ ସମ୍ପୃକ୍ତ ଆଦି ଜାଣିବା ପାଇଁ ଗିରଫ ୪ ଅଭିଯୁକ୍ତଙ୍କୁ ୫ଦିନିଆ ରିମାଣ୍ଡରେ ଅଣାଯିବ। ଏନେଇ ଏସ୍‌ଟିଏଫ୍ ପକ୍ଷରୁ କୋର୍ଟରେ ଆବେଦନ କରାଯାଇଛି। ଏହି ମାମଲାରେ ଏପର୍ଯ୍ୟନ୍ତ ୧୦ ଜଣଙ୍କୁ ଗିରଫ କରାଯିବା ସହ ୧୬ ଯୁବତୀଙ୍କୁ ଉଦ୍ଧାର କରାଯାଇଛି। ଦେଶ ଭିତରେ ହୋଇଥିବାରୁ ୨ଜଣ ଯୁବତୀଙ୍କୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବାବେଳେ ଅନ୍ୟମାନେ ବାଂଲାଦେଶୀ ହୋଇଥିବାରୁ ସେମାନଙ୍କ କାଗଜପତ୍ର ପ୍ରକ୍ରିୟା ଜାରି ରହିଥିବା ଏସ୍‌ଟିଏଫ ପକ୍ଷରୁ କୁହାଯାଉଛି।

### ଗ୍ରାହକଙ୍କ ନିକଟକୁ ଯୁବତୀ ପଠାଇବା ପାଇଁ ଥିଲା କାର୍




ଅନ୍‌ଲାଇନ୍‌ରେ ଗ୍ରାହକମାନେ ଯୁବତୀଙ୍କ ଫଟୋ ଦେଖି ସେମାନଙ୍କୁ ଚୟନ କରନ୍ତି। ଏପରି କି ଅନ୍‌ଲାଇନ୍‌ରେ ବୁକ୍ କରିବା ସହ ଅଧା ପେମେଣ୍ଟ କରନ୍ତି। ଏହି ଗ୍ରାହକଙ୍କ ନମ୍ବର ଦଲାଲ ଜଣଙ୍କ ଅନ୍‌ଲାଇନ୍‌ରୁ ନେଇ ଯୋଗାଯୋଗ କରନ୍ତି। ଦଲାଲ କହୁଥିବା ହୋଟେଲ କିମ୍ବା ଘରକୁ ଦେହଜୀବୀଙ୍କୁ ନେବା ଆଣିବା କରିବା ପାଇଁ ଦୁଇଟି କାର୍ ବ୍ୟବସ୍ଥା ରହିଥିଲା। ଗ୍ରାହକଙ୍କଠାରୁ ଦଲାଲ ଗାଡ଼ିଭଡ଼ା ନେଇଥାନ୍ତି।



ଭୁବନେଶ୍ୱର ଭଞ୍ଜକଳା ମଣ୍ଡପରେ ଶୁକ୍ରବାର ନାଟ୍ୟଧାରା ଦ୍ୱାରା ଆୟୋଜିତ ପରମ୍ପରା ଅନୁଷ୍ଠାନ ପକ୍ଷରୁ ମଞ୍ଚସ୍ଥ ନାଟକ 'ମୁଁ ଫୁଲ କହୁଛି'ର ଏକ ଦୃଶ୍ୟ।

# 'ପ୍ରୋତ୍ସାହନ ନ ମିଳିଲେ ବୁଡ଼ିଯିବ ଛଉନୃତ୍ୟ'

**ସାମରିକ ଏବଂ ଶାରୀରିକ କୌଶଳର ଅଦ୍ଭୁତପୂର୍ବ ଯୁଗଳବନ୍ଦୀ ହୋଇଥିବା ଲୋକନୃତ୍ୟ ହେଉଛି ଛଉ। ମୟୂରଭଞ୍ଜର ଛଉନୃତ୍ୟ ବିଶ୍ୱରେ ଅନନ୍ୟ ଓ ଅନବଦ୍ୟ। ଏହି କଳାର ଜଣେ ପୁରୁଖା ପୂଜାରୀ ହେଉଛନ୍ତି ପଦ୍ମଶ୍ରୀ ପଣ୍ଡିତ ଗୁରୁ ଶ୍ୟାମା ଚରଣ ପତି। ଓଡ଼ିଶାରେ ଛଉନୃତ୍ୟ ପ୍ରତି ଆଦର କମୁଛି। ଏଥିପାଇଁ ସରକାରୀ ଅବହେଳାକୁ ଦାୟୀ କରିଛନ୍ତି ଏହି ପ୍ରଖ୍ୟାତ ନୃତ୍ୟଶିଳ୍ପୀ। କଟକ ଅରୁଣୋଦୟ ମାର୍କେଟ ନିକଟସ୍ଥ ଏକ ହୋଟେଲରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଯୋଗଦେଇ ପଣ୍ଡିତ ଶ୍ୟାମା ଚରଣ ଓଡ଼ିଶାରେ ଛଉନୃତ୍ୟର ସ୍ଥିତି ସମ୍ପର୍କରେ କହିଛନ୍ତି।**

**କଟକ ଅଫିସ, ୧୩।୩**

ଓଡ଼ିଶା ମାଟିର ନିଜସ୍ୱ ଲୋକନୃତ୍ୟ ହେଉଛି ଛଉ। ମୟୂରଭଞ୍ଜରେ ଏହି କଳାର ଉତ୍ପତ୍ତି। ଭାରତର ସମସ୍ତ ଲୋକନୃତ୍ୟଗୁଡ଼ିକ ଭିତରେ ଛଉନୃତ୍ୟର ସ୍ଥାନ ମଧ ସ୍ୱତନ୍ତ୍ର। ପଣ୍ଡିତ ଗୁରୁ ଶ୍ୟାମା ଚରଣ ଏଯାବତ୍ ୬୮ଟି ରାଷ୍ଟ୍ରରେ ଛଉନୃତ୍ୟ ପରିବେଷଣ କରି ପ୍ରଶଂସିତ ହୋଇଛନ୍ତି। ୨୦୦୬ ମସିହାରେ ତାଙ୍କୁ ପଦ୍ମଶ୍ରୀ ଉପାଧି ମିଳିଥିଲା। ହେଲେ ଛଉନୃତ୍ୟ ପ୍ରତି ସରକାରୀ ପ୍ରୋତ୍ସାହନ ନ ଥିବାରୁ ଏହି କଳା ବୁଡ଼ିବାକୁ ବସିଲାଣି ବୋଲି ସେ କୁହନ୍ତି।

ଗୁରୁ ଶ୍ୟାମା ଚରଣଙ୍କ ଘର ଝାଡ଼ଖଣ୍ଡ ରାଜ୍ୟର ସଢ଼େଇକଳା ଅଞ୍ଚଳରେ। ପରାଧୀନ ଭାରତରେ ଏହି ସ୍ଥାନ ଉତ୍କଳ ମାଟିରେ ରହିଥିଲା। ସ୍ୱାଧୀନତା ପରେ ଏହି ସ୍ଥାନ ବିହାରର ଅନ୍ତର୍ଭୁକ୍ତ ହେଲା। ପରେ ଝାଡ଼ଖଣ୍ଡ ରାଜ୍ୟ ଗଠନ ହେବାରୁ ସଢ଼େଇକଳା ଝାଡ଼ଖଣ୍ଡ ମାଟିର ବୋଲି ଗଣନା କରାଯାଉଛି। ହେଲେ ପୂର୍ବପୁରୁଷ ଓଡ଼ିଶାର ହୋଇଥିବାରୁ ଏବେ ବି



ପଦ୍ମଶ୍ରୀ ଶ୍ୟାମା ଚରଣ ପତି

ଓଡ଼ିଶା ପ୍ରତି ଗଭୀର ଭଲ ପାଇବା ରହିଛି ବୋଲି ଶ୍ୟାମା ଚରଣ କହିଛନ୍ତି। ୧୯୪୦ରେ ଜନ୍ମଗ୍ରହଣ କରିଥିବା ଶ୍ୟାମା ଚରଣ ୬ ବର୍ଷ ବୟସରୁ ଛଉନୃତ୍ୟ ଶିକ୍ଷା କରିଥିଲେ। ପରେ ଏହି ନୃତ୍ୟରେ ପରକାଷ୍ଠା ବଳରେ ତାଙ୍କୁ ଉପରାଷ୍ଟ୍ରପତିଙ୍କଠାରୁ ଭାରତୀୟମ୍ ସମ୍ମାନ, ଝାଡଖଣ୍ଡ ରତ୍ନ, ପଦ୍ମଶ୍ରୀ ସମ୍ମାନ ଓ ରାଜ୍ୟ ସରକାରଙ୍କ ପକ୍ଷରୁ ସଙ୍ଗୀତ ନାଟକ ଏକାଡେମୀ ସମ୍ମାନ ପ୍ରଦାନ କରାଯାଇଛି। ହେଲେ ଦିନକୁ ଦିନ ଏହି ନୃତ୍ୟ ପ୍ରତି ଲୋକଙ୍କ ଆଦର କମିବା ସ୍ପଷ୍ଟ ଦେଉଛି ବୋଲି ସେ କହିଛନ୍ତି। ପୂର୍ବରୁ ମୟୂରଭଞ୍ଜ ଓ ବାଲେଶ୍ୱରର ନୀଳଗିରି ସମେତ ଅନ୍ୟ କିଛି ସ୍ଥାନରେ ଏହି ଲୋକନୃତ୍ୟ ଅଧିକ ମାତ୍ରାରେ ହେଉଥିଲା। ଏବେ ନୀଳଗିରି ଏବଂ ଅନ୍ୟାନ୍ୟ ସ୍ଥାନରେ ଏହା ଦେଖିବାକୁ ମିଳୁନି। ବଞ୍ଚିଯାଇଛି କେବଳ ମୟୂରଭଞ୍ଜର କିଛି ଅଞ୍ଚଳ। ଧୀରେ ଧୀରେ ଏହା ବି ବନ୍ଦ ହୋଇଯାଇପାରେ। ଏହି କ୍ଷେତ୍ରକୁ ସରକାରୀ ସ୍ତରରେ ପ୍ରୋତ୍ସାହନ ମିଳିବା ଆବଶ୍ୟକ। ବିଭିନ୍ନ ଜିଲାରେ ଛଉନୃତ୍ୟର ପ୍ରଚାର ପ୍ରସାର ପାଇଁ ସରକାର ପଦକ୍ଷେପ ନେବା ଉଚିତ। ଜିଲା ଏବଂ ଜାତୀୟସ୍ତରୀୟ ଛଉନୃତ୍ୟ ପ୍ରତିଯୋଗିତା ହେବା ଉଚିତ। ଏହା ଦ୍ୱାରା ଅଧିକ ମାତ୍ରାରେ ଛଉନୃତ୍ୟ ପ୍ରତିଭା ସାମ୍ନାକୁ ଆସିବେ ବୋଲି ସେ କହିଥିଲେ। ଏହି ସମ୍ମିଳନୀରେ ବରିଷ୍ଠ ଖବରଦାତା ଡ. ସତ୍ୟ ରାୟ ଉପସ୍ଥିତ ରହି ଛଉନୃତ୍ୟ ପ୍ରତି ସରକାର ଦୃଷ୍ଟି ଦେବାକୁ ଦାବି କରିଥିଲେ। ସୂଚନାଯୋଗ୍ୟ, ପଣ୍ଡିତ ଗୁରୁ ଶ୍ୟାମା ଚରଣଙ୍କ ଝିଅ ସୁସ୍ମିତା ପତି ଜଣେ ପ୍ରଖ୍ୟାତ ଓଡ଼ିଶୀ ନୃତ୍ୟଶିଳ୍ପୀ। ସେ ଇଂଲଣ୍ଡରେ ନିଜର ଏକ ନୃତ୍ୟ ଏକାଡେମୀ କରି ଶିକ୍ଷା ଦେଉଛନ୍ତି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



ପ୍ରିୟଙ୍କା



ସୂର୍ଯ୍ୟକାନ୍ତ



ସୀମନ୍ତ



ସନ୍ତୋଷ



ସୁମିତ୍



ଗଙ୍ଗାଧର

ଏଠାରେ ନାହିଁ? ଦେଖନ୍ତୁ ଆପଣଙ୍କ ସେଲ୍‌ଫି ଫଟୋ
www.dharitri.com/category/selfie/

## ଦିବ୍ୟାଙ୍ଗ ନାବାଳିକାଙ୍କୁ ବଳାତ୍କାର, ଯୁବକ ଗିରଫ

**ନିଆଳି, ୧୩।୩(ଡି.ଏନ୍.ଏ.)**

ନିଆଳି ଥାନା ଅଞ୍ଚଳରେ ଜଣେ ଦିବ୍ୟାଙ୍ଗ ନାବାଳିକାଙ୍କୁ ବଳାତ୍କାର କରାଯାଇଥିବା ଶୁକ୍ରବାର ଅଭିଯୋଗ ହୋଇଛି। ଏହି ଘଟଣାରେ ନିଆଳି ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ଏହି ଥାନା ଅଞ୍ଚଳର ପୂର୍ଣ୍ଣଚନ୍ଦ୍ର ପରିଡା(କୁନା)।

ସୂଚନା ଅନୁଯାୟୀ, ସ୍ଥାନୀୟ ଅଞ୍ଚଳରେ ଅନୁଷ୍ଠିତ ଦିପୋଟି ମେଳଣ ଜମାଣ ଦେଖିବାକୁ ଗୁରୁବାର ରାତିରେ ନାବାଳିକା ଜଣକ ତାଙ୍କ ବାପାଙ୍କ ସହ ଯାଇଥିଲେ। ରାତି ପ୍ରାୟ ୨ଟା ରେ ନାବାଳିକା ଜଣକ ଚାଟ ଖାଇବା ପାଇଁ ବାପାଙ୍କଠାରୁ ଟଙ୍କା ନେଇ ଦୋକାନକୁ ଯାଇଥିଲେ। ଝିଅର ଫେରିବାରେ ବିଳମ୍ବ ହେବାରୁ ତାଙ୍କ ବାପା ଖୋଜାଖୋଜି କରିଥିଲେ ମଧ ପାଇ ନ ଥିଲେ। କିଛି ସମୟ ପରେ ନାବାଳିକା ଜଣକ ମେଳଣ ପଡିଆର ଗଣେଶ ମନ୍ଦିର ପଟୁ ଆସୁଥିବା ବେଳେ ଗ୍ରାମବାସୀ ଦେଖିବାକୁ ପାଇଥିଲେ। ନାବାଳିକା ଜଣକ କଥା କହିପାରୁ ନ ଥିବା ବେଳେ କାନକୁ ଶୁଭୁ ନ ଥିଲା। ଠାରରେ ତାଙ୍କ ଗ୍ରାମର ଯୁବକ ତାଙ୍କୁ ବଳାତ୍କାର କରିଥିବା ଜଣାଇଥିଲା। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କ ସହାୟତାରେ ସମ୍ପୃକ୍ତ ଯୁବକଙ୍କୁ ଧରିଥିଲେ। ଏ ନେଇ ନାବାଳିକାଙ୍କ ମା'ଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୬୧/୨୦)ରୁଜୁକରି କୁନାଙ୍କୁ ଗିରଫ କରିଛି। ଅନ୍ୟପକ୍ଷରେ ନାବାଳିକାଙ୍କୁ ଗଣବଳାତ୍କାର କରାଯାଇଛି ବୋଲି ଯାଦବ ମହାସଂଘ ଦାବି କରିଛି। ୨୪ଘଣ୍ଟା ମଧ୍ୟରେ ଅନ୍ୟ ଅଭିଯୁକ୍ତମାନଙ୍କୁ ଧରା ନ ଯାଏ ମହାସଂଘ ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଏ ସମ୍ପର୍କରେ ଆଇଆଇସି ବିଜୟ କୁମାର ମଲ୍ଲିକ କୁହନ୍ତି, ଅଭିଯୋଗକୁ ଭିତ୍ତିକରି ସମ୍ପୃକ୍ତ ଯୁବକଙ୍କୁ ଗିରଫ କରାଯାଇଛି। ଗଣବଳାତ୍କାର ହୋଇଛି କି ନାହିଁ ତଦନ୍ତ ପରେ ଜଣାପଡିବ ବୋଲି କହିଛନ୍ତି।



ନାମରେ ଭକ୍ତି, ଜୀବରେ ଦୟା,
ନର ଜନ୍ମର ସର୍ବଶ୍ରେଷ୍ଠ କାର୍ଯ୍ୟ।
- ଗୁରୁ ନାନକ



## ସଂକ୍ଷେପରେ

### ଭାର୍ଗବୀ ନଦୀରୁ ଯୁବକଙ୍କ ମୃତଦେହ ଉଦ୍ଧାର

**ବାଲକାଟୀ/ବାଲିପାଟଣା, ୧୩।୩ (ଡି.ଏନ୍.ଏ.):** ବାଲକାଟୀ ନିକଟସ୍ଥ ଝିଣ୍ଟିଶାସନ ପଞ୍ଚାୟତର ଭାର୍ଗବୀ ନଦୀରେ ଜଣେ ଛାତ୍ର ବୁଡି ନିଖୋଜ ହେବାର ୩୬ଘଣ୍ଟା ପରେ ମୃତଦେହ ଉଦ୍ଧାର ହୋଇଥିବାବେଳେ ଶୁକ୍ରବାର ଭୋରରୁ ବାୟାଁପଦା ଗ୍ରାମ ନିକଟରେ ଅନ୍ୟ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି। ଯୁବକଙ୍କ ପରିଚୟ ଜଣାପଡ଼ି ନ ଥିବାବେଳେ ବୟସ ୩୦/୩୫ ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ଏ ନେଇ ବାଲିପାଟଣା ପୋଲିସ ଯୁବକଙ୍କ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲ ପଠାଇଛି। ସୂଚନାଯୋଗ୍ୟ, ଭୋର ସମୟରେ ଗ୍ରାମ ଲୋକେ ଗାଧୋଇବା ପାଇଁ ନଦୀକୁ ଆସିଥିବାବେଳେ ଏକ ମୃତଦେହ ଭାସୁଥିବା ଦେଖି ପୋଲିସକୁ ଜଣାଇଥିଲେ। ଖବରପାଇ ପୋଲିସ ପହଞ୍ଚି ଯୁବକଙ୍କ ମୃତଦେହ ଉଦ୍ଧାର କରିବା ସହ ନଂ. ୮/୨୦୨୦ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ତେବେ ଏହି ମୃତଦେହ ପ୍ରାୟ ୨/୩ ହେବ ନଦୀରେ ପଡ଼ିଥିବା ପୋଲିସ ଅନୁମାନ କରୁଛି।

### ଘର ତାଲା ଭାଙ୍ଗି ମୋବାଇଲ ଚୋରି : ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର, ୧୩।୩ (ବ୍ୟୁରୋ):** ଘର ତାଲା ଭାଙ୍ଗି ମୋବାଇଲ୍ ଚୋରି କରିଥିବା ଜଣେ ଅଭିଯୁକ୍ତଙ୍କୁ ଶୁକ୍ରବାର ଗିରଫ କରିଛି ଇନଫୋସିଟି ଥାନା ପୋଲିସ। ସେ ହେଲେ ଶିଖରଚଣ୍ଡୀ ନଗର ବସ୍ତିର ଅମନ ଖାନ୍। ତାଙ୍କଠାରୁ ୫ଟି ଚୋରି ମୋବାଇଲ ଜବତ କରାଯାଇଛି। ସୂଚନା ମୁତାବକ ନୟାଗଡ ଜିଲା ଇଟାମାଟି ଅଞ୍ଚଳର ସୋମନାଥ ଦାସ ପଟିଆ ଅଞ୍ଚଳରେ ଘର ଭଡ଼ା ନେଇ ରହୁଥିଲେ। ପେସାରେ ସେ କାର୍ ଡ୍ରାଇଭର। ଗତ ବୁଧବାର ଘର ତାଲା ପକାଇ ପୂର୍ବାହ୍ନ ୯ଟା ବେଳକୁ ସେ ଡ୍ୟୁଟିରେ ବାହାରିଯାଇଥିଲେ। ମଧ୍ୟାହ୍ନରେ ଖାଇବା ପାଇଁ ଘରକୁ ଫେରିବା ବେଳେ ସେ ଦେଖିଥିଲେ ଘର ତାଲା ଭଙ୍ଗାହୋଇ ତଳେ ପଡିଥିଲା। ଘରୁ ୫ଟି ମୋବାଇଲ ଫୋନ ଏବଂ ଅନ୍ୟାନ୍ୟ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଚୋରି ହୋଇଯାଇଥିଲା। ଏ ନେଇ ଥାନାରେ ଅଭିଯୋଗ କରିଥିଲେ ସୋମନାଥ। ପୋଲିସ ୫୨/୨୦ ନମ୍ବରରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ସିସିଟିଭି ଫୁଟେଜକୁ ଆଧାର କରି ପୋଲିସ ଶୁକ୍ରବାର ଅମନଙ୍କୁ ଗିରଫକରି କୋର୍ଟ ଚାଲାଣ କରିଥିଲା। ଜାମିନ ଆବେଦନ ଖାରଜ ହେବାରୁ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇଦିଆଯାଇଛି।

### ଦମ୍ପତିଙ୍କୁ ଆକ୍ରମଣ ପରେ ଅସଦାଚରଣ, ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର, ୧୩।୩ (ବ୍ୟୁରୋ):** ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ପ୍ରାଚୀ ବିହାର ଅଞ୍ଚଳରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ପଡୋଶୀଙ୍କ କାର କାଚ ଭାଙ୍ଗି ମାରଧର କରିବା ସହ ଦମ୍ପତିଙ୍କୁ ଅସଦାଚାରଣ କରିଥିବା ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣଙ୍କ ହେଲେ ଜଗତସିଂହପୁର ଜିଲା ନୂଆଗାଁ ଅଞ୍ଚଳର ରାକେଶ ରଞ୍ଜନ ମହାନ୍ତି। ରାକେଶ ପ୍ରାଚୀ ବିହାର ଅଞ୍ଚଳରେ ରହି ଏକ ଘରୋଇ ସଂସ୍ଥାରେ କାର୍ଯ୍ୟ କରୁଥିଲେ। ତାଙ୍କ ପଡ଼ୋଶୀଙ୍କ ସହିତ ତାଙ୍କର ଭଲ ସମ୍ପର୍କ ନଥିଲା। ଛୋଟମୋଟ କାରଣକୁ ନେଇ ଝଗଡା ଓ ଶତ୍ରୁତା ଲାଗିରହିଥିଲା। ଗତ ଗୁରୁବାର ଅପରାହ୍ନରେ ଉଭୟଙ୍କ ମଧରେ ବଚସା ଲାଗିବା ପରେ ରାକେଶ ପଡ଼ୋଶୀ ଦମ୍ପତିଙ୍କୁ ଗାଳିଗୁଲଜ କରି କାର କାଚ ଭାଙ୍ଗିଦେଇଥିଲେ। ପଡ଼ୋଶୀଙ୍କୁ ମାଡ଼ ମାରିଥିଲେ। ସ୍ୱାମୀଙ୍କୁ ମାଡମାରିବା ବେଳେ ସ୍ତ୍ରୀ ବିରୋଧ କରିବାରୁ ତାଙ୍କୁ ଅସଦାଚାରଣ କରିଥିଲେ ରାକେଶ। । ଏ ନେଇ ଆକ୍ରମଣର ଶିକାର ହୋଇଥିବା ଦମ୍ପତି ଥାନାରେ ଅଭିଯୋଗ କରିବା ପରେ ମଞ୍ଚେଶ୍ୱର ପୋଲିସ କେସ୍ ନଂ. ୧୧୫/୨୦ ମାମଲା ରୁଜୁ କରିଥିଲା। ଶୁକ୍ରବାର ଅଭିଯୁକ୍ତ ରାକେଶଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ଜାମିନ ଆବେଦନ ଖାରଜ ହେବାରୁ ବିଚାର ବିଭାଗୀୟ ହାଜତକୁ ପଠାଇଦିଆଯାଇଛି।

# ଦୋଷୀ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

**ପୁରୀ ଅଫିସ, ୧୩।୩**

**ଘରୋଇ ବ୍ୟାଙ୍କରେ ମହାପ୍ରଭୁଙ୍କ ଟଙ୍କା ଜମା ପ୍ରସଙ୍ଗ**

## ସିଂହଦ୍ୱାର ଆଗରେ ସମୂହ ଦୀପଦାନ

ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆର୍‌ବିଆଇ) ୟେସ୍ ବ୍ୟାଙ୍କ କାରବାର ଉପରେ କଟକଣା ଜାରି କରିଛି। ବ୍ୟାଙ୍କର ଆର୍ଥିକ ସ୍ଥିତି ଦୁର୍ବଳ ଯୋଗୁ ଏଭଳି ପଦକ୍ଷେପ ନେଇଛି ଆର୍‌ବିଆଇ। ତେବେ ୟେସ୍ ବ୍ୟାଙ୍କର ଜମା ରଖାଯାଇଥିବା ମହାପ୍ରଭୁଙ୍କ ୫୪୫ କୋଟି ଟଙ୍କା ଫେରିବ କି ନାହିଁ ତାକୁ ନେଇ ଏବେ ସନ୍ଦେହ ପ୍ରକାଶ ପାଇଛି। ଠାକୁରଙ୍କ ଟଙ୍କା ଘରୋଇ ବ୍ୟାଙ୍କରେ ଜମା ରଖାଯିବାକୁ ବିରୋଧ କରି ବିଭିନ୍ନ ବ୍ୟକ୍ତିବିଶେଷ ଏବଂ ସଙ୍ଗଠନ ପକ୍ଷରୁ ବିକ୍ଷୋଭ, ଆନ୍ଦୋଳନ ଚାଲିଛି। ଏ ନେଇ ଶୁକ୍ରବାର ସିଂହଦ୍ୱାର ସମ୍ମୁଖରେ ସମୂହ ଦୀପଦାନ କରିଛି 'ଆମ ଜନତା ଅଧିକାର ସଙ୍ଗଠନ'। ମହାପ୍ରଭୁଙ୍କ ୫୪୫ କୋଟି ଟଙ୍କା ଫେରସ୍ତ ଏବଂ ଦୋଷୀ ଅଧିକାରୀମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବିରେ ଏହି କାର୍ଯ୍ୟକ୍ରମ କରାଯାଇଛି। ରାଜ୍ୟର ବିଭିନ୍ନ ସ୍ଥାନରୁ ଆସିଥିବା ସାମାଜିକ କର୍ମୀ ଏଥିରେ ସାମିଲ ହେବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏଥିସହ ସଙ୍ଗଠନ ପକ୍ଷରୁ ସିଂହଦ୍ୱାର ଥାନାରେ ଏତଲା ଦିଆଯାଇଛି। ସଙ୍ଗଠନ ସଦସ୍ୟ ଭକ୍ତି ପଲେଇ କହିଛନ୍ତି, ଏହା ନିଶ୍ଚିତ ଦୁର୍ଭାଗ୍ୟଜନକ ବିଷୟ। କେତେକ କୁଚକ୍ରୀ ଅଧିକାରୀ ବ୍ୟକ୍ତିଗତ ଫାଇଦା ପାଇଁ ୟେସ୍ ବ୍ୟାଙ୍କରେ ମହାପ୍ରଭୁଙ୍କ ଟଙ୍କା ରଖିଛନ୍ତି। ବର୍ତ୍ତମାନ ଠାକୁରଙ୍କର ୫୪୫ କୋଟି ଟଙ୍କା ଫସିଯାଇଛି। ନେତା, ମନ୍ତ୍ରୀମାନେ ଟଙ୍କା ମିଳିବ ବୋଲି ଯାହା ଆଶ୍ୱାସନା ଦେଉଛନ୍ତି ସେଥିରେ ଆମର ବିଶ୍ୱାସ ହେଉନାହିଁ। ଯେ ପର୍ଯ୍ୟନ୍ତ ଏହି ଟଙ୍କା ନ ଫେରିଛି ସେ ପର୍ଯ୍ୟନ୍ତ ଆନ୍ଦୋଳନକୁ ଜୋର୍‌ଦାର କରାଯିବ। ପ୍ରସନ୍ନ ବିଶୋଇ କହିଛନ୍ତି, ସାରା ବିଶ୍ୱରେ ଥିବା ଜଗନ୍ନାଥପ୍ରେମୀଙ୍କ ମନରେ ଏବେ ସନ୍ଦେହ ଉପୁଜିଛି। ଅନେକ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଥିବାବେଳେ କେଉଁ ଉଦ୍ଦେଶ୍ୟରେ ଘରୋଇ ବ୍ୟାଙ୍କରେ ମହାପ୍ରଭୁଙ୍କ ଏତେଗୁଡ଼ିଏ ଟଙ୍କା ରଖାଗଲା। ଯେଉଁମାନେ ଏଭଳି ଚଞ୍ଚକତା କରିଛନ୍ତି ସେମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ହେବା ଦରକାର। ନଚେତ ଦିଲ୍ଲୀରୁ ପଲ୍ଲୀ ପର୍ଯ୍ୟନ୍ତ 'ଆମ ଜନତା ଅଧିକାର' ଏହି ଲଢେଇ ଜାରି ରଖିବ।




### ସିଂହଦ୍ୱାର ଥାନାରେ ଏତଲା

ୟେସ୍ ବ୍ୟାଙ୍କରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ୫୪୫ କୋଟି ଟଙ୍କା ଜମା ରଖାଯିବାକୁ ନେଇ ଶୁକ୍ରବାର ସିଂହଦ୍ୱାର ଥାନାରେ ଏତଲା ଦେଇଛନ୍ତି ସୁଆର ମହାସୁଆର ନିଯୋଗର ପୂର୍ବତନ ସଭାପତି ଦାମୋଦର ମହାସୁଆର। ସେ ତାଙ୍କ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି ଯେ, ପରିଚାଳନା କମିଟିର ବିନା ଅନୁମୋଦନରେ ମହାପ୍ରଭୁଙ୍କ ଟଙ୍କା ଘରୋଇ ବ୍ୟାଙ୍କରେ ଜମା ରଖାଯାଇଛି। ବର୍ତ୍ତମାନ ଏହି ବ୍ୟାଙ୍କର ଆର୍ଥିକ ସ୍ଥିତି ଦୁର୍ବଳ ହୋଇପଡ଼ିଛି। ତେବେ ବିଭିନ୍ନ ରାଷ୍ଟ୍ରାୟତ୍ତ ବ୍ୟାଙ୍କରୁ ଏତେଗୁଡ଼ିଏ ଟଙ୍କା ଉଠାଇ ଆଣି ବେଆଇନ ଭାବେ ଏକ ଘରୋଇ ବ୍ୟାଙ୍କରେ ରଖିବାର ରହସ୍ୟ କ'ଣ ? ଏଥିରେ କେତେ ଟଙ୍କା କମିଶନି କାରବାର ହୋଇଛି ଓ କିଏ କେତେ ଟଙ୍କା ଖାଇଛନ୍ତି ତାହାର ତଦନ୍ତ କରାଯାଉ। ଦୋଷୀଙ୍କ ବିରୋଧରେ ଉପଯୁକ୍ତ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ମହାସୁଆର ଦାବି କରିଛନ୍ତି।

## ୫ ଅଧିକାରୀଙ୍କ ଫଟୋଚିତ୍ର ପୋଡ଼ିଲା ଶ୍ରୀଜଗନ୍ନାଥ ସେନା

ଘରୋଇ ବ୍ୟାଙ୍କରେ ମହାପ୍ରଭୁଙ୍କ ଟଙ୍କା ଜମା ରଖାଯିବା ପ୍ରସଙ୍ଗକୁ ନେଇ ଶୁକ୍ରବାର ଶ୍ରୀଜଗନ୍ନାଥ ସେନା ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ୫ଅଧିକାରୀଙ୍କ ଫଟୋଚିତ୍ର ପୋଡ଼ାଯାଇଛି। ସେନାର ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ କହିଛନ୍ତି, ଏହି ଘଟଣାର ଦୋଷୀମାନଙ୍କୁ ଘଣ୍ଟ ଘୋଡାଇବାକୁ ସରକାର ପ୍ରୟାସ ଆରମ୍ଭ କରିଛନ୍ତି। କରୋନା ପାଇଁ ସଭା ସମିତି ଉପରେ ରୋକ୍ ଲଗାଇଛନ୍ତି। କିନ୍ତୁ ଅସଲ କଥା ହେଉଛି ମହାପ୍ରଭୁଙ୍କ ଟଙ୍କାର ସୁରକ୍ଷା ଏବଂ ଦୋଷୀଙ୍କୁ ଦଣ୍ଡ ଦେବା ପାଇଁ ସାରା ରାଜ୍ୟରେ ଆନ୍ଦୋଳନ ଦାନା ବାନ୍ଧୁଥିବା ବେଳେ ଲୋକଙ୍କୁ ଏକାଠି କରାଇ ନ ଦେବାକୁ ଏଭଳି କରାଯାଇଛି। ଅନ୍ୟପକ୍ଷରେ ୨୦୧୯ ଅକ୍ଟୋବର ୨୧ରୁ ରାଜ୍ୟ ଅର୍ଥ ସଚିବ ଶ୍ରୀମନ୍ଦିର ପ୍ରଶାସନକୁ ଚିଠି ଲେଖି ଘରୋଇ ବ୍ୟାଙ୍କ ଦେବାଳିଆ ଅବସ୍ଥାକୁ ଆସିଗଲେଣି, ତେଣୁ ଯେଉଁ ଅଧିକାରୀମାନେ ଘରୋଇ ବ୍ୟାଙ୍କରେ ସରକାରୀ ଟଙ୍କା ରଖିବେ ସେଥିପାଇଁ ସେମାନେ ଦାୟୀ ରହିବେ ବୋଲି ଜଣାଇଥିଲେ। ଏହାସତ୍ତ୍ୱେ କାହିଁକି ୟେସ୍ ବ୍ୟାଙ୍କରୁ ଟଙ୍କା ଉଠାଯାଇ ନ ଥିଲା। ଏଥିଲାଗି ଶ୍ରୀମନ୍ଦିର ପରିଚାଳନା କମିଟିର କାର୍ଯ୍ୟକାରୀ ଅଧ୍ୟକ୍ଷ ସୁରେଶ ଚନ୍ଦ୍ର ମହାପାତ୍ର, ତତ୍କାଳୀନ ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ର, ସେତେବେଳର ପୁରୀ ଜିଲାପାଳ ଅରବିନ୍ଦ ଅଗ୍ରୱାଲ, ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ବିଜୟ ସାହୁ ଏବଂ ଆଇନମନ୍ତ୍ରୀ ପ୍ରତାପ ଜେନା ଦାୟୀ। ତୁରନ୍ତ ସେମାନଙ୍କଠାରୁ ଏହି ଅର୍ଥ ଆଦାୟ ସହ ସେମାନଙ୍କୁ ଗିରଫ କରାଯିବାକୁ ସେନା ଦାବି କରିଛି।



# ୮ ଶିଳ୍ପୀଙ୍କୁ ପୁରସ୍କୃତ କଲେ ରାଜ୍ୟପାଳ



ଉତ୍ସବରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ ସହ ପୁରସ୍କୃତ ଶିଳ୍ପୀ ଓ ଅତିଥିବୃନ୍ଦ।

**ଭୁବନେଶ୍ୱର, ୧୩।୩(ବ୍ୟୁରୋ)**

### ରାଜ୍ୟସ୍ତରୀୟ ଚିତ୍ରକଳା ପ୍ରଦର୍ଶନୀ ଓ ପୁରସ୍କାର ପ୍ରଦାନ ଉତ୍ସବ

ବୁଦ୍ଧ ଆର୍ଟ ଗ୍ୟାଲେରିରେ ହେବାକୁ ଥିବା ଓଡ଼ିଶା ଲଳିତ କଳା ଏକାଡେମୀର ୩୮ତମ ରାଜ୍ୟସ୍ତରୀୟ ପୁରସ୍କାର ପ୍ରଦାନ ଉତ୍ସବକୁ ବାତିଲ କରାଯାଇ ରାଜଭବନରେ କରାଯାଇଛି। କରୋନା ସଂକ୍ରମଣର ଭୟାବହତାକୁ ଦୃଷ୍ଟିରେ ରଖି ରାଜଭବନରେ ନିରାଡମ୍ବର ଭାବେ ଏହି କାର୍ଯ୍ୟକ୍ରମ କରାଯାଇଥିଲା। ଏହି ଅବସରରେ ରାଜ୍ୟପାଳ ପ୍ରଫେସର ଡ. ଗଣେଶୀ ଲାଲ୍ ୮ଜଣ ଶିଳ୍ପୀଙ୍କୁ ପୁରସ୍କୃତ କରିଥିଲେ। ସେମାନେ ହେଲେ ଭାସ୍କର୍ଯ୍ୟ କଳାରେ ବରୁଣ ବେହେରା, ବିଶ୍ୱଜିତା ମହାରଣା, ଚିତ୍ରକଳାରେ ହୃଷୀକେଶ ବିଶ୍ୱାଳ, ଜ୍ୟୋତି ପ୍ରକାଶ ପ୍ରଧାନ, ଭାସ୍କର୍ଯ୍ୟ କଳାରେ ମାୟାଧର ସାହୁ, ମୁଦ୍ରଣ କଳାରେ ନୀର ଜାନି, ପାରମ୍ପରିକ କଳା ପାଇଁ ନିରଞ୍ଜନ ମହାପାତ୍ର ଏବଂ ଚିତ୍ରକଳା ପାଇଁ ସତ୍ୟରଞ୍ଜନ ଦାସ। ପ୍ରତ୍ୟେକଙ୍କୁ ପୁରସ୍କାର ସ୍ୱରୂପ ୫୦ହଜାର ଟଙ୍କା ସହ ତାମ୍ରଫଳକ ଏବଂ ଉପଢୌକନ ପ୍ରଦାନ କରାଯାଇଥିଲା। ଏହି ଉତ୍ସବରେ ସଂସ୍କୃତି ଓ ପର୍ଯ୍ୟଟନ ବିଭାଗ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ବିଭାଗୀୟ ପ୍ରମୁଖ ସଚିବ ମନୋରଞ୍ଜନ ପାଣିଗ୍ରାହୀ, ନିର୍ଦ୍ଦେଶକ ବିଜୟ କୁମାର ନାୟକ, ଯୁଗ୍ମ ଶାସନ ସଚିବ ମନସ୍ୱିନୀ ସାହୁ, ଓଡ଼ିଶା ଲଳିତ କଳା ଏକାଡେମୀ ସଚିବ ଗଜେନ୍ଦ୍ର ପ୍ରସାଦ ସାହୁ, ସଭାପତି ସୁଦର୍ଶନ ପଟ୍ଟନାୟକ ଯୋଗଦେଇଥିଲେ। ଏହି ଅବସରରେ ଏକାଡେମୀ ପକ୍ଷରୁ ଆୟୋଜିତ ଚିତ୍ର ପ୍ରଦର୍ଶନୀରେ ସ୍ଥାନ ପାଇଥିବା କଳାକୃତିର ରଙ୍ଗିନ୍ ଚିତ୍ରପୁସ୍ତିକା ଉନ୍ମୋଚିତ ହୋଇଥିଲା। ପ୍ରଦର୍ଶନୀ ପାଇଁ ରାଜ୍ୟର ୩୬୮ଜଣ ଶିଳ୍ପୀଙ୍କଠାରୁ ୬୧୫ଟି ଚିତ୍ରକଳା ଗ୍ରହଣ କରାଯାଇଥିଲା। ପ୍ରଥମ ପର୍ଯ୍ୟାୟରେ ଚୟନ କମିଟି ୧୨୮ଜଣ ଶିଳ୍ପୀଙ୍କ ମୂଳ କଳାକୃତିକୁ ୨ୟ ପର୍ଯ୍ୟାୟ ପାଇଁ ମନୋନୀତ କରିଥିଲେ। ସେଥିରୁ ୧୧୦ ମୂଳ କଳାକୃତି ମଧ୍ୟରୁ ୮ଜଣ ଶିଳ୍ପୀଙ୍କୁ ବିଚାରକ ମଣ୍ଡଳୀ ସୁପାରିସ କରିଥିଲେ।

### ସ୍ତ୍ରୀଙ୍କୁ ମାଡ଼ ମାରି ସ୍ୱାମୀ ଗିରଫ

**କଟକ ରୋଡ, ୧୩।୩(ଡି.ଏନ୍.ଏ.)**

ସ୍ତ୍ରୀଙ୍କୁ ମାଡ଼ ମାରିବା ଅଭିଯୋଗରେ ଲକ୍ଷ୍ମୀସାଗର ଥାନା ପୋଲିସ ଶୁକ୍ରବାର ତାଙ୍କ ସ୍ୱାମୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଏହି ଥାନା ଅଧୀନ ବମିଖାଲ କେନାଲ ରୋଡରେ ବଲବାନ ସବିତା। ପୋଲିସ ସୂଚନା ଅନୁଯାୟୀ, ଗତ ୧୮ବର୍ଷ ପୂର୍ବେ ବଲବାନ ନୟାଗଡ଼ ଅଞ୍ଚଳର ଜଣେ ଯୁବତୀଙ୍କୁ ବିବାହ କରିଥିଲେ। ପ୍ରଥମେ ପରିବାର ସୁରୁଖୁରରେ ଚାଲିଥିବା ବେଳେ ପରବର୍ତ୍ତି ସମୟରେ ପାରିବାରିକ ଅଶାନ୍ତି ଦେଖାଦେଇଥିଲା। ନିୟମିତଭାବେ ବଲବାନ ତାଙ୍କ ସ୍ତ୍ରୀଙ୍କୁ ଗାଳିଗୁଲଜ ସହ ମାଡ଼ ମାରୁଥିଲେ। ଏ ନେଇ ମହିଳାଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୮୦/୨୦)ରୁଜୁକରି ତଦନ୍ତ ଚଳାଇଥିଲା।

# ଶ୍ରୀଜଗନ୍ନାଥଙ୍କ ଟଙ୍କା ଫେରାଇ ଆଣିବାକୁ ରାଜ୍ୟପାଳଙ୍କୁ ସ୍ମାରକପତ୍ର

**ଭୁବନେଶ୍ୱର, ୧୩।୩(ବ୍ୟୁରୋ)**

ସମସ୍ତ ନୀତି ନିୟମକୁ ଉଲ୍ଲଙ୍ଘନ କରି ଗୁରୁତର ଆର୍ଥିକ ସଙ୍କଟରେ ଥିବା ଜଗନ୍ନାଥଙ୍କ ୫୪୫ କୋଟି ଟଙ୍କା ୟେସ୍ ବ୍ୟାଙ୍କରେ ଜମା ରହିଥିବା ସମଗ୍ର ବିଶ୍ୱରେ ଏକ ଚର୍ଚ୍ଚାର ବିଷୟ ପାଲଟିଛି। ଏହା ଅତ୍ୟନ୍ତ ସମ୍ବେଦନ ଓ ସ୍ପର୍ଶକାତର ବିଷୟ ଅଟେ। ଲକ୍ଷଲକ୍ଷ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ମନରେ ଏହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହା ଆମ ଓଡ଼ିଆ ଜାତି ପାଇଁ ଏକ ନିନ୍ଦନୀୟ ଘଟଣା। ଚିଟ୍‌ଫଣ୍ଡ ପରେ ଏବେ ଶ୍ରୀଜଗନ୍ନାଥଙ୍କ ହୁଣ୍ଡି ଉପରେ ସରକାରଙ୍କ ଲକ୍ଷ୍ୟ ଥିବା କଂଗ୍ରେସ ଅଭିଯୋଗ କରିଛି। ତେଣୁ ଉକ୍ତ ଅର୍ଥକୁ ୟେସ ବ୍ୟାଙ୍କରୁ ଫେରସ୍ତ ଆଣି ଜାତୀୟକରଣ ବ୍ୟାଙ୍କରେ ଜମା ରଖିବା ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କକୁ ତୁରନ୍ତ ନିର୍ଦ୍ଦେଶ ଦେବା ଏବଂ ଏହି ଘଟଣାର ନିରପେକ୍ଷ ତଦନ୍ତ, ମନ୍ଦିର ଟଙ୍କା ଘରୋଇ ବ୍ୟାଙ୍କରେ ରଖିବା ଦୁର୍ନୀତିରେ ଜଡ଼ିତ ଥିବା ଅଧିକାରୀଙ୍କ ବିରୋଧରେ ସିବିଆଇ ଦ୍ୱାରା ତଦନ୍ତ ଦାବି କରି ରାଷ୍ଟ୍ରପତିଙ୍କ ହସ୍ତକ୍ଷେପ ପାଇଁ ଶୁକ୍ରବାର ପୁରୀ ଜଲା କଂଗ୍ରେସ କମିଟି ପକ୍ଷରୁ ଏକ ପ୍ରତିନିଧିମଣ୍ଡଳୀ ରାଜଭବନଠାରେ ରାଜ୍ୟପାଳ ଗଣେଶୀ ଲାଲଙ୍କ ସହିତ ଆଲୋଚନା କରି ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏହି ପ୍ରତିନିଧି ମଣ୍ଡଳୀରେ ଜିଲା କଂଗ୍ରେସ କମିଟି ପ୍ରାକ୍ତନ ସଭାପତି ତଥା ଏଆଇସିସି ସଭ୍ୟ ଅମୀୟ କୁମାର ପଟ୍ଟନାୟକଙ୍କ ନେତୃତ୍ୱରେ କଂଗ୍ରେସ ନେତା ବିନାୟକ ଦାସ ମହାପାତ୍ର, ବିରେନ୍ଦ୍ର ଭୂଷଣ ହୋତା ପ୍ରମୁଖ ଅଂଶ ଗ୍ରହଣ କରିଛନ୍ତି।





ଭୁବନେଶ୍ୱର ଓକିଲ ସଂଘ ପକ୍ଷରୁ ରବୀନ୍ଦ୍ର ମଣ୍ଡପରେ ପରିବେଷିତ ନାଟକ 'ସକାଳର ଅପେକ୍ଷାରେ'ର ଏକ ଦୃଶ୍ୟ।

## ଫଟୋରେ ଖବର



କରୋନା ପାଇଁ ଶୁକ୍ରବାର ଭୁବନେଶ୍ୱରସ୍ଥିତ ୟୁନିଟ୍-୩ କ୍ୟାପିଟାଲ ହାଇସ୍କୁଲ ଛୁଟି ହେବା ପରେ ଛାତ୍ରମାନେ ମୁହଁରେ ମାସ୍କ ପିନ୍ଧି ଫେରୁଛନ୍ତି।



ପଞ୍ଚୁଦୋଳ ଅବସରରେ ପୁରୀ ସମଘରା ମେଳଣ ପଡ଼ିଆରେ ଏକତ୍ରିତ ହୋଇଥିବା ଦୋଳ ବିମାନ।

# ହଷ୍ଟେଲରୁ ଛାତ୍ରୀଙ୍କ ମୃତଦେହ ଉଦ୍ଧାର

**କଟକ ଅଫିସ, ୧୩।୩**

ଚାଉଳିଆଗଞ୍ଜ ଅଞ୍ଚଳରେ ଥିବା ଏକ ହଷ୍ଟେଲରୁ ଶୁକ୍ରବାର ପୋଲିସ ଜଣେ ଛାତ୍ରୀଙ୍କ ମୃତଦେହ ଉଦ୍ଧାର କରିଛି। ସେ ହେଲେ କନ୍ଧମାଳ ଜିଲା ବ୍ରାହ୍ମଣିଗାଁ ଥାନା ଅଞ୍ଚଳର ଅରୁଣ ଉଥାନ ସିଂହଙ୍କ ଝିଅ ପ୍ରୀୟା ଉଥାନ ସିଂହ(୧୨)। ତାଙ୍କ ଝିଅକୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଛି ବୋଲି ଅରୁଣ ଚାଉଳିଆଗଞ୍ଜ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ହତ୍ୟା ମାମଲା(ନଂ.୧୦୫/୨୦)ରୁଜୁକରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ଚାଉଳିଆଗଞ୍ଜର ଏକ କନ୍ୟାଶ୍ରମରେ ପ୍ରିୟା ଷଷ୍ଠ ଶ୍ରେଣୀରେ ପଢୁଥିଲେ। ସେ ଗତ ଦୁଇ ବର୍ଷ ହେବ ଏହି କନ୍ୟାଶ୍ରମରେ ରହୁଥିଲେ। ଅରୁଣ ଗତ ୧୦ ତାରିଖରେ ତାଙ୍କ ଝିଅକୁ

**ହତ୍ୟା ଅଭିଯୋଗ ଆଣିଲେ ବାପା**

ଦେଖାକରି କନ୍ଧମାଳ ଫେରିଯାଇଥିଲେ। ୧୨ ତାରିଖ ସକାଳେ କନ୍ୟାଶ୍ରମର ପରିଚାଳକ ଅରୁଣଙ୍କୁ ଫୋନ କରି ତାଙ୍କ ଝିଅର ମୃତ୍ୟୁ ହେଇଥିବା କହିଥିଲେ। ପରେ ଅରୁଣ ଏବଂ ତାଙ୍କ ପରିବାରବର୍ଗ କଟକ ଆସିଥିଲେ। ପ୍ରିୟାଙ୍କ ଦେହରେ କ୍ଷତ ଚିହ୍ନ ଥିବାରୁ ତାଙ୍କୁ ହତ୍ୟା କରାଯାଇଛି ବୋଲି ଅରୁଣ ଅଭିଯୋଗରେ ଦର୍ଶାଇଛନ୍ତି। ପ୍ରିୟାଙ୍କୁ ଜ୍ୱର ହୋଇଥିବାରୁ ଔଷଧ ଦିଆଯାଇଥିଲା। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ମେଡିକାଲକୁ ନିଆଯାଇଥିଲା ବୋଲି ହଷ୍ଟେଲ କର୍ତ୍ତୃପକ୍ଷ କହିଛନ୍ତି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସତ୍ୟତା ଜଣାପଡ଼ିବ ବୋଲି ପୋଲିସ କହିଛି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୧୪ ମାର୍ଚ୍ଚ, ୨୦୨୦



ନିଜେ ଯାହା ନକରି ପାରୁଛ ସେହିକଥା କର ବୋଲି ଅନ୍ୟକୁ ଉପଦେଶ ଦେଲାବେଳେ ଜଣେ ନିଶ୍ଚୟ ଲଜ୍ଜିତ ହେବା ଉଚିତ୍।
- କନ୍‌ଫୁସିୟସ



# ଟ୍ୱିନ୍‌ସିଟିରେ ସଭା, ସମ୍ମିଳନୀ ଉପରେ ରୋକ୍

ଭୁବନେଶ୍ୱର,୧୩।୩ (ବ୍ୟୁରୋ)

କରୋନା କୋପରେ ସାରା ବିଶ୍ୱବାସୀ ଭୟଭୀତ। ଦିନକୁଦିନ ବଢିଚାଲିଛି କରୋନା ଭାଇରସରେ ଆକ୍ରାନ୍ତ, ମୃତକଙ୍କ ସଂଖ୍ୟା। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଏହି କରୋନା ଭାଇରସକୁ ମହାମାରୀ ଘୋଷଣା କରିଛି। ଏବେ ଦେଶର ବିଭିନ୍ନ ରାଜ୍ୟରେ କରୋନା ସଂକ୍ରମଣଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ଓଡ଼ିଶା ସରକାର ଶୁକ୍ରବାର ଏହାକୁ ରାଜ୍ୟ ବିପର୍ଯ୍ୟୟ ବୋଲି ଘୋଷଣା କରିଛନ୍ତି। ମହାମାରୀ ଆଇନ ୧୯୮୭ ଅନୁସାରେ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ଟ୍ୱିନସିଟିରେ କରୋନା ଅଧିନିୟମ ୨୦୨୦ ଜାରି କରିଛନ୍ତି। ଭୁବନେଶ୍ୱର-କଟକ ଦ୍ୱୈତ୍ୟନଗରୀ ପାଇଁ ମାଜିଷ୍ଟ୍ରେଟଙ୍କ କ୍ଷମତା ପାଇଛନ୍ତି ପୋଲିସ କମିଶନର, ଅତିରିକ୍ତ ପୋଲିସ କମିଶନର ଏବଂ ଯୁଗ୍ମ କମିଶନର। ଏହି ଅଧିନିୟମ ଅନୁସାରେ କମିଶନରେଟ ପୋଲିସ କରୋନା ଅଧିନିୟମ କାର୍ଯ୍ୟକାରୀ କରିବ। ଏ ସଂକ୍ରାନ୍ତରେ ଡିସିପି, ଏସିପି, ଥାନା ଅଧିକାରୀ ଓ ପିସିଆର କର୍ମଚାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି ଯେ କଟକ-ଭୁବନେଶ୍ୱରରେ ଥିବା ସମସ୍ତ ଶିକ୍ଷାନୁଷ୍ଠାନ,ସୁଇମ୍ ପୁଲ୍, ଜିମ, ସିନେମା ହଲ୍ ଏବଂ ସଭା ସମ୍ମିଳନୀ ଚଳିତ ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ବନ୍ଦ ରହିବ। କମିଶନରେଟ ପୋଲିସ ପକ୍ଷରୁ ଏହି ନିୟମକୁ କଡାକଡ଼ି ଭାବେ ପାଳନ କରିବାକୁ ପୋଲିସ କମିଶନର ସୁଧାଂଶୁ ଷଡଙ୍ଗୀ ଶୁକ୍ରବାର କମିଶନରେଟ ମୁଖ୍ୟାଳୟରେ ହୋଇଥିବା ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଯଦି ସ୍ୱାସ୍ଥ୍ୟ ବିଭାଗ କୌଣସି ସନ୍ଦିଗ୍ଧଙ୍କୁ ଖୋଜିବା, ଡାକ୍ତରଖାନା ନେଇ ପରୀକ୍ଷା କରିବା ଅବା କାହାକୁ ଅଲଗା କରିବା ପାଇଁ ପୋଲିସର ଆବଶ୍ୟକତା ଲୋଡେ ତେବେ ପୋଲିସ ତୁରନ୍ତ ସହଯୋଗ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି କମିଶନର ସୁଧାଂଶୁ ଷଡଙ୍ଗୀ।

ବିଏମସି ଅବା ସିଏମସି ଯଦି ଭୁବନେଶ୍ୱର ଏବଂ କଟକରେ କୌଣସି ଅଞ୍ଚଳକୁ ପ୍ରବେଶ ନିଷେଧ କରନ୍ତି ଅଥବା ସଂକ୍ରମିତ ରୋଗୀଙ୍କୁ ଅଲଗା କରିବା ପାଇଁ ପୋଲିସର ସହଯୋଗ ଲୋଡ଼ନ୍ତି, ତେବେ ପୋଲିସ ପକ୍ଷରୁ ସମସ୍ତ ସହଯୋଗ ଯୋଗାଇ ଦେବାକୁ କୁହାଯାଇଛି। ପୋଲିସ ବାରାକରେ ଯଦି କୌଣସି କର୍ମଚାରୀ ଅବା ଅଫିସରଙ୍କଠାରେ ଥଣ୍ଡା, ଜ୍ୱର, ଛିଙ୍କ ଭଳି କରୋନା ଭାଇରସର ଲକ୍ଷଣ ଦେଖାଯାଏ ତେବେ ବିନା ଛୁଟିରେ ଡାକ୍ତରୀ ରିପୋର୍ଟ ଉପରେ ଘରକୁ ଯିବାକୁ ଅନୁମତି ପ୍ରଦାନ କରାଯିବ। ଆବଶ୍ୟକ ପଡିଲେ ଅସୁସ୍ଥ ପୋଲିସ କର୍ମଚାରୀଙ୍କୁ ଅଲଗା ରଖାଯିବ। ଏଥିସହ ଜଣେ ମନସ୍ତତ୍ତ୍ୱ ବିଜ୍ଞାନର ଛାତ୍ର ହିସାବରେ ଜନସାଧାରଣଙ୍କୁ ପରାମର୍ଶ ଦେଇ କମିଶନର ଷଡଙ୍ଗୀ କହିଛନ୍ତି, ସାଧାରଣତଃ ଜଣେ ରୋଗରେ ପଡିଲେ ଆମେ ତାଙ୍କ ନିକଟକୁ ଯାଉ ଓ ଟିକେ ଆଉଁଶି ଦେଉ। କିନ୍ତୁ ଏବେ ଟିକେ ଦୂରତ୍ୱ ରଖିବାକୁ କମିଶନର ଷଡଙ୍ଗୀ ପରାମର୍ଶ ଦେଇଛନ୍ତି।

ସବୁଠି କଟକଣା ଲାଗିଛି, ମାତ୍ର ଟ୍ୱିନସିଟିରେ ଥିବା ବାରରେ ଏହି କଟକଣାକୁ ଲାଗୁ କରାଯାଇ ନଥିବାରୁ ଏହାକୁ ନେଇ ଜନଅସନ୍ତୋଷ ପ୍ରକାଶ ପାଇଛି। ପ୍ରତିଦିନ ହଜାର ହଜାର ଲୋକ ବିଭିନ୍ନ ବାରକୁ ଆସୁଥିବା ବେଳେ ଏକାଠି ପାଖାପାଖି ବସି ଖାଦ୍ୟପାନୀୟ ଗ୍ରହଣ କରିବା ସହ ହାତ ଧରାଧରି ହୋଇ ଡ୍ୟାନ୍ସ କରୁଛନ୍ତି। ତେବେ ଏଭଳି ଜନଗହଳିପୂର୍ଣ୍ଣ ସ୍ଥାନରେ କଟକଣା ନ ଲଗାଇବା କେତେଦୂର ଯଥାର୍ଥ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟିକରିଛି।

**କରୋନା କୋପ**



- କାର୍ଯ୍ୟକାରୀ ହେଲା ମହାମାରୀ ଆଇନ ୧୯୮୭
- ବାର୍‌କୁ ଛାଡ଼ି ସବୁଠି କଟକଣା

## ସଂକ୍ଷେପରେ

### ବ୍ୟବସାୟୀଙ୍କୁ ମାଡ଼ ମାରି ୬୦ହଜାର ଲୁଟ୍

**ନିମାପଡ଼ା,୧୩।୩(ଡି.ଏନ୍.ଏ.):** ନିମାପଡ଼ା-ବଳଙ୍ଗା ରାସ୍ତାର ନହନ୍ତରା ଛକ ନିକଟରେ ମାଛ ବ୍ୟବସାୟୀ ନରେନ୍ଦ୍ର ବେହେରାଙ୍କୁ ମାଡ଼ ମାରିବା ସହ ମାରଣାସ୍ତ୍ର ଦେଖାଇ ୩ଜଣ ଦୁର୍ବୃତ୍ତ ୬୦ହଜାର ଟଙ୍କା ଲୁଟି ନେଇଥିବା ଜଣାପଡିଛି। ସୂଚନା ଅନୁଯାୟୀ, ନରେନ୍ଦ୍ର ଏକ ବାଇକ୍(ଓଡି ୦୨ ଏଆର ୪୩୪୬)ରେ ମାଛ ଗୋଦାମକୁ ଟଙ୍କା ଦେବାକୁ ଯାଉଥିବା ବେଳେ ୩ ମୁଖା ପିନ୍ଧା ଦୁର୍ବୃତ୍ତ ଏକ ବାଇକ୍‌ରେ ତାଙ୍କୁ ପିଛା କରିବା ସହ ନହନ୍ତରା ଛକ ଚାଉଳଗୋଦାମ ନିକଟରେ ଅଟକାଇଥିଲେ। ପରେ ଦୁର୍ବୃତ୍ତମାନେ ବ୍ୟବସାୟୀଙ୍କୁ ମାଡ଼ ମାରିବା ସହ ଏକ କଟୁରି ଦେଖାଇ ୬୦ହଜାର ଟଙ୍କା ଓ ଗୋଟିଏ ମୋବାଇଲ ଫୋନ ଲୁଟିନେଇଥିଲେ। ନିମାପଡ଼ା ପୋଲିସ ପହଞ୍ଚି ତଦନ୍ତ ଚଳାଇଛି। ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ପୋଲିସ ସୂତ୍ରରୁ ଜଣାପଡିଛି।

### ଯୁବକଙ୍କ ମୃତଦେହ ଉଦ୍ଧାର

**ଡେଲାଙ୍ଗ,୧୩।୩ (ଡି.ଏନ୍.ଏ.):** ପୁରୀ-ଖୋର୍ଦ୍ଧା ରେଳପଥର ଜଗଦଲପୁର ଲେବଲ କ୍ରସିଂ ନିକଟରୁ ଶୁକ୍ରବାର ଜଣେ ଯୁବକଙ୍କ ମୃତଦେହ ଜିଆରପି ପୋଲିସ ଉଦ୍ଧାର କରିଛି। ସେ ହେଲେ ଡେଲାଙ୍ଗ ଥାନା ଅନ୍ତର୍ଗତ ଜୋରକଣୀ ଗ୍ରାମର ମୋହନ କୁମାର ବରାଳ(୧୯)। ଜିଆରପି ପୋଲିସ ଏକ ମାମଲା(ନଂ.୨୧/୨୦)ରୁଜୁକରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ଗୁରୁବାର ରାତିରେ ମୋଟରି ଗ୍ରାମରେ ବିବାହ ଉତ୍ସବ ପାଇଁ ମୋହନ ଟେଣ୍ଟ କାମ କରୁଥିଲେ। ହେଲେ ଶୁକ୍ରବାର ସକାଳେ ମୋହନଙ୍କ ମୃତଦେହ ଖଣ୍ଡବିଖଣ୍ଡିତ ଅବସ୍ଥାରେ ଟ୍ରେନଲାଇନ ପାର୍ଶ୍ୱରେ ଦେଖିବାକୁ ମିଳିଥିଲା। ସାକ୍ଷୀଗୋପାଳ ଜିଆରପି ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା।

### ଟ୍ରକ୍ ଧକ୍କାରେ ବାଇକ ଚାଳକ ମୃତ

**ଭୁବନେଶ୍ୱର,୧୩।୩(ବ୍ୟୁରୋ):** ଖଣ୍ଡଗିରି ଛକରେ ଗୁରୁବାର ରାତିରେ ଏକ ବାଇକକୁ ଟ୍ରକ୍ ଧକ୍କା ଦେବାରୁ ବାଇକ ଚାଳକଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ସୁନ୍ଦରପଦାର କହ୍ନେୟା କୁମାର ତାନ୍ତି(୩୪)। ପୋଲିସ ଏକ ମାମଲା ରୁଜୁ କରି ଖୋର୍ଦ୍ଧାରୁ ଟ୍ରକ୍ ଡ୍ରାଇଭରଙ୍କୁ ଗିରଫ କରିଛି। ଗିରଫ ଡ୍ରାଇଭର ହେଲେ କର୍ଣାଟକ ନଗରାଲର ବିଦ୍ୟା ହୋସମତା। ସୂଚନାଯୋଗ୍ୟ, ଗୁରୁବାର ରାତି ସାଢ଼େ ୧୨ଟାରେ କହ୍ନେୟା ଓ ତାଙ୍କର ସାଙ୍ଗ ଭିକି ଶାହା ବାଇକରେ ଘାଟିକିଆରୁ ଆସି ପୋଖରୀପୁଟ ଯିବା ପାଇଁ ଖଣ୍ଡଗିରି ଛକ ପାରି ହେଉଥିଲେ। ସେହି ସମୟରେ ଟ୍ରକ୍‌ଟି ଦ୍ରୁତ ଗତିରେ ଆସି ବାଇକକୁ ଧକ୍କା ଦେଇଥିଲା। ଫଳରେ ଉଭୟ ରାସ୍ତା ଉପରକୁ ଛିଟିକି ପଡ଼ିଥିଲେ। ତାଙ୍କର ମୁଣ୍ଡ, ଛାତି ଆଦି ମାଡ଼ ହୋଇଥିଲା। ଖଣ୍ଡଗିରି ପୋଲିସ ପହଞ୍ଚି ଦୁଇ ଜଣଙ୍କୁ କ୍ୟାପିଟାଲ ହସ୍ପିଟାଲ ନେଇଥିଲେ। ସେଠାରେ ଡାକ୍ତର କହ୍ନେୟାଙ୍କୁ ମୃତ ଘୋଷଣା କରିଥିଲେ।

# ବିଚାର ହେବନି ଏକକାଳୀନ ୧୦ରୁ ଊର୍ଦ୍ଧ୍ୱ ମାମଲା

କଟକ ଅଫିସ୍,୧୩।୩

କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ସୁପ୍ରିମ୍‌କୋର୍ଟ ଏବଂ ରାଜ୍ୟର ଅନ୍ୟ କେତେକ ହାଇକୋର୍ଟ ଭଳି ଓଡ଼ିଶା ହାଇକୋର୍ଟ ମଧ୍ୟ ଶୁକ୍ରବାର ସ୍ୱତନ୍ତ୍ର ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ହାଇକୋର୍ଟ ପରିସରରେ ଅଯଥା ଗହଳି ନ କରିବା ଏବଂ ଏକକାଳୀନ ୧୦ରୁ ଅଧିକ ମାମଲା ଶୁଣାଣି ଉପରେ କଟକଣା ଜାରି କରାଯାଇଛି।

ହାଇକୋର୍ଟ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି ଯେ, ବିଶ୍ୱରେ ଏବେ କରୋନା ଭୂତାଣୁ ବ୍ୟାପିବାରେ ଲାଗିଛି। ବିଶ୍ୱ ସମୁଦାୟ ପାଇଁ ଏହା ବିପଦ ସୃଷ୍ଟି କଲାଣି। ଡବ୍ଲୁଏଚ୍‌ଓ ପକ୍ଷରୁ ଏହାକୁ ମହାମାରୀ ଭାବେ ଘୋଷଣା କରାଯାଇଛି। ବିଭିନ୍ନ ଦେଶ ଏବଂ ସଙ୍ଗଠନ ଏହାର ମୁକାବିଲା ପାଇଁ ପଦକ୍ଷେପ ନେଉଛନ୍ତି। ଭାରତରେ ମଧ୍ୟ ଧୀରେ ଧୀରେ ବ୍ୟାପୁଛି । ଏହାର ମୁକାବିଲା ପାଇଁ ରାଜ୍ୟ ସରକାର ଆଗୁଆ ସତର୍କତାମୂଳକ ପ୍ରତଷେଧକ ପଦକ୍ଷପ ନେଇଛନ୍ତି। ଏହାକୁ ଦୃଷ୍ଟିରେ ରଖି ଓଡ଼ିଶା ହାଇକୋର୍ଟ ମଧ୍ୟ କରୋନା ଭୂତାଣୁକୁ ନେଇ ସର୍ତକର୍ତ୍ତା ଅବଲମ୍ବନ କରିଛନ୍ତି। ଅଦାଲତ ଭିତରକୁ ଦଳ ଦଳ ହୋଇ ଭ୍ରମଣକାରୀଙ୍କ ପ୍ରବେଶକୁ ନିଷେଧ କରାଯାଇଛି। କେବଳ ମାମଲା ପରିଚାଳନା କରୁଥିବା ସମ୍ପୃକ୍ତ ଆଇନଜୀବୀ ପ୍ରବେଶ କରିବେ। ଆବଶ୍ୟକ ସ୍ଥଳେ ଶୁଣାଣି ହେବାକୁ ଥିବା ମାମଲାର ପକ୍ଷଭୁକ୍ତମାନେ ଅଦାଲତରେ ପ୍ରବେଶ କରିପାରିବେ। ଅତି ଆବଶ୍ୟକ ସ୍ଥଳେ କେବଳ ୧୦ଟି ମାମଲାରୁ ଅଧିକ ବିଚାର ଏକ ସମୟରେ କରାଯିବା ଉପରେ ମଧ୍ୟ କଟକଣା ଜାରି କରାଯାଇଛି। ନିରାପଦ ଦୃଷ୍ଟିରୁ କୋର୍ଟ ବାହାରେ ମଧ୍ୟ ଦଳଦଳ ହୋଇ ଲୋକେ ଏକାଠି ନ ରହିବାକୁ ରେଜିଷ୍ଟ୍ରାର ଜୁଡିସିଆଲଙ୍କ ପକ୍ଷରୁ ଏକ ନିର୍ଦ୍ଦେଶନାମା ଜାରି ହୋଇଛି।

**ହାଇକୋର୍ଟରେ କରୋନା ସତର୍କତା**




# କରୋନା ସଚେତନତା ଉପରେ ଗୁରୁତ୍ୱ

ଭୁବନେଶ୍ୱର ୧୩।୩ (ବ୍ୟୁରୋ)

ସାରା ବିଶ୍ୱରେ କରୋନା ଭାଇରସ୍‌କୁ ନେଇ ଆତଙ୍କ ସୃଷ୍ଟି ହୋଇଥିବା ବେଳେ ଏହାର ମୁକାବିଲା ପାଇଁ ବିଏମ୍‌ସି ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଏ ନେଇ ଶୁକ୍ରବାର ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ହୋଇଯାଇଛି। ବୈଠକରେ ପରିମଳ ବ୍ୟବସ୍ଥା ଉପରେ ବିଭାଗ ପକ୍ଷରୁ ଗୁରୁତ୍ୱ ଦିଆଯାଇଥିବା ବେଳେ ବିଭିନ୍ନ କାର୍ଯ୍ୟ ପାଇଁ ଅଧିକାରୀମାନେ ତଦାରଖ କରିବେ ବୋଲି ନିଷ୍ପତ୍ତି ହୋଇଛି। ବିଏମ୍‌ସି ଅଞ୍ଚଳରେ ଆବର୍ଜନା ଉଠାଇବା ପାଇଁ ସମୟ ନିର୍ଦ୍ଧାରଣକୁ ଗୁରୁତ୍ୱ ଦିଆଯାଇଥିବା ବେଳେ ସବୁଠାରେ ବ୍ଲିଚିଂ ପକାଇବାକୁ ନିଷ୍ପତ୍ତି ହୋଇଛି। ସେହିପରି ସହରର ସଫେଇ କର୍ମଚୀମାନଙ୍କୁ ସାନିଟାଇଜର୍ ଓ ମାସ୍କ ଓ ଭିଟାମିନ୍ ଟାବଲେଟ୍ସ ଆଦି ପ୍ରଦାନ କରିବା ପାଇଁ ସଫେଇ ଦାୟିତ୍ୱରେ ଥିବା ତିନୋଟି କମ୍ପାନୀ ଯଥା ରାମକୀ, ଜାଗୃତୀ ଓ ପିଏମ୍‌ଆର୍‌କୁ ନିର୍ଦ୍ଦେଶ ଦିଆଯାଇଛି। ଏହାବ୍ୟତୀତ ବିଏମ୍‌ସି ଦାୟିତ୍ୱରେ ଥିବା ୱାର୍ଡଗୁଡ଼ିକରେ ମଧ୍ୟ ସମାନ ପନ୍ଥା ଗ୍ରହଣ କରିବା ପାଇଁ କମିଶନର କହିଛନ୍ତି। ବିଶେଷ କରି ବସ୍ତି ଅଞ୍ଚଳଗୁଡ଼ିକରେ ସଫେଇ ପ୍ରତି ଅଧିକ ଧ୍ୟାନ ଦେବା ପାଇଁ କୁହାଯାଇଛି। ଏହାସହିତ ସାଧାରଣ ଲୋକଙ୍କୁ ସଚେତନ କରାଇବା ପାଇଁ ଏକ ପ୍ରଚାର ଗାଡ଼ି ବୁଲିବ। ସେହିପରି ବିଏମ୍‌ସି, ବିଡିଏ ଓ ବିଏସ୍‌ସିଏଲ୍ ଆଦିରେ ବାୟୋମେଟ୍ରିକ୍ ସିଷ୍ଟମକୁ ବନ୍ଦ କରାଯାଇଛି। ବିଏମ୍‌ସି ହସ୍ପିଟାଲ୍, ଆହାର କେନ୍ଦ୍ର, ଆଶ୍ରୟସ୍ଥଳୀ ଏବଂ ରାଜଧାନୀରେ ଥିବା ମନ୍ଦିରଗୁଡ଼ିକରେ ସ୍ୱଚ୍ଛତା ପ୍ରତି ଦୃଷ୍ଟି ଦେଇ ଏହିସବୁ ସ୍ଥାନଗୁଡ଼ିକରେ ହ୍ୟାଣ୍ଡ ୱାସ୍ ବ୍ୟବସ୍ଥା କରିବା ସହ ପରିସର ସ୍ୱଚ୍ଛତା ରଖିବାକୁ କୁହାଯାଇଛି। ସେହିପରି ବିଏମ୍‌ସି ଅଞ୍ଚଳରେ ହସ୍ପିଟାଲ୍‌ଗୁଡ଼ିକରେ ଆଇସୋଲେସନ୍ ୱାର୍ଡ ପ୍ରସ୍ତୁତ ରଖିବା ଉପରେ ମଧ୍ୟ ଆଲୋଚନା ହୋଇଛି। ଏହାସହିତ ବିଏମ୍‌ସିର ଦୁଇଟି ଡମ୍ପିଂୟାର୍ଡରେ କାର୍ଯ୍ୟକରୁଥିବା ସଫେଇ କର୍ମଚାରୀଙ୍କ ପାଇଁ ସଫେଇ ବ୍ୟବସ୍ଥା କରିବାକୁ ନିଷ୍ପତ୍ତି ହୋଇଛି। ଏହାସହିତ ଭୁବନେଶ୍ୱର ଅପରେଶନ ସେଣ୍ଟରରେ ଏକ ଟୋଲ୍ ଫ୍ରି ନମ୍ବର ଚାଲୁ କରି କରୋନା ସମ୍ପର୍କିତ ସବୁ ଅଭିଯୋଗ ଗ୍ରହଣ କରାଯିବାକୁ ନିଷ୍ପତ୍ତି ହୋଇଛି।



ନରାଜ ଆନିକଟଠାରେ ଜଣେ ଧୀବର ଜାଲରେ ମାଛ ଧରୁଛନ୍ତି।

# ମହାପ୍ରଭୁଙ୍କୁ ସମ୍ପତ୍ତି ଦାନ ଦେବେ ଆସାମ ଭକ୍ତ

ପୁରୀ ଅଫିସ,୧୩।୩

**ଶ୍ରୀମନ୍ଦିର ପ୍ରଶାସନକୁ ଜଣାଇଲେ**

ମହାପ୍ରଭୁଙ୍କ ସମ୍ପତ୍ତିକୁ ନେଇ ଏବେ ଚାଲିଛି ଟଣାଓଟରା। କିଏ ଠାକୁରଙ୍କ ଅମୃତମଣୋହି ସମ୍ପତ୍ତି ମାଡ଼ି ବସିଛନ୍ତି ତ ଆଉ କେହି ବ୍ୟକ୍ତିଗତ ଫାଇଦା ହାସଲ କରି ମହାପ୍ରଭୁଙ୍କ ଟଙ୍କାଙ୍କୁ ଅନିଶ୍ଚିତତା ଭିତରକୁ ଠେଲି ଦେଇଛନ୍ତି। ସେହିପରି ଅନେକ ବଡ଼ବଡ଼ିଆ ଅଛନ୍ତି ଯେଉଁମାନେ ଶ୍ରୀଜଗନ୍ନାଥଙ୍କ ସମ୍ପତ୍ତି ଜାଣିସୁଦ୍ଧା ଜବରଦଖଲ କରିବାକୁ କୁଣ୍ଠାବୋଧ କରି ନାହାନ୍ତି। ହେଲେ ଏମିତି କିଛି ମଣିଷ ଅଛନ୍ତି ଯେଉଁମାନେ ମହାପ୍ରଭୁଙ୍କୁ ସବୁକିଛି ଦେଇଦେବାକୁ ଆଗେଇ ଆସୁଛନ୍ତି। ଏହିପରି ଜଣେ ଭକ୍ତ ହେଉଛନ୍ତି ଆସାମର ରାମେଶ୍ୱରୀ ଦେବୀ (୬୫)। ଶ୍ରୀଜଗନ୍ନାଥଙ୍କୁ ତାଙ୍କ ସମ୍ପତ୍ତି ଏବଂ ଘର ଦାନ ଦେବା ଲାଗି ଶୁକ୍ରବାର ଶ୍ରୀମନ୍ଦିର ପ୍ରଶାସନକୁ ଜଣାଇଛନ୍ତି।

ଆସାମ ସୁନୀତପୁର ସହର ତେଜପୁର ନିବାସୀ ରାମେଶ୍ୱରୀ ଦେବୀ। ଶ୍ରୀଜଗନ୍ନାଥଙ୍କ ପ୍ରତି ତାଙ୍କର ରହିଛି ଅଖଣ୍ଡ ବିଶ୍ୱାସ ଓ ଭକ୍ତି। ୨୦୧୧ ଫେବୃୟାରୀରେ ସେ ପୁରୀ ଆସିଥିଲେ। ମହାପ୍ରଭୁଙ୍କୁ ଦର୍ଶନ କରିବାବେଳେ ବେଶ୍ ଭାବବିହ୍ୱଳ ହୋଇପଡିଥିଲେ। ଦୁନିଆ ତାଙ୍କୁ ତୁଚ୍ଛ ଲାଗିଥିଲା। ସବୁକିଛି ମୋର ବୋଲି ଲୋକେ ଯାହା କହୁଛନ୍ତି ତା'ର ମାନେ କିଛି ନାହିଁ ବୋଲି ସେଦିନ ରାମେଶ୍ୱରୀଙ୍କ ହୃଦ୍‌ବୋଧ ହୋଇଥିଲା। ଆଉ ଠାକୁରଙ୍କୁ ପ୍ରଣାମ କରିବା ସମୟରେ ତାଙ୍କର ସମ୍ପତ୍ତି ଶ୍ରୀଜଗନ୍ନାଥଙ୍କୁ ଦାନ କରିବା ଲାଗି ନିଷ୍ପତ୍ତି ନେଇଥିଲେ। ପ୍ରାୟ ଦେଢବର୍ଷ ହେବ ସେ ଆସି ପୁରୀରେ ରହୁଛନ୍ତି। ପ୍ରଥମେ ଆସାମ ଭବନରେ ରହୁଥିଲେ। ସୁରକ୍ଷା ଜୋନରେ ଥିବା ଏହି ଭବନ ଭଙ୍ଗାଯିବା ପରେ ଏବେ ବାଗେଡ଼ିଆ ଧର୍ମଶାଳାରେ ରହୁଛନ୍ତି ରାମେଶ୍ୱରୀ। ମହାପ୍ରଭୁଙ୍କୁ ତାଙ୍କର ସମ୍ପତ୍ତି ଦାନ ଦେବା ନେଇ ଶୁକ୍ରବାର ଶ୍ରୀମନ୍ଦିର ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁଙ୍କୁ ସାକ୍ଷାତ୍ କରିଥିଲେ। ମନ୍ଦିର ପ୍ରଶାସନ ପକ୍ଷରୁ ତାଙ୍କ ସମ୍ପତ୍ତିର କାଗଜପତ୍ର ଯାଞ୍ଚ କରାଯିବା ପରେ ପଦକ୍ଷେପ ନିଆଯିବ ବୋଲି ନୀତି ପ୍ରଶାସକ ତାଙ୍କୁ କହିଥିଲେ। ଜଣେ ଆଇନଜୀବୀଙ୍କୁ ସାଥୀରେ ଆଣି ଏସବୁ କରିବେ ବୋଲି କହିଛନ୍ତି ରାମେଶ୍ୱରୀ। ତେବେ ଯେଉଁଠି ମହାପ୍ରଭୁଙ୍କ ସମ୍ପତ୍ତି ମାଡ଼ିବସିବା ପାଇଁ ଲୋକଙ୍କ ମଧ୍ୟରେ ବ୍ୟଗ୍ରତା ପ୍ରକାଶ ପାଉଛି ସେଭଳିସ୍ଥଳରେ ରାମେଶ୍ୱରୀ ସମ୍ପତ୍ତି ଦାନ ପାଇଁ ଆଗେଇ ଆସିବା ନିଶ୍ଚିତ ବଡ଼ କଥା ବୋଲି କୁହାଯାଉଛି।

# ବଖରାଏ ଜଳିଗଲା

**ଡେଲାଙ୍ଗ,୧୩।୩ (ଡି.ଏନ୍.ଏ.):** ଅରିଶଳ ପଞ୍ଚାୟତର ଜୟପୁର ଗ୍ରାମରେ ଶୁକ୍ରବାର ଅଗ୍ନିକାଣ୍ଡ ଘଟି ସହଦେବ ସ୍ୱାଇଁଙ୍କ ଏକ ବଖରା ସହ ଆସବାବପତ୍ର ଜଳିଯାଇଛି। ଡେଲାଙ୍ଗ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।




ବିଭିନ୍ନ ଦାବି ନେଇ ଏଆଇଡିଏସ୍‌ଓ ପକ୍ଷରୁ ଶୁକ୍ରବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ବିକ୍ଷୋଭ ପ୍ରଦର୍ଶନ।

# 'କ୍ଷୁଦ୍ର ଓ ବୃହତ୍ ଶିଳ୍ପ ମଧ୍ୟରେ ସମନ୍ୱୟ ରହିବା ଦରକାର'

କଟକ ଅଫିସ, ୧୩।୩

**ଜାତୀୟସ୍ତରୀୟ କ୍ରେତା-ବିକ୍ରେତା ସମ୍ମିଳନୀ ଉଦ୍‌ଘାଟିତ**

ରାଷ୍ଟ୍ର ନିର୍ମାଣ କ୍ଷେତ୍ରରେ ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗଗୁଡିକର ଅବଦାନ ଗୁରୁତ୍ୱପୂର୍ଣ୍ଣ। ଆମ ରାଜ୍ୟରେ ପ୍ରଚୁର ପରିମାଣରେ କଞ୍ଚାମାଲ ଗଚ୍ଛିତ ରହିଛି। ଏହାର ସୁବିନିଯୋଗ କରି ଅଧିକରୁ ଅଧିକ ଉଦ୍ୟୋଗୀ ବାହିରିବା ଆବଶ୍ୟକ। ଯାହାଦ୍ୱାରା ରାଜ୍ୟ ଏବଂ ଦେଶର ବିକାଶ ହୋଇପାରିବ ବୋଲି ନାଲ୍‌କୋର ନିର୍ଦ୍ଦେଶକ ପି.କେ. ମିଶ୍ର କହିଥିଲେ। ଚାଉଳିଆଗଞ୍ଜ ପାଠାଗାର ପଡିଆରେ ଓଡ଼ିଶା କ୍ଷୁଦ୍ରଶିଳ୍ପ ସଂଘ ଏବଂ ଏମ୍‌ଏସ୍‌ଏମ୍‌ଇ ବିଭାଗର ମିଳିତ ଆନୁକୂଲ୍ୟରେ ଜାତୀୟସ୍ତରୀୟ କ୍ରେତା ବିକ୍ରେତା ସମ୍ମିଳନୀ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ପି.କେ. ମିଶ୍ର ଉପରୋକ୍ତ ମନ୍ତବ୍ୟ ଦେଇଥିଲେ। ଏଥିସହ ସେ କହିଥିଲେ, ସାମଗ୍ରୀ ବିକ୍ରି କ୍ଷେତ୍ରରେ କ୍ଷୁଦ୍ରଶିଳ୍ପ ଏବଂ ବୃହତ୍ ଶିଳ୍ପ ମଧ୍ୟରେ ସମନ୍ୱୟ ରହିବା ଦରକାର। ଡ. ସୁକାନ୍ତ କୁମାର ସାହୁ ଯୋଗଦେଇ ଭାରତ ସରକାରଙ୍କ ବିଭିନ୍ନ ଯୋଜନା ବିଷୟରେ ସାମ୍ୟକ୍ ଧରଣା ଦେଇଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ଓଡ଼ିଶା ଶିଳ୍ପ ସଂଘ ଅଧକ୍ଷ ଅବନୀ କାନୁନ୍‌ଗୋ, ରଘୁ ଜି, ପି.ସି. ନାୟକ, ଏସ.କେ. କର ଯୋଗଦେଇଥିଲେ। ଏମ୍‌ଏସ୍‌ଏମ୍‌ଇର ଉପ ନିର୍ଦ୍ଦେଶକ ପି. ସାହୁ ଧନ୍ୟବାଦ ଦେଇଥିଲେ। ଏହି ସମ୍ମିଳନୀ ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଠାରେ ଥିବା ୧୦୦ ଷ୍ଟଲରୁ ଲୋକମାନେ ବିଭିନ୍ନ ସାମଗ୍ରୀ କିଣି ପାରିବେ।



ଜାତୀୟସ୍ତରୀୟ କ୍ରେତା-ବିକ୍ରେତା ସମ୍ମିଳନୀରେ ଉପସ୍ଥିତ ଅତିଥି।

# ସିନେମା ହଲ୍, ଜିମ୍‌ରେ କରୋନା ପ୍ରଭାବ

କଟକ ଅଫିସ,୧୩।୩

କରୋନା ଭୂତାଣୁ ସଂକ୍ରମଣର ଭୟ ଏବେ ସମଗ୍ର ବିଶ୍ୱକୁ ଚିନ୍ତିତ କରିଛି। ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାର ଶୁକ୍ରବାର ଜନସାଧାରଣଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛନ୍ତି। ଜନସମାଗମକୁ ଏଡାଇବା ଏହି ପଦକ୍ଷେପର ମୂଳଲକ୍ଷ୍ୟ। ଇତିମଧ୍ୟରେ ସମସ୍ତ ସିନେମା ହଲ, ଜିମ୍ ବନ୍ଦ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି ରାଜ୍ୟ ସରକାର। ଶୁକ୍ରବାର କଟକ ସହରର ସମସ୍ତ ସିନେମା ହଲ ଫାଙ୍କା ପଡିଥିବା ଦେଖିବାକୁ ମିଳିଛି। ଏବେ ଚଳଚ୍ଚିତ୍ର ବାଗୀ-୩, ଲଭ୍ ଆଜ୍ କାଲ୍, ଭୂତ୍, ଥାପଡ଼, ଓଡ଼ିଆ ଫିଲ୍ମ ପରଦେଶୀ ଚଢେଇ କଟକର ସିନେମା ହଲରେ ପ୍ରଦର୍ଶନ ଜାରି ରହିଛି। ତେବେ ହଲଗୁଡ଼ିକ ଉପରେ କଟକଣା ଲାଗିବା ପରେ ମନୋରଞ୍ଜନ ଜଗତ ଉପରେ ବଡ଼ଧରଣର ପ୍ରଭାବ ପଡ଼ିବା ଭଳି ସ୍ଥିତି ଉପୁଜିଛି। ଅନ୍ୟପକ୍ଷରେ ଜିମ୍‌ଗୁଡ଼ିକ ମଧ୍ୟ ବନ୍ଦ ରଖାଯିବାକୁ ନିଷ୍ପତ୍ତିରେ ଉଲ୍ଲେଖ କରାଯାଇଛି। ସହରରେ ୬ଟି ମଲ୍ଟି ଜିମ୍ ଓ ୧୦ରୁ ଅଧିକ ସାଧାରଣ ଜିମ୍ ରହିଛି। ଜିମ୍ ବ୍ୟବସାୟ ମଧ୍ୟ ଏବେ ମାନ୍ଦା ପଡ଼ିବା ଆଶଙ୍କା ପ୍ରକାଶ ପାଇଛି। ଅନ୍ୟପକ୍ଷରେ କଟକ ଜିଲାରେ ଏହାର ମୁକାବିଲା ପାଇଁ ଜିଲା ପ୍ରଶାସନ ସମସ୍ତ ପ୍ରକାର ପଦକ୍ଷେପ ନେଉଛି ବୋଲି ଜିଲାପାଳ ଭବାନୀ ଶଙ୍କର ଚୟନୀ କହିଛନ୍ତି। ଜିଲାର ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ସତର୍କ ରହିବା ପାଇଁ କୁହାଯାଇଛି। ଯେକୌଣସି ସମୟରେ ରୋଗୀମାନେ ଆସିଲେ କିଭଳି ସେବା ଯୋଗାଇ ଦିଆଯାଇପାରିବ ସେନେଇ ତତ୍ପର ରହିବାକୁ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ଜିଲାପାଳ କହିଛନ୍ତି।




**ଏମାନେ କ'ଣ କୁହନ୍ତି...**



ସରକାରଙ୍କ ନିଷ୍ପତ୍ତିକୁ ଗ୍ରହଣ କରାଯିବ। ଦର୍ଶକଙ୍କ ସ୍ୱାସ୍ଥ୍ୟ ପ୍ରତି ଦୃଷ୍ଟି ଦିଆଯାଇ ଏବେ ସିନେମା ପ୍ରଦର୍ଶନ ସ୍ଥଗିତ ରଖାଯିବ। ବ୍ୟବସାୟ ତୁଳନାରେ ଦର୍ଶକଙ୍କ ସ୍ୱାସ୍ଥ୍ୟ ପ୍ରତି ଯତ୍ନଶୀଳ ହେବାକୁ ପଡ଼ିଛି। ଆସନ୍ତା ଏପ୍ରିଲ ପହିଲାରୁ ପୁନର୍ବାର ସିନେମା ପ୍ରଦର୍ଶନ ଆରମ୍ଭ ହେବ।
**-ପୂଜା ବସୁ, ପରିଚାଳନା ଅଧିକାରୀ, ଆଇନକ୍ସ**



ରାଜ୍ୟ ସରକାର ନେଇଥିବା ପଦକ୍ଷେପ ସ୍ୱାଗତଯୋଗ୍ୟ। ଲୋକମାନେ ସୁସ୍ଥ ରହିବା ପାଇଁ ଜିମ୍ ଯାଇଥାନ୍ତି। ହେଲେ ଜିମ୍ ନ ଯିବା ଫଳରେ ଲୋକଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା ମଧ୍ୟ ଦେଖାଦେଇପାରେ। ଖୁବ୍‌ଶୀଘ୍ର କରୋନାର ଭୟ ଦୂର ହେବା ସହ ଜିମ୍ ପୁନର୍ବାର ଚାଲିବ ବୋଲି ଆଶା ରହିଛି।
**-ସୌମ୍ୟଜିତ ବିଶ୍ୱାଳ, ମୁଖ୍ୟ, ଷ୍ଟ୍ରଙ୍ଗ ହାଉସ ଆଣ୍ଡ ଫ୍ଲେକ୍ସଷ୍ଟୋନ ଜିମ୍**

**ଘରେ ରହି କାମ କରିବାକୁ କହିଲା ଟୁଇଟର**

କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ଟୁଇଟର ଏହାର କର୍ମଚାରୀଙ୍କୁ ଘରେ ରହି କାମ କରିବାକୁ ପରାମର୍ଶ ଦେଇଛି। ପୃଥିବୀ ସାରା କାମ କରୁଥିବା କର୍ମଚାରୀଙ୍କୁ ଏନେଇ ଟୁଇଟର ପକ୍ଷରୁ ନୋଟିସ୍ ଜାରି କରାଯାଇଛି। ସମ୍ପ୍ରତି ଟୁଇଟରରେ ପ୍ରାୟ ୫,୦୦୦ କର୍ମଚାରୀ କାମ କରୁଛନ୍ତି। ସଂକ୍ରମଣ ଯେଭଳି ନ ହେବ ସେଥିପାଇଁ କର୍ମଚାରୀଙ୍କୁ କାର୍ଯ୍ୟାଳୟକୁ ନ ଆସିବାକୁ କୁହାଯାଇଛି। ତେବେ ଘରେ କାମ କଲେ ମଧ ଦରମା ଉପରେ କୌଣସି ପ୍ରଭାବ ପଡ଼ିବ ନାହିଁ ବୋଲି ଟୁଇଟର ପକ୍ଷରୁ କର୍ମଚାରୀଙ୍କୁ କମ୍ପାନୀର ନିଜସ୍ୱ ବ୍ଲଗ୍‌ରେ ସୂଚନା ଦିଆଯାଇଛି।

# ମହାକାଶରେ ବନ୍ଧାକୋବି ଚାଷ

**ୱାଶିଂଟନ:** ମହାକାଶ ଗବେଷଣା ସଂସ୍ଥା 'ନାସା' ଏକ ନୂଆ ଅଧ୍ୟୟନ କରିଛି। ମହାକାଶରେ ଏହାର ବୈଜ୍ଞାନିକମାନେ ସାଲାଡରେ ବ୍ୟବହାର କରାଯାଉଥିବା ବନ୍ଧାକୋବି ଚାଷ କରିବାକୁ ସକ୍ଷମ ହୋଇଛନ୍ତି। ମହାକାଶରେ ଚାଷ କରାଯାଇଥିବା ଏହି ବନ୍ଧା କୋବି ପୃଥିବୀରେ ଚାଷ ହେଉଥିବା କୋବି ଭଳି ପୋଷକ ତତ୍ତ୍ୱରେ ଭରପୁର ବୋଲି ନାସା କହିଛି। ଅନ୍ତର୍ଜାତୀୟ ମହାକାଶ ଗବେଷଣା କେନ୍ଦ୍ରରେ ଏହାକୁ ଚାଷ କରାଯାଇଥିଲା। ଏହାଦ୍ୱାରା ମହାକାଶ ଯାତ୍ରୀଙ୍କ ଖାଦ୍ୟ ସମସ୍ୟା ଅଗାମୀ ଦିନରେ ଦୂର ହେବା ସହିତ ମାନବ ମିଶନକୁ ସହାୟତା ମିଳିପାରିବ ବୋଲି କେନେଡ଼ି ସ୍ପେସ୍ ଷ୍ଟେଶନର ମହାକାଶ ବିଜ୍ଞାନୀ କ୍ରିଷ୍ଟିନା ଖୋଦାଦାଦ୍ ସୂଚନା ଦେଇଛନ୍ତି। ଚାଷ କରିବା ଲାଗି ଚିକ୍କଣ ମାଟିକୁ ଏକ ବାକ୍ସରେ ରଖାଯାଇ ଏହା ଉପରେ ଲାଲ୍ ରଙ୍ଗର ଆଲୋକ ରଶ୍ମୀ ପକାଯାଇଥିଲା। ଇଞ୍ଜେକ୍ସନ ଦ୍ୱାରା ଏଥିରେ ଆବଶ୍ୟକତା ଅନୁସାରେ ପାଣି ଦିଆଯାଇଥିବା କ୍ରିଷ୍ଟିନା କହିଛନ୍ତି। ଚାଷ ସମ୍ପୂର୍ଣ୍ଣ ହେବା ପାଇଁ ୫୬ ଦିନ ସମୟ ଲାଗିଥିଲା। ଅଗାମୀ ଦିନରେ ଏଠାରେ ଟମାଟୋ ସହିତ ଅନ୍ୟ ପରିବା ମଧ ଚାଷ କରାଯିବାର ଯୋଜନା ରହିଛି।






**ମିଆମି:** ପ୍ରେମ ପାଇଁ ପ୍ରେମିକା ପ୍ରେମିକ ନାନା ପ୍ରକାର କାମ କରିବାକୁ ପଛାଇ ନ ଥାନ୍ତି। ଏବେ ଜଣେ ଯୁବକ ଗର୍ଲଫ୍ରେଣ୍ଡଙ୍କୁ ନିଆରା ଢ଼ଙ୍ଗରେ ପ୍ରପୋଜ୍ କରିଛନ୍ତି। ତାଙ୍କ ପ୍ରପୋଜ୍ କରିବା ଶୈଳୀ ଏବେ ସୋସିଆଲ ମିଡ଼ିଆରେ ଭାଇରାଲ ହେବାରେ ଲାଗିଛି। ଫ୍ଲୋରିଡ଼ାରେ ବାସ କରୁଥିବା ଯୁବକ ବ୍ଲେକ୍ ମିଲର ତାଙ୍କ ଗର୍ଲଫ୍ରେଣ୍ଡ ଲୋଂରାଙ୍କୁ ପ୍ରପୋଜ୍ କରିବା ପାଇଁ ବିମାନରୁ ଡେଇଁ ପଡ଼ିଥିଲେ। ପ୍ରକୃତ କଥା ହେଉଛି ଉଭୟେ ସ୍କାଏ ଡାଇଭର। ସେମାନଙ୍କ ମଧ୍ୟରେ ଦୀର୍ଘ ଦିନ ଧରି ଭଲପାଇବା ରହିଥିଲା। ଶେଷରେ ସେମାନେ ବିବାହ କରିବାକୁ ନିଷ୍ପତ୍ତି ନେଇଥିଲେ। ତେଣୁ ପ୍ରପୋଜ୍‌କୁ ସ୍ମୃତି ବହୁଳ କରିବା ଲାଗି ଉଭୟେ ବିମାନରୁ ଡେଇଁ ମଝି ଆକାଶରେ ପହଞ୍ଚିଥିଲେ। ମିଲର ଲୋଂରାଙ୍କୁ ମତେ ବିବାହ କରିବ କି ବୋଲି ପ୍ରଶ୍ନ କରିଥିଲେ। ଲୋଂରା ଏଥିରେ ନିଜର ସମ୍ମତି ପ୍ରକାଶ କରିଥିଲେ।

# ବିମାନରୁ ଡେଇଁ ଗର୍ଲଫ୍ରେଣ୍ଡଙ୍କୁ ପ୍ରପୋଜ୍

# ସଚେତନ କରୁଛି ରୋବୋ




କରୋନା ପାଇଁ ଏବେ ସବୁଆଡେ ସଚେତନତା କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରାଯାଉଛି। ଏହି ଉଦ୍ଦେଶ୍ୟରେ ଏବେ କେରଳ ଷ୍ଟାର୍ଟଅପ୍ ମିଶନ୍ (କେଏସ୍ଏମ୍) ଦୁଇଟି ରୋବୋକୁ ଏଇ ସଚେତନତା କାର୍ଯ୍ୟକ୍ରମରେ ଲଗାଇଛି। ରୋବୋ ଦୁଇଟି ଲୋକଙ୍କୁ ସଚେତନତାର ବାର୍ତ୍ତା ଦେବା ସହିତ ମାସ୍କ ଏବଂ ସାନିଟାଇଜର ମଧ ବାଣ୍ଟୁଛନ୍ତି । କେରଳରେ ଅସିମୋବ ରୋବୋଟିକ୍ସ ଦ୍ୱାରା ଏହି ରୋବୋ ବିକଶିତ କରାଯାଇଛି ।

ଦୁଇଟିଯାକ ରୋବୋ ଅଲଗା ଅଲଗା କାମରେ ନିୟୋଜିତ ହୋଇଛନ୍ତି । ଗୋଟିଏ ରୋବୋ ଲୋକଙ୍କୁ ସଚେତନ କରିବା ନିମନ୍ତେ କରୋନା ଭାଇରସରୁ ରକ୍ଷା ପାଇବା ପାଇଁ କଣ କରିବାକୁ ହେବ ସେବିଷୟରେ କହୁଥିବାବେଳେ ଅନ୍ୟଟି ସାନିଟାଇଜର୍ ତଥା ମାସ୍କ ବାଣ୍ଟୁଛି। ଅସିମୋବ ରୋବଟିକ୍ସର ସିଇଓଙ୍କ କହିବା ଅନୁସାରେ ରୋବୋ ମାଧ୍ୟମରେ ସଚେତନ କରିବା ଦ୍ୱାରା ଲୋକଙ୍କର ଆକର୍ଷଣ ଅଧିକ ହେବା ସହିତ ସେମାନେ ଶୀଘ୍ର ସଚେତନ ହୋଇପାରିବେ। ତେବେ ଏଭଳି ରୋବୋକୁ ଏୟାରପୋର୍ଟରେ ଲଗାଇବା ନିମନ୍ତେ ପ୍ରୟାସ କରାଯାଉଛି।




# ଧନୀ ଲୋକେ ଘରୋଇ ଜେଟ୍, ବଙ୍କର ବୁକ୍ କରୁଛନ୍ତି

**କରୋନା ଭୟ**

**ନ୍ୟୁୟର୍କ:** କରୋନା ଭାଇରସ୍ ମହାମାରୀ ୧୨୦ ଦେଶରେ ଆତଙ୍କ ଖେଳାଇ ଚାଲିଛି। ଏହାର ପ୍ରଭାବ ସମଗ୍ର ବିଶ୍ୱବାସୀଙ୍କ ଉପରେ ପଡ଼ିଛି। ଏହି ସଂକଟଜନକ ସ୍ଥିତିରେ ଆମେରିକା, ୟୁରୋପର ଧନୀ ଶ୍ରେଣୀର ଲୋକେ ନିଜକୁ କରୋନା ଭାଇରସ୍‌ରୁ ବଞ୍ଚାଇବା ପାଇଁ ବ୍ୟକ୍ତିଗତ ଜେଟ୍, ବଙ୍କର ଏବଂ ଅଣ୍ଡରଗ୍ରାଉଣ୍ଡ ଗୃହ ବୁକ୍ କରୁଛନ୍ତି। ଏଥିସହ ବ୍ୟକ୍ତିଗତ ଭାବେ ଡାକ୍ତର ଏବଂ ନର୍ସଙ୍କୁ ମଧ ନିଯୁକ୍ତି ଦେଉଛନ୍ତି। ଯାହାକି ପରିବାର ସଦସ୍ୟଙ୍କୁ କରୋନା ସଂକ୍ରମଣରୁ ରକ୍ଷା କରିପାରିବ। ଏଥିପାଇଁ ବିଶ୍ୱର ନାମୀଦାମୀ ଡାକ୍ତରଙ୍କ ସହ ଯୋଗାଯୋଗ ମଧ ଜାରି ରଖିଛନ୍ତି। ଆମେରିକାର ବେସରକାରୀ ଜେଟ୍ ବୁକିଂ ସେବା ପ୍ରାଇଭେଟ୍ ଫ୍ଲାଇର ମୁଖ୍ୟ କାର୍ଯ୍ୟନିର୍ବାହୀ ଆଡାମ ଟ୍ୱିଡେଲ କୁହନ୍ତି, କରୋନା ଭାଇରସ୍ ଦ୍ୱାରା ପ୍ରଭାବିତ ଦେଶଗୁଡ଼ିକର କୋଟିପତିମାନେ ଜରୁରିକାଳୀନ ପରିସ୍ଥିତିରେ ଘରୁ ସୁରକ୍ଷିତ ସ୍ଥାନକୁ ଯିବା ପାଇଁ ଘରୋଇ ଜେଟ୍ ବୁକ୍ କରୁଛନ୍ତି। କାରଣ ଏପରି କଲେ କରୋନା ଭାଇରସ୍ ପରୀକ୍ଷା ଅନ୍ୟ ଦେଶରୁ କରାଯାଇପାରିବ କିମ୍ୱା ସେମାନଙ୍କ ନମୁନା ପରୀକ୍ଷା ପାଇଁ ଅନ୍ୟ ଦେଶକୁ ସହଜରେ ପଠାଯାଇପାରିବ। ଧନିକମାନେ କୋଭିଡ୍ –୧୯ ଟିକାକରଣ ପାଇଁ କହୁଛନ୍ତି। ଏହି ଟିକା ମିଳିବା ଏତେ ସହଜ ନୁହେଁ। ପ୍ରାୟ ୨ ବର୍ଷରୁ ଅଧିକ ସମୟ ଲାଗିପାରେ ବୋଲି ସେ କହିଛନ୍ତି।

# ସାଇବର ଅପରାଧୀଙ୍କ ଟାର୍ଗେଟରେ ସ୍ୱାସ୍ଥ୍ୟକର୍ମୀ

କରୋନା ଭାଇରସ୍ ରୋକିବା ନିମନ୍ତେ କାମ କରୁଥିବା ସ୍ୱାସ୍ଥ୍ୟକର୍ମୀମାନେ ଏବେ ସାଇବର କ୍ରିମିନାଲଙ୍କ ଟାର୍ଗେଟରେ । ସାଇବର ଅପରାଧୀମାନେ ଏବେ ସ୍ୱାସ୍ଥ୍ୟକର୍ମୀମାନଙ୍କୁ ଇମେଲ୍ ମାଧ୍ୟମରେ ଟାର୍ଗେଟ୍ କରୁଛନ୍ତି । ବିଭିନ୍ନ ସ୍ୱାସ୍ଥ୍ୟ ସଙ୍ଗଠନକୁ ପଠାଯାଇଥିବା ଇମେଲକୁ ତର୍ଜମା କରି ଆଇଟି ବିଶେଷଜ୍ଞମାନେ ଏହା ଜାଣି ପାରିଛନ୍ତି । ସାଇବର ଅପରାଧୀଙ୍କ ଦ୍ୱାରା ପଠାଯାଇଥିବା ଇମେଲରେ ଏକ ନର୍ଦ୍ଦିଷ୍ଟ ବିଷୟବସ୍ତୁ ରହୁଛି । ଏହି ଇମେଲ୍ ମାଧ୍ୟମରେ ସମସ୍ତ ସ୍ୱାସ୍ଥ୍ୟକର୍ମୀଙ୍କୁ କରୋନା ଭାଇରସ୍ ନେଇ ହେଉଥିବା ଏକ ସେମିନାରରେ ଯୋଗ ଦେବା ପାଇଁ ରେଜିଷ୍ଟର କରିବା ନିମନ୍ତେ କୁହାଯାଉଛି ଯେଉଁଥିରେ ଏକ ଲିଙ୍କ୍ ରହିଛି । କିନ୍ତୁ ରେଜିଷ୍ଟର କରିବା ପରେ ଏଇ ଲିଙ୍କରେ କ୍ଲିକ୍ କରିବା ମାତ୍ରେ ଅନ୍ୟ ଏକ ୱେବସାଇଟରେ ହ୍ୟାକରମାନଙ୍କ ପାଖକୁ ସମସ୍ତ ତଥ୍ୟ ଚାଲି ଯାଉଛି । ତେଣୁ ଅପରାଧୀମାନେ ସହଜରେ ସମସ୍ତ ତଥ୍ୟ ହାସଲ କରି ଫାଇଦା ଉଠାଇ ପାରିବେ । ଗତ ସପ୍ତାହରେ ନ୍ୟାଶନାଲ୍ ଫ୍ରଡ ଇଣ୍ଟେଲିଜେନ୍ସ ବ୍ୟୁରୋ (ଏନଏଫଆଇବି) ଏଭଳି ୨୧ଟି ଫ୍ରଡ ଇମେଲ୍ ସମ୍ପର୍କରେ ଜାଣିବା ପରେ ଏକ ସତର୍କ ସୂଚନା ଜାରି କରିଛି । ସାଇବର ବିଶେଷଜ୍ଞମାନେ ମଧ ଲୋକଙ୍କୁ ଏନେଇ ସତର୍କ ରହିବାକୁ ପରାମର୍ଶ ଦେଇଛନ୍ତି ।



# ବିଶ୍ୱକୁ 'ନମସ୍କାର'ର ବାର୍ତ୍ତା ଦେଲେ ପ୍ରିୟଙ୍କା

**ନୂଆଦିଲ୍ଲୀ:** ସାରା ବିଶ୍ୱରେ କରୋନା ଭାଇରସ କାୟାବିସ୍ତାର କରିବାରେ ଲାଗିଛି। ଫିଲ୍ମ ଇଣ୍ଡଷ୍ଟ୍ରିରୁ ଆରମ୍ଭକରି କ୍ରୀଡ଼ାଜଗତ ପର୍ଯ୍ୟନ୍ତ ସବୁଆଡ଼େ ଏହାର ପ୍ରଭାବ ପଡ଼ିଥିବା ଦେଖିବାକୁ ମିଳୁଛି। କରୋନା ଯୋଗୁ ବଡ଼ ବଡ଼ କ୍ରୀଡ଼ା, ବିଭିନ୍ନ କାର୍ଯ୍ୟକ୍ରମଠାରୁ ଆରମ୍ଭକରି ଫିଲ୍ମର ରିଲିଜ୍ ଡେଟ୍ ମଧ ପରିବର୍ତ୍ତନ ହେବାରେ ଲାଗିଛି। ଅନ୍ୟପଟେ କଳାକାରମାନେ ଏଥିରୁ ରକ୍ଷା ପାଇବା ପାଇଁ ତାଙ୍କ ପ୍ରଶଂସକଙ୍କୁ ସାବଧାନ ରହିବାର ଉପାୟ ବତାଉଥିବା ଦେଖିବାକୁ ମିଳୁଛି।

ଇତିମଧ୍ୟରେ ଦେଶୀ ଗର୍ଲ ପ୍ରିୟଙ୍କା ଚୋପ୍ରାଙ୍କ ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। କରୋନାରୁ ରକ୍ଷା ପାଇବା ପାଇଁ ପ୍ରିୟଙ୍କା ତାଙ୍କ ପ୍ରଶଂସକଙ୍କୁ ଭାରତୀୟ ଶୈଳୀ ଆପଣାଇ ନମସ୍କାର କରିବାକୁ ଉପଦେଶ ଦେଉଛନ୍ତି। ନିଜେ ପ୍ରିୟଙ୍କା ଏହାର ଏକ ଭିଡିଓ ସୋସିଆଲ ମିଡିଆରେ ଶେୟାର କରିଛନ୍ତି। ଏହି ଭିଡିଓରେ ତାଙ୍କର ଅନେକ ଫଟୋ ରହିଛି ; ଯେଉଁଥିରେ ସେ ହାତଯୋଡ଼ି ନମସ୍କାର କରୁଥିବା ଦେଖିବାକୁ ମିଳୁଛି। ଏହି ଫଟୋଗୁଡିକ ଭିନ୍ନ ଭିନ୍ନ କାର୍ଯ୍ୟକ୍ରମ ସମୟର। ପ୍ରିୟଙ୍କାଙ୍କ ଏହି ଭିଡିଓକୁ ସୋସିଆଲ ମିଡିଆରେ ଖୁବ୍ ପସନ୍ଦ କରାଯାଉଛି। ମେସେଜ୍‌ରେ ପ୍ରିୟଙ୍କା ଲେଖିଛନ୍ତି, ସମଗ୍ର ବିଶ୍ୱରେ ଘଟୁଥିବା ପରିବର୍ତ୍ତନ ମଧ୍ୟରେ ଲୋକଙ୍କୁ ଅଭିବାଦନ କରିବାର ଏକ ପୁରୁଣା କିନ୍ତୁ ନୂଆ ଉପାୟ ହେଉଛି 'ନମସ୍କାର'। ଦୟାକରି ସମସ୍ତେ ସୁରକ୍ଷିତ ରୁହନ୍ତୁ। ପ୍ରିୟଙ୍କାଙ୍କ ଏହି ଭିଡିଓ ଇତିମଧ୍ୟରେ ୨୦ ଲକ୍ଷ ଥର ଦେଖାସରିଛି।

# ପ୍ଲାଷ୍ଟିକ୍ ଖଣ୍ଡରେ ଶିବାଜୀଙ୍କ ପେଣ୍ଟିଂ



**ମୁମ୍ବାଇ:** ମହାରାଷ୍ଟ୍ରର ଜଣେ ଆନିମେଶନ ଆର୍ଟିଷ୍ଟ ୪୬,୦୮୦ ହଜାର ପ୍ଲାଷ୍ଟିକ୍ ଖଣ୍ଡରୁ ଛତ୍ରପତି ଶିବାଜୀ ମହାରାଜଙ୍କ ପେଣ୍ଟିଂ ତିଆରି କରିଛନ୍ତି। ଏଥିରେ ୬ ପ୍ରକାର ରଙ୍ଗ ଦିଆଯାଇଛି। ୧୦ ଦିନରେ ଆର୍ଟିଷ୍ଟ ନୀତୀନ ଦିନେଶ କାମ୍ବଲେ ୧୦ ଫୁଟ ଲମ୍ବ ଏବଂ ୬ ଫୁଟ ଚୌଡ଼ା ଏହି ପେଣ୍ଟିଂ କରି ରେକର୍ଡ କରିଛନ୍ତି। ଭାରତରେ ସିଙ୍ଗଲ ୟୁଜଡ୍ ପ୍ଲାଷ୍ଟିକ୍‌ର ବ୍ୟବହାର ଉପରେ କଟକଣା ଜାରି ହୋଇଥିବାବେଳେ ଏଭଳି କରି ଦୀନେଶ ସମାଜକୁ ସଚେତନତା ବାର୍ତ୍ତା ଦେଇଥିବା କହିଛନ୍ତି। ଯୁବବର୍ଗ ପରିବେଶ ସଚେତନତା ପାଇଁ ଏଭଳି କାର୍ଯ୍ୟ ପ୍ରତି ଆଗ୍ରହ ପ୍ରକାଶ କରିବା ଉପରେ ସେ ଗୁରୁତ୍ୱାରୋପ ମଧ କରିଛନ୍ତି।

# ଗୋଟିଏ କାନଥିବା କୁକୁର



କୁକୁରର ଦୁଇଟି କାନ ଥିବା ସମସ୍ତେ ଦେଖିଥିବେ । କିନ୍ତୁ ଗୋଟିଏ କାନ ଥିବା ଏକ କୁକୁର ଏବେ ଇନଷ୍ଟାଗ୍ରାମରେ ହଠାତ୍ ଲୋକପ୍ରିୟ ହେବାରେ ଲାଗିଛି । ଆମେରିକାର ଏଇ କୁକୁରଟିର ନାଁ ହେଉଛି ରେ' । ଇନଷ୍ଟାଗ୍ରାମରେ ବେଶି ପସନ୍ଦ ହେବା ପରେ ରେ, ମଧ ଗୋଲ୍ଡେନ୍ ୟୁନିକର୍ଣ୍ଣ ନାଁରେ ପରିଚିତ ହେଉଛି । ପ୍ରକୃତରେ ଏଇ କୁକୁରଟିର ଏବେ ଗୋଟିଏ କାନ ତା ମୁଣ୍ଡର ଠିକ୍ ମଝିରେ ହିଁ ରହିଛି । 'ଗୁଡ୍ ମର୍ନିଂ ଆମେରିକା'ର ଖବର ଅନୁସାରେ ରେ' ଜନ୍ମ ହେବାର ଅଳ୍ପ ଦିନ ପରେ ଏକ ଦୁର୍ଘଟଣାର ଶିକାର ହୋଇଥିଲା । ଫଳରେ ଡାକ୍ତରଖାନାରେ ତାର ଜୀବନ ରକ୍ଷା ନିମନ୍ତେ ଗୋଟିଏ କାନ କାଟି ଦେବାକୁ ପଡ଼ିଥିଲା । ଏହା ପରେ ରେ' ସୁସ୍ଥ ହୋଇଥିଲା କିନ୍ତୁ ତାର ଅନ୍ୟ କାନଟି ଧୀରେ ଧୀରେ ଉପରକୁ ଉଠି ମୁଣ୍ଡର ଠିକ୍ ମଝିଭାଗକୁ ଚାଲି ଆସିଥିଲା । ଏହା ପରେ ତାର ଏକ ଭିନ୍ନ ଲୁକ୍ ଆସିଥିଲା । ଗୋଟିଏ କାନ ପୁଣି ମୁଣ୍ଡର ଠିକ୍ ମଝିରେ ଥିବାରୁ ରେ' ବହୁତ କ୍ୟୁଟ ଦେଖାଯାଇଥିଲା । ସେଥିପାଇଁ ତାର ବିଭିନ୍ନ ପ୍ରକାରର ଫଟୋ ଓ ଭିଡିଓ ସବୁକୁ ସୋସିଆଲ୍ ମିଡିଆରେ ଶେୟାର କରିଥିଲେ ଏହାର ମାଲିକ ଶ୍ରୀମତୀ ଆର୍ଡେମା । ରେ'ର ଏକ ଭିଡିଓକୁ ସେ ଯେତେବେଳେ ପ୍ରଥମେ ଟିକ୍ ଟକ୍‌ରେ ଶେୟାର କରିଥିଲେ ଖୁବ କମ୍ ଦିନ ଭିତରେ ତାହା ୩.୩ ମିଲିଅନ୍ ଦର୍ଶକଙ୍କୁ ଆକୃଷ୍ଟ କରି ପାରିଥିଲା । ଏହାପରେ ସେ ରେ'ର ବିଭିନ୍ନ ଫଟୋ ଓ ଭିଡିଓ ସବୁକୁ ଭିନ୍ନ ଭିନ୍ନ ସୋସିଆଲ୍ ମିଡିଆରେ ଶେୟାର କରିଥିଲେ । ରେ'କୁ ଏବେ ଇନଷ୍ଟାଗ୍ରାମରେ ୨୯,୦୦୦ରୁ ଅଧିକ ଲୋକ ଫଲୋ କରିଥିବାବେଳେ ସୁନ୍ଦର କମେଣ୍ଟ ବି ଦେଇଛନ୍ତି ।



ନିଜର କାମକୁ ଠିକ୍ ଭାବେ ପରିଚାଳନା କରୁଥିବା ଲୋକ କେବଳ ଧନ ନୁହେଁ, ଯଶ ମଧ ଲାଭ କରେ।
-ଗଙ୍ଗାଧର ମେହେର



**ସଂକ୍ଷେପରେ**

## କଟୁରି ଚୋଟରେ ଯୁବକ ଗୁରୁତର: ଅଭିଯୁକ୍ତ ଗିରଫ

**ଜଟଣୀ,୧୩।୩(ଡି.ଏନ.ଏ.):** ଜଟଣୀ ଥାନା ଅନ୍ତର୍ଗତ ବୁଢ଼ାପଡା ଗାଁରେ ବେଣୁଧର ପ୍ରଧାନକୁ ଗତ ୧୦ ତାରିଖରେ ହୋଲି ଦିନ କୌଣସି କାରଣକୁ ନେଇ କଟୁରିରେ ହୃଦାନନ୍ଦ ପ୍ରଧାନ ଆକ୍ରମଣ କରିଥିଲେ। ଏଥିରେ ବେଣୁଧରଙ୍କ କାନ ଓ ମୁଣ୍ଡରେ ଶକ୍ତ ଆଘାତ ଲାଗିଥିଲା। ଗୁରୁତର ଅବସ୍ଥାରେ ଭୁବନେଶ୍ୱର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହୋଇ ସେ ଘରକୁ ଫେରିଛନ୍ତି। ଏହି ଘଟଣାରେ ପୋଲିସ ହୃଦାନନ୍ଦଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ଏହି ମାମଲାର ତଦନ୍ତକାରୀ ଅଧିକାରୀ ସବ୍‌ଇନ୍ସପେକ୍ଟର ବିନାୟକ ବିଧାର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଅଭିଯୁକ୍ତ ହୃଦାନନ୍ଦଙ୍କୁ ଗିରଫ କରିଥିଲେ। ଏ ନେଇ ନଂ. ୧୩୧/୨୦ରେ ମାମଲା ରୁଜୁ ହୋଇଛି।

## ଖୁବ୍‌ଶୀଘ୍ର ଆରମ୍ଭ ହେବ ୬ ଥାକିଆ ରିଂରୋଡ୍

**କଟକ ଅଫିସ,୧୩।୩-** ଶିଖରପୁରଠାରୁ ଚହଟା ମହାନଦୀ ରିଂବନ୍ଧ ୬ ଥାକିଆ ରାସ୍ତା ପ୍ରଶସ୍ତୀକରଣ କାର୍ଯ୍ୟ ଖୁବ୍‌ଶୀଘ୍ର ଆରମ୍ଭ ହେବ। ଏ ନେଇ ଶୁକ୍ରବାର ଅପରାହ୍ନରେ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ(ଆରଡିସି)ଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ଆରଡିସି ଅନିଲ କୁମାର ସାମଲ ସୂଚନା ଦେଇଛନ୍ତି। ୮.୪ କିମି ପରିବ୍ୟାପ୍ତ ୬ ଥାକିଆ ରିଂବନ୍ଧ ରାସ୍ତା ପ୍ରଶସ୍ତୀକରଣ ହେବାଦ୍ୱାରା ଜନସାଧାରଣ ସମ୍ମୁଖୀନ ହେଉଥିବା ଟ୍ରାଫିକ ସମସ୍ୟା ଦୂର ହୋଇପାରିବ ବୋଲି ସେ ଆଶା ପ୍ରକାଶ କରିଥିଲେ। ରିଂବନ୍ଧ ପ୍ରଶସ୍ତିକରଣ ପାଇଁ ପ୍ରସ୍ତୁତ ହୋଇଥିବା ପ୍ରକଳ୍ପ ରିପୋର୍ଟକୁ ଆର୍‌ଡିସି ଅନୁଧାନ କରିଥିବାବେଳେ ଏ ସମ୍ପର୍କରେ ଉପସ୍ଥିତ ବିଭିନ୍ନ ବିଭାଗର ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ। ରିଂବନ୍ଧ ରାସ୍ତା ପ୍ରଶସ୍ତୀକରଣ ପାଇଁ ଅବରୋଧ କରୁଥିବା ଟାୱାର, ଗଛ, ବିଦ୍ୟୁତ୍ ଖୁଣ୍ଟ, ଟ୍ରାନ୍ସଫର୍ମର, ଲାଇଟପୋଷ୍ଟ, ମନ୍ଦିର, ନଳକୂପ, ପାଇପଲାଇନ ଓ ପମ୍ପହାଉସ ଆଦିକୁ ତୁରନ୍ତ ହଟାଇବା ପାଇଁ ବିଭାଗୀୟ ଅଧିକାରୀମାନେ ପଦକ୍ଷେପ ନେବାକୁ ସେ ନର୍ଦ୍ଦେଶ ଦେଇଥିଲେ। କଟକକୁ ଏକ ମଡେଲ ସହର ଭାବେ ନିର୍ମାଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗତ ୫ ତାରିଖରେ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ପାଳନ ଅବସରରେ ୬ ଥାକିଆ ମହାନଦୀ ରିଂବନ୍ଧ ରାସ୍ତା ପ୍ରଶସ୍ତୀକରଣ ପାଇଁ ଶିଳାନ୍ୟାସ କରିଥିଲେ। ଏହି କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ବିଭାଗୀୟ ସମନ୍ୱୟ ଉପରେ ଜିଲାପାଳ ଭବାନୀ ଶଙ୍କର ଚୟନୀ ବୈଠକରେ ଗୁରୁତ୍ୱାରୋପ କରିଥିଲେ। ସିଏମ୍‌ସି କମିଶନର ଅନନ୍ୟା ଦାସ, ପୂର୍ତ୍ତ ବିଭାଗର ସେଣ୍ଟ୍ରାଲ ସର୍କଲ ଅଧୀକ୍ଷଣ ଯନ୍ତ୍ରୀ ତାରା ପ୍ରସାଦ ମିଶ୍ର, ନିର୍ବାହୀଯନ୍ତ୍ରୀ ଏମ.ଆର. ଖାନ, ଜାଇକା ମୁଖ୍ୟଯନ୍ତ୍ରୀ ବସନ୍ତ କୁମାର ସେନାପତିଙ୍କ ସମେତ ସେସୁ, ଫରେଷ୍ଟ, ଜନସ୍ୱାସ୍ଥ୍ୟ, ଆଇଓସିଏଲ, ଏଚ୍‌ପିସିଏଲ୍, ରେଲୱେ, ଟେଲିଫୋନ ଏବଂ ଜାଇକାର ବିଭାଗୀୟ କର୍ମଚାରୀମାନେ ଉପସ୍ଥିତ ରହି ଆଲୋଚନାରେ ଭାଗନେଇଥିଲେ।

# ଅହରହ ଗର୍ଜୁଛି ବେଆଇନ ବ୍ଲାଷ୍ଟିଂ

**ଖୋର୍ଦ୍ଧା ଅଫିସ, ୧୩।୩**

**ଧ୍ୱଂସ ପାଉଛି ପାହାଡ଼**



- ବଳିପଡୁଛି ଔଷଧୀୟ ବୃକ୍ଷ
- କଟକଣା ନାହିଁ, ବଢୁଛି ପ୍ରଦୂଷଣ ଚିନ୍ତା

ଖୋର୍ଦ୍ଧା ଜିଲାରେ ବଢି ଚାଲିଛି ବେଆଇନ ଖଣି ମାଫିଆଙ୍କ ଉତ୍ପାତ। ପାହାଡରେ ଅହରହ ଗର୍ଜୁଛି ବେଆଇନ ବ୍ଲାଷ୍ଟିଂ। ଧ୍ୱଂସ ପାଉଛି ପାହାଡ। ଏଥିଯୋଗୁ ବାୟୁମଣ୍ଡଳ ପ୍ରଦୂଷିତ ହେବାରେ ଲାଗିଛି। ପାହାଡରେ ଥିବା ଔଷଧୀୟ ବୃକ୍ଷ ଲୋପ ପାଇବାକୁ ବସିଛି। ଅନ୍ୟପକ୍ଷରେ ମାଫିଆମାନେ ବାରୁଦ, ଜିଲୋଟିନ୍ ଓ ଡିନାମାଇଟ୍ ବ୍ୟବହାର କରି ବେଆଇନ ଭାବେ ଜିଲାର ଅନେକ ପାହାଡକୁ ବିସ୍ଫୋରଣ କରି ଚାଲିଛନ୍ତି। ଫଳରେ ପାହାଡ ତଳି ଅଞ୍ଚଳରେ ଥିବା ଜନବସତିରେ ଲୋକେ ମନୁଷ୍ୟ କୃତ ଅହରହ ଗର୍ଜନରେ ଆତଙ୍କିତ ହୋଇପଡିଛନ୍ତି। ପାହାଡ ତଳେ ବେଆଇନ କ୍ରଶର ଗଢି ଉଠିଛି। ଏହାର ଡଷ୍ଟରେ ପରିବେଶ ପ୍ରଦୂଷିତ ହେଉଛି। ଚାପ ପଡିବା ପରେ ସରକାରଙ୍କ ପକ୍ଷରୁ ଜିଲାର ବହୁ ମାଙ୍କଡା ପଥର, କଳାମୁଗୁନି ପଥର ଖଣିକୁ ସିଲ୍ କରାଯାଇଥିଲା। ତେବେ କ୍ରଶର ମାଲିକମାନେ ଖଣି ଖନନ ବନ୍ଦ ଯୋଗୁ ଉପୁଜିଥିବା ସମସ୍ୟା ସମ୍ପର୍କରେ ସରକାରଙ୍କୁ ଅବଗତ କରିଥିଲେ। ଜିଲାରେ ଥିବା ୪୧ଟି ପଥର ଖଣି ମଧ୍ୟରୁ କେତେଗୋଟିରୁ ଖନନ କରିବାକୁ କ୍ରଶର ମାଲିକଙ୍କୁ ସ୍ୱୀକୃତି ମିଳିଛି।

ସରକାରୀ କଟକଣା ନ ଥିବାରୁ ପାହାଡ ବ୍ଲାଷ୍ଟିଂ, ପରିବେଶ ଓ ଶବ୍ଦ ପ୍ରଦୂଷଣ, ଗଛକଟା ମାତ୍ରାଧିକ ପରିମାଣରେ ବଢି ଚାଲିଛି। ଏଥଯୋଗୁ ପରିବେଶ ଜଳ ଓ ସ୍ଥଳ ଭାଗ ପ୍ରଦୂଷଣ ହେଉଛି। ଏହାକୁ ସୁଧାରିବାରେ ପ୍ରଶାସନିକ ଅଧିକାରୀଙ୍କଠାରୁ ଆରମ୍ଭ କରି ଜନସାଧାରଣ ଓ ପଥର ମାଫିଆମାନେ ମଧ୍ୟ ସଚେତନ ହେଉନାହାନ୍ତି। ଅନ୍ୟପକ୍ଷରେ କ୍ରଶର ମାଲିକମାନେ ସରକାରୀ ନିୟମକୁ ଉଲ୍ଲଂଘନ କରୁଛନ୍ତି। ବେଆଇନ କ୍ରଶର ଥିବା ସ୍ଥଳରେ ଗଛ ଲଗାଇବା ସହ ଡଷ୍ଟ ନ ଉଡିବା ଲାଗି ପାଣି ସିଞ୍ଚନ କରିବାକୁ ନିୟମ ରହିଛି। ଗାଡି କିମ୍ବା ଟ୍ରକରେ ମେଟାଲ, ଗୋଡି, ବଜୁରି ଓ ପଥର ଡଷ୍ଟ ପରିବହନ ସମୟରେ ପାଲ ପକାଇବାକୁ ନିୟମ ରହିଛି। ହେଲେ ଏହି କଟକଣାକୁ କେହି ପାଳନ କରୁନାହାନ୍ତି। ଫଳରେ ବାୟୁମଣ୍ଡଳରେ ପ୍ରଦୂଷଣର ମାତ୍ରା ବଢି ଚାଲିଛି। ପାହାଡ ବ୍ଲାଷ୍ଟିଂ ଯୋଗୁ ଶତାଧିକ ଗଛ ସହ ଉପର ଭାଗରେ ଥିବା ଔଷଧୀୟ ବୃକ୍ଷ ଲୋପ ପାଇବାକୁ ବସିଛି। ସେହିପରି ଖଣି ମାଫିଆମାନଙ୍କ ପକ୍ଷରୁ ବେଆଇନ ବ୍ଲାଷ୍ଟିଂ କରାଯାଉଥିବା ବେଳେ ବାରୁଦ ନିଆଁରେ ପାହାଡ ତଳି ଅଞ୍ଚଳରେ ଥିବା ପ୍ରାକୃତିକ ଜଙ୍ଗଲଗୁଡିକ ଅଗ୍ନି ସଂଯୋଗ ହୋଇ ପୋଡିଯାଉଛି। ଏହି ସମ୍ପର୍କରେ ପରିବେଶବିତ୍ ରାଜ କିଶୋର ପାଣିଗ୍ରାହୀ କୁହନ୍ତି, ଜିଲାରେ ବିଭିନ୍ନ କାରଣକୁ ନେଇ ଗଛ ଧ୍ୱଂସ ହେବାରେ ଲାଗିଛି। ସେହି ପରିମାଣର ଗଛ ଲଗା ଯାଉନାହିଁ। ସରକାରଙ୍କ ଉଦାସୀନ ମନୋଭାବ ଯୋଗୁ ବେଆଇନ ଖଣି ଖାଦାନ ଉପରେ ଅଙ୍କୁଶ ଲାଗୁନି। ଫଳରେ ପରିବେଶ ପ୍ରଦୂଷଣକୁ ରୋକା ଯାଇପାରୁନାହିଁ। ସେହିପରି ଟାପଙ୍ଗ ଅଞ୍ଚଳର ରାମଚନ୍ଦ୍ର ଖମାରୀ କୁହନ୍ତି, ପ୍ରକୃତି ଦତ୍ତ ପାହାଡ ସୌନ୍ଦର୍ଯ୍ୟ ବର୍ଦ୍ଧନ କରୁଥିଲା। ପାହାଡ ଉପରୁ ଝରଣା ଆସି ଚାଷ ଉପଯୋଗୀ ଜମି ଗୁଡିକରେ ଜଳ ସେଚିତ ହେଉଥିଲା। ପାହାଡ ଉହାଡରେ ମଧ ଗ୍ରାମାଞ୍ଚଳରେ ପାଳିତ ହେଉଥିବା ଗୋରୁ ମଧ ସୁରକ୍ଷିତ ଭାବେ ଚରାବୁଲା କରି ପାରୁଥିଲେ। ସେହିପରି ପୂର୍ବକାଳରୁ ପାହାଡ ଉପରିସ୍ଥ ଭାଗରୁ ବିଭିନ୍ନ ପ୍ରକାରର ଔଷଧୀୟ ଗଛ ମିଳୁଥିଲା, ଯାହା କି ଗ୍ରାମାଞ୍ଚଳ ବୈଦ୍ୟ ଏହାକୁ ନେଇ ବିଭିନ୍ନ ଔଷଧ ତିଆରି କରୁଥିଲେ। ପାହାଡ ଧ୍ୱଂସ କାରଣରୁ ବୈଦ୍ୟମାନଙ୍କୁ ଆଉ ଔଷଧୀୟ ବୃକ୍ଷ ମିଳିନାହିଁ।



ପାହାଡରୁ ପଥର ଖୋଳିନେବା ପରେ ବୃକ୍ଷଶୂନ୍ୟ ହୋଇଯାଇଛି ।

ପାହାଡରୁ ପଥର କାଢିବା ଲାଗି ଅହରହ ବ୍ଲାଷ୍ଟିଂ ଚାଲିଛି। ପାଖରେ ଥିବା ଚାଷ ଜମିରେ ପଥର ଖଣ୍ଡ ପଡି ଏହା ଚାଷ ଉପଯୋଗୀ ହୋଇ ଆଉ ରହୁନାହିଁ। ଏ ସମ୍ପର୍କରେ ଅଭିଯୋଗ କରିବାକୁ ଜମି ମାଲିକମାନେ ଭୟ କରୁଛନ୍ତି। ହାତିଆ ପାହାଡ ମାଟିରେ ମିଶିବାକୁ ବସିଥିଲା ବେଳେ ତାହାକୁ ପ୍ରଶାସନ ପକ୍ଷରୁ ସିଜି କରାଯାଇଥିଲା। ଏବେ ପୁଣି ଏହାର ନିକଟବର୍ତ୍ତୀ ଅନେକ ପାହାଡ ଠିକ୍ ସେହିଭଳି ମାଟିରେ ମିଶିବାକୁ ଯାଉଛି।



ଡିଇଓଙ୍କୁ ଭେଟି ଓଷ୍ଟାର କର୍ମକର୍ତ୍ତାମାନେ ଆଲୋଚନା କରୁଛନ୍ତି ।

## ଶିକ୍ଷକଙ୍କ ସମସ୍ୟାର ସମାଧାନ କରିବାକୁ ପ୍ରତିଶ୍ରୁତି ଦେଲେ ଡିଇଓ

**ଖୋର୍ଦ୍ଧା ଅଫିସ, ୧୩।୩ :**

ଶିକ୍ଷକମାନଙ୍କର ବିଭିନ୍ନ ସମସ୍ୟା ଦୀର୍ଘଦିନ ହେଲା ଲାଗି ରହିଛି। ଏହାର ସମାଧାନ କ୍ଷେତ୍ରରେ ବାରମ୍ବାର ଖୋର୍ଦ୍ଧା ଜିଲା ଓଷ୍ଟା ପକ୍ଷରୁ ରାଜ୍ୟ ସରକାର, ବିଭାଗୀୟ ମନ୍ତ୍ରୀ ଓ ଅଧିକାରୀମାନଙ୍କ ପାଖରେ ଦାବି ହୋଇଆସୁଛି। ତେବେ ଏହାକୁ ଅଣଦେଖା କରାଯାଉଥିବାରୁ କର୍ମକର୍ତ୍ତାଙ୍କ ମହଲରେ ଅସନ୍ତୋଷ ଦେଖାଦେଇଛି। ଏ ନେଇ ଜିଲା ଓଷ୍ଟାର କେତେଜଣ କର୍ମକର୍ତ୍ତା ଶୁକ୍ରବାର ଶିକ୍ଷାଜିଲା ଅଧିକାରୀ ବନ୍ଦନା ମହାପାତ୍ରଙ୍କୁ ଭେଟି ସମସ୍ୟାର ସମାଧାନ ପାଇଁ ନିବେଦନ କରିଥିଲେ। ସମସ୍ୟାକୁ ଗୁରୁତ୍ୱ ଦେବା ସହ ସରକାରୀ ନିୟମଅନୁସାରେ ସହଯୋଗର ହାତ ବଢାଇବେ ବୋଲି ଡିଇଓ ମହାପାତ୍ର ପ୍ରତିଶ୍ରୁତି ଦେଇଥିଲେ। ଦାବିଗୁଡିକ ହେଲା ସବୁବର୍ଗର ଶିକ୍ଷକ ଓ କର୍ମଚାରୀମାନଙ୍କର ପଡି ରହିଥିବା ବକେୟା ପ୍ରାପ୍ୟ ପ୍ରଦାନ, ୨୦୧୩ ରେ ନିଯୁକ୍ତି ହୋଇଥିବା ଠିକା ଶିକ୍ଷକମାନଙ୍କର ଚାକିରିକୁ ନିୟମିତ କରାଯାଉ। ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀମାନଙ୍କର ପେନ୍‌ସନ୍ ସର୍ତ୍ତାବଳୀ ଲାଗୁ, ଖାଲି ପଡିଥିବା ପଦବୀ ପୂରଣ, ପ୍ରତି ମାସର ଶେଷ ତାରିଖରେ ଦରମା ପ୍ରଦାନ କରାଯାଉ। ଏଥିସହ ବିଦ୍ୟାଳୟରେ ପାଠପଢା ଓ ଅନ୍ୟାନ୍ୟ ଶୈକ୍ଷିକ କାର୍ଯ୍ୟ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇ ସମାଧାନର ସୂତ୍ର ବାହାର କରାଯାଉ। ଡିଇଓଙ୍କ ସହ ଓଷ୍ଟା ଜିଲା ସଭାପତି ଅମ୍ବିକା ପ୍ରସାଦ ପଟ୍ଟନାୟକ, ସମ୍ପାଦକ ସୁଧାକର ମହାପାତ୍ର, ସାଧାରଣ ସମ୍ପାଦକ ରଞ୍ଜନ ଦାଶ, ସମ୍ପାଦକ ମଧୁସୂଦନ ଦେ, ସହ ସମ୍ପାଦକ ରମାକାନ୍ତ ମହାପାତ୍ର ଓ ଉପଦେଷ୍ଟା ସନ୍ତୋଷ ଚନ୍ଦ୍ର କର ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ସୂର୍ଯ୍ୟମନ୍ଦିରରୁ ପଡ଼ି ଯୁବତୀ ଗୁରୁତର

**କୋଣାର୍କ,୧୩.୩(ଡି.ଏନ୍.ଏ):** କୋଣାର୍କ ସୂର୍ଯ୍ୟମନ୍ଦିରର ନାଟ ମଣ୍ଡପ ବେଢ଼ାରେ ସେଲଫି ନେବା ବେଳେ ବେଢାରୁ ପଡି ଜଣେ ଯୁବତୀ ଗୁରୁତର ହୋଇଛନ୍ତି। ସେ ହେଲେ ଭୁବନେଶ୍ୱର ୟୁନିଟ-୯ ଅଞ୍ଚଳର ସୁଭାସିନ ମହାଳିକ(୨୨)। ଚିକିତ୍ସା ପାଇଁ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, ଭୁବନେଶ୍ୱର ୟୁନିଟ-୯ ଅଞ୍ଚଳର ସୁକାନ୍ତ ମହାଳିକ ସପରିବାର ସହ ସୂର୍ଯ୍ୟମନ୍ଦିର ପରିଦର୍ଶନ କରିବାକୁ ଯାଇଥିଲେ। ମନ୍ଦିର ବୁଲୁଥିବା ବେଳେ ସୁକାନ୍ତଙ୍କ ଝିଅ ସୁଭାସିନ ବେଢାରେ ସେଲଫି ନେଉଥିବା ବେଳେ ତଳେ ପଡି ଗୁରୁତର ହୋଇପଡିଥିଲେ। ଚିକିତ୍ସା ପାଇଁ ପ୍ରଥମେ କୋଣାର୍କ ସ୍ୱାସ୍ଥ୍ୟକେନ୍ଦ୍ର ପରେ ଗୋପ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଥିଲା। ପରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱରକୁ ସ୍ଥାନାନ୍ତର କରାଯାଇଥିଲା। ସୂର୍ଯ୍ୟମନ୍ଦିର ପରିସରରେ ଏଏସଆଇ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡାକଡି କରିବା ପାଇଁ ସାଧାରଣରେ ଦାବି ହେଉଛି।

## ମା’ ଭୈରବୀଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି



ଯଜ୍ଞର ପୂର୍ଣ୍ଣାହୁତି ପରେ ସୂର୍ଯ୍ୟ ପୂଜା ଚାଲିଛି ।

**ନିରାକାରପୁର,୧୩।୩ (ଡି.ଏନ.ଏ.):** ଖୋର୍ଦ୍ଧା ଜିଲା ଡିଆ ପଞ୍ଚାୟତସ୍ଥିତ ଚିତ୍ରକୂଟ ପାହାଡ ପାଦଦେଶରେ ଅବସ୍ଥିତ ମା’ ଭୈରବୀଙ୍କ ପୀଠରେ କାଶୀପୁର ଗ୍ରାମବାସୀଙ୍କ ପକ୍ଷରୁ ଦଶମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଗ୍ରାମର ମହିଳାପୁରୁଷ ସ୍ଥାନୀୟ ପୋଖରୀରୁ ଜଳ ଉଠାଇ ପଟୁଆରରେ ଯାଇ ଯଜ୍ଞ ମଣ୍ଡପରେ ପହଞ୍ଚି କଳସ ସ୍ଥାପନ କରିଥିଲେ। ଯଜ୍ଞର ପ୍ରଥମ ଦିବସରେ ସୂର୍ଯ୍ୟପୂଜା, ଗୋ ପୂଜା, ସର୍ବଦେବଦେବୀ ପୂଜା, ଅଗ୍ନି ସଂସ୍କାର, ଯଜ୍ଞ ଆହୁତି, ଆଳତି କାର୍ଯ୍ୟକ୍ରମ ହୋଇଥିଲା। ଶେଷ ଦିବସ ଅପରାହ୍ନରେ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ଶ୍ରଦ୍ଧାଳୁମାନଙ୍କ ଗହଳି ଦେଖିବାକୁ ମିଳିଥିଲା।

# ମଙ୍ଗୁଳି ଜେନା ହତ୍ୟା ଘଟଣା ଫାଇଲରେ ଡୋରି




ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ।

### ଅଭିଯୁକ୍ତଙ୍କୁ ଗିରଫ ଦାବି: ଧାରଣା ତୃତୀୟ ଦିନରେ

**ଖୋର୍ଦ୍ଧା ଅଫିସ, ୧୩।୩:** ଖୋର୍ଦ୍ଧା ଜିଲା ସଦର ମହକୁମାରେ ଗତ ୨୦୧୯ ଏପ୍ରିଲ ୧୪ରେ ଭାଜପା ନେତା ମଙ୍ଗୁଳି ଜେନାଙ୍କୁ ଅତି ନିର୍ମମ ଭାବେ ହତ୍ୟା କରାଯାଇଥିଲା। ତେବେ ଏହି ଘଟଣା ଆଜକୁ ୧୧ ମାସ ବିତି ଯାଇଥିଲେ ମଧ ପୋଲିସ ପ୍ରଶାସନ ନୀରବଦ୍ରଷ୍ଟା ସାଜିଛି। ତଦନ୍ତ ଚାଲିଛି କହି ଫାଇଲରେ ଡୋରି ବାନ୍ଧି ଦେଇ ଚୁପ୍ ହୋଇ ବସିପଡିଛି। ଏ ନେଇ ଜେନାଙ୍କ ପରିବାର ଲୋକଙ୍କୁ ନ୍ୟାୟ ମିଳିବାର ତ ଦୂରର କଥା ତାଙ୍କୁ ମାନସିକ ନିର୍ଯାତନା ଆଘାତ ଦେଉଛି। ତେବେ ତାଙ୍କ ପରିବାର ଲୋକେ ଓ ସମର୍ଥକମାନେ ମିଶି ଗଣ ଆନ୍ଦୋଳନକୁ ଓହ୍ଲେଇବେ ବୋଲି ଚେତାବନୀ ଦେଇସାରିଲେଣି। ପ୍ରଥମ ପର୍ଯ୍ୟାୟରେ ସେମାନେ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ୩ ଦିନ ହେଲା ନ୍ୟାୟ ଦାବିରେ ଆନ୍ଦୋଳନ ଜାରି ରଖିଛନ୍ତି। ଗ୍ରୀଷ୍ମର ପ୍ରକୋପରେ ଜାତୀୟ ରାଜପଥ କଡରେ ପ୍ରତିଦିନ ସକାଳୁ ସନ୍ଧ୍ୟା ଯାଏ ପଡି ରହିଛନ୍ତି। ସେହି ରାସ୍ତା ଦେଇ ଜିଲାର ପ୍ରମୁଖ ଅଧିକାରୀ, ପୋଲିସ ବିଭାଗ ଅଧିକାରୀମାନଙ୍କଠାରୁ ଆରମ୍ଭ କରି ବହୁ ନେତା ଓ ମନ୍ତ୍ରୀ ଯାତାୟାତ କରୁଛନ୍ତି। ହେଲେ ଆନ୍ଦୋଳନକାରୀଙ୍କୁ କେହି ଜଣେ ମଧ ଏଯାଏ ଭେଟି ନାହାନ୍ତି। ଅନ୍ୟପକ୍ଷରେ ମୃତକଙ୍କ ପରିବାର ଲୋକଙ୍କୁ ନ୍ୟାୟ ମିଳିବା ତ ଦୂରର କଥା ଏତେବଡ ଘଟଣାରେ ପୋଲିସ୍ କିଭଳି ନୀରବ ଦ୍ରଷ୍ଟା ସାଜୁଛି ତାହା ଅଞ୍ଚଳରେ ନାନା ପ୍ରଶ୍ନବାଚୀ ସୃଷ୍ଟି କରୁଛି।

ପ୍ରାପ୍ତ ସୂଚନା ଅନୁସାରେ, ଖୋର୍ଦ୍ଧା ସହରରେ ନବୀନବାଗଠାରେ ୨୦୧୯ ଏପ୍ରିଲ ୧୪ ରାତିରେ ଭାଜପାର ପ୍ରମୁଖ ନେତା ମଙ୍ଗୁଳିଙ୍କୁ ଗୁଳିକରି ହତ୍ୟା କରାଯାଇଥିଲା। ଏହାର ପ୍ରତିବାଦରେ ମଙ୍ଗୁଳିଙ୍କ ସମର୍ଥକମାନେ ଖୋର୍ଦ୍ଧା ଆଦର୍ଶ ଥାନା ସମ୍ମୁଖରେ ଧାରଣା ଦେଇଥିଲେ। ସେତେବେଳେ ପୋଲିସ ପ୍ରଶାସନ ପକ୍ଷରୁ ଜଡିତ ଥିବା ଅଭିଯୁକ୍ତମାନଙ୍କୁ ଶୀଘ୍ର ଗିରଫ କରାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ପରେ ରାଜ୍ୟ ସରକାର ଏହାର ତଦନ୍ତ ଭାର କ୍ରାଇମବ୍ରାଞ୍ଚକୁ ଦେଇଥିଲେ। କ୍ରାଇମବ୍ରାଞ୍ଚ ପକ୍ଷରୁ ବିଭିନ୍ନ ସମୟରେ ବହୁ ବ୍ୟକ୍ତି ବିଶେଷଙ୍କ ନିକଟରୁ ବୟାନ ରେକର୍ଡ କରାଯାଇଥିଲା। ପରେ ଏହି ହତ୍ୟା ଘଟଣାକୁ ପ୍ରଭାବଶାଳୀ ବ୍ୟକ୍ତିଙ୍କ ଚାପରେ ପଡି ଚାପି ଦିଆଯାଇଛି ବୋଲି ବଡପୋଖରିଆ ଗ୍ରାମର ୯ ନଂ. ଜୋନର ଜିଲାପରିଷଦ ସଭ୍ୟା ମମତା ଜେନା, ଜୋସ୍ନାରାଣୀ ଜେନା, ଛେତ ଜେନା, ଅନୁପମା ବଇରିଗଞ୍ଜନ, ଜମୁନା ଜେନା ଓ ସରୋଜିନୀ ଦଳସିଂହରାୟଙ୍କ ସହ ଗ୍ରାମର ଶତାଧିକ ଲୋକଙ୍କ ଦସ୍ତଖତ ଥାଇ ଏକ ଦାବିପତ୍ର ଖୋର୍ଦ୍ଧା ଏସ୍‌ପି ଓ ଜିଲାପାଳଙ୍କୁ ଦିଆଯାଇଛି।

## ବାଣପୁର ଭଗବତୀ ମନ୍ଦିରରୁ ସହକାରୀ ଯନ୍ତ୍ରୀ ଉଦ୍ଧାର

**ପୁରୀ ଅଫିସ,୧୩।୩:** ମହାପ୍ରଭୁଙ୍କୁ ଦର୍ଶନ କରିବାକୁ ଆସି ପୁରୀରୁ ନିଖୋଜ ହୋଇଥିବା କେନ୍ଦ୍ରାପଡ଼ା ଗ୍ରାମ୍ୟ ଉନ୍ନୟନ ଡିଭିଜନର ସହକାରୀ ଯନ୍ତ୍ରୀ ମୋହନ ମୁରାରୀ ଜେନା (୫୫) ବାଣପୁର ଭଗବତୀ ମନ୍ଦିରରୁ ଶୁକ୍ରବାର ଉଦ୍ଧାର ହୋଇଛନ୍ତି। ତାଙ୍କୁ ପୁରୀ ଅଣାଯିବା ପରେ ପରିବାର ଲୋକଙ୍କ ଜିମା ଦିଆଯାଇଛି। ତେବେ ଚାରିଦିନ ଧରି ସେ କେଉଁଠି ଥିଲେ, ବାଣପୁର କିପରି ଗଲେ ଏବଂ ତାଙ୍କୁ କିଏ ନେଇଥିଲା ସେ ସମ୍ପର୍କରେ ସହାକରୀ ଯନ୍ତ୍ରୀ ମୁହଁ ଖୋଲୁ ନାହାନ୍ତି। ଫଳରେ ଘଟଣା ସମ୍ପର୍କରେ କୌଣସି ସ୍ପଷ୍ଟ ଜଣାପଡୁନାହିଁ। ସମୁଦ୍ରକୂଳ ଥାନାଧିକାରୀ ଶରତ କୁମାର ସାହୁଙ୍କ ସୂଚନା ଅନୁଯାୟୀ, ଭଗବତୀ ମନ୍ଦିରରେ ସହକାରୀ ଯନ୍ତ୍ରୀ ଜେନା ବସିଥିଲେ। ଦୀର୍ଘ ସମୟ ଚୁପ୍‌ଚାପ ବସିଥିବା ଦେଖି ଜଣେ ବ୍ୟକ୍ତି ତାଙ୍କୁ ପଚରାଉଚରା କରିଥିଲେ। ହେଲେ ସେ କୌଣସି ଉତ୍ତର ନ ଦେବାରୁ ଜେନାଙ୍କ ପକେଟରୁ ମୋବାଇଲ କାଢି ତାଙ୍କ ଘର ଲୋକଙ୍କୁ ଯୋଗାଯୋଗ କରିଥିଲେ। ତାଙ୍କ ଘର ଲୋକ ସମୁଦ୍ରକୂଳ ଥାନାକୁ ଜଣାଇଥିଲେ। ଥାନାଧିକାରୀ ସାହୁ ସେଠାକାର ପୋଲିସକୁ କହିବା ପରେ ଜେନାଙ୍କୁ ଉଦ୍ଧାର କରାଯାଇ ପୁରୀ ଅଣାଯାଇ ତାଙ୍କ ପରିବାର ଲୋକଙ୍କ ଜିମା ଦିଆଯାଇଛି।

# କ୍ରିକେଟ ଟୁର୍ଣ୍ଣାମେଣ୍ଟ : କାଇପଦର ଫାଇନାଲରେ

**ଖୋର୍ଦ୍ଧା ଅଫିସ, ୧୩।୩**

ଖୋର୍ଦ୍ଧା ବ୍ଲକ ଅନ୍ତର୍ଗତ କାଇପଦର ଖେଳପଡିଆଠାରେ ଚାଲିଥିବା ସତ୍ୟପୀର କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଶୁକ୍ରବାର ୯ମ ଦିବସର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। କାଇପଦରର ସତ୍ୟପୀର କ୍ରିକେଟ୍ କ୍ଲବ ୪ ଉଇକେଟ୍‌ରେ ଇଗଲ ସ୍ପୋର୍ଟିଂ କ୍ଲବ ମେଣ୍ଢାଶାଳକୁ ପରାସ୍ତ କରି ଫାଇନାଲକୁ ଉନ୍ନୀତ ହୋଇଛି। ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇ ମେଣ୍ଢାଶାଳ ଦଳ ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ୍ ହରାଇ ୧୮୦ରନ୍ ସଂଗ୍ରହ କରିଥିଲା। ଜବାବରେ ସତ୍ୟପୀର କ୍ରିକେଟ୍ କ୍ଲବ ୧୯.୧ ଓଭରରେ ୬ ଉଇକେଟ୍ ହରାଇ ୧୮୫ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା। ବିଜୟୀ ଦଳର ଖେଳାଳି ପ୍ରଶାନ୍ତ ମାର୍ଥା ବ୍ୟକ୍ତିଗତ ୪ ଓଭରରେ ୪୦ ରନ ଦେଇ ୪ଟି ଉଇକେଟ୍ ଅକ୍ତିଆର କରି ଦଳକୁ ଜିତେଇଥିଲେ। ତାଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ ବିବେଚିତ କରାଯାଇଥିଲା। ଝଜ ସାମନ୍ତରାୟ ଓ ପ୍ରକାଶ ସିଂହ ଉଭୟ ମ୍ୟାଚ୍‌କୁ ପରିଚାଳନା କରିଥିଲେ। ସୁଶାନ୍ତ ସୁନ୍ଦରାୟ ଓ ମୁସ୍ତାକ ଅଲି ସ୍କୋରର ଦାୟିତ୍ୱ ତୁଲାଇଥିଲେ। ପ୍ରଦୀପ ମହାପାତ୍ର ଅତିଥି ଭାବେ ଯୋଗ ଦେଇଥିଲେ।



ମ୍ୟାନ୍ ଅଫ ଦି ମ୍ୟାଚ ପ୍ରଶାନ୍ତ ମାର୍ଥା ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

# ସାଗରଗୁଆଁ, ମାଳିସାହିରେ ୩ ଦୋଳ ମେଳଣ

**ଖୋର୍ଦ୍ଧାଅଫିସ,୧୩।୩**

ଦୋଳ ପର୍ବ ଅବସରରେ ବୋଲଗଡ ବ୍ଲକର ସାଗରଗାଁ ଓ ମାଳିସାହି ଉଭୟ ଗ୍ରାମର ୩ ଦୋଳ ମେଳଣ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସାଗରଗାଁ ପଡିଆରେ ସନ୍ଧ୍ୟାରେ ଦୋଳ ମେଳଣ ଶେଷ ହେବା ପରେ ଠାକୁରମାନେ ନିଜ ନିଜ ଗ୍ରାମସ୍ଥିତ ଅସ୍ଥାନକୁ ବାହୁଡି ଯାଇଛନ୍ତି। ସାଗରଗାଁଠାରେ ରାଜ ଠାକୁର ଭାବେ ସ୍ଥାନୀୟ ଶ୍ରୀନୀଳକଣ୍ଠେଶ୍ୱରଦେବଙ୍କର ଏହି ତିନିଦୋଳ ଯାତ୍ରା ହୋଇଥିଲା । ଏଠାକୁ ଆମନ୍ତ୍ରିତ ହୋଇଥିବା ୨୩ଟି ବିମାନରେ ଠାକୁରମାନେ ବିଜେ କରିଥିଲେ। ଏଥିସହ ସ୍ଥାନୀୟ ୨୭ ମୌଜା ଅଞ୍ଚଳର ୧୬ଟି ସଂକୀର୍ତ୍ତନ ମଣ୍ଡଳୀକୁ ମଧ ଆୟୋଜକମାନଙ୍କ ପକ୍ଷରୁ ଆମନ୍ତ୍ରଣ କରାଯାଇଥିଲା। ଏକ ଆଟୋପ ପଟୁଆରରେ ଆସ୍ଥାନ ଠାକୁର ନୀଳକଣ୍ଠେଶ୍ୱର ଦେବ ରାଜ ଠାକୁର ଭାବେ ଦୋଳ ବିମାନରେ ମନ୍ଦିରରୁ ବାହାରିଥିଲେ। ଠାକୁରଙ୍କୁ ଦୋଳବିମାନରେ ସାଗରଗାଁର ବିଭିନ୍ନ ସାହି ପରିକ୍ରମା ସମୟରେ ଚାଟେରି ଭୋଗ ଲାଗି କରାଯାଇଥିଲା। ରାଜ ଠାକୁର ନୀଳକଣ୍ଠେଶ୍ୱରଦେବ ପ୍ରଥମେ ପଟୁଆର ସହ ଦୋଳ ବିମାନରେ ୩ ଦୋଳ ପଡିଆରେ ଥିବା ସ୍ୱତନ୍ତ୍ର ଅସ୍ଥାନକୁ ବିଜେ କରିଥିଲେ। ପରେ ବୋଲଗଡ ଓ ନୟାଗଡ ଜିଲାର ଭାପୁର ବ୍ଲକ ଅଞ୍ଚଳରୁ ଆମନ୍ତ୍ରିତ ଠାକୁରମାନେ ଦୋଳ ବିମାନରେ ଦୋଳଯାତ୍ରା ପଡିଆସ୍ଥିତ ଆସ୍ଥାନରେ ବିଜେ କରିଥିଲେ। ଏଥିରେ ବୋଲଗଡ ବ୍ଲକ ଅଞ୍ଚଳର ଜରିପଡା, ପୋଡାପାଟଣା, ପାଟବନ୍ଧ, ଗର୍ଭଣୀ ପଡା, ସହଜପୁର, ହଳଦୀପଦା ଓ ବାଲସିଂ ସମେତ ପଡୋଶୀ ଭାପୁର ବ୍ଲକ ଅଞ୍ଚଳର ପାର୍ବତୀପୁର, କରଡାପଲ୍ଲୀ, ବେଗୁନିଆ, ନୀଳକଣ୍ଠପ୍ରସାଦ, ଚକ୍ରଧର ପ୍ରସାଦ, ତରବାଲୋ, ଏଲୋପଡା ଆଦି ଗ୍ରାମରୁ ଆମନ୍ତ୍ରିତ ଠାକୁରମାନେ ଦୋଳ ବିମାନରେ ରବିବାର ବିଳମ୍ବିତ ରାତ୍ରିରେ ମେଳଣ ପଡିଆଠାରେ ପହଞ୍ଚି ଥିଲେ। ଯାତ୍ରା ପଡିଆରେ ରବିବାର ଠାକୁରମାନଙ୍କୁ ଦୋଳରେ ପୂଜାର୍ଚ୍ଚନା କରାଯିବା ସହ ଭୋଗ ଲାଗି କରାଯାଇଥିଲା। ଶ୍ରଦ୍ଧାଳୁମାନେ ଠାକୁରଙ୍କୁ ଦୋଳ ବିମାନରେ ଦର୍ଶନ କରିଥିଲେ। ସ୍ଥାନୀୟ ସରପଞ୍ଚ ସୁବାସ ଚନ୍ଦ୍ର ରାୟଗୁରୁ, ଗ୍ରାମ କମିଟିର କର୍ମକର୍ତ୍ତା, ସ୍ଥାନୀୟ ସ୍ୱେଚ୍ଛାସେବୀ ଯୁବକ ଏବଂ ନୀଳକଣ୍ଠେଶ୍ୱରଦେବଙ୍କ ସେବାସୀମାନେ ଏହି ଯାତ୍ରାକୁ ଶାନ୍ତି ଶୃଙ୍ଖଳାର ସହ ଆକର୍ଷଣୀୟ ପାଇଁ ସହଯୋଗ କରିଥିଲେ। ସେହିପରି ବୋଲଗଡ ବ୍ଲକ କଳାଙ୍ଗ ପଞ୍ଚାୟତ ମାଳିସାହିଠାରେ ସୋମନାଥଦେବଙ୍କ ୩ ଦୋଳ ମେଳଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଠାରେ ୩୫ଟି ବିମାନରେ ଠାକୁରମାନେ ମେଳଣକୁ ଆମନ୍ତ୍ରିତ ହୋଇ ଆସିଥିଲେ। ବିଭିନ୍ନ ଗ୍ରାମଗୁଡିକରୁ ଆମନ୍ତ୍ରିତ ଠାକୁରମାନଙ୍କୁ ସୁସଜ୍ଜିତ ଦୋଳ ବିମାନରେ ଭିନ୍ନ ଭିନ୍ନ ଆଟୋପ ପଟୁଆରରେ ମେଳଣ ପଡିଆକୁ ଆସିଥିଲେ। ଏହାକୁ ଦେଖିବା ଲାଗି ସ୍ଥାନୀୟ ଅଞ୍ଚଳରୁ ବହୁସଂଖ୍ୟାରେ ଲୋକଙ୍କ ସମାଗମ ହୋଇଥିଲା। ରାତ୍ରିରେ ମେଳଣ ଅବସରରେ ଫଗୁ ଖେଳିବା ସହ ଦୋଳରେ ନିଜ ନିଜ ଗ୍ରାମର ମନ୍ଦିରଗୁଡିକୁ ବାହୁଡିଥିଲେ। ଦୁଇଦିନ ଧରି ଏହି ଯାତ୍ରା ପଡିଆରେ ବିଭିନ୍ନ ଉଠା ଦୋକାନମାନ ଖୋଲିଥିଲା।



ମେଳଣରେ ରାଜ ଠାକୁର ଭାବେ ବିମାନରେ ବିଜେ କରିଥିବା ଶ୍ରୀନୀଳକଣ୍ଠେଶ୍ୱରଦେବ ।

## ଜଳିଗଲା ଡିଜେଲ ଟ୍ୟାଙ୍କର



**ରାଇସୁଆଁ/କେନ୍ଦୁଝର,୧୩।୩ (ଡି.ଏନ.ଏ./ସ୍ୱ.ପ୍ର.):** କେନ୍ଦୁଝର ଜିଲା ସଦର ଥାନା ଅନ୍ତର୍ଗତ ୨୦ ନମ୍ବର ଜାତୀୟ ରାଜପଥରେ ରାଇସୁଆଁ ହାଇସ୍କୁଲ ନିକଟରେ ଶୁକ୍ରବାର ସନ୍ଧ୍ୟାରେ ଏକ ଡିଜେଲ ଟ୍ୟାଙ୍କର ନିଆଁ ଲାଗି ଜଳିଯାଇଛି। ସ୍ଥାନୀୟ ଲୋକେ ଟ୍ୟାଙ୍କର ଚାଳକଙ୍କୁ ଉଦ୍ଧାର କରି ଏ ନେଇ ସଦର ଥାନାକୁ ଜଣାଇଥିଲେ। ପୋଲିସଠାରୁ ଖବର ପାଇ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଟ୍ୟାଙ୍କରରେ ୨୦୦ ଲିଟରରୁ ଉର୍ଦ୍ଧ୍ୱ ଡିଜେଲ ଥିଲା ବୋଲି ସୂଚନା ମିଳିଛି। ଟ୍ୟାଙ୍କରରେ କିଭଳି ନିଆଁ ଲାଗିଲା ତାହା ସ୍ପଷ୍ଟ ହୋଇ ନାହିଁ। ପୋଲିସ ଘଟଣାର ତଦନ୍ତ କରୁଛି।

# ଖଣି ଅଞ୍ଚଳରେ ବେରୋଜଗାର ଚିନ୍ତା

**ଯୋଡ଼ା, ୧୩।୩(ଡିଏନ.ଏ.)**



- ଶ୍ରମିକଙ୍କ ପୁନଃନିଯୁକ୍ତି ନେଇ ସରକାରଙ୍କ ଅସ୍ପଷ୍ଟ ନୀତି
- ଧାରଣା, ଆନ୍ଦୋଳନ ଓ ବିକ୍ଷୋଭ ପ୍ରଦର୍ଶନ ନେଇ ଚାଲିଛି ପ୍ରତିଯୋଗିତା

ରାଜ୍ୟ ସରକାରଙ୍କ ଖଣି ନିଲାମ ପ୍ରକ୍ରିୟା ପରେ ସ୍ଥାନୀୟ ଖଣିରେ କାର୍ଯ୍ୟରତ ଶ୍ରମିକ, ବନ୍ଦ ଥିବା ଖଣିଗୁଡିକର ଶ୍ରମିକ ଏବଂ ଖଣି ସଂସ୍ଥା ସହିତ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ନିର୍ଭରଶୀଳ ଥିବା ହଜାର ହଜାର ଲୋକଙ୍କ ଜୀବନ ଜୀବିକା ସମସ୍ୟା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପୂର୍ବରୁ ଖଣିରେ କାର୍ଯ୍ୟ କରୁଥିବା ଶ୍ରମିକ, କର୍ମଚାରୀଙ୍କୁ ପୁନଃ ନିଯୁକ୍ତି ମିଳିବ କି ନାହିଁ ତାହା ଏଯାଏ ଅସ୍ପଷ୍ଟ ରହିଛି। ସରକାରଙ୍କ ପକ୍ଷରୁ ଏନେଇ କୌଣସି ନିଷ୍ପତ୍ତି ନିଆଯାଇ ନ ଥିବା ଅଭିଯୋଗ ହେଉଛି। ଏଭଳି ସ୍ଥିତିରେ ସ୍ଥାନୀୟ ଖଣି ଅଞ୍ଚଳରେ ଧାରଣା, ଆନ୍ଦୋଳନ ଓ ବିକ୍ଷୋଭ ପ୍ରଦର୍ଶନ ଏକ ନିତିଦିନିଆ ଘଟଣା ହୋଇଛି। ଏପରି କି କେତେକ ସ୍ଥାନୀୟ ଗୋଷ୍ଠୀ ମଧ୍ୟରେ ଏ ନେଇ ଏକ ପ୍ରକାର ପ୍ରତିଯୋଗିତା ଆରମ୍ଭ ହୋଇଛି । କେତେକ ନିଜର ନ୍ୟସ୍ତ ସ୍ୱାର୍ଥ ହାସଲ ପାଇଁ ଏଭଳି ଆନ୍ଦୋଳନକୁ ଉସୁକାଉଥିବା ପାଲଟା ଅଭିଯୋଗ ହେଉଛି। ଏଭଳି ସ୍ଥିତି ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ପ୍ରଦାନ କରିବାରେ କେତେଦୂର ସହାୟକ ହେବ ସେ ନେଇ ସାଧାରଣରେ ଚର୍ଚ୍ଚା ହେଉଥିବା ଲକ୍ଷ୍ୟ କରାଯାଉଛି। ଅନ୍ୟପକ୍ଷେ ନିଲାମ ପ୍ରକ୍ରିୟାରେ ଖଣି କମ୍ପାନୀଗୁଡିକ ବହୁ ପ୍ରତିଶତ ମୂଲ୍ୟରେ ଖଣି ହାତଉଥିବା ବେଳେ ପୂର୍ବରୁ କାର୍ଯ୍ୟ କରୁଥିବା ଶ୍ରମିକ, କର୍ମଚାରୀଙ୍କୁ ନିଯୁକ୍ତି ଦେବେ କି ନାହିଁ କିଛି ସ୍ପଷ୍ଟ କରି ନ ଥିବାରୁ ଯୋଡା ବିକାଶ ପରିଷଦର ସଭାପତି ନିରଞ୍ଜନ ବହିଦାର ତାଙ୍କ ପ୍ରତିକ୍ରିୟାରେ ଚିନ୍ତା ପ୍ରକଟ କରିଛନ୍ତି। । ଜୁରୁଡି ଅଞ୍ଚଳର ଖଣି ପରିବହନ ବ୍ୟବସାୟୀ ସୁରେନ୍ଦ୍ର ନାଥ ମହାନ୍ତି କହଛନ୍ତି, ଖଣି ଶ୍ରମିକଙ୍କ ପ୍ରତି ସରକାରଙ୍କ ଅଣଦେଖା ଓ ନିଯୁକ୍ତିକୁ ନେଇ ଅସ୍ପଷ୍ଟ ନୀତି ଯୋଗୁ ଅଞ୍ଚଳବାସୀଙ୍କ ଜୀବିକା ବିଶେଷ ପ୍ରଭାବିତ ହେବା ଆଶଙ୍କା ରହିଛି। ରାଜ୍ୟ ସରକାର ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବା ଉଚିତ । ଏ ସମ୍ପର୍କରେ ଭାରତୀୟ ମଜଦୁର ସଂଘର ଜିଲା ସମ୍ପାଦକ ଡାକ୍ତର ମହାନ୍ତ କହିଛନ୍ତି, ଖଣି ଶ୍ରମିକଙ୍କୁ ନିଯୁକ୍ତି ଦେବା ଦାବି କରି ଶସ୍ତା ଲୋକପ୍ରିୟତା ହାସଲ କରିବା ଲକ୍ଷ୍ୟରେ କେତେକ ଉଦ୍ୟମ କରିବା ଚିନ୍ତାର ବିଷୟ। ତେବେ ଏସବୁ ସମସ୍ୟା ସମେତ ଶ୍ରମିକଙ୍କ ପୁନଃ ନିଯୁକ୍ତି ଦାବି ନେଇ ପୂର୍ବରୁ ସଂଘ ରାଜ୍ୟପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିବା ସେ କହିଥିଲେ।

# ଚିନିକଳର ୮ କର୍ମଚାରୀଙ୍କ ବିରୋଧରେ ମାମଲା



ପୋଲିସ ଅଧିକାରୀ ତଦନ୍ତ କରୁଛନ୍ତି।

**ଜାଲ୍ ସାର୍ଟିଫିକେଟ ଦେଇ ନିଯୁକ୍ତି ଅଭିଯୋଗ**

**ଆସିକା,୧୩।୩ (ଡି.ଏନ୍.ଏ.)**

ଗଞ୍ଜାମ ଜିଲା ଆସିକା ସମବାୟ ଚିନିକଳରେ ଜାଲ୍ ସାର୍ଟିଫିକେଟ ଦେଇ ଚାକିରି କରିଥିବା ଅଭିଯୋଗରେ ୮ଜଣ କର୍ମଚାରୀଙ୍କ ବିରୋଧରେ ଶୁକ୍ରବାର ଆସିକା ଥାନାରେ ମାମଲା ରୁଜୁ ହୋଇଛି। ଚିନିଶିଳ୍ପର ସମ୍ପାଦକ ଆର୍. ଚନ୍ଦ୍ରଶେଖର ରେଡ୍ଡୀ ସମ୍ପୃକ୍ତ କର୍ମଚାରୀଙ୍କ ବିରୋଧରେ ଶୁକ୍ରବାର ଆସିକା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ନଂ.୮୯/୨୦ରେ ମାମଲା ରୁଜୁ କରିଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ ସୂଚନା ଦେଇଛନ୍ତି।

ଅପରପକ୍ଷେ ଥାନା ଅଧିକାରୀଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ଅଭିଯୁକ୍ତ କର୍ମଚାରୀଙ୍କ ବିଭିନ୍ନ କାଗଜପତ୍ର ଓ ସାର୍ଟିଫିକେଟ୍ ଯାଞ୍ଚ ଜାରି ରହିଛି। ଏ ସମ୍ପର୍କରେ ଚିନିଶିଳ୍ପ ସମ୍ପାଦକଙ୍କୁ ପଚାରିବାରୁ ସମ୍ପୃକ୍ତ ୮ଜଣ କର୍ମଚାରୀଙ୍କ ମଧ୍ୟରୁ ଜଣେ ଇତିମଧ୍ୟରେ ଅବସର ଗ୍ରହଣ କରିଥିବାବେଳେ ଅନ୍ୟ ୭ଜଣଙ୍କୁ କାରକାନା ପକ୍ଷରୁ ଚାକିରୀରୁ ବରଖାସ୍ତ କରାଯାଇଛି ବୋଲି କହିଛନ୍ତି।

ସୂଚନା ଯୋଗ୍ୟ ଯେ, ଚିନିଶିଳ୍ପରେ ବହୁ କର୍ମଚାରୀ ଅବସର ବୟସ ଅତିକ୍ରାନ୍ତ ହୋଇଥିଲେ ମଧ ଜାଲ୍ ସାର୍ଟିଫିକେଟ୍ ଦାଖଲ କରି ଚାକିରୀ କରୁଥିବା ଅଭିଯୋଗ ହୋଇ ଆସୁଥିଲା। ଏପରିକି ଏହି ଘଟଣାର ତଦନ୍ତ ଭାର ରାଜ୍ୟ କ୍ରାଇମ୍ ବ୍ରାଞ୍ଚ ହାତକୁ ନେଇଥିଲେ। କ୍ରାଇମବ୍ରାଞ୍ଚ ପକ୍ଷରୁ ବିଧିବଦ୍ଧ ତଦନ୍ତ ପରେ ୮ଜଣ କର୍ମଚାରୀଙ୍କ ଜାଲ୍ ସାର୍ଟିଫିକେଟ୍ ରହିଥିବା ଜଣାପଡିବା ପରେ ଚିନିଶିଳ୍ପ ପକ୍ଷରୁ ସମ୍ପୃକ୍ତ କର୍ମଚାରୀଙ୍କ ବିରୋଧରେ ଆସିକା ଥାନାରେ ଏତଲା ହୋଇଛି।

# ‘ସତର୍କ ରହିଲେ ମୁକାବିଲା କରିହେବ’

**କଟକ ଅଫିସ, ୧୩।୩**



ଭିଡିଓ କନଫରେନ୍ସିଂରେ ଆଲୋଚନାବେଳେ ଉପସ୍ଥିତ ଡିଜିପି ଅଭୟଙ୍କ ସହ ଅନ୍ୟମାନେ।

- ବରିଷ୍ଠ ଅଧିକାରୀଙ୍କ ସହ ଭିଡିଓ କନଫରେନ୍ସିଂରେ ଆଲୋଚନା କଲେ ଡିଜିପି
- ପରିମଳକୁ ଗୁରୁତ୍ୱ
- ଫୋକସ୍‌ରେ ବାରାକ୍, ପ୍ରତିଷ୍ଠାନ ଓ ବାଟାଲିୟନ

ରାଜ୍ୟରେ କରୋନା ଭୂତାଣୁର ମୁକାବିଲା ପାଇଁ ରାଜ୍ୟ ପୋଲିସ ବିଭାଗ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ବିଶେଷକରି ବାଟାଲିୟନ୍, ବାରାକ୍ସ ଓ ବିଭିନ୍ନ ପୋଲିସ ପ୍ରତିଷ୍ଠାନକୁ କରୋନା ଭୟ ରହିଥିବାରୁ ଏଥିପାଇଁ ସତର୍କ ହୋଇପଡିଛି ପୋଲିସ ବିଭାଗ। ଶୁକ୍ରବାର ଏନେଇ ରାଜ୍ୟ ପୋଲିସ ମୁଖ୍ୟାଳୟରୁ ଡିଜିପି ଅଭୟ ଭିଡିଓ କନଫରେନ୍ସି ଜରିଆରେ ସମସ୍ତ ଆଇଜି, ଡିଆଇଜି, ଡିସିପି, ଏସ୍‌ପି ଏବଂ ବାଟାଲିୟନ୍‌ଗୁଡିକର କମାଣ୍ଡାଣ୍ଟଙ୍କ ସହ ଆଲୋଚନା କରିଥିଲେ। ବହୁ ସଂଖ୍ୟାରେ ପୋଲିସ କର୍ମଚାରୀ ରହୁଥିବା ସ୍ଥାନରେ କିଭଳି କରୋନା ବ୍ୟାପିବ ନାହିଁ, ସେଥିପ୍ରତି ଗୁରୁତ୍ୱ ଦେବାକୁ ବରିଷ୍ଠ ପୋଲିସ ଅଧିକାରୀଙ୍କୁ ଡିଜିପି ପରାମର୍ଶ ଦେଇଛନ୍ତି। ନିୟମିତ ସଫା ରଖିବା ସହ ଭୂତାଣୁ ନ ବ୍ୟାପିବା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ କୁହାଯାଇଛି। ସତର୍କ ରହିବା ଦ୍ୱାରା ହିଁ କରୋନାର ମୁକାବିଲା କରାଯାଇପାରିବ ବୋଲି ଡିଜିପି କହିଛନ୍ତି।

ଗତ ୬ ତାରିଖରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ମହିଳା ପୋଲିସ କର୍ମଶାଳାରେ ଯେଉଁସବୁ ପ୍ରସ୍ତାବ ଦିଆଯାଇଥିଲା, ସେଗୁଡ଼ିକର କାର୍ଯ୍ୟକାରିତା ସମ୍ପର୍କରେ ଏହି ଆଲୋଚନାବେଳେ ବରିଷ୍ଠ ଅଧିକାରୀଙ୍କ ମତାମତ ଲୋଡ଼ାଯାଇଥିଲା। ଗତ ଦିନରେ ଘଟିଥିବା ଆପରାଧିକ ଘଟଣାଗୁଡ଼ିକର ସଫଳତା ତଦନ୍ତ ଏବଂ ଆଭ୍ୟନ୍ତରୀଣ ସୁରକ୍ଷା ଦିଗରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ପୋଲିସ ଅଧିକାରୀଙ୍କୁ ମୁଖ୍ୟମନ୍ତ୍ରୀ ମେଡାଲ୍ ପ୍ରଦାନ କରାଯିବ। ଏଥିପାଇଁ ଯଥାଶୀଘ୍ର ଅଧିକାରୀଙ୍କ ତାଲିକା ଦେବାକୁ ଡିଜିପି ନିର୍ଦ୍ଦେଶ ଦେଇଥିଲେ। ଏଥିସହ ଓଡ଼ିଶା ପୋଲିସ ପ୍ରତିଷ୍ଠା ଦିବସରେ ପ୍ରଦାନ କରାଯିବାକୁ ଥିବା ଡିଜିପି ପୁରସ୍କାର ପାଇଁ ଅଧିକାରୀଙ୍କ ନାମ ପଠାଇବାକୁ କୁହାଯାଇଛି। ରାଜ୍ୟର କେଉଁ ସ୍ଥାନରେ ଗଞ୍ଜେଇ ଚାଷ ଚାଲିଛି, ତାହାର ଭୌଗୋଳିକ ସ୍ଥିତିକୁ ଦେଖି ରିପୋର୍ଟ ପ୍ରସ୍ତୁତ କରିବାକୁ କୁହାଯାଇଛି। ବିଭିନ୍ନ ଆପରାଧିକ ମାମଲାର ଯୁଗ୍ମ ତଦନ୍ତ, ଜିଲା ଏବଂ ବାଟାଲିୟନ୍‌ଗୁଡିକରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନଜନିତ ମାମଲାଗୁଡ଼ିକର ନିରୀକ୍ଷଣ, ବାଟାଲିୟନ୍ ସ୍ତରରେ ପଦୋନ୍ନତି ବୋର୍ଡର ବୈଠକ, ବାଟାଲିୟନ୍‌ର ବାର୍ଷିକ ତାଲିମ୍ କାର୍ଯ୍ୟକ୍ରମ ଆଦି ବିଷୟରେ ବରିଷ୍ଠ ଅଧିକାରୀଙ୍କ ସହ ଡିଜିପି ଆଲୋଚନା କରିଥିଲେ। ଏହି ଆଲୋଚନାବେଳେ ସ୍ୱତନ୍ତ୍ର ଡିଜିପି(ଏସ୍‌ଏପି) ମନୋଜ ଛାବ୍ରା, ଏଡିଜି(ମୁଖ୍ୟାଳୟ) ଭି.ଟି. ମିଶ୍ର, ଏଡିଜି(ଆଇନଶୃଙ୍ଖଳା) ସୌମେନ୍ଦ୍ର ପ୍ରିୟଦର୍ଶୀ, ଆଇଜି(ଆଧୁନିକୀକରଣ) ରେଖା ଲୋହାନୀ, ଆଇଜି(ରାଜ୍ୟ କ୍ରାଇମ୍ ରେକର୍ଡ ବ୍ୟୁରୋ) ରାଜେଶ କୁମାର ଏବଂ ଆଇଜି(ପ୍ରୋଭିଜନିଂ) ଯତୀନ୍ଦ୍ର କୋଏଲ୍ ପ୍ରମୁଖ ଉପସ୍ଥିତ ଥିଲେ।

## ଗଛଡାଳ ପଡ଼ି ମହିଳାଙ୍କ ମୃତ୍ୟୁ

**ପାଟଣା,୧୩।୩(ସ୍ୱ.ପ୍ର.):** କେନ୍ଦୁଝର ଜିଲା ପାଟଣା ଥାନା ବଣ ପାହାଡ଼ ଘେରା ଉପାନ୍ତ ଅଞ୍ଚଳରେ ଗୁରୁବାର ଅପରାହ୍ନରେ କାଳ ବୈଶାଖି ତାଣ୍ଡବ ରଚିଛି। ଘୂର୍ଣ୍ଣିଝଡ଼ ଯୋଗୁ ମାଛଗଡ଼ ଗ୍ରାମରେ ଏକ ସଜନା ଗଛ ଡାଳ ଭାଙ୍ଗି ପଡିବାରୁ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତା ମହିଳା ହେଲେ ଗ୍ରାମର ଡମ୍ବରୁ ମହାନ୍ତଙ୍କ ସ୍ତ୍ରୀ ଲଳିତା । ସୂଚନା ଅନୁଯାୟୀ ଗୁରୁବାର ଅପରାହ୍ନରେ କାଳ ବୈଶାଖୀ ପ୍ରଭାବରେ ଜୋରରେ ପବନ ସାଙ୍ଗକୁ ବର୍ଷା ହୋଇଥିଲା । ଲଳିତା ଘର ପାଖରେ ଠିଆହୋଇଥିବା ବେଳେ ନିକଟରେ ଥିବା ସଜନା ଗଛର ଡାଳ ଭାଙ୍ଗି ତାଙ୍କ ଉପରେ ପଡିଯାଇଥିଲା । ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ କରଞ୍ଜିଆ ଚିକିତ୍ସାଳୟକୁ ପଠାଇଥିଲେ । ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ପାଟଣା ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଛି। ଆଖପାଖରେ କ’ଣ କ୍ଷୟକ୍ଷତି ଘଟିଛି, ତାହାର ସୂଚନା ମିଳି ନାହିଁ ।

# ଚିତ୍ରୋତ୍ପଳାରେ ବୁଡ଼ି ୨ ମୃତ

**ପାଟକୁରା,୧୩।୩ (ଡି.ଏନ୍.ଏ.)**

କେନ୍ଦ୍ରାପଡା ଜିଲା ଗରଦପୁର ବ୍ଲକ ପାଟକୁରା ସେତୁ ନିକଟ ଚିତ୍ରୋତ୍ପଳା ନଦୀରେ ଗାଧୋଉଥିବା ବେଳେ ଶୁକ୍ରବାର ବୁଡିଯାଇ ୨ ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ମହମ୍ମଦ ହାସନ ଅଲ୍ଲୀ (୧୫) ଓ ତାକିର ଅହମ୍ମଦ (୨୦)। ହାସନଙ୍କ ଘର କେନ୍ଦ୍ରାପଡାର ଜଇପୁରା ଗ୍ରାମରେ ଓ ସେ ଇରାନ ଅଲିଙ୍କ ପୁଅ । ତାକିରଙ୍କ ଘର ଉତ୍ତରପ୍ରଦେଶ ଅନ୍ତର୍ଗତ ଦୁଲାପୁର ଜିଲାର ଗାଜିପୁର ଗ୍ରାମରେ ବୋଲି ଜଣାଯାଇଛି । ଉଭୟ ପାଟକୁରା ଅଞ୍ଚଳକୁ ଧର୍ମ ପ୍ରଚାରରେ ଆସିଥିବା ବେଳେ ଏହି ଅଘଟଣ ଘଟିଛି । ଗତ ୧୧ ତାରିଖରେ ବମ୍ବେ ସମେତ ବିଭିନ୍ନ ଅଞ୍ଚଳରୁ ୧୬ ଜଣ ଧର୍ମ ପ୍ରଚାର କରିବାକୁ ପାଟକୁରା ପଞ୍ଚାୟତର ପାଟକୁରା ଗ୍ରାମକୁ ଆସିଥିଲେ । ସେମାନେ ଗ୍ରାମରେ ରହି ଧର୍ମ ସମ୍ପର୍କିତ ଆଲୋଚନା କରୁଥିଲେ। ଶୁକ୍ରବାର ସକାଳ ୮ଟା ସମୟରେ ସେମାନଙ୍କ ମଧ୍ୟରୁ ୮ ଜଣ ଚିତ୍ରୋତ୍ପଳା ନଦୀକୁ ଗାଧୋଇବାକୁ ଯାଇଥିଲେ ।


No. PP-46:-

## ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତ ଶିଳ୍ପ ବିଭାଗ, ଓଡ଼ିଶା ସରକାର

# ହସ୍ତ ଓ କୁଟୀର ଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶା

୨୦୨୦-୨୧ ଆର୍ଥିକ ବର୍ଷରେ ହସ୍ତଶିଳ୍ପ କାରିଗରମାନଙ୍କର ଉନ୍ନତି ନିମନ୍ତେ ଉପଯୁକ୍ତ କାରିଗରମାନଙ୍କ ଠାରୁ ନିମ୍ନଲିଖିତ ଯୋଜନାରେ ତା.**୧୫.୦୪.୨୦୨୦** ସୁଦ୍ଧା ଦରଖାସ୍ତ ଆହ୍ୱାନ କରାଯାଉଅଛି ।

| କ୍ର.ସଂ | ଯୋଜନାର ନାମ | ଯୋଜନା ସମ୍ବନ୍ଧୀୟ ସଂକ୍ଷିପ୍ତ ସୂଚନା |
|---|---|---|
| ୧ | ସାମର୍ଥ୍ୟ ବୃଦ୍ଧି (Capacity Building) | |
| | (କ) ଗୁରୁଶିଷ୍ୟ ପରମ୍ପରା ତାଲିମ୍ (G.S.P) | ଜାତୀୟ ହସ୍ତଶିଳ୍ପ ପୁରସ୍କାର ପ୍ରାପ୍ତ /ଜାତୀୟ ହସ୍ତଶିଳ୍ପ ମେରିଟ୍ ପୁରସ୍କାର ପ୍ରାପ୍ତ / ରାଜ୍ୟ ହସ୍ତଶିଳ୍ପ ପୁରସ୍କାର ପ୍ରାପ୍ତ/ ରାଜ୍ୟ ନମୁନା ପୁରସ୍କାର ପ୍ରାପ୍ତ ଓ ରାଜ୍ୟ ଦକ୍ଷତା ପୁରସ୍କାର ପ୍ରାପ୍ତ ବ୍ୟକ୍ତି ବିଶେଷଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ (ଗୁରୁ ଭାବରେ) ୧୫ ଜଣ ନୂତନ କାରିଗରଙ୍କୁ ତାଲିମ୍ ପ୍ରଦାନ । ଶିକ୍ଷାର୍ଥୀ ଅନ୍ୟୁନ ଓଡିଆ ଭାଷାରେ ଲେଖା ଏବଂ ପଢା ଜାଣିଥିବେ ଓ ୧୮ ରୁ ୫୦ ବର୍ଷ ବୟସ ମଧ୍ୟରେ ହୋଇଥିବେ । ସେମାନେ ୬ ମାସ କିମ୍ବା ଅଧିକ ଅବଧିର ପ୍ରାଥମିକ ତାଲିମ ନେଇଥିବେ କିମ୍ବା ଅନ୍ୟୁନ ୩ ବର୍ଷ କାମ କରିବାର ଅଭିଜ୍ଞତା ଥିବ । ଗୁରୁଙ୍କ ମାସିକ ପାରିତୋଷିକ ଟ.୨୦,୦୦୦/- ଏବଂ ଶିକ୍ଷାର୍ଥୀଙ୍କ ମାସିକ ବୃତ୍ତି ଟ.୩,୦୦୦/- । ତାଲିମ୍ ଅବଧି: ଗ୍ରୁପ୍ A ହସ୍ତଶିଳ୍ପ-୬ ମାସ ଓ ଗ୍ରୁପ୍ B ହସ୍ତଶିଳ୍ପ-୪ ମାସ । |
| | (ଖ) ନିପୁଣ ଶିଳ୍ପୀଙ୍କ ମାଧ୍ୟମରେ ତାଲିମ (MCM Training) | ରାଜ୍ୟ, ହସ୍ତ ଓ କୁଟୀର ଶିଳ୍ପ, ନିର୍ଦ୍ଦେଶାଳୟ ଅଧୀନରେ ସୂଚୀଭୁକ୍ତ ହୋଇଥିବା ନିପୁଣ ଶିଳ୍ପୀ(Empanelled MCM) ମାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ (ଗୁରୁଭାବେ) ୧୫ ଜଣ ନୂତନ କାରିଗରଙ୍କୁ ତାଲିମ୍ ପ୍ରଦାନ । ଶିକ୍ଷାର୍ଥୀ ଅନ୍ୟୁନ ଓଡିଆ ଭାଷାରେ ଲେଖା ଏବଂ ପଢା ଜାଣିଥିବେ ଓ ୧୮ ରୁ ୫୦ ବର୍ଷ ବୟସ ମଧ୍ୟରେ ହୋଇଥିବେ । ସେମାନଙ୍କର ହସ୍ତଶିଳ୍ପ ପ୍ରତି ରୁଚି ଏବଂ ଆଗ୍ରହ ଥିବ । ସେମାନେ ହସ୍ତଶିଳ୍ପର ଅନ୍ୟ କୌଣସି ଯୋଜନାରେ ଏହି ପ୍ରକାରର ତାଲିମ ନେଇନଥିବେ । ନିପୁଣ ଶିଳ୍ପୀଙ୍କ ମାସିକ ପାରିତୋଷିକ ଟ.୧୫,୦୦୦/- ଏବଂ ଶିକ୍ଷାର୍ଥୀଙ୍କ ମାସିକ ବୃତ୍ତି ଟ.୧,୦୦୦/- । ତାଲିମ୍ ଅବଧି: ଗ୍ରୁପ୍ A ହସ୍ତଶିଳ୍ପ-୧୨ ମାସ ଓ ଗ୍ରୁପ୍ B ହସ୍ତଶିଳ୍ପ-୬ ମାସ । |
| | (ଗ) ଶିଳ୍ପୀଗ୍ରାମ ଯୋଜନା (Craft village programme) | ହସ୍ତଶିଳ୍ପ ପୁଞ୍ଜର କାରିଗରମାନଙ୍କୁ ଆତ୍ମନିଯୁକ୍ତି ସହାୟତା ପ୍ରଦାନ କରିବା ନିମନ୍ତେ ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କରାଯାଇ ସେମାନଙ୍କର ଦକ୍ଷତା ବୃଦ୍ଧି, କାରିଗରୀ କୌଶଳ ଅଭିବୃଦ୍ଧି ତାଲିମ୍, ଯନ୍ତ୍ରପାତି ଯୋଗାଣ ଓ ବ୍ୟାଙ୍କ ଋଣ ପାଇଁ ସହାୟତା । ପ୍ରତି କାର୍ଯ୍ୟକ୍ରମ ପାଇଁ ୨ଟି ବା ତତୋଧିକ ସ୍ୱୟଂ ସହାୟକ ଗୋଷ୍ଠୀର ଅନ୍ୟୁନ ୩୦ ଜଣ କାରିଗରଙ୍କୁ ବିଚାରକୁ ନିଆଯିବ । କାରିଗରମାନଙ୍କ ବୟସ ସୀମା ୧୮ ରୁ ୫୦ ବର୍ଷ । ପ୍ରଶିକ୍ଷକଙ୍କ ମାସିକ ପାରିତୋଷିକ ଟ.୧୫,୦୦୦/- ଓ ଶିକ୍ଷାର୍ଥୀଙ୍କ ମାସିକ ବୃତ୍ତିର ପରିମାଣ ଟ.୧,୦୦୦/- । ତାଲିମ୍ ଅବଧି: ଗ୍ରୁପ୍ A ହସ୍ତଶିଳ୍ପ-୧୨ ମାସ ଓ ଗ୍ରୁପ୍ B ହସ୍ତଶିଳ୍ପ-୬ ମାସ । |
| ୨. | ହସ୍ତଶିଳ୍ପ କାରିଗରଙ୍କ କର୍ମଶାଳା ତଥା ବାସଗୃହ ନିର୍ମାଣ ଯୋଜନା ( Workshed – Cum- Housing) | ହସ୍ତଶିଳ୍ପ କାରିଗରମାନଙ୍କୁ ୨୭୦ ବର୍ଗ ଫୁଟର କର୍ମଶାଳା ତଥା ବାସଗୃହ ନିର୍ମାଣ ନିମନ୍ତେ ଟ.୧,୨୦,୦୦୦/- (IAP ଜିଲ୍ଲା ପାଇଁ ଟ.୧,୩୦,୦୦୦/-) ର ଅନୁଦାନ । ଦାରିଦ୍ର୍ୟ ସୀମାରେଖା ତଳେ ଥିବା / ଉପଯୁକ୍ତ ଦାରିଦ୍ର୍ୟ ସୀମାରେଖା ଉର୍ଦ୍ଧ୍ୱରେ ଥିବା କାରିଗର ଦରଖାସ୍ତ କରିପାରିବେ । ଆଦିବାସୀ/ ହରିଜନ/ ମହିଳା/ ଭିନ୍ନକ୍ଷମ କାରିଗରମାନଙ୍କୁ ଅଗ୍ରାଧିକାର ପ୍ରଦାନ । ପ୍ରାର୍ଥୀ ହସ୍ତଶିଳ୍ପ କ୍ଷେତ୍ରରେ ଅତିକମ୍‌ରେ ବିଗତ ୫ ବର୍ଷ ଧରି କାର୍ଯ୍ୟରତ ଥିବେ । ଭାରତ ସରକାରଙ୍କ ଦ୍ୱାରା ପ୍ରଦତ୍ତ ପରିଚୟ ପତ୍ର ନ ଥିବା କ୍ଷେତ୍ରରେ ସମ୍ପୃକ୍ତ ଆଞ୍ଚଳିକ ଶିଳ୍ପ କେନ୍ଦ୍ର/ ଜିଲ୍ଲା ଶିଳ୍ପ କେନ୍ଦ୍ର ର ସାଧାରଣ ପରିଚାଳକ / ଜିଲ୍ଲା କୁଟୀର ଶିଳ୍ପ ଅଧିକାରୀ ଏ ବିଷୟରେ ପ୍ରମାଣ ପତ୍ର ପ୍ରଦାନ କରିବେ । |
| ୩. | ଶିଳ୍ପୀ ଉନ୍ନତି ଯୋଜନା (S.U.Y) | ୧୮ ରୁ ୬୦ ବର୍ଷ ବୟସ ସୀମା ମଧ୍ୟରେ ପାରମ୍ପରିକ /ତାଲିମ୍ ପ୍ରାପ୍ତ ହସ୍ତଶିଳ୍ପ କାରିଗରମାନଙ୍କର ଉନ୍ନତି ନିମନ୍ତେ ବ୍ୟାଙ୍କ୍ ମାଧ୍ୟମରେ ସର୍ବାଧିକ ଟ.୫୦,୦୦୦/- ଟଙ୍କାର ଋଣ ପ୍ରଦାନ । କେବଳ ଚାନ୍ଦୁଆ ଶିଳ୍ପ, ପଟ୍ଟଚିତ୍ର ଓ ଟସରଶିଳ୍ପ, କାଠ ଖୋଦେଇ, ପଥର ଖୋଦେଇ, ଆଦିବାସୀ ଅଳଙ୍କାର, କଂସା ଓ ପିତ୍ତଳ ଏବଂ ଢୋକ୍ରା କାମପାଇଁ ସର୍ବାଧିକ ଟ.୧,୦୦,୦୦୦/- ଋଣ ପ୍ରଦାନ । ପ୍ରକଳ୍ପ ମୂଲ୍ୟର ୨୦% (ସର୍ବାଧିକ ଟ.୨୦,୦୦୦/-ର) ଆର୍ଥିକ ଅନୁଦାନ ସହାୟତା । |

**ବି. ଦ୍ର:** ଗ୍ରୁପ୍ A ହସ୍ତଶିଳ୍ପ- ପଥର ଖୋଦେଇ, କାଠ ଖୋଦେଇ, ପଟ୍ଟଚିତ୍ର, ରୁପା ତାରକସି କାମ, ଢୋକରା କାମ ଏବଂ କଂସା ଓ ପିତ୍ତଳ କାମ ।
ଗ୍ରୁପ୍ B ହସ୍ତଶିଳ୍ପ- ଅନୁମୋଦିତ ଅନ୍ୟାନ୍ୟ ୪୪ ଗୋଟି ହସ୍ତଶିଳ୍ପ ।

ଉପରୋକ୍ତ ସମସ୍ତ ଯୋଜନା ନିମନ୍ତେ ଦରଖାସ୍ତର ନମୁନା ଓ ସବିଶେଷ ତଥ୍ୟ ସମ୍ପୃକ୍ତ ଆଞ୍ଚଳିକ ଶିଳ୍ପ କେନ୍ଦ୍ର/ ଜିଲ୍ଲା ଶିଳ୍ପ କେନ୍ଦ୍ର/ ସ୍ଥାନୀୟ ଶିଳ୍ପ ବିକାଶ ଅଧିକାରୀଙ୍କ ଠାରୁ ଉପଲବ୍ଧ ହୋଇପାରିବ । ହସ୍ତଶିଳ୍ପ କାରିଗରମାନଙ୍କୁ ଅନୁରୋଧ ସେମାନେ ଉପରୋକ୍ତ ଯୋଜନାରେ ସହାୟତାପାଇଁ ନିର୍ଦ୍ଧାରିତ ଫର୍ମରେ ଆବଶ୍ୟକୀୟ କାଗଜ ପତ୍ର ସହିତ ସମ୍ପୃକ୍ତ ଜିଲ୍ଲା ଶିଳ୍ପ କେନ୍ଦ୍ର / ଆଞ୍ଚଳିକ ଶିଳ୍ପ କେନ୍ଦ୍ରରେ ତା. **୧୫.୦୪.୨୦୨୦** ସୁଦ୍ଧା ଆବେଦନ କରନ୍ତୁ । ଆବଶ୍ୟକ ସ୍ଥଳେ ଓଡିଶା ସରକାର ଉପରୋକ୍ତ ନିୟମାବଳୀର ପରିବର୍ତ୍ତନ କରିପାରିବେ ।

ନିର୍ଦ୍ଦେଶକ
**ହସ୍ତ ଓ କୁଟୀର ଶିଳ୍ପ ନିର୍ଦ୍ଦେଶାଳୟ, ଓଡିଶା**

OIPR-43002/11/0022/1920

## ଏନ୍‌କାଉଣ୍ଟରରେ ଆତଙ୍କବାଦୀ ନିହତ

ନୂଆଦିଲ୍ଲୀ, ୧୩ା୩: ଜମ୍ମୁ-କଶ୍ମୀରର ବାରାମୁଲ୍ଲା ଜିଲାରେ ସୁରକ୍ଷାକର୍ମୀଙ୍କ ସହ ଏନ୍‌କାଉଣ୍ଟରରେ ଜଣେ ଆତଙ୍କବାଦୀ ନିହତ ହୋଇଛନ୍ତି। ଜିଲାର ଶହତୁଲ୍ଲା ଗ୍ରାମରେ ସୁରକ୍ଷାକର୍ମୀଙ୍କ ପକ୍ଷରୁ ପ୍ରଥମେ କର୍ଡନ କରାଯାଇ ସର୍ଚ୍ଚ ଅପରେଶନ ଆରମ୍ଭ କରାଯାଇଥିଲା। ପ୍ରଥମେ ସୁରକ୍ଷାକର୍ମୀଙ୍କ ଉପରକୁ ଗୁଳିମାଡ଼ କରାଯିବା ପରେ ଏହାର କଡ଼ା ଜବାବ୍ ଦିଆଯାଇଥିଲା ବୋଲି ପୋଲିସ ପକ୍ଷରୁ କୁହାଯାଇଛି। ନିହତ ଆତଙ୍କବାଦୀ ଓ ସେ ସମ୍ପୃକ୍ତ ଥିବା ସଙ୍ଗଠନ ସମ୍ପର୍କରେ ଖୋଳତାଡ଼୍ ଜାରି ରହିଥିବା ପ୍ରକାଶ।



## ସଂକ୍ଷେପରେ

### କରୋନା ୱାର୍ଡରେ ଜଣଙ୍କ ମୃତ୍ୟୁ

**ଥିରୁଭାନନ୍ତପୁରମ୍, ୧୩ା୩:** କେରଳର କୋଟ୍ଟାୟାମ ହସ୍ପିଟାଲର କରୋନା ଆଇସୋଲେଶନ ୱାର୍ଡରେ ଭର୍ତ୍ତି ହୋଇଥିବା ଜଣେ ୭୨ ବର୍ଷୀୟ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଛି। ସେ କୋଟ୍ଟାୟାମରେ କେତେଜଣ କରୋନା ସଂକ୍ରମିତଙ୍କ ସଂସ୍ପର୍ଶରେ ଆସିଥିବାରୁ ତାଙ୍କୁ ହସ୍ପିଟାଲର ସ୍ୱତନ୍ତ୍ର ୱାର୍ଡରେ ରଖାଯାଇଥିଲା। ତେବେ ତାଙ୍କଠାରେ କରୋନା ଭୂତାଣୁ ନ ଥିବା ପରୀକ୍ଷାରୁ ଜଣାପଡିଛି। ସେପ୍ଟିସେମିଆରେ ତାଙ୍କର ମୃତ୍ୟୁ ହୋଇଥିବା ଜିଲା ମେଡିକାଲ ଅଫିସର କହିଛନ୍ତି। କେରଳରେ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୭ରେ ପହଞ୍ଚିଛି।

### ମାସ୍କ, ସାନିଟାଇଜର ଅତ୍ୟାବଶ୍ୟକ ସାମଗ୍ରୀ ଘୋଷିତ

**ନୂଆଦିଲ୍ଲୀ, ୧୩ା୩ (ପି.ଟି.):** କରୋନା ପ୍ରତିକାର ପାଇଁ ମାସ୍କ ଓ ହ୍ୟାଣ୍ଡ ସାନିଟାଇଜର ଅତି ଜରୁରୀ ହୋଇପଡ଼ିଥିବାରୁ ଜୁନ୍ ୩୦ ପର୍ଯ୍ୟନ୍ତ ଏହାକୁ ଅତ୍ୟାବଶ୍ୟକ ସାମଗ୍ରୀ ତାଲିକାରେ ସାମିଲ କରାଯାଇଛି। ଖାଉଟୀ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଏହା ଘୋଷଣା ହୋଇଛି। ଅତ୍ୟାବଶ୍ୟକ ସାମଗ୍ରୀ ଆଇନ ଅନୁଯାୟୀ ଏହାକୁ ଧାର୍ଯ୍ୟ ଏମ୍‌ଆର୍‌ପି (ଖୁଚୁରା ମୂଲ୍ୟ)ଠାରୁ ଅଧିକ ଦାମ୍‌ରେ ବିକ୍ରି କଲେ କିମ୍ବା ଗଚ୍ଛିତ ରଖିଲେ କର୍ତ୍ତୃପକ୍ଷ ଚଡ଼ାଉ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବେ।

### ଅଟ୍ଟାରୀ-ୱାଘା ସୀମାରେ ବିଦେଶୀ ପ୍ରବେଶ ବନ୍ଦ

**ଅମୃତସର, ୧୩ା୩ (ପି.ଟି.):** ଅଟ୍ଟାରୀ-ୱାଘା ସୀମାଦେଇ ପାକିସ୍ତାନ ପଟୁ ବିଦେଶୀ ନାଗରିକଙ୍କ ପ୍ରବେଶକୁ ବନ୍ଦ କରିଦିଆଯାଇଛି। ଯେଉଁ ଭାରତୀୟ ବାହାରକୁ ଯାଇଥିବେ ଭିଜା ମିଆଦ ପୂରିବା ପୂର୍ବରୁ ସେମାନଙ୍କୁ ଫେରିଆସିବାକୁ ଅନୁମତି ଦିଆଯିବ ବୋଲି ବିଏସ୍‌ଏଫ୍‌ର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। କର୍ତାରପୁର କରିଡର ଦେଇ ଗୁରୁଦାସପୁରର ଡେରା ବାବା ନାନକରୁ ପାକିସ୍ତାନର ଗୁରୁଦ୍ୱାର ଦରବାର ସାହିବକୁ ତୀର୍ଥଯାତ୍ରୀଙ୍କ ଯାତାୟାତ ଜାରି ରହିବ। କଟକଣା ଯୋଗୁ ଅଟ୍ଟାରୀ-ୱାଘା ସୀମାନ୍ତ ଦେଇ ଆଫଗାନିସ୍ତାନରୁ ମାଲ୍ ପରିବହନ ପ୍ରଭାବିତ ହେବ।

### ଦିଲ୍ଲୀ ବିଧାନସଭାରେ ଏନ୍‌ପିଆର୍ ବିରୋଧୀ ପ୍ରସ୍ତାବ

**ନୂଆଦିଲ୍ଲୀ, ୧୩ା୩:** ଦିଲ୍ଲୀ ବିଧାନସଭାରେ ଶୁକ୍ରବାର ଏନ୍‌ପିଆର୍ (ଜାତୀୟ ଜନସଂଖ୍ୟା ପଞ୍ଜୀକରଣ) ବିରୋଧରେ ପ୍ରସ୍ତାବ ଆଗତ କରାଯାଇଛି। ପରିବେଶ ମନ୍ତ୍ରୀ ଗୋପାଳ ରାୟ ଏହାକୁ ଗୃହରେ ଆଗତ କରିଛନ୍ତି। ଏନ୍‌ଆର୍‌ସି ଏବଂ ଏନ୍‌ପିଆର୍ ଲାଗୁ କରାଗଲେ ଏହା ଅଧିକାଂଶ ଲୋକଙ୍କ ଉପରେ ପ୍ରଭାବ ପକାଇବ ବୋଲି ସେ ପ୍ରକାଶ କରିଛନ୍ତି। ଏଭଳି ଘଟଣା ବ୍ରିଟିଶ ଅମଳରେ ମଧ ଘଟି ନ ଥିଲା। ଜଣକ ନାଗରିକତ୍ୱ ନେଇ ଏହା ପ୍ରଶ୍ନବାଚୀ ସୃଷ୍ଟିକରୁଥିବା ସେ ମତ ଦେଇଛନ୍ତି। ଦିଲ୍ଲୀରେ ଏନ୍‌ପିଆର୍ ଲାଗୁ କରାଯିବ ନାହିଁ ଏବଂ ଯଦି ଏହାକୁ ଲାଗୁ କରାଯାଏ, ତେବେ ୨୦୧୦ ପ୍ରକ୍ରିୟାକୁ ଗ୍ରହଣ କରାଯିବା ଠିକ୍ ହେବ ବୋଲି ରାୟ କହିଛନ୍ତି।

# ପୁରୀ ହୋଟେଲ ଶିଳ୍ପ ପ୍ରଭାବିତ

## କରୋନା ଭୟ: ବାତିଲ ହେଉଛି କନ୍‌ଫରେନ୍ସ ବୁକିଂ

**ପୁରୀ ଅଫିସ, ୧୩ା୩**




ଫନୀ ମାଡ଼ରେ କ୍ଷତିଗ୍ରସ୍ତ ହୋଇଥିଲା ପୁରୀର ହୋଟେଲ ଶିଳ୍ପ। ଦୋହଲି ଯାଇଥିଲା ଭିତ୍ତିଭୂମି। ପୁଣିଥରେ ଅଣ୍ଟା ସଳଖିବାକୁ ସଂଘର୍ଷ କରିଥିଲେ ହୋଟେଲ ମାଲିକ। ପ୍ରାୟ ସବୁ ହୋଟେଲ ପୁଣି ପର୍ଯ୍ୟଟକଙ୍କୁ ଆତିଥେୟତା ଦେବା ଲାଗି ପ୍ରସ୍ତୁତ ହୋଇଯାଇଥିବା ବେଳେ ଏବେ କରୋନାର ପ୍ରଭାବ ଦେଖିବାକୁ ମିଳିଛି। କଟକଣା ଯୋଗୁ ଆସୁନାହାନ୍ତି ବିଦେଶୀ ପର୍ଯ୍ୟଟକ। ଦେଶୀୟ ପର୍ଯ୍ୟଟକ ବି କରୋନାକୁ ନେଇ ଭୟଭୀତ ହୋଇପଡ଼ିଛନ୍ତି। ଫଳରେ ପୁରୀର ହୋଟେଲ ଶିଳ୍ପ ଧୀରେ ଧୀରେ ପ୍ରଭାବିତ ହେବାରେ ଲାଗିଛି।

ପର୍ଯ୍ୟଟନ ଶିଳ୍ପର ଭିତ୍ତିଭୂମି ହେଉଛି ହୋଟେଲ। ହୋଟେଲ ଶିଳ୍ପ ଯୋଗୁ ହିଁ ଆର୍ଥିକ ମାନଦଣ୍ଡ ସୁଦୃଢ଼ ହୋଇଥାଏ। ଦେଶ ବିଦେଶର ପର୍ଯ୍ୟଟକ ରାଜ୍ୟକୁ ଆସିଲେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଅନେକ ଲୋକ ସ୍ୱାବଲମ୍ବୀ ହୋଇଥାନ୍ତି। ତେବେ ଓଡ଼ିଶା ପର୍ଯ୍ୟଟନ ମାନଚିତ୍ରରେ ପୁରୀର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି। ପ୍ରତ୍ୟହ ଏଠାକୁ ଦେଶ ବିଦେଶର ଶ୍ରଦ୍ଧାଳୁ ଓ ପର୍ଯ୍ୟଟକ ଆସିଥାନ୍ତି। ଶ୍ରୀମନ୍ଦିର, ବେଳାଭୂମି ସାଙ୍ଗକୁ ଏହାର ଆଖପାଖରେ ବହୁ ଦର୍ଶନୀୟ ସ୍ଥାନ ରହିଛି। ତେଣୁ ପୁରୀରେ ରହିବାକୁ ପର୍ଯ୍ୟଟକମାନେ ସାଧାରଣତଃ ପସନ୍ଦ କରିଥାନ୍ତି। ଏହାକୁ ଦୃଷ୍ଟିରେ ରଖି ପୁରୀ ସହରରେ ପ୍ରାୟ ୧,୦୦୦ରୁ ଊର୍ଦ୍ଧ୍ୱ ହୋଟେଲ, ଲଜ୍ଜ, ହଲିଡେ ହୋମ୍ ଆଦି ରହିଛି। ଗତ ଫନୀ ବାତ୍ୟାରେ ଅଧିକାଂଶ ହୋଟେଲ କ୍ଷତିଗ୍ରସ୍ତ ହୋଇଥିଲା। ଏହାକୁ ସଜାଡ଼ିବା ପାଇଁ ମାସ ମାସ ସମୟ ଲାଗିଯାଇଥିଲା। ବର୍ତ୍ତମାନ ସୁଦ୍ଧା ପ୍ରାୟ ହୋଟେଲ ପ୍ରସ୍ତୁତ ହୋଇଯାଇଛନ୍ତି। ହେଲେ କରୋନାକୁ ନେଇ ଚିନ୍ତିତ ହୋଇପଡ଼ିଛନ୍ତି ହୋଟେଲ, ହଲିଡେ ହୋମ୍ ଏବଂ ଲଜ୍ଜ ମାଲିକ। ଏବେ ଯେଭଳି ଭାବେ ଲୋକଙ୍କ ଭିତରେ ଭୟର ବାତାବରଣ ସୃଷ୍ଟି ହେଲାଣି ଏବଂ ଆଗକୁ ଯଦି ଏଭଳି ସ୍ଥିତି ରହେ ତେବେ ହୋଟେଲ ଶିଳ୍ପ ନିଶ୍ଚିତ ଅଧିକ ମାତ୍ରାରେ ପ୍ରଭାବିତ ହେବ ବୋଲି ସେମାନେ ଆଶଙ୍କା କରିଛନ୍ତି।

ପୂର୍ବରୁ ସାଧାରଣ ଦିନରେ ପୁରୀରେ ପର୍ଯ୍ୟଟକଙ୍କ ସମାଗମ ଦେଖିବାକୁ ମିଳେ। ବିଶେଷକରି ବିଦେଶୀ ପର୍ଯ୍ୟଟକ ବହୁ ସଂଖ୍ୟାରେ ପୁରୀ ଆସିଥାନ୍ତି। ଏମାନେ ସହରର ବିଭିନ୍ନ ହୋଟେଲରେ ରହିବା ସହିତ ପୁରୀ ଏବଂ କୋଣାର୍କ, ଚନ୍ଦ୍ରଭାଗା, ଚିଲିକା, ସାତପଡ଼ା ପ୍ରଭୃତି ଦର୍ଶନୀୟସ୍ଥଳ ବୁଲି ଯାଇଥାନ୍ତି। ବିଭିନ୍ନ ସମୟରେ ଶ୍ରୀଜଗନ୍ନାଥ ସଂସ୍କୃତି ଉପରେ ଗବେଷଣା ଲାଗି ଦେଶ, ଦେଶ ବାହାରୁ ଲୋକ ପୁରୀ ଆସିଥାନ୍ତି। ପ୍ରାୟ ମାସେ ହେବ ପୁରୀକୁ ପର୍ଯ୍ୟଟକଙ୍କ ଆଗମନ ସେମିତି ନାହିଁ। ଏହାର ପ୍ରମୁଖ କାରଣ କରୋନା ବୋଲି କୁହାଯାଉଛି। ବିଦେଶୀ ପର୍ଯ୍ୟଟକଙ୍କ ଉପରେ କଟକଣା ଥିବାବେଳେ ଦେଶୀୟ ପର୍ଯ୍ୟଟକ ମଧ୍ୟ କରୋନାକୁ ନେଇ ଭୟଭୀତ ହୋଇପଡ଼ିଛନ୍ତି, ଯାହାକି ପୁରୀ ହୋଟେଲ ଶିଳ୍ପ ପାଇଁ ଏକ ଖରାପ ସୂଚନା। ଏ ସମ୍ପର୍କରେ ପୁରୀ ହୋଟେଲ ସଂଘ ସମ୍ପାଦକ ତଥା ହାରୋର ଉପାଧକ୍ଷ ରାଜକିଶୋର ପାତ୍ର କହିଛନ୍ତି, କରୋନାର ପ୍ରଭାବ ଧୀରେ ଧୀରେ ହୋଟେଲ ଶିଳ୍ପ ଉପରେ ପରିଲକ୍ଷିତ ହେଲାଣି। ବିଦେଶୀଙ୍କ ସଂଖ୍ୟା ସମ୍ପୂର୍ଣ୍ଣ ଭାବେ ହ୍ରାସ ପାଇଛି। ଏବେ ହାତଗଣତି କେତେଜଣ ବିଦେଶୀ ପର୍ଯ୍ୟଟକ ଅଛନ୍ତି। ଯେଉଁସବୁ ହୋଟେଲରେ କନ୍‌ଫରେନ୍ସ ପାଇଁ ପୂର୍ବରୁ ବୁକିଂ କରାଯାଇଥିଲା ତାହାକୁ ଏବେ ଆୟୋଜକ ବାତିଲ କରୁଛନ୍ତି। ଏହା ବଡ଼ ବଡ଼ ହୋଟେଲ ଉପରେ ଅଧିକ ମାତ୍ରାରେ ପ୍ରଭାବ ପକାଇଛି। ଦେଶୀୟ ପର୍ଯ୍ୟଟକଙ୍କ ସଂଖ୍ୟା ଯଦିଓ ଏତେଟା ଜଣାପଡ଼ିନାହିଁ, ଆଗକୁ କରୋନା ଭାଇରସ୍ ଯଦି ନିୟନ୍ତ୍ରଣକୁ ନ ଆସେ ତେବେ ନିଶ୍ଚିତ ହୋଟେଲ ମାଲିକମାନେ ମୁଣ୍ଡରେ ହାତ ଦେବେ। ତଥାପି ଏଭଳି ଏକ ବିପଦ ସମୟରେ ସମସ୍ତଙ୍କୁ ଧୈର୍ଯ୍ୟର ସହ ଏହାକୁ ମୁକାବିଲା କରିବାକୁ ପଡ଼ିବ। ପର୍ଯ୍ୟଟନ ସହକାରୀ ନିର୍ଦ୍ଦେଶକ ବିଜୟ କୁମାର ଜେନା କହିଛନ୍ତି, ବର୍ତ୍ତମାନ ହୋଟେଲ ଶିଳ୍ପ ଉପରେ କରୋନାର ପ୍ରଭାବ ଏତେଟା ପ୍ରତିଫଳିତ ହୋଇନାହିଁ। ବିଦେଶୀ ପର୍ଯ୍ୟଟକଙ୍କ ସଂଖ୍ୟା କମିଛି, କିନ୍ତୁ ଘରୋଇ ପର୍ଯ୍ୟଟକ ଠିକ୍‌ଠାକ ଅଛନ୍ତି। କିନ୍ତୁ ଆଗକୁ ସ୍ଥିତି କ'ଣ ହେବ ଏବେଠୁ କହି ହେଉନାହିଁ।

# ସେନ୍‌ଗାରଙ୍କୁ ୧୦ ବର୍ଷ ଜେଲ୍

## ଉନ୍ନାଓ ପୀଡ଼ିତା ବାପାଙ୍କୁ ହାଜତରେ ହତ୍ୟା ମାମଲା

**ନୂଆଦିଲ୍ଲୀ, ୧୩ା୩(ପି.ଟି.)**



ଉନ୍ନାଓ ବଳାତ୍କାର ପୀଡ଼ିତାଙ୍କ ବାପା ହାଜତରେ ଥିବାବେଳେ ତାଙ୍କୁ ହତ୍ୟା କରାଯାଇଥିଲା। ଏହି ମାମଲାରେ ଉତ୍ତରପ୍ରଦେଶର ଅଯୋଗ୍ୟ ଘୋଷିତ ବିଧାୟକ କୁଲଦୀପ୍ ସିଂ ସେନ୍‌ଗାରଙ୍କୁ ଦୋଷୀସାବ୍ୟସ୍ତ କରାଯିବା ସହ ୧୦ ବର୍ଷ ଜେଲ୍‌ଦଣ୍ଡାଦେଶ ହୋଇଛି। ଏଥିସହିତ ତାଙ୍କୁ ୧୦ ଲକ୍ଷ ଟଙ୍କା ଅର୍ଥଦଣ୍ଡରେ ଦଣ୍ଡିତ କରାଯାଇଛି। ବଳାତ୍କାର ମାମଲାରେ ଦୋଷୀସାବ୍ୟସ୍ତ ହୋଇ ସେନ୍‌ଗାର ଏବେ ଜେଲ୍‌ରେ ଅଛନ୍ତି। ସେନ୍‌ଗାରଙ୍କ ଭାଇ ଅତୁଲ ଓ ଅନ୍ୟ ୫ ଜଣ ମଧ ହାଜତ ହତ୍ୟାକାଣ୍ଡ ସହ ସମ୍ପୃକ୍ତ ଥିଲେ। ସେମାନଙ୍କୁ ୧୦ ବର୍ଷ ଲେଖାଏ ଜେଲ୍‌ଦଣ୍ଡ ଶୁଣାଇଛନ୍ତି ଜିଲା ଜଜ୍ ଧର୍ମେଶ ଶର୍ମା। ପରିବାରର ରୋଜଗାରିଆ ବ୍ୟକ୍ତିଙ୍କୁ ହତ୍ୟା ଘଟଣାରେ ଉଦାରତା ପ୍ରଦାନ କରାଯାଇପାରିବ ନାହିଁ ବୋଲି ବିଚାରପତି କହିଥିଲେ। ଆଇପିସିର ଧାରା ୩୦୪ରେ ଅଭିଯୁକ୍ତମାନଙ୍କୁ ଉଦ୍ଦେଶ୍ୟବିହୀନ ହତ୍ୟା ଲାଗି ଦୋଷୀସାବ୍ୟସ୍ତ କରାଯାଇଛି। ଉନ୍ନାଓ ପୀଡ଼ିତାଙ୍କ ବାପାଙ୍କୁ ୨୦୧୮ ଏପ୍ରିଲ ୩ରେ ସେନ୍‌ଗାରଙ୍କ ଲୋକମାନେ ମାଡ଼ ମାରି ଗୁରୁତର କରିଥିଲେ। ଏଥିସହିତ ମିଥ୍ୟା ମାମଲାରେ ତାଙ୍କୁ ଗିରଫ କରାଯାଇ ହାଜତରେ ରଖାଯାଇଥିଲା। ସେଠାରୁ ଗୁରୁତର ଅବସ୍ଥାରେ ତାଙ୍କୁ ହସ୍ପିଟାଲ ନିଆଯାଇଥିଲା। ତେବେ ଡାକ୍ତରମାନଙ୍କ ଅବହେଳା ଯୋଗୁ ତାଙ୍କର ମୃତ୍ୟୁ ଘଟିଥିଲା ବୋଲି ତଦନ୍ତରୁ ପ୍ରମାଣିତ ହୋଇଛି। ଅବହେଳା ପାଇଁ ଡାକ୍ତରଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ଅଦାଲତ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ଦୋଷୀଙ୍କୁ ୭ ବର୍ଷ କାରାଦଣ୍ଡାଦେଶ

## ବନ୍ଧୁକ ଦେଖାଇ ଲୁଟ୍ ମାମଲା

**ଅନୁଗୋଳ ଅଫିସ୍, ୧୩ା୩**

ଏକ ଡକାୟତି ମାମଲାର ବିଚାର କରି ଅନୁଗୋଳ ଆସିଷ୍ଟାଣ୍ଟ ସେସନ୍ ଜଜ୍ କମ୍ ସିଜେଏମ୍ କୋର୍ଟ ଅଭିଯୁକ୍ତ ଜରାସିଂହାର କାଳିଆ ଓରଫ ପ୍ରଦୀପ ବେହେରା(୨୮)ଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୭ ବର୍ଷ କାରାଦଣ୍ଡାଦେଶ ପ୍ରଦାନ କରିଛନ୍ତି। ଏଥିସହ ୫ ହଜାର ଟଙ୍କା ଜରିମାନା ଦେବାକୁ ବିଚାରପତି ସି.ଏଚ. ବାସୁଦେବ ପାତ୍ର ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟସ୍ଥଳେ ଅଧିକ ୧ ବର୍ଷ କାରାଦଣ୍ଡ ଭୋଗିବାକୁ କୋର୍ଟ ରାୟରେ ଉଲ୍ଲେଖ କରିଛନ୍ତି।

ମାମଲାର ବିବରଣୀରୁ ପ୍ରକାଶ ଯେ, ୨୦୧୪ ଅଗଷ୍ଟ ୯ରେ କୁମଣ୍ଡ (ଭଣ୍ଡୁବର) ଗ୍ରାମର ପ୍ରିୟବ୍ରତ ଦେହୁରୀଙ୍କ ଘରେ ସଶସ୍ତ୍ର ଡକାୟତି ହୋଇଥିଲା। ସନ୍ଧ୍ୟା ୮ଟାରେ କେତେଜଣ ଦୁର୍ବୃତ୍ତ ବନ୍ଧୁକ ଓ ଭୁଜାଲି ଦେଖାଇ ପ୍ରିୟବ୍ରତଙ୍କ ବାପା ପ୍ରଶନ୍ନ କୁମାର ଦେହୁରୀଙ୍କୁ ମାଡ଼ ମାରିଥିଲେ। ବିରୋଧ କରିବାରୁ ପ୍ରିୟବ୍ରତଙ୍କ ହାତ ଗୋଡ଼ ବାନ୍ଧି ଦେଇଥିଲେ। ପରେ ତାଙ୍କ ଜେଜେ ମା ଓ ଜେଜେ ବାପାଙ୍କୁ ଗୋଟିଏ ଘରେ ଭର୍ତ୍ତି କରିବା ସହ ମା ଓ ଭଉଣୀଙ୍କୁ ମାଡ଼ ମାରି ଚେନ୍, କାନ ଫୁଲ, ମୁଦି ଓ ଆଲମାରିରେ ଥିବା ୩୦ ହଜାର ଟଙ୍କା, ୫ଟି ମୋବାଇଲ ଏବଂ ଲାପଟପ ନେଇ ଚମ୍ପଟ ମାରିଥିଲେ। ଅଭିଯୋଗ ପାଇ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ପ୍ରଦୀପ ବେହେରାଙ୍କ ସହ କେତେଜଣଙ୍କୁ କାବୁ କରିଥିଲା। ଇତିମଧ୍ୟରେ ପ୍ରଦୀପଙ୍କ ଶୁଣାଣି ଶେଷ ହୋଇଥିବାବେଳେ ଅନ୍ୟମାନଙ୍କ ବିଚାର ପ୍ରକ୍ରିୟା ଜାରି ରହିଛି ବୋଲି କୋର୍ଟ ପକ୍ଷରୁ ସୂଚନା ମିଳିଛି। ସରକାରଙ୍କ ପକ୍ଷରୁ ଏପିପି ଧ୍ରୁବ ଚରଣ ସାହୁ ମାମଲା ପରିଚାଳନା କରିଥିଲେ।

# ନିର୍ଭୟା ମାମଲାରେ ହାଇକୋର୍ଟ ଗଲେ ବିନୟ ଶର୍ମା

## କ୍ଷମା ଆବେଦନ ଖାରଜରେ ଅନିୟମିତତା ଅଭିଯୋଗ



**ନୂଆଦିଲ୍ଲୀ, ୧୩ା୩(ପି.ଟି.)**

ଫାଶୀ ପାଇବାକୁ ଆଉ ସପ୍ତାହେ ବାକି ଥିବାବେଳେ ନିର୍ଭୟା ଗଣବଳାତ୍କାର ଓ ହତ୍ୟା ମାମଲାର ଅନ୍ୟତମ ଅପରାଧୀ ବିନୟ ଶର୍ମା ଶୁକ୍ରବାର ଦିଲ୍ଲୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ତାଙ୍କ ରାଜକ୍ଷମା ଆବେଦନ ଖାରଜ କରିବା ଲାଗି ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କୁ ଦିଲ୍ଲୀ ସରକାର ସୁପାରିସ କରିବାରେ ପ୍ରକ୍ରିୟାଗତ ତ୍ରୁଟି ଓ ସାମ୍ବିଧାନିକ ଅନିୟମିତତା ହୋଇଥିବା ସେ ଅଭିଯୋଗ କରିଛନ୍ତି। ବିନୟଙ୍କ ତରଫରୁ ଆଇନଜୀବୀ ଏ.ପି. ସିଂ ଏହି ପିଟିଶନ ଦାଏର କରିଛନ୍ତି। ଫେବୃୟାରୀ ୧ରେ ରାଷ୍ଟ୍ରପତି ବିନୟଙ୍କ କ୍ଷମା ଆବେଦନକୁ ଖାରଜ କରିଥିଲେ। ରାଷ୍ଟ୍ରପତିଙ୍କ ପାଖକୁ ପଠାଯାଇଥିବା ସୁପାରିସ ପତ୍ରରେ ଦିଲ୍ଲୀ ଗୃହମନ୍ତ୍ରୀ ସତ୍ୟେନ୍ଦ୍ର ଜୈନଙ୍କ ସ୍ୱାକ୍ଷର ନ ଥିଲା ବୋଲି ପିଟିଶନରେ ଅଭିଯୋଗ କରାଯାଇଛି।

# କ୍ୟାଟେରିନା ଗ୍ରୀସ୍‌ର ପ୍ରଥମ ମହିଳା ରାଷ୍ଟ୍ରପତି

**ଏଥେନ୍ସ, ୧୩ା୩(ଏ.ପି.)**



ଗ୍ରୀସ୍‌ର ପୂର୍ବତନ ହାଇକୋର୍ଟ ବିଚାରପତି କ୍ୟାଟେରିନା ସାକେଲାରୋପୋଲୋଉ ଶୁକ୍ରବାର ଦେଶର ପ୍ରଥମ ମହିଳା ରାଷ୍ଟ୍ରପତି ଭାବେ ଶପଥ ନେଇଛନ୍ତି। ଗ୍ରୀସ୍ ପାର୍ଲାମେଣ୍ଟରେ ବିପୁଳ ଭୋଟ ପାଇ ନିର୍ବାଚିତ ହେବାର ପ୍ରାୟ ଦୁଇମାସ ପରେ କ୍ୟାଟେରିନା ଏହି ଗୁରୁଦାୟିତ୍ୱ ଗ୍ରହଣ କରିଛନ୍ତି। କରୋନା ଭାଇରସ ସଂକ୍ରମଣ ବୃଦ୍ଧିପାଉଥିବାରୁ ପାର୍ଲାମେଣ୍ଟରେ ଖୁବ୍ କମ୍ ସଦସ୍ୟଙ୍କ ଉପସ୍ଥିତିରେ କ୍ୟାଟେରିନାଙ୍କ ଶପଥଗ୍ରହଣ ଉତ୍ସବ ହୋଇଥିଲା। ସେଠାରେ ହାତଗଣତି କେତେଜଣ ଆଇନପ୍ରଣେତା ଓ ଖବରଦାତା ଉପସ୍ଥିତ ଥିଲେ। ପ୍ରଧାନମନ୍ତ୍ରୀ କିରିଆକୋସ୍ ମିତ୍‌ସୋଟାକିସ୍ ତାଙ୍କୁ ଜଣେ ନିର୍ଦ୍ଦଳୀୟ ପ୍ରାର୍ଥୀ ଭାବେ ମନୋନୀତ କରିଥିବାରୁ ସେ ସବୁ ଦଳର ସମର୍ଥନ ପାଇବେ ବୋଲି ଆଶା କରାଯାଉଛି। ଗତ ଜାନୁୟାରୀରେ ସମସ୍ତ ବଡ଼ ଦଳ ତାଙ୍କ ସପକ୍ଷରେ ମତଦାନ କରିଥିଲେ। ରାଷ୍ଟ୍ରପତି ନିର୍ବାଚନରେ ବିଜୟୀ ହେବା ପାଇଁ ୨୦୦ ଭୋଟ ଜରୁରୀ ଥିବାବେଳେ କ୍ୟାଟେରିନାଙ୍କ ସପକ୍ଷରେ ୨୬୧ ଖଣ୍ଡ ଭୋଟ ପଡ଼ିଥିଲା। ତାଙ୍କ ବିପକ୍ଷରେ ୩୩ ସଦସ୍ୟ ଭୋଟ ଦେଇଥିବାବେଳେ ୬ ଆଇନପ୍ରଣେତା ଅନୁପସ୍ଥିତ ଥିଲେ।

# ରେଳଷ୍ଟେଶନରେ ଖୋଲିଲା ସ୍ୱତନ୍ତ୍ର କେନ୍ଦ୍ର

## ବଣ୍ଟାଯିବ ମାସ୍କ, ସାନିଟାଇଜର

**ବ୍ରହ୍ମପୁର ଅଫିସ, ୧୩ା୩**

କରୋନା ଭାଇରସ ପାଇଁ ଜିଲା ପ୍ରଶାସନ ପକ୍ଷରୁ ସଚେତନାତ୍ମକ ପଦକ୍ଷେପ ଗ୍ରହଣ କରାଯାଇଛି। ଶୁକ୍ରବାର ପୂର୍ବାହ୍ନରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଷ୍ଟେଶନ ପରିଦର୍ଶନ କରିବା ସହ ଷ୍ଟେଶନରେ କରୋନା ଭାଇରସ ସମ୍ପର୍କରେ ସଚେତନତା ସୃଷ୍ଟି ନେଇ ସ୍ୱତନ୍ତ୍ର ଅସ୍ଥାୟୀ ଷ୍ଟଲ ଖୋଲାଯିବାକୁ ନିର୍ଦ୍ଦେଶ ଦେଇଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ପ୍ରଶାସନ ଓ ରୋଟାରୀ କ୍ଲବର ମିଳିତ ସହଯୋଗରେ ସନ୍ଧ୍ୟାରେ ବ୍ରହ୍ମପୁର ଷ୍ଟେଶନ ପ୍ରବେଶ ଓ ପ୍ରସ୍ଥାନ ପଥରେ କରୋନା ସମ୍ପର୍କିତ ସଚେତନତା କେନ୍ଦ୍ରର ଶୁଭାରମ୍ଭ ହୋଇଛି। ଉପଜିଲାପାଳ ସିନ୍ଧେ ଦତ୍ତାତ୍ରେୟ ଭାଉସାହେବ ଏହାକୁ ଶୁଭାରମ୍ଭ କରିଛନ୍ତି। କାର୍ଯ୍ୟକ୍ରମରେ ରୋଟାରୀ କ୍ଲବ ସଭାପତି ଅଜୟ କୁମାର, ରୋଟାରି ଇଷ୍ଟର ମୁନା ପଣ୍ଡା, ସହକାରୀ ଜିଲାପାଳ ଡି. ମାଳେଶ୍ୱର ପାତ୍ର, ଆରପିଏଫ ଆଇଆଇସି ଦିଲୀପ କୁମାର, ଷ୍ଟେଶନ ମ୍ୟାନେଜର ଦୁର୍ଗାପ୍ରସାଦ ବ୍ରହ୍ମା, ଚାମ୍ବର ଅଫ କମର୍ସ ଉପସଭାପତି ସନ୍ତୋଷ କୁମାର ସାହୁଙ୍କ ସମେତ ସମସ୍ତ ରୋଟାରି କ୍ଲବ କର୍ମକର୍ତ୍ତା ଉପସ୍ଥିତ ଥିଲେ। ତେବେ ଆସନ୍ତା ଏକମାସ ପାଇଁ ଖୋଲିବାକୁ ଥିବା ଏହି କେନ୍ଦ୍ରରେ ସକାଳ ଓ ସନ୍ଧ୍ୟାରେ ରେଳଯାତ୍ରୀଙ୍କୁ କରୋନା ଭାଇରସ୍ ସମ୍ପର୍କରେ ସଚେତନ କରାଯିବା ସହ ମାସ୍କ, ସାନିଟାଇଜର, ଟିସୁ ପେପର ବଣ୍ଟାଯିବା ନେଇ ରୋଟାରି କ୍ଲବ ପକ୍ଷରୁ କୁହାଯାଇଛି।

# ସିନ୍ଧିଆଙ୍କ କାର୍‌କୁ ଢେଲାମାଡ଼

**ନୂଆଦିଲ୍ଲୀ, ୧୩ା୩(ପି.ଟି.)**

କଂଗ୍ରେସ ଛାଡ଼ି ଭାଜପାରେ ଯୋଗଦେବା ସହ ଶୁକ୍ରବାର ରାଜ୍ୟ ସଭା ଲାଗି ନାମାଙ୍କନପତ୍ର ଦାଖଲ କରିଥିବା ବରିଷ୍ଠ ନେତା ଜ୍ୟୋତିରାଦିତ୍ୟ ସିନ୍ଧିଆଙ୍କ କାର୍ ଉପରକୁ ଢେଲାମାଡ଼ କରାଯାଇଛି। ଭାଜପା ଜାତୀୟ ଉପସଭାପତି ଶିବରାଜ ସିଂ ଚୌହାନଙ୍କ ସହ ଆଲୋଚନା କରି ବିମାନବନ୍ଦର ଅଭିମୁଖେ ସିନ୍ଧିଆ ଯାଉଥିବା ବେଳେ କଂଗ୍ରେସ କର୍ମୀମାନେ ତାଙ୍କୁ କଳାପତାକା ଦେଖାଇବା ସହ ସନ୍ଧ୍ୟାରେ କମଳା ପାର୍କ ନିକଟରେ ଆକ୍ରମଣ କରିବା ଲାଗି ପ୍ରୟାସ କରିଥିବା ଅଭିଯୋଗ ହୋଇଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ବିକ୍ଷୋଭକାରୀଙ୍କୁ ଘଉଡ଼ାଇ ଥିଲା। ଏନେଇ ଚୌହାନ ମୁହଁ ଖୋଲିବା ସହ ତଦନ୍ତ ଦାବି କରିଛନ୍ତି। ରାଜ୍ୟରେ କିଭଳି ପରିସ୍ଥିତି ସୃଷ୍ଟିହୋଇଛି, ତାହା ଏଥିରୁ ସ୍ପଷ୍ଟ ବାରିହୋଇ ପଡୁଛି ବୋଲି ସେ କଟାକ୍ଷ କରି କହିଛନ୍ତି।

**କଂଗ୍ରେସ କର୍ମୀ କଳାପତାକା ଦେଖାଇଲେ**



## ନାମାଙ୍କନ ଭରିଲେ

**ଭୋପାଳ, ୧୩ା୩(ପି.ଟି.)**

ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ଭାଜପା ନେତା ଜ୍ୟୋତିରାଦିତ୍ୟ ସିନ୍ଧିଆ ଶୁକ୍ରବାର ରାଜ୍ୟ ସଭା ନିର୍ବାଚନ ଲାଗି ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ମଧ୍ୟପ୍ରଦେଶ ଭାଜପା କାର୍ଯ୍ୟାଳୟରୁ ବାହାରି ସିନ୍ଧିଆ ଅପରାହ୍ନ ୨ଟାରେ ବିଧାନସଭା ସଚିବାଳୟରେ ପହଞ୍ଚିଥିଲେ। ସେ ତାଙ୍କ ନାମାଙ୍କନପତ୍ର ରିଟର୍ନିଂ ଅଫିସର ତଥା ବିଧାନସଭା ପ୍ରମୁଖ ସଚିବ ଏ.ପି. ସିଂଙ୍କ ପାଖରେ ଦାଖଲ କରିଥିଲେ। ସିନ୍ଧିଆଙ୍କ ସହ ପୂର୍ବତନ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନ, ରାଜ୍ୟ ଭାଜପା ସଭାପତି ଭି.ଡି. ଶର୍ମା, ପୂର୍ବତନ ରାଜ୍ୟ ସଭା ସଦସ୍ୟ ପ୍ରଭାତ ଝା ଏବଂ ଅନ୍ୟ ଭାଜପା ନେତାମାନେ ଉପସ୍ଥିତ ଥିଲେ। କଂଗ୍ରେସ ଛାଡ଼ି ବୁଧବାର ଭାଜପାରେ ଯୋଗଦେବାର ୩ ଘଣ୍ଟା ମଧ୍ୟରେ ସିନ୍ଧିଆଙ୍କୁ ମଧ୍ୟପ୍ରଦେଶରୁ ରାଜ୍ୟ ସଭା ପ୍ରାର୍ଥୀ ଘୋଷଣା କରାଯାଇଥିଲା। ନାମାଙ୍କନ ପତ୍ର ଦାଖଲ ପୂର୍ବରୁ ସିନ୍ଧିଆ ସକାଳେ ତାଙ୍କ ପିଉସୀ ତଥା ଭାଜପା ବିଧାୟିକା ଯଶୋଧାରା ରାଜେ ସିନ୍ଧିଆଙ୍କୁ ଭେଟିଥିଲେ। ଭାଜପା କାର୍ଯ୍ୟାଳୟକୁ ଯିବା ପୂର୍ବରୁ ସେ ପୂର୍ବତନ ମନ୍ତ୍ରୀ ନରୋତ୍ତମ ମିଶ୍ରଙ୍କ ଘରକୁ ଯାଇ ସେଠାରେ ମଧ୍ୟାହ୍ନଭୋଜନ କରିଥିଲେ।

# ରାଜ୍ୟପାଳଙ୍କୁ ଫେରାଦ ହେଲେ କମଲନାଥ

ଭୋପାଳ ୧୩ା୩(ପି.ଟି.): ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ କମଲନାଥ ଶୁକ୍ରବାର ରାଜ୍ୟପାଳ ଲାଲ୍‌ଜୀ ଟଣ୍ଡନଙ୍କୁ ରାଜଭବନରେ ସାକ୍ଷାତ କରିଛନ୍ତି। ଆଲୋଚନାରେ ସେ ଭାଜପା ବିରୋଧରେ ବିଭିନ୍ନ ଅଭିଯୋଗମାନ ଆଣିଛନ୍ତି। ରାଜ୍ୟ ସରକାରକୁ ଭାଙ୍ଗିବା ଲାଗି ଭାଜପା ଘୋଡ଼ାବେପାର ଚଳାଇବା ସହ କଂଗ୍ରେସର ବିଦ୍ରୋହୀ ବିଧାୟକଙ୍କୁ ଅଟକ ରଖିଥିବା ସେ ଅଭିଯୋଗ କରିଛନ୍ତି। ଗତ ୩ ଦିନ ଧରି



- ଘୋଡ଼ାବେପାର ଚଳାଇଛି ଭାଜପା
- ଅଟକ ୨୨ ବିଧାୟକଙ୍କୁ ମୁକୁଳାଅ
- ଆସ୍ଥାଭୋଟ ଲାଗି ଆମେ ପ୍ରସ୍ତୁତ

ରାଜନୈତିକ ନାଟକବାଜି ଚାଲିଥିବା ବେଳେ ହୋଲି ପରଠାରୁ ୨୨ ବିଧାୟକଙ୍କୁ ଭାଜପା ଅଟକ ରଖିଛି। ସେମାନଙ୍କୁ ତୁରନ୍ତ ମୁକୁଳାଇବା ଲାଗି ରାଜ୍ୟପାଳ ପଦକ୍ଷେପ ଗ୍ରହଣ କରିବାକୁ କମଲନାଥ ଅନୁରୋଧ କରିଛନ୍ତି। ବେଙ୍ଗାଲୁରୁରେ ଅଟକ ଥିବା ବିଦ୍ରୋହୀ ବିଧାୟକଙ୍କ ମୁକ୍ତି ଲାଗି ରାଜ୍ୟପାଳ ସ୍ୱରାଷ୍ଟ୍ରମନ୍ତ୍ରୀଙ୍କ ସହ କଥା ହେବା ଉଚିତ ହେବ ବୋଲି କମଲନାଥ କହିଛନ୍ତି। ଏନେଇ ରାଜ୍ୟପାଳଙ୍କୁ ସେ ୩ ପୃଷ୍ଠା ସମ୍ବଳିତ ଏକ ପତ୍ର ମଧ ପ୍ରଦାନ କରିଛନ୍ତି। ବିଧାନସଭାର ବଜେଟ ଅଧିବେଶନ ମାର୍ଚ୍ଚ ୧୬ରୁ ଆରମ୍ଭ ହେଉଥିବା ବେଳେ ଯେକୌଣସି ମୁହୂର୍ତ୍ତରେ ସରକାର ଆସ୍ଥାଭୋଟ ଲାଗି ପ୍ରସ୍ତୁତ ଥିବା କମଲନାଥ ଖବରଦାତାଙ୍କ ପ୍ରଶ୍ନର ଉତ୍ତର ଦେଇ ପ୍ରକାଶ କରିଛନ୍ତି। ରାଜ୍ୟପାଳଙ୍କ ସହ ଅଧ ଘଣ୍ଟାର ସାକ୍ଷାତ ଆଲୋଚନା ବେଶ୍ ଭଲ ଥିଲା ବୋଲି ସେ ମତ ଦେଇଛନ୍ତି।

ଧରିତ୍ରୀ DHARITRI CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385, 7894447169
Email : advt@dharitri.com

OFFICIALLY JOB
ଯୋଗ୍ୟତା : ଦଶମ ପାସ୍/ଫେଲ୍,
ବୟସ : (18-40)yrs.
Monthly salary upto
Rs. 25,000/-
Contact : Immediately
Mob : 8763257042

DIRECT JOIN
JOB LOCATION : BBSR / CTC
•CUSTOMER CARE
•DATA ENTRY
•RECEPTION
•BACK OFFICE
•SECURITY GUARD
Salary : 8000 to 20,000/-
9090758077, 9114090108

ଆବଶ୍ୟକ
ମହିଳା ଆବାସିକ ଗୃହରେ ପରିଚାଳିକା ଭାବେ କାର୍ଯ୍ୟ କରିବା ପାଇଁ ଏମ୍‌ଏ ପାସ୍ କରିଥିବା ଓ ୨/୩ ବର୍ଷର ଅଭିଜ୍ଞତା ଥିବା ମହିଳା ପ୍ରାର୍ଥୀ ଆବଶ୍ୟକ।
ଯୋଗାଯୋଗ : ୯୪୩୮୬୭୪୯୧୦
୯୦୪୦୧୨୩୫୬୫

REQUIRED
Driver, CRM Sales, Floor Supervisor, Telecaller, Admin. Manager, Gen. Manager, Painter, Dentor for a 4 wheeler dealership.
Call: 9040640373 and 0674-6668822/6667709, Email id - edp.bhubaneswar@renault-india.com, siddharth9909@gmail.com

ଆବଶ୍ୟକ
Receptionist, Office Assistant, Supervisor, Computer Operator, Accountant, Telecaller & other Office Staffs ଆବଶ୍ୟକ।
ବୟସ: (18-35) Yrs. Salary (Rs.7500 to Rs.25000)
Contact : 9938676412

ଆବଶ୍ୟକ
ସିକ୍ୟୁରିଟି ଗାର୍ଡ (ରହିବା ମାଗଣା)
ମାସିକ ଦରମା - 9000/- ରୁ 16000/- ଏବଂ EPF+ESI ଅଛି।
ନିଯୁକ୍ତି ସ୍ଥାନ - ଭୁବନେଶ୍ୱର, କଟକ, ଯାଜପୁର, ପାରାଦ୍ୱୀପ, ଝାରସୁଗୁଡା
M : 8917637741, 8342041401

ବଢେଇ ଦରକାର!!
ମାସିକ ଦରମା ଭିତ୍ତିରେ କାଠ-ତିଆରି ଫର୍ଣ୍ଣିଚର ସ୍ଥାପନ/ଇନ୍‌ଷ୍ଟାଲେସନ୍ ପାଇଁ କାଠ-ମିସ୍ତ୍ରି ଆବଶ୍ୟକ। ନିଜର ଦୁଇ-ଚକିଆ ଯାନ, ଡ୍ରିଲିଂ ମେସିନ୍, ସ୍କାନର ସେଟ୍ ଥିବା ଜରୁରୀ। ତୁରନ୍ତ ଯୋଗାଯୋଗ କରନ୍ତୁ # 7070408283

RAILWAY JOBS
Petty Repair (ITI) : 14000/-
Bed Roll (10th) : 10000/-
Supervisor (+2/+3) : 15000/-
Storekeeper (+2/+3) : 15000/-
Goods Guard (10th/+2) : 10000/-
JOB LOCATION : Angul, Balangir, Rayagada, Sambalpur, Koraput
CONTACT : 9178912298

Khallikote University, Berhampur
GMAX Building (Transit Campus), Konishi, 761008
No.KUB/PGC/2020/038 Date:13.03.2020
Walk-in-Interview 25th March 2020
Advertisement for Research Associate / Assistant
Applications are invited from the candidates for the position of Research Associate / Assistant in ICSSR funded Major Research Project on "Investigating the Role of Social Media in Addressing Public Health Development Issues in India". The Walk-in-interview is on 25th March 2020 from 10 A.M. onwards. For more details kindly visit : https://kub.ac.in.
Dr. Manoj Kumar Dash, Project Director

ନୋଟିସ୍: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।



“ଅଲିମ୍ପିକ୍ସ ବାତିଲ କରାଯିବା ସମ୍ପର୍କରେ ଅନ୍ତର୍ଜାତୀୟ ଅଲିମ୍ପିକ କମିଟି (ଆଇଓସି) ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ)ର ପରାମର୍ଶକୁ ମାନିନେବ।

–ଥୋମାସ୍ ବ୍ୟାକ୍, ଆଇଓସି ମୁଖ୍ୟ



“ବ୍ୟାଡ୍‌ମିଣ୍ଟନ ୱାର୍ଲ୍ଡ ଫେଡେରେଶନ କରୋନା ଭାଇରସକୁ ହାଲ୍‌କା ଭାବେ ନେଇ ଯେପରି ଟୁର୍ନାମେଣ୍ଟ ଆୟୋଜନ କରୁଛି ତାହା ଏକ ପ୍ରକାର ରିସ୍କ।

–ହାନ୍ସ କ୍ରିଷ୍ଟିଆନ ଭିଟିଙ୍ଗ୍ସ, ଡେନ୍‌ମାର୍କ ବ୍ୟାଡମିଣ୍ଟନ ଖେଳାଳି

## ସଂକ୍ଷେପରେ

### ଦର୍ଶକ ନ ଥିବାରୁ ହଇରାଣ ହେଲେ ଫିଲ୍ଡର

ସିଡ୍‌ନୀ, ୧୩।୩- ସ୍ଥାନୀୟ ସିଡ୍‌ନୀ କ୍ରିକେଟ ଗ୍ରାଉଣ୍ଡରେ ନ୍ୟୁଜିଲାଣ୍ଡ ଓ ଅଷ୍ଟ୍ରେଲିଆ ମଧ୍ୟରେ ପ୍ରଥମ ଦିନିକିଆ ମ୍ୟାଚ୍ ଖେଳାଯାଇଛି। ସରକାରଙ୍କ ନିର୍ଦ୍ଦେଶକ୍ରମେ କୌଣସି ପ୍ରଶଂସକଙ୍କୁ ଷ୍ଟାଡିୟମରେ ପ୍ରବେଶ କରିବାକୁ ଅନୁମତି ଦିଆଯାଇ ନ ଥିଲା। ମ୍ୟାଚ୍ ବେଳେ କୌଣସି ଷ୍ଟାଣ୍ଡରେ ଦର୍ଶକ ନ ଥିବାରୁ ଫିଲ୍ଡରଙ୍କୁ ହଇରାଣ ହେବାକୁ ପଡ଼ିଛି। ମ୍ୟାଚ୍‌ର ୧୮ତମ ଓଭରରେ ଇଶ୍ ସୋଧିଙ୍କ ବଲ୍‌କୁ ଅଷ୍ଟ୍ରେଲିଆ ଦଳର ଅଧିନାୟକ ଆରୋନ ଫିଞ୍ଚ୍ ଏକ ବିରାଟ ଛକା ଲଗାଇଥିଲେ। ବଲ୍ ସିଧା ଷ୍ଟାଣ୍ଡରେ ପଡ଼ିଥିଲା। କିନ୍ତୁ ଷ୍ଟାଣ୍ଡରେ କେହି ନ ଥିବାରୁ ଫିଲ୍ଡର ଲୋକି ଫର୍ଗୁସନଙ୍କୁ ବଲ୍ ଆଣିବାକୁ ପଡ଼ିଥିଲା। ଏହାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଯାଇଛି। ଏହି ଘଟଣାରୁ କ୍ରିକେଟରେ ଦର୍ଶକଙ୍କ ଗୁରୁତ୍ୱ ଜଣାପଡୁଥିବା ବହୁ ପ୍ରଶଂସକ କମେଣ୍ଟ କରିଛନ୍ତି।

### ସିନ୍ଧୁ ପରାସ୍ତ

ବର୍ମିଂହାମ୍, ୧୩।୩ (ପି.ଟି.)- ବିଶ୍ୱ ଚାମ୍ପିୟନ ପି. ଭି. ସିନ୍ଧୁ ଅଲ୍ ଇଂଲଣ୍ଡ ଚାମ୍ପିୟନଶିପ୍‌ରୁ ବିଦାୟ ନେଇଛନ୍ତି। ବର୍ମିଂହାମ୍ ଆରେନାରେ ଶୁକ୍ରବାର ଅନୁଷ୍ଠିତ ଏକ କ୍ୱାର୍ଟର ଫାଇନାଲ ମ୍ୟାଚରେ ଜାପାନର ନୋଜୋମି ଓକୁହାରା ତାଙ୍କୁ ୧୨-୨୧, ୨୧-୧୫, ୨୧-୧୩ ଗେମ୍‌ରେ ହରାଇ ଦେଇଛନ୍ତି। ଏହି ମ୍ୟାଚ ୬୮ ମିନିଟ ଧରି ଚାଲିଥିଲା। ୨୪ ବର୍ଷୀୟା ଭାରତୀୟ ଖେଳାଳି ସିନ୍ଧୁ ୩ ରୋମାଞ୍ଚକ ବିଜୟ ସହ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲେ। ମାତ୍ର ତାଙ୍କ ପରାଜୟ ଦ୍ୱାରା ଏହି ସୁପର ୧୦୦୦ ଟୁର୍ନାମେଣ୍ଟରେ ଭାରତୀୟ ଅଭିଯାନ ଶେଷ ହୋଇଯାଇଛି। ଓକୁହାରାଙ୍କ ବିପକ୍ଷରେ ସିନ୍ଧୁଙ୍କ ବିଜୟ ପରାଜୟ ରେକର୍ଡ ୯-୭ ରହିଛି। ଗତଥର ସେ ଏହି ଜାପାନିଜ ଖେଳାଳିଙ୍କୁ ୨୦୧୯ ବିଶ୍ୱ ଚାମ୍ପିୟନଶିପ୍ ଫାଇନାଲରେ ପରାସ୍ତ କରିଥିଲେ।

## ରଣଜୀ ଟ୍ରଫି

# ସୌରାଷ୍ଟ୍ରକୁ ପ୍ରଥମ ଟାଇଟଲ

ରାଜକୋଟ, ୧୩।୩(ପି.ଟି.)

ଦେଶର ସର୍ବବୃହତ୍ କ୍ରିକେଟ ଟୁର୍ନାମେଣ୍ଟ ରଣଜୀ ଟ୍ରଫିରେ ସୌରାଷ୍ଟ୍ର ନୂଆ ଚାମ୍ପିୟନ ଭାବେ ଉଭା ହୋଇଛି। ସ୍ଥାନୀୟ ସୌରାଷ୍ଟ୍ର କ୍ରିକେଟ ଆସୋସିଏଶନ ଗ୍ରାଉଣ୍ଡରେ ଅନୁଷ୍ଠିତ ବେଙ୍ଗଲ ବିପକ୍ଷ ଫାଇନାଲ ମ୍ୟାଚ୍‌ରେ ସୌରାଷ୍ଟ୍ର ପ୍ରଥମ ଇନିଂସ ଅଗ୍ରଣୀ ଭିତ୍ତିରେ ବିଜୟୀ ଚାମ୍ପିୟନ ହୋଇଛି। ଗତ ସଂସ୍କରଣରେ ସୌରାଷ୍ଟ୍ର ଫାଇନାଲ ମ୍ୟାଚ୍‌ରେ ବିଦର୍ଭଠାରୁ ପରାସ୍ତ ହୋଇ ରନର୍ସଅପ୍‌ରେ ସନ୍ତୁଷ୍ଟ ହୋଇଥିଲା। ତେବେ ଏଥର ତ୍ରୁଟି ସୁଧାରି ବାଜି ମାରିଛି। ପ୍ରଥମ ଇନିଂସରେ ୧୦୬ ରନର ଶତକୀୟ ପାଳି ଖେଳିଥିବା ସୌରାଷ୍ଟ୍ର ମିଡଲଅର୍ଡର ବ୍ୟାଟ୍ସମ୍ୟାନ ଅର୍ପିତ ଭାସବଦା ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ଅନ୍ୟପଟେ ୧୯୮୯-୯୦ ପରେ ବେଙ୍ଗଲ ପ୍ରଥମ ରଣଜୀ ଟାଇଟଲ ଜିତିବା ସ୍ୱପ୍ନ ଅଧୁରା ରହିଛି। ୧୩ ବର୍ଷ ପରେ ବେଙ୍ଗଲ ଫାଇନାଲରେ ପ୍ରବେଶ କରିଥିଲା।

ଟସ୍ ଜିତି ସୌରାଷ୍ଟ୍ର ପ୍ରଥମ ଇନିଂସରେ ୧୭୧.୫ ଓଭରରେ ୪୨୫ ରନ କରି ଅଲଆଉଟ ହୋଇଥିଲା। ଜବାବରେ ବେଙ୍ଗଲ ୧୬୧ ଓଭରରେ ୩୮୧ ରନ କରି ଅଲଆଉଟ ହୋଇଥିଲା। ଫଳରେ ସୌରାଷ୍ଟ୍ର ପ୍ରଥମ ଇନିଂସରେ ୪୪ ରନର ଅଗ୍ରଣୀ ହାସଲ କରିଥିଲା। ଏହାପରେ ଦ୍ୱିତୀୟ ଇନିଂସ ଆରମ୍ଭ କରି ସୌରାଷ୍ଟ୍ର ପଞ୍ଚମ ଦିବସ ମ୍ୟାଚ୍ ଶେଷ ସୁଦ୍ଧା ୩୪ ଓଭରରେ ୪ ଉଇକେଟ ହରାଇ ୧୦୫ ରନ ସଂଗ୍ରହ କରିଥିଲା। ଟି ଟାଇମ୍‌ରେ ଦୁଇ ଅଧିନାୟକ ହାତ ମିଳାଇଥିଲେ ଓ ମ୍ୟାଚ୍ ଶେଷ କରିବାକୁ ମିଳିତ ଭାବେ ନିଷ୍ପତ୍ତି ନେଇଥିଲେ। ଫଳରେ ମୋଟ ଉପରେ ୬ ଉଇକେଟ ହାତରେ ରଖି ସୌରାଷ୍ଟ୍ର ୧୪୯ ରନର ଅଗ୍ରଣୀ ହାସଲ କରିଥିଲା। ଶେଲଡନ ଜ୍ୟାକ୍‌ସନ ୧୨ ରନ କରି ଅପରାଜିତ ରହିଥିଲେ। ଓପନର ହାର୍ଭିକ ଦେଶାଇ ୨୧, ଉଇକେଟକିପର ତଥା ଓପନର ଅଭି ବାରୋଟ ୩୯, ବିଶଭରାଜ ଜାଡେଜା ୧୭, ପ୍ରଥମ ଇନିଂସରେ ଶତକ ହାସଲ କରିଥିବା ଭାସବଦା ୩ ରନ କରି ଆଉଟ ହୋଇଥିଲେ। ବୋଲିଂରେ ବେଙ୍ଗଲ ତରଫରୁ ଶାହବାଜ ଅହମ୍ମଦ ୨, ଆକାଶ ଦୀପ ଓ ସୁଦୀପ ଚାଟାର୍ଜୀ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

ଚତୁର୍ଥ ଦିନରେ ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୩୫୪/୬ରୁ ବେଙ୍ଗଲ ଖେଳି ଆରମ୍ଭ କରି ଅଲଆଉଟ ହୋଇଥିଲା। ହାତରେ ୪ ଉଇକେଟ ରଖି ବେଙ୍ଗଲ ଇନିଂସ ଅଗ୍ରଣୀ ପାଇଁ ଆଉ ୭୨ ରନ ଆବଶ୍ୟକ କରୁଥିଲା। ତେବେ ବେଙ୍ଗଲ ଲକ୍ଷ୍ୟ ହାସଲ କରିପାରି ନ ଥିଲା। ଓଭରନାଇଟ ବ୍ୟାଟ୍ସମ୍ୟାନ ଅନୁଷ୍ଟୁପ ମଜୁମ୍‌ଦାର ୫୮ରୁ ଖେଳ ଆରମ୍ଭ କରି ୬୩ ରନ କରି ଜୟଦେବ ଉନାଡ଼କଟଙ୍କ ଦ୍ୱାରା ଏଲ୍‌ବିଡବ୍ଲ୍ୟୁ ହୋଇ ପ୍ୟାଭିଲିୟନ ଫେରିଥିଲେ। ସେହିପରି ୨୮ରୁ ଖେଳ ଆରମ୍ଭ କରି ଅର୍ଣ୍ଣବ ନନ୍ଦୀ ୪୦ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ ମଧ୍ୟ ତାଙ୍କୁ ଅନ୍ୟମାନେ ସହଯୋଗ କରିପାରି ନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆକାଶ ଦୀପ ଖାତା ଖୋଲିବା ପୂର୍ବରୁ ରନ୍ ଆଉଟ ହୋଇଥିବା ବେଳେ ମୁକେଶ କୁମାର ୫ ରନ କରି ଧର୍ମେନ୍ଦ୍ରସିନ ଜାଡେଜାଙ୍କ ଦ୍ୱାରା ଆଉଟ ହୋଇଥିଲେ। ଶେଷରେ ଇଶାନ ପୋରେଲ ୧ ରନ କରିଥିବା ବେଳେ ଉନାଡକଟଙ୍କ ଦ୍ୱାରା ଏଲ୍‌ବିଡବ୍ଲ୍ୟୁ ହୋଇ ପ୍ୟାଭିଲିୟନ ଫେରିବା ପରେ ବେଙ୍ଗଲ ଇନିଂସ୍‌ର ପରିସମାପ୍ତି ହୋଇଥିଲା। ବୋଲିଂରେ ଧର୍ମେନ୍ଦ୍ରସିନ ଜାଡେଜା ସର୍ବାଧିକ ୩, ଉନାଡକଟ ଓ ପ୍ରେରକ ମଙ୍କଡ ୨ଟି ଲେଖାଏ, ଚେତନ ସାକାରିୟା ଓ ଚିରାଗ ଜାନୀ ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ।

ଉନାଡକଟ ଦମ୍‌ଦାର ବୋଲିଂ ପ୍ରଦର୍ଶନ କରି ଏକା ସୌରାଷ୍ଟ୍ରକୁ ଫାଇନାଲରେ ପହଞ୍ଚାଇଥିଲେ। ଗୁଜରାଟ ବିପକ୍ଷ ସେମିଫାଇନାଲର ଅନ୍ତିମ ଦିବସରେ ସେ ୭ ଉଇକେଟ ହାସଲ କରି ଦଳକୁ ବିଜୟୀ କରାଇଥିଲେ। ଉନାଡକଟ ୧୩.୨୩ ରନ ହାରରେ ୬୭ଟି ଉଇକେଟ ହାସଲ କରି ସର୍ବକାଳୀନ ରେକର୍ଡର ଗୋଟିଏ ପାଦ ଦୂରରେ ରହିଛନ୍ତି। ସକାଳେ ଏକ ଘଣ୍ଟା ୧୦ ମିନିଟ୍‌ର ଖେଳ ନିର୍ଣ୍ଣାୟକ ସାବ୍ୟସ୍ତ ହୋଇଥିଲା। ୨୭ ରନରେ ୪ ଉଇକେଟ ହରାଇ ବେଙ୍ଗଲ ଅଲଆଉଟ ହୋଇଥିଲା। ଅନ୍ୟପଟେ ସାରା ସେସନରେ ବେଙ୍ଗଲ ତରଫରୁ ଆକାଶ ଦୀପ, ମୁକେଶ କୁମାର, ଇଶାନ ପୋରେଲ ଓ ଅଭିଜ୍ଞ ବ୍ୟାଟ୍ସମ୍ୟାନ ମନୋଜ ତିୱାରୀ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିଲେ। ସେହିପରି ସୌରାଷ୍ଟ୍ର ତରଫରୁ ଶେଲଡନ ଜ୍ୟାକ୍‌ସନ, ଅର୍ପିତ ଭାସବଦା ଓ ଅଧିନାୟକ ଉନାଡକଟ ଷ୍ଟାର ପରଫର୍ମର ରହିଥିଲେ। କରୋନା ଭାଇରସ ଆତଙ୍କ ପାଇଁ ଅନ୍ତିମ ଦିବସର ଖେଳ ଫାଙ୍କା ଷ୍ଟାଡିୟମରେ ଖେଳାଯାଇଥିଲା।




ରଣଜୀ ଟ୍ରଫି ସହ ସୌରାଷ୍ଟ୍ର ଦଳର ଖେଳାଳିମାନେ।

**ଅର୍ପିତ ଭାସବଦା ପ୍ଲେୟର ଅଫ୍ ଦି ମ୍ୟାଚ୍**

**ସଂକ୍ଷିପ୍ତ ସ୍କୋର**

ସୌରାଷ୍ଟ୍ର ପ୍ରଥମ ଇନିଂସ- ୧୭୧.୫ ଓଭରରେ ୪୨୫ ଅଲଆଉଟ।

ବେଙ୍ଗଲ ପ୍ରଥମ ଇନିଂସ-୧୬୧ ଓଭରରେ ୩୮୧ ଅଲଆଉଟ (ସୁଦୀପ- ୮୧, ରିଦ୍ଧିମାନ- ୬୪, ମଜୁମ୍‌ଦାର- ୬୩, ନନ୍ଦୀ- ୪୦*, ଜାଡେଜା- ୩/ ୧୧୪, ଉନାଡକଟ- ୨/୯୬, ମଙ୍କଡ-/୪୫)।

ସୌରାଷ୍ଟ୍ର ଦ୍ୱିତୀୟ ଇନିଂସ- ୩୪ ଓଭରରେ ୧୦୫/୪ (ବାରୋଟ- ୩୯, ଦେଶାଇ- ୨୧, ଶାହବାଜ- ୨/୩୨, ଆକାଶ ଦୀପ- ୧/୧୩, ସୁଦୀପ- ୧/ ୦)।

## ଗ୍ରୀସ୍‌ରେ ଅଲିମ୍ପିକ ମଶାଲ ରିଲେ ବାତିଲ

ଏଥେନ୍ସ, ୧୩।୩ (ଏଏଫ୍‌ପି)

ଟୋକିଓ ଗେମ୍ସ ୨୦୨୦ ପାଇଁ ଗ୍ରୀସ୍‌ରେ ଅବଶିଷ୍ଟ ଅଲିମ୍ପିକ ମଶାଲ ରିଲେକୁ ବାତିଲ କରାଯାଇଥିବା ଗ୍ରୀକ୍ ଅଲିମ୍ପିକ କମିଟି ଶୁକ୍ରବାର ପ୍ରକାଶ କରିଛି। କରୋନା ଭାଇରସ୍ ଆଶଙ୍କାକୁ ଭ୍ରୂକ୍ଷେପ ନ କରି ମଶାଲ ରିଲେ ଦେଖିବା ଲାଗି ଜନତାଙ୍କ ଭିଡ଼ ଯୋଗୁ ଏହି ନିଷ୍ପତ୍ତି ନିଆଯାଇଛି। ତେବେ ଅଲିମ୍ପିକ ମଶାଲ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ମାର୍ଚ୍ଚ ୧୯ରେ ଟୋକିଓ ଗେମ୍ସ ଆୟୋଜକଙ୍କୁ ହସ୍ତାନ୍ତର କରାଯିବ ବୋଲି କମିଟି କହିଛି। ଗ୍ରୀସ୍‌ରେ କରୋନା ଭାଇରସ୍ ଦ୍ୱାରା ପୀଡ଼ିତଙ୍କ ସଂଖ୍ୟା ୧୧୭ରେ ପହଞ୍ଚିଛି। ସେମାନଙ୍କ ମଧ୍ୟରୁ ଜଣେ ୧୦ ଦିନ ଡାକ୍ତରଖାନାରେ ଚିକିତ୍ସିତ ହେବା ପରେ ମୃତ୍ୟୁ ବରଣ କରିଛି। ବାରଣ ସତ୍ତ୍ୱେ ସ୍ପାର୍ଟା ସହରରେ ହଲିଉଡ୍ ଅଭିନେତା ଜେରାର୍ଡ ବଟଲରଙ୍କ ଦ୍ୱାରା କଲଡ୍ରନରେ ଅଗ୍ନି ସଂଯୋଗ ଦୃଶ୍ୟକୁ ଦେଖିବାଲାଗି ବହୁ ସଂଖ୍ୟାରେ ଦର୍ଶକଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ଏହି କାରଣରୁ ଗ୍ରୀକ୍ ଅଲିମ୍ପିକ କମିଟି ଦେଶରେ ଅବଶିଷ୍ଟ ଅଲିମ୍ପିକ ମଶାଲ ରିଲେକୁ ବାତିଲ କରିବା ଲାଗି ନିଷ୍ପତ୍ତି ନେଇଛି।

## ଇଂଲିଶ ପ୍ରିମିୟର ଲିଗ୍ ସସ୍‌ପେଣ୍ଡ

ଲଣ୍ଡନ, ୧୩।୩ (ଏଏଫ୍‌ପି)

ଇଂଲିଶ ପ୍ରିମିୟର ଲିଗ୍ ଏହାର ସମସ୍ତ କାର୍ଯ୍ୟସୂଚୀକୁ ଏପ୍ରିଲ ୪ ତାରିଖ ପର୍ଯ୍ୟନ୍ତ ସସ୍‌ପେଣ୍ଡ ରଖାଯାଇଛି। ମାରାତ୍ମକ କରୋନା ଭାଇରସ୍ ସଂକ୍ରମଣ ବୃଦ୍ଧିପାଇବାରେ ଲାଗିଥିବାରୁ ଏହି ନିଷ୍ପତ୍ତି ନିଆଯାଇଛି। ଆର୍ସେନାଲ ମ୍ୟାନେଜର ମିକେଲ ଆର୍ଟେଟା ଏବଂ ଚେଲ୍‌ସି ୱିଙ୍ଗର କାଲମ ହଡ୍‌ସନ ଓଡୋଇ କରୋନା ଭାଇରସରେ ଆକ୍ରାନ୍ତ ହୋଇଛନ୍ତି। ଟୁର୍ନାମେଣ୍ଟର ପୁଞ୍ଜିନିବେଶକାରୀମାନଙ୍କର ଏକ ବୈଠକ ଏଠାରେ ଶୁକ୍ରବାର ବସିଥିଲା। ଏଥିରେ ସର୍ବସମ୍ମତି ନିଷ୍ପତ୍ତିକ୍ରମେ ପ୍ରିମିୟର ଲିଗ୍‌କୁ ଏପ୍ରିଲ ୪ ପର୍ଯ୍ୟନ୍ତ ସ୍ଥଗିତ ରଖିବା ଲାଗି ନିଷ୍ପତ୍ତି ନିଆଯାଇଥିଲା। ଏହା ପୁନର୍ବାର କେବେଠାରୁ ଆରମ୍ଭ ହେବ ସେତେବେଳର ପରିସ୍ଥିତି ଓ ଡାକ୍ତରୀ ପରାମର୍ଶ ଉପରେ ନିର୍ଭର କରେ ବୋଲି ଆୟୋଜକଙ୍କ ତରଫରୁ ସ୍ପଷ୍ଟ କରାଯାଇଛି। ଏଭର୍ଟନ ପକ୍ଷରୁ କୁହାଯାଇଛି ଏହାର ଜଣେ ଖେଳାଳିଙ୍କ ନିକଟରେ କରୋନା ଭାଇରସ ଲକ୍ଷଣ ଦେଖାଦେବାରୁ ଫୁଟ୍‌ବଲ ଟିମ୍‌ର ସମସ୍ତ ସଦସ୍ୟ ଏବଂ କୋଚିଂ ଷ୍ଟାଫ୍‌କୁ ପୃଥକ୍ ରଖାଯାଇ ସେମାନଙ୍କ ଉପରେ ନଜର ରଖାଯାଇଛି। ସେହିପରି ଲିସେଷ୍ଟର ସିଟିର ୩ ଖେଳାଳି ଏବଂ ବୋରେନ୍‌ମାଉଥ ଗୋଲକିପର ଆର୍ଥର ବୋରକ୍ ଏବଂ ୪ ଜଣ ଷ୍ଟାଫ୍‌ଙ୍କୁ ପର୍ଯ୍ୟବେକ୍ଷଣରେ ରଖାଯାଇଛି। ଅନ୍ୟପକ୍ଷରେ ମିକେଲ ଆର୍ଟେଟା ଏବଂ କାଲମ ହଡ୍‌ସନ ଓଡୋଇ ଦ୍ରୁତ ଆରୋଗ୍ୟ ଲାଭ କରୁଥିବା ପ୍ରିମିୟର ଲିଗ୍ କାର୍ଯ୍ୟ ନିର୍ବାହୀ ରିଚାର୍ଡ ମାଷ୍ଟର୍ସ ପ୍ରକାଶ କରିଛନ୍ତି।

# ପ୍ରମୋଦ, ପଞ୍ଚାନନଙ୍କୁ ଓସ୍‌ଜା କ୍ରୀଡ଼ା ପୁରସ୍କାର

ଭୁବନେଶ୍ୱର, ୧୩।୩(କ୍ରୀଡ଼ା ପ୍ରତିନିଧି)

ତାରକା ପାରା ସ୍ପୋର୍ଟ୍ସ ବ୍ୟାଡ୍‌ମିଣ୍ଟନ ଖେଳାଳି ପ୍ରମୋଦ ଭଗତ ଓ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାରପ୍ରାପ୍ତ ଆଥଲେଟିକ୍ କୋଚ୍ ପଞ୍ଚାନନ ଗନ୍ତାୟତ ଓସ୍‌ଜା (ଓଡ଼ିଶା ସ୍ପୋର୍ଟ୍ସ ଜର୍ନାଲିଷ୍ଟ ଆସୋସିଏଶନ) କ୍ରୀଡ଼ା ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି। ଆସନ୍ତା ୨୧ ତାରିଖରେ ଆସୋସିଏଶନର ୫ମ ପ୍ରତିଷ୍ଠା ଦିବସ ଅବସରରେ କଟକର ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ସମ୍ମିଳନୀ କକ୍ଷରେ ଏକ ସ୍ୱତନ୍ତ୍ର ଉତ୍ସବରେ ଉଭୟ କ୍ରୀଡ଼ାବିତ୍‌ଙ୍କୁ ପୁରସ୍କୃତ କରାଯିବ। ପ୍ରମୋଦଙ୍କୁ ୨୦୧୯ କ୍ୟାଲେଣ୍ଡର ବର୍ଷ ପାଇଁ ଶ୍ରେଷ୍ଠ ଖେଳାଳି ଓ ପଞ୍ଚାନନଙ୍କୁ କ୍ରୀଡ଼ାକ୍ଷେତ୍ରରେ ଜୀବନବ୍ୟାପୀ ସାଧନା ଲାଗି 'ଲାଇଫ୍ ଟାଇମ୍ ଆଚିଭ୍‌ମେଣ୍ଟ' ପୁରସ୍କାର ପ୍ରଦାନ କରାଯିବ। ସ୍ପୋର୍ଟ୍ସ ଜର୍ନାଲିଷ୍ଟ ଫେଡେରେଶନ ଅଫ୍ ଇଣ୍ଡିଆ (ଏସ୍‌ଜେଏଫ୍‌ଆଇ)ର ଏକମାତ୍ର ଅନୁବନ୍ଧିତ ଓଡ଼ିଶା ସଂଘ 'ଓସ୍‌ଜା' ପକ୍ଷରୁ ୨୦୧୮ ମସିହାରୁ ଏହି ପୁରସ୍କାର ପ୍ରଦାନ କରାଯାଉଛି। ଉଭୟଙ୍କୁ ମାନପତ୍ର ସହ ୨୫,୦୦୦ ଟଙ୍କାର ଆର୍ଥିକ ପୁରସ୍କାର ପ୍ରଦାନ କରାଯିବ। ଚଳିତ ବର୍ଷ ଆସୋସିଏଶନ ପକ୍ଷରୁ ବିଶିଷ୍ଟ ଗଣମାଧ୍ୟମ ବ୍ୟକ୍ତିତ୍ୱ ହୃଦୟନାଥ ଦାସ ଓ ଶ୍ୟାମାକାନ୍ତ ପଟ୍ଟନାୟକଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯିବ। ରାଜ୍ୟର କିମ୍ବଦନ୍ତୀ ବାସ୍କେଟବଲର୍ ଅରୂପାନନ୍ଦ ରାଉତରାୟ ମୁଖ୍ୟଅତିଥି, ପୂର୍ବତନ ଅନ୍ତର୍ଜାତୀୟ ଫୁଟବଲର୍ ରାଜେନ୍ଦ୍ର ପ୍ରସାଦ ସିଂହ ଓ ଓଡ଼ିଶା କ୍ରିକେଟ୍ ଆସୋସିଏଶନର ସଂପାଦକ ସଞ୍ଜୟ ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେବା କାର୍ଯ୍ୟକ୍ରମ ରହିଛି। ସୂଚନାଯୋଗ୍ୟ, ଓସ୍‌ଜା ପୁରସ୍କାରର ପ୍ରଥମ ବିଜେତା ଥିଲେ ହେପ୍ଟାଥଲନ ତାରକା ପୂର୍ଣ୍ଣିମା ହେମ୍ବ୍ରମ୍ ଓ ବର୍ଷୀୟାନ ଫୁଟ୍‌ବଲ ଖେଳାଳି ଦେବ ସିଂହ। ସେହିଭଳି ଗତବର୍ଷ ହକି ତାରକା ଅମିତ୍ ରୋହିଦାସ ଓ ଦ୍ରୋଣାଚାର୍ଯ୍ୟ ପୁରସ୍କାର ବିଜେତା ବକ୍ସିଂ ପ୍ରଶିକ୍ଷକ ବ୍ରଜ ଭୂଷଣ ମହାନ୍ତି ଏହି ମର୍ଯ୍ୟାଦାଜନକ ପୁରସ୍କାର ପାଇଥିଲେ।



ପ୍ରମୋଦ ଭଗତ



ପଞ୍ଚାନନ ଗନ୍ତାୟତ

ଗତବର୍ଷ ଓଡ଼ିଶାର ଅଷ୍ଟମ ଖେଳାଳି ଭାବେ ଅର୍ଜ୍ଜୁନ ପୁରସ୍କାର ପାଇଥିବା ପ୍ରମୋଦ ଉଭୟ ଏକକ ଓ ଡବଲ୍ସ ବର୍ଗରେ ୪୫ରୁ ଅଧିକ ଅନ୍ତର୍ଜାତୀୟ ପଦକ ଜିତିସାରିଛନ୍ତି। କେବଳ ୨୦୧୯ରେ ସେ ୧୧ ସ୍ୱର୍ଣ୍ଣ, ୩ ରୌପ୍ୟ ଓ ୪ ବ୍ରୋଞ୍ଜ ପଦକ ଜିତିଥିଲେ। ବିଶ୍ୱ ପାରା ବ୍ୟାଡ୍‌ମିଣ୍ଟନ ସ୍ୱର୍ଣ୍ଣ ପଦକ ସହ ସେ ବିଶ୍ୱ ର୍‍ୟାଙ୍କିଙ୍ଗ୍‌ର ନମ୍ବର ୱାନ୍ ସ୍ଥାନରେ ମଧ୍ୟ ରହିଛନ୍ତି। ଗତବର୍ଷ ପ୍ରମୋଦ ବିଡବ୍ଲ୍ୟୁଏଫ୍ ଶ୍ରେଷ୍ଠ ଖେଳାଳି ପୁରସ୍କାର ମନୋନୟନ ତାଲିକାରେ ସ୍ଥାନ ପାଇଥିଲେ। ଅନ୍ୟପକ୍ଷରେ ନିଜ ସମୟରେ ଜଣେ ବହୁମୁଖୀ କ୍ରୀଡ଼ା ତାରକା ଥିବା ପଞ୍ଚାନନ ଦ୍ୱିତୀୟ ଓଡ଼ିଆ ଭାବେ ଜାତୀୟ ପ୍ରତିଯୋଗିତାର ୧୧୦ ବାଧାଦୌଡ଼ରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ପ୍ରଶିକ୍ଷକ ଭାବେ ସେ ମଧ୍ୟ ଅନୁରାଧା ବିଶ୍ୱାଳ ଓ ରଚିତା ମିସ୍ତ୍ରିଙ୍କ ଭଳି ଅଲିମ୍ପିଆନ୍ ସୃଷ୍ଟି କରିଥିଲେ।

## ପ୍ରଥମ ଦିନିକିଆ ଜିତିଲା ଅଷ୍ଟ୍ରେଲିଆ

ସିଡ୍‌ନୀ, ୧୩।୩

ଏଠାରେ ଖେଳାଯାଇଥିବା ପ୍ରଥମ ଦିନିକିଆ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ୭୧ ରନ୍‌ରେ ନ୍ୟୁଜିଲାଣ୍ଡକୁ ହରାଇ ଦେଇଛି। ଖାଲି ଷ୍ଟାଡିୟମରେ ଖେଳାଯାଇଥିବା ଏହା ପ୍ରଥମ ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚ୍। ମ୍ୟାଚ୍‌ରେ ଅଲ୍‌ରାଉଣ୍ଡ ପ୍ରଦର୍ଶନ କରିଥିବା ମିଚେଲ ମାର୍ଶଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି। ଏହି ବିଜୟ ସହ ଆୟୋଜକ ଅଷ୍ଟ୍ରେଲିଆ ୩ ମ୍ୟାଚ୍‌ବିଶିଷ୍ଟ ସିରିଜ୍‌ରେ ୧-୦ର ଅଗ୍ରଣୀ ହାସଲ କରିଛି। ଦୁଇ ଦଳ ୧୯୯୯ ବିଶ୍ୱକପ୍ ଜର୍ସିରେ ଖେଳିଥିଲେ, ଯାହାକି ମ୍ୟାଚ୍‌ର ସବୁଠୁ ଉଲ୍ଲେଖନୀ ଘଟଣା ଥିଲା।

ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିଲା ଅଷ୍ଟ୍ରେଲିଆ। ଅଧିନାୟକ ଆରୋନ ଫିଞ୍ଚ୍ ଓ ଡେଭିଡ୍ ୱାର୍ନରଙ୍କ ଓପ୍‌ନିଂ ଯୋଡ଼ି ପ୍ରଥମ ଉଇକେଟରେ ୧୨୪ ରନ୍ ଯୋଡ଼ିଥିଲେ। ଦୁହେଁ ଆଉଟ୍ ହେବା ପରେ ଦଳ କ୍ରମାଗତ ବ୍ୟବଧାନରେ ଉଇକେଟ ହରାଇଥିଲା। କେବଳ ମାର୍ନସ ଲାବୁସାନେ (୫୬) ଅର୍ଦ୍ଧଶତକୀୟ ଇନିଂସ୍ ଖେଳିଥିବାବେଳେ ଅନ୍ୟମାନେ ବିଫଳ ହୋଇଥିଲେ। ଫଳରେ ଅଷ୍ଟ୍ରେଲିଆ ନିର୍ଦ୍ଧାରିତ ୫୦ ଓଭରରେ ୭ ଉଇକେଟ ହରାଇ ୨୫୭ ରନ୍ କରିପାରିଥିଲା। ଅଧିନାୟକ ଫିଞ୍ଚ୍ ୬୦, ୱାର୍ନର ୬୭ ରନ୍ କରିଥିଲେ। ଜବାବରେ ପ୍ରାରମ୍ଭରୁ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ନ୍ୟୁଜିଲାଣ୍ଡ ୪୧ ଓଭର ଖେଳି ୧୮୭ ରନ୍‌ରେ ସୀମିତ ରହିଥିଲା। କରୋନା ଭାଇରସ୍ ପ୍ରକୋପରୁ ଖେଳାଳିଙ୍କ ସୁରକ୍ଷା ଲାଗି ମ୍ୟାଚ୍‌କୁ ଖାଲି ଷ୍ଟାଡିୟମରେ ଆୟୋଜନ କରାଯାଇଥିଲା। ଖେଳାଳିମାନେ ମ୍ୟାଚ୍ ପରେ ପରସ୍ପର ସହ ହାତ ମିଳାଇ ନ ଥିଲେ। ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ସମାନ ଗ୍ରାଉଣ୍ଡରେ ରବିବାର ଖେଳାଯିବ।

**ସଂକ୍ଷିପ୍ତ ସ୍କୋର**

ଅଷ୍ଟ୍ରେଲିଆ- ୫୦ ଓଭରରେ ୨୫୮/୭ (ଡେଭିଡ୍ ୱାର୍ନର ୬୭, ଆରୋନ ଫିଞ୍ଚ୍ ୬୦, ମାର୍ନସ ଲାବୁସାନେ ୫୬, ଇଶ୍ ସୋଧି ୩/୫୧, ମିଚେଲ ସାଣ୍ଟନର ୨/୩୪)।

ନ୍ୟୁଜିଲାଣ୍ଡ- ୪୧ ଓଭରରେ ୧୮୭/ଅଲଆଉଟ୍ (ମାର୍ଟିନ ଗୁପ୍‌ଟିଲ ୪୦, ଟମ୍ ଲଥାମ ୩୮, କଲିନ ଡି ଗ୍ରାଣ୍ଡହୋମ ୨୫, ପ୍ୟାଟ କୁମିନ୍ସ ୩/୨୫, ମିଚେଲ ମାର୍ଶ ୩/୨୯)।

# ଫାଙ୍କା ଷ୍ଟାଡିୟମରେ ଏଟିକେ-ଚେନ୍ନାଇନ୍ ଫାଇନାଲ ଆଜି

ମାର୍ଗାଓ, ୧୩।୩(ପି.ଟି.)

ହାଇପ୍ରୋଫାଇଲ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍) ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଭାରତର ଏହି ସର୍ବବୃହତ୍ ଫୁଟବଲ ଲିଗ୍ ଷଷ୍ଠ ସଂସ୍କରଣର ଫାଇନାଲ ମ୍ୟାଚ୍‌ରେ ଶନିବାର ଏଟିକେ ଓ ଚେନ୍ନାଇନ୍ ଏଫ୍‌ସି ମୁହାଁମୁହିଁ ହେବେ। ଏହି ଟାଇଟଲ ମୁକାବିଲା ଦର୍ଶକଙ୍କ ଅନୁପସ୍ଥିତିରେ ଫାଙ୍କା ଷ୍ଟାଡିୟମରେ ଖେଳାଯିବ। ବିଶ୍ୱବ୍ୟାପୀ ଦେଖାଦେଇଥିବା କରୋନା ଭାଇରସ ଆତଙ୍କ କାରଣରୁ ରୁଦ୍ଧଦ୍ୱାରରେ ଏହି ମ୍ୟାଚ୍ ଖେଳାଯିବାକୁ ନିଷ୍ପତ୍ତି ନିଆଯାଇଛି। ଭିନ୍ନ କାରଣ ପାଇଁ ଆଉ ଏକ ଆଇଏସ୍‌ଏଲ ମ୍ୟାଚ୍ ଫାଙ୍କା ଷ୍ଟାଡିୟମ୍‌ରେ ଖେଳାଯିବ। ଏହାପୂର୍ବରୁ ଆସାମରେ ଦେଖାଦେଇଥିବା ନାଗରିକତା ସଂଶୋଧନ ବିଲ (ସିଏଏ) ବିରୋଧରେ ବିକ୍ଷୋଭ କାରଣରୁ ଗୁଆହାଟୀରେ ଅନୁଷ୍ଠିତ ନର୍ଥଇଷ୍ଟ ୟୁନାଇଟେଡ ଏଫ୍‌ସି ଓ ବେଙ୍ଗାଲୁରୁ ଏଫ୍‌ସି ମ୍ୟାଚ୍ ଦର୍ଶକଙ୍କ ଅନୁପସ୍ଥିତିରେ ଫାଙ୍କା ଷ୍ଟାଡିୟମରେ ଖେଳାଯାଇଥିଲା।

ବିଭିନ୍ନ ଦୃଷ୍ଟିକୋଣରୁ ଏଥରର ଟୁର୍ନାମେଣ୍ଟ ଗୁରୁତ୍ୱବହନ କରୁଛି। ଅଲ ଇଣ୍ଡିଆ ଫୁଟବଲ ଫେଡେରେଶନ (ଏଆଇଏଫ୍‌ଏଫ୍) ଆଇଏସ୍‌ଏଲକୁ ଏକ ଟପ୍ ଟାୟର ପ୍ରତିଯୋଗିତାରେ ମର୍ଯ୍ୟାଦା ପ୍ରଦାନ କରିବା ଏକ ଉଲ୍ଲେଖନୀୟ ଘଟଣା ସାବ୍ୟସ୍ତ ହୋଇଛି। ଲିଗ୍ ପର୍ଯ୍ୟାୟ ଚାମ୍ପିୟନ ଏଫ୍‌ସି ଗୋଆ ପ୍ରଥମ ଭାରତୀୟ ଦଳ ଭାବେ ଏସିଆର ଶ୍ରେଷ୍ଠ କ୍ଲବ ଲିଗ୍ ଏଫ୍‌ସି ଚାମ୍ପିୟନ୍ସ ଲିଗ୍ ଗ୍ରୁପ ପର୍ଯ୍ୟାୟରେ ସିଧାସଳଖ ଖେଳିବାର ସୁଯୋଗ ପାଇଛି।

ପୂର୍ବରୁ ଏଟିକେ ୨୦୧୪ ଓ ୨୦୧୬ରେ ଏବଂ ଚେନ୍ନାଇନ ୨୦୧୫ ଓ ୨୦୧୭- ୧୮ରେ ଦୁଇଥର ଲେଖାଏ ଆଇଏସ୍‌ଏଲ୍ ଟାଇଟଲ ହାସଲ କରିଥିଲେ। ଯେଉଁ ଦଳ ବି ଚାମ୍ପିୟନ ହେବ ତୃତୀୟ ଥର ପାଇଁ ବାଜି ମାରିବ। ପ୍ଲେ ଅଫ୍‌ରେ ଏହି ଦୁଇ ଦଳ ଦମ୍‌ଦାର ପ୍ରଦର୍ଶନ କରିଥିଲେ। ଏଫ୍‌ସି ଗୋଆକୁ ଦୁଇ ଲେଗ୍ ବିଶିଷ୍ଟ ସେମିଫାଇନାଲରେ ୬-୫ ଗୋଲରେ ହରାଇ ଚେନ୍ନାଇନ୍ ଫାଇନାଲରେ ପ୍ରବେଶ କରିଥିଲା। ସେହିପରି ବେଙ୍ଗାଲୁରୁ ଏଫ୍‌ସିକୁ ୩-୨ରେ ହରାଇ ଏଟିକେ ଫାଇନାଲ ଟିକେଟ ହାସଲ କରିଥିଲା। ଲିଗ୍ ପର୍ଯ୍ୟାୟରେ ଏଟିକେ ୧୮ ମ୍ୟାଚ୍ ଖେଳି ୧୦ ବିଜୟ, ୪ ଡ୍ର ଓ ୪ ପରାଜୟ ସହ ୩୪ ପଏଣ୍ଟ ହାସଲ କରି ଦ୍ୱିତୀୟ ସ୍ଥାନରେ ରହିଥିଲା। ସେହିପରି ଚେନ୍ନାଇନ ୧୮ ମ୍ୟାଚ୍ ଖେଳି ୮ ବିଜୟ, ୫ ଡ୍ର ଓ ୫ ପରାଜୟ ସହ ୨୯ ପଏଣ୍ଟ ପାଇ ତାଲିକାରେ ଚତୁର୍ଥ ସ୍ଥାନରେ ରହିଥିଲା। ଶୀର୍ଷରେ ଥିବା ଗୋଆ ଫାଇନାଲରେ ପ୍ରବେଶ କରିବାରେ ବିଫଳ ହୋଇଥିଲା। ସାରା ସେସନରେ ଏଟିକେ ସ୍ଥିର ପ୍ରଦର୍ଶନ କରିଥିଲା। ତେବେ ଫାଇନାଲରେ ପହଞ୍ଚିବା ପାଇଁ ଚେନ୍ନାଇନକୁ ଭାଗ୍ୟଦେବୀ ସାମାନ୍ୟ ସହାୟ ହୋଇଥିଲେ।




ଶୁକ୍ରବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏଟିକେ ଓ ଚେନ୍ନାଇନ୍ ଏଫସି ଦଳର କୋଚ୍ ଆଣ୍ଟୋନିଓ ଲୋପେଜ ହାବାସ ଓ ଓୱେନ କୋଏଲେ ଅଧିନାୟକ ରୟ କ୍ରିଷ୍ଣା ଓ ଲୁସିଆନ ଗୋଇଆନଙ୍କ ସହ।

ଫାଇନାଲରେ ଦଳ ଭଲ ପ୍ରଦର୍ଶନ କରିବ ବୋଲି ଚେନ୍ନାଇନ ଏଫ୍‌ସି ଓୱେନ କୋଏଲ ଆଶା ପ୍ରକାଶ କରିଛନ୍ତି। ଚେନ୍ନାଇନ୍ ଫରଓ୍ୱାର୍ଡ ନେରିଜୁସ ଭାଲସ୍କିଜ ଏପର୍ଯ୍ୟନ୍ତ ୧୪ଟି ଗୋଲ ସ୍କୋର କରି ଟପ୍ ସ୍କୋରର ଦୌଡ଼ରେ ରହିଛନ୍ତି। ମିଡ୍‌ଫିଲ୍ଡର ରାଫାଏଲ କ୍ରିଭେଲାରୋ ଦଳ ପାଇଁ ସୁଯୋଗ ସୃଷ୍ଟି କରିବାରେ ସିଦ୍ଧ ହସ୍ତ। କୋଏଲଙ୍କ ତତ୍ତ୍ୱାବଧାନରେ ଏହି ଦୁଇ ଖେଳାଳି ପ୍ରଭାବୀ ପ୍ରଦର୍ଶନ କରିଛନ୍ତି। ସେହିପରି ୱିଙ୍ଗର ଲାଲିଆଞ୍ଜୁଆଲା ଚାଙ୍ଗଟେ ମଧ୍ୟ ଉଚ୍ଚକୋଟୀର ପ୍ରଦର୍ଶନ କରିଛନ୍ତି। ସେ ପ୍ରଥମ ଭାରତୀୟ ଫୁଟବଲର ଭାବେ ପ୍ଲେ ଅଫ୍‌ର ଦୁଇଟି ଲେଗ୍‌ରେ ଗୋଲ ସ୍କୋର କରିଛନ୍ତି। ଏଟିକେ ଏକ ବଡ଼ ଦଳ ଓ ଏହା ପ୍ରତି ଆମର ସମ୍ମାନ ଅଛି। ନିଜ ଷ୍ଟାଇଲରେ ଆମେ ଖେଳିବୁ। ଦଳ ସାମାନ୍ୟ ଚାପରେ ରହିଛି ବୋଲି କୋଏଲ ସ୍ୱୀକାର କରିଛନ୍ତି।

ଅପରପକ୍ଷରେ ଏଟିକେ ରଏ କ୍ରିଷ୍ଣା ଓ ଡେଭିଡ ୱିଲିୟମ୍ସଙ୍କ ଉପରେ ଆଟାକ ଦୃଷ୍ଟିକୋଣରୁ ଅଧିକ ନିର୍ଭରଶୀଳ ହୋଇପଡିଛି। ଏପର୍ଯ୍ୟନ୍ତ ୧୫ଟି ଗୋଲ ସ୍କୋର କରି କ୍ରିଷ୍ଣା ଗୋଲ୍‌ଡେନ ବୁଟ୍ ଦୌଡ଼ରେ ସାମିଲ ହୋଇଛନ୍ତି। ସେହିପରି ୱିଲିୟମ୍ସ, ଏଡୁ ଗାର୍ସିଆ ଓ ଜାଭିଏର ହର୍ନାଣ୍ଡିଜ୍, ଉଙ୍ଗ୍ ବ୍ୟାକ ପ୍ରବୀର ଦାସ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବେ। ଆମେ ଫାଇନାଲ ମ୍ୟାଚ୍‌କୁ ଉପଭୋଗ କରିବୁ ଓ ବିଜୟୀ ହୋଇ ଟାଇଟଲ ଜିତିବାକୁ ଚେଷ୍ଟା କରିବୁ ବୋଲି ଏଟିକେ କୋଚ୍ ଆଣ୍ଟୋନିଓ ହାବାସ କହିଛନ୍ତି। ୨୦୧୪ରେ ସେ ଏଟିକେର ନେତୃତ୍ୱ ନେଇ ଦଳକୁ ଚାମ୍ପିୟନ କରାଇଥିଲେ।

**ଇଣ୍ଡିଆନ ସୁପର ଲିଗ୍**

- ମ୍ୟାଚ୍ ଆରମ୍ଭ: ସନ୍ଧ୍ୟା ୭.୩୦
- ସ୍ଥାନ: ମାର୍ଗାଓ (ଫାର୍ଟୋଡା ଷ୍ଟାଡିୟମ)
- ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

3rd Birthday Wish

Praneel Dash
Mishrapada, Angul
Present– Fanleaf Drive, Mississakga, Canada
On this auspicious day, we pray Mahaprabhu Sri Jagannath to shower all the Happiness on you.
–:With blessings from:–
Jepa, Jema, Aai, Bapa, Mama, and Brother– Pranshu
D-17138

Birthday Wish

Manisha Sukalyani
Khandagiri Bari, Bhubaneswar
Let's light the candels and celebrate this special day of your life.
Happy Birthday
God bless you and fulfill all your dreams.
D-17107

# ଭାରତ-ଦକ୍ଷିଣ ଆଫ୍ରିକା ସିରିଜ ବାତିଲ




ମାସ୍କ ପିନ୍ଧି ଲକ୍ଷ୍ନୌ ବିମାନ ବନ୍ଦରରେ ଅଧିନାୟକ ବିରାଟ କୋହଲି ଓ ଲୋକେଶ ରାହୁଲ।

**କରୋନା ଭୟ**

**ନୂଆଦିଲ୍ଲୀ, ୧୩ା୩(ପି.ଟି.)**

କରୋନା ଭାଇରସ୍ ଆତଙ୍କ କ୍ରୀଡ଼ା ଜଗତରେ ଏହାର କାୟା ବିସ୍ତାର କରିବାରେ ଲାଗିଛି। ଭାରତୀୟ କ୍ରୀଡ଼ା ମଧ୍ୟ ଏଥିଯୋଗୁ ଗୁରୁତର ପ୍ରଭାବିତ ହୋଇଛି। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ପକ୍ଷରୁ ଏହାକୁ ବିଶ୍ୱ ମହାମାରୀ ଘୋଷଣା ପରେ ସବୁଆଡ଼େ ସତର୍କତା ଅବଲମ୍ବନ କରାଯାଉଛି। ଏହାର ଏକ ଅଂଶସ୍ୱରୂପ ଚଳିତ ଭାରତ-ଦକ୍ଷିଣ ଆଫ୍ରିକା ଦିନିକିଆ କ୍ରିକେଟ ସିରିଜ୍‌ର ଲକ୍ଷ୍ନୌ ଓ କୋଲ୍‌କାତାରେ ହେବାକୁଥିବା ଅବଶିଷ୍ଟ ୨ଟି ମ୍ୟାଚ୍‌କୁ ବାତିଲ କରାଯାଇଛି। ଭାରତରେ ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ଦକ୍ଷିଣ ଆଫ୍ରିକା ଖେଳାଳିମାନେ ଖେଳ ଜାରି ରଖିବାକୁ ଅନିଚ୍ଛା ପ୍ରକାଶ କରିଥିଲେ। ଦୁଇ ଦେଶ ମଧ୍ୟରେ ପ୍ରଥମ ଦିନିକିଆ ବର୍ଷା ଯୋଗୁ ବାତିଲ ହୋଇ ଯାଇଥିଲା। ଦ୍ୱିତୀୟ ଦିନିକିଆ ପାଇଁ ଭ୍ରମଣକାରୀ ଦଳ ଲକ୍ଷ୍ନୌରେ ପହଞ୍ଚି ସାରିଥିଲା। ଦକ୍ଷିଣ ଆଫ୍ରିକା ଦଳ ଦିଲ୍ଲୀ ଆସି ଯଥାସମ୍ଭବ ଶୀଘ୍ର ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିବ ବୋଲି ବିସିସିଆଇର ଜଣେ କର୍ମକର୍ତ୍ତା ପ୍ରକାଶ କରିଛନ୍ତି। ସରକାରଙ୍କ ନିର୍ଦ୍ଦେଶରେ ସିରିଜ୍‌ର ଶେଷ ୨ଟି ମ୍ୟାଚ୍ ବିନା ଦର୍ଶକରେ ଖେଳାଯିବାକୁ ପୂର୍ବରୁ ନିଷ୍ପତ୍ତି ନିଆଯାଇଥିଲା। ଏବେ ଭାରତରେ ୮୦ରୁ ଊର୍ଦ୍ଧ୍ୱ ଏବଂ ବିଶ୍ୱରେ ୧,୩୦,୦୦୦ରୁ ଊର୍ଦ୍ଧ୍ୱ ଲୋକ କରୋନାରେ ସଂକ୍ରମିତ ହୋଇଛନ୍ତି। ଅନ୍ତର୍ଜାତୀୟ ସ୍ତରରେ ୫୦୦୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଏଥିରେ ମୃତ୍ୟୁବରଣ କରିଛନ୍ତି। ପ୍ରକାଶଯୋଗ୍ୟ, ଗତ ତିନି ଦଶନ୍ଧିରେ ଦ୍ୱିତୀୟଥର ପାଇଁ ଭାରତରେ କୌଣସି ଅନ୍ତର୍ଜାତୀୟ ସିରିଜ ଅଧାରୁ ବାତିଲ ହୋଇଛି। ପୂର୍ବରୁ ୨୦୧୪ରେ ପାଉଣା ବିବାଦକୁ କେନ୍ଦ୍ରକରି ୱେଷ୍ଟଇଣ୍ଡିଜ ଦଳ ସିରିଜ ଅଧାରୁ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିଥିଲା।

ପରିବର୍ତ୍ତିତ ଘଟଣାକ୍ରମରେ ଏହି ସିରିଜ ପୁନଃ ନିର୍ଦ୍ଧାରିତ ହେବ ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ ପକ୍ଷରୁ ପ୍ରକାଶ କରାଯାଇଛି। "କ୍ରିକେଟ ଦକ୍ଷିଣ ଆଫ୍ରିକା ପରେ ଭାରତ ଆସି ୩ଟି ଦିନିକିଆ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିବ। ବିସିସିଆଇ ଓ ସିଏସ୍ଏ ମିଳିତଭାବେ ଏହି ସିରିଜ ପାଇଁ ଦିନ ଧାର୍ଯ୍ୟ କରିବେ" ବୋଲି ବୋର୍ଡ ସମ୍ପାଦକ ଜୟ ଶାହା ପ୍ରକାଶ କରିଛନ୍ତି। "ସ୍ୱାସ୍ଥ୍ୟ ସମସ୍ୟାଠାରୁ ଆଉ ବଡ଼ କିଛି ନାହିଁ" ବୋଲି କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ କିରେନ ରିଜିଜୁ କହିଛନ୍ତି। ଲକ୍ଷ୍ନୌରେ ମ୍ୟାଚ୍ ଆୟୋଜନ ପାଇଁ ଉତ୍ତରପ୍ରଦେଶ ସରକାର ଚିନ୍ତାରେ ରହିଥିଲେ। କାରଣ ଏହି ରାଜ୍ୟରେ ୧୧ ଲୋକ ସଂକ୍ରମିତ ହୋଇଥିବା ସ୍ପଷ୍ଟ ହୋଇଛି। ମ୍ୟାଚ୍‌କୁ ସ୍ଥଗିତ ରଖାଯାଉ ବୋଲି ଉତ୍ତରପ୍ରଦେଶ ସ୍ୱାସ୍ଥ୍ୟମନ୍ତ୍ରୀ ଜୟ ପ୍ରତାପ ସିଂ ଚାହୁଁଥିଲେ। ଲକ୍ଷ୍ନୌ ଜିଲା ପ୍ରଶାସନ ମଧ୍ୟ ଗୋଟିଏ ସ୍ଥାନରେ ବହୁସଂଖ୍ୟାରେ ଲୋକ ଏକାଠି ହୁଅନ୍ତୁ ବୋଲି ଚାହୁଁ ନ ଥିଲା। ମାରାତ୍ମକ କରୋନା ଭାଇରସ୍ ଚାଇନା ଓ ଇଟାଲୀରେ ଗମ୍ଭୀର ପରିସ୍ଥିତି ସୃଷ୍ଟି କରିଥିବାବେଳେ ଭାରତ ମଧ୍ୟ ପ୍ରଭାବିତ ହୋଇଛି। ପ୍ରଥମେ କେରଳ ଏବଂ ପରେ ବେଙ୍ଗାଲୁରୁ, ପୁଣେ, ଦିଲ୍ଲୀ, ଜୟପୁର, ଆଗ୍ରା, ହାଇଦ୍ରାବାଦ, ଜମ୍ମୁ-କଶ୍ମୀର ଆଦି ସହରରେ ଏହି ଭାଇରସ୍‌ରେ ଲୋକମାନେ ସଂକ୍ରମିତ ହୋଇଥିବା ସ୍ପଷ୍ଟ ହୋଇଛି।

## ଏପ୍ରିଲ ୧୫ ପର୍ଯ୍ୟନ୍ତ ଆଇପିଏଲ ସ୍ଥଗିତ



**ନୂଆଦିଲ୍ଲୀ, ୧୩ା୩(ପି.ଟି.)**

ବ୍ୟୟବହୁଳ ଇଣ୍ଡିଆନ ପ୍ରିମିୟର ଲିଗ୍(ଆଇପିଏଲ)କୁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ଏପ୍ରିଲ ୧୫ ପର୍ଯ୍ୟନ୍ତ ସ୍ଥଗିତ ରଖିଛି। ଏହା ଚଳିତ ମାସ ୨୯ ତାରିଖରେ ଆରମ୍ଭ ହେବାର ଥିଲା। "କରୋନା ଭାଇରସ୍ ସଂକ୍ରମଣକୁ ଦୃଷ୍ଟିରେ ରଖି ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ଆଇପିଏଲକୁ ଏପ୍ରିଲ ୧୫ ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଛି" ବୋଲି ବିସିସିଆଇ ସମ୍ପାଦକ ଜୟ ଶାହା ପ୍ରକାଶ କରିଛନ୍ତି। ଦିଲ୍ଲୀ କ୍ୟାପିଟାଲ୍ସ ଦିଲ୍ଲୀଭିତ୍ତିକ ଫ୍ରାଞ୍ଚାଇଜ୍। ମାତ୍ର ଦିଲ୍ଲୀ ସରକାର ଜାତୀୟ ରାଜଧାନୀରେ ସମସ୍ତ ପ୍ରକାର କ୍ରୀଡ଼ାଭିତ୍ତିକ କାର୍ଯ୍ୟକୁ ସ୍ଥଗିତ ରଖିବାରୁ ବିସିସିଆଇ ବାଧହୋଇ ଏପରି ନିଷ୍ପତ୍ତି ନେଇଛି। ଆଇପିଏଲକୁ ସାମୟିକଭାବେ ବନ୍ଦ ରଖାଯାଇଛି, ସମ୍ପୂର୍ଣ୍ଣ ଭାବେ ନୁହେଁ ବୋଲି ବିସିସିଆଇ ପକ୍ଷରୁ ସ୍ପଷ୍ଟ କରାଯାଇଛି। ତେବେ ଏହା ଏପ୍ରିଲ ୧୫ରେ ଆରମ୍ଭ ହେବ ବୋଲି କିଛି ଗ୍ୟାରେଣ୍ଟି ନାହିଁ। ଯଦି ବି ଆରମ୍ଭ ହୁଏ ତେବେ ବିନା ଦର୍ଶକରେ ମ୍ୟାଚ୍‌ଗୁଡ଼ିକ ଅନୁଷ୍ଠିତ ହେବା ସମ୍ଭାବନା ରହିଛି। ଏ ସମ୍ପର୍କରେ ଶନିବାର ଆଇପିଏଲ ଗଭର୍ଣ୍ଣିଂ କାଉନ୍‌ସିଲ୍ ବୈଠକରେ ବିସ୍ତୃତ ଭାବେ ଆଲୋଚନା ହେବ। "ଭାରତ ସରକାର, କେନ୍ଦ୍ର କ୍ରୀଡ଼ା ଓ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଏବଂ ଅନ୍ୟ ରାଜ୍ୟ ସରକାରଙ୍କ ସହିତ ବିସିସିଆଇ ସମ୍ପର୍କରେ ଅଛି" ବୋଲି ଶାହା କହିଛନ୍ତି।

ପୂର୍ବ କାର୍ଯ୍ୟସୂଚୀ ଅନୁସାରେ ଗୋଟିଏ ଦିନରେ ସୀମିତ ସଂଖ୍ୟକ ଡବଲ ଆଇପିଏଲ ମ୍ୟାଚ୍ ରହିଥିଲା। ମାତ୍ର ଆଗାମୀ ଦିନରେ ଯଦି ଏହି ଲିଗ୍ ସମ୍ଭବ ହୁଏ ତେବେ ଅଧିକ ଡବଲ ମ୍ୟାଚ୍ ହୋଇପାରେ। ମହାରାଷ୍ଟ୍ର, କର୍ଣ୍ଣାଟକ ଓ ଦିଲ୍ଲୀ ଗେମ୍ ପାଇଁ ଅନୁମତି ଦେବାକୁ ମନା କରିଦେବାରୁ ବିସିସିଆଇ ଆଉ ୫ଟି ଭେନ୍ୟୁକୁ ପ୍ରସ୍ତୁତ କରି ରଖିଛି। ଏପ୍ରିଲ ୧୫ ପର୍ଯ୍ୟନ୍ତ ବିଦେଶୀ ଖେଳାଳିଙ୍କ ଭିସା ଉପରେ କଟକଣା ରହିଛି। ବିନା ବିଦେଶୀ ଖେଳାଳିରେ ଆଇପିଏଲର କିଛି ମାନେ ନାହିଁ ବୋଲି ଫ୍ରାଞ୍ଚାଇଜ୍‌ମାନେ ମତ ପ୍ରକାଶ କରିଛନ୍ତି। ଯଦି ସବୁ ଠିକ୍ ରୁହେ ଏବଂ ବିସିସିଆଇ ଆଇପିଏଲ ଏପ୍ରିଲ ୧୫ରେ ଆରମ୍ଭ କରେ ତେବେ ଏହା ୪୦ ଦିନ ବିଶିଷ୍ଟ ହେବ।

## ଜାତୀୟ ପାରା ବ୍ୟାଡମିଣ୍ଟନ ଚାମ୍ପିୟନଶିପ୍ ଘୁଞ୍ଚିଲା

**ଭୁବନେଶ୍ୱର,୧୩ା୩(ସ୍ପୋର୍ଟ୍ସ ବ୍ୟୁରୋ)**

କରୋନା ଭାଇରସ୍ ସଂକ୍ରମଣକୁ ଦୃଷ୍ଟିରେ ରଖି ଏଠାରେ ଆସନ୍ତା ୧୯ରୁ ୨୨ ତାରିଖ ମଧ୍ୟରେ ଆୟୋଜନ ହେବାକୁ ଥିବା ଚତୁର୍ଥ ଜାତୀୟ ପାରା ବ୍ୟାଡମିଣ୍ଟନ ଚାମ୍ପିୟନଶିପ୍-୨୦୨୦କୁ ସ୍ଥଗିତ ରଖାଯାଇଛି। ପାରା ସ୍ପୋର୍ଟ୍ସ ଆସୋସିଏଶନ ଅଫ ଓଡ଼ିଶା, ଓଡ଼ିଶା ପାରା ବ୍ୟାଡମିଣ୍ଟନ ଆସୋସିଏଶନ, କେ.ସି. ମେମୋରିଆ ଟ୍ରଷ୍ଟ ଓ ଉଡ୍ଡାନ ବ୍ୟାଡମିଣ୍ଟନ ଏକାଡେମୀକୁ ନେଇ ଗଠିତ ଲୋକାଲ ଅର୍ଗାନାଇଜିଂ କମିଟି ଏହି ଚାମ୍ପିୟନଶିପ୍‌କୁ ସ୍ଥଗିତ ରଖିବା ପାଇଁ ନିଷ୍ପତ୍ତି ନେଇଛି। ଓଡ଼ିଶା ସରକାର ଓ ପାରାଅଲିମ୍ପିକ୍ କମିଟି ଅଫ୍ ଇଣ୍ଡିଆ ସହ ଆଲୋଚନା କରିବା ପରେ ପ୍ରତିଯୋଗିତାକୁ ସ୍ଥଗିତ ରଖାଯାଇଛି ବୋଲି କମିଟି ତରଫରୁ କୁହାଯାଇଛି। ଆଥଲେଟ, କୋଚ, ମ୍ୟାନେଜର, ଏସ୍କର୍ଟ ଓ ଦର୍ଶକଙ୍କ ସ୍ୱାସ୍ଥ୍ୟ ଓ ନିରାପତ୍ତାକୁ ଦୃଷ୍ଟିରେ ରଖି ଏପରି ନିଷ୍ପତ୍ତି ନିଆଯାଇଛି ଓ ଚାମ୍ପିୟନଶିପ୍‌ର ନୂଆ ତାରିଖ ପରେ ଘୋଷଣା କରାଯିବ।

## ସ୍ଥଗିତ ହେଲା କଳାହାଣ୍ଡି କପ୍

**କଟକ ଅଫିସ,୧୩ା୩**



କରୋନା ଭାଇରସ ସଂକ୍ରମଣକୁ ଦୃଷ୍ଟିରେ ରଖି ଚଳିତ ମାସରେ ଆରମ୍ଭ ହେବାକୁ ଥିବା ଓଡ଼ିଶାର ପ୍ରମୁଖ ଘରୋଇ କ୍ରିକେଟ ଟୁର୍ନାମେଣ୍ଟ କଳାହାଣ୍ଡି କପ୍‌କୁ ସ୍ଥଗିତ ରଖାଯାଇଛି। ଆସନ୍ତା ଏପ୍ରିଲ ୧ କିମ୍ବା ୧୫ ତାରିଖରୁ ଏହାକୁ ଆରମ୍ଭ କରାଯିବ। ଏ ନେଇ ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ)ର ମ୍ୟାଚ୍ ପରିଚାଳନା କମିଟି ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଥିଲା। କମିଟିର ସଦସ୍ୟ ଧୀରେନ ପଲାଇ, ନୃସିଂହ ଚୌଧୁରୀ, ଅମିତ ବେହେରା ଓ ସିଇଓ ସୁବ୍ରତ କୁମାର ବେହେରା ଉପସ୍ଥିତ ଥିଲେ। ଏହି ଅବସରରେ ବର୍ଷସୂଚୀ, ଖେଳସୂଚୀ ଓ ଟେକ୍ନିକାଲ କମିଟି ବୈଠକ ମଧ୍ୟ ଅନୁଷ୍ଠିତ ହୋଇଥିଲା।

ଅନ୍ୟପକ୍ଷରେ ସମ୍ବିଧାନ ଓ ଅନୁବନ୍ଧନ କମିଟି ବୈଠକ ଅନୁଷ୍ଠିତ ହେବା ସହ ଚୟନକର୍ତ୍ତା ନିଯୁକ୍ତି ସମ୍ପର୍କରେ ଆଲୋଚନା ହୋଇଥିଲା। ଜୁନିୟର ବାଳକ, ସିନିୟର ପୁରୁଷ ଓ ମହିଳା ବର୍ଗରେ ୫ଜଣ ଲେଖାଏ ଚୟନକର୍ତ୍ତା ନିଯୁକ୍ତି ହେବେ। ଖୁବଶୀଘ୍ର ଏ ନେଇ ଓସିଏ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇବ ବୋଲି ଓସିଏ ସଭାପତି ପଙ୍କଜ ଲୋଚନ ମହାନ୍ତି କହିଛନ୍ତି। ଏହି ବୈଠକରେ ସଭାପତି ପଙ୍କଜଙ୍କ ସମେତ କିଶୋର ମାଣିଆ, ଅଜିତ ଜୟପ୍ରକାଶ, ଚିନ୍ମୟାନନ୍ଦ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ସମ୍ପାଦକ ସଞ୍ଜୟ ବେହେରା ସମସ୍ତ ବୈଠକରେ ଅଧକ୍ଷତା କରିଥିଲେ ।

## ବୋଷ୍ଟନ ମାରାଥନ ସେପ୍ଟେମ୍ବର ୧୪ରେ

**ୱାଶିଂଟନ, ୧୩ା୩ (ଏଏଫ୍‌ପି)**

କରୋନା ଭାଇରସ ସଂକ୍ରମଣକୁ ଦୃଷ୍ଟିରେ ରଖି ଏପ୍ରିଲ ୨୦ରେ ହେବାକୁଥିବା ୧୨୪ତମ ବୋଷ୍ଟନ ମାରାଥନକୁ ସେପ୍ଟେମ୍ବର ୧୪ ତାରିଖକୁ ଘୁଞ୍ଚାଇ ଦିଆଯାଇଛି। ବୋଷ୍ଟନ ଆଥଲେଟିକ୍ ଆସୋସିଏଶନ (ବିଏଏ) ପକ୍ଷରୁ ଶୁକ୍ରବାର ଏହା ଘୋଷଣା କରାଯାଇଛି। ବିଶ୍ୱର ଏହି ସର୍ବ ପୁରାତନ ବାର୍ଷିକ ମାରାଥନ ୧୮୯୭ରେ ଆରମ୍ଭ ହୋଇଥିଲା। ବୋଷ୍ଟନ ସମେତ ସମଗ୍ର ମାସାଚୁସେଟ୍ସ ପ୍ରଦେଶରେ ପ୍ୟାଟ୍ରିଅଟ୍ ଦିବସ ଛୁଟି ଦିବସ ପାଳନ ଅବସରରେ ଏହି ରେସ୍ ଅନୁଷ୍ଠିତ ହୋଇଆସୁଛି। କରୋନା ଭାଇରସ୍ ସଂକ୍ରମଣକୁ ନିୟନ୍ତ୍ରଣ କରିବା ଅଭିପ୍ରାୟ ନେଇ ମାସାଚୁସେଟ୍ସ ଗଭର୍ନର ଚାର୍ଲି ବେକର ମଙ୍ଗଳବାର ପ୍ରଦେଶରେ ଜରୁରିକାଳୀନ ପରିସ୍ଥିତି ଘୋଷଣା କରିଛନ୍ତି। ଫଳସ୍ୱରୂପ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ଏପ୍ରିଲରେ ରେସ୍ ଆୟୋଜନ ହୋଇପାରିବ ନାହିଁ ବୋଲି ବୋଷ୍ଟନ ମେୟର ମାର୍ଟିନ ୱାଲ୍ସ ଘୋଷଣା କରିଛନ୍ତି। ବର୍ତ୍ତମାନ ପରିସ୍ଥିତିରେ ସମସ୍ତ ଅଂଶଗ୍ରହଣକାରୀ, ଭଲୁଣ୍ଟିଅର୍ସ, ଦର୍ଶକ ଏବଂ ସମର୍ଥକମାନଙ୍କ ଲାଗି ଉପଯୁକ୍ତ ପରିବେଶ ନାହିଁ ବୋଲି ସେ କହିଛନ୍ତି।

## ଶ୍ରୀଲଙ୍କା ଟୁର୍ ଅଧାରୁ ଫେରିଲା ଇଂଲଣ୍ଡ

**ଲଣ୍ଡନ, ୧୩ା୩ (ପି.ଟି.)**

କରୋନା ଭାଇରସ୍‌ଜନିତ କାରଣରୁ ଶ୍ରୀଲଙ୍କା ଗସ୍ତରେ ଥିବା ଇଂଲଣ୍ଡ କ୍ରିକେଟ ଦଳ ଏହାର ଟୁର୍ ବାତିଲ କରିଛି। ଇଂଲଣ୍ଡ କ୍ରିକେଟ ଦଳ କଲମ୍ବୋଠାରେ ୱାର୍ମଅପ୍ ମ୍ୟାଚ ଖେଳୁଥିଲା। ଶୁକ୍ରବାର ଥିଲା ମ୍ୟାଚର ଦ୍ୱିତୀୟ ଦିବସ। ବିଶ୍ୱ ଚାମ୍ପିୟନଶିପ୍‌ର ଅଂଶବିଶେଷ ଆସନ୍ତା ଗୁରୁବାରଠାରୁ ଦଳ ୨ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ଖେଳିବା କାର୍ଯ୍ୟକ୍ରମ ଥିଲା। ସମଗ୍ର ବିଶ୍ୱରେ କରୋନା ଭାଇରସର କାୟା କ୍ରମେ ବିସ୍ତାରିତ ହେବାରେ ଲାଗିଥିବାରୁ ଶ୍ରୀଲଙ୍କା କ୍ରିକେଟ ବୋର୍ଡ (ଏସ୍ଏଲସି) ସହିତ ଆଲୋଚନା ପରେ ପ୍ରତିଷେଧକମୂଳକ ବ୍ୟବସ୍ଥା ସ୍ୱରୂପ ଆମେ ଟୁର୍‌କୁ ବାତିଲ କରିବା ଲାଗି ନିଷ୍ପତ୍ତି ନେଇଛୁ ବୋଲି ଇଂଲଣ୍ଡ କ୍ରିକେଟ ବୋର୍ଡ (ଇସିବି) କହିଛି। କରୋନା ଭାଇରସ ଆତଙ୍କ ଯୋଗୁ ଖେଳାଳିଙ୍କ ଉଭୟ ଶାରୀରିକ ଓ ମାନସିକ ସ୍ତରରେ ଅସ୍ଥିରତା ଥିବ। ସ୍ୱଦେଶ ଫେରିବା ପରେ ସେମାନଙ୍କୁ ତୁରନ୍ତ ସେମାନଙ୍କ ପରିବାର ନିକଟକୁ ପଠାଇ ଦିଆଯିବ।




ଇଂଲଣ୍ଡ କ୍ରିକେଟ ଦଳର ଶ୍ରୀଲଙ୍କା ଟୁର ବାତିଲ ହେବା ପରେ ଅଧିନାୟକ ଜୋ ରୁଟ୍ ଖେଳାଳିଙ୍କ ସହ ଆଲୋଚନା କରୁଛନ୍ତି।

## ପିଏସ୍ଏଲରୁ ଓହରିଲେ ୯ ବିଦେଶୀ ଖେଳାଳି

**କରାଚି,୧୩ା୩(ପି.ଟି.)**

ତିନି ଇଂଲଣ୍ଡ ଖେଳାଳି ଜାସନ ରୟ, ଆଲେକ୍ସ ହେଲ୍ସ ଓ ଜେମ୍ସ ଭିନ୍ସଙ୍କ ସମେତ ୯ ଜଣ ବିଦେଶୀ ଖେଳାଳି ଚଳିତ ପାକିସ୍ତାନ ସୁପର ଲିଗ୍ (ପିଏସ୍ଏଲ) ଛାଡ଼ି ଘରକୁ ଫେରିବାକୁ ନିଷ୍ପତ୍ତି ନେଇଛନ୍ତି। କରୋନା ଭାଇରସ୍ ବ୍ୟାପୁଥିବାରୁ ସେମାନେ ଏଭଳି କରୁଛନ୍ତି। କିନ୍ତୁ ପିଏସ୍ଏଲ ଜାରି ରହିବ ବୋଲି ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ପକ୍ଷରୁ କୁହାଯାଇଛି। ପିଏସ୍ଏଲରୁ ଓହରିଥିବା ଖେଳାଳିଙ୍କ ତାଲିକାରେ ଲିଆମ ଡାୱସନ, ଲିଆମ ଲିଭିଙ୍ଗଷ୍ଟୋନ, ଲେୱିସ ଗ୍ରେଗୋରି, ଜେମ୍ସ ଭିନ୍ସ, ୱେଷ୍ଟଇଣ୍ଡିଜର କାର୍ଲୋସ ବ୍ରାଥ୍‌ୱେଟ, ଦକ୍ଷିଣ ଆଫ୍ରିକାର ରିଲେ ରୁସୋ ଓ କୋଚ୍ ଜେମ୍ସ ଫୋଷ୍ଟର ରହିଛନ୍ତି। ତେବେ ଏପର୍ଯ୍ୟନ୍ତ କୌଣସି ଖେଳାଳି କିମ୍ବା ଅଫିସିଆଲଙ୍କ ରିପୋର୍ଟ ପଜିଟିଭ ଆସିନାହିଁ। ବୋର୍ଡ ପରିସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିଛି। ପିଏସ୍ଏଲର ମ୍ୟାଚ୍‌ଗୁଡ଼ିକ ଏବେ ରୁଦ୍ଧ ଷ୍ଟାଡିୟମରେ ଖେଳାଯିବ।

## ଅଷ୍ଟ୍ରେଲିଆନ ଫର୍ମୁଲାୱାନ ଗ୍ରାଁପ୍ରି ବାତିଲ

**ମେଲବୋର୍ନ, ୧୩ା୩ (ଏଏଫ୍‌ପି)**

ଶୁକ୍ରବାର ପ୍ରାକ୍ଟିସ ସେସନ ଆରମ୍ଭ ପୂର୍ବରୁ ସିଜନ ଓପନିଂ ଅଷ୍ଟ୍ରେଲିଆନ ଫର୍ମୁଲା ୱାନ୍ ଗ୍ରାଁ ପ୍ରିକୁ ବାତିଲ କରିଦିଆଯାଇଛି। ମ୍ୟାକଲରେନ ଟିମ୍‌ର ଜଣେ ସଦସ୍ୟ କରୋନା ଭାଇରସରେ ଆକ୍ରାନ୍ତ ଥିବା ଜଣାପଡ଼ିବା ପରେ ରେସ୍‌ର ଆୟୋଜନ ନେଇ ଆଶଙ୍କା ସୃଷ୍ଟି ହୋଇଥିଲା। ଏପ୍ରିଲରେ ହେବାକୁଥିବା ରେସ୍ ଚାଇନିଜ ଗ୍ରାଁପ୍ରିକୁ ପୂର୍ବରୁ ସ୍ଥଗିତ ରଖାଯାଇ ସାରିଛି। ବାହାରିନଠାରେ ମାର୍ଚ୍ଚ ୨୨ରେ ସିଜନର ଦ୍ୱିତୀୟ ରେସ୍ ମଧ୍ୟ ହେବ ନାହିଁ। ଏପ୍ରିଲ ୫ରେ ଭିଏତ୍‌ନାମରେ ପ୍ରଥମ ଥର ହେବାକୁ ଥିବା ଫର୍ମୁଲା ୱାନ ଗ୍ରାଁପ୍ରିକୁ ବାତିଲ କରାଯାଇଥିବାରୁ ବର୍ଷର ଅବଶିଷ୍ଟ ରେସ୍ ଗୁଡ଼ିକର ଆୟୋଜନ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଗୁରୁବାର ନିଜ ଟିମ୍‌ର ଜଣେ ସଦସ୍ୟ କରୋନା ଭାଇରସରେ ସଂକ୍ରମିତ ଥିବା ବିଷୟ ଜଣାପଡ଼ିବା ପରେ ମ୍ୟାକଲରେନ ରେସ୍‌ରୁ ଓହରିଯିବା ଲାଗି ନିଷ୍ପତ୍ତି ନେଇଥିଲା। କରୋନା ଭାଇରସ୍ ଆତଙ୍କ ସତ୍ତ୍ୱେ କିପରି ରେସ୍ ଆୟୋଜନ କରାଯାଉଛି ସେଥିରେ ମୁଁ ବିସ୍ମିତ ବୋଲି ବିଶ୍ୱ ଚାମ୍ପିୟନ ଲୁଇସ୍ ହାମିଲଟନ କହିଛନ୍ତି। ମ୍ୟାକଲରେନ ଟିମ୍‌ର ଅନ୍ୟ ୧୪ଜଣ ଏବେ ନଜରରେ ଅଛନ୍ତି।

## ମହିଳା କ୍ରିକେଟ ପ୍ରଭାବିତ

**ମେଲବୋର୍ନ, ୧୩ା୩ (ପି.ଟି.)**

ଚଳିତ ମାସ ୨୨ରୁ ଆରମ୍ଭ ହେବାକୁଥିବା ଅଷ୍ଟ୍ରେଲିଆ ମହିଳା କ୍ରିକେଟ ଦଳର ସୀମିତ ଓଭର ବିଶିଷ୍ଟ ଟୁର୍‌କୁ ବର୍ତ୍ତମାନ ପାଇଁ ସ୍ଥଗିତ ରଖାଯାଇଛି। ବିଶ୍ୱବ୍ୟାପୀ କରୋନା ଭାଇରସ୍‌କୁ ନେଇ ଆତଙ୍କ ସୃଷ୍ଟି ହୋଇଥିବାରୁ କ୍ରିକେଟ ଅଷ୍ଟ୍ରେଲିଆ (ସିଏ) ଏହି ନିଷ୍ପତ୍ତି ନେଇଛି। ଅଷ୍ଟ୍ରେଲିଆ ମହିଳା ଦଳ ଦକ୍ଷିଣ ଆଫ୍ରିକାରେ ୩ ଅନ୍ତର୍ଜାତୀୟ ଦିନିକିଆ ଏବଂ ସମାନ ସଂଖ୍ୟକ ଟି୨୦ ମ୍ୟାଚ ଖେଳିବା କାର୍ଯ୍ୟକ୍ରମ ଥିଲା। ତିନୋଟି ଦିନିକିଆ ମ୍ୟାଚ ଡର୍ବାନ (ମାର୍ଚ୍ଚ ୨୨), ପିଟରମାରିଜବର୍ଗ (ମାର୍ଚ୍ଚ-୨୫) ଓ ଇଷ୍ଟ ଲଣ୍ଡନ (ମାର୍ଚ୍ଚ ୨୮)ଠାରେ ଏବଂ ତିନୋଟି ଟି୨୦ ଇଷ୍ଟ ଲଣ୍ଡନ (ମାର୍ଚ୍ଚ ୩୧), ବୋନୋନୀ (ଏପ୍ରିଲ ୩ ଓ ୪ ତାରିଖ)ଠାରେ ଖେଳାଯିବା କାର୍ଯ୍ୟକ୍ରମ ରହିଥିଲା। ପରିସ୍ଥିତିକୁ ଅନୁଧ୍ୟାନ କରିବା ପରେ ଏହି ସିରିଜ ପାଇଁ ନୂଆ ତାରିଖ ଘୋଷଣା କରାଯିବ।

## ଆକ୍ରାନ୍ତ ନୁହନ୍ତି ରିଚାର୍ଡସନ

**ସିଡ୍‌ନୀ,୧୩ା୩**

ଅଷ୍ଟ୍ରେଲିଆନ ଦ୍ରୁତ ବୋଲର କେନ ରିଚାର୍ଡସନ କରୋନା ଭାଇରସରେ ଆକ୍ରାନ୍ତ ନୁହନ୍ତି। ତାଙ୍କ ସ୍ୱାବ ପରୀକ୍ଷା ରିପୋର୍ଟ ନେଗେଟିଭ ଆସିଛି। ଚଳିତ ସପ୍ତାହରେ ଅଷ୍ଟ୍ରେଲିଆ ଦଳ ସହ ଦକ୍ଷିଣ ଆଫ୍ରିକାରୁ ଫେରିଥିବା ଡାହାଣହାତୀ ପେସର ତଣ୍ଟିରେ ଯନ୍ତ୍ରଣା ଅନୁଭବ କରୁଥିବା ମେଡିକାଲ ଷ୍ଟାଫଙ୍କୁ ଜଣାଇଥିଲେ। ତୁରନ୍ତ ତାଙ୍କର ସ୍ୱାବ ଟେଷ୍ଟ କରାଯାଇଥିଲା। ରିପୋର୍ଟ ନେଗେଟିଭ ଆସିବା ପରେ ତାଙ୍କୁ ହୋଟେଲ ରୁମ୍‌ରୁ ଛଡ଼ାଯାଇଛି। ତାଙ୍କୁ ସେଠାରେ ପର୍ଯ୍ୟବେକ୍ଷଣରେ ରଖାଯାଇଥିଲା। ସ୍ୱାବ ରିପୋର୍ଟ ସହ ନ୍ୟୁଜିଲାଣ୍ଡ ବିପକ୍ଷ ଦ୍ୱିତୀୟ ଦିନିକିଆରେ ତାଙ୍କ ଖେଳିବା ରାସ୍ତା ପରିଷ୍କାର ହୋଇଛି। ପୂର୍ବରୁ ରିଚାର୍ଡସନଙ୍କ ନିକଟରେ ଲକ୍ଷଣ ଦେଖାଦେଇଥିବା କ୍ରିକେଟ ଅଷ୍ଟ୍ରେଲିଆ ପ୍ରବକ୍ତା ପ୍ରକାଶ କରିଥିଲେ।

## ସମୟୋଚିତ ପଦକ୍ଷେପ

**ଭିଭିଏସ୍ ଲକ୍ଷ୍ମଣ**

ପରିସ୍ଥିତିକୁ ଲକ୍ଷ୍ୟ କଲେ ଭାରତ ଓ ଦକ୍ଷିଣ ଆଫ୍ରିକା ଦିନିକିଆ ସିରିଜର ବାକି ଦୁଇଟି ମ୍ୟାଚ୍ ବାତିଲ ହେବା ଅପରିହାର୍ଯ୍ୟ ହୋଇପଡିଛି। କରୋନା ଭାଇରସ ଏବେ ବିଶ୍ୱ ମହାମାରୀରେ ପରିଣତ ହୋଇଛି। ଏହା ବିଶ୍ୱରେ ଜନଜୀବନକୁ ଏକପ୍ରକାର ଠପ୍ କରିଦେଇଛି। ଲକ୍ଷ୍ନୌ ଓ କୋଲକାତାରେ ଖେଳାଯିବାକୁ ଥିବା ଦ୍ୱିତୀୟ ଓ ତୃତୀୟ ମ୍ୟାଚ୍‌କୁ ପ୍ରଥମେ ରୁଦ୍ଧଦ୍ୱାର ତଥା ଫାଙ୍କା ଷ୍ଟାଡିମରେ ଖେଳାଯିବ ବୋଲି ଘୋଷଣା କରାଯାଇଥିଲା। ତେବେ ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଓ କ୍ରିକେଟ ସାଉଥ୍ ଆଫ୍ରିକା (ସିଏସ୍ଏ) ମିଳିତ ଭାବେ ମ୍ୟାଚ ଦୁଇଟିକୁ ବାତିଲ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଅବଶ୍ୟ ବର୍ଷା କାରଣରୁ ଧର୍ମଶାଳାରେ ଖେଳାଯିବାକୁ ଥିବା ପ୍ରଥମ ଦିନିକିଆ ଧୋଇଯାଇଥିଲା।

ମାର୍ଚ୍ଚ ୨୯ରୁ ଆରମ୍ଭ ହେବାକୁ ଥିବା ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)କୁ ଏବେ ଏପ୍ରିଲ ୧୫ ତାରିଖକୁ ଘୁଞ୍ଚାଇ ଦିଆଯାଇଛି। ବିଶ୍ୱବ୍ୟାପୀ ପ୍ରାୟ ସବୁ ହାଇପ୍ରୋଫାଇଲ ଟୁର୍ନାମେଣ୍ଟଗୁଡିକୁ ମଧ୍ୟ ବାତିଲ କରାଯାଇଛି। ଲୋକଙ୍କ ସ୍ୱାସ୍ଥ୍ୟ ଓ ନିରାପତ୍ତାକୁ ଅଧିକ ଗୁରୁତ୍ୱ ଦିଆଯାଇଛି। ଅନ୍ତର୍ଜାତୀୟସ୍ତରରେ କ୍ରୀଡ଼ା ସମୁଦାୟ ମଧ୍ୟ ଏହି ବିପର୍ଯ୍ୟୟ ବିପକ୍ଷରେ ଏକାଠି ହେବା ଏକ ବଡ଼ କଥା ଓ ଏହା ନିଶ୍ଚିତ ଭାବେ ସ୍ୱାଗତ ଯୋଗ୍ୟ। ଭାରତୀୟ କ୍ରିକେଟ ପ୍ରଶଂସକମାନେ ସବୁଠାରୁ କ୍ଷତିଗ୍ରସ୍ତ ହୋଇଛନ୍ତି କହିଲେ ଭୁଲ ହେବନାହିଁ। ଭୟଭୀତ ନ ହୋଇ ସମସ୍ତେ ଆବଶ୍ୟକୀୟ ସାବଧାନତା ଅବଲମ୍ବନ କରିବାକୁ ମୁଁ ନିବେଦନ କରୁଛି। ଏହି ଭାଇରସକୁ ରୋକିବା ପାଇଁ ସମସ୍ତେ ଏକାଠି ହେବା ଆବଶ୍ୟକ। ଉତ୍ତମ ସ୍ୱାସ୍ଥ୍ୟର ବିକଳ୍ପ ନାହିଁ। ସାମୂହିକ ଭାବେ ଏହାର ମଧ୍ୟ ଆବଶ୍ୟକତା ରହିଛି। ଏହି ଘଡିସନ୍ଧି ମୁହୂର୍ତ୍ତରେ ସମସ୍ତେ ଏକାଠି ହେବା ସହ ଆହୁରି ଅଧିକ ଦୃଢ ହେବାର ଆବଶ୍ୟକତା ରହିଛି। ବିପଦ ହିଁ ମଣିଷ ପାଇଁ ପରୀକ୍ଷାର ଅବକାଶ ସୃଷ୍ଟି କରିଥାଏ। ତେଣୁ ଏହି ପରୀକ୍ଷାରେ ମଣିଷ ଉତ୍ତୀର୍ଣ୍ଣ ହେବାର ଆବଶ୍ୟକତା ରହିଛି।

କାରୋନା ଭାଇରସ୍ ମୁକାବିଲାରେ ଆମ ସରକାର ଓ ଦେଶର ନାଗରିକଙ୍କ ପ୍ରୟାସ ଓ ଭୂମିକାକୁ ପ୍ରଶଂସା କରୁଛି। ଏହାକୁ ରୋକିବା ପାଇଁ ସରକାର ମଧ୍ୟ ଆଗୁଆ ପଦକ୍ଷେପ ନେଇଛନ୍ତି। କଷ୍ଟକର ପରିସ୍ଥିତିରେ ସରକାରଙ୍କ ଭଳି ବିସିସିଆଇ ମଧ୍ୟ ସମୟୋଚିତ ଉଚିତ୍ ପଦକ୍ଷେପ ନେଇଛି। ପରିସ୍ଥିତିକୁ ନିୟନ୍ତ୍ରଣକୁ ଆଣିବା ଓ ନିଜକୁ ସୁସ୍ଥ ଓ ନିରାପଦ ରଖିବା ମଧ୍ୟ ଆମର ସବୁଠାରୁ ବଡ଼ ଦାୟିତ୍ୱ। ଆମକୁ ଏହିଭଳି ସମୟ ଏକାଠି କରିଛି। ଏବେ ଆମ ଜୀବନରେ ଏହାହିଁ ସବୁଠାରୁ ବଡ଼ ବାର୍ତ୍ତା ସଦୃଶ ହୋଇଛି।

(ଗେମ୍‌ପ୍ଲାନ)

SEAGRAM'S
ROYAL STAG
MEGA MUSIC CDs

ମନେ ପଡ଼ନ୍ତି

IN LOVING MEMORY OF

Late R.Jaganmohan Patnaik
Bomikhal, Rasulgarh, Bhubaneswar
Birth: 15.09.1937
Death: 13.03.2012
(Shasthi Tithi)
Fondly Remebered by:
Patnaik Family
D-17136

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ସ୍ୱର୍ଗତ ମନୋଜ କୁମାର ମହାନ୍ତି
ଆବିର୍ଭାବ: ୦୧।୦୧।୧୯୨୬
ତିରୋଧାନ: ୨୬।୦୩।୨୦୧୯
ଚାହୁଁ ଚାହୁଁ ଏକବର୍ଷ ବିତିଗଲା, ହେଲେ ଲାଗୁଛି ସତେ ଯେମିତି ତମେ ଆମ ଗହଣରେ ବାନ୍ଧି ହୋଇଅଛ। ତୁମର ତ୍ୟାଗ ଓ ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟପରାୟଣତା ଆମ୍ଭମାନଙ୍କ ପାଇଁ ଚିରମାର୍ଗ ହୋଇ ରହିବ। ତୁମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମ୍ଭର ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ:
ପୁଅ, ଝିଅ, ଜ୍ୱାଇଁ, ନାତି ନାତୁଣୀ ବନ୍ଧୁବାନ୍ଧବ ଓ ପରିବାରବର୍ଗ ।
ଧ-୧୭୧୩୪

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ଶନିବାର, ମାର୍ଚ୍ଚ ୧୪/୨୦୨୦ Bhubaneswar, Saturday, March 14/2020




# କସର୍ଦା ଫାଣ୍ଡିକୁ ବୋମା ମାଡ଼, ଅଭିଯୁକ୍ତ ଗିରଫ

**ନିଆଳି,୧୩।୩(ଡି.ଏନ୍.ଏ.)**

ନିଆଳି ଥାନା ଅନ୍ତର୍ଗତ ଦେବୀ-କନ୍ଦଳ ଦ୍ୱୀପାଞ୍ଚଳର କସର୍ଦା ଫାଣ୍ଡି ଉପରକୁ ବୋମାମାଡ଼ କରିବା ଅଭିଯୋଗରେ ଶୁକ୍ରବାର ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ କର୍ସଦା ଗ୍ରାମର ଦିଲୀପ ପ୍ରଧାନ। ପୋଲିସ ସୂଚନା ଅନୁଯାୟୀ, ଗୁରୁବାର ରାତିରେ ଦୋପଟି ମେଳଣ ଜମାଣ ଚାଲିଥିବା ବେଳେ ସେଠାରେ ଦିଲୀପ ଚୋରାମଦ ବିକ୍ରି ପାଇଁ ଉଦ୍ୟମ କରୁଥିଲେ। ପୋଲିସ ଏଥିରେ ବାଧା ସୃଷ୍ଟି କରିବାରୁ ସେ ଆଉ ବେପାର କରି ପାରି ନ ଥିଲେ। ରାତି ପ୍ରାୟ ୧ଟା ୩୦ରେ ଦିଲୀପ ଫାଣ୍ଡି ଉପରକୁ ଏକ ବୋମା ଫିଙ୍ଗିଥିଲେ। ବୋମାଟି ଫାଣ୍ଡି ପରିସରରେ ଥିବା ଏକ ଗଛରେ ମାଡ଼ ହୋଇ ଫୁଟିଥିଲା। ଏଥିରେ କୌଣସି କ୍ଷତି ହୋଇ ନ ଥିଲା। ପୋଲିସ ସଙ୍ଗେ ସଙ୍ଗେ ଘେରିଯାଇ ଅଭିଯୁକ୍ତ ଦିଲୀପଙ୍କୁ ଧରିଥିଲା। ଏ ନେଇ ଥାନାରେ ଏକ ମାମଲା (ନଂ.୬୦/୨୦)ରୁଜୁ ହୋଇଛି।







1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ




# କେନ୍ଦ୍ରୀୟ କର୍ମଚାରୀଙ୍କ ମହଙ୍ଗା ଭତ୍ତା ୪% ବଢ଼ିଲା

**ନୂଆଦିଲ୍ଲୀ, ୧୩।୩ (ପି.ଟି.):** କେନ୍ଦ୍ର ସରକାରଙ୍କ କର୍ମଚାରୀ ଓ ପେନ୍‌ସନଧାରୀଙ୍କ ମହଙ୍ଗା ଭତ୍ତା ୪ ପ୍ରତିଶତ ବୃଦ୍ଧି କରାଯାଇଛି । ଗତ ଜାନୁୟାରୀ ୧ରୁ ଏହି ବର୍ଦ୍ଧିତ ମହଙ୍ଗାଭତ୍ତା ପିଛିଲା ଭାବେ ଲାଗୁ ହେବ। ଶୁକ୍ରବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ କ୍ୟାବିନେଟ ବୈଠକ ବସି ଏହି ନିଷ୍ପତ୍ତି ନିଆଯାଇଛି। ବର୍ତ୍ତମାନ ମହଙ୍ଗାଭତ୍ତା ମୂଳ ବେତନର ୧୭ ପ୍ରତିଶତ ଥିବାବେଳେ ଏହା ୨୧ ପ୍ରତିଶତକୁ ବୃଦ୍ଧିପାଇଛି। ଏହାଦ୍ୱାରା ୪୮ ଲକ୍ଷ କେନ୍ଦ୍ରୀୟ କର୍ମଚାରୀ ଓ ୬୫ ଲକ୍ଷ ପେନ୍‌ସନଧାରୀ ଉପକୃତ ହେବେ। ଏଥିପାଇଁ ସରକାରଙ୍କ ଉପରେ ୧୪,୫୯୫ କୋଟି ଟଙ୍କାର ଅତିରିକ୍ତ ବୋଝ ପଡିବ ବୋଲି ସୂଚନା ଓ ପ୍ରସାରଣ ମନ୍ତ୍ରୀ ପ୍ରକାଶ ଜାଭଡେକର ଗଣମାଧ୍ୟମକୁ କହିଛନ୍ତି।




# କଦଳୀ ଚାଷ କରି ପଢ଼ାଖର୍ଚ୍ଚ ଉଠାଉଛନ୍ତି ଆଇଟିଆଇ ଛାତ୍ର

**ଗୋବିନ୍ଦପାଲି, ୧୩।୩ (ଡି.ଏନ.ଏ.):** ମାଲକାନଗିରି ଜିଲା ଖଇରପୁଟ ବ୍ଲକ ବଟାଣିଗୁଡାର ପାଲସୁ ପାଙ୍ଗିଙ୍କୁ ପରିଶ୍ରମ ଦେଇଛି ସଫଳତା । ଜଣେ ସଫଳ କଦଳୀ ଚାଷୀ ରୂପେ ସେ ନିଜର ପରିଚୟ ସୃଷ୍ଟି କରିପାରିଛନ୍ତି। ପାଠ ପଢିବା ସହ କଠିନ ପରିଶ୍ରମ କରି ନିଜ ଚାଷଜମିରେ କରିଛନ୍ତି ଏହି ଚାଷ। ଯାହା ଅନ୍ୟମାନଙ୍କ ପାଇଁ ଏବେ ପାଲଟିଛି ଉଦାହରଣ । ମାଆବାପା ଭଉଣୀଭାଇଙ୍କୁ ନେଇ ତାଙ୍କ ପରିବାର । ତାଙ୍କ ଗ୍ରାମରେ ବସବାସ କରନ୍ତି ମାତ୍ର ୧୨ଟି ପରିବାର । ଗ୍ରାମରେ ଅଙ୍ଗନୱାଡି କେନ୍ଦ୍ର କି ବିଦ୍ୟାଳୟ କିଛି ନାହିଁ। ତେବେ ନିଜ ଅଧ୍ୟବସାୟ ଓ ଆଗ୍ରହ ଯୋଗୁ ବିଦ୍ୟାଳୟ ଅଧ୍ୟୟନ ସାରି ଏବେ ମାଥିଲି ଆଇଟିଆଇରେ ପାଠ ପଢୁଛନ୍ତି। ପଢାସହ ନିଜ ଘର ପଛ କିଆରିରେ କଦଳୀ ଚାଷ କରିଛନ୍ତି ପାଲସୁ। ସାଇକେଲରେ କଦଳୀ ବଜାରକୁ ନେଇ ବିକ୍ରି କରନ୍ତି। ଏଥିରୁ ସେ ନିଜର ପଢା ଖର୍ଚ୍ଚ ଉଠାଇବା ସହ ପରିବାର ଚଳାଇବାରେ ସହାୟତା କରିଥାନ୍ତି। ଆଜି ନିଜେ କଷ୍ଟ କରି ମୁଣ୍ଡର ଝାଳ ତୁଣ୍ଡରେ ମାରି ସେ ନିଜ ଗୋଡରେ ଛିଡା ହୋଇ ସମାଜରେ ଜଣେ ସଫଳ ଚାଷୀ ରୂପେ ପରିଗଣିତ ହୋଇପାରିଛନ୍ତି।



# ୨୯ ତାରିଖ ମଧ୍ୟରେ ବାତିଲ ହେବ ଏକାଧିକ ଟ୍ରେନ୍

**ଭୁବନେଶ୍ୱର,୧୩।୩ (ବ୍ୟୁରୋ):** ପୂର୍ବତଟ ରେଳପଥ ପରିସୀମା ମଧ୍ୟରେ ବିଭିନ୍ନ ସ୍ଥାନରେ ନିରାପତ୍ତା ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟ ଲାଗି ଛଅ ପାସେଞ୍ଜର ଟ୍ରେନ ଓ ଦୁଇ ଏକ୍ସପ୍ରେସ ଟ୍ରେନ୍ ମାର୍ଚ୍ଚ ୨୯ ତାରିଖ ମଧ୍ୟରେ ସପ୍ତାହକୁ ଦିନେ ଲେଖା ୩ଦିନ ପାଇଁ ବାତିଲ ରହିବ। ମାର୍ଚ୍ଚ ୧୩, ୨୦ ଓ ୨୭ ତାରିଖରେ ବିଶାଖାପାଟଣା-ଦୁର୍ଗ ପାସେଞ୍ଜର ଟ୍ରେନ୍ ବିଶାଖାପାଟଣାଠାରୁ ବାତିଲ ହେବ । ସେହିପରି ମାର୍ଚ୍ଚ ୧୪, ୨୧ ଓ ୨୮ ତାରିଖରେ ରାଉରକେଲା-ପୁରୀ-ରାଉରକେଲା ପାସେଞ୍ଜର ଟ୍ରେନ୍ ଉଭୟ ପାର୍ଶ୍ୱରୁ, ଦୁର୍ଗ-ବିଶାଖାପାଟଣା ପାସେଞ୍ଜର ଟ୍ରେନ୍ ଦୁର୍ଗଠାରୁ ଏବଂ ଭୁବନେଶ୍ୱର-ନୟାଗଡ଼ ଟାଉନ ଏକ୍ସପ୍ରେସ ଭୁବନେଶ୍ୱରଠାରୁ ବାତିଲ ହେବ। ମାର୍ଚ୍ଚ ୧୫, ୨୨ ଓ ୨୯ ତାରିଖରେ ବ୍ରହ୍ମପୁର-ବିଶାଖାପାଟଣା-ବ୍ରହ୍ମପୁର ପାସେଞ୍ଜର ଟ୍ରେନ୍ ଉଭୟ ପାର୍ଶ୍ୱରୁ, ପୁରୀ-ଗୁଣୁପୁର-ପୁରୀ ପାସେଞ୍ଜର ଉଭୟ ପାର୍ଶ୍ୱରୁ, ପଲାସା-ଗୁଣୁପୁର-ପଲାସା ପାସେଞ୍ଜର ଟ୍ରେନ୍ ଉଭୟ ପାର୍ଶ୍ୱରୁ, ଭୁବନେଶ୍ୱର-ବ୍ରହ୍ମପୁର-ଭୁବନେଶ୍ୱର ମେମୁ ଉଭୟ ପାର୍ଶ୍ୱରୁ, ଭୁବନେଶ୍ୱର-ବିଶାଖାପାଟଣା-ଭୁବନେଶ୍ୱର ଇଣ୍ଟର ସିଟି ଏକ୍ସପ୍ରେସ ଉଭୟ ପାର୍ଶ୍ୱରୁ ଏବଂ ନୟାଗଡ଼ ଟାଉନ-ଭୁବନେଶ୍ୱର ଏକ୍ସପ୍ରେସ ନୟାଗଡ଼ ଟାଉନଠାରୁ ବାତିଲ ରହିବ ବୋଲି ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ଦିଆଯାଇଛି।




# ୩୨୮ ଗାଁ ହେବ 'ସୁନାମୀ ପ୍ରସ୍ତୁତ'

- ବିଜୁଳି, ଘଡ଼ଘଡ଼ି ସତର୍କ ସୂଚନାକୁ ନିର୍ଦ୍ଦିଷ୍ଟ ଅଞ୍ଚଳଭିତ୍ତିକ କରାଯିବ
- ଜୁନ୍ ସୁଦ୍ଧା ସରିବ ୫୭୯ ବହୁମୁଖୀ ଆଶ୍ରୟସ୍ଥଳୀ କାର୍ଯ୍ୟ

**ଭୁବନେଶ୍ୱର,୧୩।୩(ବ୍ୟୁରୋ)**

ବାତ୍ୟା ଓ ବନ୍ୟା ପରିଚାଳନା କ୍ଷେତ୍ରରେ ବିଶ୍ୱସ୍ତରୀୟ ମାନକ ହାସଲ କରିବା ପରେ ବର୍ତ୍ତମାନ ଓଡିଶା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ(ଓଏସ୍‌ଡିଏମ୍‌ଏ) ସୁନାମୀ ପରିଚାଳନା ପାଇଁ ପ୍ରସ୍ତୁତି ଆରମ୍ଭ କରିଛି। ରାଜ୍ୟରେ ଚିହ୍ନିତ ୩୨୮ ସୁନାମୀ ପ୍ରବଣ ଗ୍ରାମକୁ 'ସୁନାମୀ ପ୍ରସ୍ତୁତ' ଗ୍ରାମରେ ପରିଣତ କରିବାକୁ ଚେଷ୍ଟା ଆରମ୍ଭ ହୋଇଛି। ଲୋକସେବା ଭବନଠାରେ ଶୁକ୍ରବାର ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଓଏସ୍‌ଡିଏମ୍‌ଏ ପରିଚାଳନା ପରିଷଦ ବୈଠକରେ ଏ ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରାଯାଇଛି।

ବୈଠକରେ ହୋଇଥିବା ଆଲୋଚନା ଅନୁଯାୟୀ, ସୁନାମୀ ପ୍ରବଣ ଗ୍ରାମଗୁଡିକରେ ସଚେତନତା, ସୂଚନା, ଶିକ୍ଷା ଓ ନିୟମିତ ଯୋଗାଯୋଗ କାର୍ଯ୍ୟକ୍ରମ ସଘନ କରାଯିବ। ଏ ବିଷୟରେ ତଥ୍ୟ ଉପସ୍ଥାପନ କରି ଅତିରିକ୍ତ ମୁଖ୍ୟ ଶାସକ ସଚିବ ପ୍ରଦୀପ କୁମାର ଜେନା କହିଛନ୍ତି ଯେ, ଗଞ୍ଜାମ ଜିଲାର ବଙ୍କିପାଲି ଏବଂ ଜଗତ୍‌ସିଂହପୁରର ଗଡହରିଶପୁର 'ସୁନାମୀ ପ୍ରସ୍ତୁତ' ଗ୍ରାମ ଭାବେ ୟୁନିସେଫର ନିର୍ଦ୍ଧାରିତ ୧୧ଟି ମାନକ ପୂରଣ କରିଛନ୍ତି। ଖୁବ୍‌ଶୀଘ୍ର ଏହି ଦୁଇ ଗ୍ରାମକୁ ୟୁନିସେଫର ସ୍ୱୀକୃତି ମିଳିବ। ଏହାପରେ ଭାରତ ମହାସାଗର ସହିତ ସଂଯୁକ୍ତ ପ୍ରାୟ ୬୫ଟି ଦେଶ ମଧ୍ୟ ଉକ୍ତ ମାନ୍ୟତା ପାଇବା କ୍ଷେତ୍ରରେ ପ୍ରଥମ ଦେଶ ହେବ ବୋଲି ଜେନା କହିଛନ୍ତି।

ସମସ୍ତ ତଥ୍ୟର ସମୀକ୍ଷା କରିବା ପରେ ମୁଖ୍ୟ ଶାସନ ସଚିବ ସମସ୍ତ ବହୁମୁଖୀ ଆଶ୍ରୟସ୍ଥଳୀ ଗୁଡିକର ମରାମତି ଏବଂ ରକ୍ଷଣାବେକ୍ଷଣ ସୁନିଶ୍ଚିତ କରାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ୨୫ ଜିଲାରେ ଥିବା ସମସ୍ତ ଆଶ୍ରୟସ୍ଥଳୀର ସରଜମିନ ତଦନ୍ତ କରାଯାଇଥିବା ଜେନା ବୈଠକରେ ସୂଚନା ଦେଇଛନ୍ତି। ରାଜ୍ୟର ମୋଟ ୫୭୯ଟି ବହୁମୁଖୀ ଆଶ୍ରୟସ୍ଥଳୀ କାର୍ଯ୍ୟକ୍ଷମ ଥିବାବେଳେ ଆସନ୍ତା ଜୁନ୍ ସୁଦ୍ଧା ଏହା ଶେଷହେବ ବୋଲି ଜଣାପଡିଛି। ସବୁଥିରେ ବଜ୍ରପାତ ନିରୋଧ ବ୍ୟବସ୍ଥା ଲଗାଯିବ। ଆର୍ଥ ନେଟ୍‌ୱର୍କ ସଂସ୍ଥା ସହ ସହଭାଗିତାରେ ରାଜ୍ୟର ୬ଟି ସ୍ଥାନରେ ବଜ୍ରପାତ ଓ ଘଡଘଡି ପୂର୍ବାନୁମାନ ଯନ୍ତ୍ର ସ୍ଥାପିତ ହୋଇଛି । ଫଳରେ ୩୦ମିନିଟ ପୂର୍ବରୁ ବଜ୍ରପାତ ସମ୍ଭାବନା ଥିବା ଲୋକଙ୍କୁ ଜଣାଇ ଦିଆଯାଇପାରୁଛି। ଏହି ବ୍ୟବସ୍ଥାକୁ ଅଧିକ ସୁଦୃଢ ଓ ପ୍ରସାରିତ କରିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଥିବା ଜଣାପଡିଛି।

# କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଆର୍ଥିକ କ୍ଷମତା ବୃଦ୍ଧି

**ଭୁବନେଶ୍ୱର,୧୩।୩(ବ୍ୟୁରୋ)**

ଓଡ଼ିଶା ସରକାରଙ୍କ ନଗର ଉନ୍ନୟନ ବିଭାଗ ଅଧୀନରେ କାର୍ଯ୍ୟରତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଆର୍ଥିକ କ୍ଷମତା ବୃଦ୍ଧି କରାଯାଇଛି। ଏ ସମ୍ପର୍କିତ ଆସିଥିବା ଏକ କ୍ୟାବିନେଟ୍ ପ୍ରସ୍ତାବକୁ ଶୁକ୍ରବାର ଅନୁମୋଦନ ମିଳିଥିବା ଜଣାପଡିଛି। ହେଲେ ବିଧାନସଭାର ବଜେଟ୍ ଅଧିବେଶନ ଜାରି ରହିଥିବାରୁ ଏନେଇ କୌଣସି ଆନୁଷ୍ଠାନିକ ସୂଚନା ଦିଆ ଯାଇନାହିଁ। କେବଳ କରୋନା ସମ୍ପର୍କିତ ନିଷ୍ପତ୍ତିକୁ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଧାନସଭାରେ ବିବୃତ୍ତି ରଖିଥିଲେ।





ଦୁଃଖ ଜାହାର ପ୍ରକୃତିଗତ ନୁହେଁ, ତାକୁ ଇଚ୍ଛା କରିଲେ ହିଁ ତଡି ଦିଆଯାଇପାରେ।
- ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର



## ସଂକ୍ଷେପରେ

### କଟକ ଜିଲା ନିୟନ୍ତ୍ରଣକୁ ଆସିଲା ସ୍କୁଲ ଶିକ୍ଷା ବ୍ୟବସ୍ଥା

**କଟକ ସଦର,୧୩।୩(ଡି.ଏନ୍.ଏ.):** ଦୀର୍ଘ ୨୭ବର୍ଷ ପରେ ବିଦ୍ୟାଳୟ ଶିକ୍ଷା ବ୍ୟବସ୍ଥା କଟକ ଜିଲା ପ୍ରଶାସନ ଅଧୀନକୁ ଫେରିଥିବା ଜଣାପଡିଛି। ଏ ନେଇ ଜଗତ୍‌ସିଂହପୁର ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଶୁକ୍ରବାର ଡକ୍ୟୁମେଣ୍ଟ ହସ୍ତାନ୍ତର ଲାଗି ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲା ଶିକ୍ଷା ଅଧିକାରୀ ପ୍ରତିଭା ମଞ୍ଜରୀ ଦାସ ବିଧିବଦ୍ଧଭାବେ କାଗଜପତ୍ର କଟକ ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ବେହେରାଙ୍କୁ ହସ୍ତାନ୍ତର କରିଥିଲେ। ବିରିଡି ବ୍ଲକ ଅଧୀନରୁ ୬ଟି ହାଇସ୍କୁଲ, ଗୋଟିଏ ଉଚ୍ଚ ମାଧ୍ୟମିକ ହାଇସ୍କୁଲ ସମେତ ୫୩ଟି ସରକାରୀ ଓ ଘରୋଇ ପରିଚାଳିତ ସ୍କୁଲ କଟକ ସଦର ବ୍ଲକ ଶିକ୍ଷା ଅଧିକାରୀଙ୍କ ନିୟନ୍ତ୍ରଣକୁ ଆସିଛି। ସେହିପରି ରଘୁନାଥପୁର ବ୍ଲକର ୧୭ଟି ସ୍କୁଲ ମଧ ଏହି ବ୍ଲକକୁ ଆସିଥିବା ଜଣାପଡିଛି। ଅନ୍ୟପକ୍ଷରେ ବିରିଡି ବ୍ଲକ ଅଧୀନରୁ ୧୫ ସ୍କୁଲ ସାଲେପୁର ବ୍ଲକ ଅଧୀନକୁ ଯାଇଥିବା ବେଳେ ରଘୁନାଥପୁର ବ୍ଲକ ଅଧୀନରୁ ୬୩ ସ୍କୁଲ ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନକୁ ଯାଇଥିବା ଜଣାପଡିଛି। ଫଳରେ ଛାତ୍ରୀଛାତ୍ର, ଶିକ୍ଷକ ଓ ଅଭିଭାବକଙ୍କୁ ଜଗତ୍‌ସିହଂପୁର ସଦର ମହକୁମାକୁ ଯିବାକୁ ପଡ଼ିବ ନାହିଁ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ପତ୍ରସଂଖ୍ୟା ୧୩୩୮୩/୨୯-୬-୧୯ ଏ ସଂକ୍ରାନ୍ତୀୟ ନିର୍ଦ୍ଦେଶନାମା ଜାରି କରାଯାଇଥିଲା। ଡକ୍ୟୁମେଣ୍ଟ ହସ୍ତାନ୍ତର ବେଳେ କଟକ ସଦର ବ୍ଲକ ଶିକ୍ଷା ଅଧିକାରୀ ସନ୍ତୋଷ କୁମାର ରାଉତ, ସାଲେପୁର ବ୍ଲକ ଶିକ୍ଷା ଅଧିକାରୀ ପ୍ରେମଲତା ନାୟକ, ନିଶ୍ଚିନ୍ତକୋଇଲି ବ୍ଲକ ଶିକ୍ଷା ଅଧିକାରୀ ମନୋରଞ୍ଜନ ବାରିକ, ବିରିଡିବ୍ଲକ ଶିକ୍ଷା ଅଧିକାରୀ ସଚ୍ଚିଦାନନ୍ଦ ମହାନ୍ତି ଓ ରଘୁନାଥପୁର ବ୍ଲକ ଶିକ୍ଷା ଅଧିକାରୀ ରାଜ୍ୟଶ୍ରୀ ସାହୁ ଉପସ୍ଥିତ ଥିଲେ।

### ମାଗଣା ଚକ୍ଷୁ ଚିକିତ୍ସା ଶିବିର

**ଚୌଦ୍ୱାର,୧୩।୩(ଡି.ଏନ୍.ଏ.):** ରୋଟାରୀ କ୍ଲବ ଚୌଦ୍ୱାର ଶାଖା ପକ୍ଷରୁ ଏକ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଶୁକ୍ରବାର ବଡ଼ବଜାରସ୍ଥିତ ସତ୍ୟନାରାୟଣ ପାଲାମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଚୌଦ୍ୱାର ରୋଟାରୀ କ୍ଲବ ସଭାପତି ଡା. ଅମିତ୍ କୁମାର ପୃଷ୍ଟିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଶିବିରକୁ ପଦ୍ମଶ୍ରୀ ଉପାଧି ମନୋନୀତ ଡ.ଉଚ୍ଛବ ଚରଣ ଦାସ ଉଦ୍‌ଘାଟନ କରିଥିଲେ। ଶିବିରରେ ୧୭୦ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ଏମାନଙ୍କ ମଧ୍ୟରୁ ମାଗଣାରେ ୫୦ଜଣଙ୍କ କାଟ୍ରାକ୍ଟ ଅପରେସନ କରାଯିବା ସହିତ ଚଷମା ପ୍ରଦାନ କରାଯିବ ବୋଲି ସଭାପତି ପୃଷ୍ଟି କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ରୋଟାରିଆନ ବିଶ୍ୱକଲ୍ୟାଣ ଦାସ, ଶରତ ଖୁଣ୍ଟିଆ, ରମେଶ ବରାଳ, ଡା.ଜୟଶ୍ରୀ ମହାନ୍ତିଙ୍କ ସମେତ ସମସ୍ତ କ୍ଲବ ସଦସ୍ୟ ଶିବିର ପରିଚାଳନାରେ ସହାୟତା କରିଥିଲେ।

# ଅର୍ଥ ମଞ୍ଜୁର ପରେ ବି ଭିତ୍ତିଭୂମି ବିକାଶ ହେଉନି

**କଟକ ଅଫିସ,୧୩।୩**

**ମଧୁସୂଦନ ଆଇନ ମହାବିଦ୍ୟାଳୟ**
- ନିର୍ମାଣ ହେଉନି ଏକାଡେମିକ୍ ଓ ପ୍ରଶାସନିକ ବ୍ଲକ
- ଅଧାପନ୍ତରିଆ ଅବସ୍ଥାରେ ଛାତ୍ରୀନିବାସ
- ମରାମତି ହେଉନି ଛାତ୍ରାବାସ

ମଧୁସୂଦନ ଆଇନ ମହାବିଦ୍ୟାଳୟକୁ କିଛିଦିନ ତଳେ ବିଶ୍ୱବିଦ୍ୟାଳୟର ମାନ୍ୟତା ମିଳିଛି। ହେଲେ ଏଠାକାର ଭିତ୍ତିଭୂମିର ଅବସ୍ଥା ଏବେ ବି ଶୋଚନୀୟ ଅବସ୍ଥାରେ ରହିଛି। ମହାବିଦ୍ୟାଳୟରେ ଛାତ୍ରୀନିବାସ, ପାଠାଗାର ବ୍ୟବସ୍ଥା ନାହିଁ। ଏକାଡେମିକ୍ ବ୍ଲକ ଓ ପ୍ରଶାସନିକ ବ୍ଲକର ଆବଶ୍ୟକତା ଥିଲେ ମଧ ତାହା ନିର୍ମାଣ କରାଯାଉନାହିଁ। ଏହାକୁ ନେଇ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ତୁରନ୍ତ ଏହା ନିର୍ମାଣ କରାଯିବା ପାଇଁ ଦାବି ହେଉଛି।

ମିଳିଥିବା ସୂଚନା ଅନୁଯାୟୀ, ରାଜ୍ୟର ବିଭିନ୍ନ ସ୍ଥାନରୁ ବହୁ ଛାତ୍ରୀ ଆସି ଏଠାରେ ପଢୁଛନ୍ତି। ହେଲେ ସେମାନଙ୍କ ପାଇଁ ଛାତ୍ରୀନିବାସ ନାହିଁ। ୧୦୦ ଶଯ୍ୟାବିଶିଷ୍ଟ ଛାତ୍ରୀନିବାସ ପାଇଁ ୟୁନିଭର୍ସିଟି ଗ୍ରାଣ୍ଟ କମିଶନ(ୟୁଜିସି) ପକ୍ଷରୁ ୮୦ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଥିଲା। ୨୦୧୪ରେ ଆରମ୍ଭ ହୋଇଥିବା ଏହି ନିର୍ମାଣ କାର୍ଯ୍ୟ ଏବେ ଅଧାପନ୍ତରିଆ ଅବସ୍ଥାରେ। ଫଳରେ ଛାତ୍ରୀମାନେ ଘରୋଇ ହଷ୍ଟେଲରେ ଅଧିକ ଭଡ଼ା ଦେଇ ରହିବାକୁ ବାଧ ହେଉଛନ୍ତି ବୋଲି ଛାତ୍ରୀ ଉପାସନା ବଳ କହିଥିଲେ। ସେହିପରି ଏଠାରେ ଥିବା ଏକମାତ୍ର ଛାତ୍ରାବାସକୁ ମରାମତି କରାଯାଉନାହିଁ। ଏ ସମ୍ପର୍କରେ ବାରମ୍ବାର ଅଧ୍ୟକ୍ଷଙ୍କୁ ଅବଗତ କରାଯାଇଥିଲେ ମଧ କିଛି ପଦକ୍ଷେପ ନିଆଯାଇ ନ ଥିବା ଛାତ୍ର ସୁମନ୍ତ ମଲ୍ଲିକ କହିଥିଲେ। ତେବେ ମହାବିଦ୍ୟାଳୟ ଭିତ୍ତିଭୂମିର ବିକାଶ ପାଇଁ କିଛିଦିନ ତଳେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଏକ ବୈଠକ ବସିଥିଲା। ଏଥିରେ ମହାବିଦ୍ୟାଳୟ ଭିତ୍ତିଭୂମିର ବିକାଶ ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ମହାବିଦ୍ୟାଳୟ ଭିତ୍ତିଭୂମିର ବିକାଶ ପାଇଁ ୪ କୋଟି ମଞ୍ଜୁର କରାଯାଇଥିଲା। ସେଥିମଧ୍ୟରୁ ନୂତନ ପାଠାଗାର ନିର୍ମାଣ ପାଇଁ ୧ କୋଟି ପ୍ରଦାନ କରାଯାଇଥିବାବେଳେ ଏକାଡେମିକ୍ ଏବଂ ପ୍ରଶାସନିକ ବ୍ଲକ ପାଇଁ ୨ କୋଟି ଟଙ୍କା ମଞ୍ଜୁର ହୋଇଥିଲା। ସେହିପରି ନୂତନ ଛାତ୍ରାବାସର ସରଞ୍ଜାମ ଏବଂ ଭିତ୍ତିଭୂମିର ବିକାଶ ପାଇଁ ୧ କୋଟି ଟଙ୍କା ପ୍ରଦାନ କରାଯାଇଛି। ମାତ୍ର ଏପର୍ଯ୍ୟନ୍ତ ଏସବୁ କାର୍ଯ୍ୟ ଆରମ୍ଭ ହୋଇ ନ ଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ସୁକାନ୍ତ କୁମାର ନନ୍ଦ କୁହନ୍ତି, ମାର୍ଚ୍ଚ ତୃତୀୟ ସପ୍ତାହରୁ ଭିତ୍ତିଭୂମିର ବିକାଶ ପାଇଁ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ଜୁନ୍ ସୁଦ୍ଧା ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ମଙ୍ଗଳ ରାତି, ବୁଧ ପାହାନ୍ତି;**
**ଯେଣେ ଗଲେ ତେଣେ ଯଶ ପାଆନ୍ତି।**

ମଙ୍ଗଳବାର ରାତ୍ରିର ଶେଷ ପ୍ରହର ତଥା ବୁଧବାରର ପାହାନ୍ତିଆ ସମୟ ସବୁଠାରୁ ଭଲ ବା ଶୁଭ ସମୟ ହୋଇଥାଏ । ଏହି ବେଳାରେ ଯେଉଁ କାମ କଲେ ବା ଯୁଆଡ଼େ ଗଲେ ଯଶ, ସମ୍ମାନ ପ୍ରାପ୍ତ ହେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ମୋହିଲି ମୁଁ ସଜ ଦହି,**
**ହାତ ବାଜୁବନ୍ଧ ଗୁନ୍ଥେଇବି ବୋଲି;**
**ପାଟରାଣୀ ସାଙ୍ଗେ ସହି।**

ସାଧାରଣତଃ ଯାହାଠାରୁ କିଛି ଲାଭ ବା ଫାଇଦା ପାଇବାର ଆଶା ଥାଏ ତାକୁ ସର୍ବଦା ନିଜ ହାତମୁଠାରେ ଧରି ରଖିବାକୁ ଚେଷ୍ଟା କରାଯାଇଥାଏ। ମନରେ ଅଭିସନ୍ଧି ରଖି ତା’ ସହ ଭଲେଇ ହୋଇ ମିଛ ସମ୍ପର୍କ ବଢ଼ାଯାଇଥାଏ। ବାଜୁବନ୍ଧ ପାଇବା ଆଶାରେ ପାଟରାଣୀ ସଙ୍ଗେ ଭାବପ୍ରୀତି ରଖାଯିବା ଭଳି ନିଜର ସ୍ୱାର୍ଥସିଦ୍ଧି ପାଇଁ ପରକୁ ଆପଣାର କରାଯିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



କଟକ ମାଣିକଘୋଷ ବଜାରସ୍ଥିତ ମାରୱାଡି କ୍ଲବରେ ନନ୍ଦ ଗାଁ ବୃଦ୍ଧ ଗୋ ସେବା ଆଶ୍ରମ ପକ୍ଷରୁ ଶୁକ୍ରବାର ଅନୁଷ୍ଠିତ ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ କୟ କିଶୋରୀ ଜୀ ଆଶୀର୍ବଚନ ପ୍ରଦାନ କରୁଛନ୍ତି।

## ଜବରଦଖଲ ଉଚ୍ଛେଦ ପାଇଁ ତହସିଲଦାରଙ୍କୁ ଦାବିପତ୍ର

**କଟକ ସଦର,୧୩।୩(ଡି.ଏନ୍.ଏ.)**

କିଶନନଗର ତହସିଲ ଅନ୍ତର୍ଗତ ଶିଉଳି ଗ୍ରାମ୍ୟ ରାସ୍ତା ଉଭୟ ପାର୍ଶ୍ୱ ଜବରଦଖଲକାରୀଙ୍କ କବଜାରେ ରହିଛି। ଜବରଦଖଲ ଉଚ୍ଛେଦ ପାଇଁ ଶୁକ୍ରବାର ସ୍ଥାନୀୟ ତହସିଲଦାରଙ୍କୁ ଗ୍ରାମବାସୀଙ୍କ ପକ୍ଷରୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଗ୍ରାମ୍ୟ ରାସ୍ତାର ଉଭୟ ପାର୍ଶ୍ୱରେ ଘର ନିର୍ମାଣ କରାଯାଇ ରାସ୍ତା ଅବରୋଧ କରାଯାଇଛି। ମାପଚୁପରେ ମଧ କେତେଜଣ ଲୋକ ରାସ୍ତାରୁ ହଟିବାକୁ ପ୍ରସ୍ତୁତ ନ ଥିବାରୁ ସେମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହେଉଛି। ଗ୍ରାମବାସୀଙ୍କ ଅଭିଯୋଗ ଉପରେ ୨୯-୬-୨୦୧୧ରେ ରାସ୍ତାକୁ ସରକାରୀ ଅମିନ ମାପଚୁପ କରିଥିଲେ। ଏ ନେଇ ଏକ ରିପୋର୍ଟ ମଧ ତତ୍‌କାଳୀନ ତହସିଲଦାରଙ୍କୁ ପ୍ରଦାନ କରାଯାଇଥିଲା। ଏହା ପରେ ରାଜସ୍ୱ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନାହିଁ ବୋଲି ଗ୍ରାମବାସୀ ଦାବିପତ୍ରରେଉଲ୍ଲେଖକରିଛନ୍ତି।କିଶନନଗରତହସିଲଦାର ସୁଚେତା ମହାପାତ୍ର ଛୁଟିରେ ଥିବାରୁ ତାଙ୍କ ଅନୁପସ୍ଥିତିରେ ଷ୍ଟାଫମାନେ ଦାବିପତ୍ର ଗ୍ରହଣ କରିଥିଲେ। ଏ ନେଇ ତହସିଲଦାର ମହାପାତ୍ରଙ୍କ ମତାମତ ମିଳିପାରି ନାହିଁ।

## ଜିଲାସ୍ତରୀୟ କିଶୋର ଶ୍ରମ ଆଇନ ସଚେତନତା ପ୍ରଶିକ୍ଷଣ

**କଟକ ଅଫିସ,୧୩।୩**

ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ପକ୍ଷରୁ ଶିଶୁ ଓ କିଶୋର ଶ୍ରମ (ନିଷେଧ ଓ ନିୟନ୍ତ୍ରଣ)ଆଇନ ୧୯୮୬ ସମ୍ପର୍କିତ ଜିଲାସ୍ତରୀୟ ପ୍ରଶିକ୍ଷଣ ଓ ସଚେତନତା କର୍ମଶାଳା ଶୁକ୍ରବାର ମ୍ୟାରିଟାଇମ ମ୍ୟୁଜିୟମଠାରେ ଅନୁଷ୍ଠିତ ହୋଇଯାଇଛି। ଆୟୋଗ ଅଧ୍ୟକ୍ଷା ସନ୍ଧ୍ୟାବତୀ ପ୍ରଧାନ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅତିରିକ୍ତ ଜିଲାପାଳ ବିଜୟ କୁମାର ଖଣ୍ଡାୟତରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ ସମସ୍ତ ଉତ୍ତରଦାୟୀ ବ୍ୟବସ୍ଥା ସମୂହ ମଧ୍ୟରେ ସହଯୋଗ ସ୍ଥାପନ ଉପରେ ଗୁରୁତ୍ୱ ଦେଇଥିଲେ। ରାଜ୍ୟ ଶିଶୁ ସୁରକ୍ଷା ଆୟୋଗ ସଦସ୍ୟା ଡ. ଗୀତାଞ୍ଜଳି ବସ୍ତିଆ ଓଡ଼ିଶାକୁ ଶିଶୁ ଶ୍ରମିକ ମୁକ୍ତ ରାଜ୍ୟ ଭାବେ ଗଢ଼ିତୋଳିବାକୁ ଆହ୍ୱାନ ଦେଇଥିଲେ। ବକ୍ତାଭାବେ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟର ଡ .ପ୍ରମୋଦ କିଶୋର ଆଚାର୍ଯ୍ୟ ଯୋଗଦେଇ ଶିଶୁ ଶ୍ରମିକ ନିରୋଧ ଆଇନ ବ୍ୟବସ୍ଥାରେ ବିଭିନ୍ନ ବିଭାଗର ଦାୟିତ୍ୱ ଉପରେ ଆଲୋକପାତ କରିଥିଲେ। ଅନ୍ୟତମ ଅତିଥି ଭାବେ ଘାସିରାମ ପଣ୍ଡା ଯୋଗଦେଇଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ ପ୍ରଗତି ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ସଚେତନତା ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

## ଦୋପଟି ମେଳଣ ଉଦ୍‌ଯାପିତ

**ନିଆଳି,୧୩।୩(ଡି.ଏନ୍.ଏ.)**

ନିଆଳି ବ୍ଲକ ଅନ୍ତର୍ଗତ ଦେବୀ-କନ୍ଦଳ ଦ୍ୱୀପାଞ୍ଚଳରେ ପ୍ରସିଦ୍ଧ ଦୋପଟି ମେଳଣ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଗୁରୁବାର ରାତି ପ୍ରାୟ ୧୦ଟାରୁ ଜମାଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏଥିରେ ବିଭିନ୍ନ ଗ୍ରାମର ପ୍ରାୟ ୬୪ ବିମାନ ଯୋଗଦେଇଥିଲେ। ପ୍ରଥମେ ଥାନପତି କସର୍ଦାର ଲକ୍ଷ୍ମୀନାରାୟଣ ମେଳଣ ପଡିଆକୁ ଶୋଭାଯାତ୍ରାରେ ଯାଇ ବସିବା ପରେ ଅନ୍ୟ ବିମାନଗୁଡିକ ଶୋଭାଯାତ୍ରାରେ ମେଳଣ ପଡିଆକୁ ଆଗମନ କରିଥିଲେ। ଶୁକ୍ରବାର ସକାଳୁ ଏହି ୬୪ବିମାନ ମଧ୍ୟରୁ ୬୩ଟି ବିମାନ ପାଖରେ ବିଭିନ୍ନ ପ୍ରକାର ଭୋଗ ଲାଗି ହେଉଥିବା ବେଳେ ବିଳାସୁଣୀ ବାଙ୍କିହାଟୀର ଗୋପାଳଜୀଉଙ୍କ ବିମାନ ନିକଟରେ କଦଳୀ କାନ୍ଦୀ ଭକ୍ତମାନେ ଭୋଗ ଲଗାଉଥିବା ଦେଖିବାକୁ ମିଳିଥିଲା। ସୂଚନାଥାଉ କି, ଭକ୍ତମାନେ କଞ୍ଚାକଦଳୀ କାନ୍ଦି ଶ୍ରୀଗୋପାଳଜୀଉଙ୍କ ନିକଟରେ ଭୋଗ ଲଗାଇଲା ପରେ ତାହା ପାଚି ଯାଉଥିବା ଲୋକକଥା ରହିଛି। ଏଥିପାଇଁ ଶତାଧିକ ଭକ୍ତ ଶ୍ରୀଜୀଉଙ୍କ ନିକଟରେ କଦଳୀ ଭୋଗ କରିଥାନ୍ତି।


**ତହସିଲଦାରଙ୍କ କାର୍ଯ୍ୟାଳୟ, ନୀଳଗିରି, ବାଲେଶ୍ୱର**

ନୋଟିସ୍ ସଂଖ୍ୟା: ୧୨୫୨ | **ଲଘୁ ଖଣିଜ ଲିଜ୍ ନିମନ୍ତେ ବିଜ୍ଞାପନ** | ତାରିଖ: ୧୩।୦୨।୨୦୨୦

ଏତଦ୍ୱାରା ସର୍ବସାଧାରଣଙ୍କର ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡ଼ିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ ୨୦୧୬ ଓ ଓଡ଼ିଶା ଲଘୁ ଖଣିଜ ରିହାତି (ସଂଶୋଧନ) ଆଇନ ୨୦୧୭ ଅନୁଯାୟୀ ନୀଳଗିରି ତହସିଲ ଅନ୍ତର୍ଗତ ପୁନ୍ଦାଳ ଓ ଡୁମଗଣ୍ଡିରା ବାଲି (ଖାଦାନ) ଉତ୍ସ (ଲଘୁ ଖଣିଜ ଦ୍ରବ୍ୟ)ଗୁଡ଼ିକୁ ୫ ବର୍ଷ ନିମନ୍ତେ ଦୀର୍ଘମିଆଦି ସୂତ୍ରେ ନେବା ପାଇଁ ଇଚ୍ଛୁକ ଥିବା ବ୍ୟକ୍ତିମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି। ତେଣୁ ଆବେଦନକାରୀ ଫର୍ମ 'M' ପୂରଣ କରି ୩ କପି ସହ ଏହି ତହସିଲର ପତ୍ରସଂଖ୍ୟା- ୧୨୫୧, ତା୧୩।୦୩।୨୦୨୦ରିଖରେ ଦିଆଯାଇଥିବା ସର୍ତ୍ତାବଳୀ ମୁତାବକ ତା୩୦।୦୩।୨୦୨୦ରିଖ ଅପରାହ୍ନ ୫ଘଟିକା ସୁଦ୍ଧା ଆବେଦନ କରିପାରିବେ। ଏ ସଂକ୍ରାନ୍ତୀୟ ସମ୍ପୂର୍ଣ୍ଣ ସର୍ତ୍ତାବଳୀ ବାଲେଶ୍ୱର ଜିଲ୍ଲା Website **baleswar.nic.in**ରୁ ଏବଂ ତହସିଲ କାର୍ଯ୍ୟାଳୟ ନୋଟିସ୍ ବୋର୍ଡ଼ରୁ ଜାଣିପାରିବେ।

**ନୀଳଗିରି ତହସିଲ ଅନ୍ତର୍ଗତ ସୈରାତ ଉତ୍ସର ତାଲିକା**

| କ୍ର. ନଂ. | ସୈରାତ ନଂ. | ମୌଜାର ନାମ | ସୈରାତ ଉତ୍ସର ନାମ | ଖାତା ନଂ. | ପ୍ଲଟ୍ ନଂ. | କିସମ | ରକବା | ଜମି ମାଲିକ | ଧାର୍ଯ୍ୟ ସରକାରୀ ମୂଲ୍ୟ ଓ ସର୍ବନିମ୍ନ ଅତିରିକ୍ତ ଦେୟ | ବାର୍ଷିକ ସର୍ବନିମ୍ନ ବାଲି ଉଠାଇବାର ପରିମାଣ |
|---|---|---|---|---|---|---|---|---|---|---|
| 1 | 1 | ପୁନ୍ଦାଳ | ପୁନ୍ଦାଳ ବାଲିଖାଦାନ-1 | 556 | 1347 | ନଦୀ | A12.35 | Govt. | 35.00 + 5.00 | 25000 Cum |
| 2 | 2 | ପୁନ୍ଦାଳ | ପୁନ୍ଦାଳ ବାଲିଖାଦାନ-2 | 556 | 1347 | ନଦୀ | A12.35 | Govt. | 35.00 + 5.00 | 25000 cum |
| 3 | 3 | ଡୁମଗଣ୍ଡିରା | ଡୁମଗଣ୍ଡିରା ବାଲିଖାଦାନ | 157 | 385 | ନଦୀ | A2.75 | Govt. | 35.00 + 5.00 | 20000 Cum |
| | | | | 155 | 36 | ନଦୀ | A9.60 | Govt. | | |
| | | | | | | Total clubbed Area | A12.35 | | | |

ସ୍ୱା./- ତହସିଲଦାର, ନୀଳଗିରି


## ପ୍ରିଜାଇଡିଂ ଅଫିସରଙ୍କୁ ତାଲିମ ପ୍ରଦାନ

**କଟକ ସଦର,୧୩।୩(ଡି.ଏନ୍.ଏ.)**

କଟକ ସଦର ୭ନଂ. ଜିଲା ପରିଷଦ ଜୋନ ନିର୍ବାଚନ ପାଇଁ ଶୁକ୍ରବାର ବ୍ଲକ କାର୍ଯ୍ୟାଳୟ ପରିସରରେ ପ୍ରିଜାଇଡିଂ ଅଫିସରଙ୍କ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୩୦ ପ୍ରିଜାଇଡିଂ ଓ ୧୩୦ ପୋଲିଂ ଅଫିସର ତାଲିମ ଗ୍ରହଣ କରିଥିଲେ। କଟକ ସଦର ଉପଜିଲାପାଳ ଶୁଭ୍ରାଂଶୁ ଶେଖର ମିଶ୍ର, ବିଡିଓ ରାଜୀବ ଲୋଚନ ପରିଡା, ଅତିରିକ୍ତ ବିଡିଓ ଜ୍ଞାନରଞ୍ଜନ ପଣ୍ଡା ଓ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଯାଜ୍ଞସେନୀ ଗୋଚ୍ଛାୟତ ତାଲିମ ପ୍ରଦାନ କରିଥିଲେ। ମାର୍ଚ୍ଚ ୨୪ରେ ୮ପଞ୍ଚାୟତର ୧୨୪ଟି ବୁଥରେ ନିର୍ବାଚନ ହେବ।

# ଖୁବ୍‌ଶୀଘ୍ର ଆରମ୍ଭ ହେବ ୬ ଥାକିଆ ରିଂରୋଡ୍



ବୈଠକରେ ଜିଲାପାଳ ଭବାନୀ ଶଙ୍କର ଚୟନୀ ଓ ଅନ୍ୟମାନେ।

**କଟକ ଅଫିସ,୧୩।୩**

ଶିଖରପୁରଠାରୁ ଚହଟା ମହାନଦୀ ରିଂବନ୍ଧ ୬ ଥାକିଆ ରାସ୍ତା ପ୍ରଶସ୍ତୀକରଣ କାର୍ଯ୍ୟ ଖୁବ୍‌ଶୀଘ୍ର ଆରମ୍ଭ ହେବ। ଏ ନେଇ ଶୁକ୍ରବାର ଅପରାହ୍ନରେ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ(ଆରଡିସି)ଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ଆରଡିସି ଅନିଲ କୁମାର ସାମଲ ସୂଚନା ଦେଇଛନ୍ତି। ୮.୪ କିମି ପରିବ୍ୟାପ୍ତ ୬ ଥାକିଆ ରିଂବନ୍ଧ ରାସ୍ତା ପ୍ରଶସ୍ତୀକରଣ ହେବାଦ୍ୱାରା ଜନସାଧାରଣ ସମ୍ମୁଖୀନ ହେଉଥିବା ଟ୍ରାଫିକ ସମସ୍ୟା ଦୂର ହୋଇପାରିବ ବୋଲି ସେ ଆଶା ପ୍ରକାଶ କରିଥିଲେ। ରିଂବନ୍ଧ ପ୍ରଶସ୍ତିକରଣ ପାଇଁ ପ୍ରସ୍ତୁତ ହୋଇଥିବା ପ୍ରକଳ୍ପ ରିପୋର୍ଟକୁ ଆର୍‌ଡିସି ଅନୁଧ୍ୟାନ କରିଥିବାବେଳେ ଏ ସମ୍ପର୍କରେ ଉପସ୍ଥିତ ବିଭିନ୍ନ ବିଭାଗର ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ। ରିଂବନ୍ଧ ରାସ୍ତା ପ୍ରଶସ୍ତୀକରଣ ପାଇଁ ଅବରୋଧ କରୁଥିବା ଟାୱାର, ଗଛ, ବିଦ୍ୟୁତ୍ ଖୁଣ୍ଟ, ଟ୍ରାନ୍ସଫର୍ମର, ଲାଇଟପୋଷ୍ଟ, ମନ୍ଦିର, ନଳକୂପ, ପାଇପଲାଇନ ଓ ପମ୍ପହାଉସ ଆଦିକୁ ତୁରନ୍ତ ହଟାଇବା ପାଇଁ ବିଭାଗୀୟ ଅଧିକାରୀମାନେ ପଦକ୍ଷେପ ନେବାକୁ ସେ ନର୍ଦ୍ଦେଶ ଦେଇଥିଲେ। କଟକକୁ ଏକ ମଡେଲ ସହର ଭାବେ ନିର୍ମାଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗତ ୫ ତାରିଖରେ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ପାଳନ ଅବସରରେ ୬ ଥାକିଆ ମହାନଦୀ ରିଂବନ୍ଧ ରାସ୍ତା ପ୍ରଶସ୍ତୀକରଣ ପାଇଁ ଶିଳାନ୍ୟାସ କରିଥିଲେ। ଏହି କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ବିଭାଗୀୟ ସମନ୍ୱୟ ଉପରେ ଜିଲାପାଳ ଭବାନୀ ଶଙ୍କର ଚୟନୀ ବୈଠକରେ ଗୁରୁତ୍ୱାରୋପ କରିଥିଲେ । ସିଏମ୍‌ସି କମିଶନର ଅନନ୍ୟା ଦାସ, ପୂର୍ତ୍ତ ବିଭାଗର ସେଣ୍ଟ୍ରାଲ ସର୍କଲ ଅଧୀକ୍ଷଣ ଯନ୍ତ୍ରୀ ତାରା ପ୍ରସାଦ ମିଶ୍ର, ନିର୍ବାହୀଯନ୍ତ୍ରୀ ଏମ.ଆର. ଖାନ, ଜାଇକା ମୁଖ୍ୟଯନ୍ତ୍ରୀ ବସନ୍ତ କୁମାର ସେନାପତିଙ୍କ ସମେତ ସେସୁ, ଫରେଷ୍ଟ, ଜନସ୍ୱାସ୍ଥ୍ୟ, ଆଇଓସିଏଲ, ଏଚ୍‌ପିସିଏଲ୍, ରେଲୱେ, ଟେଲିଫୋନ ଏବଂ ଜାଇକାର ବିଭାଗୀୟ କର୍ମଚାରୀମାନେ ଉପସ୍ଥିତ ରହି ଆଲୋଚନାରେ ଭାଗନେଇଥିଲେ।


**CLASSIFIED DISPLAY**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE FINANCE

ପଇସା ଆମର ସଫଳତା ଆପଣଙ୍କର (ଲକ୍ଷ ଲକ୍ଷ ଲୋକଙ୍କ ଭରସା)
ଏକ୍ସା ଫାଇନାନ୍ସ
ଇ-ମେଲ୍ ଆଇଡି: axafinance051@gmail.com
କାମ ଆମର, ବିଶ୍ୱାସ ଆପଣଙ୍କର
ଜନଧନ ମୁଦ୍ରା ଯୋଜନା ଦ୍ୱାରା ସବୁ ଋଣ
ଋଣ ପାଆନ୍ତୁ, ଭବିଷ୍ୟତ ଉଜ୍ଜ୍ୱଳ କରନ୍ତୁ
• ପ୍ରପର୍ଟି ଋଣ • ବ୍ୟବସାୟ ଋଣ • ମାର୍କଶିଟ୍ ଋଣ • ଆଧାର କାର୍ଡ ଋଣ • ପର୍ସନାଲ ଋଣ • ବିପିଏଲ୍ ଋଣ
1% ସୁଧ 50% ଛାଡ଼
ମହିଳା/ସୈନିକ/ଚାଷୀ/ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି
8766320840
7982465910

Fusion Microfinance PVT.LTD
ଋଣ ନିଅନ୍ତୁ ମାତ୍ର ୨୪ ଘଣ୍ଟାରେ
ସମସ୍ତ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ ଆଧାର ଲୋନ, ପଶୁପାଳନ, ବିଜ୍‌ନେସ୍ ଏବଂ ଘର ଋଣ
ସହଜ କିସ୍ତିରେ ସବୁ ପ୍ରକାର ଋଣ
ଉପଲବ୍ଧ Online ସୁବିଧା
CONTACT
90783-45815
gmail-fusionmicrofinance2020@gmail.com

JOIN RAPIDO BIKE TAXI JOB
CUTTACK AND BHUBANESWAR
Income Upto Rs.24000/-*
DOCUMENT REQUIRED
DL, RC, Android Mobile
Office Address : 40 Pawani Complex, Lane L4, Ground Floor, Jagmohan Near ITER College, Bhubaneswar
M : 9513764947
01140844649

ଋଣ ଧମାକା
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଦର୍ଶ ଫାଇନାନ୍ସ
ପୂରା ରାଜ୍ୟରେ ପ୍ରଥମ ଥର ପାଇଁ
ପିଏମ୍ ଜନଧନ ଯୋଜନା ଦ୍ୱାରା ସବୁ ବ୍ୟାଙ୍କରୁ
2% ସୁଧ - 50% ରିହାତିରେ
ଆଧାରକାର୍ଡ | ରାଶନକାର୍ଡ | ପର୍ସନାଲ | ପ୍ରପର୍ଟି | ଏଗ୍ରିକଲ୍ଚର | ବ୍ୟବସାୟ | ଗୃହ ଋଣ | ଟୁ-ହ୍ୱିଲର୍ | ଗ୍ରୁପ୍ ଋଣ | ପଶୁପାଳନ
ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ
କମ୍ କାଗଜପତ୍ର କାମ
କମ୍ ଖରାପ ସିବିଲଧାରୀଙ୍କୁ ମଧ ଋଣ
8929889612
7290830466
Shahajahanabad, Bhopal (MP)

GANPATI FINANCE
GANPATI ଋଣ 2%ବାର୍ଷିକ ସୁଧରେ ମାତ୍ର ୨୪ ଘଣ୍ଟାରେ
ଘରେବସି ପାଆନ୍ତୁ
ମହିଳା ଓ ସରକାରୀ କର୍ମଚାରୀ ମାନଙ୍କ ପାଇଁ ବିଶେଷ ଛାଡ
ଯେବେ କଉଠି ନ ମିଳେ ଲୋନ୍ ଆମକୁ କରନ୍ତୁ ଫୋନ୍
Plot No-14/524, Chandini Chowk, Kolkata
8396000562
8607796713

BUSINESS BUSINESS

ଦୟାକରି ଧ୍ୟାନ ଦିଅନ୍ତୁ
ଖାଲିଥିବା ଜମି, ଛାତ ଓ ପ୍ଲଟ୍‌ରେ Tower Vision କମ୍ପାନୀର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 30,000/- ଟଙ୍କା ପାଆନ୍ତୁ
ଜମି | ଛାତ | ପ୍ଲଟ୍
07449881156
08295828950

COLOR DISPLAY CLASSIFIED — on every Tuesday & Friday

| SIZE | 15 days | 8 days | 4 days | Single day | GST 5% will be added extra |
|---|---|---|---|---|---|
| 6X8 | 40,000 | 20,000 | 11,000 | 2,800 | |


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

DHARITRI Career appointment Every Wednesday and Saturday

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୧୪ ମାର୍ଚ୍ଚ, ୨୦୨୦



ନିଜର କାମକୁ ଠିକ୍ ଭାବେ ପରିଚାଳନା କରୁଥିବା ଲୋକ
କେବଳ ଧନ ନୁହେଁ, ଯଶ ମଧ୍ୟ ଲାଭ କରେ।
-ଗଙ୍ଗାଧର ମେହେର



## ସଂକ୍ଷେପରେ

### ଅଟୋ- କାର ମୁହାଁମୁହିଁ ଧକ୍କା: ୩ ଆହତ



**ନରାଜ ୧୩।୩(ଡି.ଏନ୍.ଏ.):** ବାରଙ୍ଗ ଥାନା ଅନ୍ତର୍ଗତ ମୁଣ୍ଡଳୀଠାରୁ ପୁରୀ ମୁଖ୍ୟ କେନାଲ ବନ୍ଧ ରାସ୍ତାରେ ଏକ ଯାତ୍ରୀବାହୀ ଅଟୋ ସହ କାର ଶୁକ୍ରବାର ମୁହାଁମୁହିଁ ଧକ୍କା ହୋଇଛି। ଫଳରେ ୩ ଜଣ ଯାତ୍ରୀ ଆହତ ହୋଇଛନ୍ତି। ଅପରାହ୍ଣରେ ମୁଣ୍ଡଳୀରୁ ଏକ ଯାତ୍ରୀବାହୀ ଅଟୋ ୩ ଜଣଙ୍କୁ ନେଇ ନିକଟସ୍ଥ ଅରିଲୋ ଗ୍ରାମକୁ ଯାଉଥିବା ବେଳେ ଭୁବନେଶ୍ୱରରୁ ଆସୁଥିବା ଏକ କାର ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଦୁର୍ଘଟଣାରେ ଉଭୟ ଗାଡି ଭାଙ୍ଗିରୁଜି ଯାଇଥିଲା। ଖବରପାଇ ଗୋଡିସାହି ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟ ଗାଡିକୁ ଜବତ କରିବା ସହ ଆହତମାନଙ୍କୁ ଚିକିତ୍ସା ନିମନ୍ତେ କଟକ ବଡ ମେଡିକାଲ ପଠାଯାଇଛି। ।

### ପାଟ୍ରୋଲିଂ ବେଳେ ଚୋରା ଗାଡ଼ି ଧରାପଡ଼ିଲା

**ଆଠଗଡ଼,୧୩।୩(ସ୍ୱ.ପ୍ର.):** ଆଠଗଡ ଏନଏସି ଅନ୍ତର୍ଗତ ରଥଗଡା ଛକାରେ ଗୁରୁବାର ରାତିରେ ପୋଲିସ ପାଟ୍ରୋଲିଂ ବେଳେ ଏକ ଚୋରା କାର ଉଦ୍ଧାର ହୋଇଛି। ଦୁର୍ବୃତ୍ତମାନେ ପୋଲିସକୁ ଦେଖି ବାଟରେ କାର୍ ଛାଡି ଫେରାର ହୋଇଯାଇଛନ୍ତି। ପୋଲିସ ଉକ୍ତ କାରକୁ ଜବତ କରି ଥାନାକୁ ନେଇଛି। ଜବତ୍ କାର (ନଂ. ଓଡି.୦୨.ଜେଡ୍ .୬୩୫୩)ତାଳଚେର ଜିଲା ଅନ୍ତର୍ଗତ ବିକ୍ରମପୁର ଥାନା ଅଞ୍ଚଳର ବୋଲି ଜଣାପଡିଛି। ଏହି କାର ଚୋରି ହୋଇଥିବା ନେଇ ବିକ୍ରମପୁର ଥାନାରେ ଗତ ୮ ତାରିଖରେ ଲିଖିତ ଅଭିଯୋଗ ହୋଇଥିଲା। ଏନେଇ ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଥିବା ବେଳେ ଶୁକ୍ରବାର ସନ୍ଧ୍ୟାରେ ଉକ୍ତ କାର୍ ଗାଡି ମାଲିକଙ୍କୁ ହସ୍ତାନ୍ତର କରାଯାଇଛି।

### ଅଷ୍ଟପ୍ରହର ନାମଯଜ୍ଞ

**ସାଲେପୁର, ୧୩।୩(ଡି.ଏନ୍.ଏ.):** ରାମକୃଷ୍ଣପୁର ପଞ୍ଚାୟତସ୍ଥିତ ବାଲିସମଳା ଗ୍ରାମର ମୁକ୍ତେଶ୍ୱର ମହାଦେବ ମନ୍ଦିର ପରିସରରେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଦିଲୀପ କୁମାର ଦାଶ ଓ ପୂଜକ ମିନୁ ବାବା ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ। ଏହି ଅବସରରେ କଳସ ଶୋଭାଯାତ୍ରା, ସୂର୍ଯ୍ୟପୂଜା, ଆଦି କାର୍ଯ୍ୟକ୍ରମ କରାଯାଇଥିଲା। ସନାତନ ରାଉଳ, ସମୀର ଦାଶ, ଗୋପବନ୍ଧୁ ଭଞ୍ଜ, ଗଜେନ୍ଦ୍ର ଦାଶ, ରମେଶ ଚନ୍ଦ୍ର ବର୍ଦ୍ଧନ, ପ୍ରେମାନନ୍ଦ ସାହୁ, ଟୁକୁନି ଦାଶ ପ୍ରମୁଖ ଏଥିରେ ସହଯୋଗ କରିଥିଲେ। ଆଖପାଖ ଅଞ୍ଚଳର ବହୁ ସଂକୀର୍ତ୍ତନମଣ୍ଡଳୀ ଏଥିରେ ଯୋଗଦେଇଥିଲେ।

# ସଂଶୋଧନ ହେଉନି ରାଜସ୍ୱ ଗ୍ରାମ ନକ୍ସା

■ବଣ୍ଟାଯାଇଛି ଜମି ପଟ୍ଟା
■ବଳରାମପୁର ରାଜସ୍ୱ ଗ୍ରାମକୁ ୩ ଭାଗ କରାଯାଇଥିଲା

**ଆଠଗଡ଼,୧୩।୩ (ସ୍ୱ.ପ୍ର.)**

ଆଠଗଡ଼ ତହସିଲ ଅନ୍ତର୍ଗତ ବଳରାମପୁର ରାଜସ୍ୱ ଗ୍ରାମକୁ ଭାଗ କରାଯାଇ ଆଉ ୨ ନୂତନ ରାଜସ୍ୱ ଗ୍ରାମ ସୃଷ୍ଟି କରାଯାଇଛି। ପୂର୍ବରୁ ଆଠଗଡ଼ ତହସିଲ ଅଧୀନରେ ୨୦୯ ରାଜସ୍ୱ ଗ୍ରାମ ଥିବା ବେଳେ ଗତ ଡିସେମ୍ବରରେ ନୂତନ ରାଜସ୍ୱ ଗ୍ରାମ ଘୋଷଣା ପରେ ଏହି ସଂଖ୍ୟା ୨୧୧ରେ ପହଞ୍ଚିଛି। ମାତ୍ର ଅଦ୍ୟାବଧି ଗ୍ରାମଗୁଡ଼ିକର ସୀମା ନିର୍ଦ୍ଧାରଣ ଓ ନକ୍ସା ସଂଶୋଧନ କାର୍ଯ୍ୟ ହୋଇ ନ ଥିବାରୁ ଗ୍ରାମବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବଳରାମପୁର ଗ୍ରାମର ଭୌଗୋଳିକ ସ୍ଥିତି, ଜମିର ପରିମାଣ ତଥା ଜନସଂଖ୍ୟାକୁ ଦୃଷ୍ଟିରେରଖି ୨୦୧୮ରେ ଏହି ଗ୍ରାମକୁ ଭାଗ କରିବାକୁ ନିଷ୍ପତ୍ତି ହୋଇଥିଲା। ପରେ ୧୭।୬।୧୯ରେ ଏହି ଗ୍ରାମକୁ ୩ ରାଜସ୍ୱ ଗ୍ରାମରେ ପରିଣତ କରିବାକୁ ଓଡିଶା ଉଚ୍ଚନ୍ୟାୟାଳୟ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶ ଅନୁଯାୟୀ, ୧୩।୧୨।୧୯ରେ ଆଠଗଡ଼ ତହସିଲ ପକ୍ଷରୁ ବଳରାମପୁର ରାଜସ୍ୱ ଗ୍ରାମକୁ ଭାଗ କରାଯାଇ ବାଉଁଶଦଣ୍ଡା ଓ ବଉଳପଦା ଗ୍ରାମକୁ ରାଜସ୍ୱ ଗ୍ରାମ ଭାବେ ମାନ୍ୟତା ଦିଆଯାଇଥିଲା। ତହସିଲ ପକ୍ଷରୁ ନକ୍ସା ପ୍ରସ୍ତୁତ କରାଯାଇ ରାଜ୍ୟ ସର୍ବେକ୍ଷଣ ଓ ନକ୍ସା ପ୍ରକାଶନ ନିର୍ଦ୍ଦେଶକଙ୍କୁ ପତ୍ର ସଂଖ୍ୟା( ୪୭୦/ ୨୭।୧।୨୦)ରେ ଅନୁମୋଦନ ପାଇଁ ପ୍ରେରଣ କରାଯାଇଥିଲା। ଏଥିସହ ନୂତନ ୨ ରାଜସ୍ୱ ଗ୍ରାମର ଜମି ମାଲିକମାନଙ୍କୁ ନୂତନ ପଟ୍ଟା ବଣ୍ଟନ କରାଯାଇଥିଲା। ମାତ୍ର ନୂତନ ପଟ୍ଟା ପାଇଥିବା ଅଧିବାସୀମାନେ ଆବଶ୍ୟକ ବେଳେ ଜମି ବିକ୍ରି କରି ନ ପାରି ନାନା ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ କରିଛନ୍ତି। ରାଜସ୍ୱ ଗ୍ରାମର ନକ୍ସା ସଂଶୋଧନ କିମ୍ବା ଗ୍ରାମର ସୀମା ନିର୍ଦ୍ଧାରଣ ହୋଇ ନ ଥିବାରୁ କୌଣସି ଲୋକ ଏହି ଜମି କିଣିବାକୁ ରାଜି ହେଉନାହାନ୍ତି। ଫଳରେ ବିବାହ, ରୋଗୀ ଚିକିତ୍ସା ଓ ଋଣ ପରିଶୋଧ ସମୟରେ ଜମି ମାଲିକମାନେ ନିଜର ଜମି ବିକ୍ରି ଅବା ବନ୍ଧା ପକାଇ ନ ପାରି ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ଏ ନେଇ ଗ୍ରାମବାସୀଙ୍କ ପକ୍ଷରୁ ଆଠଗଡ଼ ତହସିଲଦାର ତପନ କୁମାର ଖୁଣ୍ଟିଆଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଏଥିସହ ଗ୍ରାମବାସୀଙ୍କ ଏକ ପ୍ରତିନିଧି ମଣ୍ଡଳୀ ନକ୍ସା ପ୍ରକାଶନ ସଂସ୍ଥାର ନିର୍ଦ୍ଦେଶକଙ୍କୁ ଭେଟି ନକ୍ସା ସଂଶୋଧନ କରିବା ପାଇଁ ଜଣାଇଥିଲେ। ମାତ୍ର ଏପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆ ନ ଯିବାରୁ ଗୁରୁବାର ସଦାଶିବ ପାଣି, ଅନ୍ତର୍ଯ୍ୟାମୀ ସାହୁ, ସୁଶାନ୍ତ କୁମାର ପଣ୍ଡାଙ୍କ ସମେତ ବହୁ ଗ୍ରାମବାସୀ ପୁନର୍ବାର ଆଠଗଡ଼ ତହସିଲଦାର ଖୁଣ୍ଟିଆଙ୍କୁ ଭେଟି ସମସ୍ୟାର ସମାଧାନ ପାଇଁ ଅନୁରୋଧ କରିଥିଲେ। ଏହାପରେ ଖୁଣ୍ଟିଆ ସମସ୍ୟାର ସମାଧାନ ପାଇଁ ପ୍ରକାଶନ ସଂସ୍ଥାର ନିର୍ଦ୍ଦେଶକଙ୍କ ସହ ଆଲୋଚନା କରିଥିଲେ। ଖୁବ୍‌ଶୀଘ୍ର ବଳରାମପୁର, ବାଉଁଶଦଣ୍ଡା ଓ ବଉଳପଦା ରାଜସ୍ୱ ଗ୍ରାମର ସୀମା ନିର୍ଦ୍ଧାରଣ କରି ନୂତନ ନକ୍ସା ପ୍ରକାଶିତ କରାଯିବ ବୋଲି ପ୍ରକାଶନ ସଂସ୍ଥାର ନିର୍ଦ୍ଦେଶକ ପ୍ରତିଶ୍ରୁତି ଦେଇଛନ୍ତି ବୋଲି ଖୁଣ୍ଟିଆ କହିଛନ୍ତି।




ଶ୍ରୀରାମଚନ୍ଦ୍ର ଭବନରେ ଶୁକ୍ରବାର କଟକ ଲେଖକ ସହଯୋଗ ସମିତିର ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

## ମା'କନକ ଦୁର୍ଗାଙ୍କ ପ୍ରସ୍ତର ମୂର୍ତ୍ତି ସ୍ଥାପନ

**ସାଲେପୁର, ୧୩।୩(ଡି.ଏନ୍.ଏ.)**

ସାଲେପୁର ବ୍ଲକ୍ ଅନ୍ତର୍ଗତ ଶିଶୁଆ ପଞ୍ଚାୟତର ପୁରୁଷୋତ୍ତମପୁରସ୍ଥିତ ଭୀଷ୍ମକୁଣ୍ଡସ୍ଥିତ କନକ ଚଉରା ପୀଠରେ ମା'କନକ ଦୁର୍ଗାଙ୍କ ନୂତନ ପ୍ରସ୍ତର ମୂର୍ତ୍ତି ସ୍ଥାପନ ନିମନ୍ତେ ଧାନାଦିବାସ ଓ ଦଧିନଉତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସାମାଜିକ କର୍ମୀ ହରିବନ୍ଧୁ ଶତପଥୀ ଓ ତାଙ୍କ ସ୍ତ୍ରୀ ଶୁଭଶ୍ରୀ ଶତପଥୀ ଏଥିରେ ସହଯୋଗ କରିଥିଲେ। ହୋମଯଜ୍ଞ ପରେ ଦଧିନଉତି ସ୍ଥାପନ କରାଯାଇ ଅପରାହ୍ଣରେ ନୂତନ ପ୍ରସ୍ତର ମୂର୍ତ୍ତିକୁ ଏକ ଶୋଭାଯାତ୍ରା ମାଧ୍ୟମରେ ଓଳାଶୁଣି ଗୁମ୍ଫାରୁ ଅଣାଯାଇଥିଲା। ଏଥିରେ ପୂଜକ ଭାବେ ପଣ୍ଡିତ ଚନ୍ଦ୍ରଶେଖର ପଣ୍ଡା ଓ ବିଞ୍ଝେଶ୍ୱର ପଣ୍ଡା ଯୋଗଦେଇଥିଲେ । ଏହି ବିଗ୍ରହ ସ୍ଥାପନ ନିମନ୍ତେ ଆସନ୍ତା ୨୭ରୁ ୪ତାରିଖ ପର୍ଯ୍ୟନ୍ତ କନକଚଉରା ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ କରାଯିବ ବୋଲି ସ୍ଥିର କରାଯାଇଛି।

## ଶିକ୍ଷା ହିଁ ମଣିଷ ଜୀବନର ସର୍ବଶ୍ରେଷ୍ଠ ଉପଲବ୍ଧି




ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

**ସାଲେପୁର, ୧୩।୩(ଡି.ଏନ୍.ଏ.)**

ସାଲେପୁର ଫାର୍ମାସୀ କଲେଜର ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ ଓଡିଶା ପବ୍ଲିକ ସର୍ଭିସ କମିଶନର ପୂର୍ବତନ ଅଧ୍ୟକ୍ଷ ସତ୍ୟକାମ ମିଶ୍ର ଯୋଗଦେଇ ଶିକ୍ଷା ହିଁ ମଣିଷ ଜୀବନର ସର୍ବଶ୍ରେଷ୍ଠ ଉପଲବ୍ଧି ବୋଲି କହିଥିଲେ। କଲେଜ ଅଧ୍ୟକ୍ଷ ଡ. ସନ୍ତୋଷ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ 'ଇନୋଭିଜନ ଫାର୍ମୋତ୍ସବ-୨୦୨୦'ରେ ସମ୍ମାନିତ ଅତିଥିଭାବେ ଶୈଳବାଳା ମହିଳା ମହାବିଦ୍ୟାଳୟର ଅବସର ପ୍ରାପ୍ତ ପ୍ରଫେସର ଡ. ଖାରବେଳ ମହାନ୍ତି ଯୋଗଦେଇ କଠିନ ପରିଶ୍ରମ, ଏକାଗ୍ରତା ଓ ନିଷ୍ଠା ହିଁ ଛାତ୍ରମାନଙ୍କୁ ସଫଳତାର ଶୀର୍ଷରେ ପହଞ୍ଚାଇଥାଏ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପରିଚାଳନା କମିଟି ଉପସଭାପତି ପ୍ରଫେସର ଦେବୀପ୍ରସାଦ ଦାସ, ସମ୍ପାଦକ ରବୀନ୍ଦ୍ର ନାଥ କର, ସଭ୍ୟ ଦେବେନ୍ଦ୍ର କୁମାର ରାଉତ ଉପସ୍ଥିତ ଥିଲେ। ଅଧ୍ୟାପିକା ମୋନାଲିସା ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ। ସନ୍ତୋଷ କୁମାର ମହାପାତ୍ର ସ୍ୱାଗତ ଭାଷଣ ଦେବା ସହ କଲେଜର ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗୀତାର କୃତି ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଏହି ଉତ୍ସବରେ ଓଲିଉଡର ପ୍ରଚ୍ଛଦପଟ୍ଟ ଗାୟକ ସତ୍ୟଜିତ୍ ପ୍ରଦାନ ଓ ସାଇସଙ୍ଗମର କୁସୁମ ମହାନ୍ତିଙ୍କ ଦ୍ୱାରା ମେଲୋଡି କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା।

## ବିଡିଓ, ବ୍ଲକ ଅଧ୍ୟକ୍ଷାଙ୍କ ଆଶ୍ରମ ବିଦ୍ୟାଳୟ ତଦାରଖ

**ତିଗିରିଆ, ୧୩।୩(ଡି.ଏନ୍.ଏ.)**

ତିଗିରିଆ ବ୍ଲକର ନୂତନ ବିଡ଼ିଓ ଦୀପ୍ତିମୟୀ ବେହେରା ଓ ବ୍ଲକ ଅଧ୍ୟକ୍ଷା ରୂପା ଦଳେଇ ଶୁକ୍ରବାର ବ୍ଲକ ଅନ୍ତର୍ଗତ ପୋପରା ଆଶ୍ରମ ବିଦ୍ୟାଳୟ ପରିଦର୍ଶନ କରିଛନ୍ତି। ଉଭୟ ବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରୀଛାତ୍ରଙ୍କ ସହ ବାର୍ତ୍ତାଳାପ କରି ସୁବିଧା ଓ ଅସୁବିଧା ବୁଝିଛନ୍ତି। ଏଥିସହ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁଲୋଚନା ରାଉତଙ୍କ ସହ ବିଦ୍ୟାଳୟର ସମସ୍ୟା ସମ୍ପର୍କରେ ଆଲୋଚାନ କରିଛନ୍ତି। ବିଦ୍ୟାଳୟରେ ପାଠପଢ଼ାର ମାନ ଯାଞ୍ଚ କରିଛନ୍ତି। ଏଥିସହ କରୋନା ଭାଇରସ ପିଲାମାନଙ୍କୁ ସଚେତନ କରିବା ସହ ସ୍ୱଚ୍ଛତା ଉପରେ ଗୁରୁତ୍ୱାରୋପ କରିଥିଲେ।

## ହତ୍ୟା ମାମଲାରେ ଦୋଷୀଙ୍କୁ ଆଜୀବନ କାରାଦଣ୍ଡ

**ସାଲେପୁର, ୧୩।୩(ଡି.ଏନ୍.ଏ.)**

୨୦୧୮ରେ ମାହାଙ୍ଗା ଥାନା ଅନ୍ତର୍ଗତ ଭଦ୍ରେଶ୍ୱର ଫାଣ୍ଡି ନିକଟରେ ଏକ ହତ୍ୟାକାଣ୍ଡ ହୋଇଥିଲା। ସାଲେପୁର ଅତିରିକ୍ତ ଜିଲା ସେସନ୍ ଜଜ୍ ସଂଗ୍ରାମ କେଶରୀ ପଟ୍ଟନାୟକ ଏହି ମାମଲାର ବିଚାର କରି ଅଭିଯୁକ୍ତ ଅଚ୍ୟୁତ ପ୍ରଧାନ ଓରଫ ବାବାଜୀଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଏଥିସହ ବାବାଜୀଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିବା ସହ ୫ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଭଦ୍ରେଶ୍ୱର ଫାଣ୍ଡି ଅଧୀନ ଝାଡେଶ୍ୱରପୁର ଗ୍ରାମର ଅନାଦି ପ୍ରଧାନଙ୍କ ବଡପୁଅ ପ୍ରଭାତ ପ୍ରଧାନ (୩୨)ଙ୍କ ସହ ପଡୋଶୀ ବାବାଜୀଙ୍କ ପୂର୍ବରୁ ଝଗଡା ଲାଗି ରହିଥିଲା। ଏନେଇ ପ୍ରଭାତଙ୍କୁ ହତ୍ୟା କରିବାକୁ ସେ ଧମକ ଦେଇଥିଲେ।

ଗତ ୧୭।୫।୧୮ରେ ଅନାଦିଙ୍କ ସ୍ତ୍ରୀ ମିନା ସକାଳେ ଶୌଚ ହେବାକୁ ନିକଟସ୍ଥ ବିଲକୁ ଯାଇଥିବା ବେଳେ ରାସ୍ତାକଡ଼ରେ ପୁଅ ପ୍ରଭାତର ରକ୍ତ ଜୁଡୁବୁଡୁ ମୃତ ଦେହ ଦେଖି ପରିବାରରେ ଜଣାଇଥିଲେ। ଏହି ହତ୍ୟା ମାମଲାରେ ବାବାଜୀଙ୍କ ସମ୍ପୃକ୍ତି ଥିବା ନେଇ ଅନାଦି ଭଦ୍ରେଶ୍ୱର ଫାଣ୍ଡିରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଅଭିଯୋଗକୁ ଗ୍ରହଣ କରି ମାମଲା (ନଂ.୧୦୧/୧୮)ରୁଜୁ କରି ତଦନ୍ତ ଚଳାଇଥିଲା। ହତ୍ୟା ସମ୍ପର୍କରେ ବିଭିନ୍ନ ତଥ୍ୟ ପ୍ରମାଣ ମିଳିବା ପରେ ବାବାଜୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସରକାରଙ୍କ ପକ୍ଷରୁ ଓକିଲ ଯତୀନ୍ଦ୍ର କୁମାର ମହାନ୍ତି ଏହି ମାମଲାକୁ ପରିଚାଳନା କରୁଥିଲେ।

## ବ୍ରହ୍ମେଇଁ ଠାକୁରାଣୀଙ୍କ ପୀଠରେ ମହୁମାଛି ଆକ୍ରମଣ: ୨ ଛାତ୍ରୀ ଆହତ

**ବାଙ୍କୀ,୧୩।୩ (ସ୍ୱ.ପ୍ର.)**

ଡମପଡ଼ା ବ୍ଲକ ଅନ୍ତର୍ଗତ ସିଂହନାଥପୁରର ବ୍ରହ୍ମେଇଁ ଠାକୁରାଣୀଙ୍କ ପୀଠରେ ଶୁକ୍ରବାର ମହୁମାଛି ଆକ୍ରମଣରେ ବାଙ୍କୀ କଲେଜ ଅର୍ଥନୀତି ବିଭାଗର ୨ ଜଣ ଛାତ୍ରୀ ଆହତ ହୋଇଛନ୍ତି। ସେମାନେ ବାଙ୍କୀ ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେବାପରେ ଏବେ ସୁସ୍ଥ ଥିବା ଜଣାପଡିଛି। ବାଙ୍କୀ କଲେଜ ଅର୍ଥନୀତି ବିଭାଗର ଛାତ୍ରୀଛାତ୍ର ଏହି ପୀଠକୁ ଭୋଜି କରିବାକୁ ଆସିଥିଲେ। ସେମାନେ ପୀଠରେ ଥିବା ଏକ ବିରାଟ ବଟଗଛ ନିକଟରେ ରୋଷେଇ କରୁଥିବା ବେଳେ ଗଛରେ ବସା ବାନ୍ଧିଥିବା ଏକ ମହୁଫେଣାରୁ ମହୁମାଛିମାନେ ବାହାରି ଆସି ଛାତ୍ରୀଛାତ୍ରଙ୍କୁ ଆକ୍ରମଣ କରିଥିଲେ। ଏହି ସମୟରେ ୨ ଜଣ ଛାତ୍ରୀ ଆହତ ହୋଇଥିଲେ। ଏ ସମ୍ପର୍କରେ ବ୍ରହ୍ମେଇଁ କମିଟିର ସମ୍ପାଦକ ବଙ୍କି ସୁଧାଂଶୁ ରଞ୍ଜନ ପଟ୍ଟନାୟକ କହିଛନ୍ତି, ମା'ଙ୍କ ଆସ୍ଥାନଠାରୁ ପ୍ରାୟ ୫୦ଫୁଟ ଉଚ୍ଚରେ ମହୁମାଛି ବସା ବାନ୍ଧିଛନ୍ତି। ୨ ଦିନ ତଳେ ସେମାନଙ୍କୁ ଘଉଡାଇବା ପାଇଁ ନିଆଁହୁଳା ଜାଳିଥିଲୁ। ହେଲେ ପରଦିନ ସକାଳେ ସେମାନେ ପୁନର୍ବାର ସେଠାକୁ ଫେରିଆସିଥିଲେ। ଏନେଇ ଡମପଡ଼ା ବନ ବିଭାଗକୁ ଅବଗତ କରାଯାଇଛି। ଏହି ପୀଠ ଏକ ପର୍ଯ୍ୟଟନ ସ୍ଥଳୀ ହୋଇଥିବାରୁ ତୁରନ୍ତ ଏଠାରୁ ମହୁମାଛିଙ୍କୁ ଘଉଡ଼ାଇବାକୁ ବ୍ୟବସ୍ଥା କରାଯାଉଛି।

## ୨୮୮ ଲିଟର ଦେଶୀ ମଦ ଜବତ: ଜଣେ ଗିରଫ

**ନରାଜ ,୧୩।୩ ( ଡି.ଏନ୍.ଏ.)**

ଗୋଡିସାହି ନିକଟ ପୁରୀ ମୁଖ୍ୟ କେନାଲ ରାସ୍ତାରୁ ବାରଙ୍ଗ ଥାନା ପୋଲିସ ଓ ସ୍ପେଶାଲ ସ୍କ୍ୱାଡ୍ ଦ୍ୱାରା ଶୁକ୍ରବାର ରାତିରେ ୨୮୮ ଲିଟର ଦେଶୀ ମଦ ଜବତ କରାଯାଇଛି। ଏହି ଅଭିଯୋଗରେ ଜଣଙ୍କୁ ଗିରଫ କରାଯାଇଛି। ସେ ହେଲେ ଆଠଗଡ ଅଞ୍ଚଳର ଅଶୋକ ରାଉତ। ଶନିବାର ତାଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ବାରଙ୍ଗ ଥାନା ପକ୍ଷରୁ କୁହାଯାଇଛି। ବାରଙ୍ଗ ଥାନା ଏଏସ୍‌ଆଇ ଲତିଫ ମହମ୍ମଦ ସ୍ପେଶାଲ ସ୍କ୍ୱାଡ୍ ଦ୍ୱାରା ଗାଡି ବାହାନ ଯାଞ୍ଚ କରୁଥିବା ବେଳେ ଆଠଗଡରୁ ମୁଣ୍ଡଳି ଦେଇ ବାରଙ୍ଗ ଆସୁଥିବା ଏକ କାର୍‌ରୁ ଏହି ଦେଶୀ ମଦ ଜବତ କରିଛନ୍ତି।

## ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ: ସେମିଫାଇନାଲରେ ଚୌଦ୍ୱାର




ଅତିଥିଙ୍କ ଗହଣରେ ଖେଳାଳିମାନେ।

**ତିଗିରିଆ, ୧୩।୩(ଡି.ଏନ୍.ଏ.)**

ତିଗିରିଆ ବ୍ଲକ ଅନ୍ତର୍ଗତ କରଡ଼ାପଲ୍ଲୀ ଖେଳ ପଡ଼ିଆରେ ୫ମ ଯୁବ ଅହମ୍ମଦିୟା ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟର ପ୍ରଥମ କ୍ୱାର୍ଟର ଫାଇନାଲ ମ୍ୟାଚ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଯୁବଜ୍ୟୋତି କ୍ଲବ୍ ପଙ୍କାଳ,ତିଗିରିଆକୁ ପରାସ୍ତ କରି ଯୁଥ ଆସୋସିଏଶନ୍ ଚୌଦ୍ୱାର ପ୍ରଥମ ଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଛି। ମ୍ୟାଚଟି ପ୍ରଥମରୁ ସଂଘର୍ଷପୂର୍ଣ୍ଣ ହୋଇଥିଲା। ଦ୍ୱିତୀୟାର୍ଦ୍ଧରେ ଯୁବଜ୍ୟୋତି କ୍ଲବର ପ୍ରିତିଶ ପଟ୍ଟନାୟକ ଏକ ମାତ୍ର ଗୋଲସ୍କୋର କରି ଦଳକୁ ଅଗ୍ରଣୀ କରିଥିଲେ। ମାତ୍ର ୪ ମିନିଟ ପରେ ଚୌଦ୍ୱାର ଦଳର ଅରୁଣ ନାୟକ ଏକ ଗୋଲ କରି ମ୍ୟାଚକୁ ଡ୍ର ରଖିଥିଲେ । ଖେଳ ଶେଷ ପର୍ଯ୍ୟନ୍ତ ଉଭୟ ଦଳ କୌଣସି ଗୋଲ ନ କରିପାରିବାରୁ ଟାଇ ବେକର ଜରିଆରେ ମ୍ୟାଚର ଫଇସଲା ହୋଇଥିଲା। ଏଥିରେ ଚୌଦ୍ୱାର ଚୌଦ୍ୱାର ୫-୪ ଗୋଲରେ ବିଜୟୀ ହୋଇଥିଲା। ମ୍ୟାଚରେ ମୁଖ୍ୟ ଅତିଥିଭାବେ ତିଗିରିଆ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଚିକିତ୍ସକ ଡ. ବିଶ୍ୱବିକାଶ ରାଉତରାୟ ଓ ସମ୍ମାନିତ ଅତିଥିଭାବେ ନିଜିଗଡ ପଞ୍ଚାୟତ ଭିଏଲ୍‌ଡବ୍ଲ୍ୟୁ ସନା ସ୍ୱାଇଁ ଯୋଗଦେଇଥିଲେ । ରେଫରିଭାବେ ସଞ୍ଜୀବ ଦାସ ମ୍ୟାଚ ପରିଚାଳନା କରିଥିବାବେଳେ ତାଙ୍କୁ ଲାଇନରେ ରଜାକ ଖାଁ ଓ ସଫିକୁଲ ଖାଁ ସହଯୋଗ କରିଥିଲେ । ୪ର୍ଥ ରେଫରି ଭାବେ ସେକ ଅନିଲ ଦାୟିତ୍ୱ ନିର୍ବାହ କରିଥିଲେ ।

## ତୈଳିକ ବୈଶ୍ୟ ସମାଜର ବୋଇତ ବନ୍ଦାଣ ଉତ୍ସବ



ବୋଇତ ବନ୍ଦାଣ ଉତ୍ସବରେ ଉପସ୍ଥିତ ଅତିଥି।

**ତିଗିରିଆ, ୧୩।୩ (ଡି.ଏନ୍.ଏ.)**

ତିଗିରିଆ ବ୍ଲକ ଅନ୍ତର୍ଗତ କଳିବୀର ଗ୍ରାମ ମହିମାସାଗର ଦେବ ତୈଳିକ ବୈଶ୍ୟ ସମାଜ ପକ୍ଷରୁ ବୋଇତ ବନ୍ଦାଣ ଉତ୍ସବ ମହିମାସାଗରଙ୍କ ପୀଠରେ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଉତ୍ସବରେ ତିଗିରିଆ ରାଜ୍ୟ ତୈଳିକ ବୈଶ ସମାଜ ସଭାପତି ଅମୂଲ୍ୟ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଗ୍ରାମ ସଭାପତି ପୂର୍ଣ୍ଣଚନ୍ଦ୍ର ସାହୁଙ୍କ ଦ୍ୱାରା ତୈଳିକ ସମାଜର ପତାକା ଉତ୍ତୋଳନ କରାଯାଇଥିଲା। ପରେ ସେ ଏକ ଛୋଟ ବୋଇତକୁ ମୁଣ୍ଡରେ ବହନ କରି ନଗର ପରିକ୍ରମା କରିଥିଲେ। ଏହା ପରେ ଏକ ସଭା ଆୟୋଜନ କରାଯାଇଥିଲା। ସଭାରେ କଳିବୀର ଗ୍ରାମ ଆଠ ସାହିର ବେହେରାମାନେ ଉପସ୍ଥିତ ଥିଲେ । ଏହି ଅବସରରେ ଗ୍ରାମର ବରିଷ୍ଠ ନାଗରିକ ଆକୁଳ ଚରଣ ସାହୁ, ପୂର୍ବତନ ସୈନିକ ବଡ଼ସାହିର ପବିତ୍ର କୁମାର ସାହୁ ଓ ସାନସାହିର ପବିତ୍ର କୁମାର ସାହୁଙ୍କୁ ସମ୍ମାନିତ କରାଯାଇଥିଲା। ସେହିପରି ବିଦ୍ୟାଳୟର ମେଧାବୀ ଶିକ୍ଷାର୍ଥୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ପରେ ମୁଖ୍ୟଅତିଥି ସାହୁ, ରମେଶ କୁମାର ସାହୁ, ସୁଦାମ ଚରଣ ସାହୁ, ଦୀନବନ୍ଧୁ ସାହୁ ଓ ନରେନ୍ଦ୍ର କୁମାର ସାହୁ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରିଶେଷରେ ଆଠସାହିର ସଭାପତି ପୂର୍ଣ୍ଣଚନ୍ଦ୍ର ସାହୁ ବକ୍ତବ୍ୟ ରଖି ଲୋକ ହିତକର କାର୍ଯ୍ୟ ସମ୍ପର୍କରେ ବର୍ଣ୍ଣନା କରିଥିଲେ।

# ଭୂମିହୀନଙ୍କୁ ମିଳୁନି ସ୍ଥାୟୀ ଜମିପଟ୍ଟା

**ମାହାଙ୍ଗା,୧୩।୩(ସ୍ୱ.ପ୍ର.)**



ସ୍ଥାୟୀ ଜମି ପଟ୍ଟା ଅପେକ୍ଷାରେ ଥିବା ଗ୍ରାମବାସୀ।

■ ଆବାସ ଯୋଜନାରୁ ବଞ୍ଚିତ ହୋଇଛନ୍ତି
■ ଆନ୍ଦୋଳନ ପାଇଁ ଚେତାବନୀ

ରାଜ୍ୟ ସରକାର ଭୂମିହୀନମାନଙ୍କୁ ଥଇଥାନ କରିବା ପାଇଁ ବିଭିନ୍ନ ଯୋଜନା କରିବା ସହ ସ୍ଥାୟୀ ଜମିପଟ୍ଟା ଯୋଗାଇ ଦେଉଛନ୍ତି। ମାତ୍ର ମାହାଙ୍ଗା ତହସିଲ ଅନ୍ତର୍ଗତ ଗୋପାଳପୁର ପଞ୍ଚାୟତ ବେଗୁନିଆପଦା ଦଳିତ ସାହିରେ ସରକାରୀ ଜମିରେ ପିଢ଼ୀ ପିଢ଼ୀ ଧରି ବସବାସ କରୁଥିବା ପରିବାରଗୁଡ଼ିକୁ ସ୍ଥାୟୀ ଜମିପଟ୍ଟା ପ୍ରଦାନ କରାଯାଉନାହିଁ। ଫଳରେ ସରକାରଙ୍କ ଆବାସ ଯୋଜନାରେ ସେମାନେ ସାମିଲ ହୋଇ ନ ପାରି ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି ବୋଲି ଅଭିଯୋଗ କରିଛନ୍ତି। ଦଳିତ ସାହିରେ ପ୍ରାୟ ୨୦ରୁ ଊର୍ଦ୍ଧ୍ୱ ପରିବାର ଦୀର୍ଘ ବର୍ଷ ହେବ ବସବାସ କରୁଛନ୍ତି। ଏମାନଙ୍କ ପାଖରେ ସମସ୍ତ ପ୍ରମାଣପତ୍ର ଥିବାବେଳେ ସ୍ଥାୟୀ ଜମିପଟ୍ଟା ନାହିଁ। ଫଳରେ ସରକାରଙ୍କ ଆବାସ ଯୋଜନାରେ ନାମ ଥାଇ ମଧ୍ୟ ପକ୍କା ଘର ଖଣ୍ଡେ ମିଳିପାରୁନାହିଁ। ଏଥିଯୋଗୁ ଗରିବ ପରିବାରଗୁଡିକ ଖରା ବର୍ଷାରେ ଭଙ୍ଗାକୁଡିଆରେ ଦିନ କଟାଇବାକୁ ବାଧ୍ୟ ହେଉଛନ୍ତି। ପ୍ରଶାସନିକସ୍ତରରେ ଏନେଇ ବାରମ୍ବାର ତଦନ୍ତ କରାଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ସେମାନଙ୍କୁ ସ୍ଥାୟୀ ଜମିପଟ୍ଟା ମିଳିପାରିନାହିଁ ବୋଲି ସେମାନେ ଅଭିଯୋଗ କରିଛନ୍ତି। ଏନେଇ ଗ୍ରାମର ଦୁଲନ ଦାସ, ଜ୍ୟୋତ୍ସ୍ନାରାଣୀ ଦାସ, ମାଧବୀ ଦାସ, ସିପୁ ଦାସ, ସୌଦାମିନୀ ଦାସ, ମିନା ଦାସ, ପ୍ରମୋଦ ଦାସ, ଚନ୍ଦନ ଦାସ, ନନ୍ଦି ଦାସ, ଭୁଙ୍ଗି ଦାସ ଓ ବାବୁଲି ଦାସ ପ୍ରମୁଖ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି। ତୁରନ୍ତ ଏନେଇ ପଦକ୍ଷେପ ନେବାକୁ ସେମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ୱାର୍ଡସଭ୍ୟ ତ୍ରିନାଥ ଦାସ କହିଛନ୍ତି, ଭୂମିହୀନମାନଙ୍କୁ ଜମିପଟ୍ଟା ଯୋଗାଇଦେବା ନିମନ୍ତେ ତହସିଲଠାରୁ ଆରମ୍ଭ କରି ଜିଲାପାଳଙ୍କ ପର୍ଯ୍ୟନ୍ତ ସବୁଠି ଆବେଦନ କରଯାଇଛି। ମାତ୍ର ଏପର୍ଯ୍ୟନ୍ତ କୌଣସି ସୁଫଳ ମିଳିପାରି ନାହିଁ।

ଏ ସମ୍ପର୍କରେ ମାହାଙ୍ଗା ତହସିଲଦାର ଚିତ୍ତରଞ୍ଜନ ପଟ୍ଟନାୟକ କହିଛନ୍ତି, ମୁଁ ଏବେ ନୂତନ ଭାବେ କାର୍ଯ୍ୟରେ ଯୋଗଦେଇଛି। ଭୂମିହୀନମାନେ ଅଫିସ କାର୍ଯ୍ୟାଳୟକୁ ଆସି ଯୋଗାଯୋଗ କଲେ ସମସ୍ୟା ସମାଧାନ ପାଇଁ ଧ୍ୟାନ ଦିଆଯିବ।

## ସଂକ୍ଷେପରେ

### ସୂର୍ଯ୍ୟମନ୍ଦିରରୁ ପଡ଼ି ଯୁବତୀ ଗୁରୁତର



**କୋଣାର୍କ,୧୩.୩(ଡି.ଏନ୍.ଏ):** କୋଣାର୍କ ସୂର୍ଯ୍ୟମନ୍ଦିରର ନାଟ ମଣ୍ଡପ ବେଢ଼ାରେ ସେଲଫି ନେବା ବେଳେ ବେଢ଼ାରୁ ପଡି ଜଣେ ଯୁବତୀ ଗୁରୁତର ହୋଇଛନ୍ତି। ସେ ହେଲେ ଭୁବନେଶ୍ୱର ୟୁନିଟ-୯ ଅଞ୍ଚଳର ସୁଭାସିନ ମହାଲିକ(୨୨)। ଚିକିତ୍ସା ପାଇଁ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, ଭୁବନେଶ୍ୱର ୟୁନିଟ-୯ ଅଞ୍ଚଳର ସୁକାନ୍ତ ମହାଲିକ ସପରିବାର ସହ ସୂର୍ଯ୍ୟମନ୍ଦିର ପରିଦର୍ଶନ କରିବାକୁ ଯାଇଥିଲେ। ମନ୍ଦିର ବୁଲୁଥିବା ବେଳେ ସୁକାନ୍ତଙ୍କ ଝିଅ ସୁଭାସିନ ବେଢ଼ାରେ ସେଲଫି ନେଉଥିବା ବେଳେ ତଳେ ପଡି ଗୁରୁତର ହୋଇପଡିଥିଲେ। ଚିକିତ୍ସା ପାଇଁ ପ୍ରଥମେ କୋଣାର୍କ ସ୍ୱାସ୍ଥ୍ୟକେନ୍ଦ୍ର ପରେ ଗୋପ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଥିଲା। ପରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱରକୁ ସ୍ଥାନାନ୍ତର କରାଯାଇଥିଲା। ସୂର୍ଯ୍ୟମନ୍ଦିର ପରିସରରେ ଏଏସଆଇ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡାକଡି କରିବା ପାଇଁ ସାଧାରଣରେ ଦାବି ହେଉଛି।

### ଲୁଟେରା ଗ୍ୟାଙ୍ଗର ପର୍ଦ୍ଦାଫାଶ : ୩ ଗିରଫ

**ଭୁବନେଶ୍ୱର,୧୩।୩ (ବ୍ୟୁରୋ):** ଖଣ୍ଡଗିରି ଥାନା ପୋଲିସ ଲୁଟେରା ଗ୍ୟାଙ୍ଗର ପର୍ଦ୍ଦାଫାଶ କରି ୩ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଖଣ୍ଡଗିରି ଥାନା ଅନ୍ତର୍ଗତ ଭରତପୁର ଅଞ୍ଚଳର ମିର୍ଜା ରଞ୍ଜନ, ଧିର ପାତ୍ର ଓ ସୁନୀଲ ଦାସ । ଏମାନଙ୍କ ନିକଟରୁ ୩୯ ହଜାର ଟଙ୍କା,ମୋବାଇଲ ଓ ସୁନା ରୁପା ଅଳଙ୍କାର ଜବତ ହୋଇଛି। ଭରତପୁର ଅଞ୍ଚଳରେ ଏହି ଗ୍ୟାଙ୍ଗ, ଘରେ କେହି ନଥିବାର ସୁଯୋଗନେଇ ତାଲା ଭାଙ୍ଗି ସୁନା ଗହଣା ଓ ଟଙ୍କା ଲୁଟ କରିଥିଲେ। ସୂଚନା ମୁତାବକ ଭରତପୁର ସନ୍ତୋଷ ନଗର ଅଞ୍ଚଳରେ ପରିବାର ସହ ରୁହନ୍ତି ଯଯାତି କେଶରୀ। ଗତ ଫେବୃୟାରୀ ୧୬ ତାରିଖରେ ଯଯାତି ଘର ତାଲା ପକାଇ ପରିବାର ଲୋକଙ୍କ ସହ ସମ୍ପର୍କୀୟଙ୍କ ଘରକୁ ବୁଲିବାକୁ ଯାଇଥିଲେ। ୧୯ ତାରିଖରେ ସେ ଘରକୁ ଫେରିଲେ। ଫେରିଲାପରେ ଘରର ତାଲା ଭଙ୍ଗା ଯାଇ ଚୋରି ହୋଇଥିବା ଦେଖିଥିଲେ।

# କରୋନା ସଚେତନତାକୁ ଗୁରୁତ୍ୱ

## କ୍ଲିନିକ, ପାଥୋଲାବରେ ହୋର୍ଡିଂ, ବ୍ୟାନର ଲଗାଇବାକୁ ନିର୍ଦ୍ଦେଶ

**ପୁରୀ ଅଫିସ,୧୩।୩**

କରୋନା ଭୂତାଣୁକୁ ନେଇ ଏବେ ସବୁଠି ଚର୍ଚ୍ଚା। ଏହାକୁ କିପରି ରୋକାଯାଇପାରିବ ସେନେଇ ସରକାରୀସ୍ତରରେ ବିଭିନ୍ନ ପ୍ରକାର ପଦକ୍ଷେପ ନିଆଯାଉଛି। ପୁରୀ ଜିଲାରେ ମଧ୍ୟ କରୋନା ଭୂତାଣୁ ସମ୍ପର୍କିତ ସଚେତନତା ସୃଷ୍ଟି ଲାଗି ଜିଲା ପ୍ରଶାସନ ବ୍ୟାପକ ପଦକ୍ଷେପ ଗ୍ରହଣ କରିଛି। ଜିଲାପାଳ ବଲୱନ୍ତ ସିଂଙ୍କ ଅଧକ୍ଷତାରେ ଶୁକ୍ରବାର ସର୍କିଟ ହାଉସ୍ ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡ. ନୀଳକଣ୍ଠ ମିଶ୍ରଙ୍କ ସମେତ ଜିଲାରେ ଥିବା ସମସ୍ତ ୩୨ଟି ବେସରକାରୀ ନର୍ସିଂହୋମ, କ୍ଲିନିକ ଏବଂ ପାଥୋଲାବର ପ୍ରତିନିଧି ଉପସ୍ଥିତ ଥିଲେ। ରାଜ୍ୟ ସରକାର କରୋନା ଭୂତାଣୁକୁ ଗୁରୁତର ସହ ନେଇଥିବାରୁ ଆବଶ୍ୟକସ୍ଥଳେ ଜିଲାରେ ସରକାରୀ ଏବଂ ବେସରକାରୀସ୍ତରରେ ଉପଲବ୍ଧ ସମ୍ବଳର ଉପଯୋଗ କରାଯିବ ବୋଲି ଜିଲାପାଳ କହିଛନ୍ତି । ଜନଗହଳିପୂର୍ଣ୍ଣ ସ୍ଥାନ ଜିମ୍, ସୁଇମିଂପୁଲ ଆଦି ଉପରେ ମଧ୍ୟ ତୀକ୍ଷ୍ଣ ନଜର ରଖାଯିବ। ପ୍ରତ୍ୟେକ ପାଥୋଲାବ ଏବଂ କ୍ଲିନକ ସେମାନଙ୍କ ପରିସରରେ କରୋନା ସମ୍ପର୍କରେ ସଚେତନତା ସୃଷ୍ଟି ନିମନ୍ତେ ହୋର୍ଡିଂ ଏବଂ ବ୍ୟାନର ଲଗାଇବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ଗର୍ଭବତୀ ମହିଳାଙ୍କୁ ଉତ୍ତମ ଚିକିତ୍ସା ପ୍ରଦାନ କ୍ଷେତ୍ରରେ ମଧ୍ୟ ଆଲୋଚନା ହୋଇଛି। ବେସରକାରୀ ଚିକିତ୍ସା ସଂସ୍ଥାଗୁଡ଼ିକ ଉପଯୁକ୍ତ ତଥ୍ୟ ଦେଉ ନ ଥିବାରୁ ଜିଲାର ପ୍ରାୟ ୧୯ଭାଗ ଗର୍ଭବତୀ ମହିଳାଙ୍କ ସମ୍ପର୍କରେ ସରକାରୀ ସ୍ତରରେ ଠିକ୍ ତଥ୍ୟ ରହୁ ନ ଥିବାନେଇ ଜିଲାପାଳ ଉଦ୍‌ବେଗ ପ୍ରକାଶ କରିଥିଲେ। ଅଲଟ୍ରାସାଉଣ୍ଡ, ଜନ୍ମଦାନ ପୂର୍ବ ଏବଂ ପରବର୍ତ୍ତୀ ଚିକିତ୍ସା, ଯକ୍ଷ୍ମା, ଏଚ୍ଆଇଭି, ଟୀକାକରଣ ସମ୍ପର୍କରେ ଠିକଣା ସମୟରେ ତଥ୍ୟ ଦେବାକୁ ବେସରକାରୀ ସଂସ୍ଥାଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି। ଏତଦ୍‌ବ୍ୟତୀତ ଡାକ୍ତରଖାନାରୁ ବାହାରୁଥିବା କଠିନ ଓ ତରଳ ବର୍ଜ୍ୟବସ୍ତୁର ସଂଗ୍ରହ ଏବଂ ପୃଥକ୍ କରିବା ସଂକ୍ରାନ୍ତରେ ମଧ୍ୟ ଜିଲାପାଳ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। କରୋନା ଭୂତାଣୁ ସମ୍ପର୍କରେ ପ୍ରତ୍ୟେକ ସକାଳେ ପୌରସଂସ୍ଥା ପକ୍ଷରୁ ସହରରେ ପ୍ରଚାର କରାଯିବା ସହ ସିଂହଦ୍ୱାର ନିକଟସ୍ଥ ସୂଚନା କେନ୍ଦ୍ରରେ ମଧ୍ୟ ସଚେତନତା ବାର୍ତ୍ତା ପ୍ରଦାନ କରାଯିବ ବୋଲି ନିଷ୍ପତ୍ତି ହୋଇଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ମଙ୍ଗଳ ରାତି, ବୁଧ ପାହାନ୍ତି;**
**ଯେଣେ ଗଲେ ତେଣେ ଯଶ ପାଆନ୍ତି ।**

ମଙ୍ଗଳବାର ରାତ୍ରିର ଶେଷ ପ୍ରହର ତଥା ବୁଧବାରର ପାହାନ୍ତିଆ ସମୟ ସବୁଠାରୁ ଭଲ ବା ଶୁଭ ସମୟ ହୋଇଥାଏ । ଏହି ବେଳାରେ ଯେଉଁ କାମ କଲେ ବା ଯୁଆଡ଼େ ଗଲେ ଯଶ, ସମ୍ମାନ ପ୍ରାପ୍ତ ହେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ମୋହିଲି ମୁଁ ସଜ ଦହି,**
**ହାତ ବାଜୁବନ୍ଧ ଗୁନ୍ଥେଇବି ବୋଲି;**
**ପାଟରାଣୀ ସାଙ୍ଗେ ସହି ।**

ସାଧାରଣତଃ ଯାହାଠାରୁ କିଛି ଲାଭ ବା ଫାଇଦା ପାଇବାର ଆଶା ଥାଏ ତାକୁ ସର୍ବଦା ନିଜ ହାତମୁଠାରେ ଧରି ରଖିବାକୁ ଚେଷ୍ଟା କରାଯାଇଥାଏ। ମନରେ ଅଭିସନ୍ଧି ରଖି ତା' ସହ ଭଲେଇ ହୋଇ ମିଛ ସମ୍ପର୍କ ବଢ଼ାଯାଇଥାଏ। ବାଜୁବନ୍ଧ ପାଇବା ଆଶାରେ ପାଟରାଣୀ ସଙ୍ଗେ ଭାବପ୍ରୀତି ରଖାଯିବା ଭଳି ନିଜର ସ୍ୱାର୍ଥସିଦ୍ଧି ପାଇଁ ପରକୁ ଆପଣାର କରାଯିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ରାଷ୍ଟ୍ରୀୟ ସଂଗୋଷ୍ଠୀ ଉଦ୍‌ଯାପନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

# ବେଦାନ୍ତ ବିନା ମନୁଷ୍ୟର ମୌଳିକ ପରିଚୟ ନ ଥାଏ

## ଦ୍ୱିଦିବସୀୟ ରାଷ୍ଟ୍ରୀୟ ସଂଗୋଷ୍ଠୀ ଉଦ୍‌ଯାପିତ

**ପୁରୀ ଅଫିସ,୧୩।୩**

ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଅଦ୍ୱୈତ ବେଦାନ୍ତ ବିଭାଗ ପକ୍ଷରୁ ଅନୁଷ୍ଠିତ ଦ୍ୱିଦିବସୀୟ ରାଷ୍ଟ୍ରୀୟ ସଂଗୋଷ୍ଠୀ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ବେଦାନ୍ତ ବିଭାଗର ପରିଦର୍ଶକ ପ୍ରଫେସର ପ୍ରଭାତ ରଞ୍ଜନ ମହାପାତ୍ରଙ୍କ ସଭାପତିତ୍ୱରେ ଉଦ୍‌ଯାପନୀ ସଭାରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ହରିହର ହୋତା କହିଥିଲେ ଯେ, ବେଦାନ୍ତ ବିନା ମନୁଷ୍ୟର କୌଣସି ମୌଳିକ ପରିଚୟ ମିଳି ନ ଥାଏ। ତିରୁପତି ରାଷ୍ଟ୍ରୀୟ ସଂସ୍କୃତ ବିଦ୍ୟାପୀଠର ବେଦାନ୍ତ ବିଭାଗ ମୁଖ୍ୟ ପ୍ରଫେସର ଗଣପତି ଭଟ୍ଟ ମୁଖ୍ୟଅତିଥି, ସଦାଶିବ ପରିସରର ପ୍ରାକ୍ତନ ପ୍ରାଚାର୍ଯ୍ୟ ପ୍ରଫେସର ବି. ଗଙ୍ଗାନ୍ନା ମୁଖ୍ୟବକ୍ତା, ବିଶ୍ୱବିଦ୍ୟାଳୟ କୁଳସଚିବ ପ୍ରଫେସର କମଳେଶ ମିଶ୍ର ସମ୍ମାନିତ ବକ୍ତା, ପ୍ରଫେସର ହରେକୃଷ୍ଣ ମହାପାତ୍ର ସମ୍ମାନିତ ଅତିଥି, ନିଗମାନନ୍ଦ ସାରସ୍ୱତ ଆଶ୍ରମର ଅଧକ୍ଷ ସ୍ୱାମୀ ଶଙ୍କରାନନ୍ଦ ସରସ୍ୱତୀ ସାରସ୍ୱତ ଅତିଥି ଭାବେ ଯୋଗଦେଇ ଏକବିଂଶ ଶତାବ୍ଦୀରେ ବେଦାନ୍ତ ଦର୍ଶନର ପ୍ରାସଙ୍ଗିକତା ସମ୍ବନ୍ଧରେ ସାରଗର୍ଭକ ବକ୍ତବ୍ୟ ଦେଇଥିଲେ। ଚର୍ଚ୍ଚା ସତ୍ରର ନିର୍ଦ୍ଦେଶିକା ଡ. ଶ୍ରଦ୍ଧାଞ୍ଜଳି ମହାପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଅଧାପକ ଡ. ହେମନ୍ତ କୁମାର ଗନ୍ତାୟତ ବେଦ ପାଠ କରିଥିଲେ। ଏଥିରେ ଓଡ଼ିଶା ସମେତ ପଶ୍ଚିମବଙ୍ଗ, ହିମାଚଳ ପ୍ରଦେଶ, ଆନ୍ଧ୍ରପ୍ରଦେଶ ପ୍ରଭୃତି ରାଜ୍ୟରୁ ଅଧାପକବୃନ୍ଦ ଯୋଗଦେଇଥିଲେ।

# ପୂର୍ବ ବିବାଦରୁ ଭିଲିଦେଉଳି ଗ୍ରାମରେ ଗଣ୍ଡଗୋଳ: ୧୫ ଗୁରୁତର

**ନିମାପଡ଼ା,୧୩।୩(ଡି.ଏନ୍.ଏ.)**

ନିମାପଡ଼ା ଥାନା ଅନ୍ତର୍ଗତ ଭିଲିଦେଉଳି ଗ୍ରାମରେ ପୂର୍ବ ବିବାଦକୁ କେନ୍ଦ୍ରକରି ଗଣ୍ଡଗୋଳ ହୋଇଛି। ଏଥରେ ୧୫ଜଣ ଗୁରୁତର ହୋଇଛନ୍ତି। ଚିକିତ୍ସା ପାଇଁ ଏମାନଙ୍କୁ ନିମାପଡ଼ା ଓ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଖବରପାଇ ନିମାପଡ଼ା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ପୂର୍ବ ବିବାଦକୁ କେନ୍ଦ୍ରକରି ଭିଲିଦେଉଳି ଗ୍ରାମରେ ଦଳିତ ସମ୍ପ୍ରଦାୟର ପ୍ରାୟ ୫୦ଜଣ ବ୍ୟକ୍ତି ସବର୍ଣ୍ଣ ସମ୍ପ୍ରଦାୟର କେତେଜଣ ବ୍ୟକ୍ତିଙ୍କ ଘରେ ପଶି ମାରଣାସ୍ତ୍ରରେ ଆକ୍ରମଣ କରିବା ସହ ଆସବାବପତ୍ର ଫୋପାଡିଦେଇଥିଲେ। ଆକ୍ରମରେ ୧୫ଜଣ ଗୁରୁତର ହୋଇଥିଲେ। ଭରତ ସ୍ୱାଇଁ, ସଚ୍ଚି ସ୍ୱାଇଁ, ବିକାଶ ସ୍ୱାଇଁ, ସଖି ସ୍ୱାଇଁଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ଏମାନଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ନ୍ୟାୟ ଦାବିରେ ଗ୍ରାମର ସବର୍ଣ୍ଣ ସମ୍ପ୍ରଦାୟର ଶତାଧିକ ମହିଳା ଗ୍ରାମ ରାସ୍ତା ଅବରୋଧ କରିଥିଲେ। ଏସ୍‌ଡିପିଓ ପ୍ରଦୀପ କୁମାର ଦଳେଇ, ଆଇଆଇସି ଜନାର୍ଦ୍ଦନ ପାଢୀ ଗ୍ରାମରେ ପହଞ୍ଚି ଲୋକମାନଙ୍କୁ ବୁଝାଶୁଝା କରିଥିଲେ। ଶାନ୍ତିଶୃଙ୍ଖଳା ପାଇଁ ଗ୍ରାମରେ ପୋଲିସ ମୁତୟନ କରାଯାଇଛି।


## ତହସିଲଦାରଙ୍କ କାର୍ଯ୍ୟାଳୟ, ନୀଳଗିରି, ବାଲେଶ୍ୱର

ନୋଟିସ୍ ସଂଖ୍ୟା: ୧୨୫୨
**ଲଘୁ ଖଣିଜ ଲିଜ୍ ନିମନ୍ତେ ବିଜ୍ଞାପନ**
ତାରିଖ: ୧୩।୦୨।୨୦୨୦

ଏତଦ୍ୱାରା ସର୍ବସାଧାରଣଙ୍କର ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡ଼ିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ ୨୦୧୬ ଓ ଓଡ଼ିଶା ଲଘୁ ଖଣିଜ ରିହାତି (ସଂଶୋଧନ) ଆଇନ ୨୦୧୭ ଅନୁଯାୟୀ ନୀଳଗିରି ତହସିଲ ଅନ୍ତର୍ଗତ ପୁନ୍ଦାଳ ଓ ଡୁମଗଣ୍ଡିରା ବାଲି (ଖାଦାନ) ଉତ୍ସ (ଲଘୁ ଖଣିଜ ଦ୍ରବ୍ୟ)ଗୁଡ଼ିକୁ ୫ ବର୍ଷ ନିମନ୍ତେ ଦୀର୍ଘମିଆଦି ସୂତ୍ରେ ନେବା ପାଇଁ ଇଚ୍ଛୁକ ଥିବା ବ୍ୟକ୍ତିମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି। ତେଣୁ ଆବେଦନକାରୀ ଫର୍ମ 'M' ପୂରଣ କରି ୩ କପି ସହ ଏହି ତହସିଲର ପତ୍ରସଂଖ୍ୟା- ୧୨୫୧, ତା୧୩।୦୩।୨୦୨୦ରିଖରେ ଦିଆଯାଇଥିବା ସର୍ତ୍ତାବଳୀ ମୁତାବକ ତା୩୦।୦୩।୨୦୨୦ରିଖ ଅପରାହ୍ଣ ୫ଘଟିକା ସୁଦ୍ଧା ଆବେଦନ କରିପାରିବେ। ଏ ସଂକ୍ରାନ୍ତୀୟ ସମ୍ପୂର୍ଣ୍ଣ ସର୍ତ୍ତାବଳୀ ବାଲେଶ୍ୱର ଜିଲା Website **baleswar.nic.in**ରୁ ଏବଂ ତହସିଲ କାର୍ଯ୍ୟାଳୟ ନୋଟିସ୍ ବୋର୍ଡ଼ରୁ ଜାଣିପାରିବେ।

**ନୀଳଗିରି ତହସିଲ ଅନ୍ତର୍ଗତ ସୈରାତ ଉତ୍ସର ତାଲିକା**

| କ୍ର. ନଂ. | ସୈରାତ ନଂ. | ମୌଜାର ନାମ | ସୈରାତ ଉତ୍ସର ନାମ | ଖାତା ନଂ. | ପ୍ଲଟ୍ ନଂ. | କିସମ | ରକବା | ଜମି ମାଲିକ | ଧାର୍ଯ୍ୟ ସରକାରୀ ମୂଲ୍ୟ ଓ ସର୍ବନିମ୍ନ ଅତିରିକ୍ତ ଦେୟ | ବାର୍ଷିକ ସର୍ବନିମ୍ନ ବାଲି ଉଠାଇବାର ପରିମାଣ |
|---|---|---|---|---|---|---|---|---|---|---|
| 1 | 1 | ପୁନ୍ଦାଳ | ପୁନ୍ଦାଳ ବାଲିଖାଦାନ-1 | 556 | 1347 | ନଦୀ | A12.35 | Govt. | 35.00 + 5.00 | 25000 Cum |
| 2 | 2 | ପୁନ୍ଦାଳ | ପୁନ୍ଦାଳ ବାଲିଖାଦାନ-2 | 556 | 1347 | ନଦୀ | A12.35 | Govt. | 35.00 + 5.00 | 25000 cum |
| 3 | 3 | ଡୁମଗଣ୍ଡିରା | ଡୁମଗଣ୍ଡିରା ବାଲିଖାଦାନ | 157 | 385 | ନଦୀ | A2.75 | Govt. | 35.00 + 5.00 | 20000 Cum |
| | | | | 155 | 36 | ନଦୀ | A9.60 | Govt. | | |
| | | | | | | Total clubbed Area | A12.35 | | | |

ସ୍ୱା./- ତହସିଲଦାର, ନୀଳଗିରି


# ବାଣପୁର ଭଗବତୀ ମନ୍ଦିରରୁ ସହକାରୀ ଯନ୍ତ୍ରୀ ଉଦ୍ଧାର

**ପୁରୀ ଅଫିସ,୧୩।୩**

ମହାପ୍ରଭୁଙ୍କ ଦର୍ଶନ କରିବାକୁ ଆସି ପୁରୀରୁ ନିଖୋଜ ହୋଇଥିବା କେନ୍ଦ୍ରାପଡ଼ା ଗ୍ରାମ୍ୟ ଉନ୍ନୟନ ଡିଭିଜନର ସହକାରୀ ଯନ୍ତ୍ରୀ ମୋହନ ମୁରାରୀ ଜେନା (୫୫) ବାଣପୁର ଭଗବତୀ ମନ୍ଦିରରୁ ଉଦ୍ଧାର ହୋଇଛନ୍ତି। ତାଙ୍କୁ ପୁରୀ ଅଣାଯିବା ପରେ ପରିବାର ଲୋକଙ୍କ ଜିମା ଦିଆଯାଇଛି। ତେବେ ଚାରିଦିନ ଧରି ସେ କେଉଁଠି ଥିଲେ, ବାଣପୁର କିପରି ଗଲେ ଏବଂ ତାଙ୍କୁ କିଏ ନେଇଥିଲା ସେ ସମ୍ପର୍କରେ ସହାକରୀ ଯନ୍ତ୍ରୀ ମୁହଁ ଖୋଲୁ ନାହାନ୍ତି। ଫଳରେ ଘଟଣା ସମ୍ପର୍କରେ କୌଣସି ସ୍ପଷ୍ଟ ଜଣାପଡୁ ନାହିଁ। ସମୁଦ୍ରକୂଳ ଥାନାଧିକାରୀ ଶରତ କୁମାର ସାହୁଙ୍କ ସୂଚନା ଅନୁଯାୟୀ, ଭଗବତୀ ମନ୍ଦିରରେ ସହକାରୀ ଯନ୍ତ୍ରୀ ଜେନା ବସିଥିଲେ। ଦୀର୍ଘ ସମୟ ଚୁପ୍‌ଚାପ ବସିଥିବା ଦେଖି ଜଣେ ବ୍ୟକ୍ତି ତାଙ୍କୁ ପଚରାଉଚରା କରିଥିଲେ। ସେ କୌଣସି ଉତ୍ତର ନ ଦେବାରୁ ଜେନାଙ୍କ ପକେଟରୁ ମୋବାଇଲ କାଢ଼ି ତାଙ୍କ ଘର ଲୋକଙ୍କୁ ଯୋଗାଯୋଗ କରିଥିଲେ। ତାଙ୍କ ଘର ଲୋକ ସମୁଦ୍ରକୂଳ ଥାନାକୁ ଜଣାଇଥିଲେ। ଥାନାଧିକାରୀ ସାହୁ ସେଠାକାର ପୋଲିସକୁ କହିବା ପରେ ଜେନାଙ୍କୁ ଉଦ୍ଧାର କରାଯାଇ ପୁରୀ ଅଣାଯାଇ ତାଙ୍କ ପରିବାର ଲୋକଙ୍କ ଜିମା ଦିଆଯାଇଛି। ପୁରୀରୁ ସେ କିପରି ବାଣପୁର ଗଲେ ପ୍ରଶ୍ନରେ ସହକାରୀ ଯନ୍ତ୍ରୀ ଜେନା ମୁହଁ ଖୋଲି ନ ଥିଲେ ବୋଲି ଆଇଆଇସି କହିଛନ୍ତି।

# ଜୁଇକୁ ଡେଇଁ ମହିଳାଙ୍କ ଆତ୍ମହତ୍ୟା ଉଦ୍ୟମ

## ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି

**ପୁରୀ ଅଫିସ,୧୩।୩**

ସ୍ୱର୍ଗଦ୍ୱାରରେ ଶୁକ୍ରବାର ଜଳୁଥିବା ଏକ ଜୁଇକୁ ଡେଇଁ ଜଣେ ମହିଳା ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯାଇ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ବର୍ନ ୱାର୍ଡରେ ତାଙ୍କର ଚିକିତ୍ସା ଚାଲିଥିବାବେଳେ ଯନ୍ତ୍ରଣାଦାୟକ ଜୀବନ ପାଇଁ ଏଭଳି ନିଷ୍ପତ୍ତି ନେଇଥିବା କହିଛନ୍ତି। ସମ୍ପୃକ୍ତା ମହିଳାଙ୍କ ଘର ବାଲେଶ୍ୱର ଜିଲା ଜଳେଶ୍ୱରରେ ବୋଲି ଜଣାପଡ଼ିଛି। ସମୟ ଅପରାହ୍ଣ ପାଖାପାଖି ୧ଟା ହେବ। ଭୁବନେଶ୍ୱରରୁ ଏକ ମୃତଦେହକୁ ଆଣି ଆସିଥିବା ଆତ୍ମୀୟମାନେ ସ୍ୱର୍ଗଦ୍ୱାରରେ ଦାହ କରୁଥିଲେ। ଯେତେବେଳେ ନିଆଁ ଅଧିକ ମାତ୍ରାରେ ଜଳୁଥିଲା ସେହି ସମୟରେ ଜଣେ ମହିଳା ପହଞ୍ଚିଥିଲେ। ସେଠାରେ ସେ ନମସ୍କାର କରି ହଠାତ୍ ଚିତାକୁ ଡେଇଁ ପଡ଼ିଥିଲେ। ଉପସ୍ଥିତ ଲୋକେ କେହି କିଛି ବୁଝିପାରି ନ ଥିଲେ। ତତ୍‌କ୍ଷଣାତ୍ ଜଣେ ବ୍ୟକ୍ତି ତାଙ୍କୁ ଭିଡ଼ି ଆଣିଥିଲେ। ସେତେବେଳକୁ ତାଙ୍କ ଶରୀରର ଦୁଇହାତ ସମେତ ବିଭିନ୍ନ ସ୍ଥାନ ପୋଡ଼ିଯାଇଥିଲା। କିନ୍ତୁ ମହିଳା ଜଣଙ୍କ ମୋତେ ଛାଡ଼ିଦିଅ, ମୁଁ ଆତ୍ମହତ୍ୟା କରିବି ବୋଲି କହିଥିଲେ। ସେହି ସମୟରେ ଅନ୍ୟ ଏକ ମୃତଦେହ ଦାହ କରୁଥିବା ସାହିଭାଇ ଅନୁଷ୍ଠାନର ସଦସ୍ୟ ପହଞ୍ଚି ମହିଳାଙ୍କୁ ହସ୍ପିଟାଲକୁ ନେବା ପାଇଁ ୧୦୮ ଆମ୍ବୁଲାନ୍ସକୁ ଫୋନ କରିଥିଲେ। ମାତ୍ର ଆମ୍ବୁଲାନ୍ସ ନ ଥିବା ଉତ୍ତର ପାଇବା ପରେ ଏକ ଅଟୋ ଯୋଗେ ମହିଳାଙ୍କୁ ହସ୍ପିଟାଲ ନେଇଥିଲେ। ସେଠାରେ ମଧ୍ୟ ମହିଳାଙ୍କୁ ବର୍ନ ୱାର୍ଡ ପର୍ଯ୍ୟନ୍ତ ନେବା ପାଇଁ କିଛି ସୁବିଧା ନ ଥିବାରୁ ଚଲାଇ ଚଲାଇ ନେଇଥିଲେ। ଏ ଘଟଣା ସମ୍ପର୍କରେ ସମୁଦ୍ରକୂଳ ଥାନା ପୋଲିସ ତଦନ୍ତ ଆରମ୍ଭ କରିଛି। ହସ୍ପିଟାଲରେ ଗଣମାଧ୍ୟମକୁ ସମ୍ପୃକ୍ତା ମହିଳା କହିଥିଲେ, ସେ ବିବାହିତ। କିନ୍ତୁ ତାଙ୍କ ସ୍ୱାମୀ ଛାଡ଼ି ଦେଇଥିବାରୁ ବାପଘରେ ରହି ମାବାପାଙ୍କ ସେବା କରୁଥିଲେ। ହେଲେ ଭାଇମାନେ ତାଙ୍କୁ ଏଥିରୁ ବଞ୍ଚିତ କରି ଘରୁ ଦୂରେଇ ଦେଲେ। ଏ ନେଇ ବହୁଦିନ ସେ ମାନସିକ ଚିନ୍ତାରେ ରହି ଶେଷରେ ପୁରୀ ଚାଲିଆସିଥିଲେ। ମହାପ୍ରଭୁଙ୍କ ଶରଣ ପଶି ପ୍ରାୟ ଏକମାସ ମନ୍ଦିର ଭିତରେ ଖାଇ ରାତିରେ ବଡ଼ଦାଣ୍ଡରେ ଶୋଇପଡୁଥିଲେ। ଏମିତି ଯନ୍ତ୍ରଣାଦାୟକ ଜୀବନ ବିତାଉଥିବାବେଳେ କୌଣସି ପ୍ରକାର ପରିବର୍ତ୍ତନ ନ ହେବାରୁ ଶେଷରେ ସ୍ୱର୍ଗଦ୍ୱାରରେ ଜଳୁଥିବା ଜୁଇରେ ଜୀବନ ହାରିବାକୁ ନିଷ୍ପତ୍ତି ନେଇଥିଲେ। ମାତ୍ର ଜୁଇ ଭିତରୁ କେହି ଜଣେ ତାଙ୍କୁ ଠେଲି ଦେଲା ଭଳି ଲାଗିଲା ବୋଲି କହିଛନ୍ତି ସମ୍ପୃକ୍ତା ମହିଳା। ଏବେ କାଳିଆ ଠାକୁରଙ୍କ ଆଶ୍ରାରେ ବଞ୍ଚିବାକୁ ପଡ଼ିବ ବୋଲି କୋହଭରା କଣ୍ଠରେ ମହିଳା ଜଣକ କହିଛନ୍ତି ।

### ପୋଡ଼ା ରୋଗୀଙ୍କୁ କାର୍ଟୁନ ପଟାରେ ବିଞ୍ଚାଯାଉଛି

ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀଙ୍କୁ କିପରି ସ୍ୱାସ୍ଥ୍ୟସେବା ମିଳୁଛି ତାହାର ଏକ ନିଚ୍ଛକ ଚିତ୍ର ଦେଖିବାକୁ ମିଳିଛି ଶୁକ୍ରବାର ଅପରାହ୍ଣରେ। ସ୍ୱର୍ଗଦ୍ୱାର ଜୁଇକୁ ଡେଇଁ ଆତ୍ମହତ୍ୟା ଉଦ୍ୟମ କରିଥିବା ମହିଳାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେ ବର୍ନ ୱାର୍ଡରେ ଭର୍ତ୍ତି ହୋଇଥିଲେ। କିନ୍ତୁ ଏଠାରେ ବୁଲୁ ନ ଥିଲା ଫ୍ୟାନ କିମ୍ବା ଚାଲୁ ନ ଥିଲା ଏସି। ଯନ୍ତ୍ରଣାରେ ଛଟପଟ ହେଉଥିଲେ ପୋଡ଼ାରୋଗୀ। ଏଭଳି ରୋଗୀଙ୍କୁ ଥଣ୍ଡା ଉପଚାର ଜରୁରୀ ଥିବାବେଳେ ପୁରୀ ହସ୍ପିଟାଲରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଥିଲା। ଜଣେ ସହାୟିକା ଏକ କାର୍ଟୁନ ପଟାରେ ରୋଗୀଙ୍କୁ ବିଞ୍ଚୁଥିଲେ, ଯାହାକି ସ୍ୱାସ୍ଥ୍ୟସେବାର ରୁଗ୍ଣ ଚିତ୍ରକୁ ପଦାରେ ପକାଇଥିଲା। ତେବେ ଏଭଳି ସ୍ଥିତି ଆଜିର ନୁହେଁ, ଅନେକ ସମୟରେ ବର୍ନ ୱାର୍ଡରେ ରୋଗୀମାନଙ୍କୁ ଏହିଭଳି କଷ୍ଟ ସହିବାକୁ ପଡୁଛି। ରୋଗୀଙ୍କ ପାଇଁ ରହିଥିବା ସହାୟିକାମାନେ ବି ଗରମରେ ଆଉଟୁପାଉଟୁ ହୋଇପଡୁଛନ୍ତି। କିନ୍ତୁ ରୋଗୀଙ୍କ କଷ୍ଟ ଦେଖି ସେମାନଙ୍କ ଆଖିରୁ ବି ବେଳେବେଳେ ଲୁହ ଝରିପଡୁଥିବା କହିଛନ୍ତି।

# ପ୍ୟାରିସ୍ ବେକେରି ମାଲିକ ଜୟନାରାୟଣ ଗିରଫ

**ଭୁବନେଶ୍ୱର,୧୩।୩ (ବ୍ୟୁରୋ)**

ଦୀର୍ଘ ଦିନ ଧରି ବିବାଦରେ ଘେରି ରହିଥିବା ପ୍ୟାରିସ୍ ବେକେରି ପ୍ରତିଷ୍ଠାତା ଜୟନାରାୟଣ ପୂଜାପଣ୍ଡାଙ୍କୁ ନୟାପଲ୍ଲୀ ଥାନା ପୋଲିସ ଶୁକ୍ରବାର ଗିରଫ କରି କୋର୍ଟଚାଲାଣ କରିଛି। ତାଙ୍କ ବିରୋଧରେ ଥିଲା ୧ କୋଟି ଟଙ୍କାର ଚେକ୍ ବାଉନ୍ସ ମାମଲା। କଟକ ଏଡିଜେଏମଙ୍କ କୋର୍ଟ ପକ୍ଷରୁ ତାଙ୍କ ବିରୋଧରେ ଜାମିନବିହୀନ ଗିରଫ ପରୱାନା ଜାରି କରାଯାଇଥିଲା ।


## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE FINANCE

ରଣ ଧମାକା
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଦର୍ଶ ଫାଇନାନ୍ସ
ପୂରା ରାଜ୍ୟରେ ପ୍ରଥମ ଥର ପାଇଁ
ପିଏମ୍ ଜନଧନ ଯୋଜନା ଦ୍ୱାରା ସବୁ ବ୍ୟାଙ୍କରୁ
2% ସୁଧ - 50% ରିହାତିରେ
ଆଧାରକାର୍ଡ | ରାଶନକାର୍ଡ
ପର୍ସନାଲ | ପ୍ରପର୍ଟି
ଏଗ୍ରିକଲ୍ଚର | ବ୍ୟବସାୟ
ଗୃହ ଋଣ | ଟୁ-ହ୍ୱିଲର୍
ଗ୍ରୁପ୍ ଋଣ | ପଶୁପାଳନ
ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ
କମ୍ କାଗଜପତ୍ର କାମ
କମ୍ ଖରାପ ସିବିଲଧାରୀଙ୍କୁ ମଧ୍ୟ ଋଣ
8929889612
7290830466
Shahajahanabad, Bhopal (MP)

ପଇସା ଆମର ସଫଳତା ଆପଣଙ୍କର
(ଲକ୍ଷ ଲକ୍ଷ ଲୋକଙ୍କ ଭରସା)
ଏକ୍ସା ଫାଇନାନ୍ସ
ଇ-ମେଲ୍ ଆଇଡି: axafinance051@gmail.com
କାମ ଆମର, ବିଶ୍ୱାସ ଆପଣଙ୍କର
ଜନଧନ ମୁଦ୍ରା ଯୋଜନା ଦ୍ୱାରା
ସବୁ ଋଣ
ଋଣ ପାଆନ୍ତୁ, ଭବିଷ୍ୟତ ଉଜ୍ଜ୍ୱଳ କରନ୍ତୁ
• ପ୍ରପର୍ଟି ଋଣ • ବ୍ୟବସାୟ ଋଣ • ମାର୍କଶିଟ୍ ଋଣ
• ଆଧାର କାର୍ଡ ଋଣ • ପର୍ସନାଲ ଋଣ • ବିପିଏଲ୍ ଋଣ
1% ସୁଧ 50% ଛାଡ଼
ମହିଳା/ସୈନିକ/ଚାଷୀ/ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି
8766320840
7982465910

GANPATI FINANCE
GANPATI ଋଣ 2%ବାର୍ଷିକ ସୁଧରେ ମାତ୍ର ୨୪ ଘଣ୍ଟାରେ ଘରେବସି ପାଆନ୍ତୁ
ମହିଳା ଓ ସରକାରୀ କର୍ମଚାରୀ ମାନଙ୍କ ପାଇଁ ବିଶେଷ ଛାଡ
ଯେବେ କଉଠି ନ ମିଳେ ଲୋନ୍ ଆମକୁ କରନ୍ତୁ ଫୋନ୍
Plot No-14/524, Chandini Chowk, Kolkata
8396000562
8607796713

COLOR DISPLAY CLASSIFIED on every Tuesday & Friday
| SIZE | 15 days | 8 days | 4 days | Single day |
|---|---|---|---|---|
| 6X8 | 40,000 | 20,000 | 11,000 | 2,800 |
GST 5% will be added extra

Fusion Microfinance PVT.LTD
ଋଣ ନିଅନ୍ତୁ ମାତ୍ର ୨୪ ଘଣ୍ଟାରେ
ସମସ୍ତ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ ଆଧାର ଲୋନ, ପଶୁପାଳନ, ବିଜନେସ୍ ଏବଂ ଘର ଋଣ
ସହଜ କିସ୍ତିରେ ସବୁ ପ୍ରକାର ଋଣ
ଉପଲବ୍ଧ Online ସୁବିଧା
CONTACT
90783-45815
gmail-fusionmicrofinance2020@gmail.com

BUSINESS BUSINESS

ଦୟାକରି ଧ୍ୟାନ ଦିଅନ୍ତୁ
ଖାଲିଥିବା ଜମି, ଛାତ ଓ ପ୍ଲଟ୍‌ରେ Tower Vision କମ୍ପାନୀର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/-ପାଆନ୍ତୁ ଓ ମାସକୁ ଭଡା 30,000/- ଟଙ୍କା ପାଆନ୍ତୁ
ଜମି ଛାତ ପ୍ଲଟ୍
07449881156
08295828950

JOIN RAPIDO BIKE TAXI JOB
CUTTACK AND BHUBANESWAR
Income Upto Rs.24000/-*
DOCUMENT REQUIRED
DL, RC, Android Mobile
Office Address : 40 Pawani Complex, Lane L4, Ground Floor, Jagmohan Near ITER College, Bhubaneswar
M : 9513764947
01140844649

DHARITRI Career appointment Every Wednesday and Saturday


**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ନିଜର କାମକୁ ଠିକ୍ ଭାବେ ପରିଚାଳନା କରୁଥିବା ଲୋକ କେବଳ ଧନ ନୁହେଁ, ଯଶ ମଧ ଲାଭ କରେ।
-ଗଙ୍ଗାଧର ମେହେର



## ସଂକ୍ଷେପରେ

### ଦୁର୍ଘଟଣା: ବାଇକ୍ ଆରୋହୀ ଗୁରୁତର

ନିମାପଡ଼ା,୧୩।୩(ଡି.ଏନ୍.ଏ.): ନିମାପଡ଼ା-ପିପିଲି ରାସ୍ତାର ଖେଲାର ଛକ ପେଟ୍ରୋଲ ପମ୍ପ ନିକଟରେ ଶୁକ୍ରବାର ଏକ ବୋଲେରୋ ଧକ୍କାରେ ଜଣେ ବାଇକ୍ ଆରୋହୀ ଗୁରୁତର ହୋଇଛନ୍ତି। ସେ ହେଲେ ନିମାପଡ଼ା ଥାନା ଅନ୍ତର୍ଗତ ଶଗଡ଼ାକନପୁର ଗ୍ରାମର ହୃଷିକେଶ ପ୍ରଧାନ(୬୫)। ଚିକିତ୍ସା ପାଇଁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, ହୃଷିକେଶ ଏକ ବାଇକ୍‌ରେ ନିମାପଡ଼ା ଅଭିମୁଖେ ଆସୁଥିବା ବେଳେ ପଛପଟୁ ଆସୁଥିବା ଏକ ବୋଲେରୋ(ଓଡି ୦୨ଇ ୮୦୫) ତାଙ୍କୁ ଧକ୍କା ଦେଇଥିଲା। ଫଳରେ ସେ ତଳେ ପଡିଯାଇ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ପିପିଲି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଗୁରୁତରଙ୍କ ଭାଇ ବିଜୟ କୁମାର ପ୍ରଧାନଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା(ନଂ.୬୩/୨୦) ରୁଜୁ କରିଛି। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣା ଘଟାଇଥିବା ବୋଲେରୋକୁ ଜବତ କରିବା ସହ ଡ୍ରାଇଭରଙ୍କୁ ଅଟକ ରଖି ତଦନ୍ତ ଚଳାଇଛି।

### ଆଜି ପଞ୍ଚୁ ପାଣ୍ଡବ ମେଳଣ ଆରମ୍ଭ

ବ୍ରହ୍ମଗିରି,୧୩।୩ (ଡି.ଏନ.ଏ): ଚୈତ୍ର ପଞ୍ଚମୀ ତିଥି ଅର୍ଥାତ ଶନିବାରଠାରୁ ବ୍ରହ୍ମଗିରିରେ ଐତିହାସିକ ପଞ୍ଚୁଦୋଳ ମେଳଣ ଆରମ୍ଭ ହେବ। ଏ ନେଇ ମଧରାତ୍ରରୁ ପାଣ୍ଡବ ପାଞ୍ଚ ଭାଇଙ୍କ ସହ ବ୍ରହ୍ମଗିରି ଗ୍ରାମର ଥାନପତି ଗୋପୀନାଥ ଦେବଙ୍କ ମିଳନ ହେବ। ଏହାପରେ ୧୦୮ ଦୋଳର ମହାମିଳନ ହେବ। ଓଡ଼ିଶା ଦୋଳମେଳଣ ଇତିହାସରେ ବ୍ରହ୍ମଗିରି ପଞ୍ଚୁଦୋଳ ମେଳଣ ସ୍ୱତନ୍ତ୍ରତା ରହିଛି। ଲୋକକଥା ଓ କିମ୍ବଦନ୍ତୀ ଅନୁଯାୟୀ ଭଗବାନ ଶ୍ରୀକୃଷ୍ଣଙ୍କ ସହ ପଞ୍ଚମହାଦେବଙ୍କୁ ଗୋଟିଏ ସ୍ଥାନରେ ଦର୍ଶନ କଲେ ଜୀବ ସ୍ୱର୍ଗପ୍ରାପ୍ତିର ଲକ୍ଷ୍ୟ ନେଇ ଏହି ମେଳଣର ସୃଷ୍ଟି। ଏ ନେଇ ବ୍ରହ୍ମଗିରିର ୬୨ ମୌଜାରୁ ୧୦୮ ଦୋଳର ମିଳନ ଏହି ପୀଠରେ ହୋଇଥାଏ। ଶନିବାର ଏହି ମେଳଣର ଜମାଣ ଉତ୍ସବ ଆରମ୍ଭ ହୋଇ ତିନିଦିନ ପର୍ଯ୍ୟନ୍ତ ଚାଲିବ। ପ୍ରତ୍ୟେକ ଦିନ ସନ୍ଧ୍ୟାରେ ପୁରୀ ପରମ୍ପାରିକ ସାହିଯାତ ତଥା ନାଗା ମେଢ଼ ଓ ବିଭିନ୍ନ ଶୋଭାଯାତ୍ରା ବାହାରିଥାଏ। ଲକ୍ଷାଧିକ ଲୋକଙ୍କ ସମାଗମକୁ ଦୃଷ୍ଟିରେ ରଖି ବ୍ରହ୍ମଗିରି ପଞ୍ଚୁଦୋଳ ମେଳଣ କମିଟି ଓ ପ୍ରଶାସନ ତରଫରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି।

### କଟୁରି ଚୋଟରେ ଯୁବକ ଗୁରୁତର: ଅଭିଯୁକ୍ତ ଗିରଫ

ଜଟଣୀ,୧୩।୩(ଡି.ଏନ.ଏ.): ଜଟଣୀ ଥାନା ଅନ୍ତର୍ଗତ ବୁଢ଼ାପଡା ଗାଁରେ ବେଣୁଧର ପ୍ରଧାନକୁ ଗତ ୧୦ ତାରିଖରେ ହୋଲି ଦିନ କୌଣସି କାରଣକୁ ନେଇ କଟୁରିରେ ହୃଦାନନ୍ଦ ପ୍ରଧାନ ଆକ୍ରମଣ କରିଥିଲେ। ଏଥିରେ ବେଣୁଧରଙ୍କ କାନ ଓ ମୁଣ୍ଡରେ ଶକ୍ତ ଆଘାତ ଲାଗିଥିଲା। ଗୁରୁତର ଅବସ୍ଥାରେ ଭୁବନେଶ୍ୱର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହୋଇ ସେ ଘରକୁ ଫେରିଛନ୍ତି। ଏହି ଘଟଣାରେ ପୋଲିସ ହୃଦାନନ୍ଦଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ତଦନ୍ତକାରୀ ଅଧିକାରୀ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଅଭିଯୁକ୍ତ ହୃଦାନନ୍ଦଙ୍କୁ ଗିରଫ କରିଥିଲେ। ଏ ନେଇ ନଂ. ୧୩୧/୨୦ରେ ମାମଲା ରୁଜୁ ହୋଇଛି।

# ପ୍ରଥମ ପାଳି ଝାମୁଯାତ୍ରାରେ ୪୦ହଜାର ଶ୍ରଦ୍ଧାଳୁ

କାକଟପୁର,୧୩।୩(ଡି.ଏନ୍.ଏ.)

କାକଟପୁରର ଅଧିଷ୍ଠାତ୍ରୀ ଦେବୀ ଜଗଜ୍ଜନନୀ ମା'ମଙ୍ଗଳାଙ୍କ ଚୈତ୍ର ମାସ ୫ପାଳି ଝାମୁଯାତ୍ରାର ପ୍ରଥମ ପାଳି ତଥା ନେତବନ୍ଧା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଥମପାଳି ଯାତ୍ରାରେ ଆଖପାଖ ଗ୍ରାମରୁ ପ୍ରାୟ ୪୦ହଜାରରୁ ଊର୍ଦ୍ଧ୍ୱ ଭକ୍ତଙ୍କ ସମାବେଶ ହୋଇଥିବା ମନ୍ଦିର କମିଟି ପକ୍ଷରୁ ଜଣାପଡ଼ିଛି। ପ୍ରାତଃ ୪ଟାବେଳେ ମନ୍ଦିରର ପହୁଡ଼ ଫିଟାଯାଇ ପାରମ୍ପରିକ ରୀତିନୀତି ଅନୁଯାୟୀ ମା'ଙ୍କୁ ଦିବ୍ୟ ସୁବାସିତ ଜଳରେ ସ୍ନାନ, ମାର୍ଜଣା, ସୂର୍ଯ୍ୟପୂଜା, ବଲ୍ଲଭ ନୀତି ପରେ ମନ୍ଦିର ପହୁଡ଼ ଶ୍ରଦ୍ଧାଳୁମାନଙ୍କ ପାଇଁ ଫିଟାଯାଇଥିଲା। ଭକ୍ତମାନେ ଧାଡି ବାନ୍ଧି ମା'ଙ୍କ ଦର୍ଶନ କରିଥିଲେ। ମଧ୍ୟାହ୍ନ ସମୟରେ ନେତ୍ରୋତ୍ସବ ଅନୁଷ୍ଠିତ ହୋଇଥିଲା। ଏକ ସୁସଜ୍ଜିତ ଥାଳିରେ ପୂଜାପଣ୍ଡା ଦ୍ୱାରା ନେତ ରଖାଯାଇ ଶଙ୍ଖ, ଘଣ୍ଟ ଘଣ୍ଟା, ହୁଳହୁଳି ସହ ମନ୍ଦିର ବେଢାରେ ୩ଥର ପରିକ୍ରମା କରିବା ପରେ ନେତକୁ ମନ୍ଦିର ଚୂଡ଼ା ଉପରକୁ ନିଆଯାଇଥିଲା। ମନ୍ଦିର ଚକ୍ରକୁ ଘିଅ ଏବଂ ପଞ୍ଚାମୃତରେ ସ୍ନାନ କରାଯିବା ପରେ ନେତ ବନ୍ଧାଯାଇଥିଲା। ଝଙ୍କଡ଼ରୁ ଆସିଥିବା ପାଟୁଆମାନେ ପ୍ରାଚୀ ନଦୀର ଘଣ୍ଟତୋଳା ତୁଠରୁ ପାଣି ତୋଳି ମନ୍ଦିରର ପରିସରରେ ପାଟୁଆ ନୃତ୍ୟ କରିଥିଲେ। ପୋଲିସ ପ୍ରଶାସନ ଓ ମନ୍ଦିର ପ୍ରଶାସନ ତରଫରୁ ଶାନ୍ତିଶୃଙ୍ଖଳା ସହ ଦର୍ଶନ ନିମନ୍ତେ ଆବଶ୍ୟକ ବ୍ୟବସ୍ଥା କରାଯାଇଥିଲା।



ପାଟୁଆମାନେ ପାଟୁଆ ନୃତ୍ୟ କରୁଛନ୍ତି।



କାକଟପୁର ଆରାଧ୍ୟ ଠାକୁରାଣୀ ମା' ମଙ୍ଗଳା।

# ୨୧ରେ ସାଗରସ୍ନାନ ଯାତ୍ରା

## ଭାର୍ଗବୀ ନଦୀରେ ମହାବାରୁଣୀ ବୁଡ଼ ପାଇଁ ପ୍ରସ୍ତୁତି

ସାକ୍ଷୀଗୋପାଳ,୧୩।୩(ଡି.ଏନ.ଏ)

ପୁରୀ ଜିଲା ସତ୍ୟବାଦୀ ବ୍ଲକର ବଳପୁର ଭୃଗୁ ଘାଟରେ ଆଗାମୀ ୨୧ ତାରିଖ ଦିନ ସାଗରସ୍ନାନ ଯାତ୍ରା ଅନୁଷ୍ଠିତ ହେବ। ଦେବନୀତି ସମ୍ପାଦନ, ନିମନ୍ତ୍ରଣ, ବାଟବରଣ, ଠାକୁରଙ୍କ ବାହର ବିଜେ, ସ୍ନାନ, ପନ୍ତିଭୋଗ, ଆଇନ ଶୃଙ୍ଖଳା, ଯାନବାହନ ନିୟନ୍ତ୍ରଣ, ନଦୀ ମଧ୍ୟରେ ବାରିକେଡ ନିର୍ମାଣ ଓ ବୁଡ ପାଇଁ ଶ୍ରଦ୍ଧାଳୁଙ୍କ ସମାବେଶ ଆଦି ସୁପରିଚାଳନା ନିମନ୍ତେ ବରାଳ ବାଲୁଙ୍କେଶ୍ୱର ମନ୍ଦିରରେ ଶୁକ୍ରବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସତ୍ୟବାଦୀ ତହସିଲଦାର କସ୍ତୁରୀ ପ୍ରଧାନ ବୈଠକରେ ସଭାପତିତ୍ୱ କରି ଠାକୁରଙ୍କ ଯାତ୍ରା ନିର୍ଦ୍ଧାରିତ ସମୟରେ କରିବାକୁ ଉପସ୍ଥିତ ସେବାୟତ, ଲୋକ ପ୍ରତିନିଧି ଓ ଅଧିକାରୀମାନଙ୍କର ସହଯୋଗ କାମନା କରିଥିଲେ। ପରମ୍ପରାକ୍ରମେ ବଡ଼ଭାଇ ବରାଳ ବାଲୁଙ୍କେଶ୍ୱର ଦେବ ଓ ଅନୁଜ ବାଳପୁର ବାଲୁଙ୍କେଶ୍ୱର ଦେବ ଦ୍ୱାଦଶୀ ତିଥି ଶତଭିଷା ନକ୍ଷତ୍ର ମହାବାରୁଣୀ ଯୋଗ ଅପରାହ୍ନରେ ଭାର୍ଗବୀ ନଦୀରେ ସ୍ନାନ କରିବା ନିମନ୍ତେ ଦେବନୀତି ନିର୍ଘଣ୍ଟ ଚୂଡ଼ାନ୍ତ ହୋଇଛି। ସେହିପରି ସ୍ନାନଘାଟ ନିର୍ମାଣ ବଳଙ୍ଗା ଜଳ ସମ୍ପଦ ବିଭାଗ ଉପଖଣ୍ଡ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଥିଲା। ଆଲୋକ ବ୍ୟବସ୍ଥା, ରାସ୍ତା, ଜଳ ପାଇଁ ବ୍ୟବସ୍ଥା କରାଯିବାକୁ ଥିବାବେଳେ ଆଇନଶୃଙ୍ଖଳା ଲାଗି ସତ୍ୟବାଦୀ ପୋଲିସକୁ ଦାୟିତ୍ୱ ଦିଆଯାଇଥିବା ନିଷ୍ପତ୍ତି ନିଆଯାଇଥିଲା। ବିଭୂତି ବାଟିକାରେ ଠାକୁରଙ୍କ ବିଶ୍ରାମ ସମୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଆତସବାଜି ପ୍ରଦର୍ଶନ କରିବାକୁ ବଳପୁର ଓ ବରାଳ ଗ୍ରାମବାସୀ ଦାୟିତ୍ୱ ନେଇଥିଲେ। ବୈଠକରେ ସତ୍ୟବାଦୀ ଥାନା ଆଇଆଇସି ଦେବୀ ପ୍ରସାଦ ପାତ୍ର, ଦେବୋତ୍ତର ନିରୀକ୍ଷକ ଜଗତ ଜିତ ସାହୁ, ମ୍ୟାନେଜିଙ୍ଗ ଟ୍ରଷ୍ଟି ନିରଞ୍ଜନ ମହାପାତ୍ର, ଗୋପାଳ ଚନ୍ଦ୍ର ପଣ୍ଡା, ପ୍ରଭାକର ପ୍ରଧାନ, ଜିଲା ପରିଷଦ ସଭ୍ୟ ପ୍ରହଲ୍ଲାଦ ଘଟୁଆରୀ, ସୁନୀଲ ପଣ୍ଡା, ସରପଞ୍ଚ ସୁବାସ ଚନ୍ଦ୍ର ମହାପାତ୍ର ଓ ତ୍ରିନାଥ ମହାପାତ୍ର, ସମିତିସଭ୍ୟା ବିନତୀ ପରିଡା ଓ ସଭ୍ୟ କାଳୀ ପ୍ରସାଦ ପଣ୍ଡାଙ୍କ ସହିତ ପୂଜାପଣ୍ଡା, ପାଳିଆ ସେବକ ଓ ଉଭୟ ଗ୍ରାମର ମୁରବୀମାନେ ବୈଠକରେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# 'ବ୍ରହ୍ମଗିରି ବିକାଶରେ କୌଣସି ପ୍ରତିବନ୍ଧକ ନାହିଁ'

ବ୍ରହ୍ମଗିରି,୧୩।୩ (ଡି.ଏନ.ଏ):

ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୦୪ତମ ଜନ୍ମ ଜୟନ୍ତୀ ଅବସରରେ ସାତପଡାଠାରେ ଶୁକ୍ରବାର ଏକ ମହିଳା ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ରହ୍ମଗିରିର ପୂର୍ବତନ ବିଧାୟକ ତଥା ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ ଦାସ ବର୍ମା ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ ଯେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟର ଯେଉଁ ଗୁରୁଦାୟିତ୍ୱ ତାଙ୍କୁ ଦେଇଛନ୍ତି, ତାହା ସୁଚାରୁ ରୂପେ ସମ୍ପାଦନ କରିବା ସହ ବ୍ରହ୍ମଗିରିର ବିକାଶ ପ୍ରତି ଗୁରୁତ୍ୱ ଦେବେ। ଏ ପାଞ୍ଚ ବର୍ଷ ସେ ବ୍ରହ୍ମଗିରିର ବିଧାୟକ ହୋଇ ପାରି ନାହାନ୍ତି ସତ କିନ୍ତୁ ବ୍ରହ୍ମଗିରିର ବିକାଶ ପାଇଁ କୌଣସି ପ୍ରତିବନ୍ଧକ ନାହିଁ। ବିଜୁବାବୁ ପ୍ରଥମେ ପଞ୍ଚାୟତସ୍ତରରେ ମହିଳାମାନଙ୍କୁ ସମ୍ମାନ ଦେଇଥିଲେ, କିନ୍ତୁ ଏବେ ନବୀନବାବୁ ମହିଳାଙ୍କ ପ୍ରତି ସ୍ୱତନ୍ତ୍ର ଯୋଜନା କରି ଆହୁରି ପାଦେ ଆଗକୁ ନେଇଛନ୍ତି ବୋଲି ସେ କହିଥିଲେ। ଅନ୍ୟାନ୍ୟ ଅତିଥିଭାବେ ଜିଲା ପରିଷଦ ସଭ୍ୟ କୈଳାସ ପରିଡ଼ା, ବନ୍ଦନା ପ୍ରଧାନ, ମିଲି ବେହେରା, ହରେକୃଷ୍ଣ ମଲ୍ଲିକ, ବିଦ୍ୟାଧର ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ସମାବେଶରେ ଯୋଗଦେବା ପୂର୍ବରୁ ଯୋଜନା ବୋର୍ଡ ଉପାଧ୍ୟକ୍ଷ ଭାବେ ଦାସବର୍ମା ଦାୟିତ୍ୱ ନେଇଥିବାରୁ ସମର୍ଥକମାନେ ମଙ୍ଗଳାଘାଟ ଛକ ନିକଟରୁ ଏକ ବିରାଟ ଶୋଭାଯାତ୍ରାରେ ତାଙ୍କୁ ସ୍ୱାଗତ କରି ଅଲାରନାଥ ମନ୍ଦିର ପର୍ଯ୍ୟନ୍ତ ଆସିଥିଲେ। ସେଠାରେ ମହାପ୍ରଭୁ ଅଲାରନାଥଙ୍କୁ ଦର୍ଶନ କରିବା ପରେ ଏହି ଶୋଭାଯାତ୍ରା ସାତପଡ଼ା ପର୍ଯ୍ୟନ୍ତ ଯାଇ ମହାସମାବେଶରେ ସାମିଲ ହୋଇଥିଲା।




ମହିଳା ସମାବେଶରେ ଯୋଗଦେଇଥିବା ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ ଦାସ ବର୍ମା ଏବଂ ଅନ୍ୟ ଅତିଥିମାନେ।

## କିନ୍ନର ମହାସଂଘର ସଫେଇ

କୋଣାର୍କ,୧୩.୩(ଡି.ଏନ୍.ଏ):

ପର୍ଯ୍ୟଟନସ୍ଥଳି କୋଣାର୍କରେ ଶୁକ୍ରବାର ପୁରୀ ଜିଲା କିନ୍ନର ମହାସଂଘ ପକ୍ଷରୁ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଂଘ ଜିଲା ସଭାନେତ୍ରୀ ପ୍ରିୟାଂସି ଦାଶଙ୍କ ନେତୃତ୍ୱରେ ଶତାଧିକ କିନ୍ନର କୋଣାର୍କ ସୂର୍ଯ୍ୟମନ୍ଦିର ମୁଖ୍ୟ ଫାଟକ ଠାରୁ ନବଗ୍ରହ ପୀଠ ପର୍ଯ୍ୟନ୍ତ ସଫେଇ କରିଥିଲେ। ଏହି ପରିପ୍ରେକ୍ଷୀରେ ସଂଘ ପକ୍ଷରୁ ସ୍ୱଚ୍ଛ କୋଣାର୍କ ସବୁଜ କୋଣାର୍କର ନାରା ଦେଇ କୋଣାର୍କ ବଜାର ପରିକ୍ରମା କରିବା ସହ ସଚେତନତା ସୃଷ୍ଟି କରିଥିଲେ। ଏହି କାର୍ଯ୍ୟକ୍ରମରେ ସଂଯୋଜିକା ଦୀପା କିନ୍ନର, ପାୟଲ କିନ୍ନର, ରିମିଝିମ କିନ୍ନର, ପିନୁ କିନ୍ନର, ଅଙ୍କିତା କିନ୍ନର, ରଶ୍ମି କିନ୍ନର, ଜୁଲି କିନ୍ନର, ଦେବକୀ କିନ୍ନର, ଟିଂକି କିନ୍ନର, ଶୁକାନ୍ତି କିନ୍ନରଙ୍କ ସମେତ ଶତାଧିକ କିନ୍ନର ଯୋଗଦେଇଥିଲେ। ଆଗାମୀ ଦିନରେ କୋଣାର୍କକୁ ସ୍ୱଚ୍ଛତା ଓ ପ୍ରଦୂଷଣମୁକ୍ତ ସହର ଭାବେ ଗଢି ତୋଳିବା ପାଇଁ ସଂଘ ପକ୍ଷରୁ ସାମୁହିକ ଉଦ୍ୟମ କରାଯିବ ବୋଲି ସଭାନେତ୍ରୀ ପ୍ରିୟାଂସି କହିଛନ୍ତି।

# ନିଖିରା ଗୋବିନ୍ଦପୁରରୁ କୁକୁଡ଼ା ରକ୍ତ ନମୁନା ସଂଗ୍ରହ



କୁକୁଡାଠାରୁ ରକ୍ତ ନମୁନା ସଂଗ୍ରହ କରାଯାଉଛି।

ବ୍ରହ୍ମଗିରି,୧୩।୩ (ଡି.ଏନ.ଏ):

ବ୍ରହ୍ମଗିରି ବ୍ଲକ ଅନ୍ତର୍ଗତ କାଣ୍ଡଗୋଦା ପଞ୍ଚାୟତ ଅଧୀନ ନିଖିରା ଗୋବିନ୍ଦପୁର ଗ୍ରାମରେ କାଉ ମଡ଼କ ଖବର ପ୍ରକାଶ ପାଇବା ପରେ ଶୁକ୍ରବାର ବ୍ରହ୍ମଗିରି ପ୍ରାଣୀ ଚିକିତ୍ସା କେନ୍ଦ୍ର ତରଫରୁ କୁକୁଡାମାନଙ୍କ ରକ୍ତ, ମଳ, ନାଳ ଓ ପରିବେଶର ନମୁନା ସଂଗ୍ରହ କରାଯାଇଛି। ସୂଚନାଯୋଗ୍ୟ, ଉକ୍ତ ଗ୍ରାମରେ କିଛିଦିନ ହେବ କାଉମାନଙ୍କ ଅସ୍ୱାଭାବିକ ଭାବେ ମୃତ୍ୟୁ ହେଉଛି। ୪ ଦିନ ଭିତରେ ଏକ ଶହରୁ ଊର୍ଦ୍ଧ୍ୱ କାଉ ମରିଥିବାର ଜଣାପଡ଼ିଛି। ଏହି ଖବର ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ପ୍ରାଣି ଚିକିତ୍ସା ବିଭାଗ ତତ୍ପର ହୋଇଛି। ଏ ନେଇ ଶୁକ୍ରବାର ଉକ୍ତ ଗ୍ରାମରେ ପହଞ୍ଚି ବିଭିନ୍ନ କୁକୁଡାମାନଙ୍କଠାରୁ ୧୧ଟି ନମୁନା ସଂଗ୍ରହ କରି ପୁରୀ ଡିଡିଏଲକୁ ପଠାଯାଇଛି। ସେଠାରୁ ଏହି ନମୁନାକୁ ଫୁଲନଖରା ପରୀକ୍ଷା ନିମନ୍ତେ ପଠାଯିବ ବୋଲି ଜଣାପଡିଛି।

# ସବୁ କଲେଜ ନାକ୍ ମୂଲ୍ୟାୟନ ପରିସରଭୁକ୍ତ ହେବା ଜରୁରୀ

## ଏସ୍‌ସିଏସ୍ କଲେଜରେ ଦୁଇଦିନିଆ କର୍ମଶାଳା ଆରମ୍ଭ

ପୁରୀ ଅଫିସ,୧୩।୩:

ସାମନ୍ତ ଚନ୍ଦ୍ରଶେଖର(ଏସ୍‌ସିଏସ୍) ସ୍ୱୟଂଶାସିତ କଲେଜରେ ନାକ୍ ପ୍ରାୟୋଜିତ ଦୁଇଦିନିଆ କର୍ମଶାଳା ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ଉଚ୍ଚତର ଶିକ୍ଷାନୁଷ୍ଠାନମାନଙ୍କର ନାକ୍ ଦ୍ୱାରା ପ୍ରଚଳିତ ନୂତନ ମୂଲ୍ୟାୟନ ପଦ୍ଧତି ଶୀର୍ଷକ କର୍ମଶାଳାରେ ଓଡ଼ିଶା ରାଜ୍ୟ ଉଚ୍ଚତର ଶିକ୍ଷା ପରିଷଦର ଉପସଭାପତି ପ୍ରଫେସର ଅଶୋକ ଦାସ ମୁଖ୍ୟଅତିଥି ଏବଂ ବେଙ୍ଗାଲୁରୁସ୍ଥିତ ନାକ୍ ପ୍ରତିଷ୍ଠାନର ବରିଷ୍ଠ ଉପଦେଷ୍ଟା ପ୍ରଫେସର ଅମୀୟ କୁମାର ରଥ ରିସୋର୍ସ ପର୍ସନ ଭାବେ ଯୋଗଦେଇଥିଲେ। ମୁଖ୍ୟଅତିଥି ପ୍ରଫେସର ଦାସ ସବୁ ମହାବିଦ୍ୟାଳୟ ନାକ୍ ମୂଲ୍ୟାୟନ ପରିସରଭୁକ୍ତ ହେବା ଜରୁରୀ ବୋଲି ଗୁରୁତ୍ୱାରୋପ କରିବା ସହ ପ୍ରତିଟି କଲେଜ ନିଜସ୍ୱ ୱେବ୍‌ସାଇଟ ଖୋଲି ସେଥିରେ ସମସ୍ତ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଉପଲବ୍ଧ କରିବା ପାଇଁ ପରାମର୍ଶ ଦେଇଥିଲେ। ପ୍ରଫେସର ରଥ ତାଙ୍କ ଅଧିବେଶନରେ ନାକ୍ ମୂଲ୍ୟାୟନ ପ୍ରକ୍ରିୟାରେ ପ୍ରଚଳିତ ପଦ୍ଧତି ଉପରେ ଆଲୋଚନା କରିଥିଲେ। ଏଥିରେ କଲେଜ ଅଧ୍ୟକ୍ଷା ପ୍ରଫେସର ସୁଜାତା ମିଶ୍ର ସ୍ୱାଗତ ଭାଷଣ ଦେଇଥିବାବେଳେ ଉପାଧ୍ୟକ୍ଷ ପ୍ରଫେସର ଶଙ୍କର୍ଷଣ ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ। କର୍ମଶାଳାରେ ୪୦ରୁ ଊର୍ଦ୍ଧ୍ୱ ମହାବିଦ୍ୟାଳୟ ପ୍ରତିନିଧି ଅଂଶଗ୍ରହଣ କରିଛନ୍ତି। ଅଧିବେଶନକୁ ଇଂଲିଶ ବିଭାଗ ଅଧ୍ୟାପିକା ସସ୍ମିତା ପ୍ରମାଣିକ ପରିଚାଳନା କରିଥିବାବେଳେ ମହେନ୍ଦ୍ର କୁମାର ମିଶ୍ର ଧନ୍ୟବାଦ ଦେଇଥିଲେ।




କର୍ମଶାଳାରେ ରାଜ୍ୟ ଉଚ୍ଚତର ଶିକ୍ଷା ପରିଷଦର ଉପସଭାପତି ଅଶୋକ ଦାସ ଓ ଅନ୍ୟ ଅତିଥି।

# ଡେଲାଙ୍ଗ ମେଳଣ ଉଦ୍‌ଯାପିତ

ଡେଲାଙ୍ଗ,୧୩।୩(ଡି.ଏନ୍.ଏ.):

ଡେଲାଙ୍ଗ ହାଟ ବଜାର ମେଳଣ ଗୁରୁବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ଏହି ମେଳଣରେ ଥାନାପତି ଭାବେ ପୁରୁଣା ଡେଲାଙ୍ଗ ଗ୍ରାମର ଶ୍ରୀ ନୀଳକଣ୍ଠେଶ୍ୱର ଦେବଙ୍କ ଚଳନ୍ତି ପ୍ରତିମା ବିମାନରେ ବିଜେ କରିଥିଲେ। ନୀଳକଣ୍ଠେଶ୍ୱର ଓ ଡେଲାଙ୍ଗ ହାଟ ଗ୍ରାମର ପତିତପାବନ ଠାକୁରଙ୍କ ଭେଟକୁ ହରିହର ମେଳଣ ବୋଲି କୁହାଯାଇଥାଏ। ଦୁଇ ଠାକୁରଙ୍କ ହରିହର ଭେଟ ହେବା ପରେ ସେମାନେ ମେଳଣ ପଡିଆକୁ ପ୍ରବେଶ କରି ଆସନ ଗ୍ରହଣ କରିବା ପରେ ଅନ୍ୟ ଗ୍ରାମରୁ ଆସିଥିବା ଠାକୁରଙ୍କ ବିମାନ ମେଳଣ ପଡିଆରେ ପ୍ରବେଶ କରିଥିଲେ। ମେଳଣ ଉଦ୍‌ଯାପନୀ ଦିବସରେ ମେଳଣ ପଡିଆରେ ବାଣ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବାଣ ଦେଖିବା ପାଇଁ ଲୋକଙ୍କ ଭିଡ଼ ଜମିଥିଲା। ଶାନ୍ତିଶୃଙ୍ଖଳା ପାଇଁ ଡେଲାଙ୍ଗ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା।

# ମହାପ୍ରଭୁଙ୍କ ସମ୍ପତ୍ତି ଫେରାଇ ଆଣିବାକୁ ଦାବି

ପୁରୀ ଅଫିସ,୧୩।୩:




ଖବରଦାତା ସମ୍ମିଳନୀରେ ଭିଟାମାଟି ଅଧିକାର ମଞ୍ଚ କର୍ମକର୍ତ୍ତା ସୂଚନା ଦେଉଛନ୍ତି।

ପୁରୀ ସହର ତଥା ଜିଲାର ବିଭିନ୍ନ ଅଞ୍ଚଳର ଅନେକ ସମ୍ପତ୍ତି ଶ୍ରୀଜଗନ୍ନାଥ ମହାପ୍ରଭୁ ମାର୍ଫତ ଶ୍ରୀମନ୍ଦିର ପରିଚାଳନା କମିଟି ରହିଛି। ତେଣୁ ଏହାର ସଂଶୋଧନ ଏବଂ ସ୍ଥାୟୀ ସମାଧାନ ପାଇଁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ଆଇନମନ୍ତ୍ରୀ, ରାଜସ୍ୱ ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯିବ। ଶୁକ୍ରବାର ବଡ଼ଦାଣ୍ଡସ୍ଥିତ ସାଲବେଗ ସ୍ମୃତିପୀଠ ପରିସରରେ ଆୟୋଜିତ ପୁରୀ ଜିଲା ଭିଟାମାଟି ଅଧିକାର ମଞ୍ଚ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ପୁରୀ ସହରର ଅର୍ଦ୍ଧାଧିକ ସ୍ଥିତିବାନ ଜମିରେ ବର୍ଷ ବର୍ଷ ଧରି ମାର୍ଫତ ଶ୍ରୀମନ୍ଦିର ପରିଚାଳନା କମିଟି ରହିଛି। ଫଳରେ ସହରର ଅନେକ ସାଧାରଣ ଅଧିବାସୀ ନିଜ ସମ୍ପତ୍ତିକୁ ବିକ୍ରି କିମ୍ବା ବନ୍ଧକ କରିପାରୁ ନାହାନ୍ତି। ରାଜ୍ୟ ସରକାର ଶହ ଶହ କୋଟି ଟଙ୍କା ଖର୍ଚ୍ଚ କରି ପୁରୀ ସହରର ବିକାଶ କରିବାକୁ ଯାଉଛନ୍ତି। କିନ୍ତୁ ସହର ତଥା ଜିଲାବାସୀଙ୍କ ପ୍ରତି ସରକାରଙ୍କର କୌଣସି ଦାୟିତ୍ୱ ଥିବା ଭଳି ମନେ ହେଉ ନାହିଁ। ଶ୍ରୀମନ୍ଦିର କାର୍ଯ୍ୟାଳୟକୁ ଗଲେ ସନ୍ତୋଷଜନକ ଉତ୍ତର ମିଳିପାରୁ ନାହିଁ। ଘରୋଇ ଖର୍ଚ୍ଚ ନିମନ୍ତେ ଅର୍ଥର ଆବଶ୍ୟକତା ପଡୁଥିବା ବେଳେ ତାହା ହୋଇପାରୁନାହିଁ। ଅନ୍ୟପଟେ ୨୦୧୯ରେ ୟୁନିଫର୍ମ ପଲିସିକୁ ସଂଶୋଧନ କରି ୩ ଡେସିମିଲ, ୫ ଡେସିମିଲ ଜାଗା ଥିବା ଲୋକଙ୍କ ପାଖକୁ ୩୦ଲକ୍ଷ ଓ ୫୦ ଲକ୍ଷ ଟଙ୍କା ଦାଖଲ କରିବାକୁ ନୋଟିସ ଆସିଛି। ଏହାକୁ ବୈଠକରେ ବିରୋଧ କରାଯାଇଥିଲା। ପୁରୁଣା ନିୟମ ଅନୁଯାୟୀ ମହାପ୍ରଭୁଙ୍କୁ ଟଙ୍କା ଦେବା ଲାଗି ସେମାନେ ପ୍ରସ୍ତୁତ ରହିଛନ୍ତି। ତେଣୁ ଏ ନେଇ ଆସନ୍ତା ୧୭ ତାରିଖରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ଦାବିପତ୍ର ଦେବା ଲାଗି ନିଷ୍ପତ୍ତି ହୋଇଛି। ମଞ୍ଚର ଦାବିକୁ ତୁରନ୍ତ ସମାଧାନ କରା ନ ଗଲେ ଆଗାମୀ ଦିନରେ ଆନ୍ଦୋଳନ ଜୋର୍‌ଦାର କରାଯିବ ବୋଲି ସଭାପତି ଶ୍ରୀକାନ୍ତ ପରିଜା, ଭୀମସେନ ସ୍ୱାଇଁ, ଆଇନଜୀବୀ ସ୍ମୃତିରଞ୍ଜନ ପତି ଓ କାଳିପ୍ରସାଦ ନାୟକ, ଘନଶ୍ୟାମ ସାହୁ, ଗୋଲକବିହାରୀ ଧଳ ପ୍ରମୁଖ ଘୋଷଣା କରିଛନ୍ତି।

# ମୃତ୍ତିକା ସଂରକ୍ଷଣ, ବନୀକରଣ ଉପରେ ଗୁରୁତ୍ୱ

କାକଟପୁର,୧୩।୩(ଡି.ଏନ୍.ଏ.)

ପ୍ରାଚୀନଦୀର ଅବକ୍ଷୟ ଓ କଳେବର ସଂକୁଚିତ ହୋଇଯାଉଥିବାରୁ ନଦୀ ଅବବାହିକାରେ ଅବସ୍ଥିତ ଗାଁଗୁଡିକରେ ଜଳାଭାବ ସୃଷ୍ଟି ହୋଇ ଜନଜୀବନକୁ ପ୍ରଭାବିତ କରିବାକୁ ଲାଗିଲାଣି। ଏଥିଲାଗି ପ୍ରାଚୀନଦୀ କୂଳରେ ମୃତ୍ତିକା ସଂରକ୍ଷଣ ଓ ବନୀକରଣ କରିବାର ଆବଶ୍ୟକ। ପ୍ରାଚୀନଦୀର ଐତିହ୍ୟକୁ ଫେରାଇ ଆଣିବା ଲକ୍ଷ୍ୟରଖି ଏ ଅଞ୍ଚଳର ବୁଦ୍ଧିଜୀବୀମାନେ ପ୍ରାଚୀ ସୁରକ୍ଷା ସମିତି ଗଠନ କରି ନଦୀର ସୁରକ୍ଷା ପାଇଁ ବିଭିନ୍ନ ପ୍ରୟାସ ଜାରି ରଖିଛନ୍ତି। ଏ ନେଇ ସ୍ୱାମୀ ପ୍ରଜ୍ଞାନନନ୍ଦଜୀ, ମହାନଦୀ ମିଶନର ମୁଖ୍ୟ ଅଭୟ କୁମାର ପାଠକ, ଡ. ଏମ. ଗୌରୀନାଥ, ବନବିଭାଗ ଅଣ୍ଡର ସେକ୍ରେଟାରୀ ମୁରଲୀଧର ଧଳ, ଫୁଲନଖରା ବନଖଣ୍ଡ ଅଧିକାରୀ ବିକେ ଘଡେଇ, ସ୍ୱାମୀ ପୁର୍ଣ୍ଣାନନ୍ଦ, ହଂସନାଥ ସାହୁ, ପ୍ରଫେସର ଯୁଧିଷ୍ଠିର ଡାକୁଆ, ଇଂଦୁର୍ଗାଚରଣ ମିଶ୍ର, ସ୍ୱପ୍ନେଶ୍ୱର ସାହୁ, ଚିତ୍ତରଞ୍ଜନ ମିଶ୍ର ପ୍ରମୁଖ ପ୍ରାଚୀ ନଦୀର ପ୍ରମୁଖ ଘାଟଗୁଡିକ ପରିଦର୍ଶନ କରିଥିଲେ। ଆଗାମୀ ଦିନରେ ନଦୀକୂଳରେ ପ୍ରାୟ ୧୦୦ଏକରର ଜଙ୍ଗଲ ସୃଷ୍ଟି କରିବାର କାର୍ଯ୍ୟର ପ୍ରାରମ୍ଭିକ ଅନୁଧାନ ସମ୍ପନ୍ନ କରିଥିଲେ। ସ୍ୱାମୀଜୀଙ୍କ ନେତୃତ୍ୱରେ ଏକ ଟିମ ବାଲିଘାଇସ୍ଥିତ ଆଶ୍ରମରୁ ବାହାରି ଦିନତମାମ ପ୍ରାଚୀ ନଦୀକୂଳ ଅଡସପୁରସ୍ଥ କପିଳେଶ୍ୱର ମନ୍ଦିରଠାରୁ ଯାତ୍ରା ଆରମ୍ଭ କରି ୪ଟି ଘାଟ କାକଟପୁରସ୍ଥ ଦେଉଳୀମଠ ଯାଏ ଗସ୍ତ କରି ମୃତ୍ତିକା ସଂରକ୍ଷଣ ଓ ବନୀକରଣର ବିଭିନ୍ନ ସମ୍ଭାବନାକୁ ଅନୁଧାନ କରି ଫେରିଥିଲେ।



ପ୍ରାଚୀ ନଦୀର ସୁରକ୍ଷା ପାଇଁ ଅଣ୍ଟା ଭିଡ଼ିଥିବା ପ୍ରାଚୀ ସୁରକ୍ଷା ସମିତିର କର୍ମକର୍ତ୍ତାମାନେ।